
ନଭେମ୍ବର ୨୦୨୩ • ୫୦ ଟଙ୍କା
ରେବତୀ
ଆମ ମାଟିର ସ୍ୱର
website :
www.rebatee.in



RUCHI
FOODLINE
Since 1976
Karlo Dosti Sehat Se...
ଫେଷ୍ଟିଭାଲ୍
ବୋନାଞ୍ଜା
ଅଫର୍
Kheer mix
Chaat Masala
Garam Masala
Fish Masala
Meat Masala
Dalma Powder
Curry Powder
Chicken Masala
ରୁଚି ମସଲା କିଣନ୍ତୁ, ଭାଗ୍ୟ ଚମକାନ୍ତୁ
*ଏହି ସ୍କିମ୍ 50 ଗ୍ରାମ୍ ଓ 100 ଗ୍ରାମ୍‌ର ରୁଚି କରି ପାଉଡ଼ର, ଚିକେନ୍ ମସଲା, ମିଟ୍ ମସଲା, 25 ଗ୍ରାମ୍ ଓ 50 ଗ୍ରାମ୍‌ର ଗରମ ମସଲା, 50 ଗ୍ରାମ୍‌ର ଚାଟ୍ ମସଲା, ଡାଲ୍‌ମା ପାଉଡ଼ର, ଫିସ୍ ମସଲା ଏବଂ 300 ଗ୍ରାମ୍‌ର କ୍ଷୀର୍‌ମିକ୍ସ ପ୍ୟାକ୍ ଉପରେ ବୈଧ ।
ଲକି ଡ୍ରରେ ଭାଗନେବା ପାଇଁ
ଷ୍ଟେପ୍-1
ରୁଚି ପ୍ୟାକ୍ ଭିତରେ ଥିବା "WINNING CODE" ଟିକୁ ଖୋଜନ୍ତୁ
ଷ୍ଟେପ୍-2
STATE NAME ଓ "WINNING CODE" କୁ ଲେଖି 72310 06006 ରେ SMS କରନ୍ତୁ
ବମ୍ପର ପୁରସ୍କାର
3ଟି କାର୍
30ଟି ଇ-ସ୍କୁଟର
ଦୈନିକ ପୁରସ୍କାର
ସୁନା କଏନ୍
ରୁପା କଏନ୍
ସ୍ମାର୍ଟ ୱାଚ୍#
*ଏହି ଅଫର୍ ଷ୍ଟକ୍ ଥିବା ପର୍ଯ୍ୟନ୍ତ ସୀମିତ *ନିୟମ ଓ ସର୍ତ୍ତାବଳୀ ପ୍ରଯୁଜ୍ୟ *ଚିତ୍ରଗୁଡ଼ିକ କେବଳ ଉଦାହରଣ ପାଇଁ ଦିଆହୋଇଛି #ପୁରସ୍କାରଗୁଡ଼ିକ ଭିନ୍ନ ହୋଇପାରେ
ଗୁଣବତ୍ତା
ବିଶ୍ୱାସନୀୟତା
ଶୁଦ୍ଧତା
ଅନ୍‌ଲାଇନ୍‌ରେ କିଣନ୍ତୁ amazon | Flipkart ରୁ
www.ruchifoodline.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଷଷ୍ଠ ବର୍ଷ : ୧ମ ସଂଖ୍ୟା, ନଭେମ୍ବର ୨୦୨୩ ■ Vol-6, Issue : 01, November 2023



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ
**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ସୁସ୍ମିତା ମିଶ୍ର, ସଞ୍ଜୟ ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



**Bhubaneswar Office**
Rebatee Media House Pvt. Ltd.
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**
Editor : Rebati Ama Matira Swara
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*
*rebati.edit2020@gmail.com*


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**

# ସୂଚୀପତ୍ର

। ଷଷ୍ଠ ବର୍ଷ । ୧ମ ସଂଖ୍ୟା । ନଭେମ୍ବର ୨୦୨୩ ।

ଆମ ମାଟିର ସ୍ୱର


**୪** ସମ୍ପାଦକୀୟ : ପରିବାରରେ ପୁରୁଷତନ୍ତ୍ର : ସୁବାସିନୀ ଜେନା

**୯** ପ୍ରସଙ୍ଗ : ଶକ୍ତି ସ୍ୱରୂପିଣୀ: ରବୀନ୍ଦ୍ର କୁମାର ବେହୁରିଆ

**୧୯** ସ୍ମୃତି-ବିସ୍ମୃତି : ବିସ୍ମୃତିର ବର୍ମା: ପ୍ରଫେସର ଦାଶରଥି ଭୂୟାଁ

**୨୯** ଖାଦ୍ୟ ପରମ୍ପରା : ଶ୍ରୀ ବଳଦେବ...: ନାରାୟଣ ରାଉତରାୟ

**୩୪** ପର୍ଯ୍ୟଟନ-୧ : 'ଡିୟୁ'ର ଡାକରା: ସୁଷମା ପରିଡା

**୪୧** ସଂସ୍ମରଣ : ନିତ୍ୟନୂତନ ନବନୀତା: ପ୍ରଫେସର ମଣୀନ୍ଦ୍ର କୁମାର ମେହେର

**୪୮** ଭ୍ରମଣ କାହାଣୀ : 'ଜିରୋ'ର ଜୀବନ: ପ୍ରିୟବ୍ରତ ପାତ୍ର





୫୪ ଦ୍ୱି-ପ୍ରଚ୍ଛଦ : .......

**ଧାରାବାହିକ କାବ୍ୟ**

୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

**ସମକାଳ କବିତା**

୫୭ : ନିରାକାର ଦାସ

: ପ୍ରୀତିଲେଖା ଦାସ

୫୮ : ଜୟନ୍ତିକା

: ସ୍ୱାଗତିକା ମିଶ୍ର

୫୯ : ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

: ସବିତା ସାହୁ

୬୦ : ଚିତ୍ତରଂଜନ ନାୟକ

୬୧ : ଅନୀତା ପଣ୍ଡା

: ରଞ୍ଜିତା ପଣ୍ଡା




## ସମ୍ପାଦକୀୟାଂଶ...

XXX ପ୍ରକୃତରେ ନାରୀର ସମ୍ମାନ, ନାରୀର ମର୍ଯ୍ୟାଦା କଣ- ଏକଥା ଜଣେ ପୁରୁଷ ସେତିକି ବେଳେ ବୁଝିପାରେ, ଯେତେବେଳେ ସେ ନିଜେ ଗୋଟେ ଝିଅର ବାପା ହୁଏ । ଜଣେ ନାରୀ ପୁଅଟିଏକୁ ଜନ୍ମ ଦେବାବେଳେ ନିଜର ସୁନ୍ଦରତାକୁ ସୁଦ୍ଧା ଭ୍ରୁକ୍ଷେପ କରେ ନାହିଁ । ଅଥଚ ସେଇ ପୁଅ ଦିନେ ନିଜର ସୁନ୍ଦର ପତ୍ନୀ ପାଇଁ ନିଜ ମାଆକୁ ସୁଦ୍ଧା ଭୁଲିଯାଏ ! ସମାଜର ଏ କି ନିଷ୍ଠୁର ସତ୍ୟ ! ଆଶ୍ଚର୍ଯ୍ୟର କଥା ଯେ, ଜଣେ ପୁରୁଷ ଏ ପୃଥିବୀକୁ ଆସେ ନାରୀର ମାଧ୍ୟମରେ । ତାକୁ ପାଳିପୋଷି ବଡ଼ କରେ ବି ଜଣେ ନାରୀ । ଜଣେ ନାରୀ ସହିତ ହିଁ ତା'ର ପ୍ରେମ ହୁଏ । ବିବାହ ବି ହୁଏ ଜଣେ ନାରୀ ସହିତ । ଅଥଚ ସେଇ ପୁରୁଷ ନାରୀକୁ ସମ୍ମାନ ଦେବା ଜାଣେନା । କୁହାଯାଏ, ନାରୀର ଘର ବୋଲି କିଛି ନଥାଏ । କିନ୍ତୁ ସତ୍ୟ ହେଲା, ନାରୀ ବିନା କୌଣସି ବି ଘର ଘର ହୁଏନା । ଗୋଟିଏ ଫୁଲରେ କେବେ ମାଳ ହୁଏନା କି ଗୋଟେ ବୁନ୍ଦା ଜଳରେ ସାଗର । ହେଲେ ଗୋଟେ ନାରୀ ହିଁ ଯଥେଷ୍ଟ ଘରଟିଏକୁ ସ୍ୱର୍ଗ କରିବାରେ । ଅଥଚ ସେଇ ନାରୀର ଜୀବନ ନର୍କ କରିଦେଉ ଆମେ !

ସୁବାସିନୀ ଜେନା










## ନିୟମିତ ବିଭାଗ


ରୋଷେଇଶାଳ:

୧୦୧ : ରକ୍ଷିକା ରୁଚିରମ୍ୟା

୧୦୩ : ଇନ୍ଦୁଲତା ତ୍ରିପାଠୀ

୧୦୪ : ରତିକାନ୍ତ ପାତ୍ର

୧୦୫ : ସମ୍ବେଦନା ମିଶ୍ର

୧୦୬ : ଶେଷପୃଷ୍ଠା : ଲେଖକ ଓ ସମ୍ପାଦକଙ୍କ ସମ୍ପର୍କ
କୃଷ୍ଣ କୁମାର ମହାନ୍ତି

୬୨ : ରମାକାନ୍ତ ନାୟକ

୬୩ : ଡ. କମଳାକୃଷ୍ଣ ତ୍ରିପାଠୀ

: ନୃସିଂହ ତରାଇ

୬୪ : ରବି ଶତପଥୀ

: ଅଶୋକ କୁମାର ପୁହାଣ

୬୫ : ଡା. ଦୀନବନ୍ଧୁ ସାହୁ

: ରଜନୀ ଶତପଥୀ

୬୬ : ଦେବଯାନୀ ରାୟ

୬୭ : ପ୍ରମୋଦ ଚନ୍ଦ୍ର ଛତ୍ରିଆ

: ପ୍ରତିମା ମେହେର

୬୮ କଥା-କାହାଣୀ : ଆନନ୍ଦ କୁମାର ମାଇତି

୭୨ ଜନଜାତି : ସଉରା ଜନଜାତି....

୭୭ ଧାରାବାହିକ ଆତ୍ମଜୀବନୀ : ଜୟନ୍ତୀ ରଥ

୮୦ ପର୍ଯ୍ୟଟନ-୨ : ଲକ୍ଷ୍ମୀପ୍ରିୟା ଓଝା

୮୪ ପର୍ଯ୍ୟଟନ-୩ : ରୋଜାଲିନି ମିଶ୍ର

୮୮ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ

୯୩ ଦେବାଳୟ : ଅରୁଣ କୁମାର ତ୍ରିପାଠୀ

୯୮ ଗୃହ ସମସ୍ୟା : ଡ. ହରପ୍ରସନ୍ନ ଦାସ





ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**

ପ୍ରଚ୍ଛଦ ମଡେଲ୍ : **ଆୟେଶା ଦାସ,** ମଡ୍ଲେ

ଉଚ୍ଚତା : **୫ ଫୁଟ୍ ୬ ଇଞ୍ଚ୍**

ବୃତ୍ତି : **କଳାକାର**

ରୁଚି : **ନାଚ, ଅଭିନୟ ଓ ପେଣ୍ଟିଂ**

ଶିକ୍ଷା : **ବିବିଏ, ପ୍ରଥମ ବର୍ଷ**

ପ୍ରଚ୍ଛଦ ଫଟୋଗ୍ରାଫି : **ଚନ୍ଦନ ପ୍ରଧାନ, ସିପି ଫଟୋଗ୍ରାଫି,** ବାରିପଦା

ମେକ୍ଅପ୍ : **ତ୍ରିଶା,** ବାରିପଦା

ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ,** ସୋନପୁର

ଫଟୋଶୁଟ୍ ସ୍ଥାନ : **ବାଘଡ଼ା ରୋଡ଼, ବାରିପଦା**

**ମଲାଟ କଥା :** ଆଲୋକର ଉତ୍ସବ ଭାବରେ ଦୀପାବଳି ସମଗ୍ର ରାଜ୍ୟରେ ଏବଂ ଭାରତବର୍ଷରେ ପାଳନ କରାଯାଏ । ଦିବ୍ୟ ଜନନୀଙ୍କର ନାନା ରୂପକୁ ଏହିଦିନ ପୂଜା କରାଯାଏ । ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳୀ ଦିନ ମା' କାଳୀଙ୍କ ପୂଜା କରାଯାଏ । କାର୍ତ୍ତିକ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ମଧ୍ୟରାତ୍ରୀରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ । ମାଟିରେ ତିଆରି ମୂର୍ତ୍ତି ସହ ବିଭିନ୍ନ ଶକ୍ତିପୀଠରେ ଏହା ପାଳିତ ହୁଏ । ଏହିଦିନ ଦୀପ ଜଳାଇ ଅନ୍ଧକାର ରୂପକ ଅଜ୍ଞତାକୁ ଦୂରେଇ ଦେବା ପାଇଁ ଆଲୋକର ଆବାହନ କରାଯାଏ । ସେଇ ପାରମ୍ପରିକ ପ୍ରତୀକ ହିଁ ଏ ମାସର ପ୍ରଚ୍ଛଦ ।



# ପରିବାରରେ ପୁରୁଷତନ୍ତ୍ର

ସମାଜରେ ସମ୍ମାନର ସହ ବଞ୍ଚିବା ପାଇଁ ସଭିଙ୍କର ଅଧିକାର ସମାନ । କିନ୍ତୁ ସଚରାଚର ଦେଖାଯାଏ ଯେ ନାରୀ ପ୍ରତି ଅବିଚାର ହୁଏ । ନାରୀକୁ ସମ୍ମାନର ସହ ବଞ୍ଚିବା ପାଇଁ ବାଟ ଓଗାଳେ ଆମ ପୁରୁଷ-ତାନ୍ତ୍ରିକ ସମାଜର ଅହଂ । ନାରୀ ତା'ର ସମ୍ମାନ, ତାର ମାନ, ତା'ର ମର୍ଯ୍ୟାଦାକୁ ଭୁଲୁଣ୍ଠିତ ହେବାର ଦେଖେ ଓ ସହିଯାଏ । ପୁରୁଷ ବି ଦେଖେ ଓ ଆଖି ବୁଜିଦିଏ । ସେ ଭାବେ ନାହିଁ ଗୋଟେ ନାରୀ ହିଁ ତାର ଜନ୍ମଦାତ୍ରୀ । ଗୋଟେ ନାରୀ ହିଁ ତାକୁ ପାଳିପୋଷି ସମାଜରେ ପରିଚୟ ଦିଏ । ଆଉ ସେ 'ପୁରୁଷ' ବୋଲି ନିଜକୁ ପ୍ରତିପାଦିତ କରେ । ଅଥଚ ଭୁଲିଯାଏ ଯେଉଁ ନାରୀଟି ତାକୁ ଏ ପୃଥିବୀକୁ ଆଣିଲା । ଏ ଏକ ସାମାଜିକ ବିଡ଼ମ୍ବନା ।

ଯେଉଁ ସମାଜ ନାରୀକୁ ସମ୍ମାନ ଦେବା କଥା ଶିଖାଏ ସେଇ ସମାଜ ପୁଣି ନାରୀକୁ ଆଙ୍ଗୁଳି ଦେଖାଏ । ନାରୀକୁ ନାନାବିଧ କଟକଣା ଭିତରେ ବାନ୍ଧିଦିଏ । ନାରୀକୁ 'ନାରୀ' ଭାବେ ରହିବାକୁ ବାଧ୍ୟ କରେ । ଏ କେଉଁ ପ୍ରକାର ସମାଜ ସତରେ ! ଯେଉଁଠି ନାରୀଟିଏ ସମ୍ମାନ ପାଏନା, ମର୍ଯ୍ୟାଦା ପାଏନା, କେବଳ ନୀତିନିୟମର ବେଡ଼ି ଭିତରେ ବନ୍ଧା ହୋଇ ପଡ଼ିରହେ ଠିକ୍ ଗୋଟେ ପଞ୍ଜୁରି ଭିତରର ପକ୍ଷୀ ପରି । କୌଣସି ପୁରୁଷ ଭାବେ ଏ କଥା ! ଭାବେ କି ନିଜର ମାଆ, ଭଉଣୀ, ଝିଅ- ଏମାନେ ସମସ୍ତେ ନାରୀ । କେମିତି ନିଜ ରକ୍ତର ଏ ସମ୍ପର୍କକୁ ଅମର୍ଯ୍ୟାଦା ଅସମ୍ମାନ କରି ରହିପାରିବ ସେ ! ଅଥଚ ଯୁଗଯୁଗ ଧରି ପୁରୁଷ ଯେପରି କିଂକର୍ତ୍ତବ୍ୟ ବିମୂଢ଼ ! ସେ ଯେପରି ପୁରୁଷ ଖୋଳପା ଭିତରେ ଲୁଚିଥିବା ଗୋଟେ କାପୁରୁଷ ।

ଆମେ କେବେ ବୁଝିବାକୁ ଚେଷ୍ଟା କରିଛୁ ନାରୀଟେ ଚାହେଁ କ'ଣ ? ନା, ଆମେ କେବଳ ଆମେ ଯାହା ବୁଝିଛୁ, ସେହିପରି ହିଁ ବୁଝିଥାଉଁ ନାରୀକୁ । ତା'ର ସ୍ୱପ୍ନ, ତା'ର ଇଚ୍ଛା, ତା'ର ଈପ୍‌ସିତ ପୃଥିବୀ ବିଷୟରେ ଆମେ କେବେ ଚିନ୍ତା ହିଁ କରୁନା । ନାରୀ ସାଲିସ୍ କରିନିଏ । ନାରୀ ନିଜକୁ ବୁଝେଇ ଦିଏ । ନାରୀ ଚୁପ୍ ରହେ । ନାରୀ ବାଣ୍ଟି ହୋଇଯାଏ । ଅଥଚ ନାରୀ ଭିତରର ନିଷ୍ଠୁର ସତ୍ୟକୁ ଆମେ କେବେ ମୁହଁନା । ନାରୀକୁ ଭଲ ପାଇବା କମ୍ ଦିଅନ୍ତୁ- ସେ ସାଲିସ୍ କରିନେବ । ନହେଲେ ସେ ଭିତରୁ ହିଁ ମରିଯିବ । ଆଉ ନାରୀ ଭିତରୁ ନାରୀ-ଭାବଟି ଥରେ ମରିଗଲେ ସେ ଆଉ ଆପଣଙ୍କୁ ତା' ହୃଦୟ ଯାଏଁ ପହଞ୍ଚିବାକୁ କେବେ ବି ଦେବ ନାହିଁ । ଯେତେ ପ୍ରୟାସ କଲେ ବି ତା' ନିକଟତର ହୋଇ ପାରିବେ ନାହିଁ । ସୁତରାଂ ନାରୀ ପାଇଁ ସବୁଠାରୁ ମୂଲ୍ୟବାନ ଉପହାର ହେଉଛି : ସମ୍ମାନ । ତାକୁ ସମ୍ମାନ କରନ୍ତୁ, ସେ ଆପଣଙ୍କ ପାଇଁ ସବୁ ଭୁଲିଯିବ । ଜଣେ ନାରୀ ହୁଏତ ତା'ର ପ୍ରେମୀକୁ ଭୁଲିଯାଇପାରେ, କିନ୍ତୁ ତାକୁ ସମ୍ମାନ କରୁଥିବା ଲୋକଟିକୁ ସେ ଜୀବନ ସାରା ଭୁଲେ ନାହିଁ ।

ପ୍ରକୃତରେ ନାରୀର ସମ୍ମାନ, ନାରୀର ମର୍ଯ୍ୟାଦା କଣ- ଏକଥା ଜଣେ ପୁରୁଷ ସେତିକି ବେଳେ ବୁଝିପାରେ, ଯେତେବେଳେ ସେ ନିଜେ ଗୋଟେ ଝିଅର ବାପା ହୁଏ । ଜଣେ ନାରୀ ପୁଅଟିଏକୁ ଜନ୍ମ ଦେବାବେଳେ ନିଜର ସୁନ୍ଦରତାକୁ ସୁଦ୍ଧା ଭ୍ରୁକ୍ଷେପ କରେ ନାହିଁ । ଅଥଚ ସେଇ ପୁଅ ଦିନେ ନିଜର ସୁନ୍ଦର ପତ୍ନୀ ପାଇଁ ନିଜ ମାଆକୁ ସୁଦ୍ଧା ଭୁଲିଯାଏ ! ସମାଜର ଏ କି ନିଷ୍ଠୁର ସତ୍ୟ ! ଆଶ୍ଚର୍ଯ୍ୟର କଥା ଯେ, ଜଣେ ପୁରୁଷ ଏ ପୃଥିବୀକୁ ଆସେ ନାରୀର ମାଧ୍ୟମରେ । ତାକୁ ପାଳିପୋଷି ବଡ଼ କରେ ବି ଜଣେ ନାରୀ । ଜଣେ ନାରୀ ସହିତ ହିଁ ତା'ର ପ୍ରେମ ହୁଏ । ବିବାହ ବି ହୁଏ ଜଣେ ନାରୀ ସହିତ । ଅଥଚ ସେଇ ପୁରୁଷ ନାରୀକୁ ସମ୍ମାନ ଦେବା ଜାଣେନା । ଆଶ୍ଚର୍ଯ୍ୟ !

କୁହାଯାଏ, ନାରୀର ଘର ବୋଲି କିଛି ନଥାଏ । କିନ୍ତୁ ସତ୍ୟ ହେଲା, ନାରୀ ବିନା କୌଣସି ବି ଘର ଘର ହୁଏନା । ଗୋଟିଏ ଫୁଲରେ କେବେ ମାଳ ହୁଏନା କି ଗୋଟେ ବୁନ୍ଦା ଜଳରେ ସାଗର । ହେଲେ ଗୋଟେ ନାରୀ ହିଁ ଯଥେଷ୍ଟ ଘରଟିଏକୁ ସ୍ୱର୍ଗ କରିବାରେ । ଅଥଚ ସେଇ ନାରୀର ଜୀବନ ନର୍କ କରିଦେଉ ଆମେ !

ଅଦ୍ଭୁତ ଏ ସମାଜର ରୀତିନୀତି । ନାରୀଟିଏ ପାଠ ନ ପଢ଼ିଲା ତ ମୂର୍ଖ କହିବ ଏ ସମାଜ । ଆଉ ପାଠ ପଢ଼ିଲା ତ କହିବ, ଶିକ୍ଷିତ ବୋଲି ଗର୍ବ କରୁଛି । ସଭିଙ୍କ ସହ ମିଳିମିଶି ଚଳିଲେ ବ ଖରାପ । କହିବେ: ଚତୁରୀ ନାରୀ । ପୁଣି ନଚଳିଲେ କହିବେ, ଅହଂକାରୀ । ସତରେ ନାରୀଟିଏ କରିବ ତ କରିବ କ'ଣ ? କେବଳ କ'ଣ ପୁରୁଷର ମର୍ଜି ଓ ଇଙ୍ଗିତ ଅନୁସାରେ ଚାଲିବା ହିଁ ତା'ର ଜୀବନ । ତା' ଜୀବନର ସୁଖ କହିଲେ କ'ଣ କେବଳ କଣ୍ଢେଇଟିଏ ହେବା ?

ନାରୀଟିଏକୁ ଘେରି ରହିଥାଏ ଏକ ଘର । ଏକ ପରିବାର । ତା' ଚାରିପାଖରେ ଥାନ୍ତି ମାଆ, ବାପା, ଶାଶୁ, ଶ୍ୱଶୁର, ସ୍ୱାମୀ- ଏମିତି ଅନେକ ଗୁରୁଜନ ମଣିଷ । ସଭିଏଁ ନିଜ ନିଜ ଅନୁସାରେ ପରିଚାଳିତ କରିଥାନ୍ତି ନାରୀକୁ । ଅଥଚ କେହି ବି ତାକୁ କହନ୍ତି ନାହିଁ, ତୁ ତୋ ଇଚ୍ଛା ଅନୁସାରେ ବଞ୍ଚ୍ । ତୋ ସ୍ୱପ୍ନରେ ତୁ ହିଁ ଥା' । ତୋ ଖୁସିରେ ଭାସ୍ । ନା ଏପରି ହୁଏନା । ମାଆ କହେ: ଉତ୍ତର କରିବୁନି କାହାକୁ । ଏ ହେଉଛି ସଂସ୍କାର । ଶାଶୁ କହେ ମାରିଦେ ତୋର ସବୁ ଇଚ୍ଛା । ଏହାର ନାଁ ପରମ୍ପରା । ଶ୍ୱଶୁର ଜେଲ୍‌ଖାନା କରିଦିଅନ୍ତି ଘରକୁ ତ ନାଁ ଦିଆଯାଏ  ଅନୁଶାସନ । ସ୍ୱାମୀ ଲଦେଇ ଦିଏ ନିଜର ଇଚ୍ଛା, ନିଜର ସ୍ୱପ୍ନ । ତାକୁ କୁହାଯାଏ ପତିବ୍ରତ । ବିଚରା ନାରୀଟି ଜୀବନର କଣ୍ଟକିତ ରାସ୍ତାରେ ଲହୁଲୁହାଣ ହୁଏ ତ ଆମେ କହିଦେଉ: ଭାଗ୍ୟ । ତାର ନିୟତି ।

ନାରୀଟିଏକୁ ବୁଝିବା ତ ଆମେ କେବେ ବୁଝିବା ? ଯଦି ସମ୍ପର୍କ ନିଭେଇବାକୁ ଚାହେଁ ନାରୀଟିଏ, ତେବେ ସେ କୁଡ଼ିଆରେ ବି ଖୁସିରେ ଖୁସିରେ ଥାଏ । କିନ୍ତୁ ସମ୍ପର୍କକୁ ନିଭେଇବାକୁ ଚାହୁଁ ନଥିଲେ ସେ ଉଆସକୁ ବି ପଛ କରି ଦେଇପାରେ । ନାରୀ ସିଏ, ଯେ ସବୁବେଳେ ପୁରୁଷ ଠୁଁ ସମ୍ମାନ ଚାହେଁ, ମର୍ଯ୍ୟାଦା ଚାହେଁ । ତାକୁ ସେତିକି ଦେଇ ଦେଖିବା ଆସନ୍ତୁ, ସେ କିପରି ସମାଜକୁ ସୁନ୍ଦର କରି ଗଢ଼ି ତୋଳୁଛି ।

ସମ୍ପାଦିକା



## ରଙ୍ଗଣି ଫୁଲ ମନକୁ ଛୁଇଁଗଲା

● 'ରେବତୀ'ରେ ଶକ୍ତିପୀଠମାନଙ୍କ କଥା ପଢିଲି । କେତେ କଥା ସବୁ ଅଜଣା ହେଇ ରହିଥିଲା ମୋ ପାଇଁ । ଜାଣିଲି ଆଲେଖ ସବୁ ପଢି । ମତେ ରଙ୍ଗଣୀ ଫୁଲଟା ବି ମନକୁ ଛୁଇଁଗଲା । ବିଶେଷ କରି ସେ ଲୋକଗପ ରାଙ୍ଗଣି ଫୁଲକୁ ନେଇ, ମୁଁ ଜାଣି ନ ଥିଲି । ବହୁତ ଲୋକଙ୍କୁ କହିଲିଣି ସେ କାହାଣୀ । ଧନ୍ୟବାଦ ଲେଖିକା ଶ୍ୱେତା ରାଉତଙ୍କୁ ।

**ଚନ୍ଦନା ବାଗଦେବୀ ରଥ,**
ଭୁବନେଶ୍ୱର

## ସୁବାସିନୀ ଜେନାଙ୍କ ସଂପାଦକୀୟ ଶିକ୍ଷଣୀୟ

● ପୂଜା ପତ୍ରିକା 'ରେବତୀ' ଆଜି ପ୍ରଥମେ ଖୋଲିଲି ତ ସୁବାସିନୀ ଅପାଙ୍କ ସଂପାଦକୀୟ 'ପତ୍ନୀ କଣ କରନ୍ତି ?'ର ଉତ୍ତରରେ ପତି କହନ୍ତି 'ସେ କିଛି କରନ୍ତିନି । ଜଷ୍ଟ ହାଉସ୍‌ୱାଇଫ୍'ପଢିଲି । ମୋର ପରିଚୟ ଦେବାବେଳେ କେବଳ ସ୍ୱାମୀ ନୁହନ୍ତି ସମସ୍ତେ, ଏପରିକି ମୁଁ ନିଜେ ମଧ୍ୟ ଘୋଷି ଦେଉଥିଲି ଏଇ ଉତ୍ତରଟିକୁ । ଏବେ କିଛି ଶିଖିଲି ।

**ପ୍ରୀତିଲେଖା ଦାସ,** ଭୋଇସାହି, ବାଲେଶ୍ୱର

### ଭ୍ରମ ସଂଶୋଧନ

ଅକ୍ଟୋବର ୨୦୨୩ ପୂଜା ସଂଖ୍ୟା 'ରେବତୀ'ରେ ପ୍ରକାଶିତ ପ୍ରିୟମ୍ବଦା ରଥଙ୍କ ପ୍ରସ୍ତୁତ 'ନୃସିଂହଚରଣ ସାହୁରୁ ଜହୁରୀ ଭାଇ' ଆଲେଖର ପୃଷ୍ଠା ୪୯ରେ ଥିବା '...କିଏ କଣ କହନ୍ତି'ରେ ଅଧ୍ୟାପକ ରାଜକିଶୋର ମିଶ୍ରଙ୍କ ଫଟୋ ସ୍ଥାନରେ ଅନ୍ୟ ଏକ ଫଟୋ ସ୍ଥାନିତ ହୋଇଛି । ନିମ୍ନରେ ତାଙ୍କର ଫଟୋଟି ଆମେ ସ୍ଥାନିତ କରି ଏଭଳି ଏକ ଅନିଚ୍ଛାକୃତ ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା କରୁଛୁ ।



- ସମ୍ପାଦନା ବିଭାଗ

### ଭ୍ରମ ସଂଶୋଧନ

ଅକ୍ଟୋବର ୨୦୨୩ ପୂଜା ସଂଖ୍ୟା 'ରେବତୀ'ରେ ପ୍ରକାଶିତ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ ଆଲେଖ 'ମାତୃଶକ୍ତିର ଆରାଧନା : କିମ୍ବଦନ୍ତୀରୁ କାତ୍ୟାୟନୀ'ରେ ଅସାବଧାନତା ବଶତଃ ରହି ଯାଇଥିବା ଏକ ତ୍ରୁଟି ସମ୍ପର୍କରେ ଆମକୁ ଅନେକ ପାଠକ ଅବଗତ କରାଇଛନ୍ତି । ଉକ୍ତ ଆଲେଖର ପୃଷ୍ଠା ୧୦ ଓ ୧୩ର ପ୍ରଥମ ଓ ଶେଷ ପାରାଗ୍ରାଫ୍‌ର ଦଶମ ଧାଡ଼ିରେ ଥିବା 'ସତୀ ସୀତାଙ୍କର...' ସ୍ଥାନରେ 'ସତୀ ପାର୍ବତୀଙ୍କର' ପଢିବାକୁ ଅନୁରୋଧ । ଏଭଳି ଏକ ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖପ୍ରକାଶ କରୁଛୁ ।

- ସମ୍ପାଦନା ବିଭାଗ




## ଶକ୍ତିପୀଠ ଗୁଡ଼ିକ ବିଷୟରେ ଅନେକ ଅଜଣା କଥା ଜାଣିହେଲା

● ପୂଜା ଭିଡ ଯୋଗୁଁ 'ରେବତୀ' ପଢିବାକୁ ସୁଯୋଗ ପାଇ ନଥିଲି ! ଆଜି ସକାଳ ପହରୁ ବସି ପଢି ପଢି ଶେଷ କଲି ! ମତାମତ ଜଣାଇବା କର୍ତ୍ତବ୍ୟ ମନେ କରି ଲେଖୁଛି ! ବହିର ଆଙ୍ଗିକ ସୌନ୍ଦର୍ଯ୍ୟ ଓ ସୌଷ୍ଠବ ପାଇଁ ସଂପାଦନା ମଣ୍ଡଳୀକୁ ହାର୍ଦ୍ଦିକ ଅଭିନନ୍ଦନ ! ପ୍ରଥମ ପ୍ରସଂଗ 'ମାତୃଶକ୍ତିର ମହିମା', ତନୋଟ୍ ମାତା, ପ୍ରେଣ୍ଡାଣୀ, ସଂଖାରୁଣୁଣୀ, ଦଶାଶ୍ୱମେଧ ଘାଟର ସପ୍ତମାତୃକା ଆଦି ମୋତେ ଅଜଣା ଥିବା ମାତୃ ପୀଠମାନଙ୍କ ବିଷୟରେ ପଢି ଖୁସି ହେଲି ! 'ମାତା ତନୋଟ୍' ପ୍ରସଙ୍ଗଟି ପଢି ସାରିବା ପରେ ଲେଖିକା ଲକ୍ଷ୍ମୀପ୍ରିୟା ଓଝାଙ୍କୁ ମୋର ସାରସ୍ୱତ ଅଭିନନ୍ଦନ ନଜଣାଇ ରହି ପାରୁନାହିଁ ! ବୋଧହୁଏ 'ବର୍ଡର' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା ଏହି ଧବଳ କଳେବର ଶୋଭିତ ମନ୍ଦିରଟି ! କିନ୍ତୁ ଏହାର ଅଧିଷ୍ଠାତ୍ରୀ ଦେବୀ ତନୋଟ୍ ମାତା ବୋଲି ଜଣା ନଥିଲା ମୋତେ ! ଲକ୍ଷ୍ମୀପ୍ରିୟାଙ୍କୁ ବିଶେଷ ଧନ୍ୟବାଦ ଦେବି ତନୋଟ୍ ମାତାଙ୍କ ବିଷୟରେ ଲେଖାଟିକୁ ମନୋରଂଜକ କରି ଉପସ୍ଥାପନ କରିଥିବାରୁ ! ବହୁତ ଆନନ୍ଦିତ ହେଲି ଜହୁରୀ ଭାଇ, ନୃସିଂହ ଚରଣ ସାହୁଙ୍କ ବିଷୟରେ ପଢି ! ଜହୁରୀ ଭାଇଙ୍କ ସହ ପରିଚୟ ଓ ସଂପର୍କ ରେଭେନ୍ସା ରେ ଅଧ୍ୟାପନା କରୁଥିବା ବେଳର, ୧୯୯୫ ରେ ! ରେଭେନ୍ସା କ୍ୱାର୍ଟରସ୍‌କୁ ବେଳେ ବେଳେ ପଶି ଆସୁଥିଲେ ଗପିବା ପାଇଁ, ତାଙ୍କ ରଚିତ ବହି ଉପହାର ଦେବା ପାଇଁ ! ମୋତେ ସେ ଦେଇଥିବା ଉତ୍ତମ କାମଟିଏ ବୃତ୍ତି ଓ ପାରିବାରିକ ଜଂଜାଳ ଯୋଗୁଁ କରି ପାରି ନାହିଁ ! କ୍ଷମା ମାଗୁଛି ଜହୁରୀ ଭାଇ ! ଆପଣଙ୍କ ଶ୍ରଦ୍ଧା ଓ ବିଶ୍ୱାସର ଉଚିତ ମୂଲ୍ୟ ଦେଇ ପାରି ନାହିଁ ! ଭୁବନେଶ୍ୱର ଫେରିବା ପରେ ତାଙ୍କ ଘରକୁ ଯାଇ ଦେଖା କରିବା ପାଇଁ ଡାକିଛନ୍ତି, ଯାଇ ପାରିନି । ଇଚ୍ଛା ନାହିଁ ବୋଲି ନୁହେଁ, ନିଜର ଭାଗ୍ୟକୁ ନିଜେ ଲେଖିବା ପାଇଁ ସାହସ ସଂଚୟ କରି ପାରିନାହିଁ ଏ ପର୍ଯ୍ୟନ୍ତ ! ସମୟ ଉପରେ ଛାଡି ଦେଇଛି ନିଜକୁ ! ହୁଏତ ସମୟ ଆସିଲେ ଆପଣଙ୍କୁ ଦେଖା କରିବି ଓ ଉଚିତ ସମ୍ମାନ ଦେବାର ସୌଭାଗ୍ୟ ପାଇବି ! ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ 'ଦ୍ରୌପଦୀ' ଧାରାବାହିକ କାବ୍ୟ ପଢୁଛି ! ସାର୍ ଆମର ବିଭାଗୀୟ ମୁଖ୍ୟ ଓ ଅଧ୍ୟକ୍ଷ ଥିଲେ ! ବିଜ୍ଞ, ପ୍ରାଜ୍ଞ, ସୁବକ୍ତା ଓ ନାଟକୀୟ ବ୍ୟକ୍ତିତ୍ୱ ! ମୋତେ ତାଙ୍କ ଦ୍ୱାରା ସଂପାଦିତ 'ଏକବିଂଶ ଶତାବ୍ଦୀ' ପାଇଁ ଲେଖା ଦେବାକୁ ବାଧ୍ୟ କରୁଥିଲେ ! ଏ ପର୍ଯ୍ୟନ୍ତ ସାହିତ୍ୟ ସେବାରେ ବ୍ରତୀ ରହିଛନ୍ତି ଦେଖି ଖୁବ୍ ଆନନ୍ଦିତ ହେଲି ! ସାର୍ ଆପଣଙ୍କ ସୁସ୍ୱାସ୍ଥ୍ୟ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି ! ଆପଣଙ୍କ ଆଭିମୁଖ୍ୟରେ ଆପଣ ଦ୍ରୌପଦୀ ଚରିତ୍ରକୁ ଯେଉଁ ଉଚ୍ଚ ସ୍ଥାନ ଦେଇଛନ୍ତି, ସେଥିପାଇଁ ଧନ୍ୟବାଦ ! କାବ୍ୟ ଖଣ୍ଡ ମୋତେ ଭଲ ଲାଗୁଛି ! ଛନ୍ଦବଦ୍ଧ କବିତା ହୋଇଥିଲେ ଆହୁରି ଉଚ୍ଚକୋଟୀର ଓ ହୃଦୟଗ୍ରାହୀ ହୋଇଥାଆନ୍ତା, ମୋ ପାଇଁ ! ଏଥର ଅନେକ ପ୍ରଖ୍ୟାତ କବିଙ୍କର କବିତା ପ୍ରକାଶ ପାଇଛି ! ପ୍ରତ୍ୟେକ କବିତା ଦୁଇଥର ଲେଖାଁ ପଢିଛି ! ମୋତେ ଭଲ ଲାଗିଲା ମମତା ଦାଶଙ୍କ 'ସେପାଖ ଦୁଆର', ଭଗବାନ ଜୟସିଂହଙ୍କ 'ଅଶ୍ରୁ-ହସ-ମେଘ', ହରିଶ୍ଚନ୍ଦ୍ର ବେହେରାଙ୍କ 'ଯୁଦ୍ଧ ପାଇଁ ଗୋଟେ କବିତା', ପ୍ରତୀକ୍ଷା ଜେନାଙ୍କ 'ପ୍ରେମ ବୃତ୍ତାନ୍ତ',ନନ୍ଦ କିଶୋର ସିଂହଙ୍କ 'କବିତାର କଥା', ସୁଷମା ମିଶ୍ରଙ୍କ 'ଜୀବନ ଦୁର୍ଲଭ' ! ସମସ୍ତ କବିଙ୍କୁ ମୋର ବହୁତ ଶୁଭେଚ୍ଛା । ଗଳ୍ପ ବିଭାଗ ଦୁର୍ବଳ ଲାଗିଲା, ଯଦିଓ କଥାକାର ତରୁଣକାନ୍ତି ମିଶ୍ର ଓ ବିଜୟ ନାୟକ ଉଭୟ ଉଚ୍ଚକୋଟୀର ଲେଖକ, ଏଠାରେ ପ୍ରକାଶିତ ଗଳ୍ପରେ ନା ଅଛି ନୂତନତା ନା କୌଣସି ଦ୍ୱନ୍ଦ୍ୱ ବା ଅତିଷ୍ଠ କରିବା ପରି ଆବେଗ ! କ୍ଷମା ମାଗୁଛି ! ଏହା ମୋ ନିଜସ୍ୱ ମତ ! ବହୁ ପାଠକଙ୍କ ଭଲ ଲାଗି ଥାଇପାରେ ! ପଟ୍ଟଚିତ୍ର ଉପରେ ସ୍ୱାଗତିକା ସେଠୀଙ୍କ ଆଲେଖ୍ୟ ଖୁବ୍ ଭଲ ଲାଗିଲା ! ଲେଖାଟି ସୁସଂହତ, ସୁଗବେଷିତ ଓ ସୁପରିବେଶିତ ! ଧନ୍ୟବାଦ ସ୍ୱାଗତିକା, ବହୁତ କଥା ଜଣାଇଲ ପଟ୍ଟଚିତ୍ର କଳା ଉପରେ ! ଶ୍ୱେତା ରାଉତଙ୍କ ଫୁଲ ଚର୍ଚ୍ଚା ଚମତ୍କାର ! ଏ ରଂଗଣୀ ଫୁଲଗଛଟି ଆମ ବାଡିରେ ମାତିଥାଏ ! ତାକୁ ମୁଁ ବାରମ୍ବାର ଭାଙ୍ଗି ପକାଏ , କାୟା ବିସ୍ତାରି ଅନ୍ୟମାନଙ୍କ ସ୍ଥାନ ଆବୋରି ବସୁଛି ବୋଲି ! ହେଲେ ତାର ମହତ୍ତ୍ୱ ଏବେ ଜାଣିଲି ! ଶ୍ୱେତା ନିଶ୍ଚୟ ବଟାନି ବା ଉଦ୍ଭିଦ ବିଜ୍ଞାନ ଛାତ୍ରୀ ବା ଅଧ୍ୟାପିକା ହୋଇଥିବେ ! ଫୁଲ ଭିତରେ ଥିବା କେମିକାଲ୍ ଓ ବଣ୍ଡିଂ ହରମୋନ୍ ବିଷୟରେ ନଚେତ୍ କିଏ କହି ପାରିବ ? ଆମେ ତ ଫୁଲର ରୂପ ସୌନ୍ଦର୍ଯ୍ୟ ଦେଖି ଉପଭୋଗ କରୁଁ ! କିନ୍ତୁ ଫୁଲଟିଏ ଯେ ଅକ୍ସିଟୋସିନ୍,ସେରାଟୋନିନ୍ ପରି ହରମୋନ୍ ସୃଷ୍ଟି କରି ଆମକୁ ଆନନ୍ଦ ଦିଏ, ତାହା ଜଣେ ଉଦ୍ଭିଦ ବିଜ୍ଞାନୀ ହିଁ କହି ପାରିବ ! ଶ୍ୱେତାଙ୍କୁ ମୋର ବହୁତ ଶୁଭେଚ୍ଛା ଓ ଶ୍ରଦ୍ଧା ଜଣାଉଛି ! ପତ୍ରିକାରେ ପ୍ରକାଶିତ ଛବିଗୁଡିକ ମନୋଜ୍ଞ ! ପ୍ରତ୍ୟେକ କଳାକାରଙ୍କୁ ଶୁଭେଚ୍ଛା ! ପତ୍ରିକାଟିକୁ ସୁନ୍ଦର, ସୁବିନ୍ୟସ୍ତ ଓ ସୁଖପାଠ୍ୟ କରିଥିବାରୁ ସଂପାଦିକା ସୁବାସିନୀ ଜେନା ଓ କୃଷ୍ଣ କୁମାର ମହାନ୍ତିଙ୍କୁ ବିଶେଷ ଧନ୍ୟବାଦ ! " 'ରେବତୀ' ଦୀର୍ଘଜୀବି ହେଉ ଓ ଉତ୍କଳ ଭାରତୀର ପଦସେବାରେ ଲୀନ ରହୁ, ଏହି ଆଶିଷ !

**ଡକ୍ଟର ସୁମିତ୍ରା ମିଶ୍ର,** କୋଳଥିଆ, ଭୁବନେଶ୍ୱର-୭୫୧୦୧୯


SG
SMILE GOLD
JEWELLERS
BIS
BRIGHT & SHINY
GOLD | DIAMOND | SILVER | GEMS | WATCHES
Fancy Market, Saheed Nagar, Bhubaneswar
Mob: 9438019696

## ତିନୋଟି ଯାକ ବହୁତ ବଢ଼ିଆ

● ସବୁ ଥର ଭଳି ମୁଖ୍ୟ ପ୍ରସଙ୍ଗରେ ମହାଶକ୍ତିଙ୍କ ଚାରୋଟି ଯାକ ଭାଗ ଖୁବ୍ ସୁନ୍ଦର । ଜହ୍ନୁରୀଭାଇ – ଜୀବନ ଯାତ୍ରା ଖୁବ୍ ପ୍ରେରଣାଦାୟୀ । ପ୍ରଚ୍ଛଦ ସୁନ୍ଦର ଦ୍ୱିତୀୟ ପ୍ରଚ୍ଛଦ ମଡେଲଙ୍କର ସରଳ ସୁନ୍ଦର ମୁହଁଟି ଭଲ ଲାଗିଲେ । ରୋଷେଇରେ ଯାହା ଶିଖିଲି ରାନ୍ଧଣା ପରେ କହିବି କେମିତି ଲାଗିଲା । ଶ୍ୱେତା ମ୍ୟାମ୍‌ଙ୍କର ଫୁଲ କଥା ସବୁବେଳେ ଶିକ୍ଷଣୀୟ, ରୁଚି ସମ୍ପନ୍ନ । ପଟ୍ଟଚିତ୍ର କଥା ଭଲ ଲାଗିଲା । ତିନୋଟି ଯାକ ଗପ ବଢ଼ିଆ । ସବୁଠୁ ଭଲ ଲାଗିଲା ଗଳ୍ପ 'ମନ୍ତ୍ରଣା' । ମତେ ରୋଷେଇ ବିଭାଗରେ ସୁଯୋଗ ଦେଇଥିବାରୁ ପ୍ରଥମ ଥର ଏହି ବିଭାଗ ନେଇ ଏକ ନୂଆ ଖୁସି ସାଉଁଟିଲି । ଏବଂ ସୁବିଖ୍ୟାତ ସୁସାହିତ୍ୟିକ ସମ୍ମାନାସ୍ପଦ ଗାଳ୍ପିକ ଶ୍ରୀ ତରୁଣକାନ୍ତି ସାର୍‌ଙ୍କର ଗଳ୍ପରେ ମତେ ଛବି ଅଳଙ୍କରଣର ସୁଯୋଗ ଦେଇଥିବାରୁ ମୁଁ ସମ୍ମାନନୀୟ କୃଷ୍ଣ ସାର୍‌ଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ମୋ କଲମ ଏବଂ ତୂଳୀ ଉପରେ ଏ ଭରସା ନିଶ୍ଚିତ ପ୍ରେରିତ କରିବ ନୂତନ ସୃଷ୍ଟି ସହ ଚାଲିବାକୁ । ଆପଣଙ୍କ 'ଶେଷପୃଷ୍ଠା'ଟି ତ ଏକ ପଠନ ଆକର୍ଷଣର ମୁଖ୍ୟ ଭାବେ ଥାଏ ଅନେକଙ୍କ ପାଇଁ । କାରଣ ହେଲା ସ୍ପଷ୍ଟ ତଥା ସତ କହିବାର ଦାମ୍ଭିକତା ସେହି ପୃଷ୍ଠାର ବିଶେଷତ୍ୱ । ବହୁତ ଧନ୍ୟବାଦ । 'ରେବତୀ'ର ସମ୍ପାଦନା ମଣ୍ଡଳୀଙ୍କୁ ଶୁଭେଚ୍ଛା- ଏପରି ଏକ ସଦା ସଂଗ୍ରହ ଯୋଗ୍ୟ ପତ୍ରିକାଟିଏ ପାଇଁ ।

**ଲୋପାମୁଦ୍ରା ପରିଡ଼ା,**
ଶୁଭଦୟା ଲକ୍‌ଜୁରିଆ ଆପାର୍ଟମେଣ୍ଟ୍, ପାନାଥୁର,
ବାଙ୍ଗାଲୋର

## ତିନୋଟିଯାକ କାହାଣୀ ହୃଦୟସ୍ପର୍ଶୀ

● ଏ ବର୍ଷର ପାର୍ବଣ ଋତୁରେ ପ୍ରଥମ ପୂଜା ପତ୍ରିକା 'ରେବତୀ' । ଯେତେ ଶୀଘ୍ର ବଜାରରେ ଉପଲବ୍ଧ ହେଲା ସେତେ ଶୀଘ୍ର ପଢ଼ା ବି ସରିଲା । ତାକୁ ନେଇ କିଛି ଅନୁଭବ କିଛି ଅଭିବ୍ୟକ୍ତି । ସଂପାଦକୀୟରେ ସମ୍ପାଦିକା ମହାଶୟାଙ୍କର ନିୟମିତ ପରିବାରକୁ ନେଇ ଆଲୋଚନା ଅନୁଶୀଳନ ପ୍ରଣିଧାନ ଯୋଗ୍ୟ । ଯଥାର୍ଥରେ ପୂଜା ସଂଖ୍ୟାରେ ମାତୃଶକ୍ତି ଉପରେ ସମସ୍ତ ଆଲେଖ୍ୟ ସୂଚନାଧର୍ମୀ ଏବଂ ଗୁଣାତ୍ମକ । ଏଥର କବିତା ବିଭାଗରେ ପ୍ରତିଷ୍ଠିତ କବିମାନଙ୍କ ଲେଖନୀ ନିଃସୃତ ଅନେକ ମନୋଜ୍ଞ କବିତା । ତିନୋଟି ଯାକ କାହାଣୀ ହୃଦୟସ୍ପର୍ଶୀ । ଅନ୍ୟ ସବୁ ବିଭାଗ ସୁଖପାଠ୍ୟ । 'ଶେଷପୃଷ୍ଠା'ରେ କୃଷ୍ଣ କୁମାର ମହାନ୍ତିଙ୍କର ସୃଜନଶୀଳତାକୁ ନେଇ ତର୍ଜମା ଆବେଗିକ ଏବଂ ଉତ୍ସାହବର୍ଦ୍ଧକ । ଜଣେ ସୃଜକ ନିମନ୍ତେ ପ୍ରେରଣା ଦାୟକ । ସୁନ୍ଦର ପ୍ରଚ୍ଛଦ ସହ ଗୁଣାତ୍ମକ ଉପାଦାନ ନିମିତ୍ତ ପତ୍ରିକାଟି ଆଦୃତ ଏବଂ ଅପେକ୍ଷିତ ।

**ପ୍ରଦ୍ୟୁମ୍ନ ପଟ୍ଟନାୟକ,**
ଫ୍ଲାଟ୍ ନମ୍ବର-୧୦୧, ପ୍ରକାଶ ଦୀପ ଟାୱାର
ଜୟ ଦୁର୍ଗା ନଗର, ଭୁବନେଶ୍ୱର-୭୫୧୦୦୬
ଫୋନ:୯୯୬୮୨୮୦୮୯୬

# ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● 'ରେବତୀ' ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ 'ରେବତୀ' ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା । ଏଥଇପାଇଁ ଅନୁରୋଧ ନ କରିବାକୁ ଅନୁରୋଧ ।

● 'ରେବତୀ' ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ ।e-mail: **rebati.rebati2018@gmail.com**

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।

● 'ରୋଷେଇ' ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।

● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା/ଫଟୋ ପାଇଁ କୌଣସି ପାରିତୋଷିକ ଦିଆଯାଏ ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : 'ରେବତୀ', ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧, ଫୋନ: ୭୦୦୮୮୪୫୯୨୦
ଇ-ମେଲ୍:rebati.rebati2018@gmail.com



# ଶକ୍ତି ସ୍ୱରୂପିଣୀ

# ଶକ୍ତି ସ୍ୱରୂପିଣୀ ମା' ଦୁର୍ଗା



**ରବୀନ୍ଦ୍ର କୁମାର ବେହୁରିଆ**
ସଭାପତି, ଚାନ୍ଦବାଲି ସାଂସ୍କୃତିକ ପରିଷଦ,
ଚାନ୍ଦବାଲି, ଭଦ୍ରକ-୭୫୬୧୩୩
ଫୋନ:୯୬୬୮୪୫୮୩୦୫

ଫଟୋ ସୌଜନ୍ୟ : ଗୁଗୁଲ୍

**ଦୁର୍ଗା ଶବ୍ଦର ବ୍ୟୁତ୍ପତ୍ତି ପୁରାଣ ଶାସ୍ତ୍ରମାନଙ୍କରେ ବିଭିନ୍ନ ଅର୍ଥରେ ଅବତାରଣା କରାଯାଇଛି । ଶକ୍ତି ସ୍ୱରୂପିଣୀ ତଥା ଶକ୍ତିର ଅଧିଷ୍ଠାତ୍ରୀ ମା' ଦୁର୍ଗାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ଯେ- 'ଯା-ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା ।' ମହାଭାରତ ବିରାଟ ପର୍ବରେ ଦେବୀଙ୍କୁ ଦୁର୍ଗତି ନାଶିନୀ ରୂପେ ଅବତାରଣା କରାଯାଇଛି ।**

ଭାରତୀୟ ଶକ୍ତି ଉପାସନାର ପରଂପରାରେ ବିଭିନ୍ନ ଦେବୀ ପୂଜା ସ୍ୱୀକୃତ ହୋଇଥିଲେ ହେଁ ସର୍ବତୋଭାବେ ଦୁର୍ଗାପୂଜାର ସ୍ୱାତନ୍ତ୍ର୍ୟ ଅନୁଭୂତ ହୁଏ । ଆରଣ୍ୟକର (ତୈତ୍ତିରୀୟ) ନାରାୟଣ ଉପନିଷଦରେ – ୨/୨୨ରେ ଭୂଦେବୀ, ଧରିତ୍ରୀ, ଶ୍ରୀଦେବୀ ଦୁର୍ଗାଙ୍କ ପ୍ରସଂଗ ବର୍ଣ୍ଣନା ହୋଇଛି । ଅଧିକନ୍ତୁ ସେଥିରେ ଦୁର୍ଗାଙ୍କୁ ତପଃ ପ୍ରଜ୍ୱଳିତ ରୂପା ଶକ୍ତି ରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି–

*'ତାମଗ୍ନିବର୍ଣ୍ଣା ତପସା ଜ୍ୱଳନ୍ତୀଂ*
*ବୈରୋଚନୀଂ କର୍ମ ଫଳେଷୁ ଦୃଷ୍ଟାମ୍*
*ଦୁର୍ଗାଦେବୀଂ ଶରଣଂ ମହ ପ୍ରପଦ୍ୟେ*
*ସୁତରସି ତରସେ ନମଃ ।'*

ଅର୍ଥ – ଅଗ୍ନିବର୍ଣ୍ଣା, ତପପ୍ରଦୀପ୍ତା ସୂର୍ଯ୍ୟ ବା ଅଗ୍ନିଙ୍କ କନ୍ୟାଯିଏ କର୍ମ ଫଳରେ କାମ୍ୟ, ଏହିପରି ଦୁର୍ଗାଦେବୀଙ୍କର ମୁଁ ଶରଣାଗତ ।

ଦୁର୍ଗା ଶବ୍ଦର ବ୍ୟୁତ୍ପତ୍ତି ପୁରାଣ ଶାସ୍ତ୍ରମାନଙ୍କରେ ବିଭିନ୍ନ ଅର୍ଥରେ ଅବତାରଣା କରାଯାଇଛି । ଶକ୍ତି ସ୍ୱରୂପିଣୀ ତଥା ଶକ୍ତିର ଅଧିଷ୍ଠାତ୍ରୀ ମା' ଦୁର୍ଗାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ଯେ- 'ଯା-ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା ।' ମହାଭାରତ ବିରାଟ ପର୍ବରେ ଦେବୀଙ୍କୁ ଦୁର୍ଗତି ନାଶିନୀ ରୂପେ ଅବତାରଣା କରାଯାଇଛି ।

*'ଦୁର୍ଗାତ୍ ତାରୟ ସେ ଦୁର୍ଗେ ତସ୍ମାତ୍ ଦୁର୍ଗାସ୍ମୃତା ଜନୈଃ ।'*

ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ, ଦୁର୍ଗାସୁରର ନିଧନ ପରେ ଦେବୀ ନିଜର ଦୁର୍ଗା ନାମ କରଣର ତାତ୍ପର୍ଯ୍ୟ ବ୍ୟାଖ୍ୟାନ କରି କହିଛନ୍ତି –

*'ଅଦ୍ୟ ପ୍ରଭୃତି ମେ ନାମ ଦୁର୍ଗେତି ଖ୍ୟାତିମେଷ୍ୟତି ।*
*ଦୁର୍ଗ ଦୈତସ୍ୟ ସମରେ ପାତନାବତି ଦୁର୍ଗମାତ୍*
*ଯେ ମାଂ ଦୁର୍ଗାଂ ଶରଣାଃ ନ ତେଷାଂ ଦୁର୍ଗତିଃ କ୍ୱଚିତ୍ ।'*

ମାର୍କଣ୍ଡେୟ ପୁରାଣରେ ଦେବୀ ଚଣ୍ଡିକା ଭବିଷ୍ୟତରେ ଦୁର୍ଗାସୁରକୁ ମାରି ଦୁର୍ଗା ନାମରେ ପୂଜିତ ହେବାର ପ୍ରତିଶ୍ରୁତି ଦେଇ କହିଛନ୍ତି –

*'ତତ୍ରୈବ ଚ ବଧିଷ୍ୟାମି ଦୁର୍ଗାମାଖ୍ୟଂ ମହାସୁରମ୍ ।*
*ଦୁର୍ଗାଦେବୀତି ବିଖ୍ୟାତଂ ତନ୍ମେନାମ ଭବିଷ୍ୟତି ॥'*

ସେ ପୁଣି ସର୍ବଭୂତରେ ମାତୃ, ଦୟା, କ୍ଷମା, ଶାନ୍ତି, ମୁକ୍ତି, ବିଦ୍ୟା, ଅବିଦ୍ୟା, ପରା ଓ ଅପରା ଇତ୍ୟାଦି ସର୍ବରୂପରେ ପର୍ଯ୍ୟବସିତା । ସେ ପ୍ରକୃତ ସ୍ୱରୂପିଣୀ, ସର୍ବ ମନ୍ତ୍ରରେ ଜନନୀ, ସର୍ବ ଜ୍ଞାନର ଜ୍ଞାନ, ସର୍ବ ଶୂନ୍ୟର ସାକ୍ଷୀ । ତାଙ୍କ ସ୍ଥିତି ବିନାପୁରୁଷ ଅଚଳ ହୋଇଯାଏ । ଶିବ ଶବରେ ପରିଣତ ହୁଅନ୍ତି । ଏଣୁ ପୁରୁଷ ଓ ପ୍ରକୃତି ପରି ଶିବ ଓ ଶକ୍ତି ଏକାନ୍ତ ଭାବେ ପରସ୍ପରର ପରିପୂରକ । ଶିବ ଓ ଶକ୍ତି ସଂଯୁକ୍ତ ହେଲେହେଁ, ଅ,ଉ ଏବଂ ମ ର ମିଶ୍ରଣରେ ଓଁକାର ଧ୍ୱନି ଉତ୍ପନ୍ନ ହୁଏ । ସେଇ ଧ୍ୱନିରୁପଞ୍ଚଭୂତ, ପଞ୍ଚେନ୍ଦ୍ରିୟ ପଞ୍ଚତନ୍ମାତ୍ର ଏବଂ ପଞ୍ଚବର୍ଣ୍ଣର ସୃଷ୍ଟି ହୁଏ । ଶକ୍ତି ହିଁ ବ୍ରହ୍ମର ଅବ୍ୟକ୍ତ ରୂପକୁ ବ୍ୟକ୍ତ କରି ସଚରାଚର ବିଶ୍ୱକୁ ପ୍ରକାଶିତ କରେ । ଏଣୁ ଗୀତାରେ କୁହାଯାଇଛି –

*ମାୟାଧ୍ୟକ୍ଷେଣ ପ୍ରକୃତଃ ସୂୟତେ ସଚରାଚରମ୍ ।*
(ଗୀତା – ୧୦/୯)

ଶ୍ରୀ ଶ୍ରୀ ଚଣ୍ଡୀରେ କୁହାଯାଇଛି –

*ଆଧାରଭୂତା ଜଗତ ସ୍ତମେକା*
*ମହୀ ସ୍ୱରୂପେଣ ଯତ ସ୍ଥିତାସି ...*

ଶକ୍ତି ବିନା କୌଣସି କାର୍ଯ୍ୟ ସମାହିତ ହେବା ସମ୍ଭବ ନୁହେଁ । ଦୁର୍ଗା ଚିରନ୍ତନୀ ଶକ୍ତି ରୂପେ ପୂଜିତା । ସମସ୍ତ ଶକ୍ତିର ଆଧାରଭୂତା । ତାଙ୍କର ରୂପ ନାହିଁ, ସେ ଅରୂପା । ସେ ପୁଣି ଅପର୍ଣ୍ଣା, ଯୋଗମାୟା ଓ ଚିନ୍ମୟୀ । ସେ ନିଜେ ନିଜର ସୃଷ୍ଟିକର୍ତ୍ତୀ । ତାଙ୍କର ବିନା ଇଂଗିତରେ ପତ୍ରଟିଏ ବି ହଲେ ନାହିଁ । କେବଳ ସେତିକି ନୁହେଁ, ତାଙ୍କୁ ମଧ୍ୟ ମାତୃଚେତନା, ନିଦ୍ରା, କ୍ଷୁଧା, କ୍ରାନ୍ତି, ଛାୟା, ଶକ୍ତି, ତୃଷ୍ଣା, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ଲକ୍ଷ୍ମୀ, ବୃତ୍ତି, ସ୍ମୃତି, ଦୟା, କ୍ଷମା, ତୁଷ୍ଟି, ପୁଷ୍ଟି, ଅଖିଳର ସର୍ବଭୂତ ଆତ୍ମାର ଅଧିକାରିଣୀ ଭାବେ ବର୍ଣ୍ଣନା କରାଯାଇଛି । କିନ୍ତୁ ଯିଏ ଯେଉଁ ରୂପରେ ଚିନ୍ତା କରିଛି ସେ ସେହି ରୂପରେ ପାଇଛି –

*"ଧନଂ ଦେହି ପ୍ରିୟାଂ ଦେହି ପୁତ୍ରଂଦେହି ସୁରେଶ୍ୱରୀ*
*ପୁଣ୍ୟଂ ଦେହି ଯଶଂ ଦେହି ଜଗାଦ୍ଧାତ୍ରେ୍ୟମେ ନମଃ" ।*

ଶକ୍ତିର ପ୍ରଭାବରେ ଜୀବଜଗତ ସଚେତନ । ଏହି ଶକ୍ତିର ଅଭାବରେ ତାହା ଜଡ଼ ବା ମୂକ । ଶକ୍ତିର ଅଭାବରେ ଜୀବ ବହିଃ ଜଗତରୁ ଆସୁଥିବା ପରିସ୍ଥିତିର ଆହ୍ୱାନରେ ପୁଣି ପାଟି ଖୋଲିବାକୁ



ସକ୍ଷମ ହୋଇପାରି ନ ଥାଏ । ଅର୍ଥାତ୍ ଶକ୍ତି ଅନ୍ତର୍ନିହିତ ହେବା ମାତ୍ରେ ସଜୀବଟି ଜଡ଼ପିଣ୍ଡ ଶବଟିରେ ପରିଣତ ହୋଇଥାଏ ।

ଦେବୀ ଦୁର୍ଗା, ସ୍ୱ ଶକ୍ତିର ଅଂଶକୁ ଶତସହସ୍ର ଭାଗରେ ବିଭକ୍ତ କରି ଜୀବ ଜଗତର ପ୍ରତ୍ୟେକ ପ୍ରାଣୀକୁ ଧାରଣ କରି ପାଳନ କରୁଛନ୍ତି ।

*'ସସୋ ଯତଃସ୍ୟାତ୍ ପରିଧେଶଣଂନାଃ*
*ପୃଥ୍ୟ ଚପୃଥ୍ୱୀ ନିତରାଂ ନିତରାଂ ତନୀୟାନ୍*
*ନରବର୍ଣ୍ଣ ତତ୍ପୃଷ୍ଠା ଗତସ୍ୟ କୃଷ୍ଣା ।*
*ସମେବ୍ୟ ତସ୍ୟ ପ୍ରତିଭାତ୍ୟ ନିଃସା ॥'*

ଆର୍ଯ୍ୟ ଋଷିଗଣ ଜୀବନ ସଂଚାରଠାରୁ ଶେଷ ପର୍ଯ୍ୟନ୍ତ ଆତ୍ମାର ଅବସ୍ଥିତି ଶକ୍ତି ବିଚ୍ଛିନ୍ନ ହୋଇ କଦାପି ବଞ୍ଚିପାରିବ ନାହିଁ ବୋଲି ତତ୍ତ୍ୱସାଧନ ଦ୍ୱାରାହିଁ ଉପଲବ୍ଧି କରିପାରିଥିଲେ । ଏଥିପାଇଁ ହିନ୍ଦୁ ସମାଜ ଦୁର୍ଗାଙ୍କୁ ଜନୟତ୍ରୀ ରୂପରେ ଗ୍ରହଣ କରି ମା' ବୋଲି ସମ୍ବୋଧନ କରି ଆସିଛି । ଦେବୀ ଭାଗବତରେ ଶକ୍ତି ମହତ୍ୱନେଇ କୁହାଯାଇଛି –

*'ଶିବୋପି ଶବଣଂ ଯାତି*
*କୁଣ୍ଡଳିନ୍ୟା ବିବର୍ଜିତଃ*
*ଶକ୍ତିହୀନସ୍ତୁ ଯଃ କଶ୍ଚିତ୍*
*ଅସମର୍ଥଃ ସ୍ମତୋବୁଧୈଃ ।'*

ଏବଂ,

*'ସର୍ବତ୍ର ଭୂତେଷ୍ଣୁ*
*ସ୍ଥାବରେଷ୍ଣୁ ଗରେଷ୍ଣୁଚ*
*ବ୍ରହ୍ମାଦିସ୍ତମ୍ଭ ପର୍ଯ୍ୟନ୍ତଂ*
*ବ୍ରହ୍ମାଣ୍ଡେ ହସ୍ମିନହାତ୍ୟଃ ।'*

ସର୍ବସାଧାରଣଙ୍କ ଅନୁଭୂତି ଲାଗି ନିରାକାର ଚିରନ୍ତନୀ ଶକ୍ତି ସାକାରତ୍ୱ ପ୍ରାପ୍ତ ହୋଇଅଛି । ଏହାହିଁ ଦୁର୍ଗାଙ୍କର ମୂର୍ତ୍ତି ସ୍ଥାପନରେ ଏକାଗ୍ରତା ଆଣିବା ପନ୍ଥା ଅନେକ ପୂର୍ବରୁ ଆମ ଭାରତ ବର୍ଷରେ ପ୍ରଚଳିତ ।

*'ଶିବ ମାତ୍ମାନି ପଶ୍ୟନ୍ତି*
*ପ୍ରତିମାସ୍ଥନ ଯୋଗୀନଃ*
*ଅଜ୍ଞାନୀ ଭାବନାର୍ଥାୟ*
*ପ୍ରତିମା ପରିକଳ୍ପିତଃ ।'*

ଜଗଜ୍ଜନନୀ ଦୁର୍ଗତିନାଶିନୀ ଦେବୀ ଦୁର୍ଗାଙ୍କୁ ଆମ ହିନ୍ଦୁ ସମାଜ ଦୁଃଖ, କଷ୍ଟ, ଭୟର ବିନାଶ ତଥା ଦୁର୍ଗତିରୁ ପରିତ୍ରାଣ ପାଇଁ ପୂଜା ଆରାଧନା କରି ଆସୁଛି । ଦେବୀ ଉପନିଷଦରେ ଦେବୀ ଦୁର୍ଗାଙ୍କର ମହତ୍ୱ ନେଇ ଉଲ୍ଲେଖ କରାଯାଇଛି –

*'ନମାମିଂ ତ୍ୱାମହଂ ଦେବୀ ମହାଭୟ ବିନାଶିନୀମ୍*
*ମହାଦୁର୍ଗ ପ୍ରଣମନୀଂ ମହାକାରୁଣ୍ୟ ରୂପିଣୀମ୍*
*ଯସ୍ୟାଃ ପରତରଂ ନାସ୍ତିସୈଷା ଦୁର୍ଗା ପ୍ରକର୍ତ୍ତିତା,*
*ଦୁର୍ଗାତ୍ ସନ୍ତାୟତେ ଯସ୍ମାତ ଦେବୀ ଦୁର୍ଗେତି କଥ୍ୟତେ*
*ପ୍ରପଦ୍ୟେଶରଣଂ ଦେବୀ ଦୁଂ ଦୁର୍ଗେ ଦୁର୍ଗତିହର*
*ତାଂ ଦୁର୍ଗା ଦୁର୍ଗମାଂଦେବୀ ଦୁରାଚାର ବିଘାତିନୀମ୍ ।'*

ବୈୟାକରଣିମାନଙ୍କ ମତରେ ଦୁର୍ଗା ଶବ୍ଦର ଅର୍ଥ ଦୁର୍ଗତିର ବିନାଶକାରିଣୀ । ଦୁର୍ଗ – ଦୁର୍ଗତି ସୂଚକ ଦୁଃଖ ଦୁର୍ଗତିକୁ ବିନାଶ କରି ମାନବର ହୃଦୟରେ ଯିଏ ଶାନ୍ତ ବାରି ସିଞ୍ଚନ କରିଥାନ୍ତି ସେହି ଦୁର୍ଗା ।

*'ଶବ୍ଦ କଳ୍ପଦ୍ରୁମ'ରେ ଉଲ୍ଲେଖ ଅଛି –*
*ଦୁର୍ଗେ ଦୈତ୍ୟେ ମହାବିଘ୍ନେ ଭବବନ୍ଧ କୁକର୍ମଣି*
*ଶୋକେ ଦୁଃଖେ ଚ ନରକେ ଯମଦଣ୍ଡେଚ ଜନ୍ମନି*
*ମହା ଭୟେଦ୍ଧତି ରୋତା ଚାପ୍ୟା ଶବ୍ଦୋହଂତୁ ବାଚକଃ*
*ଏତାନ୍ ହନ୍ତ୍ୟେ ଯାଦେବୀ ସା ଦୁର୍ଗେତି ପରିକୀର୍ତ୍ତିତା ।*

ଦୁର୍ଗା ଶବ୍ଦ ଦୈ୍ୟତ, ମହାବିଘ୍ନ, ସାଂସାରିକ ବନ୍ଧନ, କୁକର୍ମ, ଶୋକ, ଦୁଃଖ, ନରମ, ଯମଦଣ୍ଡ, ଜନ୍ମ, ମହାଭୟ ଓ ଦୁଃସାଧ୍ୟ ରୋଗ ପ୍ରଭୃତି ଅମଙ୍ଗଳର ଅର୍ଥ ପ୍ରକାଶକ ଏବଂ ସବୁ ଦୁର୍ଗତିର ବିନାଶ କାରିଣୀ ଶକ୍ତି ହିଁ ଦୁର୍ଗା ପଦବାଚ୍ୟ । ପୁନଶ୍ଚ କୌଣସି କୌଣସି ବୈୟାକରିଣକ ଦୁର୍ଗା ଶବ୍ଦର ବ୍ୟୁତ୍ପତ୍ତିରେ 'ଦୁଃଖେନ ଜ୍ଞେୟା, ବା ଯାହାକୁ ଦୁଃଖ ଦ୍ୱାରା ଜାଣିହୁଏ ସେହିଁ ଦୁର୍ଗାବୋଲି ଗ୍ରହଣ କରିଛନ୍ତି ।

ଋଗ୍ ବେଦରେ ସର୍ବ ପ୍ରଥମେ ଶକ୍ତିତତ୍ତ୍ୱର ପରିଚୟ ଦିଆଯାଇଥିଲା । ଅନ୍ଭୃଣ ଋଷିଙ୍କର ବାକ୍ ନାମ୍ନୀ ବ୍ରହ୍ମବିଦୁଷୀ କନ୍ୟା ପ୍ରଥମେ ନିଜକୁ ଦେବୀ

ଶକ୍ତିଙ୍କ ସହିତ ଅଭିନ୍ନା ରୂପେ ଅନୁଭବ କରି ଯେଉଁ ପ୍ରଭାବଶାଳୀ ତତ୍ତ୍ୱ ବର୍ଣ୍ଣନା କରିଥିଲେ, ତାହାକୁ ଦେବୀସୂକ୍ତ କୁହାଯାଏ । ସେ କହିଥିଲେ -

*"ଅହଂ ରୁଦ୍ରେଭିର୍ବ ସୁଭି ଶ୍ଚରାମି*
*ଅହମାଦିତ୍ୟେ ରତ ବିଶ୍ୱଦେବୈଃ*
*ଅହଂ ମିତ୍ରା ବରୁଣୋଭା ବିଭର୍ମି*
*ଅହଂ ଇନ୍ଦ୍ରାଗ୍ନି ଅହମଶ୍ୱିନୋଭା ।"*

ମୁଁ (ସଚ୍ଚିଦାନନ୍ଦ ସ୍ୱରୂପ ଆତ୍ମା) ରୁଦ୍ର, ବସୁ, ଆଦିତ୍ୟ ତଥା ବିଶ୍ୱଦେବ ରୂପରେ ବିଚରଣ କରେ । ମିତ୍ର, ବରୁଣ, ଇନ୍ଦ୍ର, ଅଗ୍ନି ଓ ଅଶ୍ୱିନୀ କୁମାର ଦ୍ୱୟଙ୍କୁ ମୁଁ ଧାରଣ କରିଛି ।

*"ଅହଂ ସୋମମାହନହସଂ ବିଭର୍ମି*
*ଅହଂ ତ୍ୱଷ୍ଟାର ମୁତ ପୁଷଣଂ ଭଗଂ*
*ଅହଂ ଦଧାମି ଦ୍ରବିଣଂ ହବିଷ୍ମ ମତେ*
*ସୁପ୍ରାବ୍ୟେ ଯଜମାନାୟ ସୁନ୍ୱତେ ।"*

ମୁଁ ଶତ୍ରୁହନ୍ତା ସୋମ, ବିଶ୍ୱକର୍ମା, ସୂର୍ଯ୍ୟ ଓ ଷଡୈଶ୍ୱର୍ଯ୍ୟ ଶାଳୀ ଦେବତାଙ୍କୁ ଧାରଣ କରିଛି । ଯେଉଁ ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଚୁର ହବିଯୁକ୍ତ ସୋମ ଯଜ୍ଞାଦି ଅନୁଷ୍ଠାନ କରେ ସେହି ଯଜମାନଙ୍କର ଯଜ୍ଞଫଳ ମୁହିଁ ଧାରଣ କରେ ।

*"ଅହଂ ରାଷ୍ଟ୍ର ସଙ୍ଗମନୀ ବସୁନାଂ*
*ଚିକିତୁଷୀ ପ୍ରଥମା ଯଜ୍ଞୟାନମ୍*
*ତାଂ ମା ଦେବା ବ୍ୟଦଧୁଃ ପୁରୁତ୍ରା*
*ଭୂରିସ୍ଥାତ୍ରାଂ ଭୂର୍ଯ୍ୟାବେଶୟନ୍ତୀମ୍ ।"*

ମୁଁ ସୃଷ୍ଟି ସ୍ଥିତି ପ୍ରଳୟକାରିଣୀ ଜଗଦିଶ୍ୱରୀ । ମୁଁ ହିଁଗୋ, ହିରଣ୍ୟ ତଥା ଜ୍ଞାନ - ବିଦ୍ୟାଦି - ଧନ - ଦାତ୍ରୀ । ମୁଁ ଯେଉଁ ଜ୍ଞାନ ଦିଏ, ଜୀବ ସେଥିରେ ଆତ୍ମସ୍ୱରୂପ ବା ଆତ୍ମଜ୍ଞାନ ଲାଭ କରେ । ଏହା ସର୍ବ ଉପାସନାର ଆଦିଜ୍ଞାନ । ମୁଁ ବହୁଭାବରେ ଅବସ୍ଥିତ । ଦେବତାମାନେ ଏହି ଆତ୍ମଜ୍ଞାନକୁ ଭଜନ କରନ୍ତି ।

ଦେବୀ ସୂକ୍ତ ବ୍ୟତୀତ ବେଦରେ ଦୁର୍ଗାସୂକ୍ତରେ ମଧ୍ୟ ଶକ୍ତିଙ୍କ ବର୍ଣ୍ଣନା କରାଯାଇଛି -

*"ଓଁ ଜାତବେଦସେ ସୁନବାମ ସୋମ ମରତୋବତୋ-*
*ନିଦହାତି ବେଦ ସନଃ ପର୍ଷଦତି ବିଶ୍ୱାନା,*
*ନୈବ ସିନ୍ଧୁଂ ଦୁରିତାତ୍ୟଗ୍ନିଃ"*

ଏହି ଦୁର୍ଗା ସୂକ୍ତର ମନ୍ତ୍ରପାଠ ଦ୍ୱାରା ସକଳ ଦୁଃଖର ଦୂର ହୁଏ, ଆସୁରିକ ପ୍ରବୃତ୍ତିର ବିନାଶ ହୁଏ । ଶତ୍ରୁଭୟ ଦୂର ହୁଏ ଓ ଅନ୍ୟାୟ ଅତ୍ୟାଚାର ଲୋପପାଏ ।

ତ୍ରେତରୀୟ ଆରଣ୍ୟକ ଉପନିଷଦରେ ଦେବୀ ଅମ୍ବିକାଙ୍କୁ ରୁଦ୍ରଙ୍କ ପତ୍ନୀ ରୂପେ ବର୍ଣ୍ଣନା କରାଯାଇଛି । ଯାଜ୍ଞିକ ଉପନିଷଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ବିଷୟରେ ସୂଚନା ଦିଆଯାଇ, ଆଦ୍ୟା ଶକ୍ତି ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି-

*"ଓଁ କାତାୟନାୟୈ ବିଦ୍ମହେ*
*କନ୍ୟା କୁମାରୀଂ ଧିମହୀ*
*ତନ୍ନୋ ଦୁର୍ଗା ପ୍ରଚୋଦୟାତ୍ ।"*

କେନୋପନିଷଦରେ ହିମବନ୍ତ କନ୍ୟା ଉମା, ଗୌରୀ ଗାୟତ୍ରୀରେ ଗୌରୀ ଓ ଗିରି ସୁତା ଓ ଶ୍ରୀ ସୂକ୍ତରେ ହିରଣ୍ୟବର୍ଣ୍ଣା, ସୁବର୍ଣ୍ଣ ରଜତସ୍ରଜା ଲକ୍ଷ୍ମୀ ରୂପେ ଆବାହନ କରାଯାଇଛି ।

ଉପନିଷଦ ଦର୍ଶନ ଗ୍ରନ୍ଥରେ ତାଲିକାଭୁକ୍ତ ହୋଇଥିବା ୧୧୬ଟି ଉପନିଷଦ ମଧ୍ୟରୁ ପ୍ରାୟ ସମସ୍ତ ଉପନିଷଦ ଶକ୍ତି ଉପାସନାରେ ଶତ ମୁଖର । କେନ ଉପନିଷଦରେ ହିମବତୀ ଉମା ଉପାଖ୍ୟାନ ସର୍ବଜନବିଦିତ । ରାମାୟଣ ଉପନିଷଦରେ ଦୁର୍ଗା ଗାୟତ୍ରୀ ଓ ପ୍ରଣାମ ମନ୍ତ୍ରରେ ଦୁର୍ଗାଙ୍କର ସନ୍ଧାନ ମିଳିଥାଏ । ମହାଭାରତ ବିରାଟ ପର୍ବରେ ପାଣ୍ଡବଙ୍କର ଅଜ୍ଞାତ ବନବାସ, ବିରାଟପୁରରେ ନିର୍ଭୟରେ ଜୀବନ ଅତିବାହିତ ନିମନ୍ତେ ଯୁଧିଷ୍ଠିର ଭାଇମାନଙ୍କୁ ଧରି ଦୁର୍ଗାଙ୍କର ଉପାସନା କରିବାର ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ । କୁରୁକ୍ଷେତ୍ର ଯୁଦ୍ଧର ଜୟଲାଭ ନିମିତ୍ତ ଅର୍ଜୁନଙ୍କର ଦୁର୍ଗାସ୍ତବ ଅତ୍ୟନ୍ତ ଚମତ୍କାର । ରାମାୟଣରେ ଅନୁରୂପ ଭାବେ ଦୁର୍ଗାପୂଜାର ଆଭାସ ମିଳିଥାଏ । 'ଅକାଳ ବୋଧନ' ତନ୍ମଧ୍ୟରୁ ଅନ୍ୟତମ ।

ଆମର ୧୮ଟି ପୁରାଣ ଓ ୧୮ଟି ଉପ ପୁରାଣ ମଧ୍ୟରୁ ଶ୍ରୀମଦ୍ ଭାଗବତ, ମାର୍କଣ୍ଡ ପୁରାଣ, ଦେବୀ ପୁରାଣ ଏବଂ କାଳିକା ପୁରାଣ ମା' ଦୁର୍ଗାଙ୍କର ସ୍ତୁତିରେ ଶତମୁଖର ।

ବୈଦିକ ଯୁଗରୁ ପ୍ରଚଳିତ ହୋଇଆସୁଥିବା ଦୁର୍ଗାତତ୍ତ୍ୱର ଧାରଣାର ପରିପୂର୍ତ୍ତି ସାଧିତ ହୁଏ ତନ୍ତ୍ରରେ । ତନ୍ତ୍ରରେ ମା' ଦୁର୍ଗାଙ୍କୁ ଏକ ଅଖଣ୍ଡ ମହାଶକ୍ତି - ବ୍ରହ୍ମମୟୀ - ବ୍ରାହ୍ମୀ, ବିଷ୍ଣୁମୟୀ - ବୈଷ୍ଣବୀ, ଶମ୍ଭୁମୟୀ- ଶାମ୍ଭଦେବୀ ଆଦି ଭାବେ ଚିତ୍ରଣ କରାଯାଇଛି । ଚଉଷଠି ପ୍ରକାର ତନ୍ତ୍ର ସାଧନାରେ ମା' ଦୁର୍ଗା ସକଳ ଦେବତା ଏବଂ ସକଳ ଉପାସନା ତତ୍ତ୍ୱଗୁଡ଼ିକୁ ଏକ ସମନ୍ୱୟ ସୂତ୍ରରେ ଗୁନ୍ଥି ଦେଉଛନ୍ତି । ଏହି ଆଦ୍ୟାଶକ୍ତି ମା' ଦୁର୍ଗାଙ୍କର ଉପାସନା ବେଦ, ଉପନିଷଦ, ପୁରାଣ ଓ ତନ୍ତ୍ରର ଧର୍ମ ଧାରଣାରେ ପ୍ରଭାବିତ ଓ ପରିପୁଷ୍ଟ ଲାଭ କରିବା ସଂଗେ ସଂଗେ କମନୀୟ ଓ ମହନୀୟ ହୋଇ ସର୍ବଜନଦୃତ ହୋଇ ଉଠିଛି ।

ସର୍ବୋପରି ଦୁର୍ଗା ଦେବୀ ସ୍ୱୟଂଶାସ୍ତ୍ରାଦିରେ 'ଦଶହରା' ନାମରେ ଅଭିହିତ ହୋଇଅଛି । ଯଥା- "ଦଶ ରାବଣ ମସ୍ତକାନି ହରତି ଯା ସା ଦଶହରା" ଦେବୀ ଦୁର୍ଗା ରାବଣର ଦଶ ମସ୍ତକ ହରଣ କରିବା ସହିତ ଦେବତାମାନଙ୍କର (ଦୁଃଖ) ଦଶାହରଣ କରିଥିବାରୁ ଦେବୀଙ୍କୁ ଦଶାହରା ବା ଦଶହରା କୁହାଯାଇଥାଏ । "ଦଶ ଅଦତୋପାଦାନ ହଂସାଦି ଦଶବିଧାନି ଦଶଜନ୍ମକୃତ ପାପାନି ହରତୀତି ଦଶହରା ।" - ପ୍ରୋକ୍ତ ଉଦ୍ଧୃତିରୁ ଜଣାଯାଏ ଯେ, ଦୁର୍ଗାପୂଜାରେ ଦଶଜନ୍ମକୃତ ହିଂସାଦି ଦଶ ଅଦତୋପାଦାନ ପାପରୁ ନିଷ୍କୃତି ମିଳେ ବୋଲି ଏହାକୁ 'ଦଶହରା' କୁହାଯାଏ ।

ପ୍ରାଚୀନ ଉତ୍କଳର ଶକ୍ତି ଉପାସନା ମୂଳକ ପ୍ରମାଣ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀଠାରୁ ଅଛି ବୋଲି ପ୍ରମାଣ ରହିଛି, ଯେଉଁ ସମୟରେ ଆଦିବାସୀ ମାନଙ୍କର ଶାସନ କାଳ ଥିଲା । ଏହା ସହିତ ପ୍ରାଗ୍ ମଧ୍ୟ ଯୁଗରେ ସମୟ ତଥା ଷଷ୍ଠ ଶତାବ୍ଦୀରେ ଓଡ଼ିଆ ଶାସନର ଶକ୍ତି (ଅମ୍ବିକା)ଙ୍କ ଉପାସନା ମଧ୍ୟ ସ୍ଥାନ ପାଇଛି । ପ୍ରଫେସର ପର୍ଟିଦାରଙ୍କ ମତରେ ଖ୍ରୀ:ପୂ: ୯୫୦ ପୂର୍ବରୁ ଭାରତୀୟ ସମାଜରେ ଦୁର୍ଗାପୂଜା ପ୍ରଚଳନ ହୋଇ ଆସୁଅଛି । ଏହା ବ୍ୟତୀତ ଖ୍ରୀ:ପୂ: ପ୍ରଥମ ଶତାବ୍ଦୀରେ




HIGHLAND
A Highland Group Entity
HIGHLAND
Highland Ajisen
FARM FRESH VANNAMEI SHRIMPS
Highland Ajisen
Highland Oishii
PRODUCT OF INDIA
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in



କଳିଙ୍ଗର ଚୈତ୍ର ବଂଶର ରାଜା ସୁରଥ ଯେତେବେଳେ ରାଜ୍ୟଭ୍ରଷ୍ଟ ହୋଇଥିଲେ ଏବଂ ସମାଧି ନାମକ ଏକ ବୈଶ୍ୟ ତାହାର ବ୍ୟବସାୟ ହରାଇ ଦୁହେଁ ଅତୀବ କଷ୍ଟକର ଜୀବନଯାପନ କରୁଥିଲେ ସେତେବେଳେ ସେ ଦୁହେଁ ମେଧସ ବା (ମେଧା) ଋଷିଙ୍କ ଠାରୁ ଦୁର୍ଗା ଚରିତ ଶ୍ରବଣ କରି ନଈ କୂଳରେ ପ୍ରଥମ ମୃଣ୍ମୟ ଦେବୀ ଦୁର୍ଗାଙ୍କ ପୂଜା କରି ଦୁହେଁ ପୁନର୍ବାର ରାଜ୍ୟ ଓ ବ୍ୟବସାୟ ଫେରି ପାଇଥିଲେ । ଖ୍ରୀ:ପୂ: ତୃତୀୟ ଶତାବ୍ଦୀରେ ରଚିତ ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତଶତୀ ଶ୍ରୀ ଚଣ୍ଡୀର କଥାବସ୍ତୁ । ଭାରତର ବିନ୍ଧ୍ୟମେଖଳାର ପୁଳିନ୍ଦ ଶବର ଶାକ୍ତ ଉପାସନାର ଆଦ୍ୟ ପ୍ରବର୍ତ୍ତକ ବୋଲି ବିଶିଷ୍ଟ ଗବେଷକ ପ୍ରଫେସର ପର୍ଟିଦାର ମତ ଦିଅନ୍ତି । ଅନ୍ୟ ଏକ ମତରେ ବୈଦିକ ଯୁଗ ପ୍ରଭାବିତ ଦ୍ରାବିଡ଼ ଯୁଗର ଏକ ସମୟରେ କଳିଙ୍ଗର ଆଦିମ ଶବର କାଳକେତୁ ରୋଗଗ୍ରସ୍ତ ହେବାରୁ ବସନ୍ତ କାଳରେ ବାସନ୍ତୀ ରୂପେ ବନଦେବୀ ଦୁର୍ଗାଙ୍କ ପାଇଁ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ କରିଥିଲେ ।

ଏହା ପୂର୍ବରୁ ଅର୍ଥାତ୍ ତ୍ରେତୟା ଯୁଗର ରାମାୟଣ କଥାବସ୍ତୁ ଅନୁଯାୟୀ ରାବଣର ନିଧନ ପାଇଁ ରାମଚନ୍ଦ୍ର ମାତୃପଦାଶ୍ରୟୀ ହେଲାପରେ ଶୁଦ୍ଧା-ଶୁଦ୍ଧ କାଳ ନମାନି ଶରତ ଋତୁରେ (ଅକାଳରେ) ନବରାତ୍ର ପୂଜା କରିଥିଲେ । ପ୍ରଭୁ ରାମଚନ୍ଦ୍ର ଦେବୀଙ୍କୁ ଜାଗ୍ରତ କରାଇ ୧୦୮ ନୀଳ ପଦ୍ମରେ ପୂଜା କରି ସଫଳ କାମ ହୋଇଥିବାରୁ ଏହା ଅକାଳବୋଧନ ପୂଜାରୂପେ ପ୍ରସିଦ୍ଧ । ନାରଦଙ୍କ ପରାମର୍ଶ କ୍ରମେ ରାମଚନ୍ଦ୍ର ଦେବୀଙ୍କୁ ବୋଧନ କରି କିଷ୍କିନ୍ଧ୍ୟା ପର୍ବତରେ ପ୍ରଥମେ ଆରାଧନା କରି ଅଷ୍ଟମୀ ତିଥିରେ ଦେବୀଙ୍କ ଦର୍ଶନ ଲାଭ କରିଥିଲେ । ଏହି ପବିତ୍ର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସମଗ୍ର ଭାରତରେ ଆଶ୍ୱିନ ଶୁକ୍ଳ ପ୍ରତିପଦଠାରୁ ଦୁର୍ଗାପୂଜାର ପରଂପରା ଅଦ୍ୟାବଧି ପ୍ରଚଳିତ ହୋଇ ଆସୁଅଛି । ତେଣୁ ଏହି ଦିନର ନାମ ସେହିଦିନଠାରୁ ବିଜୟା ଦଶମୀ । ଏହି ପୂଜାକୁ ଶାରଦୀୟ ଦୁର୍ଗାପୂଜା ବା ଅକାଳ ବୋଧନ କୁହାଯିବାର ଅର୍ଥ ମା' ରାଧାଷ୍ଟମୀ ଦିନ ଠାରୁ ଶୟନ କରିଥାନ୍ତି । କିନ୍ତୁ ଏହି ଶାରଦୀୟ ପୂଜାରେ ମା' ସ୍ୱେଚ୍ଛାରେ ଆସନ୍ତି ନାହିଁ ବରଂ ଭକ୍ତ ତାର ଦୁଃଖ ଦୂରକରିବା ପାଇଁ ଅସମୟରେ ପୂଜା କଲେ ଏବଂ ଅଭିଳଷିତ ଫଳ ପ୍ରାପ୍ତ ହୁଏ ।

ଓଡ଼ିଶାର ଦେବୀ ଦୁର୍ଗାଙ୍କର ପ୍ରାଚୀନତମ ପୀଠ ହେଉଛି ବିରଜା କ୍ଷେତ୍ର । ମହାଭାରତର ବନପର୍ବ ୮୩ ଅଧ୍ୟାୟରେ ଉଲ୍ଲେଖ ଅଛି –

*"ତତୋ ବୈତରଣୀ ଗଚ୍ଛେତ୍*
*ସର୍ବ ପାପ ପ୍ରମୋଚନୀମ୍*
*ବିରଜା ତୀର୍ଥ ମାସାଦ୍ୟ*
*ବିରାଜିତ ଯଥା ଶଶୀ ।"*

ମହାଭାରତ ରଚନା କାଳରେ ଶାକ୍ତପୀଠ ରୂପେ ବିରଜା କ୍ଷେତ୍ର ପ୍ରସିଦ୍ଧିଲାଭ କରିଥିଲା ବୋଲି ଏଥିରେ ଜଣାଯାଏ । ବର୍ତ୍ତମାନ ସେଠାରେ ଆରାଧିତା ଦେବୀଙ୍କର ଗଠନ କାଳ ଖ୍ରୀଷ୍ଟୀୟ ୨ୟ ବା ୩ୟ ଶତାବ୍ଦୀ ବୋଲି ମୂର୍ତ୍ତିତତ୍ତ୍ୱବିଦ୍ମାନେ ମତ ଦିଅନ୍ତି । କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ମହିଷମର୍ଦ୍ଦିନୀ ଦ୍ୱିଭୁଜା ଦୁର୍ଗାଙ୍କର ଏହାହିଁ ପ୍ରଥମ ନିଦର୍ଶନ ।

ଇତିହାସର ପୃଷ୍ଠା ଅନୁଶୀଳନ କଲେ ଜଣାଯାଏଯେ ଓଡ଼ିଶାରେ ଭୌମକର ବଂଶୀୟ ରାଜାମାନଙ୍କ ରାଜତ୍ୱ କାଳରେ ଶକ୍ତି ସ୍ୱରୂପିଣୀ ଦୁର୍ଗାଙ୍କ ପୂଜାର ପ୍ରସାର ବ୍ୟାପକ ହୋଇଥିଲା । ଏହି ସମୟରେ ପ୍ରାଚୀ, ଚିତ୍ରୋତ୍ପଳା, ବ୍ରାହ୍ମଣୀ ନଦୀର ଅବବାହିକାରେ ଏବଂ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରେ ବାରାହୀ, ଭୈରବୀ, ମନସା, କାଳୀ, ପର୍ଣ୍ଣଶବରୀ, ତାରା, ଅମ୍ବା, ଅମ୍ବାଳିକା ପ୍ରଭୃତି ଶାନ୍ତ ଦେବୀଙ୍କ ସହିତ ଚତୁର୍ଭୁଜା, ଅଷ୍ଟଭୁଜା, ଦଶଭୁଜା, ଦ୍ୱାଦଶଭୁଜା, ଷୋଡ଼ଶଭୁଜା, ମହିଷମର୍ଦ୍ଦିନୀ ଦୁର୍ଗା ଉପାସିତ ହେଉଥିଲେ । ଭୁବନେଶ୍ୱରର ବୈତାଳ ମନ୍ଦିର ଗାତ୍ରରେ ଖୋଦିତ ଅଷ୍ଟଭୁଜା ଦୁର୍ଗା ଏହି ସମୟର ବୋଲି ଗବେଷକମାନଙ୍କ ମତ । ଭୌମରାଣୀ ତ୍ରିଭୁବନ ମହାଦେବୀ ଓ ଦଣ୍ଡୀ ମହାଦେବୀଙ୍କ ପ୍ରଶସ୍ତିରେ ସେମାନଙ୍କୁ କାତ୍ୟାୟିନୀଙ୍କ ସହିତ ତୁଳନା କରାଯାଇଛି । ସେ ସମୟରେ ବହୁ ଅଭିଲେଖରେ ଚାମୁଣ୍ଡା ଓ କାତ୍ୟାୟିନୀଙ୍କ ସ୍ତୁତିଗାନ କରାଯାଇଛି । ସୋମବଂଶୀ ରାଜାମାନଙ୍କ ଦ୍ୱାରା ଗୃହୀତ ପରମ ଉଚ୍ଚାରକ ଉପାଧିରୁ ଜଣାଯାଏ ସେମାନେ ଶାକ୍ତ ଉପାସକ ଥିଲେ । ସେମାନଙ୍କ ପରବର୍ତ୍ତୀ ଗଙ୍ଗ ବଂଶୀୟ ରାଜାମାନେ ମୁଖ୍ୟତଃ ବୈଷ୍ଣବ ଧର୍ମାବଲମ୍ବୀ ଥିଲେ ହେଁ ଶାକ୍ତ ବିରୋଧୀ ନଥିଲେ । ଚୋଡ଼ଗଙ୍ଗ ନୃପତି ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱ କାଳରେ ନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ସୁଭଦ୍ରା ଦେବୀ ଦୁର୍ଗା ବା କାତ୍ୟାୟିନୀଙ୍କ ଅବତାରୀ ରୂପେ ଏକାନଂସା ଭାବେ ପୂଜିତା ହୋଇ ଆସୁଛନ୍ତି । ବେଢ଼ା ମଧ୍ୟରେ ମୁଖ୍ୟ ଦେବୀ ଭାବେ ପୂଜିତା ମାଆ ବିମଳା ହେଉଛନ୍ତି ଜଗନ୍ନାଥଙ୍କର ଭୈରବୀ । ଗଙ୍ଗ ରାଜତ୍ୱ କାଳରେ ପ୍ରଣୀତ ଧର୍ମଶାସ୍ତ୍ରରେ ଶତାନନ୍ଦ ଆଚାର୍ଯ୍ୟଙ୍କ ଶତାନନ୍ଦ ସଂଗ୍ରହ ଗ୍ରନ୍ଥରେ ଗୌରୀ ବ୍ରତ ଅପରାଜିତା ଦଶମୀ, ଦଶହରା, ବ୍ରତର ଉଲ୍ଲେଖ ଅଛି । ବୃହସ୍ପତି ସୂରିଙ୍କ "କୃତ୍ୟ କୌମୁଦୀ" ଗ୍ରନ୍ଥରେ ମଧ୍ୟ ମହାଷ୍ଟମୀ ଦୁର୍ଗାପୂଜା ବ୍ରତ ସଂପର୍କରେ ବର୍ଣ୍ଣନା ଅଛି । ସୂର୍ଯ୍ୟବଂଶୀ ରାଜା ଗଜପତି କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବ ନିଜକୁ ଶ୍ରୀ ଦୁର୍ଗାଙ୍କର ବରପୁତ୍ର ରୂପେ ଅଭିଲେଖ ଗୁଡ଼ିକରେ ଉଦ୍‌ଘୋଷଣା କରିଛନ୍ତି ।

ଖୋର୍ଦ୍ଧା ଭୋଇ ବଂଶୀୟ ରାଜାମାନଙ୍କ ରାଜତ୍ୱ କାଳରେ ପ୍ରଣୀତ ଧର୍ମଶାସ୍ତ୍ର ଗୁଡ଼ିକରେ ବିଶ୍ୱନାଥ ମିଶ୍ରଙ୍କ 'ସ୍ମୃତିସାର ସଂଗ୍ରହ', ଦିବ୍ୟସିଂହ ମହାପାତ୍ରଙ୍କ 'କୃଳଦୀପ', ରଘୁନାଥ ଦାସଙ୍କ 'କାଳ ନିର୍ଣ୍ଣୟ ଓ ବନଦୁର୍ଗା ପୂଜା', ଗଦାଧର ରାଜଗୁରୁଙ୍କ କାଳସାର ଗ୍ରନ୍ଥଗୁଡ଼ିକରେ ଅନ୍ୟାନ୍ୟ ଶାକ୍ତ ଓଷାବ୍ରତ ସହିତ ଦୁର୍ଗାଷ୍ଟମୀ ବ୍ରତର ଉଲ୍ଲେଖ କରାଯାଇଛି । ତେବେ ସୂର୍ଯ୍ୟବଂଶୀ ରାଜତ୍ୱ କାଳରେ ତାନ୍ତ୍ରିକ ପଣ୍ଡିତ ଗୋଦାବରୀ ମିଶ୍ରଙ୍କ ପ୍ରଣିତ ପଣ୍ଡିତ ଶାରଦା ଶରଦର୍ଚ୍ଚନ ପଦ୍ଧତି ଓଡ଼ିଶାରେ ଶରତ କାଳୀନ ଦୁର୍ଗାପୂଜା ସମ୍ବନ୍ଧରେ ସର୍ବ ପ୍ରଥମ ପ୍ରଣିଧାନଯୋଗ୍ୟ ଗ୍ରନ୍ଥ । ଏଥିରେ ବିଭିନ୍ନ ନ୍ୟାସ, ମନ୍ତ୍ର, ଦେବତାଶୁଦ୍ଧି, ଦେବୋପାସନା, ରଥ, ଗଜ ଓ ଅଶ୍ୱପୂଜା, ପଶୁବଳୀ, ଶାସ୍ତ୍ରାଦି ପୂଜା, କାଷ୍ଠଦେବୀପୂଜା, ବିଭିନ୍ନ ଅସ୍ତ୍ର ଶସ୍ତ୍ର ବାଦ୍ୟ ଓ ଶଲ୍ୟ ମନ୍ତ୍ରାବଳୀ ସଂପର୍କରେ

ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ସଂକ୍ରାନରେ ମଧ ଭୋଇବଂଶ ରାଜତ୍ୱକାଳରେ କବି ବର୍ଦ୍ଧନ ମହାପାତ୍ରଙ୍କ ବିରଚିତ "ଦୁର୍ଗୋତ୍ସବ ଚନ୍ଦ୍ରିକା" ଗ୍ରନ୍ଥ ମଧ ଓଡ଼ିଶାରେ ସମ୍ୟକ ଆଦର ଲାଭ କରିଅଛି । ଦୁର୍ଗାପୂଜା ସ୍ତବରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଅଂଶ ଗ୍ରହଣ କରିପାରିବେ ବୋଲି ଏଥିରେ ଉଲ୍ଲେଖ ଅଛି । ବ୍ୟାସକୃତ ମୂଳ ମହାଭାରତର ଅନୁକରଣରେ ଓଡ଼ିଶାର ଆଦିକବି ଶାରଳା ଦାସ ମହାଭାରତରେ ବିରାଟ ପର୍ବରେ ଯୁଧିଷ୍ଠିରଙ୍କ "ଦୁର୍ଗାସ୍ତବ" ଭୀଷ୍ମ ପର୍ବରେ ଅର୍ଜୁନଙ୍କ ଦୁର୍ଗାସ୍ତୋତର ଅବତାରଣା କରିଛନ୍ତି ।

ଶକ୍ତି ରୂପିଣୀ ମା' ଦୁର୍ଗା ଅସଂଖ୍ୟ ନାମରେ ନାମିତା ଓ ପୂଜିତା । ମା' ଦୁର୍ଗତିନାଶିନୀ, ସର୍ବଶକ୍ତି ପ୍ରଦାୟିନୀ ଓ ଧରାପୃଷ୍ଠରେ ବିଭିନ୍ନ ନାମରେ ପୂଜିତା ଓ ଆବିର୍ଭୂତା – ଦୁର୍ଗତିନାଶିନୀ ମା' ଦୁର୍ଗା, ଧନ ଅନ୍ନଦାୟିନୀ ମା' ଲକ୍ଷ୍ମୀ, ବିଦ୍ୟାଦାୟିନୀ ମା' ସରସ୍ୱତୀ, ଝଙ୍କଡ଼ବାସିନୀ ବାକ୍‌ଦେବୀ ମା' ଶାରଳା, ନୃମୁଣ୍ଡମାଳିନୀ ମା' କାଳୀ, ଚଣ୍ଡୀ, ମଙ୍ଗଳ ପ୍ରଦାୟିନୀ ମା' ମଙ୍ଗଳା । ସର୍ବତାରଣକାରିଣୀ ମା' ତାରିଣୀ, ଦେବୀ ବିରଜା, ମା' ଧାମରାଇ, ମା' ନାଆକାଣୀ, ମା' ବରୁଣେଇ, ମା' ସମଲେଇ, ମା' ଭଗବତୀ, କଟକ ଚଣ୍ଡୀ, ଉତ୍ତରାୟଣୀ, ଚର୍ଚ୍ଚିକା, ନାରାୟଣୀ, ଯାଗୁଳେଇ, ଗୌରୀ, କାତ୍ୟାୟିନୀ ବା ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀ, ଉମା ଓ ଚଉଷଠି ଯୋଗିନୀ ପ୍ରଭୃତି ଅନେକ ବିଚିତ୍ର ନାମ ଓ ରୂପର ସମନ୍ୱୟ ହୋଇଛି ତାଙ୍କ ପାଖରେ । ସେ ବହୁ ରୂପା । ଅଦ୍ୱୈତ, ଦ୍ୱୈତ, ତ୍ରୈତ ଓ ଅନେକତ୍ୱ । ଅଦ୍ୱୈତ ବା ଐକ୍ୟ ରୂପରେ ସେ ପରମାଶକ୍ତି ସନାତନୀ । ଦୁର୍ଗା ବା ଭବାନୀ ହୋଇ ପରମେଶ୍ୱରଙ୍କ ଅନନ୍ତ ଲୀଳାକୁ ପରିପୂର୍ଣ୍ଣ କରିବାରେ ସେ ସଫଳ ହୋଇଯାନ୍ତି । ସେ ଏକାକ୍ଷର 'ହୁଁ' କାର ବିଜ ସଂଭୂତା ଏବଂ 'ଓଁ' କାରର ସର୍ବମୟ କର୍ତ୍ତୀ । ସେ ଦ୍ୱୈତ ରୂପରେ ଦ୍ୱିବର୍ଣ୍ଣା ଏବଂ ଦ୍ୱୈତଗୁଣଯୁକ୍ତା । ସେ କାଳୀ ଏବଂ ସେ ହିଁ ଗୌରୀ । ନିର୍ମଳ ଶରୀରା, ଗୌରବର୍ଣ୍ଣ କାନ୍ତିଯୁକ୍ତା ଜଗତଜନନୀ ଉମା, ଗୌରୀ, ପାର୍ବତୀ, ନାରାୟଣୀ ଭାବରେ ଜଗତର ପାଳନ କର୍ତ୍ତା ଏବଂ କାଳୀ ରୂପରେ କୃଷ୍ଣବର୍ଣ୍ଣ ଧାରଣ କରି ପ୍ରଳୟ ରଚନା କରନ୍ତି । ପୁଣ୍ୟାତ୍ମାମାନଙ୍କ ହୃଦୟରେ ଲକ୍ଷ୍ମୀ ରୂପେ, ପାପାତ୍ମାମାନଙ୍କ ହୃଦୟରେ ଅଲକ୍ଷ୍ମୀ ରୂପେ ବିରାଜମାନ କରନ୍ତି ଏବଂ ଶତ୍ରୁ ସମ୍ମୁଖରେ ଭୟଙ୍କର ରୂପ ହେବାବେଳେ ଭକ୍ତ ସମ୍ମୁଖରେ ବରଦା ରୂପେ ଦୃଶ୍ୟ ହୁଅନ୍ତି । ତ୍ରୈତ ଭାବରେ ମା' ତ୍ରିନୟନୀ ତ୍ର୍ୟମ୍ବକେ ତ୍ରିଶକ୍ତି ସଂପନ୍ନା । ସୃଜନକାଳରେ ସେ ମହାସରସ୍ୱତୀ, ପାଳନ କାଳରେ ମହାଲକ୍ଷ୍ମୀ ଓ ବିନାଶକାଳରେ ମହାକାଳୀ ଭାବେ ପ୍ରକଟିତ ହୁଅନ୍ତି । ସତ୍ତ୍ୱ, ରଜ, ତମ – ତ୍ରିଗୁଣ ବିକାଶ କରି, ସୃଷ୍ଟି-ସ୍ଥିତି-ପ୍ରଳୟର ରଚନା କରିଥାନ୍ତି ।

ସେ ଯୋଗମାୟା, ମହାମାୟା, ମହାକାଳୀ । ଦେବୀ ଦୁର୍ଗାଙ୍କ 'ମହିଷାସୁର ବଧ' ଆଖ୍ୟାନ ପୁରାଣରେ ଲିପିବଦ୍ଧ ହୋଇ ରହିଛି । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ଦେବୀ ମାହାତ୍ମ୍ୟ ବର୍ଣ୍ଣନାନୁସାରେ ସୁପାର୍ଶ୍ୱ ଋଷିଙ୍କ ପୁତ୍ର ସିନ୍ଧୁଦ୍ୱୀପଙ୍କ ଔରସରୁ ଏବଂ ଅସୁରରାଜ ବିପ୍ରଚିତ୍ତିର କନ୍ୟା ମହିଷ୍ମତିର ଗର୍ଭରୁ ଜନ୍ମ ନେଇଥିଲା ଦୁର୍ଦ୍ଦାନ୍ତ ମହିଷାସୁର । ସମୟକ୍ରମେ ମହିଷାସୁର ଯୌବନରେ ପଦାର୍ପଣ କଲା । କଠୋର ତପସ୍ୟାପୂର୍ବକ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ଅଭୁତପୂର୍ବ ବର ଯାଚଞ୍ଚା କଲା ମହିଷାସୁର । ପରବର୍ତ୍ତୀ ପ୍ରଳୟ ପର୍ଯ୍ୟନ୍ତ ଅମର ରହିବାକୁ ନିଜର ଇଚ୍ଛା ଉପସ୍ଥାପନା କଲା ସେ । 'ତଥାସ୍ତୁ' କହି ବ୍ରହ୍ମା ବର ପ୍ରଦାନ କଲେ ସତ, ମାତ୍ର ତାଙ୍କ ମୁଖରେ ଈଷଦ ହାସ୍ୟ ଆବିଷ୍କାର କରିବା ପରେ ସଂଶୟାବିଷ୍ଟ ହୋଇପଡ଼ିଲା ମହିଷାସୁର । ମୃଦୁହାସର କାରଣ ଜିଜ୍ଞାସା କରନ୍ତେ ମହାକବି ସାରଳା ଦାସଙ୍କ ଲେଖନୀରେ ବ୍ରହ୍ମା ଉତ୍ତର ଦେଲେ –

*'କିନ୍ତୁ ମର୍ତ୍ତ୍ୟରେ ଜନ୍ମିଣ ଅମର କେ ନାହିଁ*
*ଦେବତା ବୋଇଲେ ମଧ ଅବଶ୍ୟ ମରଇ ।*
*ଏହିକଥା ଗୋଟି ତୁହି ରଖିଥାଅ ମନେ*
*ରମଣୀ ହସ୍ତରେ ବଧ ହୋଇବୁ ତୁ ଦିନେ ॥'*
(ଚଣ୍ଡୀ ପୁରାଣ)

ଏକ ଅବଳା ନାରୀ ଯେ ତା'ର ମୃତ୍ୟୁର କାରଣ ହେବ, ସେଥିପ୍ରତି ଆଦୌ ଗୁରୁତ୍ୱ ନଦେଇ ସେ ପୁନଶ୍ଚ ବ୍ରହ୍ମାଙ୍କୁ ନିବେଦନ କଲା –

*'ଯେବେ ସ୍ତିରୀ ହାତରେ ନିଧନ*
*ହୋଇବି ଚାହିଁଥିବି ତା' ସ୍ତନ ଯଉବନ ।'*



ତପସ୍ୟାରେ ସିଦ୍ଧିଲାଭ ତଥା ବ୍ରହ୍ମାବରରେ ବଳୀଆନ ହୋଇ ମହିଷାସୁର ତ୍ରିଭୁବନରେ ଉତ୍ପାତ ଆରମ୍ଭ କଲା । ସେ ଚଣ୍ଡ, ମୁଣ୍ଡ, ଅନ୍ଧକ, ଅସିଲୋମା, ଉଗ୍ରବୀର୍ଯ୍ୟ, ଉଦାୟୁଧ, ଉଗ୍ରାସ୍ୟ, ଉଦଗ୍ର, କାଳମୋଚନ, ରକ୍ତବୀର୍ଯ୍ୟ, ଶୁମ୍ଭ, ନିଶୁମ୍ଭ, ଧୂମ୍ରଲୋଚନ ଓ ଅଗଣିତ ଆସୁରିକ ପ୍ରକୃତିର ସେନାପତିମାନଙ୍କ ସହାୟତାରେ ତ୍ରିପୁର ବିଜୟ ପାଇଁ ଯୁଦ୍ଧ ଅଭିଯାନ କଲା । ମହିଷାସୁର ବଧ ନିମନ୍ତେ ସଂକଳ୍ପବଦ୍ଧ ଦେବଗଣଙ୍କ ଶରୀରରୁ ଉଜ୍ଜ୍ୱଳ ତେଜ ନିର୍ଗତ ହୋଇ ଗଗନ ପବନ ପରିବ୍ୟାପ୍ତ ହେବାକୁ ଲାଗିଲା । ପୂର୍ବରୁ ଦେବଦେବ ମହାଦେବଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ଦେବତାମାନଙ୍କ ସମ୍ମିଳିତ ଜ୍ୟୋତିପୁଞ୍ଜରୁ ଦେବୀ ଆତ୍ମପ୍ରକାଶ କଲେ । ମହାମାୟାଙ୍କ ନିତମ୍ବରେ ବୃହସ୍ପତି, ଜାନୁରେ ପ୍ରଜାପତି, ପାଦରେ ଅନନ୍ତବାସୁକୀ, ସ୍ତନ ଯୁଗଳରେ କାମଦେବ, କଟିରେ ମେଘମାଳା, ଲୋମାବଳୀରେ ନକ୍ଷତ୍ରପୁଞ୍ଜ, ଭୁଜରେ ଅଣଚାଶ ପବନ, ଓଷ୍ଠରେ କାର୍ତ୍ତିକେୟ, ଭ୍ରୂ-ଯୁଗଳରେ ପ୍ରଦୋଷ ଓ ପ୍ରତ୍ୟୁଷ ବିରାଜମାନ କରିବାକୁ ମହାଦେବୀ ବ୍ରହ୍ମାଙ୍କ ସଦୃଶ ଜ୍ଞାନୀ, କାମଦେବଙ୍କ ପରି ଭୁବନମୋହିନୀ, ବୃହସ୍ପତିଙ୍କ ପରି ବୁଦ୍ଧିମତୀ, ଇନ୍ଦ୍ରଙ୍କ ପରି ସ୍ୱାଭିମାନୀ, ଚନ୍ଦ୍ରଙ୍କ ସଦୃଶ ମହିମାଦୀପ୍ତା, ଆଦିତ୍ୟବତ୍ ତେଜୋଦୀପ୍ତା, ବସୁନ୍ଧରା ସଦୃଶ ସହନଶୀଳା, ବାୟୁ ସଦୃଶ ଚଞ୍ଚଳା ଓ ମେରୁ ସଦୃଶ ଅଚଳା ହେଲେ । ପରିଶେଷରେ ଦେବୀଙ୍କ ବାହନ ସ୍ୱରୂପ ବ୍ୟବହାର ପାଇଁ ହିମାଚଳ ଯୋଗାଇ ଦେଲେ ପ୍ରବଳ ପରାକ୍ରାନ୍ତ ପଶୁ ରାଜ ସିଂହ । ଦେବଗଣଙ୍କ ପ୍ରଦତ୍ତ ଦିବ୍ୟବସ୍ତ୍ର ଭୂଷଣ ଅଳଙ୍କାର ତଥା ଦିବ୍ୟାୟୁଧ – ଦିବ୍ୟାସ୍ତ୍ର ଯୋଗରେ ଦେବୀ ହେଲେ ସ୍ୱୟଂ ସଂପୂର୍ଣ୍ଣା । ଦୁର୍ଦ୍ଦିନକାଳରେ ଆବିର୍ଭୂତା ଦେବୀଙ୍କୁ ଦୁର୍ଗା ନାମରେ ନାମିତ କଲେ ଦେବପତି ବ୍ରହ୍ମା । ମହିଷାସୁରକୁ ନିଧନ କରିବା ପାଇଁ ଦେବୀ ଶିବଙ୍କଠାରୁ ତ୍ରିଶୂଳ, ବିଷ୍ଣୁଙ୍କଠାରୁ ଚକ୍ର, ଅଗ୍ନି ଦେବତାଙ୍କ ଠାରୁ ଶକ୍ତି, ପବନଙ୍କଠାରୁ ବାୟବ୍ୟ ଅସ୍ତ୍ର (ବାୟୁ ଧନୁଷ ଓ ଶରପୂର୍ଣ୍ଣ



ତୁଣୀ), ସୂର୍ଯ୍ୟଙ୍କଠାରୁ ତେଜ, ଇନ୍ଦ୍ରଙ୍କଠାରୁ ବଜ୍ର, ଯମଙ୍କଠାରୁ ଦଣ୍ଡାସ୍ତ୍ର, କାଳ ଦେବତାଙ୍କଠାରୁ ଖଡ୍‌ଗ, ବିଶ୍ୱକର୍ମାଙ୍କ ଠାରୁ ପରଶୁ ଅସ୍ତ୍ର, ପ୍ରଜାପତିଙ୍କଠାରୁ ରୁଦ୍ରାକ୍ଷମାଳ, ବାରିଧିପତିଙ୍କଠାରୁ ଅମଳିନ ପଦ୍ମ, ଶହଶାକ୍ଷ ତ୍ରିପୁର ନିଦାବଳୀ ଘଣ୍ଟା, ଏମିତି ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସେ ସିଂହବାହନରେ ବସି ଆସୁରିକ ପ୍ରବୃତ୍ତିର ଦୃଢ଼ ମୁକାବିଲା କରି, ବିନାଶ କରି ସଂସାରରେ ସତ୍ୟ, ଶାନ୍ତି, ଦୟା ଓ ଆନନ୍ଦ ପ୍ରତିଷ୍ଠା କରିଥିଲେ । ମହିଷାମର୍ଦ୍ଦିନୀଙ୍କ ସଫଳତାରେ ସମଗ୍ର ବିଶ୍ୱରେ ବିଜୟୋଲ୍ଲାସର ମହାପ୍ଲାବନ ସୃଷ୍ଟି ହେଲା । ଭକ୍ତି ନୈବେଦ୍ୟ ଦେଇ କୋଟି କୋଟି କଣ୍ଠରୁ ଝଙ୍କୃତ ହେଲା ।

*'ସର୍ବ ମଙ୍ଗଳ ମାଙ୍ଗଲ୍ୟେ ଶିବ ସର୍ବାର୍ଥ ସାଧିକେ*
*ଶରଣେ ତ୍ର୍ୟମ୍ବିକେ ଗୌରୀ ନାରାୟଣୀ ନମସ୍ତୁତେ ।'*

ଦେବ, ମାନବ ସମାଜର ସ୍ତୁତିରେ ସନ୍ତୁଷ୍ଟା ଦେବୀ ସମସ୍ତଙ୍କୁ ଶରଣ ଦେଇ କହିଲେ –

*'ଇତଥଂ ଯଦାଯଦା ବାଧା ଦାନବୋତ୍ଥା ଭବିଷ୍ୟତି,*
*ତଦା ତଦା – ବତୀର୍ଯାହଂ କରିଷ୍ୟାମରିସଂକ୍ଷୟମ୍ ।'*

ଅର୍ଥାତ୍ ବିଶ୍ୱରେ ଯେତେବେଳେ ମହାବାଧା ଉପଗତ ହୋଇ ଦାନବମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଇବ ତତ୍କାଳରେ ମୁଁ ଅବତୀର୍ଣ୍ଣା ହୋଇ ଶତ୍ରୁ ସଂହାର ପୂର୍ବକ ଜଗତରେ ଶାନ୍ତି ପ୍ରତିଷ୍ଠା କରିବି ।

ଯାହାଙ୍କ ଶକ୍ତି ଓ ଗୁଣ ବର୍ଣ୍ଣନା କରିବାରେ ବ୍ରହ୍ମବୈବର୍ତ୍ତ ପୁରାଣର ପ୍ରକୃତି ଖଣ୍ଡ, ବିଷ୍ଣୁ ପୁରାଣର ଉମା ସଂହିତା, ବ୍ରହ୍ମାଣ୍ଡ ପୁରାଣର ଲଳିତୋପାଖ୍ୟାନ, ମାର୍କଣ୍ଡେୟ ପୁରାଣରେ ସପ୍ତସତୀ ଚଣ୍ଡୀ, ଦେବୀ ଭଗବତ, ଚଣ୍ଡୀ ପୁରାଣ, ଭଗବତ ଗୀତା ଇତ୍ୟାଦି ଅସମର୍ଥ, ସେ ହିଁ–

*'ତେଜଃ ସ୍ୱରୂପା ପରମା, ଭକ୍ତନା ଗ୍ରହ ବିଗ୍ରହା*
*ସର୍ବସ୍ୱରୂପା ସର୍ବେଶା ସର୍ବାଧାରା ପରାତ୍ପରା*
*ସର୍ବଜୀବ ସ୍ୱରୂପାଚ ସର୍ବପୂଜ୍ୟା ନିରାଶ୍ରୟା*
*ସର୍ବଜ୍ଞା ସର୍ବତୋ ଭଦ୍ରା ମଙ୍ଗଳ ମଙ୍ଗଳା ।'* **(ବ୍ରହ୍ମ ବୈବର୍ତ୍ତ ପୁରାଣ)**

ମୃଣ୍ମୟୀ ମୂର୍ତ୍ତିରେ ଦିବ୍ୟ ଅନୁଭବରେ ଦେବୀ ବିଦ୍ୟମାନ । ସେହି ସାକାର ରୂପକୁ ମନ ମଧ୍ୟରେ ଆନନ୍ଦ ଯୋଗରେ, ତପସ୍ୟାରେ ଦର୍ଶନ କରିହୁଏ । ପ୍ରକୃତିର ସତ୍ୱ, ରଜୋ ଓ ତମୋ ଗୁଣାଶ୍ରୟୀ ହେଉଛନ୍ତି ମହା ସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀ, ପରମାତ୍ମା ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରି ପୂର୍ବରୁ ସ୍ୱୀୟ ଇଚ୍ଛାନୁସାରେ ଏକ ଶକ୍ତି ସୃଷ୍ଟି କରି ତତ୍‌ସହ କ୍ରୀୟାଶୀଳ ହୋଇଥିଲେ । ଦେବତାମାନଙ୍କର ଅଗ୍ରପୂଜ୍ୟ ଶ୍ରୀଗଣେଷଙ୍କ ଜନ୍ମତିଥି ଗଣେଶ ଚତୁର୍ଥୀଠାରୁ ବାର୍ଷିକ ମୃଣ୍ମୟ ମୂର୍ତ୍ତିର ପୂଜା ପରମ୍ପରା ଶୁଭାରମ୍ଭ ହୋଇଥାଏ । ଓଡ଼ିଶାର ପ୍ରତ୍ୟେକ କୋଣରେ ବିଭିନ୍ନ ନାମରେ ମା' ଆଦ୍ୟାଶକ୍ତି ପୀଠ ଦେବୀ ଭାବେ ପୂଜା ପାଉଛନ୍ତି । ତଥାପି ଭକ୍ତ ମା'ଙ୍କୁ ଆବାହନ କରି ଶରତ ଅବକାଶରେ ବିଭିନ୍ନ ପୂଜା ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି କରି ପୂଜା କରାଯାଏ । ତେଣୁ ଦେବୀ ଦୁର୍ଗା ଏହି ଦିବ୍ୟ ମୂର୍ତ୍ତି ଧରାଧାମରେ ବିରାଜମାନ କରନ୍ତି । ଶ୍ରୀସପ୍ତଚଣ୍ଡୀରୁ ଜଣାଯାଏ ଯେ ଦୁର୍ଗା ବା ଶକ୍ତି ପ୍ରକୃତରେ ଯୁଦ୍ଧର ଦେବୀ । ଯେତେବେଳେ ଏ ଦେଶ, ଜାତି, ଦାନବ ରାକ୍ଷସ ସନ୍ତ୍ରାସଦ୍ୱାରା ନିପୀଡ଼ିତ ସେତେବେଳେ ଦେବୀ ରଣଚଣ୍ଡୀ ରୂପେ ଆବିର୍ଭୂତା । ଶାରଦୀୟ ଦୁର୍ଗାପୂଜାରେ ଓଡ଼ିଶାର ବିଭିନ୍ନ ପୂଜାପୀଠମାନଙ୍କରେ ଆଶ୍ୱିନ ଶୁକ୍ଳ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ମୃଣ୍ମୟୀ ଦେବୀଙ୍କଠାରେ ବିଲ୍ୱାଧିବାସ, ନବ ପତ୍ରିକା, ସନ୍ଧି, ଅପରାଜିତା ଓ କୁମାରୀ ପୂଜା ଆଦି ବିଶେଷ ପୂଜାନୁଷ୍ଠାନ କରାଯାଏ । ଆଶ୍ୱିନ ଶୁକ୍ଳ ଷଷ୍ଠୀର ରାତ୍ରିକାଳରେ ଦେବୀଙ୍କ ଅକାଳବୋଧନ ବା ଆମନ୍ତ୍ରଣାଧିବାସ ବିଲ୍ୱବୃକ୍ଷ ସମୀପରେ ସମ୍ପନ୍ନ ହୁଏ । ବିଲ୍ୱବୃକ୍ଷରେ ଦେବୀଙ୍କ ବୋଧନ କାଳରେ 'ଶ୍ରୀବୃକ୍ଷେ ବୋଧୟାମି ତ୍ୱାଂ ଯାବତ୍ ପୂଜାଂ କରୋମ୍ୟହମ୍', ଏହି ମନ୍ତ୍ରରେ ବିଲ୍ୱାଧିବାସ କାଳରେ ଦେବୀଙ୍କୁ ଆବାହନ କରାଯାଏ । ନବ ପତ୍ରିକା ପୂଜାରେ ନଅ ପ୍ରକାର ଉଦ୍ଭିଦ ମଧ୍ୟରେ ବିଲ୍ୱ ଶାଖା ଅନ୍ୟତମ । ଯୁଗଳ ବିଲ୍ୱଫଳ ନବ ପତ୍ରିକା ମଧ୍ୟରେ ସଯୁକ୍ତ କରି 'ଓଁ ବିଲ୍ୱାଧିଷ୍ଠାତ୍ର୍ୟୈ ଶିବାୟୈ ନମଃ – ଏହି ମନ୍ତ୍ରରେ ବିଲ୍ୱ ଶାଖାକୁ ପୂଜା କରାଯାଏ ।

ଦୁର୍ଗାପୂଜା ସହ ନବ ପତ୍ରିକାର ସଂଯୋଗ ପରବର୍ତ୍ତୀ କାଳରେ ହୋଇଅଛି ବୋଲି ପଣ୍ଡିତମାନେ ମତ ଦିଅନ୍ତି । କାଳିକା ପୁରାଣରେ ନବ ପତ୍ରିକା ପୂଜାର ପ୍ରଶସ୍ତ ବର୍ଣ୍ଣନା ରହିଛି । ନବ ପତ୍ରିକାର ଅର୍ଥ – କଦଳୀ, ସାରୁ, ହରିଦ୍ରା, ଜୟନ୍ତୀ, ବିଲ୍ୱ, ଡାଳିମ୍ବ, ଅଶୋକ, ମାନ ଓ ଧାନ୍ୟ ଆଦି ନଅଟି ଗଛକୁ ବୁଝାଏ । ସପତ୍ର ଶାଖାଯୁକ୍ତ ଏହି ନଅଗୋଟି ଗଛକୁ ଜୋଡ଼ା ବେଲ ସହ ଅପରାଜିତା ଲତାରେ ବାନ୍ଧି ଲାଲ୍ ଶାଢ଼ୀ ଦ୍ୱାରା ଏକ ବଧୂ କଳ୍ପନାରେ ଆବୃତ କରି ପୂଜା କରିବାର ବିଧି ରହିଛି । ନଅଟି ଉଦ୍ଭିଦର ଏକତ୍ର ସହାବସ୍ଥାନ ନବ ପତ୍ରିକାକୁ ନବ ଦୁର୍ଗା ଭାବରେ – 'ଓଁ ନବପତ୍ରିକା ବାସିନ୍ୟୈ ନବ ଦୁର୍ଗାୟୈ ନମଃ'– ଏହି ମନ୍ତ୍ରରେ ଆବାହନ ପୂର୍ବକ ପୂଜା କରାଯାଏ । ଦୁର୍ଗାପୂଜା ସହ ନବ ପତ୍ରିକାର ସଂପର୍କରୁ ପଣ୍ଡିତଗଣ ମତ ଦିଅନ୍ତି ଯେ ନବ ପତ୍ରିକା ପୂଜାଦ୍ୱାରା ଶସ୍ୟଦେବୀ ପୃଥିବୀ ମାତାଙ୍କୁ ପୂଜା କରିବାର ଏଥିରେ ଏକ ପ୍ରଚ୍ଛନ୍ନ ତତ୍ତ୍ୱ ନିହିତ ଅଛି ।

ନବ ପତ୍ରିକା ପୂଜା ପରି ସନ୍ଧିପୂଜା ଦୁର୍ଗାପୂଜାର ଏକ ବିଶେଷ ଅନୁଷ୍ଠାନ । ଅଷ୍ଟମୀ ଓ ନବମୀ ତିଥିରେ ସଂଯୋଗ କାଳରେ ଅନୁଷ୍ଠିତ ବିଶେଷ ପୂଜା ସନ୍ଧିପୂଜା ନାମରେ ଖ୍ୟାତ । ଲୌକିକ ବିଶ୍ୱାସ ଅଛି ଯେ ଏହି ସମୟରେ ଦେବୀଙ୍କ ସାକ୍ଷାତ୍ ଆବିର୍ଭାବ ହୁଏ । ବୃହଦ୍ଧର୍ମ ପୁରାଣରେ ବର୍ଣ୍ଣିତ ଅଛି ରାବଣ ବଧ ନିମନ୍ତେ ବ୍ରହ୍ମା ସନ୍ଧିପୂଜା କରି ଆଶ୍ୱିନ କୃଷ୍ଣ ନବମୀରେ ଦେବୀଙ୍କୁ ଆବାହନ କରିଥିଲେ । ଏହି କାରଣରୁ ସନ୍ଧିପୂଜାର ସ୍ୱାତନ୍ତ୍ୟ ରହିଅଛି ।

କୁମାରୀ ପୂଜା ଦୁର୍ଗାପୂଜାର ଏକ ବୈଶିଷ୍ଟ୍ୟ ପୂର୍ଣ୍ଣ ଦିଗ । ସପ୍ତମୀ, ଅଷ୍ଟମୀ ଓ ନବମୀ ପୂଜା ଶେଷରେ କୁମାରୀ କନ୍ୟାଙ୍କୁ ନବ ବସ୍ତ୍ର ପରିଧାନ କରାଇ ଦେବୀ ଜ୍ଞାନରେ ପୂଜା କରିବାର ରୀତି ପ୍ରଚଳିତ ଅଛି । ବୃହଦ୍ଧର୍ମ ପୁରାଣରେ କୁହାଯାଇଛି ଯେ ଦେବତାମାନଙ୍କ ସ୍ତୁତିରେ ସନ୍ତୁଷ୍ଟ ହୋଇ ଦୁର୍ଗା ଦେବଗଣଙ୍କ ସମ୍ମୁଖରେ କନ୍ୟା ରୂପରେ ଆବିର୍ଭୂତ ହୋଇଥିଲେ । ଦେବୀ ପୁରାଣରେ ନିର୍ଦ୍ଦେଶ ଅଛି ଯେ ଦେବୀଙ୍କ ପୂଜା ଶେଷର କୁମାରୀମାନଙ୍କୁ ଯଥୋକ୍ତ ପୂଜାକରି ସୁମିଷ୍ଟ ଭୋଜନଦ୍ୱାରା ଆପ୍ୟାୟିତ କରାଇବା ଉଚିତ୍ । ଦୁର୍ଗାପୂଜା ସହ କୁମାରୀ ପୂଜାର ସଂପର୍କ ତାନ୍ତ୍ରିକ ସାଧନାର ନିଚ୍ଛକ ପ୍ରତିଫଳନ ଅଟେ । ପ୍ରଥମେ ପଶ୍ଚିମ ବଙ୍ଗରେ

SUPRATIK INFRAVENTURES

# LIFESTYLE Project - II

**Limited 2 & 3 BHK**
**Flat Available**

RERA APPROVED



7205330222

sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple
O. T. Road, Balasore - 756001



କୁମାରୀ ପୂଜାର ସୂତ୍ର ଘଟି ପରବର୍ତ୍ତୀ କାଳରେ ଅନ୍ୟତ୍ର ଏହାର ପ୍ରସାର ଘଟିଅଛି ବୋଲି ମନେହୁଏ ।

ତନ୍ତ୍ର ମତବାଦର ଛାୟା ରୂପେ କୁମାରୀ ପୂଜା ପରି ଅପରାଜିତା ପୂଜା ଦୁର୍ଗାପୂଜାର ଅନ୍ୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ଅଟେ । ଦୁର୍ଗାପୂଜାର ଦଶମୀ ଦିନ ଘଟ ବିସର୍ଜନ ପର ଅପରାଜିତା ପୂଜାବିଧି ପ୍ରଚଳିତ । ଚତୁର୍ଭୂଜା ଅପରାଜିତା ବୈଷ୍ଣବୀ ଶକ୍ତି ଲକ୍ଷ୍ମୀ ଓ ଶିବଶକ୍ତି ଶିବାନୀଙ୍କ ମିଶ୍ରିତ ଶକ୍ତି ରୂପେ କଳ୍ପିତା । ଦୁର୍ଗାଙ୍କ ନାମାନ୍ତର ମଧ୍ୟ ଅପରାଜିତା । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଦୁର୍ଗେ ନିବେଶିତା ଦେବୀ ଅପରାଜିତା ନାମରେ ପୂଜା ହେବା ବିଷୟ ବର୍ଣ୍ଣିତ ହୋଇଅଛି । ସମ୍ଭବତଃ ନାମ ସାଦୃଶ୍ୟ ହେତୁ ଏହି ଦଶମୀରେ ଅପରାଜିତା ପୁଷ୍ପ ସମର୍ପଣ ପୂର୍ବକ ଅପରାଜିତା ସ୍ତୋତ୍ର ପାଠ କରାଯିବାର ବିଧି ଅଛି ।

ଦୁର୍ଗୋତ୍ସବ ଦଶହରା ପର୍ବ ରୂପେ ସମଗ୍ର ଭାରତରେ ପ୍ରସିଦ୍ଧି ଲାଭ କରିଅଛି । ଆଶ୍ୱିନ ଶୁକ୍ଳ ଶ୍ରବଣାଯୁକ୍ତ ଦଶମୀ ବିଜୟା ଦଶମୀ ନାମରେ ଖ୍ୟାତ ଅଟେ । ଏ ସଂପର୍କୀୟ ଶାସ୍ତ୍ରୀୟ ପ୍ରମାଣ ପ୍ରଣିଧାନଯୋଗ୍ୟ ।

*'ଅଶ୍ୱିନ ଦଶମୀଯୁକ୍ତା ଶ୍ରବଣେନ ସମନ୍ୱିତା*
*ବିଜୟା ଦଶମୀ ପ୍ରୋକ୍ତା ସାଟୈବାତ୍ୟନତ ଦୁର୍ଲଭା ।'*

ଆମ ଓଡ଼ିଶାରେ ଦୁର୍ଗାପୂଜା ବହୁ ପ୍ରାଚୀନ । ଓଡ଼ିଶାରେ ଥିବା ସମସ୍ତ ଶକ୍ତି ପୀଠରେ ଏଇ ପୂଜା ପ୍ରଚଳିତ ହୋଇ ଆସୁଅଛି । ଖଣ୍ଡାୟତର ଖଣ୍ଡା, ନାପିତର କ୍ଷୁର, କରଣର ଲିଖନୀ, ରଜକର କୁରାଢ଼ୀ ଓ ବିଭିନ୍ନ ବୃତ୍ତିକାର ମାନଙ୍କର ବୃତ୍ତିର ସରଞ୍ଜାମ ଇତ୍ୟାଦି ମହା ସପ୍ତମୀ ଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ମାତୃଘଟ ସମୀପରେ ପୂଜା ହୋଇଥାଏ । ମାତୃ ଆଶୀଷ ଲାଭ କରି ଅସ୍ତ୍ର-ଶସ୍ତ୍ରର ଅନୁକୂଳ ହୁଏ ସେଇ 'ବିଜୟା ଦଶମୀ' ଦିନ ।

ମାନବ ସଭ୍ୟତାର ବିକାଶ ସଂଗେ ସଂଗେ ଆଦିମାତା ଦୁର୍ଗାଙ୍କର ଭିନ୍ନ ଭିନ୍ନ ନାମ ରହିଛି । ଦୁର୍ଗାଙ୍କୁ 'ଶାକମ୍ବରୀ' ବୋଲି କୁହାଯାଇଛି । କାରଣ, ଅନାବୃଷ୍ଟି ସମୟରେ ସେ ଶରୀରରୁ ପ୍ରାଣ ସଂଜୀବନୀ ଶସ୍ୟ ସମୂହ ଦ୍ୱାରା ଜଗତବାସୀଙ୍କୁ ଭରଣ ପୋଷଣ କରନ୍ତି । ଦେବୀଦୁର୍ଗା କେବଳ ସୃଷ୍ଟିର ପାଳନ କର୍ତ୍ତା ବା ଦୁଷ୍ଟ ସଂହାରିଣୀ ଶକ୍ତି ନୁହନ୍ତି, ଏହି ମଙ୍ଗଳମୟ ସୃଷ୍ଟିର ସେ ମଙ୍ଗଳଦାତ୍ରୀ, ଏହି ଶୋଭାମୟ ସୁନ୍ଦର ସୃଷ୍ଟିର ସେ ସୁଖ ଶାନ୍ତି ପ୍ରଦାୟିନୀ ଏବଂ ଆଧୁନିକ ଯୁଗରେ ଏହି ପର୍ବ ଏକ ମହାନ୍ ପର୍ବରେ ପରିଣତ ହୋଇଛି । ବସ୍ତୁବାଦୀ ନାସ୍ତିକ ହୃଦୟ ମଧ୍ୟରେ ଏହି ପୂଜା ମାଧ୍ୟମରେ ଭକ୍ତି ଭାବନାର ଉଦ୍ରେକ, ପୂର୍ଣ୍ଣ ପବିତ୍ରର ନିର୍ଯ୍ୟାସ, ପ୍ରେମ-ପୁଲକର ସୁଗନ୍ଧ, ସତ୍ୟ-ଧର୍ମ-ଦୟା-କ୍ଷମା ବାଣୀର ଚିନ୍ତନ, ସୁଖ – ସମ୍ଭୋଗର ମହକ ଏବଂ ଶାନ୍ତି – ମୈତ୍ରୀ – ପ୍ରୀତିର କଲ୍ଲୋଳ ଗଙ୍ଗା – ଯମୁନା – ସରସ୍ୱତୀର ତ୍ରିବେଣୀ ସଂଗମରେ ହିଲ୍ଲୋଳିତ ହୋଇଥାଏ- ସମସ୍ତେ ଭକ୍ତିପ୍ରାଣ ପୁଲକରେ ଗାନ କରନ୍ତି –

*"ନା ତାତେ ନମାତା ନ ବନ୍ଧୁ ର୍ନଦାତା*
*ନ ପୁତ୍ରୋ ନ ପୁତ୍ରୀ ନ ଭୃତ୍ୟୋ ନ ଭର୍ତ୍ତ*
*ନ ଜାୟା ନ ବିଦ୍ୟା ନ ବୃତ୍ତିର୍ମ ମୈବ*
*ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନୀ ।"*


ସାର୍ବଜନୀନ ଦୁର୍ଗାପୂଜା ଶାରଦୀୟ ପୂଜା ନାମରେ ନାମିତ । ଶୁଭ୍ର ଶରତର ମାଧୁର୍ଯ୍ୟ, ମାତୃ ପୂଜାର ଚୁମ୍ବକୀୟ ଆକର୍ଷଣ । ଶତ୍ରୁ-ମିତ୍ର, ବନ୍ଧୁ-ବାନ୍ଧବ, ଭାଇ-ଭାଇଙ୍କୁ ଆକର୍ଷଣ କରିଆଣେ ଗୋଟିଏ କେନ୍ଦ୍ର ବିନ୍ଦୁକୁ । ମାତୃ ଆରାଧନା ମାଧ୍ୟମରେ ସମସ୍ତ କଳହ, ମତାନ୍ତର ଓ ମନାନ୍ତରର ପରିସମାପ୍ତି ଘଟାଇ ମନରେ ନିଷ୍ପାପ ଭାବଧାରାର ଉନ୍ମେଷ କରାଇବାକୁ, ଏହା ହେଉଛି ଗଣଧର୍ମୀ ପର୍ବ । ଏହି ଉତ୍ସବ କଟକ ସହରରେ ମହା ସମାରୋହରେ ପାଳନ କରାଯାଏ । କଟକରେ ନିର୍ମିତ ଦେବୀ ବିଗ୍ରହ ଓ ଦେବୀ ମେଢ଼ ସାରା ଦେଶର ଧ୍ୟାନ ଆକର୍ଷଣ କରିଥାଏ । ଶିଳ୍ପୀର ହାତ ଓ ହୃଦୟର ସ୍ପର୍ଶରେ ବିଗ୍ରହ ସତେ ଯେପରି ଜୀବନ୍ୟାସ ପାଆନ୍ତି । ମହା ଆନନ୍ଦ ଉଲ୍ଲାସରେ ତ୍ରି-ଦିବସୀୟ ପୂଜା ଉପଚାର ପରେ ମୃଣ୍ମୟୀ ମୂର୍ତ୍ତି ମାନଙ୍କୁ ବିସର୍ଜନ କରାଯାଏ ଜଳରେ । ନବ ବସ୍ତ୍ର ପରିଧାନ, ମିଷ୍ଟାନ୍ନ ବଣ୍ଟନ ଓ ବନ୍ଧୁ ଦର୍ଶନର ଲୌକିକ ସୁଖ ଆହରଣ ପରେ ଆସେ ବିୟୋଗ ଓ ବିଷାଦର ଅପରିହାର୍ଯ୍ୟ ପର୍ବ । ମାଆ ସ୍ମରଣ କରାଇ ଦେଇ ଯାଆନ୍ତି – ଆବାହନର ପରବର୍ତ୍ତୀ କ୍ରିୟା ବିସର୍ଜନ । ପ୍ରକାଶ ଥାଉକି, ପ୍ରତିବେଶୀ ପଶ୍ଚିମବଙ୍ଗରୁ ଏହି ସାର୍ବଜନୀନ ଦୁର୍ଗାପୂଜାର ସୃଷ୍ଟି ବୋଲି ଅନେକ ମତ ପୋଷଣ କରିଥାନ୍ତି । କିନ୍ତୁ କେଉଁ ବୈଦିକ ଯୁଗରୁ ଆର୍ଯ୍ୟ ପୁତ୍ରମାନେ କରି ଆସୁଛନ୍ତି ଦୁର୍ଗାପୂଜା, ଏହା କହିବା ସମୟସାପେକ୍ଷ । ମହନୀୟତା ହେଉଛି, ବଙ୍ଗୀୟ ସଂସ୍କୃତିରେ ଦୁର୍ଗାପୂଜା ସେମାନଙ୍କର ନିଜସ୍ୱ ପର୍ବ । ଶେଷରେ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗା ଆମକୁ ଏହି ଶକ୍ତି ଦିଅନ୍ତୁ : ଏହି ରାଜ୍ୟର ପ୍ରଗତିକୁ ଶୀର୍ଷ ସ୍ଥାନକୁ ନେବାକୁ ଆମ ଶରୀରରେ ଉତ୍ସାହ ଓ ମନରେ ସଂବିତ ସୃଷ୍ଟି ହେଉ । କରୁଣାମୟୀ ମା' ସମସ୍ତ ଦୁର୍ଗତିରୁ ଏ ଜାତିକୁ, ଏ ଦେଶକୁ ରକ୍ଷା କରନ୍ତୁ, ଏତିକି ପ୍ରାର୍ଥନା ।

ଦୁର୍ଗତି ନାଶିନୀ ଜଗଜ୍ଜନନୀ ଶ୍ରୀ ଦୁର୍ଗାଙ୍କର ଧ୍ୟାନ ନିମ୍ନମତେ କରାଯାଇଛି –

*"ଓଁ ଜଟାଜୁଟ ସମାଯୁକ୍ତ ମର୍ଦ୍ଧେନ୍ଦୁ କୃତ ଶେଖରାଂ*
*ଲୋଚନ ତ୍ରୟ ସଂଯୁକ୍ତା ପୂର୍ଣ୍ଣେନ୍ଦୁ ସଦୃଶ୍ୟାନ ନାମ୍ ।*
*ତପ୍ତ କାଞ୍ଚନ ବର୍ଣ୍ଣାଭାଂ ସୁପ୍ରତିଷ୍ଠାଂ ସୁଲୋଚନମ୍*
*ନବ ଯୌବନ ସମ୍ପନ୍ନାଂ ସର୍ବଭରଣ ଭୂଷିତାମ୍ ।*
*ସୁଚାରୁଦଶନାଂ ତଦ୍ଧ ପାନୋନ୍ନତ ପୟୋଧରାଂ*
*ତ୍ରିଭଙ୍ଗ ସ୍ଥାନ ସଂସ୍ଥାନାଂ ମହିଷାସୁର ମର୍ଦ୍ଦନାମ୍ ।"*

**ସହାୟକ ଗ୍ରନ୍ଥସୂଚୀ :**


୧. ମିଶ୍ର, ଅନ୍ତର୍ଯ୍ୟାମୀ । ଭାରତୀୟ ଧର୍ମ ଓ ସଂସ୍କୃତି
୨. ସାହୁ, ପଙ୍କଜ । ପ୍ରବାସୀ ପତ୍ର । ୧୯୯୮ । ପୃ ୧-୩
୩. ସାହୁ, କୃପାସାଗର । ସଂପାଦକୀୟ : ପ୍ରତିବେଶୀ, କଲିକତା, ୧୯୯୭
୪. ନନ୍ଦ, ନୀଳାମ୍ବର ଓ ନନ୍ଦ, ପୂର୍ଣ୍ଣେନ୍ଦୁ କୁମାର । ଓଡ଼ିଶାରେ ଦେବ ଦେବୀ ପୂଜା ଓ ଶକ୍ତି ଦର୍ଶନ । ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୨୦୦୪ । ପୃ ୩୫ – ୩୭
୫. ରଥ, ଜୟନ୍ତୀ । ଓଡ଼ିଶାର କଳା ଓ ସଂସ୍କୃତି । ୨୦୦୭ । ପୃ ୩୦-୩୩
୬. ମିତ୍ର, ସନ୍ତୋଷ କୁମାର । ଅଭିଯାନ । ୨୦୦୮ ପୃ ୯-୧୦
୭. ବେହୁରିଆ, ରବୀନ୍ଦ୍ର କୁମାର । ଉତ୍କଳ ପ୍ରସଙ୍ଗ । ସେପ୍ଟେମ୍ବର - ଅକ୍ଟୋବର, ୨୦୦୮ । ପୃ-୧-୪
୮. ମହାନ୍ତି, ସନ୍ଧ୍ୟା । ଅଟୈବ । ପୃ. ୨୬-୨୭
୯. ଓମ୍ ପ୍ରକାଶ । ଉତ୍କଳ ପ୍ରସଂଗ, ୨୦୦୬
୧୦. ପଟ୍ଟନାୟକ, ବିଜୟଲକ୍ଷ୍ମୀ । ଅଭିଯାନ । ୨୦୦୮
୧୧. ପତି, ଜ୍ଞାନ ରଞ୍ଜନ । ବିଗଶ୍ରୀ, ଯାଜପୁର, ୨୦୦୬ ।
୧୨. ସ୍ୱାଇଁ, ଚନ୍ଦ୍ରମଣି । ଅଦ୍ୱିତୀୟା । ଗଞ୍ଜାମ, ହିଞ୍ଜିଳି କାଟୁ, ତୃତୀୟ ସଂଖ୍ୟା, ଅକ୍ଟୋବର - ଡିସେମ୍ବର- ୨୦୦୬ । ପୃଷ୍ଠା ୪୬-୪୮
୧୩. ମହାନ୍ତି, ରଶ୍ମି ରଞ୍ଜନ । ସୁଶାସନ, ସଂଖ୍ୟା - ୯, ଇସ୍ୟୁ - ୪୮; ଅକ୍ଟୋବର ୭-୧୩, ୨୦୦୫



# ବିସ୍ମୃତିର ବର୍ମା

## ବର୍ମାରୁ ଓଡ଼ିଶା : ୧୯୪୨ର ଏକ ଯନ୍ତ୍ରଣାଦାୟକ ଦୀର୍ଘ ପଦଯାତ୍ରାର କରୁଣ କାହାଣୀ

**ପ୍ରଫେସର ଦାଶରଥି ଭୂୟାଁ**
ରାଜନୀତି ବିଜ୍ଞାନ ବିଭାଗ, ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟ, ଲୁମାମୀ,
ଜୁନ୍‌ହେବୋଟୋ-୭୯୮୬୨୭, ନାଗାଲାଣ୍ଡ, ଫୋନ: ୭୦୦୮୧୩୨୧୩୪
ଫଟୋ ସୌଜନ୍ୟ : ଲେଖକ



▲ ପ୍ରଫେସର ଦାଶରଥି ଭୂୟାଁ

୧୯୪୯ ମସିହାର ପତଙ୍ଗା ଚଳଚ୍ଚିତ୍ରର – “ରେଙ୍ଗୁନ.... କିୟା ହେ ଓ୍ୱହାଁସେ ଟେଲିଫୁନ... ତୁହ୍ମାରୀ ୟାଦ୍ ସତାତୀ ହେ – ଜୀୟା ମେ ଆଗ୍ ଲଗାତି ହେ ..” ଓ ସେହିପରି ୧୯୨୯ ମସିହାରେ ଅନନ୍ତ ଦାସ ଶର୍ମାଙ୍କ ଦ୍ୱାରା ଲିଖିତ ଏବଂ କଟକର ବାଖରାବାଦ ସ୍ଥିତ ଶ୍ରୀ ହରିନାଥ ପ୍ରେସ ଦ୍ୱାରା ପ୍ରକାଶିତ ରେଙ୍ଗୁନ ଗୀତାରେ କବି ଲେଖିଛନ୍ତି –‘ଧନ ଲୋଭେ ଗୃହେ ସମସ୍ତଙ୍କୁ ତେଜିଲ.... ଗୋପାଳପୁରରେ ଆସି ପ୍ରବେଶ କଲ ...ଖଣ୍ଡେ ପଣେ ତୁମେ ମୋତେ ଛାଡ଼ିଗଲ....ଗୋପାଳପୁରରେ କେତେଦିନ ରହିଲ... ଘୋର ସିନ୍ଧୁ କିପରି ଆନନ୍ଦେ ପାରିହେଲ ... କାନ୍ତ କହେ କେମନ୍ତ ରେଙ୍ଗୁନ ଦେଶ ... କିନ୍ତୁ ଶୁଣିଲେ ମନ ହେବ’ ଉଲ୍ଲାସ ଇତ୍ୟାଦି ଇତ୍ୟାଦି । ଏହି ଦୁଇଟି ଗୀତ ମନେ ପକାଇ ଦିଏ ଜେଜେଙ୍କ ଠାରୁ ଶୁଣିଥିବା ସେଇ ୧୯୪୨ର ବର୍ମାରୁ ଓଡ଼ିଶାକୁ ଏକ ଯନ୍ତ୍ରଣାଦାୟକ ଦୀର୍ଘ ପଦଯାତ୍ରାର ରୋମାଞ୍ଚକର ଛାତିଥରା କରୁଣ କାହାଣୀ ।


୧୯୪୨ର ବର୍ମାରୁ ପାଦରେ ଚାଲି ଚାଲି ଓଡ଼ିଶା ଫେରିବାର ଏକ ଯନ୍ତ୍ରଣାଦାୟକ ଦୀର୍ଘ ଯାତ୍ରାର ଭୀତିପ୍ରଦ ଐତିହାସିକ ଗାଥା ଓ ରୋଜଗାର ନପାଇ ଗଞ୍ଜାମ ଜିଲ୍ଲାରୁ ବିଭିନ୍ନ ଦେଶରେ ଦାଦନ ଶ୍ରମିକ




ହେବାର ଏକ ଲମ୍ବା ଇତିହାସ ଅଛି । ବର୍ତ୍ତମାନ ଗୁଜରାଟର ସୁରତ ସହରରେ ଥିବା ସୂତାକଳ ଓ ବୟନଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ଶ୍ରମିକ ଭାବେ ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ଗ୍ରାମରୁ ପ୍ରାୟ ପ୍ରତ୍ୟେକ ପରିବାରର ଦଶଲକ୍ଷ ଲୋକେ ଅଛନ୍ତି । ଏଭଳି ଦାଦନ ଶ୍ରମିକ ଅବସ୍ଥା ଉପୁଜିଥିଲା ୧୯୩୦ ମସିହା ବେଳକୁ । ସେତେବେଳେ ପ୍ରତ୍ୟେକ ଗ୍ରାମରୁ ପ୍ରାୟ ପ୍ରତ୍ୟେକ ପରିବାରରୁ ଶ୍ରମିକ ଭାବେ ୪୦ହଜାର ଓଡ଼ିଆ ବର୍ମା (ବର୍ତ୍ତମାନ ୟାଙ୍ଗୁନ)ରେ ଅବସ୍ଥାପିତ ଥିଲେ । ୧୮୨୦-୧୯୪୧ ମଧ୍ୟରେ ଗୋପାଳପୁରରୁ ବର୍ମାର ରେଙ୍ଗୁନ୍ ବନ୍ଦରକୁ ବହୁ ସଂଖ୍ୟାରେ ଜାହାଜ ଚଳାଚଳ କରୁଥିଲା । ୧୯୩୦ ଜନଗଣନା ଅନୁଯାୟୀ, ସେତେବେଳେ ବର୍ମାରେ ୪୩,୦୦୦ ଓଡିଆ ଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଗଂଜାମ ଜିଲ୍ଲା (ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା ଗଞ୍ଜାମର ଏକ ଅଂଶ ଥିଲା) ଓ ଗଂଜାମ ଜିଲା ସମୀପବର୍ତ୍ତୀ ଅବିଭାଜିତ ପୁରୀ ଜିଲ୍ଲାର ଓ ୧୯୩୦ରେ, ଗୋପାଳପୁରରୁ 'ଜଳଦୁର୍ଗା' ଏବଂ 'ଚିଲିକା' ନାମକ ଦୁଇଟି ଜାହାଜ ରେଙ୍ଗୁନ ପର୍ଯ୍ୟନ୍ତ ଚାଲୁଥିଲା । ଗଞ୍ଜାମରୁ ଶ୍ରୀ ଏସ୍ ପଣ୍ଡା ବ୍ରିଟିଶ ଭାରତୀୟ ସାମୁଦ୍ରିକ ସେବାର ପ୍ରଥମ ଓଡ଼ିଆ ନାବିକ ଥିଲେ । ଯାତ୍ରୀ ବ୍ୟବସାୟ ପାଇଁ ଓଡ଼ିଶାର ପ୍ରଥମ ଖବରକାଗଜ 'ଦୈନିକ ଆଶାର' ସମ୍ପାଦକ ଶ୍ରୀ ଶଶି ଭୂଷଣ ରଥ ସିନ୍ଧିଆ କମ୍ପାନୀର ଜାହାଜ ଏଜେଣ୍ଟ ଥିଲେ । ଗଞ୍ଜାମର ଲୋକମାନେ ମୁଖ୍ୟତଃ ଦୁଇଟି ପ୍ରମୁଖ ସହର ରେଙ୍ଗୁନ ଏବଂ ମାଣ୍ଡେଲାରେ କାମ କରୁଥିଲେ । ସେମାନେ ବର୍ମା ଅର୍ଥନୀତି ଉପରେ ଯଥେଷ୍ଟ ପ୍ରଭାବ ଏବଂ ନିୟନ୍ତ୍ରଣ ରଖିବା ସହିତ ଏକ ପ୍ରମୁଖ ସାମାଜିକ-ସାଂସ୍କୃତିକ ଉପସ୍ଥିତି ଜାହିର କରିଥିଲେ । ରେଙ୍ଗୁନରେ ଜଗନ୍ନାଥ ମନ୍ଦିର ହେଉଛି ବର୍ମାର ଏକ ସୁନ୍ଦର କଳିଙ୍ଗ ସ୍ଥାପତ୍ୟ ମନ୍ଦିର । ଗଞ୍ଜାମର ପୋଲାସରା ନିକଟସ୍ଥ ମଥୁରାର ମହାରଣାମାନଙ୍କ ଦ୍ୱାରା ଏହା ସ୍ଥାପିତ ମନ୍ଦିର । ୧୯୪୦ ମସିହା ସୁଦ୍ଧା, ବର୍ମାରେ ଅନେକ ଓଡିଆ ସଂଗଠନ ପ୍ରତିଷ୍ଠିତ ହୋଇଥିଲା ଏବଂ ସେମାନଙ୍କ ମଧ୍ୟରେ 'ବର୍ମା ଓଡ଼ିଆ ରାସ ସମିତି', 'ରେଙ୍ଗୁନ୍ ଓଡିଆ ଯୁବକ ସଂଘ', 'ଓଡ଼ିଶା ରାମ ଲୀଳା ସମିତି', 'ଉତ୍କଳ ଶ୍ରମିକ ସଂଘ ', 'ଉତ୍କଳ ଲାଇବ୍ରେରୀ' ପ୍ରମୁଖ ଥିଲା । ବର୍ମାରେ ୫ଟି ଓଡିଆ ପ୍ରିଣ୍ଟିଂ ପ୍ରେସ୍ ଥିଲା । ଏହି ପ୍ରିଣ୍ଟିଂ ପ୍ରେସ୍ ଗୁଡିକ ସ୍ୱତନ୍ତ୍ର ଭାବରେ ଦୈନିକ, ସାପ୍ତାହିକ ଏବଂ ମାସିକ ପତ୍ରିକା ପ୍ରକାଶ କରୁଥିଲେ ଓ ପିତଳ ଗ୍ରାମର ଶ୍ରୀ ମଧୁସୂଦନ ମହାପାତ୍ର ବର୍ମା 'ଓଡ଼ିଆ ପତ୍ରିକା' ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରୁଥିଲେ ଓ କବିସୂର୍ଯ୍ୟନଗର ନିକଟସ୍ଥ ପାଇକ ଯମୁନା ଗ୍ରାମର ହରିହର ପଟ୍ଟନାୟକଙ୍କ ସମ୍ପାଦନାରେ ସାପ୍ତାହିକ 'ପ୍ରଭାତ' ପତ୍ରିକା ପ୍ରକାଶ ପାଉଥିଲା ଓ କଙ୍କୋରଡା ଗ୍ରାମର ଖଳି ପାଢ଼ୀଙ୍କ ସମ୍ପାଦନାରେ ମାସିକ 'ଲୋକଭାଷା' ପ୍ରକାଶ ପାଉଥିଲା ଓ ଏସବୁ ପତ୍ରିକା ବ୍ୟତୀତ ଓଡିଶାରୁ ପ୍ରକାଶ ପାଉଥିବା 'ଦୈନିକ ଆଶା', 'ଦୈନିକ ସମାଜ' (ପ୍ରଥମେ ବ୍ରହ୍ମପୁରର ଦୈନିକ ଆଶା ପ୍ରେସ୍‌ରେ ଛପା ହେଉଥିଲା), 'ସାପ୍ତାହିକ ନବୀନ' ଓ 'ନ୍ୟୁ ଓଡ଼ିଶା' ମଧ୍ୟ ଯାତ୍ରୀଙ୍କ ମାଧ୍ୟମରେ ପ୍ରତି ପନ୍ଦରଦିନକୁ ଥରେ ଜାହାଜରେ ଯାଉଥିଲା ଓ ଏହା ବ୍ୟତୀତ 'ସ୍ୱାଧୀନ ଭାରତ', 'ଲୋକ ଶିକ୍ଷା' ନାମରେ ପତ୍ରପତ୍ରିକା ପ୍ରକାଶ ପାଉଥିଲା ଓ ବର୍ତ୍ତମାନ ମଧ୍ୟ ବର୍ମାରେ ପ୍ରାୟ ୨୦,୦୦୦ ଓଡ଼ିଆ ବଂଶଧର ଅଛନ୍ତି ।

ଗଞ୍ଜାମର ଅଧିକାଂଶ ଲୋକ ବିଶେଷତଃ ଯେଉଁମାନେ ବର୍ମାରେ ଥିଲେ, ସେମାନେ ନେତାଜୀ ସୁଭାଷ ବୋଷଙ୍କ ଭାରତୀୟ ଜାତୀୟ ସେନା (ଆଜାଦ ହିନ୍ଦ ଫୌଜ) ରେ ଥିଲେ । ସେମାନଙ୍କୁ 'କଳା', 'ଧୂସର' ଏବଂ 'ଧଳା' ଭଳି ତିନୋଟି ଶ୍ରେଣୀଭୁକ୍ତ କରାଯାଇଥିଲା । ଆଜାଦ ହିନ୍ଦ୍ ଫୌଜର ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ସୈନ୍ୟ ତଥା କର୍ମକର୍ତ୍ତାମାନେ ଥିଲେ ବ୍ରଜମୋହ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ତ୍ରିପାଠୀ ଓ ଗଣେଶ ରଥ (ପିତଳ ଗ୍ରାମ), କୁମାରୀ ଲକ୍ଷ୍ମୀ ପଣ୍ଡା (ରାଣୀ ଝାନ୍ସୀ ବାହିନୀ), ନକୁଳ (ବାଳସେନା), ନରସିଂହ ଦାସ(ଲୋଚାପଡା ଗ୍ରାମ), ହିଞ୍ଜିଳିକାଟୁ ନିକଟସ୍ଥ ପାକିଡିର ଉଛବାନନ୍ଦ ପ୍ରଧାନ, ହିଞ୍ଜିଳିକାଟୁ ନିକଟସ୍ଥ ରାମଚନ୍ଦ୍ରପୁର ଗ୍ରାମର ସୋମନାଥ ପାଣିଗ୍ରାହୀ, ଗୋବିନ୍ଦପୁରର ବୀର ପାତ୍ର, ମହୁଲିଆର ରାଜନ ଷଡ଼ଙ୍ଗୀ, କୁକୁଡାଖଣ୍ଡିର ଅନନ୍ତ ଚୌଧୁରୀ ଏବଂ କଟକ ସାଲେପୁରର ବୀରକିଶୋର ଭୂୟାଁ ।

ବ୍ରଜ ମୋହନ ପଟ୍ଟନାୟକ ଆଜାଦ ହିନ୍ଦ୍ ଫୌଜର ଜଣେ ଦକ୍ଷ ଓଡିଆ ଅଧିକାରୀ ଥିଲେ ଯିଏକି ବର୍ମାଠାରେ ଓଡିଆ ମାନଙ୍କୁ ସଂଗଠିତ କରିଥିଲେ । ପିତଳ ଗ୍ରାମର କୃଷ୍ଣ ଚନ୍ଦ୍ର ତ୍ରିପାଠୀ ସେଠାରେ ଥିବା ଓଡିଆ ଶ୍ରମିକମାନଙ୍କ ମଧ୍ୟରେ ଜାତୀୟ ଚେତନା ଜାଗ୍ରତ କରିବା ପାଇଁ ସଙ୍ଗୀତ ଏବଂ ନୃତ୍ୟ ମାଧ୍ୟମରେ ତାଙ୍କର 'ବର୍ମା ଓଡିଆ ରସ ସମିତି' ମାଧ୍ୟମରେ ଗାନ୍ଧୀ ଏବଂ ସ୍ୱରାଜ ଧାରଣା ପ୍ରଚାର କରିଥିଲେ ଓ ସେ ମଧ୍ୟ ଓଡିଆ ପତ୍ରିକା 'ବର୍ମା ଓଡିଆ' ଏବଂ 'ପ୍ରଭାତୀ'ରେ କାମ କରୁଥିଲେ । ଏହା ବ୍ୟତୀତ ସେ ଗୋପାବନ୍ଧୁ ଦାସଙ୍କ





ମୃତ୍ୟୁ ବାର୍ଷିକୀ ଏବଂ ମହାତ୍ମା ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ମଧ୍ୟ ଆୟୋଜନ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପରେ ତାଙ୍କର 'ରାସ ସମିତି' ରାସ ବିହାରୀ ବୋଷଙ୍କ ଭାରତୀୟ ସ୍ୱାଧୀନତା ଲିଗ୍ ସହିତ ମିଶ୍ରିତ ହୋଇଥିଲା । ଏହା ପରେ ଯେତେବେଳେ ଲିଗ୍ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ହସ୍ତାନ୍ତର କରାଗଲା, ସେତେବେଳେ ଅଧିକରୁ ଅଧିକ ଓଡିଆ ଭାରତୀୟ ଜାତୀୟ

ସେନାରେ ଯୋଗଦେବା ଆରମ୍ଭ କଲେ । ଗୋଟିଏ ଦିନରେ ପଇଁଚାଳିଶ ଓଡିଆ ଏଥିରେ ଯୋଗ ଦେଇଥିଲେ ଓ ସେମାନଙ୍କ ମଧ୍ୟରେ କୃଷ୍ଣ ଚନ୍ଦ୍ର ଜଣେ ଥିଲେ । ଏହା ପରେ ପରେ ଓଡ଼ିଆଙ୍କ ସଂଖ୍ୟା ବଢିଥିଲା ଓ ଏହାପୂର୍ବରୁ ସେମାନେ ରାସ ବିହାରୀ ବୋଷଙ୍କ ଲିଗରେ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରୁଥିଲେ, କିନ୍ତୁ ଏହା ଭାରତୀୟ ଆଜାଦ ହିନ୍ଦ ଫଉଜରେ ରୂପାନ୍ତର ହେବା ପରେ ସେମାନେ ନେତାଜୀଙ୍କ ବିଶ୍ୱସ୍ତ ସୈନିକ ଭାବରେ କାର୍ଯ୍ୟ କରିଥିଲେ । ପରେ ଆଜାଦହିନ୍ଦ ଫଉଜର ପ୍ରଚାର ପ୍ରସାର ଅଧିକାରୀ ଭାବରେ କୃଷ୍ଣ ଚନ୍ଦ୍ର ନିଯୁକ୍ତି ହେଲେ ଓ ସେ ବର୍ମାସ୍ଥିତ 'ଆଣ୍ଟି ଫାସିଷ୍ଟ ଲିଗ୍'ର ସଦସ୍ୟ ମଧ୍ୟ ଥିଲେ । ମାର୍ଚ୍ଚ ୧୯୪୬ ରେ ସେ ଓଡିଶାକୁ ଫେରି ଆସିଥିଲେ ।




ଅନେକ କାରଣରୁ ବର୍ମାରେ ଭାରତୀୟ ବିରୋଧୀ ଭାବନା ବଢିବାକୁ ଲାଗିଲା । ବ୍ରିଟିଶ ପ୍ରଶାସନରେ ବର୍ମାରେ ଭାରତୀୟମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଫଳରେ ସେମାନେ ବର୍ମା ଜାତୀୟତାବାଦୀଙ୍କ ରୋଷର ଶିକାର ହୋଇଥିଲେ । ଚର୍ମର ରଙ୍ଗ କଳା ଏବଂ ସେମାନଙ୍କ ଠାରୁ ଭିନ୍ନ ରୂପ ଯୋଗୁଁ ଭାରତୀୟଙ୍କ ପ୍ରତି ଜାତିଗତ ଶତ୍ରୁତା ମଧ୍ୟ ବୃଦ୍ଧି ପାଇଥିଲା । ୧୯୪୨ ମସିହାରେ ବର୍ମା ଉପରେ ଜାପାନୀ ଆକ୍ରମଣ ଆରମ୍ଭ ହେବା ପରେ ଏବଂ ୧୯୬୦ ମସିହାରେ ବର୍ମାରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଯୋଗୁଁ ହଜାର ହଜାର



ଭାରତୀୟ ପଳାୟନ କରିଥିଲେ । ଡିସେମ୍ବର ୨୩, ୧୯୪୧ ରେ ଜାପାନ ଆକାଶ ବାହିନୀ ରେଙ୍ଗୁନ ବନ୍ଦର ଏବଂ ଡିସେମ୍ବର ୩୦ରେ ଗୋପାଳପୁର ବନ୍ଦରକୁ ଆସୁଥିବା ଜାହାଜକୁ ଲକ୍ଷ୍ୟ କରି ବୋମା ବିସ୍ଫୋରଣ କରିଥିଲା । ଫଳରେ ଗୋପାଳପୁର-ରେଙ୍ଗୁନ ମଧ୍ୟରେ ପରିବହନ ସୁବିଧା ବନ୍ଦ ହୋଇ ଯାଇଥିଲା । ତେଣୁ ଓଡ଼ିଆମାନଙ୍କୁ ଅଗନାଅଗନି ବନସ୍ଥ ମଧ୍ୟରେ, ଯେଉଁଠି ସୂର୍ଯ୍ୟ କିରଣ ବି ଖୁବ୍ କମ ପଡେ, ଯେଉଁଠି ହିଂସ୍ର ଜନ୍ତୁଙ୍କ ଶବ୍ଦରେ କମ୍ପିଯାଏ, ସେଇ ବାଟ ଦେଇ ସେମାନଙ୍କୁ ପାଦରେ ଚାଲି ଚାଲି ଆସିବାକୁ ପଡିଥିଲା ଓ ଯୁଦ୍ଧପରେ ଆଉ କେତେକ ଓଡ଼ିଆ ଫେରି ଆସିଥିଲେ ଏବଂ ଅନ୍ୟ କେତେକ ଓଡ଼ିଆ ନିଜ ମାତୃଭୂମି ପରିବାର, ସମ୍ପତ୍ତି, ଛାଡି ସେଠାରେ ସବୁଦିନ ପାଇଁ ରହିଗଲେ । ଯଦିଓ ବର୍ମା ସହିତ ସେମାନଙ୍କ ଦୀର୍ଘ ସମ୍ପର୍କ ରହିଥିଲା କିମ୍ବା ସେଠାରେ ଜନ୍ମ ହୋଇଥିଲେ ମଧ୍ୟ ସେମାନଙ୍କୁ ନାଗରିକ ଭାବରେ ବିବେଚନା କରାଯାଉ ନଥିଲା । ୧୯୬୨ ମସିହାରେ ଜେନେରାଲ ନେ ୱିନ୍ ସାମରିକ ସରକାରର ମୁଖ୍ୟ ହେଲା ପରେ ସେ ଭାରତୀୟମାନଙ୍କୁ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଦ୍ୱିତୀୟ ପର୍ଯ୍ୟାୟରେ ୧୯୬୪ ମସିହା ସୁଦ୍ଧା ୩୦୦,୦୦୦ ଭାରତୀୟ ବର୍ମା ଛାଡି ପଳାଇଥିଲେ । ଏହାଦ୍ୱାରା ଭାରତ-ବର୍ମା ସମ୍ପର୍କରେ ଏକ ଖରାପ ଅଧ୍ୟାୟ ସୃଷ୍ଟି ହୋଇଥିଲା । ବର୍ମାରୁ ଓଡ଼ିଆ ମାନେ ଫେରିଲା ପରେ ଗୋପାଳପୁର ବନ୍ଦରର ମହତ୍ତ୍ୱ କମିଗଲା ଏବଂ ଏହା ଏକ ଇତିହାସ ପାଲଟିଗଲା ।

## ଆତଙ୍କିତ ମନ, ଅନିଶ୍ଚିତ ଜୀବନ ଓ ଅଜଣା ଭବିଷ୍ୟତର ଦ୍ୱନ୍ଦ୍ୱରେ ବର୍ମାରୁ ପଳାୟନ

ରେଙ୍ଗୁନ୍ ମୁଖ୍ୟତଃ 'ଭାରତୀୟ ମାନଙ୍କ ' ସହର ଥିଲା, ଯେଉଁଥିରେ ଅଧିକାଂଶ ଜନସଂଖ୍ୟା ଭାରତୀୟ ବଂଶଧର ଥିଲେ । ୧୯୨୦ ଏବଂ ୩୦ ଦଶକ ମଧ୍ୟରେ ବର୍ମାରେ ଭାରତୀୟ ଉପସ୍ଥିତି ଦ୍ରୁତ ବେଗରେ ବଢିଥିଲା । ଫଳରେ ୧୯୩୦ ମସିହାରେ ରେଙ୍ଗୁନରେ ଭାରତୀୟ ବିରୋଧୀ ରକ୍ତାକ୍ତ ଦଙ୍ଗା ଆରମ୍ଭ ହୋଇ ହଜାର ଲୋକଙ୍କର ମୃତ୍ୟୁ ଘଟିଥିଲା । ପରିଣାମ ସ୍ୱରୂପ, ବର୍ମାରେ ଭାରତୀୟ ଜନସଂଖ୍ୟା ମଧ୍ୟରେ ଆତଙ୍କ ଦେଖାଗଲା । ୧୯୪୧ ମସିହାରେ, ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏସିଆରେ ବ୍ୟାପିଗଲା, ୧୯୩୦ ମସିହାର ଘଟଣା ଠାରୁ ଏହା ଅତ୍ୟନ୍ତ ଭୟାବହ ଥିଲା ଓ ଆମେରିକାର ପର୍ଲ ହାର୍ବର୍ ଏବଂ ଉତ୍ତର ମାଳୟ ଉପରେ ଏକକାଳୀନ ଆକ୍ରମଣ ସହିତ ଜାପାନ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରବେଶ କଲା । ୧୯୪୧ ମସିହା ଡିସେମ୍ବର ୨୩ରେ ରେଙ୍ଗୁନ ଉପରେ ପ୍ରଥମେ ଜାପାନ ଆକ୍ରମଣ କରିଥିଲା । ଡିସେମ୍ବର ୨୫ରେ ଅନ୍ୟ ଏକ ଆକ୍ରମଣ ହୋଇଥିଲା । ସେଠାରେ



ଆଇନ ଶୃଙ୍ଖଳା ପରିସ୍ଥିତି ଭାଙ୍ଗିଗଲା ଏବଂ ଭାରତୀୟ ମାନଙ୍କ ମନରେ ଭୟ ଜନ୍ମିଥିଲା ଯେ, ବ୍ରିଟିଶମାନେ ବର୍ମା ଠାରୁ ବିଦାୟ ନେବାକୁ ଯାଉଛନ୍ତି ଏବଂ ସେମାନଙ୍କ ଅନୁପସ୍ଥିତିରେ ବର୍ମା ଲୋକେ ଭାରତୀୟଙ୍କୁ ଦମନ କରିବା ପାଇଁ ସୁଯୋଗ ପାଇବେ । ବନ୍ଦରରେ ଥିବା ଜାହାଜଗୁଡ଼ିକ ଉପରେ ଜାପାନୀମାନେ ପ୍ରବଳ ଆକ୍ରମଣ କଲେ । ଫଳରେ ଯାତ୍ରୀ ପରିବହନର ଆଶା କମିଗଲା ଓ ଏହି ଦୁର୍ଦ୍ଦିନ ସମୟରେ ସାଧାରଣ ଭାରତୀୟ ନାଗରିକଙ୍କୁ ନିଜ



ଭାଗ୍ୟ ଉପରେ ଛାଡ଼ିଦେଇ ବ୍ରିଟିଶମାନେ ସେମାନଙ୍କ ଲୋକମାନଙ୍କୁ ପ୍ରଥମେ ଉଦ୍ଧାର କରିବା ପାଇଁ ପ୍ରସ୍ତୁତି ଆରମ୍ଭ କଲେ । ଯେତେବେଳେ ଭାରତୀୟମାନେ ଭୟରେ ରେଙ୍ଗୁନ୍ ଏବଂ କେନ୍ଦ୍ରୀୟ ବର୍ମାରୁ ପଳାୟନ ହେବାକୁ ଲାଗିଲେ ସେତେବେଳେ ସମସ୍ତ ମୁଖ୍ୟ ରାସ୍ତାକୁ ବନ୍ଦ ହୋଇଯାଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ, ପ୍ରସ୍ଥାନ ଦୁଇଟି ଦିଗରୁ ହେଲା । ଆରକାନ ପାହାଡ ଦିଗକୁ ଅନେକ ଲୋକ ଗଲେ । ଅତ୍ୟନ୍ତ ବିପଜ୍ଜନକ ମାର୍ଗ ଦେଇ ହଜାର ହଜାର ଭାରତୀୟ ଦୁର୍ଗମ ପାହାଡ ପାର ହୋଇଥିଲେ । ଅନ୍ୟ ମାର୍ଗଟି ଐରାବତୀ ନଦୀଗର୍ଭ ଦେଇ ପାର ହୋଇଥିଲେ । ଏହି ମାର୍ଗଟି ଅନେକ ଲମ୍ବା ଥିଲା ଓ ନଦୀ ପାର ହେଲା ପରେ ପର୍ବତ ରାସ୍ତା ଦେଇ ଭାରତର ମଣିପୁର ରାଜ୍ୟରେ ପ୍ରବେଶ କରିଥିଲେ । ସେମାନେ ସବୁକିଛି ଛାଡି ପାଦରେ ଚାଲି ଚାଲି ଚାଲି ହଜାର ହଜାର ମାଇଲ ଅତିକ୍ରମ କରୁଥଲେ ଓ ତାହାପୁଣି ରାସ୍ତା ନଥିବା, ଆଲୋକ ନଥିବା, ବର୍ଷା ମାଡ ଖାଇ (ଭାରତର ଉତ୍ତରପୂର୍ବାଞ୍ଚଳରେ ବର୍ଷସାରା ବର୍ଷା ହୁଏ) ଅବାଟ ମାର୍ଗରେ ଆସୁଥିଲେ । ଜାପାନୀମାନେ ମଣିପୁର ଓ ନାଗାଲାଣ୍ଡର କୋହିମା ପର୍ଯ୍ୟନ୍ତ ମାଡି ଆସିଥିଲେ ଓ ତେଣୁ ରାସ୍ତା ଉପରେ ବୋମା ବିସ୍ଫୋରଣ ହେଉଥିଲା ଓ ଭୋକ ଉପାସ, ବୋମା ମାଡ଼ ଓ ବର୍ଷାରେ ଭିଜି ଭିଜି ଜ୍ୱରରେ ଆକ୍ରାନ୍ତ ହୋଇ ରାସ୍ତାରେ ଅନେକ ଲୋକ ମରିଗଲେ ଓ ଦୁର୍ଗମ ପାହାଡ଼ରେ ରାସ୍ତା ଭୁଲିବା କାରଣରୁ ଯାତ୍ରା ଅଧିକ ଲମ୍ବା ହେଉଥିଲା ଓ ଖାଲି ପାଦରେ ପାହାଡ଼ ଉପରେ ଚାଲିବା କଷ୍ଟଦାୟକ ଥିଲା ଓ ସମଗ୍ର ମାର୍ଗ ବନ୍ୟଜନ୍ତୁଙ୍କ କାରଣରୁ ମଧ୍ୟ ବିପଜ୍ଜନକ ଥିଲା । ପାରସ୍ପରିକ ନିରାପତ୍ତା ପାଇଁ ହଜାର ହଜାର ପଳାତକ ଏକା ସାଙ୍ଗରେ ଗତି କରୁଥିଲେ । ଦଳରେ ଅନେକ ଶିଖ୍ ଅସ୍ତ୍ରଶସ୍ତ୍ର ଧରିଥିଲେ ଏବଂ ସେମାନେ ଓଡ଼ିଆ, ବଙ୍ଗାଳି, ତେଲୁଗୁ ଏବଂ ତାମିଲ ଯାତ୍ରୀ ମାନଙ୍କୁ ସ୍ଥାନୀୟ ଆଦିବାସୀଙ୍କ ଆକ୍ରମଣରୁ ସୁରକ୍ଷା ଦେଉଥିଲେ । ପଶୁମାନଙ୍କୁ ଭୟଭୀତ କରିବା ପାଇଁ ଡ୍ରମ୍ ମାଧ୍ୟମରେ ଶବ୍ଦ କରୁଥିଲେ । ଯାତ୍ରାକୁ ସୁଗମ କରିବା ପାଇଁ ସ୍ଥାନେ ସ୍ଥାନେ ପାମ୍ପଲେଟ୍, ମାନଚିତ୍ରଗୁଡିକ ବଣ୍ଟନ କରାଯାଇଥିଲା ଏବଂ ଶିବିରରେ ମାଗଣା ଭୋଜନ ଦିଆ ଯାଉଥିଲା । ଶିବିରମାନଙ୍କରେ ପଦଯାତ୍ରୀମାନଙ୍କ ପାଇଁ ଡାଲି, ଭାତ ଏବଂ ଲୁଣ ଦିଆ ଯାଉଥିଲା । ଅନେକ ଦିନ ଧରି ଭୋକ ଉପାସରେ ଥିବାରୁ ଶିବିରରେ ପେଟ ଭରି ଖାଇ ଅନେକ ଲୋକ ହଇଜାରେ ମୃତ୍ୟୁ ବରଣ କରିଥିଲେ । ଏହିପରି ମାସ ମାସ ଯାତ୍ରା କରି ସେମାନେ ବର୍ମାର ପ୍ୟାୟ, ମାଗଓ୍ୱେ, ମାଣ୍ଡାଲେ, କେଲଓ୍ୱା, ଖମ୍ପାତ, ତାମୁରେ ପହଂଚିଥିଲେ । ତାମୁ ହେଉଛି ବର୍ମାର ଶେଷ ଗ୍ରାମ, ଯାହା ଭାରତର ମଣିପୁର ରାଜ୍ୟର ମୋରେହ ଗ୍ରାମକୁ ସଂଯୋଗ କରୁଛି । ମଝିରେ ମେନାଲ ନଦୀ ଉପରେ ଏକ ସଦ୍ୟ ନିର୍ମିତ ପୋଲ ଓ ମୋରେହ ଠାରେ ଭାରତୀୟ ମାଟିରେ ପାଦ ରଖିବା ପରେ ସେମାନେ ଅତ୍ୟଧିକ ଆନନ୍ଦିତ ହୋଇଥିଲେ । ଶାରୀରିକ ଭାବରେ ଅଧାମୃତ ମଣିଷ ମାନେ ମଣିପୁରର ରାଜଧାନୀ ଇମ୍ଫାଲରେ ପାଦ ଦେଲେ । ଇମ୍ଫାଲରେ ରାମକୃଷ୍ଣ ମିଶନ ଦ୍ୱାରା ପରିଚାଳିତ ଶରଣାର୍ଥୀ ଶିବିରରେ କିଛି ଦିନ ରହିବା ପରେ ନାଗାଲାଣ୍ଡର କୋହିମା ଅଭିମୁଖେ ବାହାରିଥିଲେ ଓ ଇମ୍ଫାଲରେ ଥିବା ଟ୍ରାଞ୍ଜିଟ୍ ଶିବିରଗୁଡିକ ବାଉଁଶରେ ତିଆରି ହୋଇଥିଲା । ସେଠାରେ ମାଗଣା ଖାଦ୍ୟ ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆ ଯାଇଥିଲା । ଚିକିତ୍ସା ସୁବିଧା ସତ୍ତ୍ୱେ ଦୂଷିତ ଜଳ, ଲୋଭରେ ପର୍ଯ୍ୟାପ୍ତ ଖାଦ୍ୟ ଖାଇବା କାରଣରୁ ଅନେକ ଲୋକ କଲରା ରୋଗରେ ମୃତ୍ୟୁବରଣ କରୁଥିଲେ, କେତେକ ବୃଦ୍ଧାବସ୍ଥା, ଥକାପଣ ଏବଂ ଦୁର୍ବଳତା ହେତୁ ମାରିଥିଲେ । ଇମ୍ଫାଲରେ ଏକ ସପ୍ତାହ ରହିବା ସେମାନଙ୍କ ମଧ୍ୟରୁ କିଛି ମାତ୍ରାରେ ସୁସ୍ଥ ହୋଇଥିଲେ । ଇମ୍ଫାଲରୁ ସେମାନେ ନାଗାଲାଣ୍ଡର କୋହିମା ଏବଂ ପରେ ଦିମାପୁର ସହରରେ ପହଞ୍ଚିଥିଲେ । ଦିମାପୁରରୁ ସେମାନଙ୍କୁ ବସ ଯୋଗେ ଗୌହାଟୀ ଏବଂ ଗୌହାଟୀରୁ ବ୍ରହ୍ମପୁତ୍ର ନଦୀରେ ହାତୀ ପିଠିରେ ଦଶରୁ / ବାର ଜଣଙ୍କୁ ବସାଯାଇ ନଦୀ ପାରଇ କରା ଯାଇ ଟ୍ରେନ୍ ଯୋଗେ କଳିକତାକୁ ପଠା ଯାଇଥିଲା ଓ କଳିକତାର ସିଆଲଦା ଠାରେ ଶିବିରରେ ଦୁଇ ଦିନ ଖାଇବାକୁ ଦିଆଯିବା ପରେ ସେମାନଙ୍କୁ ଟ୍ରେନ୍‌ରେ ହାବଡା ଷ୍ଟେସନରୁ





# ସ୍ୱୟଂଭୁ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।
ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଉର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୁ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୁ** ।
**୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।**

**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

**ପ୍ରକାଶକ:**
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

*** ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ ***

ବ୍ରହ୍ମପୁର ପଠା ଯାଇଥିଲା । ବ୍ରହ୍ମପୁର ଷ୍ଟେସନ୍‌ରେ ନାହିଁ ନଥିବା ଭିଡ଼ ଓ ନୟାଗଡ, ବାଣପୁର ଓଡ଼ଗାଁରୁ ଆରମ୍ଭ କରି ଆନ୍ଧ୍ରପ୍ରଦେଶରୁ (ଶ୍ରୀକାକୁଲମ ଜିଲ୍ଲା ଗଞ୍ଜାମର ଏକ ଅଂଶ ଥିଲା) ଲୋକ ନିଜନିଜର ସମ୍ପର୍କୀୟଙ୍କୁ ନେବା ପାଇଁ ମଝିରେ ମଝିରେ ଆସୁଥାନ୍ତି ଏବଂ ଓହ୍ଲାଇବା ଲୋକଙ୍କୁ ସେମାନଙ୍କ ଆତ୍ମୀୟଙ୍କ ସମ୍ପର୍କରେ ପଚାରି ବୁଝୁଥାନ୍ତି ଓ ଯଦି କାହାଠାରୁ ଶୁଣନ୍ତି ଯେ ସେମାନଙ୍କୁ ଦିମାପୁର କିମ୍ବା କଲିକତା ଶିବିରରେ ଦେଖିଥିଲି ସେମାନେ ବଂଚିଥିବା ଏବଂ ଆସିବାର ସମ୍ଭାବନା କାରଣରୁ ଅପେକ୍ଷାରତ ମଣିଷମାନେ ଖୁସିହୋଇ ଯାଉଥାନ୍ତି ଓ ପ୍ରତ୍ୟେକ ପ୍ରମୁଖ ଷ୍ଟେସନରେ ସହର ଓ ଗାଁର ଲୋକମାନେ ଟ୍ରେନ୍‌କୁ ଆସି ସେମାନଙ୍କୁ ଖାଦ୍ୟ ଏବଂ ପାନୀୟ ଦେଉଥିଲେ ଓ ବ୍ରହ୍ମପୁର ଷ୍ଟେସନ୍‌ରେ ସରକାର ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ଦ୍ୱାରା ମାଗଣା ଖାଦ୍ୟ, ରହିବା, ଗ୍ରାମକୁ ଯାତ୍ରା ଏବଂ ଚିକିତ୍ସା ସେବା ବ୍ୟବସ୍ଥା କରିଥିଲେ । ସେଠାରେ ସମବେଦନା ଏବଂ ଅନୁକମ୍ପାର ଏକ ବାତାବରଣ ଥିଲା ।




## ବର୍ମା ଯାତ୍ରୀଙ୍କ ଓଡ଼ିଶା ଗଠନରେ ଗୁଣ୍ଡୁଚି ମୂଷାର ଅବଦାନ

୧୯୩୧ ମସିହା ସେପ୍ଟେମ୍ବର ୧୩ରେ ସରକାର ତିନି ସଦସ୍ୟ ବିଶିଷ୍ଟ ଏକ ସୀମା ନିର୍ଦ୍ଧାରଣ କମିଟି ନିଯୁକ୍ତ କରିଥିଲେ । ଏହି କମିଟିର ଅଧ୍ୟକ୍ଷ ଥିଲେ ସାମୁଏଲ ଓ'ଡନେଲ ଓ ଅନ୍ୟ ଦୁଇ ଜଣ ସଭ୍ୟ ଥିଲେ ବମ୍ବେର ଏଚ.ଏମ. ମେହେଟ୍ଟା ଓ ଆସାମର ଟି.ଆର ଫୁକନ୍ । ଏହି କମିଟିରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ସଚ୍ଚିଦାନନ୍ଦ ସିହ୍ନା ଓ ସି.ଭି. ଏସ୍ ନରସିଂହ ରାଜୁ ସହଯୋଗୀ ସଦସ୍ୟ ରୂପେ ରହିଥିଲେ । ଗୋପାଳପୁରରେ ସାକ୍ଷ୍ୟ ପ୍ରଦାନ ପାଇଁ ସମସ୍ତ ସୁବ୍ୟବସ୍ଥା କରିବା ନିମନ୍ତେ ଚିକିଟି ରାଜା ଗୌରଚନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହେଲା । ଏହାକୁ ଓ'ଡନେଲ ସ୍ୱାଗତ ସମିତି କୁହାଗଲା । ଏଥିରେ 'ଦୈନିକ ଅଶା'ର ସମ୍ପାଦକ ଶଶିଭୂଷଣ ରଥ, ଆସିକାର ନିରଞ୍ଜନ ପଟ୍ଟନାୟକ (ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶଶୁର), ଶ୍ରୀକୃଷ୍ଣ ମହାପାତ୍ର, ଲକ୍ଷ୍ମୀଧର ମହାନ୍ତି, ବିଶ୍ୱନାଥ ମିଶ୍ର, ଭୁବନାନନ୍ଦ ଦାସ, ଲିଙ୍ଗରାଜ ପାଣିଗ୍ରାହୀ(ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି, ଶିକ୍ଷାମନ୍ତ୍ରୀ, ବାଚସ୍ପତି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି) ଏବଂ ଲକ୍ଷ୍ମୀନାରାୟଣ ପଟ୍ଟନାୟକ (ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ପିତା) ପ୍ରମୁଖ ସଭ୍ୟ ଥିଲେ । ଗୋପାଳପୁରରେ ସାକ୍ଷ୍ୟ ପ୍ରଦାନ ନେବା ନିମନ୍ତେ ସ୍ୱତନ୍ତ୍ର ଅଫିସ ଖୋଲା ଯାଇଥିଲା । ସାର ସାମୁଏଲ ଓ'ଡନେଲ ପ୍ରଥମେ ସିଂହଭୂମି ଓ ମେଦିନପୁର ଅଞ୍ଚଳରୁ ବୁଲି ଆସିଥିଲେ ମଧ୍ୟ ସେଠାରେ ଓଡ଼ିଆଙ୍କ କୌଣସି ଉତ୍ସାହ ଦେଖିନଥିଲେ । କିନ୍ତୁ ବ୍ରହ୍ମପୁରରେ ପହଞ୍ଚି ସେ ଓଡ଼ିଆଙ୍କ ଉତ୍ସାହ ଦେଖିଲେ । ବ୍ରହ୍ମପୁର ରେଳ ଷ୍ଟେସନରେ ଅଭୂତପୂର୍ବ ଜନସମାଗମ ସହିତ ତାଳମୃଦଂଗ, ସଂକୀର୍ତ୍ତନ ଓ ବିଭିନ୍ନ ଲୋକନୃତ୍ୟ ଦ୍ୱାରା ଓ'ଡନେଲ କମିଟିଙ୍କୁ ସ୍ୱାଗତ କରା ଯାଇଥିଲା । ତେଲୁଗୁ ଲୋକମାନଙ୍କୁ ସଂଗଠିତ କରି ବ୍ରହ୍ମପୁର ମ୍ୟୁନିସିପାଲଟିର ଚେୟାରମ୍ୟାନ ଓନିଭେଙ୍କଟ ରାମଲିଂଗମ(ଖଲିକୋଟ କଲେଜର ପୂର୍ବତନ ଗଣିତ ଅଧ୍ୟାପକ ଓ ଅଧ୍ୟକ୍ଷ) ମଂଚ ଉପରକୁ ଉଠିଥିଲେ । ଓଡ଼ିଆ ମାନେ ତେଲୁଗୁ ମାନଙ୍କୁ ମଞ୍ଚରୁ ଠେଲି ଦେଇ ତଳେ ପକାଇ ଦେଇଥିଲେ । ଓଡ଼ିଆ ଏବଂ ତେଲୁଗୁମାନଙ୍କ ଠେଲାପେଲାରେ ଅସ୍ଥାୟୀ ମଞ୍ଚଟି ଭୁଷୁଡ଼ି ପଡିଥିଲା । ଏହାର ସୁଯୋଗ ନେଇ ଶଶିଭୂଷଣ ରଥ, ଖଲ୍ଲିକୋଟର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଏବଂ ଗୌରଚନ୍ଦ୍ର ଦେବ ଓ'ଡୋନେଲ କମିଟି ସଭ୍ୟମାନଙ୍କୁ କାରରେ ବସାଇ ତତ୍‌କ୍ଷଣାତ୍ ଗୋପାଳପୁର ନେଇଥିଲେ । ଗୋପାଳପୁର 'ବିଚ୍ ହାଉସ'ରେ ସାତଦିନ ଯାଏଁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ପ୍ରତିବର୍ଷ ପ୍ରାୟ କୋଡ଼ିଏ ହଜାର ଯାତ୍ରୀ ବର୍ମା ଯାଉଥିଲେ ଏବଂ ସମପରିମାଣରେ ଆସୁଥିଲେ । ପ୍ରତି ପନ୍ଦର ଦିନରେ ଥରେ ଗୋପାଳପୁରରୁ ବର୍ମାଙ୍କୁ ଜାହାଜ ଯାଉଥିଲା ଏବଂ ଆସୁଥିଲା । ବ୍ରିଟିଶ ଇଣ୍ଡିଆ ନେଭିଗେସନ କମ୍ପାନୀର 'ଚିଲିକା' ଏବଂ ସିନ୍ଧିଆ କମ୍ପାନୀର 'ଜଳଦୁର୍ଗା' ଦୁଇଟି ଜାହାଜ ରେଙ୍ଗୁନ-ଗୋପାଳପୁର ମଧ୍ୟରେ ଯାତାୟାତ କରୁଥିଲା । ଶଶିଭୂଷଣ ରଥ ସିନ୍ଧିଆ କମ୍ପାନୀର ଯାତ୍ରୀ ଏଜେଣ୍ଟ୍ ଥିଲେ । ଯାତ୍ରୀଭଡ଼ା ମାତ୍ର ବାରଟଙ୍କା ଥିଲା । ଜଳଦୁର୍ଗା ଜାହାଜରେ ଯାଉଥିବା ପ୍ରତି ଯାତ୍ରୀମାନଙ୍କ ଭଡ଼ାରୁ ଶଶିଭୂଷଣ ରଥ କମିଶନ ସ୍ୱରୂପ ସାତଅଣା ପାଉଥିଲେ । ଏହି କମିଶନ ଟଙ୍କାକୁ ସେ 'ଦୈନିକ ଆଶା' ଏବଂ 'ନ୍ୟୁ ଓଡ଼ିଶା' ପତ୍ରିକା ପ୍ରକାଶନରେ ଖର୍ଚ୍ଚ କରୁଥିଲେ । ବର୍ମା ଯିବାକୁ ପୂର୍ବରୁ ଅପେକ୍ଷାରତ ଯାତ୍ରୀ ଏବଂ ସେମାନଙ୍କୁ ବିଦାୟ ଦେବାକୁ ଦିନକ ପୂର୍ବରୁ ଆଖପାଖ ଅଞ୍ଚଳରୁ ଆସିଥିବା ହଜାର ହଜାର ଲୋକ ରଙ୍ଗେଇଲୁଣ୍ଡା ଠାରୁ ଗୋପାଳପୁର ପର୍ଯ୍ୟନ୍ତ ରୁଣ୍ଡ ହୋଇଥିଲେ । ଯାତ୍ରୀମାନଙ୍କ ତାଲିକା ସଂଗ୍ରହ ଏବଂ ଜାହାଜରେ ବସାଇବା ନିମନ୍ତେ ବନ୍ଦୋବସ୍ତ ପାଇଁ ଶଶିଭୂଷଣ ରଥ ଦାୟିତ୍ୱ ନେଇଥିଲେ । ଏତେ ସଂଖ୍ୟକ ଲୋକଙ୍କୁ ଦେଖି କମିଟି ବିସ୍ମୟ ପ୍ରକାଶ କରି ପଚାରିଲେ, ଏମାନେ ସବୁ କିଏ ? ଶଶିଭୂଷଣ କମିଟିକୁ ବୁଝାଇ କହିଲେ ଯେ ସେମାନେ ସାକ୍ଷ୍ୟ ପ୍ରଦାନ କରିବା ପାଇଁ ଆସିଛନ୍ତି । ସେମାନେ ବର୍ମାରେ ସତସଙ୍ଗ, ତ୍ରିନାଥ ମେଳା ଏବଂ ସନ୍ଧ୍ୟା ବେଳେ ପୁରାଣ ପଢିବା ପାଇଁ ସାଙ୍ଗରେ ନେଇ ଆସିଥିବା ମହାଭାରତ, ରାମାୟଣ, ନୃସିଂହ ପୁରାଣ, ତାଳପତ୍ର ପୋଥି, ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ କାବ୍ୟ କବିତା ଇତ୍ୟାଦି ଦେଖାଇଲେ । ପୋଥି ଆଣିଥିବା ଲୋକେ ସେସବୁକୁ ନିଜ ନିଜର ମୁଣ୍ଡରେ ଲଗାଉଥିଲେ ଏବଂ ଅନ୍ୟମାନଙ୍କୁ ଛୁଇଁବାକୁ ନଦେଇ କେବଳ ଦେଖାଉଥିଲେ । ଗୋପାଳପୁରରେ ସାକ୍ଷ୍ୟ ଗ୍ରହଣ ପରେ ଓ'ଡନେଲ କମିଟି ଚିକିଟି ଓ ଜୟପୁର ଯାଇଥିଲେ । ବର୍ମା ଓଡ଼ିଆଙ୍କ ସୁଖ ଦୁଃଖ କଥା ଜାଣିବା ପାଇଁ ଶଶିଭୂଷଣ ୧୯୩୪ ମସିହା ମାର୍ଚ୍ଚ ମାସ ୨୪ ତାରିଖରେ ବର୍ମା ଯାଇଥିଲେ । ୧୯୩୦ ମସିହା ଠାରୁ ଆରମ୍ଭ ହୋଇଥିବା ଭାରତୀୟମାନଙ୍କ ବିରୋଧୀଦଙ୍ଗା ପରେ ବ୍ରିଟିଶ ସରକାର ବର୍ମାକୁ ଭାରତ

ଠାରୁ ଅଲଗା କରିବା କଥା ଜାଣି ସେ ଏହାକୁ ତାଙ୍କ ଖବର କାଗଜରେ ପ୍ରକାଶ କରିଥିଲେ ।

## ମେଜର ଫ୍ରେଡେରିକ୍ ଜେମ୍ସ୍ ଭିଭିଆନ୍ ମିନ୍‌ଚିନ୍‌ଙ୍କ ବର୍ମା ସଂଯୋଗ

ଏଫ୍. ଜେ. ଭି. ମିନ୍‌ଚିନ୍ ସାହେବ ଆସିକା ଚିନିଶିଳ୍ପର ପ୍ରତିଷ୍ଠାତା ଥିଲେ ଓ ସେ ମାଡ୍ରାସ, ବର୍ମା, ଜାଭା, ବର୍ଣ୍ଣିଓ ସୁମାତ୍ରା ଏବଂ ଥାଇଲ୍ୟାଣ୍ଡକୁ ଚିନି ଏବଂ ମଦ ରପ୍ତାନି ପାଇଁ ଗୋପାଳପୁରରେ ବଡ଼ ବଡ଼ ଗୋଦାମ ନିର୍ମାଣ କରିଥିଲେ ଓ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ମଧ୍ୟ ଗୋପାଳପୁରରେ ବଡ଼ବଡ଼ ଗୋଦାମ ନିର୍ମାଣ କରିଥିଲା । ଜର୍ମାନ୍ ବଂଶୋଦ୍ଭବ ମେଜର ଫ୍ରେଡେରିକ୍ ଜେମ୍ସ୍ ଭିଭିଆନ୍ ମିନ୍‌ଚିନ୍ ଇଂଲଣ୍ଡରେ ଶିକ୍ଷାଲାଭ ପରେ ୧୮ ବର୍ଷ ବୟସରେ ବ୍ରିଟିଶ ସେନାବାହିନୀରେ ନିଯୁକ୍ତି ପାଇ ଭାରତ ଆସିଥିଲେ ଓ ପରବର୍ତ୍ତୀ ସମୟରେ ସେ ଶିଳ୍ପ ଓ କୃଷିଭିତ୍ତିକ ବ୍ୟବସାୟ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ୧୮୫୨ ମସିହାରେ ଆସିକା ଠାରେ ଚିନିଶିଳ୍ପ ପ୍ରତିଷ୍ଠା ହେଲା । ଏହା ଏସିଆର ପ୍ରଥମ ଚିନୀଶିଳ୍ପ ଥିଲା । ୧୮୭୮ ମସିହାରେ ପ୍ୟାରିସ ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ "ଚିନି ପ୍ରଦର୍ଶନୀରେ ଆସିକା ଚିନିକଳର ଉତ୍ପାଦିତ ଚିନି ପ୍ରଥମ ସ୍ଥାନ ଅଧିକାର କରିଥିଲା । ତେଣୁ ଏସିଆ ମହାଦେଶରେ ଚିନିଶିଳ୍ପର ଜନକ ପାଲଟିଗଲେ ମେଜର ମିନଚିନ୍ । 'ସୁନା' ନାମରେ ଜଣେ ସ୍ଥାନୀୟ ଓଡ଼ିଆ ଝିଅକୁ ବିବାହ କଲେ । ତାଙ୍କର ନିଜସ୍ୱ ବଙ୍ଗଳା ବର୍ତ୍ତମାନ ଆସିକାର ହରିହର ହାଇସ୍କୁଲ୍‌ରେ ପରିଣତ ହୋଇଛି । କାରଖାନାରେ ଚିନି ଉତ୍ପାଦନ ସହ ସ୍ପିରିଟ ମଧ୍ୟ ପ୍ରସ୍ତୁତ ହେଲା । ସ୍ପିରିଟରୁ ମଦ ପ୍ରସ୍ତୁତ ହୋଇ ଗୋପାଳପୁର ବନ୍ଦରରୁ ବିଦେଶକୁ ରପ୍ତାନି କରାଗଲା । ଏବେ ମଧ୍ୟ ଆସିକା-୪୦ ମଦ ପାଇଁ ଆସିକା ବିଖ୍ୟାତ । ମିନ୍‌ଚିନ୍ ସାହେବ ଖଲିକୋଟର ରାଜା ରାମକୃଷ୍ଣ ମର୍ଦ୍ଦରାଜଙ୍କ ଠାରୁ ରମ୍ଭା ପ୍ୟାଲେସ୍ କିଣିଥିଲେ ଓ ମର୍ଦ୍ଦରାଜ ଏହାକୁ ଥୋମାସ୍ ସ୍ନୋଡଗ୍ରାସ୍‌ଙ୍କ ଠାରୁ କ୍ରୟ କରିଥିଲେ । ପ୍ରଥମେ ସ୍ନୋଡଗ୍ରାସ୍ ୧୭୭୭ ମସିହାରେ ମାଡ୍ରାସ୍ ପ୍ରେସିଡେନ୍ସିରେ ଇଷ୍ଟ ଇଣ୍ଡିଆ କମ୍ପାନୀର କିରାଣୀ ଥିଲେ । ୧୭୯୧ ରୁ ୧୭୯୭ ପର୍ଯ୍ୟନ୍ତ ସେ ଗଞ୍ଜାମର କଲେକ୍ଟର ହୋଇଥିଲେ । ଏକ ବଡ଼ ମହଲ (ରମ୍ଭା ପ୍ୟାଲେସ୍ ନାମରେ ପରିଚିତ) ନିର୍ମାଣ କରିଥିଲେ । ସେହି ପ୍ୟାଲେସ୍ ରେ ଘୋଡା ଏବଂ ହାତୀମାନଙ୍କ ରହିବା ପାଇଁ ବ୍ୟବସ୍ଥା ଥିଲା ଓ ସେ ଚିଲିକାର ଘଣ୍ଟଶିଳା ପାହାଡ ନିକଟରେ ଥିବା ଜଳମଗ୍ନ ପଥର ପୃଷ୍ଠରେ ଏକ ଛୋଟ କୋଠରୀ ନିର୍ମାଣ କରିଥିଲେ, ଯାହାକି 'ବିକନ୍ ପଏଣ୍ଟ' ଏବଂ ବର୍ତ୍ତମାନ 'ବ୍ରେକଫାଷ୍ଟ ଆଇଲାଣ୍ଡ' ଭାବରେ ଜଣାଶୁଣା ଓ ଏହା ତାଙ୍କ କାର୍ଯ୍ୟାଳୟ ଥିଲା ଓ ତାଙ୍କର ଭୋଗବିଳାସରେ ଜୀବନ ଉପଭୋଗ କରିବା ଗୁଜବ ମାଡ୍ରାସର କମ୍ପାନୀର କାର୍ଯ୍ୟାଳୟରେ ପହଞ୍ଚିଲା ଓ ତାଙ୍କୁ ବଦଳାଇବା ପାଇଁ କମ୍ପାନୀରୁ ଶ୍ରୀ ବ୍ରାଉନଙ୍କୁ ଏକ ସରକାରୀ ଚିଠି ଦେଇ ପଠାଯାଇଥିଲା । ସ୍ନୋଡଗ୍ରାସ୍ ଏହି ଚିଠିକୁ ଅଣଦେଖା କରି ଶ୍ରୀ ବ୍ରାଉନ୍‌ଙ୍କୁ ଗୁଳିକରି ମାରିଦେବାକୁ ଧମକ ଦେଇଥିଲେ । ତା'ପରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ତାର ସୈନ୍ୟ ସହିତ ଶ୍ରୀ ବ୍ରାଉନଙ୍କୁ ପଠାଇଲା ଓ ସେତିକି ବେଳେ ରେଳ ଚଳାଚଳର ବ୍ୟବସ୍ଥା ନଥିଲା । ମାଡ୍ରାସ୍‌ରୁ ଜାହାଜରେ ଯିବା ଆସିବା ପାଇଁ ବହୁଦିନ ଲାଗୁଥିଲା । ଏହି ସମୟ ବ୍ୟବଧାନର ସୁଯୋଗ ନେଇ ସ୍ନୋଡଗ୍ରାସ୍ ଚିଲିକା ହ୍ରଦରେ ସମସ୍ତ ଟିକସ ରେକର୍ଡକୁ ବୁଡ଼ାଇ ଏହା ଏକ ଦୁର୍ଘଟଣା ବୋଲି କହିଲେ ଓ ରାଜସ୍ୱର ଭୁଲ ପରିଚାଳନା ପାଇଁ ତାଙ୍କୁ ତାଙ୍କ ପଦରୁ ହଟାଇ ଦିଆ ଯାଇଥିଲା ଓ ସ୍ନୋଡଗ୍ରାସ୍ ୧୮୦୪ ମସିହାରେ ଇଂଲଣ୍ଡକୁ ଫେରି ପେନ୍‌ସନ୍ ପାଇଁ ଆବେଦନ କରିଥିଲେ, କିନ୍ତୁ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ପେନ୍‌ସନ୍ ଦେବାକୁ ମନା କରିଦେଇଥିଲା । ପେନ୍‌ସନ୍ ବିନା ସେ ଦାରିଦ୍ର୍ୟ ଜୀବନ ଅତିବାହିତ କରି କୋର୍ଟରେ ମାମଲା ଦାୟର କରିଥିଲେ । ତା'ପରେ ସେ ଲଣ୍ଡନର ଇଷ୍ଟ୍ ଇଣ୍ଡିଆ କମ୍ପାନୀ ବିଲଡିଂ ସମ୍ମୁଖରେ ଷ୍ଟ୍ରିଟ୍ ସୁଇପର୍ ଭାବରେ ଝାଡୁ କରି ପ୍ରତିବାଦ ଜଣାଇଲେ ଓ ଶେଷରେ ତାଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଇଥିଲା । ସ୍ନୋଡଗ୍ରାସ୍ ଭାରତ ଛାଡିବା ପୂର୍ବରୁ ସେ ଖଲିକୋଟର ରାଜା ରାମକୃଷ୍ଣ ମର୍ଦ୍ଦରାଜଙ୍କୁ ମହଲ ବିକ୍ରି କରିଥିଲେ । ରାମକୃଷ୍ଣ ଏହାକୁ ମିନଚିନ୍ ଙ୍କୁ ବିକ୍ରି କଲେ ଓ ମିନଚିନ୍ ଜଉଗଡ ଠାରେ ଅଶୋକଙ୍କ ଶିଳାଲିପି ଆବିଷ୍କାର କରିଥିଲେ । ୧୮୫୮ ଏବଂ ୧୮୭୧ ମସିହାରେ ମିନଚିନଙ୍କ ଦ୍ୱାରା ନିଆ ଯାଇଥିବା ଫଟୋଗୁଡ଼ିକ ମେଜର ଜେନେରାଲ କନିଙ୍ଗହାମଙ୍କ ଦ୍ୱାରା 'କର୍ପସ ଇନସ୍କ୍ରିପସନ ଇଣ୍ଡିକାରମ୍'ରେ ପ୍ରକାଶିତ ହୋଇଥିଲା ଓ ଜଉଗଡ ନିକଟ 'ସମା' ନାମକ ଗାଁ ଏକଦା କଳିଙ୍ଗ ରାଜଧାନୀ ସାମପା ବୋଲି ଚିହ୍ନିତ ହୋଇଛି । ରମ୍ଭା ଠାରେ ମିନଚିନ୍ ପାଟଣା ନାମକ ଏକ ଗ୍ରାମ ଅଦ୍ୟାବଧି ଅଛି । ରମ୍ଭା ପ୍ରାସାଦରେ ୧୯୦୩ ମସିହାରେ ଓଡିଶା ଗଠନର ପ୍ରମୁଖ ସଙ୍ଗଠନ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରାଯାଇଥିଲା ଓ ଓଡିଶା ଗଠନ ଆନ୍ଦୋଳନ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ଖଲିକୋଟର ରାଜା ହରିହର ମର୍ଦ୍ଦରାଜ ଏବଂ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଆତିଥ୍ୟ ଗ୍ରହଣ କରି ଏହି ପ୍ରାସାଦରେ ମଧୁସୂଦନ ଦାସ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ, ରାଧନାଥ ରାୟ, ଶ୍ରୀ ନୀଳମଣି ବିଦ୍ୟାରତ୍ନ, ଫକୀର ମୋହନ ସେନାପତି, ନରସିଂହ ଦାସ, ସାର୍ ଜନ୍ ସାଇମନ୍, ସାର ଏବଂ ଲେଡି ୱିଲିଙ୍ଗଡନ୍, ମହାତ୍ମା ଗାନ୍ଧୀ, ଭଉଣୀ ମିରାବେନ୍, ବଳବନ୍ତ ରାୟ ମେହେଟ୍ଟା, ପଣ୍ଡିତ ଜୱାହରଲାଲ ନେହରୁ, ୟୁଏନ୍ ଧର, ଲାଲ ବାହାଦୂର ଶାସ୍ତ୍ରୀ , ଗୋବିନ୍ଦ ବଲ୍ଲଭ ପଂତ, ନବକୃଷ୍ଣ ଚୌଧୁରୀ, ଲର୍ଡ ୱେଭେଲ, ଓ'ଡନେଲ, ଶ୍ରୀ ଏ.ସି ଡଫ, ସାର୍ ଜନ, ଅଷ୍ଟିନ ହବାକ ଆଦି ଅତିଥି ଥିଲେ । ଏହାର ଏକ ଅଂଶ ବର୍ତ୍ତମାନ 'ରମ୍ଭା ପାନ୍ଥନିବାସ'ରେ ପରିଣତ ହୋଇଛି ଓ ୧୯୦୮ ମସିହାରେ ଗୋପାଳପୁରରେ ରହଣି ସମୟରେ ମିନ୍‌ଚିନ୍ ସାହେବଙ୍କ



ଦେହାନ୍ତ ହେଲା । ଆସିକା ଚିନିକଳର ଦାୟିତ୍ୱ ନେଲେ ପତ୍ନୀ ସୋନା ସାହେବାଣୀ । କିଛି ବର୍ଷ ଚିନିକଳ ଚାଲିବା ପରେ ବ୍ରହ୍ମପୁରର ପରମାନନ୍ଦ ସାହୁ ନାମକ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଚିନି କଳ ବିକ୍ରି କରାଗଲା । ୧୯୧୬ ମସିହାରେ ସୋନା ସାହେବାଣୀଙ୍କ ଦେହାନ୍ତ ହେଲା ।

## ଭିକ୍ଟର ମାଇକେଲ୍ ସୋରେନ୍ ଏବଂ ଗୋପାଳପୁର

ଭିକ୍ଟର ମାଇକେଲ୍ ସୋରେନ୍ ୨୯ ନଭେମ୍ବର ୧୯୨୧ ରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୪ ଜୁଲାଇ, ୨୦୦୫ ରେ ଗୋପାଳପୁରରେ ମୃତ୍ୟୁ ବରଣ କରିଥିଲେ । ତାଙ୍କ ମାତାଙ୍କ ନାମ ଫ୍ଲୋରେନ୍ସ ମାଉଡ୍ ଡିଲନ୍ ଏବଂ ପିତାଙ୍କ ନାମ ଆଲବର୍ଟ ଏଡୱାର୍ଡ ରେନାଲ୍ଡ୍ । ସୋରେନ ପରିବାରର ପୃଷ୍ଠପୋଷକତା ଏବଂ ତଦାରଖ ଅଧୀନରେ ବ୍ରିଟିଶ ଶାସନ ସମୟରେ ଗୋପାଳପୁରର ଭାଗ୍ୟ ବଦଳିଗଲା ଏବଂ ଏହା ଏକ ପ୍ରମୁଖ ବାଣିଜ୍ୟ ବନ୍ଦରରେ ପରିଣତ ହେଲା । ଗୋପାଳପୁର ଏକ ପ୍ରତିଷ୍ଠିତ ତଥା ସମୃଦ୍ଧ ମତ୍ସ୍ୟଶିଳ୍ପ ପାଇଁ ସୁନାମ ଅର୍ଜନ କଲା । ସୋରେନ ପରିବାର ମଧ ଗୋପାଳପୁର ବନ୍ଦରରୁ ଚାଉଳ ରପ୍ତାନି ପାଇଁ ବର୍ମା ସହିତ ଏକ ବାଣିଜ୍ୟ ମାର୍ଗ ପ୍ରତିଷ୍ଠା କରିଥିଲେ । ଗୋପାଳପୁର ଏକ ପ୍ରାଚୀନ ସମୁଦ୍ର ବନ୍ଦର ଥିଲା ।

## ଓଡ଼ିଶାର ଗର୍ବ ତିନି ରେଙ୍ଗୁନ ଫେରନ୍ତା ମହିୟସୀ ମହିଳା: କୁନ୍ତଳା କୁମାରୀ ସାବତ, ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଏବଂ ଭାନୁମତି ଦେବୀ








ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜନ୍ମ ୮ ଫେବୃଆରୀ ୧୯୦୧ ମସିହାରେ ଦେଶୀୟ ରାଜ୍ୟ ବସ୍ତରର ଓଡ଼ିଆଭାଷୀ ଅଞ୍ଚଳରେ ହୋଇଥିଲା । କୁନ୍ତଳା କୁମାରୀ ସାବତଙ୍କ ପିତା ଦାନିଏଲ୍ ଓ ମାତା ମନିକା ସାବତ । ସେ ପରେ ସ୍ୱାମୀଙ୍କ ସାଙ୍ଗିଆ ସାବତ ବ୍ୟବହାର କଲେ । ଦାନିଏଲ୍ ଜଗଦଲପୁରରେ ପ୍ରଥମେ ଅବସ୍ଥାପିତ ଥିଲେ । ୧୯୦୧ ମସିହା ଫେବୃଆରୀ ମାସ ୮ ତାରିଖରେ କୁନ୍ତଳା କୁମାରୀ ଜନ୍ମ ଗ୍ରହଣ କରିଥିଲେ । କୁନ୍ତଳା କୁମାରୀଙ୍କୁ ବର୍ଷେ ନ ପୂରୁଣୁ ଦାନିଏଲଙ୍କର ବର୍ମାକୁ ବଦଳି ହେଲା । ତାଙ୍କ ପିତା ଦାନିଏଲ୍ ସାବତ ଜଣେ ଡାକ୍ତର ହିସାବରେ ବ୍ରହ୍ମଦେଶରେ ରହୁଥିଲେ । କୁନ୍ତଳା କୁମାରୀଙ୍କୁ ଚଉଦ ବର୍ଷ ହେବା ପର୍ଯ୍ୟନ୍ତ ସେ ବର୍ମାରେ ରହିଥିଲେ । ଏହି ସମୟରେ ତାଙ୍କ ପରିବାରରେ ଗୋଟିଏ ଦୁଃଖଦଃ ଘଟଣା ଘଟିଲା । ସେଠାରେ ରହୁଥିବା ତାଙ୍କ ମାତା ମନିକାଙ୍କ ସାନ ଭଉଣୀ ସହିତ ପିତା ଡାନିଏଲଙ୍କର ପ୍ରେମ ସମ୍ପର୍କ ଗଢି ଉଠିବା କାରଣରୁ ସେ ଦୁହେଁ ବିବାହ କଲେ । ସ୍ୱାମୀ ଓ ଭଉଣୀଙ୍କ ସୁଖରେ କଣ୍ଟା ନ ହୋଇ ତାଙ୍କର ତିନି ଝିଅ ଓ ଦୁଇ ପୁଅଙ୍କୁ ଧରି ମନିକା ଖୋର୍ଦ୍ଧା ଚାଲି ଆସିଲେ । କୁନ୍ତଳା ଏକାଧାରରେ ଡାକ୍ତର, ଲେଖିକା, କବୟିତ୍ରୀ, ଜାତୀୟ ଆନ୍ଦୋଳନର ପୁରୋଧା ଓ ସମାଜସେବୀ ଥିଲେ । କୁନ୍ତଳା କୁମାରୀ ସାବତଙ୍କ 'ତାରା ପ୍ରତି' 'ଶେଫାଳି ପ୍ରତି', 'କମଳ ପ୍ରତି' ଓ ପୂଜା କବିତା 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ ହେଲା । ତାଙ୍କ ଅନ୍ୟ କବିତା ମଧ୍ୟରେ ଅଞ୍ଜଳି, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମ ଚିନ୍ତାମଣି, ଗଡ଼ଜାତ କୃଷକ, କୋଟି କୋଟି କଣ୍ଠେ ଆଜି, ଅବହେଳିତ ଦେଶ, ପୂଜା, ଅଭିଶପ୍ତର ଅଭିମାନ,ବନଫୁଲ ଉଦ୍ୟାନ କୁସୁମ ଆଦି । କୁନ୍ତଳା କୁମାରୀ ସାବତ ଥିଲେ ଭ୍ରାନ୍ତି, ନଅତୁଣ୍ଡୀ, ପରଶମଣି, ରଘୁ ଅରକ୍ଷିତ ଆଦି ଅନେକ ଉପନ୍ୟାସର ସ୍ରଷ୍ଟା । ସେ ମହାବୀର, ଜୀବନ ଓ ନାରୀ ଭାରତୀ ଭଳି ହିନ୍ଦି ପତ୍ରିକାମାନଙ୍କର ସମ୍ପାଦନା କରୁଥିଲେ । କୁନ୍ତଳାଙ୍କୁ ୧୯୨୫ ମସିହାରେ ପୁରୀର ମହିଳା ବନ୍ଧୁ ସମିତି ଦ୍ୱାରା 'ଉତ୍କଳ ଭାରତୀ' ଉପାଧୀରେ ସମ୍ମାନିତ କରାଯାଇଥିଲା । ଏହା ପରେ ୧୯୩୦ରେ ସେ ଅଲ୍ ଇଣ୍ଡିଆ ଆର୍ଯ୍ୟନ ୟୁଥ୍ ଲିଗ୍‌ର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସେ ୨୩ ଅଗଷ୍ଟ ୧୯୩୮ ମସିହାରେ ମାତ୍ର ୩୭ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିଲେ ।

ଅନ୍ୟଜଣେ ମହାନ ଓଡ଼ିଆ ମହିୟସୀ ମହିଳା ରେଙ୍ଗୁନ୍‌ରେ ଜନ୍ମ ହୋଇଥିବା ଲକ୍ଷ୍ମୀ ଇନ୍ଦିରା ପଣ୍ଡା ମାତ୍ର ୧୪ ବର୍ଷ ବୟସରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭାରତୀୟ ଜାତୀୟ ସେନା (INA)ରେ ଯୋଗ ଦେଇଥିଲେ । କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହଗଲଙ୍କ ଅଧୀନରେ ଥିବା ରାଣୀ ଝାନ୍‌ସୀ ରେଜିମେଣ୍ଟରେ ପ୍ରବେଶ ପାଇଁ ସୁଭାଷ ଚନ୍ଦ୍ର ବୋଷ ତାଙ୍କୁ ଅନୁମତି ଦେବା ପରେ ତାଙ୍କୁ ପ୍ରଥମେ ଗୁହରକ୍ଷୀ ଏବଂ ପରେ ରୋଷେଇ ଦାୟିତ୍ୱ ଦିଆଯାଇଥିଲା । ଲକ୍ଷ୍ମୀ ଖୁବ୍ ଶୀଘ୍ର ନିଜର ଚମତ୍କାର ଦେଶପ୍ରେମ ପ୍ରମାଣ କରି ଶିବିରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ହୃଦୟ ଜିତିଥିଲେ । ଏହା ପରେ ତାଙ୍କୁ ଖଣ୍ଡା , ଗୁଳି ଏବଂ ଗୁପ୍ତଚର କାର୍ଯ୍ୟରେ ତାଲିମ ଦିଆ ଯାଇଥିଲା । ବର୍ମା ଭାଷାରେ ଭଲ ଭାବେ ପରିଚିତ ହୋଇ ଲକ୍ଷ୍ମୀ ପଣ୍ଡା ଗୁପ୍ତଚର ତଥ୍ୟ ସଂଗ୍ରହ ପାଇଁ ଅନେକ ସମୟରେ ନିୟୋଜିତ ହେଉଥିଲେ । ବର୍ମା ଠାରେ ଛଅ ମାସର ଅସ୍ତ୍ରଶସ୍ତ୍ର ତାଲିମ ପରେ ଭାରତ-ବର୍ମା ସୀମାରେ ଯୁଦ୍ଧକ୍ଷେତ୍ରକୁ ପଠା ଯାଇଥିଲା ।

ଭାନୁମତୀ ଦେବୀ ୧୯୩୪ ମସିହାରେ ଗଞ୍ଜାମ ଜିଲ୍ଲା ଆସିକାର ସାରଥି ପଟ୍ଟନାୟକ ଓ ମାତା ପାଟଦେଇଙ୍କ ଔରସରୁ ବର୍ମାରେ ଜନ୍ମଗ୍ରହଣ କରିଥିଲେ । ୧୯୪୨ ମସିହାରେ ଭାନୁମତୀଙ୍କୁ ଯେତେବେଳେ ସାତ ବର୍ଷ ହୋଇଥିଲା, ଦ୍ୱିତୀୟ ବିଶ୍ୱ ଯୁଦ୍ଧର ସେହି ଭୟାବହ ଦୁର୍ଦ୍ଦିନରେ ସେମାନଙ୍କ ପରିବାର ସହିତ ପୁରୀକୁ ଆସିଥିଲେ । ସେ ମଞ୍ଚଶ୍ରୀ ସତ୍ୟନାରାୟଣ ପଣ୍ଡାଙ୍କ ଠାରୁ ଶାସ୍ତ୍ରୀୟ ଗୀତ ଓ ନୃତ୍ୟ ଶିକ୍ଷା କରିଥିଲେ । ଓଡ଼ିଆ କଥାଚିତ୍ରରେ ଅଭିନୟ କରିବା ପୂର୍ବରୁ ଭାନୁମତୀ ଉଭୟ ଅନ୍ନପୂର୍ଣ୍ଣା ଥିଏଟର 'ଏ' ଓ 'ବି' ଗ୍ରୁପ୍‌ରେ ୧୫୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିଥିଲେ । ୧୯୫୩ ମସିହାରେ ୧୯ବର୍ଷ ବୟସରେ ସେ ପ୍ରଥମେ 'ଆମରି ଗାଁ ଝିଅ' ଓଡ଼ିଆ କଥାଚିତ୍ରରେ ଅଭିନୟ କରିଥିଲେ । ୧୯୮୭ ମସିହାରେ ମୁକ୍ତିଲାଭ କରିଥିବା 'ଜୟଦେବ' ଥିଲା ତାଙ୍କର ଶେଷ କଥାଚିତ୍ର । ୧୯୬୬ ଓଡିଆ ଚଳଚ୍ଚିତ୍ର ମାଟିର ମଣିଷରେ ଅଭିନୟ ପାଇଁ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ । ତାଙ୍କର ଶେଷ ଚଳଚ୍ଚିତ୍ର ଥିଲା ଜୟଦେବ, ଯାହା ୧୯୮୬ ରେ ମୁକ୍ତିଲାଭ କରିଥିଲା । ୧୯୮୫ରେ ତାଙ୍କୁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରା ଯାଇଥିଲା । ୨୦୦୫ ମସିହାରେ ଜୟଦେବ ପୁରସ୍କାର ପ୍ରଦାନ କରା ଯାଇଥିଲା । ୨୦୧୩ ମସିହା ଜାନୁଆରୀ ୪ତାରିଖ ଦିନ, ୭୮ ବର୍ଷ ବୟସରେ ପୁରୀ ଠାରେ ତାଙ୍କର ମୃତ୍ୟୁ ହୋଇଥିଲା ।

## ଜେଜେ ବାପାଙ୍କ ଠାରୁ ଶୁଣିଥିବା କାହାଣୀ

ଆମ ଗ୍ରାମର ପ୍ରାୟ ଅଧିକାଂଶ ପରିବାରର ଜଣେ / ଦି'ଜଣ ବର୍ମା ଯାଇଥିଲେ । ମୋ ଜେଜେବାପା ଏବଂ ହିଞ୍ଜିଳିକାଟୁ ନୂଆଗଡ଼ର ମୋ ଅଜା ମୋଚିରାମ ସ୍ୱାଇଁ, ମୋର ପଡ଼ୋଶୀ ଜେଜେବାପା ରଘୁନାଥ ବିଷୋୟୀ ଏବଂ ଟୁଙ୍ଗୁରୁ ବିଷୋୟୀ ଯେଉଁମାନେ ବର୍ମା ଯାଇଥିଲେ ଏବଂ ପାଦରେ ଚାଲିଚାଲି ଆସିଥିଲେ ସେମାନଙ୍କ ଠାରୁ ବର୍ମା ସମ୍ପର୍କରେ ଅନେକ ରୋମାଞ୍ଚକର କାହାଣୀ



Ambruta™
Pyaas Zaroori Hai
WATER WITH ADDED MINERALS
PYASS
ZAROORI HAI
100%
Trust
Ambruta
Call Us Tollfree
1800 123 6373
/AmbrutaWater

ଶୁଣିଥିଲି । ସେମାନେ ସମସ୍ତେ ୨୦୦୮ ପର୍ଯ୍ୟନ୍ତ ଜୀବିତ ଥିଲେ ଓ ସେମାନେ ଯେତେବେଳେ ପରସ୍ପର ପାନଦୋକାନ କିମ୍ବା ପୋଖରୀ ତୁଠରେ ଦେଖା ସାକ୍ଷାତ ହେଉଥିଲେ ପରସ୍ପର ବର୍ମା ଭାଷାରେ କଥା ହୋଇ ଥଟ୍ଟାମଜା କରୁଥିଲେ । ସେମାନେ ପ୍ରାୟ ଚଲା ବାଟରେ ଆସିଥିବା ଘଟଣାକୁ ଚଲାଗି ବାଟ ବୋଲି କହୁଥିଲେ ଓ ଭାରତ ବିଭାଜନ ପରେ ପଞ୍ଜାବରେ ଯେମିତି ଘରେ ଘରେ ଗୋଟିଏ ଗୋଟିଏ ରୋମାଞ୍ଚକର କାହାଣୀ ଶୁଣିବାକୁ ମିଳେ, ସେହିଭଳି ବର୍ମା ଓଡ଼ିଆଙ୍କ ସମ୍ପର୍କରେ ଗଞ୍ଜାମର ପ୍ରତ୍ୟକ ପରିବାରରେ ଅନେକ ରୋମାଞ୍ଚକର କାହାଣୀ ଶୁଣିବାକୁ ମିଳେ ।



ବାଟରେ ଆସିଲା ବେଳେ ପ୍ରାୟ ସମସ୍ତେ ଗୋଟିଏ ଗ୍ରାମ କିମ୍ବା ଆଖପାଖ ଗ୍ରାମର ଲୋକେ ମେଳି ହୋଇ ଆସୁଥିଲେ ଓ କେହି ଯଦି ହଇଜା ବା ଅନ୍ୟ କାରଣରୁ ମରିଯିବାର ସମ୍ଭାବନା ଥିଲା ସେହି ବ୍ୟକ୍ତିର କରୁଣ ନିବେଦନ ସତ୍ତ୍ୱେ ଅନ୍ୟମାନେ ନିର୍ଦ୍ଦୟ ଭାବେ ତାକୁ ଛାଡ଼ି ଚାଲି ଆସୁଥିଲେ ଓ ତାର ବିକଳ ଚିତ୍କାର –"ଭାଇ ମୋତେ ବଂଚାଇ ଦିଅ"... "ମୋତେ ଛାଡ଼ି କରି ଚାଲି ଯାଅନି".. ଏଭଳି ନିବେଦନର ମାନବିକ ମୂଲ୍ୟ ଅନ୍ୟମାନଙ୍କ ପାଖରେ କିଛି ନଥିଲା । ଯଦିଓ ସହ ଯାତ୍ରୀଟି ଜାଣିଥିଲା ଯେ ମରିଯିବାକୁ ଥିବା ସମ୍ପର୍କୀୟ ଲୋକ ପାଖରେ କିଛି ସୁନାରୂପା କିମ୍ବା ଟଙ୍କା ଅଛି, ତାହାକୁ ସାହାଯ୍ୟ କରିବା ବାହାନାରେ ସେ ତା' ପାଖରେ ରହି ଯାଉଥିଲା ଏବଂ ପରବର୍ତ୍ତୀ ପଥଚାରୀଙ୍କ ସହିତ ଯିବାର ବାହାନା କରି ସେ ତା'ର ସମସ୍ତ ଧନ ସମ୍ପତ୍ତି ନେଇ ଆସୁଥିଲା । ଏଭଳି ଘଟଣା ଆମ୍ଭ ଗ୍ରାମର କିଛି ବ୍ୟକ୍ତିଙ୍କ ସହ ହୋଇଥିବାର ଉଦାହରଣ ଦେଇ ବାପା ଗ୍ରାମର କେତେକ ବ୍ୟକ୍ତିଙ୍କ ନାଁ କହିଥିଲେ, ଯେଉଁମାନେ ମୃତବ୍ୟକ୍ତିଙ୍କ ଠାରୁ ଧନ ଆଣି ଗ୍ରାମରେ ଧନସମ୍ପତ୍ତି ଓ ଜମିବାଡ଼ି କରିଥିଲେ । କିନ୍ତୁ ସେ କଥା କାହାରିକୁ ନକହିବା ପାଇଁ ସେ ମୋତେ ତାଗିଦ୍ କରିଥିଲେ ।

ଅନ୍ୟ ଗୋଟିଏ ଘଟଣାରେ ଜେଜେ ବାପା ଓ ଅଜାଙ୍କ ସହିତ ପ୍ରାୟ ଚାଳିଶି ଜଣ ବ୍ୟକ୍ତି ଏକତ୍ର ଭାରତର ମଣିପୁର କିମ୍ବା ନାଗାଲାଣ୍ଡ ଜଙ୍ଗଲରେ ଆସୁଥିବା ସମୟରେ ମୁଣ୍ଡ ଶିକାରୀ (ହେଡ ହଣ୍ଟର)ଙ୍କ କବଳରେ ପଡ଼ିଥିଲେ । ମାରିବା ନହଲେ ମରିବା ନୀତିରେ ସେମାନେ ମୁଣ୍ଡ ଶିକାରୀ ମୁଖିଆଙ୍କୁ ମାରି ଜୀବନ ବଞ୍ଚାଇ ଆସିଥିଲେ । ମୁଖିଆଙ୍କ ମୃତ୍ୟୁ ପରେ ଆକ୍ରମଣକାରୀ ଦଳ କିଏ କେଉଁଆଡେ ଜଙ୍ଗଲରେ ଲୁଚି ଯାଇଥିଲେ । ଏହି ଯୁଦ୍ଧର ନେତୃତ୍ୱ ନେଇଥିଲେ ମୋ ମାମୁଁ ଘର ଗାଁ କିମ୍ବା ଆଖପାଖର କୌଣସି ଗ୍ରାମର ରାଜବଲ୍ଲଭ ଗୌଡ଼ ।

ଅନେକ ଲୋକେ ପର ସ୍ତ୍ରୀମାନଙ୍କୁ ଲୋଭ ଦେଖାଇ ସେଠାକୁ ନେଇ ଛାଡି ଆସିଥିବା ଘଟଣା ବି ଘଟିଥିଲା ଓ କେତେକ ଅବୈଧ ସନ୍ତାନ ବର୍ମାରୁ ଫେରିଲା ପରେ ଗଞ୍ଜାମର ବିଭିନ୍ନ ସହରରେ ବାଣିଜ୍ୟ ବ୍ୟବସାୟ ଆରମ୍ଭ କରିଥିଲେ । ସହରର ସମସ୍ତେ ତାକୁ ରେଙ୍ଗୁନ୍‌ର ବେଶ୍ୟାପୁଅ ବୋଲି ଡାକୁଥିଲେ । ସେତେବେଳେ ଏଭଳି ଚିତ୍ର ଗଞ୍ଜାମର ପ୍ରତ୍ୟେକ ସହରାଞ୍ଚଳରେ ଦେଖିବାକୁ ମିଳୁଥିଲା ।

ଯେଉଁ ଏଜେଣ୍ଟ ମାନେ ବର୍ମା ନେବାକୁ ଯୁବକମାନଙ୍କୁ ପ୍ରଲୋଭନ ଦେଖାଇ ଗ୍ରାମେ ଗ୍ରାମେ ବୁଲୁଥିଲେ, ସେମାନଙ୍କୁ ମିସ୍ତିରୀ କୁହାଯାଉଥିଲା । ମିସ୍ତିରୀମାନେ ବିଭିନ୍ନ ଲୋଭ ଦେଖାଇ ସେମାନଙ୍କୁ ପ୍ରଲୋଭିତ କରୁଥିଲେ । ସେଠାରେ ଗୋଟିଏ କଦଳୀ ଗଛ କାଟିଲେ ୧୦୦ ଟଙ୍କା ମିଳିବ ଏବଂ ସେଠାକୁ ଗଲେ ତୁମେ ଯେତେ ଧନ ଉପାର୍ଜନ କରିବା ସେକଥା କଳ୍ପନାର ବାହାରେ ବୋଲି କହୁଥିଲେ । ଘଷି ଗୋଟାଇଲା ପରି ଟଙ୍କା ଉପାର୍ଜନ କରିବ ଏବଂ ନିଜ ସ୍ତ୍ରୀ ପାଇଁ ବାଡିଆ ନୋଳି (ସୁନାହାର )ଆଣିବ ବୋଲି ପ୍ରଲୋଭିତ କରୁଥିଲେ । ସେଠାକୁ ଗଲା ପରେ ସମସ୍ତଙ୍କ ମନକୁ ଆସୁଥିଲା ଏବଂ ସେମାନେ କୁହାକୁହି ହେଉଥିଲେ –'ନଥିଲେ ବ୍ରହ୍ମଦେଶ, ଲୋକ କରନ୍ତେ କିସ' ?

ଦଲାଲ ମାନେ ମହିଳାମାନଙ୍କୁ ମଧ୍ୟ ଲୋଭ ଦେଖାଇ ସେଠାକୁ ନେଇ ବେଶ୍ୟା ବୃତ୍ତିରେ ଲଗାଉଥିଲେ । ମିସ୍ତିରୀମାନେ ବୋଇତ ଖର୍ଚ୍ଚ ବହନ କରିବା ସହ ପରିବାରକୁ କିଛି ଅଗ୍ରୀମ ଧନ ଦେଉଥିଲେ ଓ ବର୍ମାକୁ ଯିବା ପାଇଁ ଅନୁକୂଳ/ ପ୍ରତିକୂଳ ପାଗ ଅନୁସାରେ ପାଞ୍ଚରୁ ସତ ଦିନ ଲାଗୁଥିଲା ଓ ଗୋପାଳପୁରରେ ପହଞ୍ଚିଲା ପରେ ଜାହାଜ ଦୁଇରୁ ପାଞ୍ଚ କିଲୋମିଟର ଗଭୀର ଜଳରେ ରହୁଥିଲା ଓ ଛୋଟ ଛୋଟ ହୁଳି ଡ଼ଙ୍ଗାରେ ନୋଳିଆ ମାନେ ସେମାନଙ୍କୁ ଜାହାଜ ପାଖକୁ ନେଉଥିଲେ ଓ ଉଚ୍ଚ ଲହଡ଼ିକୁ ଦେଖି କେହି କେହି କାନ୍ଦୁଥିଲେ, ରଡି ଛାଡି କହୁଥିଲେ ମୁଁ ମରିଯିବି ...କାହିଁକି ଆସିଲି ? ପ୍ରାୟ ସମସ୍ତେ ସାତ ଦିନ ପାଇଁ ଚୁଡ଼ା, ପଇଡ଼ ନିଜ ପାଖରେ ରଖୁଥିଲେ । କେହି କେହି ଭଗବାନଙ୍କ ନାମରେ ଶୁଭ ଯାତ୍ରା ପାଇଁ ସମୁଦ୍ରକୁ ନଡ଼ିଆ, କଦଳୀ, ଫିଙ୍ଗି ହରିବୋଲ ଡାକ ଦେଉଥିଲେ ଓ ବାନ୍ତିରୁ ମୁକ୍ତି ପାଇଁ ସମସ୍ତଙ୍କ ପାଖରେ ଶୁଙ୍ଘିବା ନିମନ୍ତେ ଲେମ୍ବୁ କମଳା ରଖୁଥିଲେ । ବର୍ମାରେ ପହଁଚିଲା ପରେ ମିସ୍ତିରୀର ନିର୍ଦ୍ଦେଶ କ୍ରମେ କିଏ ମାଣ୍ଡାଲେ ଯାଉଥିଲା ତ କିଏ ରେଙ୍ଗୁନରେ ରହୁଥିଲା ।

ପାଦରେ ଚାଲିଚାଲି ଆସି ଯେତେବେଳେ ବର୍ମା ଫେରନ୍ତାଙ୍କ ପ୍ରଥମଦଳ ବ୍ରହ୍ମପୁରରେ ପହଁଚିଲେ ସେକଥା ଜିଲ୍ଲାରେ ବିଜୁଳି ବେଗରେ ପ୍ରଚାର ହୋଇଥିଲା । ସେଇଦିନ ଠାରୁ ବ୍ରହ୍ମପୁର ରେଳଷ୍ଟେସନରେ ସମ୍ପର୍କୀୟଙ୍କ ଭିଡ଼ ଆରମ୍ଭ ହୋଇଗଲା । ମୋ ଅଜା ଓ ଜେଜେବାପା ଆସିବା ଦିନ ପର୍ଯ୍ୟନ୍ତ ମୋ ଜେଜେମାଆ ହିଞ୍ଜିଳିକାଟୁରୁ ବ୍ରହ୍ମପୁର ପର୍ଯ୍ୟନ୍ତ ପ୍ରାୟ ୧୮ କିଲୋମିଟର ପ୍ରତିଦିନ ସକାଳୁ ଆସି ଅପେକ୍ଷା କରି ସନ୍ଧ୍ୟା ସୁଦ୍ଧା ଫେରି ଯାଉଥିବା କଥା ଶୁଣିଚି । ଜେଜେଙ୍କ କାହାଣୀ ମୋ ପାଇଁ ପ୍ରାତଃ ସ୍ମରଣୀୟ ଏବଂ ଜୀବନସାରା ଅବିସ୍ମରଣୀୟ ।




# ଶ୍ରୀ ବଳଦେବ ଜୀଉଙ୍କ ରସାବଳି


# କେନ୍ଦ୍ରାପଡାର ଶ୍ରୀବଳଦେବ ଜୀଉ ଓ ତାଙ୍କର ରସାବଳି

**ନାରାୟଣ ରାଉତରାୟ**
ଉପୁଳାଇ, ନଗୁଆଁ, ଯାଜପୁର ରୋଡ୍, ଯାଜପୁର
ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ



**କେନ୍ଦ୍ରାପଡ଼ା କଥା ଉଠିଲେ ଆଗ ମନକୁ ଆସନ୍ତି ଶ୍ରୀ ଶ୍ରୀ ବଳଦେବ ଜୀଉ ଏବଂ ତାପରକୁ ରସାବଳି । କେନ୍ଦ୍ରାପଡ଼ାର ଜନଜୀବନ ସହିତ ଜଡ଼ିତ ଏଇ ପ୍ରସିଦ୍ଧ ମିଷ୍ଟାନ୍ନଟି ବଳଦେବ ଜୀଇଙ୍କ ଠାରେ ଭୋଗ ଲାଗି କରାଯିବା ସହିତ ଏହା ସମସ୍ତଙ୍କର ପ୍ରିୟ ଏକ ମିଠା ସାମଗ୍ରୀ । ଏବେ ରସାବଳି ଚର୍ଚ୍ଚାରେ ଅଛି କାରଣ ତାକୁ ମିଳିଛି ଜିଆଇ ଟ୍ୟାଗ୍ । ଏହା ଆମ ପାଇଁ ଆନନ୍ଦର କଥା । ରସାବଳି ସମ୍ପର୍କିତ ଏ ଆଲେଖଟି ବର୍ଷେ ତଳୁ ପ୍ରସ୍ତୁତ ହୋଇଥିଲେ ହେଁ ପ୍ରାସଙ୍ଗିକତା ଦୃଷ୍ଟିରୁ ଏବେ ପାଠକମାନଙ୍କ ପାଇଁ ବାଢି ଦେଉଛୁ ।**



▲ ଲେଖକ ନାରାୟଣ ରାଉତରାୟ

ମାସିକ ପାରିବାରିକ ପତ୍ରିକା 'ରେବତୀ'ରେ ଭିନ୍ନଭିନ୍ନ ସମୟରେ ଢେଙ୍କାନାଳ ବରା, ନିମାପଡା ଛେନା ଝିଲ୍ଲି, ନୟାଗଡର ଛେନାପୋଡ, ପାହାଳର ରସଗୋଲା, ଭଦ୍ରକର ପାଳୁଅ ଲଡ୍ଡୁ, ପୁରୀର ଫେଣୀଗଜା ସଂପର୍କରେ ଆଲେଖମାନ ପ୍ରକାଶ ପାଇବା ପରେ, ବହୁ ପାଠକପାଠିକା କେନ୍ଦ୍ରାପଡାର ରସାବଳି ଓ ଅନ୍ୟାନ୍ୟ ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ଖାଦ୍ୟ ସାମଗ୍ରୀ ଉପରେ ଆଲେଖ୍ୟ ଦେବା ପାଇଁ ଅନୁରୋଧ କରିଥିଲେ । ସେହି ଅନୁରୋଧକୁ ପାଥେୟ କରି ଏହି ମାସର ଆଲେଖ୍ୟ କେନ୍ଦ୍ରାପଡାର ପ୍ରସିଦ୍ଧ ରସାବଳି । ରସାବଳିର ପ୍ରସ୍ତୁତି ଆରମ୍ଭ ହୋଇଥିଲା ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ଠାରେ ନୈବେଦ୍ୟ ରୂପେ ଲାଗି କରାଯିବା ପାଇଁ । ତେଣୁ କେନ୍ଦ୍ରାପଡାର ରସାବଳୀ ବାବଦରେ ବର୍ଣ୍ଣନା କରିବା ପୂର୍ବରୁ ଏହି ସୁପ୍ରସିଦ୍ଧ ରସାବଳୀ ଯାହାଙ୍କର ଅତି ପ୍ରିୟ ଭୋଗ,ସେହି ମହାପ୍ରଭୁ ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ସମ୍ବନ୍ଧରେ କିଛି ଉଲ୍ଲେଖ ନକଲେ ମୋ ମତରେ ଆଲେଖ୍ୟଟି ଅଧୁରା ରହିଯିବ ।

## ଶ୍ରୀଶ୍ରୀ ବଳଦେବ ଜୀଉ

ସାତ ନଦୀ, ସତର ଉପନଦୀ, ଅଜସ୍ର ଜଳଧାରାରେ ମେଖଳିତ ସୁଜଳା ସୁଫଳା ଶସ୍ୟ ଶ୍ୟାମଳା କେନ୍ଦ୍ରାପଡା ଜିଲ୍ଲାର ପବିତ୍ର ତୁଳସୀ କ୍ଷେତ୍ର ବା ଗୁପ୍ତ କ୍ଷେତ୍ରରେ ପୂଜା ପାଉଥିବା କେନ୍ଦ୍ରାପଡାବାସୀଙ୍କ ପ୍ରାତଃ ସ୍ମରଣୀୟ ପରମ ଆରାଧ୍ୟ ରୋହିଣୀ ନନ୍ଦନ ଶ୍ରୀଶ୍ରୀବଳଦେବ ଜୀଉଙ୍କ ସ୍ଥାପନା, ମନ୍ଦିର ନିର୍ମାଣ ଏବଂ ପୂଜାର୍ଚ୍ଚନା ବିଷୟରେ ଏପରିକି ତାଙ୍କର ଅତି ପ୍ରିୟ ନୈବେଦ୍ୟ ରସାବଳି ସମ୍ବନ୍ଧରେ କୌଣସି ଠାରେ କିଛି ଲିପିବଦ୍ଧ ହୋଇ ରହିନାହିଁ । କିନ୍ତୁ ବିଭିନ୍ନ ପୁରାଣଶାସ୍ତ୍ର ମାନଙ୍କରେ ଶ୍ରୀବଳଦେବ ଜୀଉଙ୍କ ବିଜେସ୍ଥଳୀ ତୁଳସୀ କ୍ଷେତ୍ରକୁ ଗୁପ୍ତକ୍ଷେତ୍ର, ବ୍ରହ୍ମକ୍ଷତ୍ର, ଗୁପ୍ତ ବୃନ୍ଦାବନ ଇତ୍ୟାଦି ନାମରେ ବର୍ଣ୍ଣନା କରାଯାଇଛି । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠଭ୍ରାତା ବା ତାଉ ବଳରାମ ମହାଭାରତ ଯୁଦ୍ଧ ପ୍ରତି ବିମୁଖ ହୋଇ ନୈମିଶାରଣ୍ୟକୁ ଚାଲି ଯାଇଥିଲେ । ସେହି ଅରଣ୍ୟରେ ଅବସ୍ଥାନ ସମୟରେ ଯୋଗ ସାଧନା କରୁଥିବା ମୁନିଋଷିଙ୍କ ଠାରୁ ମହାଦାନବ କନ୍ଦରାସୁରର ଅତ୍ୟାଚାର ବିଷୟରେ ଜାଣିବାକୁ ପାଇଥିଲେ । ଅତ୍ୟାଚାରୀ ଦାନବ କନ୍ଦରାସୁରର ଅତ୍ୟାଚାରରୁ ମୁନିଋଷି ମାନଙ୍କୁ ରକ୍ଷା କରିବା ନିମନ୍ତେ ଲଳିତ ଗିରିକୁ ଆଗମନ କରିଥିଲେ । ନିଜ ଆୟୁଧ ହଳମୂଷଳ ଦ୍ୱାରା କନ୍ଦରାସୁରକୁ ବଧ କରି ଉକ୍ତ ସ୍ଥାନକୁ କେନ୍ଦ୍ରାପଡା ନାମରେ ନାମିତ କରିଥିଲେ । ପରେ ସପ୍ତଦୀପେଶ୍ୱର କେଦାର ନନ୍ଦିନୀ ତୁଳସୀଙ୍କୁ ବିବାହ କରି ତୁଳସୀ କ୍ଷେତ୍ର ସ୍ଥାପନା କରିଥିଲେ । ଅନ୍ୟ ଏକ ତଥ୍ୟରୁ ଜଣାଯାଏ ମହାଭାରତ ଯୁଗର ଅନ୍ତିମ ପର୍ଯ୍ୟାୟରେ ଶ୍ରୀକୃଷ୍ଣ ନିଜର ପାର୍ଥିବ ଶରୀର ତ୍ୟାଗ କରିବା ପୂର୍ବରୁ ବଡଭାଇ ବଳଦେବଙ୍କର ଦେହାବସାନ ଘଟିଥିଲା ଏବଂ ତାଙ୍କର ଦେହାବସାନକୁ ଏକ ଅଲୌକିକ ସହସ୍ର ଶୀର୍ଷା ପୁରୁଷ ଯେକି ସ୍ୱୟଂ ଅନନ୍ତନାଗ ବା ଶେଷନାଗ ରୂପେ ପ୍ରକଟିତ ହୋଇଥିଲେ । ପୁରାଣ ଶାସ୍ତ୍ରରେ ଶ୍ରୀ ବଳଦେବଙ୍କୁ ଶେଷନାଗ ରୂପେ କଳ୍ପନା

କରାଯାଇ ବଳଦେବ ଚେତନାକୁ ଅଧିକ ବିଶ୍ୱାସ ଯୋଗ୍ୟ କରାଯାଇଥିବା ଅନୁମେୟ । ଏହି ଶେଷନାଗ ବା ଅନନ୍ତଙ୍କ ଗୋଟିଏ ଫଣା ଉପରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସ୍ଥିତି ଓ ଉପସ୍ଥିତି ସମ୍ଭବ ହୋଇଛି ବୋଲି ବୈଷ୍ଣବ ଧର୍ମ ଦର୍ଶନରେ ପ୍ରତିଫଳିତ ହୋଇଛି । ଏହି କାରଣରୁ ଶ୍ରୀ ବଳଦେବ ଜୀଉଙ୍କ ପୂଜାର୍ଚ୍ଚନା, ଶ୍ରୀ ଜଗନ୍ନାଥ ଚେତନା ଠାରୁ ପ୍ରାଚୀନ ବୋଲି ଅନୁମାନ କରାଯାଏ ।



ଇତିହାସ ପୃଷ୍ଠାରୁ ଜଣା ପଡେ ଖ୍ରୀଷ୍ଟପୂର୍ବ ୮୦୦ ପର୍ଯ୍ୟନ୍ତ ଭାରତରେ ବୈଦିକ ଯୁଗର ପ୍ରଭାବ ରହିଥିଲା ଏବଂ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ ତୁଳସୀ କ୍ଷେତ୍ରରେ ଶ୍ରୀ ବଳଦେବଙ୍କୁ ପୂଜାର୍ଚ୍ଚନା କରାଯାଉଥିବା ବିଶ୍ୱାସ କରାଯାଏ । ଆହୁରି ମଧ୍ୟ ବିଶ୍ୱାସ କରାଯାଏ ଯେ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ଶ୍ରୀ ବଳଦେବ ଜୀଉ ଏକ ମଣିମଣ୍ଡପ ବା ଚତୁରସ୍ର ଉପରେ ପୂଜା ପାଉଥିଲେ । ପରବର୍ତ୍ତୀ ସମୟରେ ଭୌମକର ବଂଶର ରାଣୀ କଲ୍ୟାଣୀ ମହାଦେବୀ ଶ୍ରୀବଳଦେବ ଜୀଉଙ୍କ ପୂଜାର୍ଚ୍ଚନା ପାଇଁ ଏକ ବିଶାଳ ମଣ୍ଡପ ଏବଂ ମଣ୍ଡପର ଚାରି ଦିଗରେ ଚାରୋଟି ସୁବର୍ଣ୍ଣ ତୋରଣ ନିର୍ମାଣ କରାଇଥିଲେ । ଯାହାକୁ ଦର୍ଶନ କରି ଭକ୍ତ ଓ ଶ୍ରଦ୍ଧାଳୁ ନିଜକୁ ଧନ୍ୟ ମନେ କରୁଥିଲେ ବୋଲି ଜନଶ୍ରୁତି ଅଛି । ପରବର୍ତ୍ତୀ ସମୟରେ ରାଜା ଯଯାତି କେଶରୀ ଏହି ମଣିମଣ୍ଡପ ଉପରେ ଏକ ଛୋଟ ମନ୍ଦିର ନିର୍ମାଣ କରାଇଥିଲେ । ଯାହାର ଉଚ୍ଚତା ଥିଲା ୩୮ ହାତ । କିନ୍ତୁ ୧୨୨୦ ଖ୍ରୀଷ୍ଟାବ୍ଦରେ ତୃତୀୟ ଅନଙ୍ଗଭୀମ ଦେବ ଶ୍ରୀବଳଦେବଙ୍କ ଜୀଉଙ୍କ ପାଇଁ 'ରେଖ ଶୈଳୀରେ' ୯୦ ହାତ ଉଚ୍ଚତା ବିଶିଷ୍ଟ ଏକ ବିଶାଳ ମନ୍ଦିର ସେହି ଚତୁରସ୍ର ଉପରେ ନିର୍ମାଣ କରାଇବା ସଂଗେସଂଗେ ଶ୍ରୀଜୀଉଙ୍କ ସେବାନୀତି, ପର୍ବପର୍ବାଣି ପାଳନ ଓ ପରିଚାଳନା ଉଦ୍ଦେଶ୍ୟରେ ୩୬ହଜାର ଏକର ନିଷ୍କର ଜମି ଯୋଗାଇ ଦେଇଥିଲେ । ଏହାଛଡା ନିଜ ପ୍ରଧାନମନ୍ତ୍ରୀ ବା ରାଜଗୁରୁ ଗୋବିନ୍ଦ ପଟଯୋଷୀଙ୍କ ସାନଭାଇ ଜଗନ୍ନାଥ ପଟଯୋଷୀଙ୍କୁ ଶ୍ରୀଜୀଉଙ୍କ ମନ୍ଦିରର ପରିଚାଳନା ଦାୟିତ୍ୱ ନ୍ୟସ୍ତ କରିଥିଲେ । ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିର ଚାରିପାଖ ବେଢା ଏବଂ ନାଟ ମନ୍ଦିର ପରବର୍ତ୍ତୀ ସମୟରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିବା ଜଣାଯାଏ ।

ଅନ୍ୟ ଏକ ଐତିହାସିକ ତଥ୍ୟ ଅନୁଯାୟୀ ହିନ୍ଦୁ ବିଦ୍ୱେଷୀ ଯବନ କଳାପାହାଡର ଆକ୍ରମଣ ଭୟରେ ସେବାୟତମାନେ ଶ୍ରୀବଳଦେବ ଜୀଉଙ୍କୁ ପ୍ରାକ୍ତନ ମଧୁସାଗର ନିକଟସ୍ଥ ଘଂଚ ଝାଡଜଂଗଲ ମଧ୍ୟରେ ଲୁଚାଇ ରଖିଥିଲେ ଏବଂ ଗୁପ୍ତରେ ପୂଜାର୍ଚ୍ଚନା କରୁଥିଲେ । କଳାପାହାଡ ଚାଲିଯିବା ପରେ ଶ୍ରୀଜୀଉଙ୍କୁ ମନ୍ଦିରକୁ ଅଣାଯାଇ ପୂର୍ବପରି ପୂଜାର୍ଚ୍ଚନା କରାଯାଇଥିଲା । ଆକ୍ରମଣ ସମୟରେ କଳାପାହାଡ ଶ୍ରୀଜୀଉଙ୍କର ସମସ୍ତ ଧନରତ୍ନ ଲୁଣ୍ଠନ କରି ନେଇ ଯାଇଥିଲେ



ମଧ୍ୟ ମନ୍ଦିରର କିଛି ବି କ୍ଷତି ଘଟାଇ ନଥିଲେ । କିନ୍ତୁ ଷୋଡଶ ଶତାବ୍ଦୀରେ ମୋଗଲମାନଙ୍କର ଲୋଲୁପ ଦୃଷ୍ଟି ଶ୍ରୀଜୀଉଙ୍କ ମନ୍ଦିର ଉପରେ ପଡିଥିଲା । ୧୬୬୩ ଖ୍ରୀଷ୍ଟାବ୍ଦରେ ମୋଗଲମାନେ ଆକ୍ରମଣ କରି ମନ୍ଦିରର ସମସ୍ତ ଧନରତ୍ନ ଲୁଣ୍ଠନ କରିବା ସଂଗେସଂଗେ 'ରେଖ ଶୈଳୀ'ରେ ନିର୍ମିତ ମହାପ୍ରଭୁ ଶ୍ରୀ ବଳଦେବଙ୍କ ବିଶାଳ ମନ୍ଦିରଟିକୁ ସଂପୂର୍ଣ୍ଣ ଧ୍ୱଂସ କରି ଦେଇଥିଲେ । ମୋଗଲ ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ସେବାୟତମାନେ ଶ୍ରୀଜୀଉଙ୍କୁ ଲୁଣାନଦୀ ତଟ ସ୍ଥିତ ଅଗମ୍ୟ ଖରିବନରେ ଲୁଚାଇ ରଖିଥିଲେ ଓ ପୂଜାର୍ଚ୍ଚନା କରୁଥିଲେ । ସେହି ସମୟରେ କୁଜଙ୍ଗ ରାଜା ଷଣ୍ଢରାଜା ଶ୍ରୀଜୀଉଙ୍କୁ କୁଜଙ୍ଗକୁ ନେଇଯାଇ ସେଠାରେ ପୂଜାର୍ଚ୍ଚନା କରାଇବା ପାଇଁ ଅପଚେଷ୍ଟା କରି ବିଫଳ ହୋଇଥିବା ଜଣାଯାଏ । ପରେ ୧୭୦୦ ଖ୍ରୀଷ୍ଟାବ୍ଦରେ କୁଜଙ୍ଗର ତତ୍କାଳୀନ ରାଜା ଗୋପୀନାଥ ନରେନ୍ଦ୍ର ସାମନ୍ତ ,ଦାମୋଦର ଷଣ୍ଢ ଏବଂ ଛେଦରା ଜିଲ୍ଲାର ଜମିଦାର ଗୋପୀନାଥ ରାୟଙ୍କ ମିଳିତ ପ୍ରଚେଷ୍ଟାରେ ବର୍ତ୍ତମାନର ସୁବିଦ୍ୟମାନ ମୁଖ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୭୦୭ରେ ସମାପନ ହୋଇଥିଲା ଏବଂ ସେହି ମହାନୁଭବ ମାନେ ଶ୍ରୀବଳଦେବ ଜୀଉଙ୍କ ଦୈନନ୍ଦିନ ପୂଜାର୍ଚ୍ଚନାର ସୁବନ୍ଦୋବସ୍ତ କରାଇଥିଲେ ।

ସମସ୍ତ ପୌରାଣିକ ଓ ଐତିହାସିକ ତଥ୍ୟକୁ ଅନୁଧ୍ୟାନ କଲେ ପ୍ରଭୁ ଶ୍ରୀଶ୍ରୀବଳରାମ ବା ବଳଦେବ ପ୍ରଥମରୁ ତୁଳସୀ କ୍ଷେତ୍ର କେନ୍ଦ୍ରାପଡା ଠାରେ ପୂଜା ପାଇ ଆସୁଥିଲେ । ଯେଉଁଥିପାଇଁ ଶ୍ରୀଶ୍ରୀବଳଦେବଙ୍କୁ ତୁଳସୀ କ୍ଷେତର କ୍ଷେତ୍ରାଧିପତି ଭାବେ ସର୍ବତ୍ର ଜଣାଶୁଣା । ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଦାରୁବ୍ରହ୍ମ ନହୋଇ ମଣି ବିଗ୍ରହ ବ୍ରହ୍ମ ରୂପେ ପୂଜା ପାଉଛନ୍ତି । ଏହା ବ୍ୟତୀତ ମନ୍ଦିର ବେଢା ଭିତରେ ପାର୍ଶ୍ୱ ଦେବାଦେବୀ ଭାବେ ମାତା ଲକ୍ଷ୍ମୀ, ମନସାଦେବୀ, ନୃସିଂହ, ବରାହ, ଗଣେଶ, ବସୁଦେବ, ତୁଳସୀ, ଗିରି ଗୋବର୍ଦ୍ଧନ, ଆସ୍ତିକ, ଶ୍ରୀରାମ, କାଶୀ ବିଶ୍ୱନାଥ, ସିଦ୍ଧେଶ୍ୱର ,ସୂର୍ଯ୍ୟ, ନବଗ୍ରହ,ଇତ୍ୟାଦି ପୂଜା ପାଉଛନ୍ତି। ଓଡିଶାରେ ସୁପରିଚିତ ବଳରାମ ଦାସ ଆଦି ପଂଚସଖା ମାନେ ବିଭିନ୍ନ ସମୟରେ ତୁଳସୀ କ୍ଷେତ୍ରକୁ ଆସିଥିବାର ପ୍ରମାଣ ରହିଛି । ଏହି ପଂଚସଖା ମାନଙ୍କ ତୁଳସୀ କ୍ଷେତ୍ର ଆଗମନ ସମୟରେ ଅତିବଡି ଜଗନ୍ନାଥ ଦାସ ଓ ଅଚ୍ୟୁତାନନ୍ଦ ଦାସଙ୍କ ପ୍ରୟାସରୁ ପୁରୀର ଶ୍ରୀମନ୍ଦିର ଭଳି ଏଠାରେ ମଧ୍ୟ ଶ୍ରୀବଳଦେବଙ୍କ ସହିତ ରତ୍ନବେଦୀରେ ପୂଜା ପାଇଲେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପରମ କରୁଣାମୟୀ ଦେବୀ ସୁଭଦ୍ରାଙ୍କ ମଣିବିଗ୍ରହ ବ୍ରହ୍ମ ।

## ପର୍ବପର୍ବାଣି

ଶ୍ରୀକ୍ଷେତ୍ର ପୁରୀରେ, ଶ୍ରୀଜୀଉ ମାନଙ୍କର ପାଳନ କରାଯାଉଥିବା ବାରମାସରେ ତେର ପର୍ବ ଭଳି ତୁଳସୀ କ୍ଷେତ୍ରରେ ମଧ୍ୟ ଅନୁରୂପ ପର୍ବପର୍ବାଣି, ଯଥା- ଅକ୍ଷୟ ତୃତୀୟା,ଚନ୍ଦନପୂର୍ଣ୍ଣିମା, ଦେବ ସ୍ନାନପୂର୍ଣ୍ଣିମା,ରଥଯାତ୍ରା,ବାହୁଡା ଯାତ୍ରା,ରାହାସ ପୂର୍ଣ୍ଣିମା, ମକର ସଂକ୍ରାନ୍ତିର ମକର ବେଢା, ଶ୍ରୀପଂଚମୀ ଆଦି ଯଥା ରୀତିନୀତି ଅନୁସାରେ ପାଳନ କରାଯାଇଥାଏ । ସମସ୍ତ ପର୍ବପର୍ବାଣି ମଧ୍ୟରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ରଥଯାତ୍ରା ଶ୍ରେଷ୍ଠ ଓ ପ୍ରସିଦ୍ଧ ।

# ମତ ଓ ମନ୍ତବ୍ୟ



୧୭୫୨ ଖ୍ରୀଷ୍ଟାବ୍ଦ ଶ୍ରୀଗୁଣ୍ଡିଚା ଦିନ ମହାପ୍ରଭୁ ବଳଦେବଙ୍କୁ ରସାବଳି ନୈବେଦ୍ୟ ଭାବେ ସମର୍ପିତ ହୋଇଥିଲା । ସେହିଦିନ ଠାରୁ ଅଦ୍ୟାପି ରସାବଳି ମହାପ୍ରଭୁଙ୍କୁ ଅବିଚ୍ଛିନ୍ନଭାବେ ସମର୍ପଣ କରାଯାଉଛି । ୧୯୪୨ ମସିହା ପର୍ଯ୍ୟନ୍ତ ରସାବଳି କେବଳ ଶ୍ରୀ ବଳଦେବଙ୍କ ରୋଷଘରେ ବ୍ରହ୍ମଣ ସେବକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିଲା । ଅସହଯୋଗ ଆନ୍ଦୋଳନକାରୀଙ୍କ ମଧ୍ୟରେ ବାଂଟିବା ପାଇଁ ଅଧିକ ରସାବଳିର ଆବଶ୍ୟକତା ପଡିବାରୁ ମନ୍ଦିର ବାହାରେ ପ୍ରଥମଥର ପାଇଁ ଏହାକୁ ପ୍ରସ୍ତୁତ କରାଯାଇଥିଲା । ଏହାର ପରବର୍ତ୍ତୀ ସମୟରେ କେନ୍ଦ୍ରାପଡା ସହରର ଦୋକାନୀ ସଂପ୍ରତି ରାଜ୍ୟସାରା ବିକ୍ରୟ କରାଯାଉଛି । ରସାବଳି ବିକ୍ରି କରୁଥିବା ଲୋକମାନେ ବିଭିନ୍ନ ଯାନିଯାତ୍ରାରେ କେନ୍ଦ୍ରାପଡା ରସାବଳି କହି ବିକ୍ରି କରିଥାନ୍ତି । ମନ୍ଦିର ଭିତରେ ତିଆରି କରା ଯାଉଥିବା ରସାବଳି, ମନ୍ଦିର ବାହାରେ ତିଆରି କରା ଯାଉଥିବା ରସାବଳି ଭିତରେ ଆକାଶ ପାତାଳ ଫରକ । ଏଠାକୁ ଯିଏ ଆସିଛି ସେ ହିଁ କହିପାରିବ ମନ୍ଦିର ଭିତର ଓ ମନ୍ଦିର ବାହାରେ ମିଳୁଥିବା ରସାବଳି ମଧ୍ୟରେ ଫରକ କଣ । କେନ୍ଦ୍ରାପଡାର ରସାବଳି କେବଳ କେନ୍ଦ୍ରାପଡା ବାସୀଙ୍କର ନୁହଁ ସମଗ୍ର ଓଡିଶାବାସୀଙ୍କର । ତେଣୁ ଏହି ସ୍ୱାଭିମାନଟିକୁ ଜି.ଆଇ. ମାନ୍ୟତା ମିଳିବାର ଆବଶ୍ୟକତା ରହିଛି ।

**ନିରଞ୍ଜନ ମେକାପ**
**ଗବେଷକ, ବଳଦେବ ଜୀଉ ସଂସ୍କୃତି, କେନ୍ଦ୍ରାପଡା**



ବଳଦେବ ଜୀଉଙ୍କ ସଂଧ୍ୟା ଉଠାଣି ସମୟରେ ରସାବଳି, ପୁରି, ଡାଲିମ୍ବ ଅର୍ପଣ କରାଯାଏ । ମନ୍ଦିର ଭିତରେ ତିଆରି ହେଉଥିବା ରସାବଳିର ମାନ ଯାହା ରହିଛି, ବାହାରେ ତିଆରି ହେବା ଦ୍ୱାରା ଧୀରେ ଧୀରେ ରସାବଳିର ମାନ କମିବାକୁ ଲାଗିଛି । ଏଠାକୁ ଆସିଥିବା ଯାତ୍ରୀମାନେ ରସାବଳିର ସ୍ୱାଦ ଓ ମାନ ବିଷୟରେ ଅନଭିଜ୍ଞ ଥିବାରୁ ମନ୍ଦିର ଭିତରୁ ରସାବଳି କ୍ରୟ ନକରି ମନ୍ଦିର ବାହାରୁ ରସାବଳି କ୍ରୟ କରିବା ଦ୍ୱାରା ପ୍ରକୃତ ସ୍ୱାଦ ଓ ମାନ ପାଇପାରୁ ନଥିବା ଅଭିଯୋଗ ହୁଏ । ଓଡିଶାର ବିଭିନ୍ନ ମେଳା ଓ ଯାନିଯାତ୍ରାରେ ବିକ୍ରୟ କରା ଯାଉଥିବା ରସାବଳି କେନ୍ଦ୍ରାପଡାର ରସାବଳି କହି ବିକ୍ରି କରାଯାଉଛି । ଏହାର ମାନ ଠିକ ରଖିବା ପାଇଁ ପ୍ରଶାସନ ନଜର ଦେବା ଆବଶ୍ୟକ ।

**ଗୌର ଚନ୍ଦ୍ର ସାହୁ**
**ବଳଦେବ ଜୀଉ ମନ୍ଦିର ପରିସର ଭୋଗଦୋକାନୀ**

## ବେଶ

ଆକର୍ଷଣୀୟ ବେଶ ଓ ଭୂଷଣପ୍ରିୟ ଶ୍ରୀଜୀଉମାନେ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ଯେପରି ପର୍ବପର୍ବାଣି ଅନୁସାରେ ଭିନ୍ନଭିନ୍ନ ବେଶ ଓ ଭୂଷଣ ଧାରଣ କରିଥାନ୍ତି, ତୁଳସୀ କ୍ଷେତ୍ରରେ ମଧ୍ୟ ଶ୍ରୀବଳଦେବ ଜୀଉ ମଧ୍ୟ ସେହିପରି ଅନେକପ୍ରକାର ବେଶ ଓ ଭୂଷଣରେ ଭୂଷିତ ହୋଇଥାନ୍ତି । ପ୍ରଭୁ ଶ୍ରୀବଳଦେବ ଯେଉଁସବୁ ବେଶ ହୋଇଥାନ୍ତି ସେଥି ମଧ୍ୟରୁ ନୃସିଂହ ଶେଷଦେବ ବେଶ, ଗଜଉଦ୍ଧାରଣ ବେଶ,ଶ୍ରୀ ଗୁଣ୍ଡିଚାରେ ରାଜରାଜେଶ୍ୱର ବେଶ, ଶ୍ରୀ ରଘୁନାଥ ବେଶ, ଅଭିଷେକ ବେଶ, ପ୍ରଳମ୍ବାସୁର ବଧ ବେଶ, କନ୍ଦରାସୁର ବଧ ବେଶ, ପଦ୍ମ ବେଶ,ଗଜାନନ ବେଶ, ରାଧା ଦାମୋଦର ବେଶ, କାଂଚିକାବେରୀ କଳକୀ ବେଶ, କାଳୀୟ ଦଳନ ବେଶ, ଜନ୍ମାଷ୍ଟମୀ ବେଶ, ମଧୁ ସଂହାର ବେଶ ଆଦି ପ୍ରଧାନ ।

## ନୀତିକାନ୍ତି

ଓଡିଶାର ନରପତି ତୃତୀୟ ଅନଙ୍ଗଭୀମ ଦେବଙ୍କ ଅମଳରୁ ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିରରେ ଯଥାରୀତି ନୀତିକାନ୍ତି ଚଳି ଆସୁଥିଲେ ହେଁ ପଂଚସଖାଙ୍କ ତୁଳସୀ କ୍ଷେତ୍ର ଆଗମନ ପରେ ଏବଂ ରତ୍ନ ବେଦୀରେ ଶ୍ରୀବଳଦେବଙ୍କ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମାତା ସୁଭଦ୍ରଙ୍କ ମଣିବିଗ୍ରହ ସ୍ଥାପନା ହେବା ପରେ ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀମନ୍ଦିରର ତିନି ଦିଅଁଙ୍କ ପାଇଁ ପାଳନ କରାଯାଉଥିବା ନୀତିକାନ୍ତି ପରି ତୁଳସୀ କ୍ଷେତ୍ରରେ ମଧ୍ୟ ଅନୁରୂପ ନୀତିକାନ୍ତି ଖଞ୍ଜା ଯାଇଥିଲା । ପ୍ରଭୁମାନଙ୍କ ପାଇଁ ଥିବା ଅନେକ ନୀତିକାନ୍ତି ମଧ୍ୟରୁ ନିତ୍ୟସ୍ନାନ ବା ବଲ୍ଲଭ ଧୂପ, ପ୍ରାତ ଧୂପ, ମଧ୍ୟାହ୍ନ ଧୂପ ବା ଖେଚୁଡି ଧୂପ, ସଂଧ୍ୟ ଧୂପ, ରାତ୍ରୀ ଧୂପ, ଓ ବଡସିଂହାର ଧୂପ ପରେ ଶୟନ ବା ପହୁଡ ପ୍ରଧାନ ।

ବଲ୍ଲଭ ଓ ପ୍ରାତ ଧୂପରେ ଶ୍ରୀଜୀଉ ମାନଙ୍କ ଠାରେ ଖଇ, ନଡିଆକୋରା, ଗଜାମୁଗ, ଡାଲିମ୍ବ, ଦହି, ନବାତ, ମୋଟା ଖେଚୁଡି, କାନ୍ତି ପିଠା ଆଦି ଲାଗି କରାଯାଉଥିବା ବେଳେ, ମଧ୍ୟାହ୍ନ ଧୂପରେ ସାଦା ଅନ୍ନ, କାନିକା, ମୁଗ ଡାଲି,ତରକାରୀ ଓ ମରିଚ ପାଣି ଲାଗି କରାଯାଇଥାଏ । ସଂଧ୍ୟା ଆଳତି ପରେ ପ୍ରଭୁଙ୍କର ଅତିପ୍ରିୟ ରସାବଳୀ ପୁରୀ, ଡାଲିମ୍ବ ଆଦି ଲାଗିକରା ଯାଇଥାଏ ଏବଂ ରାତ୍ରୀ ଧୂପରେ ଅନ୍ନ ଖେଚୁଡି ,ମୁଗଡାଲି,ଭଜା,ତରକାରୀ,ଖିରି, କାକରା ଓ ମରିଚ ପାଣି ଲାଗି କରାଯାଇଥାଏ ।

ଐତିହାସିକ ତଥ୍ୟ ଆଧାରରେ ଓଡିଶାର ନରପତି ଅନଙ୍ଗଭୀମଦେବ ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ସଂପନ୍ନ କରିସାରିବା ପରେ ଉଭୟ ଶ୍ରୀକ୍ଷେତ୍ର ଓ ତୁଳସୀ କ୍ଷେତ୍ରର ଦିଅଁ ମାନଙ୍କ ସମର୍ପିତ ନୈବେଦ୍ୟ ଭାବେ ଶ୍ରୀକ୍ଷେତ୍ରରେ ରସଗୋଲା ଏବଂ ତୁଳସୀ କ୍ଷେତ୍ରରେ ରସାବଳିର ପ୍ରଚଳନ କରିଥିଲେ । କଳାପାହାଡ ଓ ମୋଗଲ ଆକ୍ରମଣ ସମୟରେ ଶ୍ରୀବଳଦେବଙ୍କୁ ଝାଡଜଙ୍ଗଲ ମଧ୍ୟରେ ଲୁଚାଇ ରଖି ସେବାୟତମାନେ ଗୁପ୍ତ ଭାବେ ପୂଜାର୍ଚ୍ଚନା କରୁଥିବା ସମୟରେ ରସାବଳିର



ଭୋଗ  ଲାଗିକରିବା ପ୍ରାୟତଃ ସମ୍ଭବ ହୋଇନଥିଲା । ତେଣୁ ଦୀର୍ଘଦିନ ଧରି ଶ୍ରୀବଳଦେବଙ୍କ ଠାରେ ରସାବଳି ଲାଗି କରିବା ବନ୍ଦ ରହିଥିଲା । ଓଡିଶାରେ ମରହଟ୍ଟା ଶାସନ ସମୟରେ ତତ୍‌କାଳୀନ ଶାସକ ଜାନୁଜୀ ୧୭୫୧ ଖ୍ରୀଷ୍ଟାବ୍ଦରେ ସାଧୁ ରାମାନୁଜ ଦାସଙ୍କୁ ଶ୍ରୀବଳଦେବ ଜୀଉ ମନ୍ଦିରର ପରିଚାଳନା ଦାୟିତ୍ୱ ଦେଇଥିଲେ । ସେହି ସାଧୁ ରାମାନୁଜଜୀ ୧୭୫୨ ଖ୍ରୀଷ୍ଟାବ୍ଦ ଶ୍ରୀଗୁଣ୍ଡିଚା ଦିନ ମହାପ୍ରଭୁ ଶ୍ରୀବଳଦେବଙ୍କୁ ପୁନଶ୍ଚ ନୈବେଦ୍ୟ ଭାବେ ରସାବଳିକୁ ସମର୍ପିତ କରିଥିଲେ । ସେହିଦିନଠାରୁ ପ୍ରତିଦିନ ସଂଧ୍ୟା ଧୂପରେ ତୁଳସୀ କ୍ଷେତ୍ରର ଶ୍ରୀଜୀଉ ମାନଙ୍କ ଠାରେ ରସାବଳି ଲାଗି କରାଯାଉଛି ।  ରସାବଳି ସଂପର୍କରେ ମହାପୁରୁଷ ବଳରାମ ଦାସଙ୍କ ଦାଣ୍ଡି ରାମାୟଣ ବା ଜଗମୋହନ ରାମାୟଣରେ ବର୍ଣ୍ଣନା କରାଯାଇଛି । ଏହାଛଡା ମାଧବ ପଟ୍ଟନାୟକଙ୍କ ବୈଷ୍ଣବ ଲୀଳାମୃତ ଏବଂ ତୁଳସୀ କ୍ଷେତ୍ର ମହାତ୍ମ୍ୟରେ ମଧ୍ୟ ଶ୍ରୀଶ୍ରୀ ବଳଦେବଙ୍କର ଅତି ପ୍ରିୟ ଭୋଗ ରସାବଳି ବୋଲି ବର୍ଣ୍ଣନା କରାଯାଇଛି ।

## ରସାବଳିର ପ୍ରସ୍ତୁତି

ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ମନ୍ଦିରରୁ ପ୍ରାପ୍ତ ପାରମ୍ପରିକ ହସ୍ତଲେଖା ବିବରଣୀ ଓ ବରିଷ୍ଠ ସେବାୟତମାନଙ୍କ ଠାରୁ ମିଳିଥିବା ତଥ୍ୟ ମୁତାବକ  ରସାବଳି ପ୍ରସ୍ତୁତି ପାଇଁ ବିଶୁଦ୍ଧ ଗାଈ ଛେନା, ବିଶୁଦ୍ଧ ଗାଈ ଘିଅ ବା ଗୁଆଘିଅ,  ବିଶୁଦ୍ଧ ଗାଈକ୍ଷୀର ଓ ଗୁଡ ଆବଶ୍ୟକ ହୋଇଥାଏ । ୧କିଲୋ ଖାଂଟି ଗୋ-ଦୁଗ୍ଧ ପ୍ରସ୍ତୁତ ଛେନା, ୧୫୦ ଗ୍ରାମ ହାତପେଷା ଚକି ଅଟା, ୧.୫କିଲୋ ଖାଂଟି ଗୋଦୁଗ୍ଧ, ୨୫୦ ଗ୍ରାମ ଖାଂଟି ଗୁଆ ଘିଅ, ୫୦୦ଗ୍ରାମ ଗୁଡ ,ଦୁଇ /ଚାରିଟା ଅଳେଇଚ ଗୁଣ୍ଡରେ ହାରାହାରି ୫୦ଟି  ସ୍ୱାଦିଷ୍ଟ  ରସାବଳି ପ୍ରସ୍ତୁତ ହୋଇଥାଏ । ୧୯୦୨ ମସିହା ପର ଠାରୁ ଚିନିର ବ୍ୟାପକ ପ୍ରଚଳନ ଯୋଗୁଁ ରସାବଳି ପ୍ରସ୍ତୁତିରେ ଗୁଡ ବଦଳରେ ଚିନିର ବ୍ୟବହାର କରାଯାଉଥିବା ଶ୍ରୀ ବଳଦେବ ମହାପ୍ରଭୁଙ୍କ ନିତ୍ୟାନୀ ରସାବଳି ପ୍ରସ୍ତୁତ କରୁଥିବା ସେବକାରୀଙ୍କ ଠାରୁ ପ୍ରକାଶ । ରସାବଳି ସେବନ କରିବା ଯେତିକି ସ୍ୱାଦିଷ୍ଟ ତାର ପ୍ରସ୍ତୁତି ସେତେଟା ସହଜ ନୁହେଁ । କାରଣ ପ୍ରଥମେ ଗାଈ କ୍ଷୀରକୁ ଏକ ନିର୍ଦ୍ଦିଷ୍ଟ ତାପମାତ୍ରରେ ଗରମ କରି ସେଥିରେ ଚିନି ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରିବାକୁ ହୁଏ ଏବଂ  ସାମାନ୍ୟ ଥଣ୍ଡା ହେବାକୁ ଛାଡିଦିଆ ଯାଏ ।





ଏହାପରେ ଗାଈ କ୍ଷୀରରୁ ପ୍ରସ୍ତୁତ ଛେନାକୁ ଭଲଭାବେ ଚିପୁଡି ଦିଆଯାଏ । ଚିପୁଡା ଛେନା ସହିତ ହାତ ପେଷା ଚକିଅଟା ଓ ଗୁଜୁରାତି ଗୁଣ୍ଡ ମିଶାଇ ଭଲ ଭାବରେ ଚକଟା ଯାଏ  ଏବଂ ଗୋଲଗୋଲ ଗୁଳା କରାଯାଏ । ପରେ କଢେଇରେ ବିଶୁଦ୍ଧ ଗାଈ ଘିଅ ଗରମ କରି ସେଥିରେ ଉକ୍ତ ଗୁଳାକୁ ଛାଣି ନିଆଯାଏ । ଧ୍ୟାନର ସହିତ ଏହି ଛଣା ଯାଇଥିବା ଛେନା ଗୁଳାକୁ ଗରମ ଥିବା କ୍ଷୀରଚିନିର ମିଶ୍ରଣରେ ପକାଇ ଦିଆଯାଏ । ପ୍ରସ୍ତୁତ ହେଇଗଲା ରସାବଳି । ମନେରଖିବାକୁ ହେବ ଯେ କ୍ଷୀରରେ ପଡିଥିବା ରସାବଳିର ପରମାୟୁ ମାତ୍ର ୮ରୁ ୧୦ଘଂଟା । ଏହି ସମୟ ମଧ୍ୟରେ ରସାବଳି ସେବନ କରିନେବା ଉଚିତ । ରସାବଳି କେବଳ ଭୋଗ ସାମଗ୍ରୀ ଭାବେ ଶ୍ରୀବଳଦେବଙ୍କ ଠାରେ ଲାଗି କରାଯାଏ ବୋଲି ଶାସ୍ତ୍ରପୁରାଣରେ ବର୍ଣ୍ଣିତ ଅଛି ।

ସ୍ୱାଧୀନତା ପୂର୍ବ ସମୟ ପର୍ଯ୍ୟନ୍ତ ଏହି ରସାବଳି ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ରୋଷଘରେ ବ୍ରାହ୍ମଣ ସେବାୟତଙ୍କ ଦ୍ୱାରା ପ୍ରସ୍ତୁତି କରାଯାଉଥିଲା । ତେବେ ୧୯୪୨ ମସିହାର ଅସହଯୋଗ ଆନ୍ଦୋଳନ ସମୟରେ ଆନ୍ଦୋଳନକାରୀଙ୍କ ମଧ୍ୟରେ  ବାଂଟିବା ପାଇଁ ଅତ୍ୟଧିକ ରସାବଳିର ଆବଶ୍ୟକତା ପଡିବାରୁ ମନ୍ଦିର ବାହାରେ ପ୍ରଥମଥର ପାଇଁ  ରସାବଳି ପ୍ରସ୍ତୁତ କରାଯାଇଥିଲା । ଏହା ପରଠାରୁ ରସାବଳି କେବଳ ଶ୍ରୀଜୀଉଙ୍କ ରୋଷଘରେ ପ୍ରସ୍ତୁତ ହେଉନାହିଁ, ମନ୍ଦିର ବାହାରେ ଅମଣିଆ ମିଠା ଦୋକାନମାନଙ୍କରେ, ଏମିତିକି ସାରା ଓଡିଶା ରାଜ୍ୟ ଏବଂ ରାଜ୍ୟ ବାହାରେ ବିଭିନ୍ନ ମିଠା ବ୍ୟବସାୟୀ  ରସାବଳି  ପ୍ରସ୍ତୁତ କରି ବିକ୍ରି କରୁଛନ୍ତି ।

କେନ୍ଦ୍ରାପଡାର ରସାବଳି  ଏବେ କେବଳ  କେନ୍ଦ୍ରାପଡାବାସୀଙ୍କର ନୁହେଁ  ବରଂ ସମଗ୍ର ଓଡିଶାବାସୀଙ୍କର ଅତି ପ୍ରିୟ ନୈବେଦ୍ୟ ସାମଗ୍ରୀ ଏବଂ ଓଡିଶାବାସୀଙ୍କର ସ୍ୱାଭିମାନର ପ୍ରତୀକ । ୧୯୯୯ ମସିହାରେ ରସଗୋଲାକୁ ଜି.ଆଇ ମାନ୍ୟତା ମିଳିବା ପରେ, ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ରସାବଳିକୁ ଜି.ଆଇ ମାନ୍ୟତା ମିଳିବା ପାଇଁ ଏବଂ ଓଡିଆଙ୍କ ସ୍ୱାଭିମାନ ବଂଚାଇବା ପାଇଁ ସବୁ ସ୍ତରରୁ ଯେଉଁ ପ୍ରୟାସ ଆରମ୍ଭ କରା ଯାଇଥିଲା, ତାର ଫଳସ୍ୱରୂପ ରସାବଳିକୁ ଏବେ ଜିଆଇ ମାନ୍ୟତା ମିଳିବା ଆନନ୍ଦର କଥା ।

# 'ଡିୟୁ'ର ଡାକରା



# ସମୁଦ୍ର ସୁନ୍ଦରୀ ଡିୟୁ


**ସୁଷମା ପରିଜା**

ଶାରଳା ଭବନ,
ପୋତାପୋଖରୀ, ନୂଆବଜାର, କଟକ
ଫୋନ:୯୩୩୭୨୭୨୬୪୭

ଫଟୋ ସୌଜନ୍ୟ : ଲେଖିକା


ଡିୟୁ ଦ୍ୱୀପଟି ଗୁଜୁରାଟର ଦକ୍ଷିଣ ଉପାନ୍ତରେ କାଠିଆୱାଡ଼୍ ତ୍ରିକୋଣ ଭୂମିରେ ଅବସ୍ଥିତ ଯାହା ସୁମଦ୍ରର ଅବିରତ ଜୁଆର ଭଟ୍ଟା ଦ୍ୱାରା ସ୍ଥଳଭାଗରୁ ବିଭାଜିତ ହୋଇଛି । ପିଲାବେଳେ ସାମାଜିକ ପାଠ ବହିରେ ପଢ଼ିଥିଲି ଗୁଜୁରାଟର ଡାମନ, ଡିୟୁ ଦ୍ୱୀପ କଥା । ଏବେ ସେଠାକାର ପ୍ରାକୃତିକ ଦୃଶ୍ୟ ଦର୍ଶନ କରିବାକୁ ଲାଗୁଛି ଅନେକ ପର୍ଯ୍ୟଟକମାନଙ୍କ ଭିଡ଼ । ଆମର ଗୁଜୁରାଟ ରହଣି ସମୟରେ ସେଠାକୁ ଯିବାର ଏକ ଯୋଜନା ରଖିଲୁ ।

ଦୁଇ ହଜାର ବାଇଶି ମସିହା ଜୁଲାଇ ଦୁଇ ତାରିଖ ଦିନ ସୌରାଷ୍ଟ୍ରର ସୋମନାଥ ମନ୍ଦିର ଦର୍ଶନ କରିସାରି ହୋଟେଲ୍‌ର ଟ୍ରାଭେଲ୍ସରୁ ଇନୋଭା କାର୍‌ଟିଏ ଧରି ଆମେ ସନ୍ଧ୍ୟା ସାତଟା ବେଳକୁ ବାହାରିଥିଲୁ ଡିୟୁ ଦ୍ୱୀପ ଅଭିମୁଖେ । ଡ୍ରାଇଭର୍ କହିଥିଲା ମାତ୍ର ଦୃଢ଼ ଘଣ୍ଟାର ରାସ୍ତା । ରାତି ନଅଟା ପୂର୍ବରୁ ପହଞ୍ଚିଯିବୁ । କାର୍‌ରେ ବସି ଦୁଇଦିନ ପାଇଁ ଡିୟୁରେ ଦୁଇଦିନ ପାଇଁ ହୋଟେଲ୍ ବୁକିଂ ମଧ୍ୟ କରିଦେଲା ସାନ ଭଉଣୀର ପୁଅ ସୌମ୍ୟ । ହେଲେ ବର୍ଷା ଯୋଗୁଁ ସେ ରାସ୍ତା ଏତେ ଖରାପ ଥିଲା ଯେ ଆମେ ଡିୟୁରେ ପହଞ୍ଚିଲା ବେଳକୁ ରାତି ଏଗାରଟା ବାଜିଲା । ଗୁଗୁଲ୍ ମ୍ୟାପ୍ ଦେଖି ଆମ ହୋଟେଲ୍‌ଟି ପାଇବାରେ ଅସୁବିଧା ହେଲାନାହିଁ । ହୋଟେଲ୍ ସାମନାରେ ଦିଶୁଥିଲା ବେଳାଭୂମିର ଦୃଶ୍ୟ । ସାରାଦିନ ବୁଲାବୁଲିର ଥକାପଣ ଆଉ ସେସବୁ ଦେଖିବାକୁ ଦେଲାନାହିଁ । ହୋଟେଲ୍‌ରେ ବିଶ୍ରାମ ନେଉ ନେଉ ଗୁଗୁଲ୍‌ରୁ ପଢ଼ିନେଲୁ ଡିୟୁ ଦ୍ୱୀପର ଇତିହାସ ।

ଅନେକ ଇତିହାସର ମୂକସାକ୍ଷୀ ଏଇ ଆରବ ସାଗରର ଛୋଟ ଦ୍ୱୀପ 'ଡିୟୁ' । ପୁରାଣ ଯୁଗରେ ମଧ୍ୟ ବର୍ଣ୍ଣନା ରହିଛି ଏହିଦ୍ୱୀପର । ଇତିହାସ କହେ ମୌର୍ଯ୍ୟ, କ୍ଷାତ୍ରପ, ଗୁପ୍ତ, ମୈତ୍ରକ ଏବଂ ଚୋଡ଼ ରାଜବଂଶ ଦ୍ୱାରା ଶାସିତ ହୋଇଥିବା ଏହି ଦ୍ୱୀପଟି ସବୁଠାରୁ ଅଧିକ ସମୟ ପ୍ରାୟ ଚାରିଶହ ଚବିଶି ବର୍ଷ (୧୫୩୭-୧୯୬୧) ଥିଲା ପର୍ତ୍ତୁଗୀଜ୍‌ମାନଙ୍କ ଶାସନାଧୀନ । ଭାରତର ବୈଭବରେ ପ୍ରଲୋଭିତ ହୋଇ ପର୍ତ୍ତୁଗୀଜ୍‌ମାନେ ଲଉଚାଛପାରେ ଆରବ ସାଗର ଡେଇଁ ଅନୁପ୍ରବେଶ କରିଥିଲେ ଏଇ ଦ୍ୱୀପ ବାଟ ଦେଇ । ୧୫୦୧ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗୀଜର ଶାସନ ଭାରତକୁ ଡିୟୁ ଠାରେ ଏକ ଦୁର୍ଗ ନିର୍ମାଣ କରି ମସଲା ବେପାର ବୃଦ୍ଧି କରିବା ଲାଗି ଅନୁମତି ଲୋଡ଼ିଥିଲା । ଭାରତୀୟ ଶାସକଙ୍କ ଅନୁମୋଦନ କ୍ରମେ ସମୁଦ୍ର ମଝିରେ ଏଇଠି ଗଢ଼ିଉଠିଥିଲା ଡିୟୁ ପୋତାଶ୍ରୟ । ଗୁଜୁରାଟର ଦୁର୍ବଳ ସମ୍ରାଟ୍ ବାହାଦୂର ଶାହା ଜଫର ୧୫୩୧ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗୀଜମାନଙ୍କ ସାହାଯ୍ୟ ଲୋଡ଼ିଥିଲେ ମୋଗଲ ସମ୍ରାଟ୍ ହୁମାୟୁନ୍‌ଙ୍କ କବଳରୁ ରକ୍ଷାକରିବା ପାଇଁ । ସେଇ ଦୁର୍ବଳତାର ସୁଯୋଗରେ ସେମାନେ ବାହାଦୂର ଶାହାଙ୍କ ସହ ଏକ ସମରଚୁକ୍ତି କରିଥିଲେ ବେଶେଇନ୍ ଚୁକ୍ତି (The treaty of Bassein)ó ସେଇ ଚୁକ୍ତି ହିଁ ପ୍ରଶ୍ରୟ ଦେଇଥିଲା ପର୍ତ୍ତୁଗୀଜ୍‌ମାନଙ୍କୁ ଦିନେ ସମୃଦ୍ଧ ଭାରତକୁ ହାତେଇନେବା ପାଇଁ । ଗଢ଼ି ଉଠିଥିଲା ଡିୟୁ ଦୁର୍ଗ ଆଉ ସେଇ ଦୁର୍ଗ ମଧ୍ୟରେ ରହି ପର୍ତ୍ତୁଗୀଜ୍‌ମାନ ତିଆରି କରିଥିଲେ ସମଗ୍ର ଭାରତ ବିଜୟର କୁତ୍ସିତ ଯୋଜନା । ଦିନକୁ ଦିନ ସାମରିକ ଭାବରେ ଦୃଢ଼ ହୋଇଥିଲା ଡିୟୁ ଦୁର୍ଗ ଏବଂ ପର୍ତ୍ତୁଗୀଜ୍‌ମାନଙ୍କ ଭାରତବିଜୟ ଯୋଜନା ସଫଳ ହୋଇଥିଲା ମଧ୍ୟ । ପ୍ରାୟ ଚାରିଶହ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ସେମାନେ ନିରଙ୍କୁଶ ଭାବରେ ଶାସନ କରିଥିଲେ ଭାରତକୁ ଏବଂ ଲୁଟି ନେଇଥିଲେ ଭାରତର ସକଳ ବୈଭବ ଆପଣା ଦେଶକୁ । ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଭାରତ ସ୍ୱାଧୀନ ହେଲା ପରେ ମଧ୍ୟ ପର୍ତ୍ତୁଗୀଜ୍‌ମାନେ ଭାରତ ଛାଡ଼ି ଗଲେ ନାହିଁ । ଡିୟୁର ନାଏଡ଼ା ଗୁମ୍ଫାରେ ଲୁଚି ରହିଲେ ସେମାନଙ୍କ ସୈନ୍ୟ ସାମନ୍ତ । ଡିୟୁ ଦ୍ୱୀପ ସେଇମାନଙ୍କ ଅଧୀନରେ ରହିଲା ।

ଉଣେଇଶହ ଅଠସ୍ତରି ମସିହାରେ ଭାରତୀୟ ସୈନ୍ୟବାହିନୀର 'ଅପରେସନ୍ ବିଜୟ' ସେମାନଙ୍କୁ ବାଧ୍ୟ କରିଥିଲା ଡିୟୁ ଛାଡ଼ି ଚାଲିଯିବା ପାଇଁ । ସ୍ୱାଧୀନତ୍ତୋର ଭାରତର ଅନେକ ଧନ ଜୀବନ କ୍ଷୟ କରିଥିଲା ସେ ଅଭିଯାନ । ନଷ୍ଟ ହୋଇଥିଲା ଭାରତୀୟ ନୌବାହିନୀର ଜଳ ଜାହାଜ ଆଇ ଏନ୍‌ଏସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ଅନେକ ନୌସୈନିକ ।

ପ୍ରକୃତିର ଅନେକ ଚମତ୍କାର ସୃଷ୍ଟି ସବୁ ଦେଖିବାକୁ ମିଳେ ଡିୟୁ ଦ୍ୱୀପରେ । ପ୍ରାକୃତିକ ଭାବରେ ସମୁଦ୍ର ମଝିରେ ଗଢ଼ି ଉଠିଥିବା ପାହାଡ଼, ପାହାଡ଼ ଭିତରେ ଅଜସ୍ର ଗୁମ୍ଫା ଆଉ ସେଇ ଗୁମ୍ଫା ଭିତରେ ତଳକୁ ଓହ୍ଲାଇବା ଲାଗି ଅନେକ ପାହାଚ ଆକୃତିର ଥରେ ଖଣ୍ଡ ଆଉ ପଥର ଫାଙ୍କରେ ସୁମଦ୍ର ଲହରୀର ଚମତ୍କାର ଖେଳ । ସତେ ଯେମିତି କେଉଁ ବିନ୍ଧାଣୀର ହାତ ତିଆରି କାରୁକାର୍ଯ୍ୟ ସେ ! ଏଠାରେ ରହିଛି ଅନେକ ଗୁଡ଼ିଏ ବେଳାଭୂମି ଯାହା ଦର୍ଶକମାନଙ୍କୁ ବାନ୍ଧିରଖେ ତା'ର ଅପରୂପ ସୌନ୍ଦର୍ଯ୍ୟରେ । ଆମର ସେଠାରେ ରହଣି ଥିଲା ମାତ୍ର ଦୁଇଦିନର । ତେଣୁ ଏଇ ଦୁଇଦିନ ମଧ୍ୟରେ ଆମେ ସେଠାକାର ପାଞ୍ଚ ଛଅଟି ବେଳାଭୂମି ମାତ୍ର ବୁଲି ପାରିବୁ ବୋଲି ଜଣାଇଥିଲା ଆମକୁ ସାଥିରେ ନେଇଥିବା ଡ୍ରାଇଭରଟି ।

ତା'ପରଦିନ ଭୋରରୁ ଉଠି ଚାଲିଲୁ ସମୁଦ୍ର କୂଳକୁ । ସେଇଠି ଗୋଟିଏ ଷ୍ଟଲ୍‌ରେ ଚାହା ଜଳଖିଆ ଖାଇ ସମୁଦ୍ର କୂଳେ କୂଳେ ଚାଲିଲୁ । ସେଇଠି ଦେଖିଲୁ ଐତିହାସିକ ସେଇ ବଡ଼ ଘଣ୍ଟିକୁ ଯାହା ଅତୀତରେ



▲ ଲେଖିକା ସୁଷମା ପରିଜା




ଭାରତୀୟ ନୌବାଣିଜ୍ୟର ତଟ ରକ୍ଷକ ଥିଲା । ସେକାଳର ସୌଦାଗରମାନେ ସମୁଦ୍ର ପବନରେ ଶବ୍ଦ କରୁଥିବା ସେଇ ଘଣ୍ଟିର ଶବ୍ଦ ଶୁଣି ଜାଣି ପାରୁଥିଲେ, "ଏଠାରେ ସମୁଦ୍ର ଭିତରେ ପାହାଡ଼ ଅଛି, ଏଠାକୁ ଆସ ନାହିଁ ।" ଏବେ କିନ୍ତୁ ସେଠାରେ ସମୁଦ୍ର ବେଶ୍ ଶାନ୍ତ । ଛୋଟ ଛୋଟ ଲହଡ଼ି ଆସି ବେଳାଭୂମିକୁ ଛୁଇଁ ଯାଉଛି । ଅଳ୍ପ ଦୂରରେ ପାର୍କ୍ ଭଳି ତିଆରି ହୋଇ ସେଠାରେ ବେଞ୍ଚ ପଡ଼ିଛି ଦର୍ଶକମାନଙ୍କ ପାଇଁ । ସେଇଠି ବସି କିଛି ସମୟ ଉପଭୋଗ କଲୁ ସେଇ ସୁନ୍ଦର ଦୃଶ୍ୟକୁ । ତା'ପରେ ଚାଲିଲୁ ଆଉ ଗୋଟିଏ ସୁନ୍ଦର ବେଳାଭୂମି 'ନାଗୋଆ ବିଚ୍'କୁ ।

ଡିୟୁରେ ରାସ୍ତାର ଦୁଇପଟେ ତାଳ, ଖଜୁରୀ ଆଉ ଶିକାକାଇ ଗଛ । ଅଳ୍ପ କିଛି ବୁଦାଳିଆ ନାଆଁ ଅଜଣା କଣ୍ଟାଝଟା ଗଛ ମଧ୍ୟରେ କିଛି ନଡ଼ିଆ ଗଛ ମଧ୍ୟ ଦିଶୁଥିଲା । 'ନାଗୋଆ ବିଚ୍'ଟି ଦୁଇ କିଲୋମିଟରରୁ ଅଧିକ ଲମ୍ୱା ଏବଂ ଖଉବ ଗଭୀର ମଧ୍ୟ । ସମୁଦ୍ରର ସୁଉଚ୍ଚ ଲହଡ଼ି ସାଥିରେ ସାଇଁ ସାଇଁ ପବନ..ନାଗସାପର ସୁଉ...ସୁଉ...ଗର୍ଜନ ଭଳି ଶୁଣୁଛି ଅନେକ ଦୂରକୁ । ମୋ'ର ମନେହେଲା ସେଇଥିପାଇଁ ବୋଧହୁଏ ଏହାର ନାମ 'ନାଗୋଆ ବିଚ୍' । ସମୁଦ୍ର କୂଳକୁ ଯାଇଥିବା ରାସ୍ତା ଗୁଡ଼ିକ ଖୁବ୍ ଉଚ୍ଚା । ତଳକୁ ଓହ୍ଲାଇ ଚାଲିଲା ବେଳକୁ ଭୟ ବି ଲାଗୁଥାଏ । ରାସ୍ତା ଆରପଟେ ରହିଛି କେତୋଟି ଭୋଜନାଳୟ । ଆମ ଏଠିକାର ଢାବା ଭଳି ସେଠାରେ ଖାଦ୍ୟ, ପାନୀୟ ସହ ପାନ, ସିଗାରେଟ୍ ସ୍ନାକ୍ସ ସହ ଫଳମୂଳ ମଧ୍ୟ ରିହଛି । ସବୁ ଦୋକାନ ଆଗରେ ବିରାଟ ବିରାଟ ଛତା ତଳେ ପର୍ଯ୍ୟଟକମାନଙ୍କ ପାଇଁ ବସିବା ଟେବୁଲ୍ ଏବଂ ୱାଶ୍‌ରୁମ୍‌ର ବ୍ୟବସ୍ଥା ମଧ୍ୟ ରିହଛି । ଆମେ ସମସ୍ତେ ପ୍ରଥମେ ପାଇଁ ବିଚ୍ ପାଖରେ ଥିବା ଶେଡ୍‌ରେ ବସିଲୁ । ସେଠାରେ ସମୁଦ୍ର ଏତେ ଉତ୍ତାଳ ଯେ ପନ୍ଦର ମିନିଟ୍ ମଧ୍ୟ ବସିବା ଅସମ୍ଭବ ଲାଗିଲା । ବର୍ଷା ଆରମ୍ଭ ହୋଇଗଲାରୁ ଆମେ ସବୁ ଦୌଡ଼ାଦୌଡ଼ି ହୋଇ ଆସି ରାସ୍ତା ଆରପଟ ରେଷ୍ଟୁରାଣ୍ଟରେ ବସିଲୁ । ସେଠାରୁ ସ୍ନାକ୍ସ ଆଉ କଫି ନେଇ ବାହାରିଲୁ ଆଉ ଗୋଟାଏ ବେଳାଭୂମି 'ଗଙ୍ଗେଶ୍ୱର ମନ୍ଦିରର ବିଚ୍'କୁ ।

ଗଙ୍ଗେଶ୍ୱର ବେଳାଭୂମିରେ ରହିଛି ପ୍ରସିଦ୍ଧ 'ଗଙ୍ଗେଶ୍ୱର ମହାଦେବ ମନ୍ଦିର' । କଥିତ ଅଛି ଯେ ବନବାସ ସମୟରେ ପାଣ୍ଡବ ପାଞ୍ଚଭାଇ କିଛିଦିନ ଏଇଠାରେ ବାସ କରିଥିଲେ । ସାଗର କୂଳରେ ନିଜ ନିଜ ନାମରେ ପାଞ୍ଚ ଗୋଟି ଶିବ ଲିଙ୍ଗ ନିର୍ମାଣ କରି ଆରାଧନା କରୁଥିଲେ ଏବଂ ଗଙ୍ଗାମାତାଙ୍କୁ ଆବାହନ କରିଥିଲେ ସେହି ପାଞ୍ଚ ଗୋଟି ଶିବଲିଙ୍ଗଙ୍କୁ ନିତ୍ୟ ସ୍ନାନ ମାର୍ଜନା କରିବା ପାଇଁ । ସେମାନଙ୍କ ଆଗ୍ରହକୁ ସାଦରେ ଗ୍ରହଣ କରିଥିଲେ ଗଙ୍ଗାମାତା । ସମୁଦ୍ର କୂଳକୁ ଲାଗି ରହିଥିବା ଏହି ମନ୍ଦିରଟି ଏକ ପାହାଡ଼ ଗୁମ୍ଫା ସଦୃଶ । ଗୁମ୍ଫା ଦ୍ୱାରଟି ସଂକୀର୍ଣ୍ଣ ହୋଇଥିଲେ ମଧ୍ୟ କେତେଗୋଟି ପାହାଚ ଓହ୍ଲାଇଗଲେ ତଳେ ବିରାଟ ଏକ ଚଟାଣ ରହିଛି ଯେଉଁଠି ଧାଡ଼ି ହୋଇ ସାନ ବଡ଼ କ୍ରମରେ ପାଣ୍ଡବ ପାଞ୍ଚଭାଇଙ୍କ ଦ୍ୱାରା ନିର୍ମିତ ପାଞ୍ଚଟି ଶିବଲିଙ୍ଗ ଓ ଶକ୍ତି ରହିଛନ୍ତି ଏବଂ ସେଠାରେ ଲେଖା ରହିଛି ସେମାନଙ୍କ ନାମ । ଗୁମ୍ଫାର ଠିକ୍ କାନ୍ଥକୁ ଲାଗିଛି ଆରପଟର ସମୁଦ୍ର । ସେଠାରେ ଗୁମ୍ଫା କାନ୍ଥରୁ ପଥର ଫାଙ୍କ ଦେଇ ପ୍ରତି ମୁହୂର୍ତ୍ତରେ ସମୁଦ୍ରର ବଡ଼ବଡ଼ ଢେଉ ଆସି ସ୍ନାନ କରେଇ ଦେଉଛି ଶିବ ଲିଙ୍ଗମାନଙ୍କୁ ଏବଂ ପୁଣି ଫେରିଯାଇଛି ଆପଣା ସ୍ଥାନକୁ । ବଡ଼ ଆଶ୍ଚର୍ଯ୍ୟଜନକ ସେ ଦୃଶ୍ୟ । ସମସ୍ତେ ତଳକୁ ଓହ୍ଲାଇ ଯାଇ ସେଇ ଶିବଲିଙ୍ଗମାନଙ୍କୁ ଫୁଲବେଲପତ୍ର ଇତ୍ୟାଦି ଦେଇ ପୂଜାର୍ଚ୍ଚନା କରୁଛନ୍ତି ନିର୍ଭୟରେ ଏବଂ ସେପଟରୁ ଢେଉ ଆସି ସେସବୁକୁ ଅବିରତ ଧୋଇ ନେଉଛି । ମୋର ଗୋଡ଼ ଖରାପ ଥିବାରୁ ମୋତେ ତଳକୁ ଓହ୍ଲାଇବା ପାଇଁ ସାହସ ହେଉନଥାଏ, ଭାବୁଥାଏ କାଳେ ଯଦି ଢେଉ ଆସି ମୋ'ର ପାଦ ଖସିଯିବ ! ମୋ' ଭଉଣୀ ଦୁଇଜଣ ଆଉ ପୁତୁରା ଝିଆରି ସମସ୍ତେ ତଳକୁ ଯାଇ ପୂଜା କରି ଆସିଲା ପରେ ମୁଁ ଆଉ ନିଜକୁ ସମ୍ଭାଳି ପାରିଲିନି, ସେଠିକି ଧୀରେ ଧୀରେ ଓହ୍ଲାଇ ଗଲି, ମହାଦେବଙ୍କ ଅପାର କୃପାରୁ ସ୍ଥିରକ ଟିକିଏ ଛୋଟ ଲହରୀ ଆସିଲା, ମୁଁ ସେଇଠି ଠିଆ ହୋଇସେ ଅପୂର୍ବ ଦୃଶ୍ୟ ଦେଖିଲି ଆଉ ସେ ପାଣିରୁ କିଛି ନିଜ ମଣ୍ଡରେ ମାରି ନିଜକୁ ଧନ୍ୟ ମନେକଲି । ସେଇ ଦୃଶ୍ୟକୁ ଯେତେଥର ଦର୍ଶନ କଲେ ମଧ୍ୟ ମନ ପୁରୁନଥାଏ ତଥାପି ଯିବାକୁ ତ'ହେବ । ଚାଲିଲୁ ଆଗକୁ ଆଗକୁ ଆଉ ଦେଖିଲୁ ଗୋଟିଏ ଗୋଟିଏ ମସଲାର ହାଟ ।








HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com



ଚକ୍ରତୀର୍ଥ ବେଳାଭୂମି

କାଜୁ, କିସ୍‌ମିସ୍, ଆଲ୍‌ମଣ୍ଡ, ଅଳେଇଚ, ଗୁଜୁରାଟରେ, ଡାଲ୍‌ଚିନି, ତାଳପତ୍ର, ଲବଙ୍ଗ, ଗୋଲମରିଚ, ଜାୟତ୍ରୀ, ଜାଇଫଳ ଇତ୍ୟାଦି ଆହୁରି ଅନେକ ଅଜଣା ମସଲା ସବୁ ରାସ୍ତାକଡ଼ରେ ଗଦା ହୋଇ ବିକ୍ରି ହେଉଛି । ଦରଦାମ ମଧ୍ୟ ଆମ ଓଡ଼ିଶା ଠାରୁ ଢେଶ୍ କମ୍ । ସବୁଥିରୁ କିଛି କିଛି କିଣିଲୁ ଏବଂ ବାହାରି ଆସିଲୁ ଆଉ ଗୋଟିଏ ବେଳାଭୂମି ଦେଖିବା ଲାଗି ।

ସେ ବେଳାଭୂମିର ନାମ 'ଆଇଏନ୍‌ଏସ୍ ଖୁକରୀ ମେମୋରିଆଲ୍ ବିଚ୍' । ନାଆଁଟି ଶୁଣିଦେଲେ ଜଣା ପଡୁଥିଲା ଇଏ ନିଶ୍ଚୟ ଆମ ବୀର ନୌସୈନିକମାନଙ୍କର କୌଣସି ବଳିଦାନର ସ୍ଥଳ । ସେଠାରେ ଯାଇ ଦେଖିଲୁ ପ୍ରକୃତରେ ତାହା ହିଁ ଥିଲା । ପ୍ରବେଶ ଦ୍ୱାରରେ ବ୍ଲାକ୍‌ବୋର୍ଡ୍ ଭଳି ବିରାଟ ଏକ ଫଳକରେ ଲେଖା ରହିଛି ଆମ ନୌବାହିନୀର ବଳିଦାନରେ ଗାଥା । ଉଣେଇଶହ ଏକସ୍ତରୀ ମସିହାର ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ଗୁଜୁରାଟର ତଟସୁରକ୍ଷା କରୁଥିବା 'ଆଇଏନ୍‌ଏସ୍ ଖୁକରୀ' ନାମକ ଏକ ଯୁଦ୍ଧ ଜାହାଜ ଡିସେମ୍ବର ମାସ



ନଇଡ଼ା ଗୁମ୍ଫା

ନଅ ତାରିଖ ଦିନ ଡିୟୁ ସମୁଦ୍ରତଟରୁ ମାତ୍ର ଚାଳିଶି ଏରୋନଟିକାଲ୍ ମାଇଲ୍ ଦୂରରେ ଥିବା ବେଳେ ପାକିସ୍ତାନୀ ସୈନ୍ୟମାନଙ୍କ ଗୋଳା (turpedo) ମାଡ଼ରେ ଧ୍ୱସ୍ତ ବିଧ୍ୱଂସ୍ତ ହୋଇ ଏହିଠାରେ ସମୁଦ୍ର ଭିତରେ ବୁଡ଼ି ଯାଇଥିଲା ଏବଂ ଏହି ଯୁଦ୍ଧ ପୋତ (submarine) ରେ ଥିବା ଅଠର ଜଣ ନୌସେନା ଅଧିକାରୀଙ୍କ ସହ ଏକ ଶତ ଛଅସ୍ତରି ଜଣ ନୌସୈନିକମାନଙ୍କର ସଲିଳ ସମାଧି ହୋଇଥିଲା ସେଥିରେ । ସେମାନଙ୍କ ବୀରତ୍ୱ ଏବଂ ବଳିଦାନକୁ ପ୍ରଣାମ ଜଣାଇ ତାଙ୍କର ଅମର ଆତ୍ମାକୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ସେଠାରେ ତିଆରି ହୋଇଛି ବିରାଟ 'ଆଇଏନ୍‌ଏସ୍ ଖୁକରୀ ମେମୋରିଆଲ୍' । ସମୁଦ୍ରକୁ ଲାଗିଛି ପାହାଡ଼ଟିଏ । ସେଇ ପାହାଡ଼ ଉପରେ ସାପ ଭଳି ଅଙ୍କାବଙ୍କା ଗୋଲ୍ ଗୋଲ୍ ହୋଇ ତିଆରି ହୋଇଛି ପାହାଚ ଭଳି ରାସ୍ତା ସବୁ । ସେଠାକୁ ବ୍ୟାଟେରୀ ଚାଳିତ ଗାଡ଼ିରେ ବସି ଯିବାକୁ ହୁଏ । ଉପରେ ଗୁଡ଼ିଏ ସୁନ୍ଦର ସୁନ୍ଦର ଫୁଲ ବଗିଚା ସହ ଅନେକ କାରୁକାର୍ଯ୍ୟ ଭରା ମନ୍ଦିରଟିଏ ମଧ୍ୟ ରହିଛି । ଆହୁରି ମଧ୍ୟ ସେଠାରେ କାଚ ଘର ମଧ୍ୟରେ ସଂରକ୍ଷିତ ହୋଇ ରହିଛି 'ଆଇଏନ୍‌ଏସ୍ ଖୁକରୀ' ଜାହାଜ ଏବଂ ତୋପକମାଣର କିଛି ସୁନ୍ଦର ମଡେଲ୍ । ସେଇଠି ପାହାଚରେ ତିଆରି ହୋଇଛି କରିଡର ଯେଉଁଠି ବସି ସମୁଦ୍ରକୁ ଅନୁଭବ କରିହୁଏ । ବଡ଼ବଡ଼ ଢେଉ ଆସି ମାଡ଼ ହେଉଥାଏ ପାହାଡ଼ କାନ୍ଥରେ ଏବଂ ତା'ର ଛିଟିକା ଭିଜେଇ ଦେଉଥାଏ ଦର୍ଶକର ଦେହ ମନକୁ । ସେଠାରେ ପାହାଡ଼ ଗୁମ୍ଫା ଭିତରେ ଅଛନ୍ତି ଅମ୍ବିକା ମାତା, ସେଠାରେ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରକାଶିତ ସନ୍ଧି ଦେଇ ସାଗରରେ ଢେଉ ଆସି ତାଙ୍କର ଚରଣ ପଖାଳି ଲେଉଟି ଯାଉଛି । ଏଇ ବେଳାଭୂମିଟି ଦେଖିଲେ ଆନନ୍ଦ ତ ମିଳେ ନିଶ୍ଚୟ, ଅଧୀକନ୍ତୁ ବହୁତ ଗର୍ବ ଆସେ ମନରେ ଆମ ବୀର ସୈନିକମାନଙ୍କ ପାଇଁ, ଆପେ ଆପେ ମଥା ନଇଁଯାଏ । ଧନ୍ୟ ଏ ଭାରତବର୍ଷ !

ସେଠାରୁ ବାହାରି ଆସି ଆମେ ଚାଲିଲୁ ଜଳନ୍ଧର ବେଳାଭୂମିକୁ । ରାକ୍ଷସର ନାମ ଭଳି ସେଠାର ସମୁଦ୍ର ମଧ୍ୟ ଖୁବ୍ ଭୟଙ୍କର । ସେଠାରେ ସମୁଦ୍ର ପାଖକୁ ଯିବା ମନା । କିଛି ଦୂରରେ ସମୁଦ୍ରକୁ ଲାଗିଛି ଛୋଟ ପାହାଡ଼ ଯାହାର ଶିଖରରେ ରହିଛି ଅମ୍ବିକା ମନ୍ଦିର । ସମୁଦ୍ର ଲହରୀ ସମୟ ସମୟରେ ଆସି ସେଇ ମନ୍ଦିରର ଚୂଡ଼ାକୁ ଛୁଇଁ ଯାଉଛି । ଆମେ ଦୂରରେ ବସି ସେଇ ଦୃଶ୍ୟ ଦେଖିଲୁ । ଭୟରେ ମନ୍ଦିର ପାଖକୁ ଯିବାର ସାହସ କଲୁ ନାହିଁ । ସେଇଠି ପାହାଚ ତଳେ ମୁଣ୍ଡିଆ ମାରି ଫେରିଲୁ ହୋଟେଲ୍‌କୁ ।





ସେଇଠି ବାଟରେ ଅଛି ଆଉ ଗୋଟିଏ ଛୋଟ ବେଳାଭୂମି ଯାହାର ନାମ 'ଚକ୍ରତୀର୍ଥ ବିଚ୍' । ନାମଟି ଓଡ଼ିଆ ଓଡ଼ିଆ ଲାଗିଲାରୁ ଯିବାକୁ ଇଚ୍ଛା ହେଲା । ସେଇଟି ଅର୍ଦ୍ଧ ଚକ୍ରାକୃତିର ଏକ ଶାନ୍ତ ବେଳାଭୂମି । ଅନ୍ୟ ବେଳାଭୂମି ଠାରୁ ଅପେକ୍ଷାକୃତ ସ୍ଥିର ଜଳରାଶି ଏବଂ କୂଳରେ ହଳଦୀରଙ୍ଗର ସରୁ ବାଲିରେ ଖୁବ୍ ସୁନ୍ଦର ଦିଶୁଥିଲା ଅସ୍ତଗାମୀ ସୂର୍ଯ୍ୟଙ୍କ କିରଣ ଆଉ ତା'ର ଚାରିପଟେ ଥିବା ସମୁଦ୍ର ଆଉ ପାହାଡ଼ର ଛବି । ସେଦିନ ବୁଲାବୁଲି ସେଇଠି ସାରି ଆମେ ଫେରିଲୁ ଆମ ହୋଟେଲ୍‌କୁ ।

ପରଦିନ ସକାଳୁ ସକାଳୁ ଆସି ପହଞ୍ଚିଲା ଡ୍ରାଇଭର୍‌ଟି । ଆଜି ଆମର ଡିୟୁ ପୋର୍ଟ୍, ଡିୟୁର ପୁରୁଣା ସହର ଏବଂ ଆଉ ଗୋଟିଏ ସୁନ୍ଦର ବେଳାଭୂମି 'ଘୋଗଲା ବିଚ୍' ଦେଖିସାରି ସନ୍ଧ୍ୟା ସୁଦ୍ଧା ସ୍ଲିପର୍ ବସ୍ ଧରି ଫେରିବାକୁ ଥିଲା ଅହମ୍ମଦାବାଦ୍ । ତେଣୁ ତରବରରେ ହୋଇ ହୋଟେଲ୍‌ର କମ୍ପ୍ଲିମେଣ୍ଟାରୀ ବ୍ରେକ୍‌ଫାଷ୍ଟ ଖାଇ ବାହାରି ପଡ଼ିଲୁ ଡିୟୁର 'ଘୋଗଲା ବିଚ୍' ବୁଲିବାକୁ ।

'ଘୋଗଲା ବିଚ୍'ଟି ଡିୟୁର ବର୍ତ୍ତମାନର ମୁଖ୍ୟ ସହର ଠାରୁ ଟିକିଏ ଦୂରରେ । ଖୁବ୍ ସୁନ୍ଦର ସ୍ଥାନଟିଏ । ତାଳ, ଖଜୁରୀ, ନଡ଼ିଆ ଗଛରେ ଘେରା ଖୁବ୍ ସୁନ୍ଦର ସଫାସୁତୁରା ବେଳାଭୂମିରେ ଅନେକ ଫୁଲ ଗଛ ସହ ନୂଆ ନୂଆ ବାଉଁଶ ତିଆରି ଘର (Bamboo Wathc Tower) ରହିଛି ଯେଉଁଠି ବସି ପର୍ଯ୍ୟଟକମାନେ ସମୁଦ୍ର ଢେଉ ଆଉ ସମୁଦ୍ର ସ୍ନାନର ଆନନ୍ଦ ଉପଭୋଗ କରିପାରିବେ । ସେଠାରେ ଆହୁରି ମଧ୍ୟ ରହିଛି ଛୋଟ ବୋଟ୍ ।, କଦଳୀ ଗଛର ଭେଳା, କାୟାକ୍ ନେଇ ସୁମଦ୍ର ଭିତରକୁ ଯିବାର ବ୍ୟବସ୍ଥା । ପର୍ଯ୍ୟଟକମାନେ ଚାହିଁଲେ ନିଜେ କିମ୍ବା ଦକ୍ଷ ଚାଳକମାନଙ୍କ ସହାତାରେ ସମୁଦ୍ର ଭିତରେ ଭ୍ରମଣ କରରିପାରିବେ । ଆମେ ସେଠାରେ ଅନେକ ସମୟଧରି ବସିରହି ସମୁଦ୍ରର ଶୋଭା ଉପଭୋଗ କଲୁ । ତା'ପରେ ଚାଲିଲୁ ଡିୟୁ ଫୋର୍ଟ୍ ଦେଖିବା ପାଇଁ । ଐତିହାସିକ ଡିୟୁ ଦୁର୍ଗଟି ଗୁଜୁରାଟ ରାଜ୍ୟର ଉତ୍ତର ପଶ୍ଚିମ ଦିଗରେ ସାଗର ମଧ୍ୟରେ 'ଖମ୍ବାଟ୍' ମୁହାଣରେ ନିକଟରେ ଅବସ୍ଥିତ ପ୍ରକାଣ୍ଡକାୟ ଚମତ୍କାର ସ୍ଥାପତ୍ୟଟିଏ । ଐତିହାସିକ ଡିୟୁ ଦୁର୍ଗଟି ଗୁଜୁରାଟ ରାଜ୍ୟର ଉତ୍ତର ପଶ୍ଚିମ ଦିଗରେ ସାଗର ମଧ୍ୟରେ 'ଖମ୍ବାଟ୍' ମୁହାଣରେ ନିକଟରେ ଅବସ୍ଥିତ ପ୍ରକାଣ୍ଡକାୟ ଚମତ୍କାର ସ୍ଥାପତ୍ୟଟିଏ । ଦୀର୍ଘ ସମୟ ଧରି ପର୍ତ୍ତୁଗୀଜ୍‌ମାନଙ୍କ ଅଧୀନରେ ରହିଥିବା ଏହି ଦୁର୍ଗ ସେମାନଙ୍କ ପାଇଁ ନୌବାଣିଜ୍ୟ ବିସ୍ତାର ଏବଂ ସାମରିକ ସୁରକ୍ଷାର କେନ୍ଦ୍ର ରୂପେ ବ୍ୟବହୃତ ହେଉଥିଲା । ଏଠାରେ ଥିବା ସୁଉଚ୍ଚ ବତୀଘରଟି ଉପରକୁ ଉଠି ଦେଖିଲେ ଦିଗବଳୟ ବ୍ୟାପୀ ଅଥଳ ସାଗର ଏବଂ ତହିଁରେ ଥିବା ଦ୍ୱୀପମାନଙ୍କର ଦୃଶ୍ୟ ଖୁବ୍ ସୁନ୍ଦର ଭାବରେ ଦେଖାଯାଏ । ସେ ସମୟରେ ଦୁର୍ଗ ଉପରେ ପ୍ରାଚୀରର ପ୍ରତ୍ୟେକ ଟି ଫାଙ୍କରେ ଅନୁପ୍ରବେଶକାରୀ ଶତ୍ରୁଙ୍କୁ ମୁକାବିଲା କରିବା ଲାଗି ବଡ଼ବଡ଼ ତୋପ ଏବଂ ଗୋଳା ଖଞ୍ଜା ହୋଇ ରହିଥିଲା ଯାହାର ଭଗ୍ନାବଶେଷ ଏବେ ମଧ୍ୟ ଦେଖିବାକୁ ମିଳେ । ଦୁର୍ଗର ସମ୍ମୁଖ ଦ୍ୱାରଦେଶରେ ପ୍ରବେଶ ପଥ ରହିଛି, ସେଠାରୁ ଦଲାଣ ଲମ୍ବିଛି ଅନେକ



ଦୂର ଯାଏଁ । କଡ଼େକଡ଼େ ରହିଥିବା ଭଗ୍ନ କୋଠରୀର ପ୍ରାସାଦ ଗୁଡ଼ିଏ ମଧ୍ୟ ରହିଛି କିନ୍ତୁ ତା' ଭିତରକୁ ଯିବା ଲାଗି ଦର୍ଶକମାନଙ୍କୁ ମନା । ଉଠାଣି ଗଡ଼ାଣି ଏବଂ ବଡ଼ବଡ଼ ପଥର ପାହାଚ ଦେଇ ଆଗକୁ ଗଲେ ରହିଛି ବତୀଘରର ଭଗ୍ନାବଶେଷ । ତା'ଉପରକୁ ଚଢ଼ିବା ପାଇଁ ରହିଛି ପଥର ନିର୍ମିତ ପୁରୁଣା ସଂକୀର୍ଣ୍ଣ ପାହାଚ ସହିତ ନୂଆକରି ଲାଗିଥିବା ଲୁହାର ପାହାଚ ସବୁ । ପର୍ଯ୍ୟଟକମାନେ ତା'ରି ଉପରେ ଚଢ଼ି ଚଢ଼ି ଦୁର୍ଗର ଶେଷଯାଏଁ ଯାଉଛନ୍ତି । ଅନ୍ୟମାନେ ଶୀର୍ଷଯାଏଁ ଗଲେ ମଧ୍ୟ ମୁଁ ଅଧାବାଟରେ ହିଁ ରହିଲି ତଥାପି ସେଠାରୁ ଦିଶୁଥିଲା ସମୁଦ୍ର ଭିତରେ ଥିବା ଛୋଟ ଦ୍ୱୀପଟିଏ, ଟୁରିଷ୍ଟ୍ ଗାଇଡ୍ ଜଣେ କହୁଥିଲେ ସେଇ ଦ୍ୱୀପରେ କାଳେ ଆମର ଖାନ୍ ଏବଂ ଜୁହି ଚାୱଲା ଅଭିନୀତ ପ୍ରସିଦ୍ଧ ହିନ୍ଦୀ ସିନେମା 'କୟାମତ୍ ସେ କୟାମତ୍ ତକ୍'ର ସୁଟିଂ ହୋଇଥିଲା । ଏବେ ମଧ୍ୟ ସେଇ ଛୋଟ ଦ୍ୱୀପଟି ଖୁବ୍ ସୁନ୍ଦର ଦିଶୁଛି ଦୁର୍ଗର ପାଚେରୀ ଉପରୁ । ଦୁର୍ଗ ଏବଂ ଏହାର ଆଖପାଖ ଅଞ୍ଚଳ ଅଧୁନା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ପର୍ଯ୍ୟଟନର ରକ୍ଷଣାବେକ୍ଷଣରେ ରହିଛି । ସରକାରୀ ସ୍ତରରେ ଯଥାସମ୍ଭବ ମରାମତି ଏବଂ ସଫେଇ କାର୍ଯ୍ୟ ଲାଗି ରହିଛି । ଦୁର୍ଗର ଦ୍ୱାର ପାଖରେ କେତୋଟି ଉଠା ଦୋକାନ ବଜାର ରହିଛି । ସେଠାରେ ଚାହା ଜଳଖିଆ ଖାଇ ଆମେ ବାହାରି ଆସିଲୁ ଆମ ହାତରେ ଆଉ ବେଶୀ ସମୟ ନଥିଲା କାରଣ ଆମକୁ ହୋଟେଲ ଯାଇ ଜିନିଷ ପତ୍ର ସଜଡ଼ାସଜଡ଼ି କରି ସନ୍ଧ୍ୟା ସାଢ଼େ ସାତଟାରେ ଅହମ୍ମଦାବାଦ୍ ବସ୍ ଧରିବାର ଥିଲା ।



ଆମ ହୋଟେଲ୍‌କୁ ଫେରିବା ରାସ୍ତାରେ ହିଁ ପଡୁଥିଲା ଡିୟୁ ଦ୍ୱୀପର ସର୍ବ ପୁରାତନ ଏବଂ ସବୁଠାରୁ ବଡ଼ ଚର୍ଚ୍ଚ୍ 'ସେଣ୍ଟ୍ ପଲ୍ ଚର୍ଚ୍ଚ୍ ।' 'ସେଣ୍ଟ୍ ପଲ୍ ଚର୍ଚ୍ଚ୍' ପାଖରେ କାର୍‌ରୁ ଓହ୍ଲାଇ କେବଳ ବାହାରୁ ଦେଖିଲୁ ଚର୍ଚ୍ଚ୍‌ଟି । ବୃହଦାକାର ରାଜ ପ୍ରାସାଦ ଭଳି ଉପାସନା ସ୍ଥଳଟିର ଅତି ସୁନ୍ଦର ସୂକ୍ଷ୍ମ କାରୁକାର୍ଯ୍ୟରେ ଭରା । ବାହାର ପଟେ ଗୁଡ଼ିଏ ଫୁଲ ଗଛ । ଦେଖିଲେ ଖୁବ୍ ଖୁସି ଲାଗୁଥିଲା, ସେଇଠି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ମଥା ନୁଆଁଇ ଆମେ କାର୍‌ରେ ବସି ଆମେ ହୋଟେଲ୍‌କୁ ଫେରିଲୁ ।

ପିଲାବେଳେ ସ୍କୁଲରେ ଭୂଗୋଳରେ ପଢ଼ିଥିଲି କେନ୍ଦ୍ରଶାସିତ ଅଞ୍ଚଳ ଗୋଆ, ଡାମନ୍, ଡିୟୁ ବୋଲି । କିନ୍ତୁ ସେଇ ଛୋଟ ଦ୍ୱୀପଟି ଏତେ ସୁନ୍ଦର ବୋଲି କଳ୍ପନା ସୁଦ୍ଧା କରି ନଥିଲି । ଈଶ୍ୱରଙ୍କ ଦୟାରୁ ସେଇଟି ସ୍ୱଚକ୍ଷୁରେ ଦେଖିବାର ସୌଭାଗ୍ୟ ମିଳିଲ । ଆମ ଇତିହାସର ଜୀବନ୍ତ ସାକ୍ଷୀ ଡିୟୁ ଦୁର୍ଗ, ନାଗୋଆ ବେଳାଭୂମି, ଗଙ୍ଗେଶ୍ୱର ବେଳାଭୂମିରେ ଗୁମ୍ଫା ମଧ୍ୟରେ ପାଞ୍ଚ ପାଣ୍ଡବଙ୍କ ଦ୍ୱାରା ନିର୍ମିତ ଗଙ୍ଗେଶ୍ୱର ପାଞ୍ଚ ଲିଙ୍ଗ, ଯାହାକୁ ସାଗର ଆସି ପ୍ରତି କ୍ଷଣରେ ଥରେ ଅଭିଷେକ କରି ପ୍ରଣାମ ଜଣାଇ ଯାଉଛି, ଆଇଏନ୍‌ଏସ୍ କୁଖରୀ ବେଳାଭୂମିରେ ସାପୁଆ ପାହାଡ଼ି ରାସ୍ତାରେ ବ୍ୟାଟେରୀ ଗାଡ଼ିରେ ବସି ଦେଖିଥିବା ସମୁଦ୍ରର ଭୀମ ଭୟଙ୍କର ଲହରୀ ମାଳା, ପାହାଡ଼ ଗୁମ୍ଫା ଭିତରେ ଦେବୀ ମାତାଙ୍କର ଚରଣ ପଖାଳି ଯାଉଥିବା ସାଗରର ଉତ୍ତାଳ ତରଙ୍ଗ, ଘୋଘଲା ବେଳାଭୂମିରେ ସାଗରର ଘୋ, ଘୋ, ଗର୍ଜନ, ଜଳନ୍ଧର ବେଳାଭୂମିରେ ପାହାଡ଼ ଉପରେ ଥିବା ଦେବୀମାତାଙ୍କର ମନ୍ଦିର ଶୀର୍ଷକୁ ଛୁଇଁ ଯାଉଥିବା ସାଗରର ଉତ୍ତୁଙ୍ଗ ଲହରୀ ମାଳା, ଡିୟୁ ସହରର ପୁରୁଣା ସେଣ୍ଟ୍ ପଲ୍ ଚର୍ଚ୍ଚ୍ ସବୁ ଗୋଟି ଗୋଟି ହୋଇ ଆଖିରେ ନାଚୁଥିଲା । ଏବେ ସନ୍ଧ୍ୟା ସାତଟା ବାଜିଲାଣି, ତେବେ ବି ସୂର୍ଯ୍ୟ କିରଣ ଆମ ସେପଟେ ଦିନ ଚାରିଟା ଭଳି, ସାଗର କୂଳରେ ବସି ସୂର୍ଯ୍ୟାସ୍ତକୁ ଅପେକ୍ଷା କରିଛୁ । ଆଉ ଟିକିଏ ପରେ ହୋଟେଲ୍ ଛାଡ଼ି ଅହମ୍ମଦାବାଦ୍ ଯିବାକୁ ହେବ । ଡିୟୁ ଛୋଟ ଦ୍ୱୀପଟିଏ ହେଲେ ମଧ୍ୟ ତା'ର ପ୍ରାକୃତିକ ଶୋଭା ମୋ'ର ସାରା ଜୀବନ ଅଭୁଲା ରହିବ ।



# ନିତ୍ୟନୂତନ ନବନୀତା



# ନବନୀତା : ତୁମେ ସେହି ଜ୍ୟୋତିର୍ମୟୀ ଶୁଦ୍ଧ ଶୁଭ୍ରବେଶା


**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ପୂର୍ବତନ ବିଭାଗ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୭୫୬୦୮୯, ଫୋନ: ୯୯୩୭୭୩୬୫୬୯୮


ଫଟୋ ସୌଜନ୍ୟ : ଗୁଗୁଲ୍



◀ ଲେଖକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରିବାରରେ ତାଙ୍କ ପ୍ରପୌତ୍ର ଭାବରେ ଜନ୍ମ ନେବାର ଯେଉଁ ସୌଭାଗ୍ୟ ମୋତେ ମିଳିଲା ସେଥିପାଇଁ ଭଗବାନଙ୍କ ନିକଟରେ ଓ କବିଙ୍କ ଉଦ୍ଦେଶ୍ୟରେ ସାରାଜୀବନ କୃତଜ୍ଞତା ଅନୁଭବ କଲେ ମଧ୍ୟ ତାହା ମନେ ହେବ ଯତ୍‌କିଞ୍ଚିତ୍ ମାତ୍ର । ପ୍ରତିବର୍ଷ ଉତ୍କଣ୍ଠିତ ଚିତ୍ତରେ ମୁଁ ଅପେକ୍ଷା କରିଥାଏ କେବେ ଗଙ୍ଗାଧର ଜୟନ୍ତୀର ପବିତ୍ର ତିଥି ଅବତରଣ କରି ଆସିବ ଏଇ ଧରିତ୍ରୀ ବକ୍ଷକୁ । କବିଙ୍କ ଆବିର୍ଭାବ ସମୟ ହେଲା ୧୮୬୨ ମସିହା । ତାଙ୍କର ୧୫୦ତମ ଜୟନ୍ତୀ ପାଳନ ସମ୍ପର୍କରେ ଆଜି କିଛି କହିବାକୁ ଯିବାବେଳେ ଯାହାଙ୍କ କଥା ସର୍ବପ୍ରଥମେ ମନେ ପଡୁଛି ସେ ହେଲେ ବଙ୍ଗଳାର ବିଶିଷ୍ଟ କବି ଓ ଲେଖିକା **ନବନୀତା ଦେବସେନ୍** । ଗଙ୍ଗାଧର ଜୟନ୍ତୀ ସହିତ ନବନୀତାଙ୍କ ସ୍ମୃତି ହୃଦୟକୁ ଗଭୀର ଭାବରେ ଆଲୋଡ଼ିତ କରିବାର କି ରହସ୍ୟ ବିଦ୍ୟମାନ ତାହାକୁ ଉନ୍ମୋଚନ କରିଦେବା ହେଉଛି ମୋ ଜୀବନର ଏକ ପବିତ୍ର ଯଥା ନିବେଦନ ।

୨୦୧୨ ମସିହାରେ କବିଙ୍କ ୧୫୦ତମ ଜୟନ୍ତୀ ଗୋଟିଏ ବର୍ଷ ବ୍ୟାପୀ ସମଗ୍ର ଓଡ଼ିଶାରେ ଓ ଓଡ଼ିଶା ବାହାରେ ମଧ୍ୟ ଯେପରି ନିର୍ମଳ ଭାବାବେଗର ସହିତ ପାଳିତ ହେଲା, ତାହା ସ୍ମରଣ କରିବା ମାତ୍ରକେ ପରିଶୁଦ୍ଧ ହୋଇଯାଏ ଏହି କ୍ଷୁଦ୍ର ଅନ୍ତରଟି ମୋର । ମୁଁ କ'ଣ କେବେ ହେଲେ କଳ୍ପନା କରିଥିଲି ଯେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ କୋଲକାତା ନ୍ୟାସନାଲ ଲାଇବ୍ରେରୀ ପ୍ରେକ୍ଷାଗୃହରେ ପାଳିତ ହେବ ଗଙ୍ଗାଧର ଜୟନ୍ତୀ ! ଏହା ମଧ୍ୟ କ'ଣ ମୁଁ ଭାବିପାରନ୍ତି ଯେ ଏକାଡ଼େମୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ମୁଁ ଯାଇପାରେ କୋଲକାତାକୁ ! ବିଧି ନିର୍ଦ୍ଦେଶ ଅନୁଯାୟୀ ଯିବାକୁ ହେଲା କୋଲକାତା ମହାନଗରୀକୁ । ଜୟନ୍ତୀ ତ ପାଳନ ହୋଇଥାନ୍ତା ନିଶ୍ଚୟ ସଂପୂର୍ଣ୍ଣ ଆନ୍ତରିକତାର ସହିତ । କିନ୍ତୁ ଏହି ସଭାରେ ଯୋଗଦାନ କରିବାର ଏକ ନୂତନ ଆକର୍ଷଣ ମୋ ପାଇଁ ଯେ ଥିଲେ ସେ ହେଉଛନ୍ତି ନବନୀତା ଦେବସେନ । ଜୟନ୍ତୀର ଉଦ୍‌ଘାଟନ ପର୍ବରେ ତାଙ୍କରି ଉପସ୍ଥିତି ଥିଲା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ।


ବରପାଲିରୁ କୋଲକାତା ଯିବା ପାଇଁ ଟ୍ରେନ୍‌ରେ ବସିଲି ଯେଉଁ ମୁହୂର୍ତ୍ତରେ ମୋର ପ୍ରିୟ ଅନୁଜ ଡକ୍ଟର ଶୁକମୁନି ମେହେରଙ୍କ ସହିତ ସେତେବେଳେ ଯାହାଙ୍କ କବି-ବ୍ୟକ୍ତିତ୍ୱର ଆକର୍ଷଣ ଟାଣି ନେଉଥିଲା ଶକ୍ତିଶାଳୀ ଏକ ଚୁମ୍ବକ ପରି, ସେ ନବନୀତା ଦେବସେନଙ୍କ ବ୍ୟତୀତ ଆଉ କିଏ ବା ହୋଇପାରନ୍ତି ? ମୁଁ ଗଙ୍ଗାଧରଙ୍କ ପରିବାରରେ ଜନ୍ମ ହେଲି ଏ କଥା ସତ୍ୟ । ତା'ଠାରୁ ଆହୁରି ଗୌରବଜନକ ଅନୁଭୂତି ହେଲା ଏ ପୃଥିବୀର ସମସ୍ତ ସାଧୁ ସାହିତ୍ୟ ସ୍ରଷ୍ଟାମାନଙ୍କ ପ୍ରତି ଅନ୍ତରରେ ଲାଭ କରୁଛି କରୁଥିଲି ଓ କରୁଥିବି ଏପରି ମମତାମୟ ଆକର୍ଷଣ ଯେ ସମସ୍ତେ ହିଁ ମନେ ହୁଅନ୍ତି ଆପଣା ପରିବାରର ଅନ୍ତର୍ଭୁକ୍ତ । ଏ ଦୃଷ୍ଟିରୁ ନବନୀତାଙ୍କୁ ମଧ୍ୟ ଭାବିଥିଲି ସେ ଆମ ପରିବାରର ଏକାନ୍ତ ଆପଣାର ।

ନବନୀତା ଦେବସେନଙ୍କୁ ମୁଁ କ'ଣ ପଢ଼ି ପାରିଥିଲି ଭଲ ଭାବରେ ? କେବଳ ଶୁଣିଥିଲି ତାଙ୍କ ଲେଖାର ମୌଳିକତା ସଂପର୍କରେ । ତାଙ୍କ ଘରର ନାମ 'ଭାଲୋବାସା' । ସେହିଠାରେ ରହି ସେ ଲେଖିଛନ୍ତି ନିଜ ଜୀବାନୁଭୂତିକୁ ନିଃସଙ୍କୋଚରେ । ତାଙ୍କ ଲେଖାର କେତେକ ଧାଡ଼ି ମନକୁ ମୋର ଆବେଗ ପ୍ରବଣ କରି ଦେଉଥିଲା । କିନ୍ତୁ ଏ କଥା କାହାକୁ ଅବା କହିଥାନ୍ତି ସେତେବେଳେ । ଟ୍ରେନ୍‌ରେ ବସି ଭାବୁଥିଲି ନବନୀତାଙ୍କ ବିଷୟରେ ବିଶିଷ୍ଟ ଚିତ୍ତରେ । ସାରା ରାତି ଚାଲିଥିଲା ଟ୍ରେନ୍ ସାବଲୀଳ ଗତିରେ । ଆଉ ସେହି ଗତିର ଛନ୍ଦ ସହିତ ଛନ୍ଦ ମିଳାଇ ମୋର ଭାବନା ପ୍ରଲମ୍ବିତ ହୋଇ ଯାଉଥିଲା କୋଲ୍‌କାତା ପର୍ଯ୍ୟନ୍ତ । ଏ ଅନୁଭବର କଥା ତ ଅସରନ୍ତି । କେବଳ ଥିଲା ଅପେକ୍ଷା ନୂତନ ସକାଳକୁ । କୋଲ୍‌କାତାରେ ପହଞ୍ଚିବା ପରେ 'ଓଡ଼ିଶା ଭବନ'ରେ ନିତ୍ୟକର୍ମ ସାରି ଅବିଳମ୍ବେ ପହଞ୍ଚିବାକୁ ହେଲା ନ୍ୟାସନାଲ୍ ଲାଇବ୍ରେରୀ ପରିସରରେ । ଓଡ଼ିଶା ସାହିତ୍ୟ ଏକାଡ଼ମୀର ସଭାପତି ସେତେବେଳେ ଥାଆନ୍ତି ବିଶିଷ୍ଟ କଥାଶିଳ୍ପୀ ରାମଚନ୍ଦ୍ର ବେହେରା । ଅତି ନିକଟରେ ପାଇଥିଲି ତାଙ୍କୁ ଓ ଅଭିଭୂତ ହୋଇଯାଇଥିଲି ଯେ, ସେ ମୋ ଲେଖା ମଧ୍ୟ ପଢ଼ନ୍ତି ଧ୍ୟାନମଗ୍ନ ଭାବରେ । ନ୍ୟାସ୍‌ନାଲ୍ ଲାଇବ୍ରେରୀର ପ୍ରେକ୍ଷାଗୃହ ସେଦିନ ହୋଇଯାଇଥାଏ ପରିପୂର୍ଣ୍ଣ । ପ୍ରବୀଣ, ବୟସ୍କ ଓ ତରୁଣମାନଙ୍କ ସମାବେଶରେ ଉଚ୍ଛୁଳି ଉଠୁଥାଏ ସଭାସ୍ଥଳ । ମୁଁ ଅପେକ୍ଷା କରି ରହିଥାଏ ନବନୀତା ଦେବସେନ ଆସିବେ କେତେବେଳେ । ତାଙ୍କ ସହିତ ମୋତେ କିଏ ପରିଚିତ କରାଇଦେବ, ଏପରି ଆକାଂକ୍ଷା

ଠାରୁ ମୁଁ ଥିଲି ଅନେକ ଦୂରବର୍ତ୍ତୀ । କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ନିକଟକୁ ଯାଇ ପରିଚିତ ହେବାର ମନୋଭାବ ଆମ ପରିବାରର ନଥାଏ କାହାରି । ସେହି ସଂସ୍କୃତିରେ ବଢ଼ି ଆସିଥିବା ମୋ ପରି ଏକ ନିରୀହ ସନ୍ତାନ କାହିଁକି ବା କେଉଁ ସୁବିଖ୍ୟାତ ବ୍ୟକ୍ତିତ୍ୱଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ ହୋଇଥାନ୍ତା ଲାଳାୟିତ ।

ଯଥା ସମୟରେ ଆସି ପହଞ୍ଚିଥିଲେ ମାନନୀୟା ଦେବ୍‌ସେନ୍ ହାସ୍ୟମୟ ମୁଖଭଙ୍ଗୀ ସହିତ । ତାଙ୍କର ଗୌରତନୁକୁ ଆବୃତ୍ତ କରି ରହିଥାଏ ଶୁଭ୍ର ପରିଧାନ । ଚମକି ପଡ଼ିଲି କ୍ଷଣେ । ମନେହେଲା ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟରେ ବର୍ଣ୍ଣିତ 'ଶୁଦ୍ଧ-ଶୁଭ୍ର-ବେଶା' ବିଦ୍ୟାଦାତ୍ରୀ ସ୍ୱୟଂ ଜ୍ୟୋତିର୍ମୟୀ ସତେ ଯେମିତି ମଞ୍ଚ ଉପରେ ଉଦ୍ଭାସିତା । ମୁଁ ଯାହା ଭାବିଥିଲି ତାହା ହିଁ ଘଟିଲା । କେହି ହେଲେ ତାଙ୍କ ସହିତ ମୋର ପରିଚୟ କରାଇ ଦେଇ ନଥିଲେ । ଯଦିଓ କବି ପରିବାରର, ଉତ୍ତରଦାୟାଦ ଓ ଆଲୋଚକ ଭାବରେ ମୁଁ ହୋଇଥିଲି ଆମନ୍ତ୍ରିତ, ତଥାପି ଅତି ସାଧାରଣ ଜଣେ ଅନାମଧେୟ ଉପେକ୍ଷିତ ସତ୍ତା ପରି ସଭାକକ୍ଷର ଏକ ଆସନରେ ବସି ରହିଥିଲି ସଙ୍କୋଚର ସହିତ । ମୁଁ ଏହା ଜାଣେ ଯେ କିଏ କାହାକୁ କାହା ସହିତ ପରିଚିତ କରାଇଦେଲେ ପ୍ରକୃତ ପରିଚୟ କେହି କାହାର ପାଆନ୍ତି ନାହିଁ । ସେଥିପାଇଁ ନବନୀତାଙ୍କ ସହିତ ପରିଚିତ ହୋଇ ନପାରିବାର ଅବସୋସ ମୋର ସେତେବେଳେ ନଥିଲା । ଆଜି ବି ନାହିଁ ।

ମୁଁ ତ ନବନୀତାଙ୍କ କବି-ବ୍ୟକ୍ତିତ୍ୱ ସହିତ ଯେତିକି ଆତ୍ମୀୟତା ପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିବି ତାହା ହିଁ ହେଲା ଶ୍ରେଷ୍ଠ ପରିଚୟ । କେହି କେହି ଏ କଥା ଭାବି ପାରନ୍ତି ଯେ ଏହା ତ ତାଙ୍କ ସହିତ ମୋର ପରିଚୟ । କିନ୍ତୁ ସେ ମୋତେ ଜାଣିବାର ସୁଯୋଗ ପାଇଲେ ଆଉ କେତେବେଳେ? ବାସ୍ତବ ଭାବ ସମ୍ପର୍କ ପ୍ରତିଷ୍ଠିତ ହୁଏ ସାହିତ୍ୟର ପ୍ରାଣପୂର୍ଣ୍ଣ ପୃଷ୍ଠା ମାଧ୍ୟମରେ । ଏଠି କେହି କାହାର ନାଁ ଜାଣିବା ଆଦୌ ନୁହେଁ ଗୁରୁତ୍ୱପୂର୍ଣ୍ଣ । ନବନୀତା-ଗଙ୍ଗାଧରଙ୍କୁ ଚିହ୍ନିଥିଲେ । ମାତ୍ର ଗଙ୍ଗାଧର କ'ଣ ନବନୀତାଙ୍କୁ ଜାଣିବା ସମ୍ଭବ? ହଁ ସମ୍ଭବ । କାରଣ ଗଙ୍ଗାଧରଙ୍କ ଗୋଟିଏ ଗୋଟିଏ ଶବ୍ଦରେ ଯେଉଁ ଜୀବନ ରହିଛି ତାହା ଆଉ ଜଣେ ମଣିଷର ହୃଦୟକୁ ଅନୁଭବ କରିପାରେ ଅନାୟାସରେ । ତେଣୁ ମୁଁ ଯେତେବେଳେ ଚାହୁଁଥାଏ ମଂଚରେ ସୁସଜ୍ଜିତ ଗଙ୍ଗାଧରଙ୍କ ପ୍ରତିଛବି ପ୍ରତି, ମୋର ମନେ ହେଉଥାଏ ନବନୀତାଙ୍କୁ ଦେଖି ଗଙ୍ଗାଧରଙ୍କ ଦୁଇ ଆଖିରେ ପ୍ରସ୍ଫୁଟିତ ହୋଇ ଉଠୁଥାଏ ଶୁକ୍ଳବର୍ଣ୍ଣର ପଦ୍ମ ପାଖୁଡ଼ା । ଗଙ୍ଗାଧରଙ୍କ ଜୀବନ୍ତ ପ୍ରତିକୃତି ପ୍ରତି ଦୃଷ୍ଟିପାତ କରୁଥାନ୍ତି




ଯେତେବେଳେ ନବନୀତା, ସତେକି ତାଙ୍କ ଆଖିରେ ବିନ୍ଦୁ ବିନ୍ଦୁ ଅମୃତ ଝରି ପଡୁଥାଏ ସମସ୍ତଙ୍କ ଅଲକ୍ଷ୍ୟରେ । କେହି ଯେପରି ନଭାବନ୍ତି ଯେ ଏହା ଏ ଅଧମ ଲେଖକର କାଳ୍ପନିକ ବର୍ଣ୍ଣନା ବୋଲି । ମୁଁ ଯଦି ଯାଇଥାନ୍ତି ନବନୀତାଙ୍କ ଗୃହ ପରିସରକୁ, ସେଇଠି ଯାହା ଦେଖିଥାନ୍ତି ତାହା ହିଁ ଏଠାରେ ପ୍ରତ୍ୟକ୍ଷ କରିପାରୁଛି ବୀଣାପାଣିଙ୍କ ଅଶେଷ ଓ ଅସୀମ କରୁଣା ବଳରେ ।


ଏକଥା ନିରାଟ ସତ୍ୟ ଯେ ଓଡ଼ିଆ ପାଠକମାନେ ବା ଲେଖକମାନେ ଯେତିକି ଆଗ୍ରହର ସହିତ ପଢ଼ନ୍ତି ବଙ୍ଗଳା ପୁସ୍ତକ, ସେହି ଅନୁସାରେ ବଙ୍ଗ ପାଠକ ଓ ଲେଖକଙ୍କ ନିକଟରେ ଓଡ଼ିଆ ପଢ଼ିବାର ଅନୁରାଗ ଅଣୁମାତ୍ର ବି ନାହିଁ । ସେମାନେ ଓଡ଼ିଆ ସାହିତ୍ୟର ପୁରସ୍କାର ପ୍ରାପ୍ତ ଯେଉଁ ଲେଖକ ଲେଖିକାଙ୍କୁ ଜାଣନ୍ତି ବା ଚିହ୍ନନ୍ତି ତାହା ଇଂରାଜୀ ଭାଷା ମାଧ୍ୟମରେ କେବଳ । ଏହିପରି ଯେତିକି ପରିମାଣରେ ବଙ୍ଗଳା ପୁସ୍ତକ ଓଡ଼ିଆ ଭାଷାରେ ହୋଇଛି ରୂପାନ୍ତରିତ, ତା'ର ତୁଳନାରେ ଓଡ଼ିଆ ବହିର ବଙ୍ଗାନୁବାଦ କିଞ୍ଚିତ ମାତ୍ର ହୋଇଛି ସମ୍ଭବ । ଏହିପରି ଏକ ନୈରାଶ୍ୟମୟ ପରିସ୍ଥିତି ପରିପ୍ରେକ୍ଷୀରେ ଗଙ୍ଗାଧର ଜୟନ୍ତୀକୁ ନବନୀତାଙ୍କ ଆଗମନ କି ତାତ୍ପର୍ଯ୍ୟପୂର୍ଣ୍ଣ ତାହା ବିଶ୍ଳେଷଣ କରିବା ନିଷ୍ପ୍ରୟୋଜନ । ପାଖରେ ବସିଥିବା ଭଦ୍ରବ୍ୟକ୍ତିମାନେ ପରସ୍ପର ବାର୍ତ୍ତାଳାପ କରୁଥାନ୍ତି ନବନୀତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ । ସେ ହେଉଛନ୍ତି ନୋବେଲ ପୁରସ୍କାର ବିଜୟୀ ବିଶିଷ୍ଟ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନଙ୍କ ପୂର୍ବତନ ପତ୍ନୀ । କାହିଁକି କାହା ଜୀବନରେ ଘଟିଯାଏ ମିଳନ ଓ ବିଚ୍ଛେଦ ତା'ର କାରଣ ନିରୂପଣ କଦାପି ସହଜସାଧ୍ୟ ବ୍ୟାପାର ନୁହେଁ । କାହାରି ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଜାଣିବାରେ ସାମାନ୍ୟ କୌତୂହଳ ନଥାଏ କେବେ ହେଲେ ମୋ ମନରେ । ଯିଏ ଯାହା କହନ୍ତି ତାକୁ ଶୁଣେ ଅନାସକ୍ତ ଚିତ୍ତରେ ଓ ସେସବୁକୁ ବିସ୍ମରିଯିବା ପାଇଁ କ୍ଷଣଟିଏ ମଧ୍ୟ ଲାଗେ ନାହିଁ ମୋତେ । ପ୍ରକୃତରେ ଏହାଦ୍ୱାରା ମୁଁ ଏକଥା ପ୍ରତିପାଦନ କରିବାକୁ ଯାଉନାହିଁ ଯେ କବି ଲେଖକଙ୍କ ବ୍ୟକ୍ତିଗତ ଜୀବନ ତାତ୍ପର୍ଯ୍ୟହୀନ । ଜୀବନ ଓ ସାହିତ୍ୟର ସଂପର୍କକୁ ସଂଯୁକ୍ତ କରି ନିରପେକ୍ଷ ଓ ସମ୍ବେଦନଶୀଳ ବିଚାର କରିବାକୁ ଅଛନ୍ତି କେତେଜଣ? କେବଳ ଏହି କାରଣରୁ ହିଁ ମୁଁ ଏ ପ୍ରସଙ୍ଗରେ ଥାଏ ନୀରବ ଆଉ ଅନାସକ୍ତ ।

ନବନୀତା ଗଙ୍ଗାଧର ମେହେରଙ୍କୁ ଜାଣିଲେ କିପରି? ସେ କ'ଣ ଓଡ଼ିଆ ପଢ଼ି ଜାଣନ୍ତି? ନା ଇଂରାଜୀ ଭାଷାର ସାହାଯ୍ୟ ନେଇ ସେ କିଛି ପରିମାଣରେ ପରିଚିତ ହୋଇଥାଇ ପାରନ୍ତି ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ସଂପର୍କରେ । ବ୍ୟକ୍ତିଗତ ଭାବରେ ଦେଖା ହୋଇଥିଲେ ନମ୍ରତାର ସହିତ ଏହି ପ୍ରଶ୍ନ ତାଙ୍କୁ ନିଶ୍ଚୟ ପଚାରିଥାନ୍ତି । ତାହା ତ ଏ ପରିବେଶରେ ଆଦୌ ସମ୍ଭବ ନୁହେଁ । ଯାହା ସମ୍ପୂର୍ଣ୍ଣ ଅସମ୍ଭବ ତାହାକୁ ଯଥାର୍ଥ ଭାବରେ

ଅନୁଭବ କରିପାରିବାର ଅସୀମ ସାମର୍ଥ୍ୟ ଭଗବାନ ଦେଇଛନ୍ତି ମଣିଷକୁ । ଯେଉଁମାନେ କେବଳ ସାକ୍ଷାତକାର ମାଧ୍ୟମରେ ସଂଗ୍ରହ କରିଥାନ୍ତି ଅନେକ ତଥ୍ୟ, ସେପରି ସାକ୍ଷାତକାର କାହାରି ସହିତ ମୁଁ ନିଜ ଜୀବନରେ କରିପାରି ନାହିଁ । କାରଣ ପ୍ରାୟତଃ କାହାକୁ କୌଣସି ପ୍ରଶ୍ନ ପଚାରିବାର ପ୍ରେରଣା ଅନୁଭବ କରେନାହିଁ କେବେହେଲେ । ଜଣେ କବି, ଲେଖକ, କଳାକାର ଯାହାବି ସ୍ୱତଃସ୍ଫୂର୍ତ୍ତ ଭାବରେ କହିଯାଆନ୍ତି ଏଇଥିରୁ ହିଁ ମୋର ସମସ୍ତ ଜିଜ୍ଞାସାର ପ୍ରକୃଷ୍ଟ ଉପାଦାନ ଗ୍ରହଣ ଓ ଆଘ୍ରାଣ କରିନେବାର ଯତ୍‌କିଞ୍ଚିତ୍ ଶକ୍ତି ଦେଇଛନ୍ତି ଯେଉଁ ବିଶ୍ୱ ବିଧାତା, ତାଙ୍କ ପ୍ରତି ମୁଁ ସଦା କୃତଜ୍ଞ । ଯେଉଁମାନେ ଓଠରେ ଉଚ୍ଚାରିତ ଶବ୍ଦ କେବଳ ଶୁଣି ପାରନ୍ତି ସେମାନେ କ'ଣ ଅନ୍ତର ମଧ୍ୟକୁ ପ୍ରବେଶ କରିପାରନ୍ତି ପ୍ରକୃତରେ ? ଅନେକ କଥା ଆଖିରେ କୁହାଯାଏ । ଅନେକ ବ୍ୟଥା କମ୍ପିତ ଓଷ୍ଠାଧାରରେ ଫୁଟି ଉଠୁଥାଏ । ଅନେକ ଗହନ ସତ୍ୟ ଶବ୍ଦର ଅନ୍ତରାଳରେ ଲୁଚି ରହିଥାଏ । ଏସବୁକୁ ଆମେ ଆବିଷ୍କାର କରିପାରୁ ବା ନପାରୁ ସେଥିପ୍ରତି ଆପଣାକୁ ଉନ୍ମୁକ୍ତ ରଖିବା ହେଉଛି ଉଚ୍ଚକୋଟୀର ଶିଷ୍ଟାଚାର । ଅନେକ ବିଷୟ ତେଣୁ ନପଚାରି ମଧ୍ୟ ହୃଦୟଙ୍ଗମ କରା ଯାଇପାରେ ନିଶ୍ଚୟ । ମୁଁ ସେହି ସୁଗଭୀର ପ୍ରତ୍ୟୟ ନେଇ ବସି ରହିଥିଲି ଉକ୍ତ ସଭା କକ୍ଷରେ ଆଉ ନିରେଖି ଦେଖୁଥିଲି ନବନୀତାଙ୍କ ମୁଖମଣ୍ଡଳରେ ଫୁଟି ଉଠୁଥିବା କାବ୍ୟିକ ଓ ମାନସିକ ଜ୍ୟୋତିକଣା ସବୁକୁ ।

ପ୍ରତିଭାମୟୀ ନବନୀତା ଥିଲେ ଯାଦବପୁର ବିଶ୍ୱ ବିଦ୍ୟାଳୟ ତୁଳନାତ୍ମକ ବିଭାଗର ମୁଖ୍ୟ । ଦେଶ ଓ ବିଦେଶର ବହୁ ସୁପ୍ରସିଦ୍ଧ ବିଶ୍ୱ ବିଦ୍ୟାଳୟରେ ତାଙ୍କର ଅନୁଭୂତି ବହୁଳ ଜୀବନ ଅତିବାହିତ । ଗଳ୍ପ ଏବଂ ଉପନ୍ୟାସ ପାଇଁ ସେ ଆନନ୍ଦ ପୁରସ୍କାର ସହିତ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ମଧ୍ୟ ଲାଭ କରିଛନ୍ତି । ତେବେ ନବନୀତା ସେଇ ଉପାଦାନରେ ଗଠିତ, ଯେଉଁମାନେ ପୁରସ୍କାର ପାଇଁ କେବଳ ଲେଖନ୍ତି ନାହିଁ ସାହିତ୍ୟ । ନିଜ ଅନ୍ତରର କଥା ଉନ୍ମୋଚନ କରି ଦେବାରେ ହିଁ ତାଙ୍କର ଘଟେ ପରିତୃପ୍ତି । ସେ ଏକଦା କହିଥିଲେ, "ସହୃଦୟ ପାଠକମାନେ କବିଙ୍କର ଅତି ଅନ୍ତରଙ୍ଗ । ସେମାନେ ହିଁ ହୃଦୟର ଗୋପନ କଥା ଶୁଣିବାର ଆନ୍ତରିକତାରେ ଉଦାର । କବିତାର ଶବ୍ଦରେ ଯେ ପର୍ଯ୍ୟନ୍ତ କବି ଅଙ୍ଗର ଲବଣାକ୍ତ ସ୍ୱେଦ ନମିଶିଛି ସେତେଦିନ ପର୍ଯ୍ୟନ୍ତ କବିତାର ଲାବଣ୍ୟ ଅପ୍ରକାଶିତ ।" ସେ ଏପରି ଜଣେ କବି ଯିଏ କବିତା ଦ୍ୱାରା ପାଠକର ଚେତନାର ଉତ୍ତରଣରେ ବିଶ୍ୱାସ ପ୍ରକଟ କରିଛନ୍ତି । ଆବେଗାତ୍ମକ ସ୍ୱରରେ ସେ କହନ୍ତି- "ମୋ କବିତାକୁ ଯିଏ ଭଲପାଏ ତା' ପାଖରେ ଘନିଷ୍ଠ ହୋଇ ବସି ରହିବାକୁ ଚାହେଁ ମୁଁ । କାରଣ ମୁଁ ଏହା ବି ଚାହେଁ ଯେ ମୋ ନିଶ୍ୱାସର ଉଷ୍ମତା ତାଙ୍କ ଦେହକୁ ସ୍ପର୍ଶ କରୁ । ସେ ଜାଣନ୍ତି ଚତୁର୍ଦ୍ଦିଗରେ କିପରି ଛାଇ ଯାଇଛି ଅଶ୍ରଦ୍ଧା ଓ ଅପ୍ରେମ । ସେଥିପାଇଁ ନିଜକୁ ନିଜେ ସମ୍ବୋଧନ କରି






ସେ କହିଛନ୍ତି- "ଯେତେଦିନ ପର୍ଯ୍ୟନ୍ତ ତୁମ ହାତରେ କଲମ, ସେତେଦିନ ପର୍ଯ୍ୟନ୍ତ ତୁମେ ନବନୀତା । ଏଇ ଜୀବନ କାଠି ତୁମ ହାତରେ ହିଁ ରହିଛି ।"

ମୁଁ ଯଦି ନବନୀତାଙ୍କୁ ସଭାଗୃହରେ ଦେଖିବାକୁ ପ୍ରସ୍ତୁତ ନହୋଇ ଯାଇଥାନ୍ତି ତାଙ୍କର ବାସଗୃହକୁ ତାହେଲେ ମୋ ଦେହରେ ତାଙ୍କ କବିପ୍ରାଣର ଯେଉଁ ନିଃଶ୍ୱାସ ବାଜିଥାନ୍ତା ତାହା ପ୍ରେକ୍ଷାଳୟରେ ବି ମଧ୍ୟ ଅନୁଭବ କରି ପାରୁଥିଲି ମର୍ମେମର୍ମେ । କବିର ଘର ସତେ କି ଅନ୍ତରଙ୍ଗ ପରିବେଶର ସାନ୍ନିଧ୍ୟ ପ୍ରଦାନ କରେ ପାଠକକୁ । ଏହାଠାରୁ ଆହୁରି ଘନିଷ୍ଠ ହେଇଯିବାର ଭାବ ତନ୍ମୟତା ରହିଥାଏ ତାଙ୍କ ହୃଦୟ-ପ୍ରକୋଷ୍ଠରେ । ସଭାଗୃହର ଅସଂଖ୍ୟ ଶ୍ରୋତାଙ୍କ ମେଳରେ ବସିଥିଲେ ମଧ୍ୟ ମୋତେ ଲାଗୁଥିଲା ଯେ ମୁଁ ସତେ ଯେମିତି ନବନୀତାଙ୍କର ଆତ୍ମା-କକ୍ଷରେ ବିଭୋର ଭଙ୍ଗୀରେ ଉପବିଷ୍ଟ । ଗଙ୍ଗାଧର ଜୟନ୍ତୀ ପାଳନର କାର୍ଯ୍ୟକ୍ରମ ଆରମ୍ଭ ହେବାର ଘୋଷଣା କରାଯିବା ପରେ ସମଗ୍ର ପ୍ରେକ୍ଷାଗୃହଟି ଆନନ୍ଦଦାୟୀ ନୀରବତାରେ ଜୀବନ୍ତ ହୋଇ ଉଠିଲା ଅନୁକ୍ଷଣ । ଅନ୍ୟମାନେ ତ ନିଜ ନିଜ ବକ୍ତୃତାରେ ମୁଗ୍ଧ କରିଦେଇଛନ୍ତି ଆମକୁ ନିଶ୍ଚୟ । ତେବେ ସଭାରେ ଉପସ୍ଥିତ ସମସ୍ତ ଦର୍ଶକଙ୍କ ଶ୍ରଦ୍ଧାପୂର୍ଣ୍ଣ ସୁଦୃଷ୍ଟି କେନ୍ଦ୍ରୀଭୂତ ହୋଇଥିଲା ଯାହାଙ୍କ ପ୍ରତି ସେ ହେଉଛନ୍ତି ନବନୀତା, ଏଥିରେ ଆଉ କୌଣସି ଦ୍ୱନ୍ଦ୍ୱର କାରଣ ନଥିଲା । ନବନୀତା କ'ଣ ସତକୁ ସତ ଓଡ଼ିଆ ଅକ୍ଷର ପଢ଼ି ପାରୁଥିବେ ? ମୁଁ ତ ତାହା ଜାଣି ନଥିଲି ତଥାପି ପ୍ରବଳ ଉତ୍କଣ୍ଠା ହୃଦୟରେ ଚାପିରଖି ଆଶା କରୁଥିଲି ତାଙ୍କ ଠାରୁ ଶୁଣିବି ଓଡ଼ିଆ ଭାଷା ସାହିତ୍ୟର


SMILE GOLD Agarbati
JHPPL
SMILE
AN ISO 9001:2008 Certified
Since : 20years
Our Product
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

ହେଉ ପଦେ ଅଧେ ମଧୁରତମ ଅଭିବ୍ୟକ୍ତିକୁ ।

ଶେଷରେ ନିଜସ୍ୱ ବକ୍ତବ୍ୟ ଉପସ୍ଥାପନ କରିବା ପାଇଁ ନବନୀତା ଚୌକିରୁ ଯେତେବେଳେ ଉଠିଲେ ଦେଖିଲି ତାଙ୍କ ବସିଥିବା ଚୌକିଟି ସତେ ଯେମିତି ଏହାରି ମଧ୍ୟରେ ହୋଇଯାଇଥିଲା ପ୍ରାଣବନ୍ତ । ନବନୀତା ଚୌକିରୁ ଉଠି ପୋଡ଼ିୟମ୍ ଆଡ଼କୁ ଅଗ୍ରସର ହେଲେ ତ ସେତିକି ବେଳେ ଅନୁଭବ କଲି କିଛିକ୍ଷଣ ପାଇଁ ଚୌକିଟି ହଲିଗଲା ଆବେଗ ପ୍ରବଣତା ଲୁଚାଇ ରଖି ନପାରି ।



ନବନୀତା ଓଡ଼ିଆ ସାହିତ୍ୟ ଓ ଗଙ୍ଗାଧର ସାହିତ୍ୟ ସଂପର୍କରେ କ'ଣ କହିବେ ତାହା ଶୁଣିବା ପାଇଁ ହେଲି ଏକାଗ୍ରଚିତ୍ତ । ମୋର ଯେଉଁ ବିଷୟରେ କୌତୁହଳ ଜନ୍ମ ନେଇଥିଲା ତାହା ନବନୀତାଙ୍କ ମୁହଁରୁ ଓଡ଼ିଆ ଭାଷାର ଧ୍ୱନି ନେଇ କିପରି ସ୍ୱତଃ ପ୍ରକାଶିତ ହେବ ?

ନବନୀତା ଆରମ୍ଭ କଲେ ବଙ୍ଗଳା ଭାଷାରେ ତାଙ୍କର ବକ୍ତବ୍ୟ । ଅବଶ୍ୟ ଭାଷା ଥିଲା ବଙ୍ଗଳା, ମାତ୍ର ଭାବ ସମ୍ଭାର ପ୍ରତିଷ୍ଠିତ ଓଡ଼ିଆ ଭାଷାର ଭିତ୍ତି ଉପରେ । ଗଙ୍ଗାଧରଙ୍କ ବିଷୟରେ ଯେ ବକ୍ତୃତା ଦେବା ପାଇଁ ସେ ପ୍ରସ୍ତୁତ ହୋଇ ଆସିଥିଲେ ତାହା ନୁହେଁ । ଏହାର ଭାବମୟତା ସହିତ ତାଙ୍କର ଯେକୌଣସି ନା କୌଣସି ଅବିଚ୍ଛେଦ୍ୟ ଅନ୍ତର୍ସମ୍ବନ୍ଧ ରହିଆସିଛି ଅନେକ ପୂର୍ବରୁ । ସେହି ଭାବାଲୋକର ବିଚ୍ଛୁରତା ଆପେ ଆପେ ମୋ ଦୃଷ୍ଟି ଆକର୍ଷଣ କରୁଥିଲା ମୋର ସ୍ୱତନ୍ତ୍ର ପ୍ରଚେଷ୍ଟା ବିହୁନେ । ସଭାସ୍ଥଳରେ ନବନୀତା ଯାହା କହିଲେ ସେ ସବୁ ବାକ୍ୟ କିଏ କ'ଣ ମନେ ରଖିପାରେ ? ମୋର ଅତି ଦୁର୍ବଳ ସ୍ମୃତି ଶକ୍ତି ସେହିପରି ତାକୁ ଭାବସ୍ନିଗ୍ଧ ବାତାବରଣ ମନରୁ ମ୍ଳାନ ହୋଇନାହିଁ ଓ ହୋଇଯିବ ନାହିଁ କେବେ । ନବନୀତା ତାଙ୍କ ବକ୍ତବ୍ୟ ସମାପ୍ତ କରି ଆସିବା ବେଳକୁ ଗଙ୍ଗାଧରଙ୍କ ଅମୃତମୟ କବିତାର ପ୍ରଥମ ପଦଟିକୁ ନିଖୁଣ ଭାବରେ ଓଡ଼ିଆରେ ହିଁ ଆବୃତ୍ତି କରିଦେଲେ ଯେପରି ନ୍ୟାସନାଲ ଲାଇବ୍ରେରୀର ସୁବିଶାଳ ପ୍ରେକ୍ଷାଗୃହ ଘନଘନ କରତାଳି ଧ୍ୱନିରେ ଦୀର୍ଘସମୟ ହୋଇ ଉଠିଲା ଉଲ୍ଲାସମୟ ।

"ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ,
ଖସି ମିଶିଛି ଅମୃତ ଧାରେ
ଗତି କରୁଛି ସେ ଅକୂପାରେ,
ପଥେ ଶୁଖିଗଲେ ପାପ ତା'ପରେ
ହୋଇ ଶିଶିର ଖସିବି ତା'ପରେ
ଅମୃତମୟ ଅମୃତରୟ
ସହିତ ମିଶିବି ସାଗରେ ।"

ବୋଧହୁଏ ଗଙ୍ଗାଧର ଏହି 'ନବ' ଶବ୍ଦଟିର ସଂଯୋଗରେ ଏହି ପଦଟି ରଚନା କରିଥିବାରୁ ତାହା ନବନୀତାଙ୍କ ହୃଦୟ ମଧ୍ୟକୁ ପ୍ରବେଶ କରି ଯାଇଛି ଅପାର କବି ଆତ୍ମାର ଆଶିଷ ନେଇ ।

ବହୁଦିନ ଯିବା ପରେ ମୁଁ ଯେତେବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାବରେ ଯୋଗ ଦେଲି ଓ 'ରବୀନ୍ଦ୍ରନାଥ ଓ ଗଙ୍ଗାଧର' ନାମକ ପୁସ୍ତକଟି ରଚନା କଲି ସେତେବେଳେ ଏହାକୁ ପାଠ କରି ଆନନ୍ଦମଗ୍ନ ହୋଇଥିଲି । ମୋର ଅଗ୍ରଜ ପ୍ରତିମ ବିଶିଷ୍ଟ ଅନୁବାଦକ ଶ୍ରୀଯୁକ୍ତ ପ୍ରଦୀପ କୁମାର ରାୟ ବହିଟିକୁ ସେ ବ୍ଲାକ ଇଗଲ ପ୍ରକାଶନ ସଂସ୍ଥାରୁ ଅବିଳମ୍ବେ ଅନ୍‌ଲାଇନ୍‌ରେ ମଗାଇଥିଲେ । ସେଇ ସମୟରେ ସେ ଅତ୍ୟନ୍ତ ବିଭୋର ଚିତ୍ତରେ ଫେସ୍‌ବୁକ୍‌ରେ ମୋ ବହିଟିର କଭର୍ ପୃଷ୍ଠା ପ୍ରଦର୍ଶନ କରି ଲେଖିଥିଲେ ଯେ କୁଆଡ଼େ ନବନୀତା ଦେବ୍‌ସେନ୍‌ଙ୍କ ସହିତ ତାଙ୍କର ବାର୍ତ୍ତାଳାପ ସରି ଯାଇଥିଲା ରବୀନ୍ଦ୍ର ନାଥ ଓ ଗଙ୍ଗାଧରଙ୍କ ସଂପର୍କରେ ପୁସ୍ତକ ପ୍ରଣୟନ କରିବାର ପରିଯୋଜନା । ସେତେବେଳେ ଅନୁଭବ କରିପାରିଥିଲି ଆହୁରି ନିବିଡ଼ ଭାବରେ ଯେ ଗଙ୍ଗାଧରଙ୍କୁ ନବନୀତା କେତେ ନିବିଡ଼ ଭାବେରେ ଉପଲବ୍ଧି କରି ପାରିଛନ୍ତି । ସେହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ନବନୀତାଙ୍କ ଶେଷ ବିଦାୟ ସାହିତ୍ୟ ପ୍ରେମୀଙ୍କ ମଧ୍ୟରେ ସୃଷ୍ଟି କରିଦେଇଥିଲା ଗଭୀର ଶୂନ୍ୟତା । ମୁଁ ଭାବୁଥିଲି ଯେ ପ୍ରକୃତରେ ସେହି ଯୋଜନା ଯଦି ବାସ୍ତବ ରୂପ ପରିଗ୍ରହ କରିଥାନ୍ତା ତାହେଲେ ତାହା ହୋଇଥାନ୍ତା ବଙ୍ଗଳା ଓ ଓଡ଼ିଆ ସାହିତ୍ୟ ପ୍ରତି ନବନୀତାଙ୍କ ଏକ ମହାନ୍ ଅବଦାନ । ଜୀବନରେ ମଣିଷ ଯାହା କିଛି ଦେଖେ ସ୍ୱପ୍ନ ସେସବୁ ଯେ ପୂରଣ ହୋଇପାରେ ନାହିଁ ଏକଥା କିଏ ବା ନଜାଣନ୍ତି ! ନବନୀତାଙ୍କର ସେଇ ସ୍ୱପ୍ନ ଯେ ରହିଗଲା ଅପୂରଣୀୟ ହୋଇ ତାହା ଆମର ଦୁଃଖର କାରଣ ନିଶ୍ଚୟ । ଏସବୁ ସତ୍ତ୍ୱେ ନବନୀତା ଯେ ଏପରି ଏକ ତୁଳନାତ୍ମକ ଅଧ୍ୟୟନର ସ୍ୱପ୍ନ ଦେଖି ପାରିଥିଲେ ତାହା ତାଙ୍କର ସଂପ୍ରସାରିତ ପ୍ରାଣର ପ୍ରକୃଷ୍ଟ ପରିଚୟ ।

ସେଦିନ କୋଲ୍‌କାତାର ଜାତୀୟ ଗ୍ରନ୍ଥାଗାର ସଭାକକ୍ଷରୁ ମୋର ପ୍ରତ୍ୟାବର୍ତ୍ତନ କରି ଆସିବା ୧୧ ବର୍ଷ ବିତିଯାଇଛି ମାତ୍ର ଯେପରି ମହାକାଶରେ ବଢ଼େ ନାହିଁ ମଣିଷର ବୟସ ଠିକ୍ ସେହିପରି ସେଦିନର ସ୍ମୃତି ସାମାନ୍ୟ ବି ମଳିନ ପଡ଼ିବାର ପ୍ରଶ୍ନ ଉଠୁନାହିଁ । ବରଂ ଦିନ ଯେତିକି ହୋଇଯିବ ପୁରୁଣା ତାହା ସେତିକି ହେଉଥିବ ନୂତନରୁ ଆହୁରି ନୂତନ । ତାଙ୍କରି ନାଁ ପରା ନବନୀତା । ତେଣୁ ତାହା ପ୍ରାଚୀନତା ମଧ୍ୟକୁ ଫେରିଯାଇ ବିସ୍ମୃତ ହୋଇଯିବ ନାହିଁ କେବେ । ନବନୀତା ଗଙ୍ଗାଧରଙ୍କୁ ଅଧ୍ୟୟନ କରିବାର ଇଚ୍ଛା ପ୍ରକାଶ କରିବାରୁ ମୋର ଅଗ୍ରଜ ପ୍ରଦୀପ ରାୟ ତାଙ୍କ ପାଖକୁ ପ୍ରଫେସର ମଧୁସୂଦନ ପତିଙ୍କ ସମ୍ପାଦିତ 'ସିଲେକ୍ଟେଡ୍ ଓ୍ୱାର୍କସ୍ ଅଫ୍ ଗଙ୍ଗାଧର ମେହେର' ଦେଇଥିଲେ ଉପହାର ଓ ଓଡ଼ିଆରେ ପ୍ରସ୍ତୁତ ଗଙ୍ଗାଧରଙ୍କ ସଙ୍ଗୀତ କ୍ୟାସେଟ୍ ପଠାଇ ଦେଇଥିଲେ ତାଙ୍କ ନିକଟକୁ । ଏ ସମସ୍ତ ଅନୁଭୂତି ପ୍ରମାଣ କରିଦିଏ ଯେ ନବନୀତାଙ୍କ ହୃଦୟ ଥିଲା କେତେ ଗ୍ରହଣଶୀଳ ଓ ପ୍ରୀତିପର୍ଣ୍ଣ । ସେଦିନ ସଭାକକ୍ଷରୁ ନବନୀତା ତାଙ୍କର କର୍ତ୍ତବ୍ୟ ସମାପନ କରି ଚାଲିଗଲେ ସିନା ! ମାତ୍ର ଗଙ୍ଗାଧରଙ୍କ 'ତପସ୍ୱିନୀ' ମହାକାବ୍ୟର ଶୁଦ୍ଧ ଶୁଭ୍ର ବେଶା ଜ୍ୟୋତିର୍ମୟୀ ରୂପରେ ସେ ଯେପରି ହୋଇ ଉଠିଥିଲେ ଉଦ୍ଭାସିତା ତାହା ମାନସ-ଚକ୍ଷୁରେ ପ୍ରତିଭାତ ହେଉଛି ବାରମ୍ବାର । ହେଉଥିବ ନିରନ୍ତର ।

Ohm
PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

# 'ଜିରୋ'ର ଜୀବନ




**ପ୍ରିୟବ୍ରତ ପାତ୍ର**
ଭାରତୀୟ ଜୀବନ ବୀମା ନିଗମ,
ନିମାପଡ଼ା, ପୁରୀ-୭୫୨୧୦୬
ଫୋନ:୯୩୩୭୪୪୭୧୮୨

ଫଟୋ ସୌଜନ୍ୟ : ଲେଖକ/ଗୁଗୁଲ



## ଜିରୋ ଯେବେ ଲକ୍ଷ୍ୟ ହୁଏ

ଭାରତର ସେଇ ଭୂଖଣ୍ଡ, ଯେଉଁଠି ସୂର୍ଯ୍ୟ ପ୍ରଥମେ ଉଦୟ ହୁଏ, ତାହା ହିଁ ତ ଅରୁଣାଚଳ ପ୍ରଦେଶ । ଉଦୟ ବେଳାର ବାଳସୂର୍ଯ୍ୟଙ୍କ ନାମ ହେଉଛି ଅରୁଣ । ଅରୁଣ ଯେଉଁଠି ଚଳମାନ ତାହା ହିଁ ଅରୁଣାଚଳ । କେବେ କିଏ ଏ ନାମଟି ସ୍ଥିର କରିଥିଲା, ଇତିହାସ ସେ ବିଷୟରେ ନିରବ । ସେଇ ପ୍ରଦେଶରେ ଲୋୟର ସୁବନଶିରୀ ଜିଲ୍ଲାର ମୁଖ୍ୟ ଦପ୍ତର ହେଉଛି 'ଜିରୋ' ସହର । ଏହି ଜିରୋ (ZIRO) ନାମଟି ପୁଣି କିଏ କାହିଁକି ଦେଇଥିଲା ସେ ବିଷୟ ବି ଆଜି ଅଜ୍ଞାତ ।

ଜିରୋ ବୁଲିଯିବା ଯେବେ ସ୍ଥିର ହେଇଗଲା, କଳ୍ପନାର ଫଗୁରେ ଅବଗାହନ କରିବା ଆରମ୍ଭ ହୋଇଗଲା । ନିମନ୍ତ୍ରଣ ମିଳିଥିଲା ଜଣେ ଓଡ଼ିଆ ଶିକ୍ଷକଙ୍କ ଠାରୁ, ଯାହାର ପୁଣି ଥିଲେ ଜଣେ ଖାଣ୍ଟି ଅରୁଣାଚଳୀ ସ୍ତ୍ରୀ । ସ୍ତ୍ରୀ ଥିଲେ ସ୍ଥାନୀୟ ଆପାତାନି ଜନଜାତି ଝିଅ । ନିଜର ବିସ୍ମୟକର କୃଷି ପ୍ରଣାଳୀ, ପରିବେଶ ସଚେତନା, ତଥା ଗୃହ ନିର୍ମାଣଶୈଳୀ ପାଇଁ 'ଜିରୋ' ଆଜି ପାଇଛି ବିଶ୍ୱ ଐତିହ୍ୟର ମର୍ଯ୍ୟାଦା ।

ଗୋଟିଏ ଜାଗାକୁ ବୁଲିବା ଅର୍ଥ ସେଠିକାର ପରିବେଶରେ ବଢୁଥିବା ମଣିଷଙ୍କ ସହ ଆବେଗିକ ସ୍ତରରେ ଅନୁବନ୍ଧିତ ହୋଇଯିବା । ସେଇ ଆପାତାନି ବଧୂଟିକୁ ମାଧ୍ୟମ କରି ଅରୁଣାଚଳକୁ କିଛି କିଛି ବୁଝି ପାରିବୁ- ଏଇ ଲୋଭ ଅବଶ୍ୟ ରହିଥିଲା ।

ଅରୁଣାଚଳ ପ୍ରଦେଶ ଭିତରେ ଭ୍ରମଣ କରିବା ଅର୍ଥ ଏକ ଅକ୍ଷତ, ଭୀମସୁନ୍ଦର ପ୍ରକୃତିକୁ ଅନବରତ ଆଘ୍ରାଣ କରିବା । ରାସ୍ତାରେ ଯିବା ହିଁ ଏକ ଅନନ୍ୟ ଅନୁଭବ । ବର୍ଷା, ପବନ, ମାଟି, ଗଛ, ଶିଳା, କୁହୁଡ଼ି, ରାତି- ଏସବୁ କେତେ ବର୍ଣ୍ୟ ହେଇପାରନ୍ତି ତାହା ଅରୁଣାଚଳ ହିଁ ବତାଇ ଦେଇପାରେ । ଏଠି ରହିଛି ପ୍ରତି ସାତବର୍ଗ କି.ମି.ରେ ଜଣେ ବ୍ୟକ୍ତି ରହିଲା ଭଳି ମୁଷ୍ଟିମେୟ ଜନବସତି । ଭାରତର ଏକମାତ୍ର ରାଜ୍ୟ ଯାହାର ୬୫ ପ୍ରତିଶତ ସ୍ଥଳଭାଗ ଘନବନାନୀରେ ପରିପୂର୍ଣ୍ଣ । ୧୫୦ରୁ ୨୦୦ ଫୁଟ ଉଚ୍ଚର ପାଦପମାନେ ବର୍ଷା ବନର ଭ୍ରମ ସୃଷ୍ଟି କରିଥାନ୍ତି । ଏହାର ଉତ୍ତରଟି ତିବ୍ବତ ଓ ଭୁଟାନ୍‌ରେ ତୁଷାର ବିମଣ୍ଡିତ ଗିରି ଶିଖରଙ୍କୁ ଛୁଇଁଲା ବେଳେ ଦକ୍ଷିଣଟି ଛୁଉଁଥାଏ ଆସାମର ଉତ୍ତପ୍ତ

ଓ ପ୍ରଦୂଷିତ ଜଳବାୟୁକୁ । ଆଜି ମଧ୍ୟ ଆସାମକୁ ବାଦ୍ ଦେଇ ଅରୁଣାଚଳକୁ ଛୁଇଁବା ଅସମ୍ଭବ ! କାରଣ ବିମାନ ଚଳାଚଳ ଏ ମୂଲକକୁ ଏଯାବତ୍ ନିଷିଦ୍ଧ ହୋଇରହିଛି ।

ଆକାଶମାର୍ଗରୁ ଏ ରାଜ୍ୟଟି ଦିଶେ ସ୍ୱର୍ଗର ନନ୍ଦନକାନନ ପ୍ରାୟେ । କିଛି ଅଂଶ ତୁଷାର ଦ୍ୱାରା ସାରାବର୍ଷ ଆବୃତ୍ତ ହୋଇ ରହୁଥିବା ବେଳେ ଆଉ କିଛିରେ ରହିଛି ଘନବନାନୀ । ଲାଗେ ସାରା ପ୍ରଦେଶ ହିଁ ଜନବସତିହୀନ । ଗ୍ରୀଷ୍ମ ଅବକାଶରେ ମାଇଲ୍ ମାଇଲ୍ ବ୍ୟାପୀ ଚଲାପଥ, ତୃଣଭୂମି ଓ ଢାଲୁ ସବୁରେ ଭରିଯାଏ ଅନେକ ଜଣାଅଜଣା ଫୁଲ ।

ଇଟାନଗରରୁ ଆମ ଗାଡ଼ି ବାହାରି ଥାଏ । ପୁରୁଣା ରାଜଧାନୀ ନହନଲାଗୁନ୍‌ରେ ତେଲ ଭରି ଗାଡ଼ି ପ୍ରସ୍ତୁତ ହେଇଗଲା 'ଜିରୋ' ଦିଗେ ଯାତ୍ରା ନିମନ୍ତେ । ଦୂରତା ମାତ୍ର ୧୧୦ କି.ମି., କିନ୍ତୁ ସମୟ ଲାଗେ ଚାରି ପାଞ୍ଚ ଘଣ୍ଟା । ଏଥିରୁ ରାସ୍ତାର ମାନ ଅନୁମେୟ । ମହାଭୟଙ୍କର ଗଡ଼ାଣି ଉଠାଣି, ବଙ୍କାଟଙ୍କା ରାସ୍ତା ଦେଇ ଗାଡ଼ି ଧାଉଁଥାଏ । ରାସ୍ତାର ଦୁଇକଡ଼େ ୧୫୦/୨୦୦ ଫୁଟ ଉଚ୍ଚର ନଭଶ୍ଚୁମ୍ବୀ ବୃକ୍ଷରାଜି । ରାସ୍ତାରେ ଏତେ କୁହୁଡ଼ି ଯେ ଦଶଫୁଟ ଦୂର ବି ଦିଶିବା କଷ୍ଟ । ପରେ ଜାଣିଲୁ ସେସବୁ ଭୂମିକୁ ଓହ୍ଲେଇ ଆସିଛି ମେଘ । ଗାଡ଼ିର ହଳଦିଆ ବତୀ ବି କାମ ଦେଉ ନଥାଏ । ଅଦିନିଆ ବର୍ଷାପାତରେ ରାସ୍ତା ସବୁ ଏଭଳି ଖୋଳି ହେଇ ଯାଇଥାଏ ଯେ ଲାଗୁଥାଏ ଏ ଜନ୍ମରେ ଏସବୁ ଆଉ ଠିକ୍ ହେବନି । କେଉଁଠି ନୂଆ ଝରଣାଟିଏ ଲମ୍ଫ ମାରି ଠିକ୍ ମଝି ରାସ୍ତାକୁ ଖୋଳି ଚାଲିଥାଏ । କାଁ ଭାଁ ପର୍ବତ ଢାଲୁମାନଙ୍କରେ ରାସ୍ତା ସହ ଲେସି ହେଲା ଭଳି ଟିଣ ଛପର ବାଲା ଘର ସବୁ ଚୁପ୍‌ଚାପ୍ ରହିଥାନ୍ତି । କେବେ କେବେ ଖରାର ଛାଇ ଆଲୁଅ ଖେଳରେ ଟିଣ ସବୁ ଦର୍ପଣ ଭଳି ଖରାକୁ ପ୍ରତିବିମ୍ବିତ କରି ନିଜ ନିଜ ସ୍ଥିତିକୁ କଦର୍ଯ୍ୟ ଓ ବିରକ୍ତିକର ଭାବେ ଉପସ୍ଥାପନ କରୁଥିଲେ । ଆଉ କିଛି ବାଉଁଶ ଘର, ରାହୁ ଭଳି ଆଗତପ୍ରାୟ ଘନକୃଷ୍ଣ ମେଘମାଳା ଭିତରେ ଭୀତତ୍ରସ୍ତ ଠେକୁଆଟେ ପରି ଠିଆ ।

ଏଭଳି ଜନମାନବହୀନ ଘନଜଙ୍ଗଲ ମଧ୍ୟରେ ରାସ୍ତାଘାଟ, ସାରା ଭାରତରେ କେଉଁଠି ମଧ୍ୟ ଦେଖିବାକୁ ମିଳେନା । କାଁ ଭାଁ ଗୀର୍ଜାଘର ଗୋଟିଏ, ମିସ୍‌ନାରୀମାନଙ୍କ ସର୍ବଭୂତ ଅବସ୍ଥାନକୁ ପୁଣିଥରେ ପ୍ରମାଣ କରୁଥାଏ । ବୃକ୍ଷଛାୟାରେ କେବେ ଆମେ ଶିଖରକୁ ଚାଲି ଯାଉଥିଲୁ ତ କେବେ ଆଖି ଛୁଇଁ ପାରୁନଥିବା । ପାତାଳସ୍ପର୍ଶୀ ବଣ୍ୟ ନଇକୁ ଛୁଇଁ ଯାଉଥିଲୁ । ଏତେ ବଡ଼ ଘନ ଜଙ୍ଗଲର ଉପଲବ୍ଧି ସତ୍ତ୍ୱେ ପଶୁପକ୍ଷୀଙ୍କ ଅନୁପସ୍ଥିତି ଭିନ୍ନ ଏକ ପ୍ରଶ୍ନବାଚୀ ପରି ଠିଆ ହେଇଥାଏ । କେବେ କେବେ ଦୂରପର୍ବତ ଢାଲୁରେ କେଉଁ ଏକ ସମତଳ ଭୂମିଟିଏ ଠାବ କରି, କାଠ ବାଉଁଶର ଘେରା ମାରି ଆଠ ଦଶଟି ଘର ବୃତ୍ତାକାରରେ ଠିଆ । ସତେକି ଦୁର୍ଗର ଅବିଚ୍ଛେଦ୍ୟ ପ୍ରାଚୀର ପରି ଘରଗୁଡ଼ିକ ଅଭ୍ୟନ୍ତରର ସମତଳ ଜାଗାଟିକୁ ପ୍ରହରୀ ପରି ଘେରି ରହିଛନ୍ତି ।

ଯାଉ ଯାଉ ଦେଖିଲୁ, କିଛି ଲୋକ ରାସ୍ତା ବନ୍ଦ କରି ହାଉଯାଉ ହେଉଛନ୍ତି । ହେଇଥିବ ମେଳା ମଉଛବ ପାଇଁ ଚାନ୍ଦା ମାଗୁଥିବେ । ଭାବୁଥିଲି ନିପଟ ଆଦିବାସୀମାନେ ଧନୁତୀର ଧରି ନିଜ ପାରମ୍ପରିକ ବେଶରେ ଠିଆ ହେଇଥିବ । ନା... । ସେମାନେ ଜିନ୍‌ସ୍, ଜ୍ୟାକେଟ୍, ଦାମୀ ଜୋତା ଓ କଳା ଚଷମା ପିନ୍ଧା ଆଧୁନିକ ଲୋକ ଥିଲେ, ଯଦିଓ ଆଦିବାସୀ ଥିଲେ । ଚିପା ଟି-ସାର୍ଟ ପିନ୍ଧା ଝିଅମାନେ ଆମକୁ ଘେରି ଯାଇଥିଲେ । ଦୂରରେ କିଛି ପୁଅ ଗୀଟାର୍ ଧରି ଅବୋଧ ଇଂରାଜୀ ସଂଗୀତର ଧୂନ୍ ଚଲାଉ ଥିଲେ । ସେମାନେ ସମସ୍ତେ କହୁଥିଲେ- Welcome, Welcome, Please do join us... ପରେ ଜାଣିଲୁ ଆଖପାଖରେ ପ୍ରାୟ ଅଦୃଶ୍ୟ ଗୀର୍ଜାଘରଟିରେ ଚାଲିଥିଲା କିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ସେଇଥିପାଇଁ ଏ ରାସ୍ତାରୋକ । ସେମାନେ ଆମକୁ ଖାଇବାକୁ ଡାକୁଥିଲେ । ଜଣେ କିଏ ମିଥୁନ୍ ମାଂସର ଭୋଜି ବୋଲି ପାଟି କରିବା ଦ୍ୱାରା ଆମ ଡ୍ରାଇଭର୍ ଓଠରେ ଜିଭ ବୁଲେଇ ଆଣିଲା । ଏ ଅଞ୍ଚଳରେ ମିଥୁନ୍ ମାଂସର ଭୋଜି ହେଉଛି ସବୁଠୁ ଲୋକପ୍ରିୟ । ଗାଈ ଓ ପୋଢ଼ଙ୍କ ମିଶ୍ରଣରୁ ଜନ୍ମ ନେଉଥିବା ମିଥୁନ୍ ଜାତୀୟ ପଶୁଟି ଏ ଅଞ୍ଚଳର ସ୍ୱତନ୍ତ୍ର ପରିଚୟ । ବାହାଘର ତଥା ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ମିଥୁନ୍ ରାନ୍ଧଣା ହୁଏ ।

ଯାହାହେଉ ସମସ୍ତେ ଓହ୍ଲେଇ ପଡ଼ି ସେମାନଙ୍କ ପ୍ରଦତ୍ତ ବାଉଁଶ ଗଡ଼ି ସବୁକୁ ଗ୍ରହଣ କଲୁ । ପୋଲା ବାଉଁଶ ଭିତରେ ଥାଏ ସ୍ଥାନୀୟ ଚାଉଳୀ ମଦ । କଞ୍ଚା ବାଉଁଶ ପିଆଲାରେ ଦେଶୀ ବିଅର୍ ବୋଲି କୁହା ଯାଇପାରେ । ସାମାନ୍ୟ ଆମ୍ବିଳା ଗନ୍ଧରେ ଚଉଦିଗ ମହମହ । ଆମ ଓଡ଼ିଶାରେ ପଖାଳ ଯେମିତି ଏକ ସାର୍ବଜନୀନ ଖାଦ୍ୟ, ଏଇଠି ଏଇ ଆମ୍ବିଳା ଚାଉଳି ମଦ ବି ସର୍ବଗୃହୀତ ପୁଷ୍ଟିକର ତରଳ ଖାଦ୍ୟ । ତାକୁ ଅସ୍ୱୀକାର କରିବା ଅର୍ଥ ସ୍ଥାନୀୟ ଜନଜାତିଙ୍କ ପରମ୍ପରାକୁ ଅସ୍ୱୀକାର କରିବା ଅର୍ଥ ପ୍ରକାରାନ୍ତରେ ସେମାନଙ୍କ ଆତିଥ୍ୟକୁ ପାଦରେ ଠେଲିଦେବା । ଯାହାହେଉ ଟୋପେ ଟୋପେ ପାଟିରେ ପକେଇ ସମ୍ପର୍କକୁ ସ୍ୱୀକୃତି ଦେଲୁ ।

ଭିଡ଼ ଭିତରେ ଅତ୍ୟାଧୁନିକ ଦିଶୁଥିବା ଏବଂ ସୁନ୍ଦର ଭାବେ ହିନ୍ଦୀ କହି ପାରୁଥିବା ଦୁଇ ଜଣ ଝିଅ ଆମକୁ ଏକରକମ ଭିଡ଼ି ନେଲେ ବାଉଁଶ ତିଆରି ବେଞ୍ଚ୍ ପାଖକୁ । ସେମାନେ ପଢୁଛନ୍ତି ଦାର୍ଜିଲିଂର ଲୋରେଟୋ କଲେଜ୍‌ରେ । ପୋଲା ବାଉଁଶ ଭିତରେ ଶିଝିଥିବା ଭାତ ସାଙ୍ଗକୁ ସିଝା ମାଛ ପରଶି ଦିଆଗଲା । ତା' ସାଙ୍ଗକୁ ବାଉଁଶ ପିଆଲାରେ ଚାଉଳି ମଦ । ସେମାନଙ୍କ ରାନ୍ଧଣାରେ ଟୋପାଏ ବି ତେଲ ପଡ଼େନା ।

ସେଇ ପର୍ବଦିନରେ, ସେଇ ବାଟ ଦେଇ ଯାଉଥିବା ଆମେ ହିଁ ଥିଲୁ ପ୍ରଥମ ଯାତ୍ରୀଦଳ । ତେଣୁ ବୋଧେ ଆମକୁ ନେଇ ସେମାନଙ୍କ ଆଗ୍ରହ ଓ ସମ୍ମାନ ଥିଲା ତାଜା ଓ ପରିପୂର୍ଣ୍ଣ ।



ଜିରୋ ପାଖାପାଖି ପହଞ୍ଚିବାକୁ ଯାଉଛୁ, ହଠାତ୍ ଆମ ଗାଡ଼ି ବ୍ରେକ୍ ଦେଲା । ଆମ କଳ୍ପନାଜଳ୍ପନା ଓ ଆଗ୍ରହକୁ ଦେଖି ଡ୍ରାଇଭର୍ ଠିକ୍ ଜାଗାରେ ବ୍ରେକ୍ ଦେଇଥିଲେ । ରାସ୍ତା କଡ଼ରେ ଗାଈ ଆକୃତିର ଜୀବଟିଏ ଛିଡ଼ା । ଇଏ ତେବେ ମିଥୁନ୍ ! ସେଇ ବିଖ୍ୟାତ ପଶୁ, ଯାହାକୁ ନେଇ ଅରୁଣାଚଳର ଅଧେ ଗୀତ, ଗପ ଓ ଖୁସିଗମାତ । ଯୌତୁକ ହେଉ, ଦାନ ହେଉ, ଅର୍ଥଦଣ୍ଡ ହେଉ, ଭୋଜିଭାତ ହେଉ କି ପାରିବାରିକ ସ୍ଥିତି ଓ ସମ୍ମାନର କଥା ହେଉ- ସବୁଠି ଦରକାର ପଡ଼େ ମିଥୁନ୍ । ଇଟାନଗରର ବଜାରରେ, ପାର୍କରେ ବି ଦେଖିଛି ସରକାରୀ ଘୋଷଣାନାମା ଲାଗିଥିବ- ରାସ୍ତା ଯଦି ଅବରୋଧ କରୁଛ, ଅପରିଷ୍କାର କରୁଛ, ତମକୁ ଦଣ୍ଡ ସ୍ୱରୂପ ଗୋଟିଏ ମିଥୁନ୍ ଦେବାକୁ ପଡ଼ିବ ।

ମିଥୁନ୍‌କୁ କେହି ଘରେ ବାନ୍ଧିକରି ରଖନ୍ତି ନାହିଁ । ସିଏ ଗାଁ ପାଖ ଜଙ୍ଗଲରେ ହିଁ ବୁଲୁଥାଏ । ମାଲିକ ତା' ଦେହରେ ବା ଶିଙ୍ଗରେ ଚିହ୍ନ ରଖିଥାଏ । ଯେବେ ମାଂସ ଲୋଡ଼ା ପଡ଼େ, ତାକୁ ଜନବସତି ପାଖକୁ ଅଣାଯାଏ । ତାକୁ ବିଭିନ୍ନ ବାଗରେ ପୂଜାପୂଜି କରି ମରାଯାଏ । ଜଙ୍ଗଲରେ ଥାଇ ସୁଦ୍ଧା ଜଣେ ଅନ୍ୟଜଣକର ମିଥୁନକୁ ହଡ଼ପ କରି ନେଇଯିବା ଘଟଣା ଶୁଣାଯାଏ ନାହିଁ । କାରଣ ଏହା ଏପରି ଏକ ସମ୍ବେଦନଶୀଳ ବିଷୟ ଯେ ଦରକାର ପଡ଼ିଲେ ଗାଁ ଗାଁ ଭିତରେ ହାଣକାଟ ଲାଗିଯାଏ । ପଶୁଟି ରାଜା ଭଳି ଜଙ୍ଗଲରେ ବୁଲିଖାଇ ବଢ଼ୁଥାଏ, ଏଣେ ଗାଁରେ ବସି ମାଲିକ ଅନ୍ଦାଜ ଲଗାଉଥାଏ । ଦରକାର ପଡ଼ିଲେ ଗାଁରୁ ତିନିଚାରି ଜଣ ଯାଇ ଜଙ୍ଗଲ ଭିତରେ ମିଥୁନ୍‌ର ପତ୍ତା ଲଗାନ୍ତି । ପାଣିରେ ଲୁଣ ମିଶାଇ ତାକୁ ବିଭିନ୍ନ ଜାଗାରେ ପକେଇ ଦିଆଯାଏ । ମିଥୁନ ଭାରୀ ଲୁଣ ପ୍ରିୟ ଜୀବ । ତାକୁ ଖାଇବାକୁ ଲୋଭରେ ଆସି ଅଚିରେ ଧରାପଡ଼େ । ଶିଙ୍ଗ ଉପରକୁ ଶକ୍ତ ଫାସ ଫୋପାଡ଼ି ଲୋକେ ତାକୁ ନିଜ ଆୟତ୍ତକୁ ନେଇ ଆସନ୍ତି । ତା'ପରେ ଯାଇ ଗାଁରେ ଭୋଜିଭାତର ବ୍ୟବସ୍ଥା ।

ଜିରୋ ଦିଗେ ଯାଉଥିବା ରାସ୍ତାରେ କାଁ ଭାଁ ଲୋକ ଦେଖିବାକୁ ମିଳନ୍ତି । ଯାହାକୁ ବି ଦେଖିଛୁ ସମସ୍ତେ ମୁଣ୍ଡରେ ଜାଳେଣି କାଠ ବୋହି ଘରକୁ ନେଉଥାନ୍ତି । ସହର ପାଖେଇ ଯିବାରୁ କିଛି କିଛି ଲୋକବାକ ଗାଡ଼ିମୋଟର ନଜରକୁ ଆସିଲେ । ଦୀର୍ଘସମୟ ଧରି ପର୍ବତ ଢାଲୁ, ଗିରି ସଙ୍କଟ ତଥା ମାଳ ଅଞ୍ଚଳରେ ଘୁରୁଥିବାରୁ ହଠାତ୍ କରି ସମତଳ ଅଞ୍ଚଳର ଦର୍ଶନ ଆମକୁ ଉଲ୍ଲସିତ କରିଥିଲା । ତୃଷାର୍ତ୍ତ ମରୁଯାତ୍ରୀଙ୍କ ଆଖିରେ ମରୁଦ୍ୟାନଟିଏ ଦିଶିଗଲା । ସୁନ୍ଦର ସୁନ୍ଦର ଆଧୁନିକ ଘର ସାଙ୍ଗକୁ ପ୍ରାଚୀନ ଢଙ୍ଗର ବାଉଁଶ ଘର । ହିଡ଼ଶୂନ୍ୟ ବିସ୍ତୀର୍ଣ୍ଣ ଧାନବିଲ ସବୁ ଅପୂର୍ବ । ବର୍ଷର ଶେଷ ଅମଳ ସରିଯାଇଛି । ବରଫପାତ ଆରମ୍ଭ ପୂର୍ବରୁ ଧାନ ସବୁ କାଟିନେଇ ଅମାର ଘରେ ସଂଚୟ । ଧାନମୂଳ ସବୁ ମାଟି ଦେହରେ ରୁମ ପରି ଠିଆ ଠିଆ ।

ସମୁଦ୍ର ପତ୍ତନ ଠାରୁ ୧୫୦୦ ମିଟର ଉଚ୍ଚରେ, ଏହି ବିସ୍ତୀର୍ଣ୍ଣ ସମତଳ ଅଞ୍ଚଳଟିର ନାମ ହେଉଛି ଜିରୋ । ଚାରିପଟକୁ ଅନେଇ ଦେଲେ ଦୂର ଦିଗ୍‌ବଳୟ ଗୋଟିଏ ମସ୍ତବଡ଼ ଜିରୋର ବଳୟାକାର ପରିସୀମା ପରି ଲାଗୁଥାଏ । ସାରା ଅରୁଣାଚଳ ପ୍ରଦେଶର ଏକମାତ୍ର ଧାନହାଣ୍ଡି । ଭାରତର ଜନାକୀର୍ଣ୍ଣ, ଆବର୍ଜନାପୂର୍ଣ୍ଣ ସହରମାନଙ୍କ ଠାରୁ ଢେର ଅଲଗା ।

ଯଥା ସମୟରେ ଓଡ଼ିଆ ଶିକ୍ଷକଙ୍କ ଜଣକ ଆମକୁ ପାଛୋଟି ନେଲେ । ଗାଡ଼ି ଯାଇ ରହିଲା ରାମକୃଷ୍ଣ ମିଶନ୍ ପରିଚାଳିତ ହାଇସ୍କୁଲର ଅତିଥି ଭବନ ଆଗରେ । ଏଇଠି ଆମର ରହିବା ବ୍ୟବସ୍ଥା । ଦିନ ଓ ରାତ୍ରୀଭୋଜନର ବ୍ୟବସ୍ଥା ଛାତ୍ରାବାସର ପିଲାଙ୍କ ସାଥିରେ, ସେଇ ଏକା ମେସ୍‌ରେ । ଭୂମିଠୁ ଚାରିଫୁଟ ଉଚ୍ଚର ମଞ୍ଚ ଉପରେ ତିଆରି ବାଉଁଶଘର । ବାଉଁଶ ବାଡ଼ ଉପରେ କାଦ ଲେପାଯାଇ ଘର । ଅପୂର୍ବ ସାଜସଜା । ତା' ପଛକୁ ସାମାନ୍ୟ ଦୂରରେ ଶିକ୍ଷକଙ୍କ ରହିବା ଘର । ନିଜର ଚାରିବର୍ଷର ଶିଶୁ ଓ ଆପାତାନି ସ୍ତ୍ରୀ ସହିତ ଚାଲିଛି ଜୀବନ । ସବୁ ଦୃଷ୍ଟିରୁ ଜାଗାଟି ଥିଲା ଚମତ୍କାର । ପ୍ରଥମ ଦେଖାରେ ହିଁ ମନକୁ କିଣିନେଲା ।

ଆମର ଜିରୋ ବୁଲା ସେଇ ଓଡ଼ିଆ ଶିକ୍ଷକଙ୍କ ଘରଠୁ ହିଁ ଆରମ୍ଭ ହେଲା । ତାଙ୍କ ଅରୁଣାଚଳୀ ସ୍ତ୍ରୀ ହେଲେ ଯାସୀ ମୌରାଂଗ । ଯାସୀ ଦଶମ କ୍ଲାସ୍ ପଢୁଥିବା ବେଳେ ଆମ ଓଡ଼ିଆ ଶିକ୍ଷକ ଜଣକ ଘରୋଇ ଟିଉସନ୍ ମାଷ୍ଟର ଭାବେ ତାଙ୍କ ଘରକୁ ଯିବା ଆସିବା କରୁଥିଲେ । ଯାସୀଙ୍କ ବାପାଙ୍କ ତିନିଟା ସ୍ତ୍ରୀ । ସବା ବଡ଼ ସ୍ତ୍ରୀଙ୍କ ବଡ଼ଝିଅ ହେଲେ ଯାସୀ । ଯାସୀ ଯାହାକୁ ପସନ୍ଦ କଲେ ବାହା ହେବାକୁ,






ଘରେ କାହାର କିଛି ନଥିଲା ପ୍ରତିବାଦ କରିବାକୁ । ଆପାତାନି ପରମ୍ପରାରେ ଏସବୁ ଚଳେ । ୟାସୀଙ୍କ ବହୁ ଦୂର ଆସିବାକୁ ପଡ଼ିଲାନି । କାରଣ ଡାଇନିଂ ହଲ୍‌ର ପଛପଟ ଚଲାରାସ୍ତାରେ ଆସିଗଲେ, ମାତ୍ର ତିନିଶହ ଫୁଟ ଦୂରରେ ଥିଲା ଓଡ଼ିଆ ଶିକ୍ଷକଙ୍କ କ୍ୱାର୍ଟର ।

ୟାସୀଙ୍କ ଶାଶୁଘର ହେଉଛି ନୟାଗଡ଼ । ପ୍ରାଣପଣେ ଚେଷ୍ଟା କରୁଛନ୍ତି ଓଡ଼ିଆଣୀ ହେବାକୁ । ବରଫ ପଡ଼ିବା ସମୟରେ ସ୍କୁଲ ଛୁଟି ହେଲେ ଆସିଯାନ୍ତି ନୟାଗଡ଼ । ଓଡ଼ିଆ ଭାଷା, ଓଡ଼ିଆ ରାନ୍ଧଣା କିଛି କିଛି ଶିଖି ଗଲେଣି । ତେବେ କେତିକି ପାରଙ୍ଗମ ହେଲେଣି ତାହା ଭିନ୍ନ ଏକ ପ୍ରଶ୍ନ ! ଆମେ ଥିଲୁ ଶାଶୁଘରୁ ଆସିଥିବା ଅତିଥି । ତେଣୁ ଖାତିର୍ କାହିଁରେ କ'ଣ । ଖାସ୍ ଆମ ପାଇଁ ୟାସୀ ଶାଢ଼ି ପିନ୍ଧି ସିନ୍ଦୂର ଲଗାଇ, ହାତରେ ମୁଠେ ଚୂଡ଼ି ପିନ୍ଧି ଲସରପସର ।

ୟାସୀ ଥିଲେ ଅତ୍ୟନ୍ତ ଖୁସିବାସିଆ, ଜଲୀ ମୁଡ୍‌ର ଝିଅ । ଅତି ନମ୍ର, ସଂଭ୍ରମ ଅଥଚ ଅତି ସାହସୀ, କର୍ମଠ ଓ ଖୋଲାମେଲା । କିଛି ବିଷୟରେ ସମ୍ପୂର୍ଣ୍ଣ ସତର୍କ, ରକ୍ଷଣଶୀଳ, ଅଥଚ କିଛି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ମୁକ୍ତ ଓ ଆଧୁନିକ । ଜହ୍ନ ପରି ଚକା ମୁହଁରେ, ଚକ୍ ଚକ୍ କରୁଥିଲା ଦୁଇଟି ସାନସାନ ଆଖି । ଯଥେଷ୍ଟ ସମୟ ଖରାତରା ଓ ପାଣିପବନରେ କଟାଉଥିବା ସତ୍ତ୍ୱେ ଦେହର ରଙ୍ଗଟା ଥିଲା ଆଉଟା ସୁନା ପରି ରମଣୀୟ । କ୍ୱାର୍ଟର ସଂଲଗ୍ନ ବିସ୍ତୀର୍ଣ୍ଣ ଖାଲିଜାଗାରେ କରୁଛନ୍ତି କିୱି ଚାଷ । କିୱି ଫଳ ଉଚ୍ଚା ଦରରେ ରାଜ୍ୟ ବାହାରକୁ ଚାଲିଯାଏ । ଆପତାନିଙ୍କ ଖାଦ୍ୟରେ ତେଲ ମସଲା କି ଲୁଣଚିନି ନଥାଏ, ବରଂ ଥାଏ ପ୍ରଚୁର ତଟକା ଫଳ ଓ ପନିପରିବା । ଉଜ୍ଜଳ ରଙ୍ଗର ବେଶପୋଷାକ ସାଙ୍ଗକୁ ପଥର ଲଗା ସ୍ଥାନୀୟ ଅଳଙ୍କାର ସବୁ ସେମାନଙ୍କ ଅତି ପ୍ରିୟ । ଯେଉଁ ଈଷତ୍ ନୀଳରଙ୍ଗର ପଥରବସା ମାଳଟି ୟାସୀ ବେକରେ ପିନ୍ଧିଥିଲେ, ତାର ଦାମ୍ କୁଆଡ଼େ ଲକ୍ଷାଧିକ ଟଙ୍କା । ନିଜ ମା'ଙ୍କ ଠାରୁ ସେଇଟିକୁ ପାଇଥିଲେ । ପାଉଁଜି ଓ ମାଳି ପିନ୍ଧିଥିଲେ, କିନ୍ତୁ ସେସବୁ ଥିଲା ରୂପାରେ । ସୁନାର ଅଳଙ୍କାର ପାଇଁ ଏଠି ଏତେ ଆଦର ନାହିଁ ।

ୟାସୀ ଆମ ସମସ୍ତଙ୍କ ପାଇଁ ଗରମ ଚା' ନେଇ ଆସିଲେ । ତାକୁ ଦେଖି





ଅଶୋକ ବିଶ୍ୱାଳଙ୍କ କବିତା କଥା ମନେ ପଡ଼ିଗଲା । ଅରୁଣାଚଳ ପ୍ରଦେଶ ଆଦିବାସୀ ଜନଜୀବନକୁ ନେଇ ତାଙ୍କର ରହିଛି ଚମତ୍କାର କବିତା ବହି- ତାୱାଙ୍ଗ ପର୍ବତଭୂମିର ଆତ୍ମା । ଉଷ୍ମ ତାରୁଣ୍ୟରୁ କିଛି ଧାଡ଼ି-

ନରମ ଚହାଣିରେ ତା'ର
ବିଜୁଳୀର ଝଲକ ଯେ ଥିଲା
ମନକୁ ଛୁଇଁ ଯାଉଥିଲା
ଥର ଥର କମ୍ପୁଥିଲା ତ ଶରୀର
ପାତ୍ର ଭରି ଯାଉଥିଲା
ସଂଜ ସରୁ ତ ନଥିଲା
ଧିର ପାଦଶବ୍ଦ
ଝରଣାକୁ ପାଛୋଟି ଆଣିଲା
କାଠ କବାଟରେ ରଙ୍ଗକୁ ଛାପି ଦେଉଥିଲା ।

ମାତ୍ର ୩୦୦ ଫୁଟ ବ୍ୟବଧାନ ଭିତରେ ଦୁଇଟା ଅଲଗା ଅଲଗା ପୃଥିବୀରେ ସହଭାଗିତାର ଜୀବନ କାଟୁଥିବା ସେଇ ଆପାତାନି ମହିଳାଙ୍କ କଥା ଭାବି ଆଶ୍ଚର୍ଯ୍ୟ ହେଉଥିଲି । ସେପଟେ ବାପା ଘରେ, ସେ ଜଣେ ଖାଣ୍ଟି ଆପାତାନି ଝିଅ । ସ୍ୱାମୀ ଘରେ ଜଣେ ରକ୍ଷଣଶୀଳ ଓଡ଼ିଆ ବୋହୂ । ସେପଟେ ବାପାର ତୃତୀୟ ବିବାହକୁ ଯେତିକି ଖୁସିରେ ଅନୁମୋଦନ ଦେଇଥିବେ, ଏପଟେ ସ୍ୱାମୀର ଅନ୍ୟ ଝିଅଙ୍କ ସହିତ ସାମାନ୍ୟତମ ସଂପର୍କକୁ ନେଇ ସେତିକି କଠୋର । ଶାଶୁ କହିଛନ୍ତି ଘରେ ଗାଈଗୋରୁ, କୁକୁଡ଼ା, ଘୁଷୁରୀ ମାଂସ ପଶିବନି । ଚପଲ ପିନ୍ଧି ରନ୍ଧା ହେବନି । ଶାଶୁଘରର ଚଳଣିକୁ ସମ୍ମାନ ଦେଇ ସେ ସେଭଳି ହିଁ କରୁଛନ୍ତି । ଫୁରୁସତ୍ ସମୟରେ ବାପଘରକୁ ଯାଇ ପୁଣି ଆପାତାନି ପାଲଟି ଯାଉଛନ୍ତି ।

ଆମ ରହଣୀକାଳ ମଧ୍ୟରେ ମୁଁ ୟାସୀଙ୍କୁ ହାଫ୍ ପ୍ୟାଣ୍ଟ ପିନ୍ଧି କିୱି ବଗିଚାରେ କାମ କରିବା ଦେଖିଛି, ନିଜ ବାପଘରେ ଘରୋଇ ପର୍ବରେ ଘର ରନ୍ଧା ଚାଉଳୀ ବିଅର୍ ପିଇ ନାଚିବା ଦେଖିଛି, ପୁଣି ଶାଢ଼ି ପିନ୍ଧି କୃଷ୍ଣ ପୂଜା କରିବା ବି ଦେଖିଛି । ବହୁଦିନ ତଳେ ଇଟାନଗରର ପ୍ରସିଦ୍ଧ ଔପନ୍ୟାସିକା ଜୋରାମ୍ ୟାଲାମ୍‌ଙ୍କ ଉପନ୍ୟାସ 'ଜଙ୍ଗଲୀ ଫୁଲ' ପଢ଼ିଥିଲି । ସେଥିରେ ବର୍ଣ୍ଣିତ ଯେକୌଣସି ପାର୍ବତ୍ୟ ମହିଳାଙ୍କ ପରି ୟାସୀ ଥିଲେ ସ୍ନେହୀ, ଛଳଛଳ ଓ ମୁକ୍ତ ।

ଜିରୋ ବୁଲି ଆସୁଥିବା ପ୍ରତ୍ୟେକ ଲୋକ ଦୁଇଟି ଜିନିଷ ଅବଶ୍ୟ ଦେଖନ୍ତି । ଗୋଟିଏ ହେଲା ଜିରୋର ଭୌଗୋଳିକ ସୌନ୍ଦର୍ଯ୍ୟ, ଅନ୍ୟଟି ହେଲା ଏଠାକାର ଆଦିମ ଜନଜାତି ଆପାତାନିଙ୍କ ଜନଜୀବନ । ଆମେ ପହଞ୍ଚିବା ଦିନର ଅପରାହ୍ନକୁ ହିଁ ୟାସୀ ନେଇଗଲେ ତାଙ୍କ ବାପା ଘରକୁ । ଡାଇନିଂ ହଲ୍‌ର ପଛପଟ ଗଳାରାସ୍ତା ଦେଇ, ଆମେ ତାଙ୍କ ବାପଘର ଖୁଆଡ଼ରେ ପ୍ରବେଶ କଲୁ । ପୋଷା କୁକୁରଟା ଆମକୁ ଗୋଡ଼େଇ ଆସୁଥିଲା, କିନ୍ତୁ ୟାସୀ ତାକୁ ଆୟତ୍ତ କରି ଦୂରରେ ବାନ୍ଧିଦେଲେ ।

ୟାସୀଙ୍କ ବାପା ସେ ଅଞ୍ଚଳର ଆପାତାନି ଜନଜାତିଙ୍କ ମୁଖିଆ । ପଇସାବାଲା ଲୋକ । ପାଞ୍ଚଫୁଟ ଉଚ୍ଚ ମଞ୍ଚ ଉପରେ ବାଉଁଶ / କାଠର ଘର । ବାଉଁଶ ସବୁ ନିର୍ଗଳ ଭାବେ ସଜେଇ ଦିଆ ଯାଇଛି ଏବଂ ତା' ଉପରେ ବାଉଁଶପାତିର ଛପା ମେଜ ପରି କାମ କରୁଛି ।

ଘର ଭିତରଟା ଯଥେଷ୍ଟ ଫର୍ଦ୍ଦା ଓ ଚଉଡ଼ା । ଗୋଟିଏ ବଡ଼ ହଲ୍ କହିଲେ ଠିକ୍ ହେବ । ମଝିରେ ନିଆଁ ଜଳୁଥାଏ । ନିଆଁ ଚାରିପଟେ ଅଳ୍ପ ଉଚ୍ଚାର ଷ୍ଟୁଲ୍ ଉପରେ ପରିବାର ଲୋକେ ବସିଥାନ୍ତି । ୟାସୀର ବାପା ଷାଠିଏ ବର୍ଷର ଲୋକ । ତାଙ୍କ ପାଖରେ ତିନି ପତ୍ନୀ ବସିଥାନ୍ତି । ହାତରେ ବଡ଼ ବଡ଼ ମଗରେ ସ୍ଥାନୀୟ ଚାଉଳୀ ମଦ । ନିଆଁରେ ମାଂସପୋଡ଼ା ବି ଚାଲିଥାଏ । ସେମାନେ ଆମକୁ ଡାକିଲେ ଏବଂ ସାଥିରେ ବସିବା ପାଇଁ ଜାଗା ଛାଡ଼ିଦେଲେ । ପୋଡ଼ା ମାଂସର ଗନ୍ଧରେ ସାରା ଘର ଫୁରୁକୁଟିଆ ଗନ୍ଧ, ଧୂଆଁ । ଏ ଗନ୍ଧ, ଏ ଧୂଆଁ ଆପାତାନିଙ୍କ ସବୁଠୁ ପ୍ରିୟ ଗନ୍ଧ । ଚୂଲି ଉପରେ ବାଉଁଶର ଛୋଟ ଭାଡ଼ି । ଖିଆ ହେଇପାରୁ

ନଥିବା ବଳକା ମାଂସକୁ ସେଇ ଭାଡ଼ିରେ ରଖି ଦିଆଯାଏ । ଚୂଲି ତାତିରେ ତାହା ଶୁଖିବାରେ ଲାଗିଯାଏ । ଆବଶ୍ୟକ ପଡ଼ିଲେ ସେଥିରୁ କାଢ଼ି ଖିଆଯାଏ ।

ତିନି ପତ୍ନୀ ରାଣୀ ପରି ନିଆଁ ଚାରିକଡ଼େ ବସି ଗପୁଥାନ୍ତି । ହୋ ହୋ ହେଇ ହସୁଥାନ୍ତି । କାହାର କାହା ପ୍ରତି କୃତ୍ରିମ ସମ୍ମାନ ନଥିଲା କି କାହା ପାଖରେ ଅଭିଯୋଗ ଥିଲା ଭଳି ଲାଗୁନଥିଲା । ଏହି ଅଞ୍ଚଳରେ ସବୁ ପ୍ରକାରର ବିବାହ ପଦ୍ଧତି ଚାଲେ । ବହୁ ପତି, ବହୁ ପତ୍ନୀ ତଥା ଏକକ ପତି-ପତ୍ନୀ ଭଳି ସବୁ ବ୍ୟବସ୍ଥା ସମାଜରେ ଦିଶିଥାଏ । ବୁଢ଼ାଙ୍କ ପ୍ରଥମ ପତ୍ନୀ ଯେବେ, ତାଙ୍କଠୁ କୋଡ଼ିଏ ବର୍ଷ ସାନ ସପତ୍ନୀ ଜଣକୁ ଘରକୁ ପାଛୋଟି ଆଣିଥିବେ- ତାଙ୍କର ମାନସିକତା କଥା ଭାବି ଆଶ୍ଚର୍ଯ୍ୟ ହେଉଥିଲି । ଚଳଣି ନାମରେ ମଣିଷ ସବୁ କଥାକୁ ଆଦରି ନିଏ । ସ୍ୱୀକାର କରିନେଲେ ଯେତେବଡ଼ ଦୁର୍ଭାଗ୍ୟ ବା କ୍ଷତି ଆଉ ଅଧିକ ଦୁଃଖ ଦିଏନାହିଁ । ଏଠାକାର ଲୋକଙ୍କ ମତରେ, ପ୍ରଥମ ପତ୍ନୀ ବୁଢ଼ୀ ହେଇଗଲେ ଘରକାମ, ଚାଷବାସ ତଥା ବଂଶବୃଦ୍ଧି ପାଇଁ ଆଉ ଏକ ତରୁଣୀ ସପତ୍ନୀକୁ ସାଦରେ ଗ୍ରହଣ କରିନେବା ଉଚିତ ।



ସେଇ ଏକା ଘରେ ସବୁ ପତ୍ନୀଙ୍କ ନିମନ୍ତେ ଅଲଗା ଅଲଗା କୋଠରୀ, ତାହା ପୁଣି ରୋଷେଇ ଘର ସଂଲଗ୍ନ । ପତ୍ନୀ ନିଜ ନିଜ ପିଲାଙ୍କୁ ନେଇ ସେଇଠି ରହନ୍ତି, ପିଲାଏ ବଡ଼ ହେଲେ ଅନ୍ୟତ୍ର ଚାଲିଯା'ନ୍ତି । ପ୍ରଥମ ସ୍ତ୍ରୀର ପ୍ରଥମ ପୁଅ ହିଁ ଘରର ମୁଖିଆ ପାଲଟିଯାଏ । ଅନ୍ୟମାନେ ତା' ଅଧୀନରେ ରହନ୍ତି ବା ଅନ୍ୟତ୍ର ଅଲଗା ହୋଇ ଚାଲିଯାଆନ୍ତି ।

କଣେଇ କଣେଇ ଦେଖିଲି, ବୁଢ଼ା ଓ ପତ୍ନୀମାନେ ନିଜ ନିଜ ଭିତରେ ଥଟ୍ଟା ତାମସାରେ ବ୍ୟସ୍ତ । ବହୁ ବର୍ଷ ତଳେ ଏହି ଆପତାନି ମାନେ ଥିଲେ ନରମୁଣ୍ଡ ଶିକାରୀ । ଦୁର୍ଦ୍ଧର୍ଷ ଓ ଯୁଦ୍ଧପ୍ରିୟ । ଅନେକ ଆକ୍ରମଣ କରି ଦୁର୍ବଳ ପକ୍ଷକୁ ପରାସ୍ତ କରି ସେମାନଙ୍କ ମୁଣ୍ଡ ନେଇ ଆସୁଥିଲେ । ଏପରିକି ଜମିରେ ଭଲ ଫସଲ ପାଇଁ ନରବଳି ବି ଚାଲିଥିଲା । ମନୋଜ ଦାସ ତାଙ୍କର ଏକ ଭ୍ରମଣ କାହାଣୀରେ ଏପରି ଏକ ସ୍ଥାନୀୟ ଘରର ବର୍ଣ୍ଣନା କରିଛନ୍ତି, ଯେଉଁଠି କି ଗୃହସ୍ୱାମୀ ଜଣକ ଚୋରାରେ ବ୍ରହ୍ମଦେଶରୁ ଚିମୁଟାଏ ନରମାଂସ କିଣି ଆଣି, ନିଜ ପରମ୍ପରା ମତେ ଧାନଚାଷ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିଲେ । ସୁଖର କଥା, ଆଜିକାଲି ସେସବୁ ଅତୀତ ହେଇଗଲାଣି ।

ଯାସୀଙ୍କ ମା' ଓ ସାନ ମା' ମାନେ, କପାଳରୁ ନାସିକା ପର୍ଯ୍ୟନ୍ତ କଳାରଙ୍ଗର ଟାଟୁ କରି, ନାକ ପୁଡ଼ାରେ କଣା କରି ସେଥିରେ ବୋତାମ୍ ଆକୃତିର ଚକା ପଥର ସବୁ ରଖୁଥିଲେ । ଫଳରେ ତୀକ୍ଷ୍ଣ ନାସିକା ସବୁ ସୌନ୍ଦର୍ଯ୍ୟ ହରେଇ ବିକୃତ ହିଁ ଦିଶୁଥିଲେ । ଦୀର୍ଘଦିନ ଧରି ପ୍ରଚାର କରାଯାଉଛି ଯେ ଆପାତାନି ମହିଳାମାନେ, ପଡ଼ୋଶୀ ଆକ୍ରମଣକାରୀଙ୍କ ଠାରୁ ରକ୍ଷା ପାଇବା ପାଇଁ ଏଭଳି ଭାବେ ନିଜକୁ ବିକୃତ କରି ରଖୁଥିଲେ । କିନ୍ତୁ ଓଲଟା କଥାଟି ହିଁ ସତ୍ୟ । ନିଜକୁ ସୁନ୍ଦରୀ କରିବା ପାଇଁ ଆପାତାନି ମହିଳାମାନେ କୋଉ ଆଦିମ ଯୁଗରୁ ଏପରି ପରମ୍ପରାଗତ ଭାବେ କରି ଆସୁଛନ୍ତି ।

ସରକାରଙ୍କ ତରଫରୁ କ'ଣ ସବୁ ସୁବିଧାରେ ପାଉଛ ବୋଲି ପଚାରିଲି । ଯାସୀଙ୍କ ପିତା, ଚିନି ଆଉ ତେଲ ପାଉଛୁ ବୋଲି କହିଲେ । ଏ ଦୁଇଟି ସମଗ୍ର ଅରୁଣାଚଳରେ କେବେ ମଧ୍ୟ ନଥିଲା । ଏ ଦୁଇଟି ହିଁ ସମସ୍ତ ରୋଗ ଓ ଅସୁସ୍ଥତାର ମୂଳ କାରଣ । ବୃଦ୍ଧଙ୍କ କଥାରେ କଟାକ୍ଷ ଭରି ରହିଥିଲା । ଏବେ ମଧ୍ୟ ଲୋକେ ସମୁଦ୍ର ବା ଖଣିଜ ଲବଣ ବଦଳରେ ଜୈବିକ ଲୁଣ ବ୍ୟବହାର କରନ୍ତି । କୌଣସି ଶସ୍ୟ ଜାତୀୟ ଗଛର ପତ୍ରକୁ ନିର୍ଦ୍ଦିଷ୍ଟ ତାପମାତ୍ରା ପର୍ଯ୍ୟନ୍ତ ଭାଜିଲା ପରେ, ତାକୁ ଗୁଣ୍ଡ କରି ପ୍ରସ୍ତୁତ ହେଉଛି ଜୈବିକ ଲୁଣ । ଆମେ ସେଥିରୁ ଚିପେ ଚିପେ ପାଟିରେ ପକେଇ ଲବଣତ୍ୱ ପରୀକ୍ଷା କରିଦେଲୁ ।

ଯାସୀଙ୍କ ମୂଳ ପରିବାର ହେଉଛନ୍ତି ଡୋନି ପୋଲୋ ଧର୍ମାବଲମ୍ବୀ । ଏହା ଏହି ମୂଳକର ଏକ ପ୍ରାଚୀନତମ ଆଦିବାସୀ ଧର୍ମ । ଏଥିରେ ଚନ୍ଦ୍ର-ସୂର୍ଯ୍ୟଙ୍କ ପୂଜା କରାଯାଏ । ପୂଜାବିଧିରେ ମଦ, ମାଂସ ଓ ପଶୁବଳୀ ମଧ୍ୟ ସାମିଲ । ଏହା କିଛି ମାତ୍ରାରେ ପିତୁଳା ବିଶ୍ୱାସୀ । ଆଜିକାଲି ମିସ୍‌ନାରୀମାନେ ନିଜର କାୟା ବିସ୍ତାର କରି ଚାଲିଛନ୍ତି । ତେଣୁ ଡୋନି ପୋଲୋ ଧର୍ମଟି କଡ଼ା ମୁକାବିଲାର ସାମ୍‌ନା କରୁଛି । ଆଧୁନିକ ଚାଲିଚଳଣ, ବେଶଭୂଷା, ଶିକ୍ଷା ଓ ଚିକିତ୍ସାକୁ ଭିତ୍ତି କରି ମିଶନାରୀ ମାନେ ସରଳ ଆପତାନିମାନଙ୍କୁ ନିଜ ଆଡ଼କୁ ଟାଣି ଆଣୁଛନ୍ତି । ଦାଣ୍ଡରେ ଲମ୍ବା ଲମ୍ବା ବାଉଁଶ ଅଗରେ ଛୋଟ ବାଉଁଶ ଗଡ଼ିକୁ ଭୂମି-ସମାନ୍ତରାଳ ଭାବେ ବାନ୍ଧି ଦିଆଯାଏ, ସେଥିରେ ପୁଣି ଝୁଲିଥାଏ ଛୋଟ ଛୋଟ ଜାଲ । ଦୂରରୁ ଲାଗେ ଟିଭି ଆଣ୍ଟିନା ପରି ବା ଖ୍ରୀଷ୍ଟିଆନ୍‌ମାନଙ୍କ କ୍ରସ୍ ପରି । ଅସଲରେ ଏହା ହେଉଛି ଡୋନିପୋଲୋ ଧର୍ମର ଧ୍ୱଜା । ତାର କୁଆଡ଼େ ଅନେକ ସାଙ୍କେତିକ ଅର୍ଥ ବି ଥାଏ । ଘରେ କେତୋଟି ବିବାହ ଯୋଗ୍ୟ ପୁଅ ବା ଝିଅ ଅଛନ୍ତି ତାହା ସେଥିରୁ ବି ଜାଣିହୁଏ ।



ସମବାୟ ସୂତ୍ରରେ ପ୍ରସ୍ତୁତ କରାଯାଇଥିବା ମସ୍ତବଡ଼ ବାଉଁଶ ଜଙ୍ଗଲର ଜଣେ ଅଂଶୀଦାର ହେଉଛନ୍ତି ଯାସୀର ବାପା । ତା' ସାଙ୍ଗକୁ ପୁଣି ଅଛି ଅର୍କିଡ୍ ଫାର୍ମ ।




ଏଠାକାର ବାଉଁଶର ଗୁଣବତ୍ତା ଖୁବ୍ ଉଚ୍ଚକୋଟୀର । ବାଉଁଶକୁ ନେଇ ଲୋକଙ୍କର ଯାବତୀୟ କଳାକୌଶଳ ଓ ବ୍ୟବସାୟ । ବାଉଁଶ ପାତିରେ ତିଆରି ବ୍ୟାଗ୍ ବା ଝୁଡ଼ି ଏତେ ଶକ୍ତ ଯେ ଏଥିରେ ଇଟାପଥର ବି ବୁହାଯାଇପାରିବ । ପୁଣି କାରିଗରୀ ଏତେ ତୀକ୍ଷ୍ଣ ଓ ସୂକ୍ଷ୍ମ ଯେ କୌଣସି ଧାତବ ତାରର ବ୍ୟାଗ୍ ବି ହାର ମାନିବ ।

ଘର ଭିତରେ ଆମକୁ କୌତୂହଳ ନୟନରେ ଅନେଇଥିବା ପୁରା ପରିବାରଟିକୁ ଦେଖିଲା ବେଳକୁ ଅତୀତରେ ପଢ଼ିଥିବା ଉପନ୍ୟାସ ଜଙ୍ଗଲୀ ଫୁଲ ପୁଣିଥରେ ମନେ ପଡୁଥିଲା । ସେଥିରେ ବର୍ଣ୍ଣନା ରହିଛି 'ତାନି' ନାମକ ଏକ ବଳିଷ୍ଠ ଓ ସାହସୀ ବ୍ୟକ୍ତିଙ୍କ ନେତୃତ୍ୱରେ ଏହି ପାହାଡ଼ି ଜାତିଟି କିଭଳି ଭାବେ ସଂଗଠିତ ହୋଇଥିଲା । 'ତାନି' ହେଉଛନ୍ତି ଆଦି ପୁରୁଷ । 'ଆପା'ର ଅର୍ଥ ବାପା । ତେଣୁ ବୋଧେ ଏହି ଜନଜାତିଟି ନିଜକୁ ଆପାତାନି କହିବାରେ ଗର୍ବ ଅନୁଭବ କରନ୍ତି ।

ପରଦିନ ଆମେ ଗାଁ ବୁଲି ବାହାରିଲୁ । ଜିରୋ ଏକ ସହର ନା କିଛି ଜନପଦର ଏକ ପୁଞ୍ଜ, ସେ ପ୍ରଶ୍ନ ସେବେ ଥିଲା ଏବେ ବି ଅଛି । ଅନେକ ଛୋଟ ଛୋଟ ଜନପଦ ଏହି ନାମଟି ସହିତ ସଂଯୋଜିତ ହେଇ ରହିଛନ୍ତି । ଆମେ ଗଲୁ 'ହୋଙ୍ଗ୍' ନାମକ ଗ୍ରାମକୁ । ଗାଁ ରାସ୍ତାର ଦୁଇ କଡ଼େ ଧାଡ଼ି ଧାଡ଼ି ବାଉଁଶ ଘର । ତଳୁ ପାଞ୍ଚ ସାତ ଫୁଟ ଉଚ୍ଚରେ, ଖମ୍ବ ଉପରେ ଠିଆ ଘର । ଗୋଟିଏ ଆପାତାନି ଘର ଭିତରକୁ ଯିବାକୁ ଋହିଁଲି । ସେଇ ପରିବାର ଖୁସି ଖୁସିରେ ଘରଟିକୁ ବୁଲି ଦେଖିବାକୁ ଛାଡ଼ିଦେଲେ । ବାଉଁଶ ନିଶୁଣି ଚଢ଼ି ଉପରକୁ ଗଲି । ପ୍ରଥମେ ଥିବା ବାରଣ୍ଡା ବା ବାଲ୍‌କୋନିଟି ସବୁଠୁ ବେଶୀ କାମରେ ଲାଗୁଥିବା ଜାଗା । ଆଖପାଖର ଅନେକ ଘରେ, ବୁଢ଼ାବୁଢ଼ୀ କଅଁଳ ଖରାରେ ବସି ମଞ୍ଜି ଶୁଖାଉ ଥିଲେ, ବେସର ବାଟୁଥିଲେ, ପିଲାଙ୍କୁ ଖେଳାଉଥିଲେ, ମାଳି ଗୁନ୍ଥୁ ଥିଲେ । ବାରଣ୍ଡାକୁ ଲାଗି ଯେଉଁ ପ୍ରଥମ କୋଠରୀ, ତାହା ପ୍ରାୟତଃ ଅନ୍ଧାର । ପବନ ଆତଯାତ ପାଇଁ କୌଣସି ଝରକା କି ଖୋଲାଜାଗା ନାହିଁ । ଘର କୋଣରେ ଧାନ କି ବାଜରା ବସ୍ତା ଗଦା । ଆଉ ଗୋଟେ କୋଣରେ କୋଡ଼ି, କାଙ୍କ, ଶାବଳ, ଛତା, ଦା' । କାନ୍ଥରେ ଟଙ୍ଗା ହେଇଛି ଟୋପି ଓ ଗୋଟିଏ ଅଚଳ ବନ୍ଧୁକ ।

ଆପାତାନି ପୁରୁଷମାନେ ମୁଣ୍ଡର ସମସ୍ତ ଚୁଟିକୁ ସାମ୍ନାକୁ ଆଣି ସେଥିରେ ଗଣ୍ଠି ପକାଇ ଖୋସା ପରି କରନ୍ତି । ସେଥିରେ ପିନ୍ ଫୋଡ଼ି ସ୍ଥାୟିତ୍ୱ ଦିଅନ୍ତି । କିଏ କିଏ ପକ୍ଷୀର ପର ବା ପକ୍ଷୀର ଥଣ୍ଟକୁ ସେଇ ଗଣ୍ଠିରେ ଖୁଞ୍ଚି ନିଜର ଉଚ୍ଚା ସ୍ଥିତି ଜାହିର୍ କରନ୍ତି । ନୀଳ ଆଉ ନାଲି ହେଉଛି ସେମାନଙ୍କ ପ୍ରିୟ ରଙ୍ଗ । ତେଣୁ ପ୍ରାୟ ଲୋକେ ଏହି ରଙ୍ଗର ଜ୍ୟାକେଟ୍ ପିନ୍ଧି କାମରେ ଲାଗିଥାନ୍ତି । ମେଣ୍ଢା ଚମଡ଼ାର ଖୋଳ ଭିତରେ କାତି ଖଣ୍ଡେ ଅଣ୍ଟାରେ ଝୁଲାଇ ରଖିବା ହେଉଛି ଏମାନଙ୍କର ଏକ ପାରିବାରିକ ଫେସନ୍ ।

ଜିରୋରେ ଧାନଋଷ ହୁଏ । ଜମି ସବୁ ସମତଳ, ଜଳସେଚିତ । ଏଠାରେ ଲୋକେ ବିନା ରାସାୟନିକ ସାର ପିଡ଼ିଆ ଓ କୀଟନାଶକ ଔଷଧରେ ଋଷ କରନ୍ତି । ଜମି ମଝିରେ ଗାତ ସବୁ ଥାଏ । ମାଛ ରହନ୍ତି ଏବଂ ଅଣ୍ଡା ଦେଇ ବଂଶ ବଢ଼ାନ୍ତି । ତେଣୁ ଉଭୟ ଧାନ ଓ ମାଛ ପ୍ରଚୁର ମିଳେ । ଏଠାକାର ଋଷୀମାନେ ବହୁତ ଧନୀ । ଏମିତି ଅନେକ ଲୋକଙ୍କୁ ଦେଖିଲୁ, ଯେଉଁମାନେ କି କାର୍ ଚଳେଇ ଜମି ପାଖକୁ ଆସନ୍ତି, ଜମିରେ କାମଧାମ ସାରି ପୁଣି କାର୍ ଯୋଗେ ଫେରିଯାନ୍ତି । ଶାରୀରିକ ଶ୍ରମ ଏଠାରେ ସମ୍ମାନର ବିଷୟ ।

'ଜିରୋ'ରେ ବ୍ୟକ୍ତିଗତ ମାଲିକାନାରେ ଋଷଜମି ଖୁବ୍ କମ୍ । ଋଷ ପ୍ରାୟତଃ ସମବାୟ ସୂତ୍ରରେ ହୋଇଥାଏ । ସ୍ଥାନୀୟ ଗ୍ରାମ କାଉନ୍‌ସିଲ୍ ଲୋକଙ୍କ ଭିତରେ ଜମି ବାଣ୍ଟି ଦେଇଥାଏ । ଲୋକେ ସମୂହ ଭାବେ ଋଷ ଜମିକୁ ଭୋଗ କରନ୍ତି । ବାଉଁଶ ଜଙ୍ଗଲ ବି କୋଠରେ ପ୍ରତିପାଳିତ ହୋଇଥାଏ ।

ଖରାବେଳ ମେଘାଛନ୍ନ । ସମସ୍ତେ ଫେରି ଆସିଥାଉ ଆମର ଅତିଥି ଭବନକୁ । ଚମତ୍କାର ବାଉଁଶ ଘେରା ବାଲ୍‌କୋନି । ତା' ଉପରେ ଚୌକି ଖଣ୍ଡେ ପକେଇ ବସି ରହିଲି । ଦୂର ଦୂର ପର୍ଯ୍ୟନ୍ତ ଆଖି ପହଁରାଇ ଆଣିଲି । ଏଇଟା ଆଉ ମୋର କଳ୍ପନାର ସୁଇଜର୍‌ଲ୍ୟାଣ୍ଡ୍ ନୁହେଁ ତ ? ମୋ' ସାମ୍ନାରେ ଥିଲା ମସ୍ତବଡ଼ ଖେଳପଡ଼ିଆ । ତା'ପଛକୁ ଲମ୍ବି ଯାଇଛି ଘଞ୍ଚ ପାଇନ୍ ଜଙ୍ଗଲ । ପବନ ଚକି ଗୋଟିଏ ଅନବରତ ଘୂରି ଋଲିଥାଏ । ବୁଲ୍‌ଗେରିଆର ଗୋଲାପ ଋଷ ହେଉଥିବା ପାହାଡ଼ ତଳି କୌଣସି ଗାଁର ଚିତ୍ରପଟ ପରି ପରିବେଶ । ବାଲ୍‌କୋନି ତଳେ, ଆଖପାଖ ସବୁ ଜାଗାରେ, କାନ୍ଥକଡ଼ ଅନାବାଦୀ ଜାଗାରେ ତଥା ପାଣି ଜମୁଥିବା ଅସନା ଜାଗାରେ– ସବୁଠି ଗୋଲାପ ଫୁଲର ସଭା ।

ବହୁ ବର୍ଷ ତଳେ 'ହାଇଡ଼ି' ନାମକ ବହିଟିଏ ପଢ଼ିଥିଲି । ହାଇଡ଼ି, ତା' ଜେଜେବାପାଙ୍କ ସହିତ ସୁଇଜରଲ୍ୟାଣ୍ଡର ଯେଉଁ ପର୍ବତ ଟାପୁରେ ରହୁଥିଲା, ସେଇ ଛବିଟି ମୋ ମନରେ ଢେର ବର୍ଷ ଯାଏ ସଜୀବ ହୋଇ ରହିଥିଲା । ହଠାତ୍ ଲାଗିଲା ମୁଁ ଦେଖୁଥିବା ଏହି 'ଜିରୋ' ଆଉ ସେଇ ଜାଗାଟି ନୁହେଁ ତ ? ସେଇ ସମତଳ ପଡ଼ିଆ, ପବନ ଚକି, ପାଇନ ଜଙ୍ଗଲ, ନିରଳସ ମଣିଷ ଓ ଗୀତ ଗାଉଥିବା କିଚିରି ମିଚିରି ଚଢ଼େଇ ଦଳ ।

ସଂଧ୍ୟା ବେଳକୁ ସ୍କୁଲ ପିଲାଙ୍କ ଛାତ୍ରାବାସରେ ଥିଲା ଏକ ଅଣ ଔପଋରିକ ଗପସପ କାର୍ଯ୍ୟକ୍ରମ । ଲମ୍ବା ପଡ଼ିଆଟି ପାର ହେଲେ, ସେପଟେ ଜଙ୍ଗଲ ଦାଢ଼ରେ ଛାତ୍ରାବାସ । ଗପସପରେ କେବେ ରାତି ହେଇଗଲା ଜାଣିପାରିଲି ନାହିଁ । ଏ ଭିତରେ କ୍ଷୀପ୍ର ଗତିରେ ବଦଳି ଯାଇଥିଲା ପାଣିପାଗ । ଥଣ୍ଡା କୋହଲା ପାଗ ସାଙ୍ଗକୁ ବାହାରେ କୁଣ୍ଡା ଝାଡ଼ିଲା ପରି ବରଫପାତ । ଛତା ଓ ଟର୍ଚ୍ଚ ସହ ମୋ' ସାଥିରେ ବାଟ ଦେଖେଇବା ପାଇଁ ଜଣେ ପିଲା ଆସିଲା । ବିସ୍ତୀର୍ଣ୍ଣ କ୍ରୀଡ଼ା ପ୍ରାଙ୍ଗଣରେ ପାଦ ଗଳିଗଲା ଭଳି ହାଲ୍‌କା ବରଫ । ଆଙ୍ଗୁଠି ସବୁ ପ୍ରବଳ ଥଣ୍ଡାରେ ବଧିରା ପଡ଼ି ସାରିଥାଏ ।

ଦୂରରୁ, ବରଫ ପଡ଼ିଆ ଭିତରେ ଆମେ ରହୁଥିବା ଅତିଥି ଘରଟି ପରୀ କାହାଣୀର ଘର ପରି ଦିଶୁଥାଏ । ବାଲ୍‌କୋନି ସିଲିଂରୁ ଲଟକି ଥିବା ଲଣ୍ଠନ ଆକୃତିର ଫ୍ରେମ୍ ଭିତରେ ହଳଦିଆ ରଙ୍ଗର ବଲ୍‌ବ୍ ସବୁ ଅଦ୍‌ଭୁତ ଦିଶୁଥିଲେ । ବରଫପାତ ଭିତରେ ସତେକି ଘରଟା ନିର୍ବିକାର ଭାବେ ପିଠି ଦେଖେଇ ବସିଥିଲା । ସତେକି ପୋଷା ବିରାଡ଼ିଟି ଚୁପ୍‌ଋପ୍ ଆସି ବସି ଯାଇଛି । ଓଡ଼ିଆ ଶିକ୍ଷକ ଓ ତାଙ୍କ ଆପାତାନି ପତ୍ନୀ ଦୁଆର ପାଖରେ ମୂର୍ତ୍ତି ପରି ଠିଆ ହେଇଥିଲେ । ବୋଧେ ବ୍ୟସ୍ତ ବିବ୍ରତ ବି ଥିଲେ ।

ହୁଏତ ଆମର ଫେରିବାର ଅହେତୁକ ବିଳମ୍ବ ପାଇଁ ନିଜକୁ ଅପରାଧୀ ମନେ କରୁଥିଲେ । ସେମାନେ ଆମର ଅପେକ୍ଷାରେ ଥିଲେ ।

ଦ୍ୱି-ପ୍ରଚ୍ଛଦ




ପ୍ରଚ୍ଛଦ କଳ୍ପନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ସାଗରିକା ସାହୁ**,ବାରିପଦା
ଉଚ୍ଚତା : **୫ ଫୁଟ୍ ୨ ଇଞ୍ଚ୍**
ବୃତ୍ତି : **ଗ୍ରାଫିକ୍ସ ଡିଜାଇନର୍ ଓ ମେକ୍ଅପ୍ ଆର୍ଟିଷ୍ଟ୍**
ଶିକ୍ଷା : **ଗ୍ରାଫିକ୍ସ ଡିଜାଇନିଂରେ ସ୍ନାତକ**
ରୁଚି : **ମଡ଼େଲିଂ, ଅଭିନୟ**
ପ୍ରଚ୍ଛଦ ଫଟୋଗ୍ରାଫି : **ଆଶିଷ କୁମାର ମହାପାତ୍ର**
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ, ସୋନପୁର**
ମେକ୍ଅପ୍ ଓ କଷ୍ଟ୍ୟୁମ୍ : **ସାଗରିକା ସାହୁ**
ସ୍ଥାନ : **ହରିହର ମନ୍ଦିର, ରଘୁନାଥପୁର**

ଲେଣ୍ଡର

# ନଭେମ୍ବର - ୨୦୨୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

**ଛୁଟିଦିନ**

୧୨/୧୧/୨୦୨୩ : ଦୀପାବଳି
୧୪/୧୧/୨୦୨୩ : ଶିଶୁଦିବସ
୨୧/୧୧/୨୦୨୩ : ଜଗଦ୍ଧାତ୍ରୀ ପୂଜା
୨୭/୧୧/୨୦୨୩ : ରାସପୂର୍ଣ୍ଣିମା, ବାଳିଯାତ୍ରା
୨୮/୧୧/୨୦୨୩ : ଛାଡ଼ଖାଇ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୧୯ | ୩୦ |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

# ଦ୍ରୌପଦୀ-୩୩

## ପ୍ରଫୁଲ୍ଲ କୁମାର ମହାନ୍ତି

(ଅର୍ଜୁନ-ସୁଭଦ୍ରା ବିବାହରେ ଦ୍ରୌପଦୀର ମନଦଂଶନ)

ଦ୍ରୌପଦୀ ଢୋକି ଦେଲା କ୍ରୋଧ ଅଭିମାନ
ସୁନା ପଲଙ୍କରେ ଛଟପଟ ଅପରାହ୍ନ
ଅପସରି ଗଲା କଦମ୍ବଛାଇରେ:
ହଁ ଏମିତି ହିଁ ହୁଏ ଜ୍ୱାଳା ଶୀତଳ ହୁଏ
ଆପେ ଆପେ ଖାଲି ଦପ୍‌ଦପ୍ କରେ
ବଣନିଆଁ ଆପେ ନିଭିଯାଏ ମନ ଗହନରେ
କିନ୍ତୁ ପାରିଲାନି ବୁଝି କୃଷ୍ଣ କିପରି
ତାର ପ୍ରାଣସଖା ହୋଇ ପାଲଟିଲେ ବିପର୍ଯ୍ୟକ
ରାଜନୀତି ପାଇଁ ବିସର୍ଜିଲେ ପ୍ରିୟସଖୀ
ଅର୍ଜୁନ ଛଡ଼ାଇ ନେଲେ ସୁଭଦ୍ରାର
ପ୍ରେମ ଉପହାର ପାଇଁ ସଖୀର କୋଳରୁ ?

ସଂକୋଚ ଘାରିଲା ନାହିଁ ଶୀତକଣ୍ଟା ମାରିଲାନି
ଲାଜ ରଙ୍ଗ ପଡ଼ିଲାନି ଫିକା ନିଜ ପ୍ରତ୍ୟୟରେ ?
ପଚାରି ଲାଭ ନାହିଁ କହିଦେବେ ସଖା
ଯଥାର୍ଥ ପ୍ରମାଣ କରି ବାକ୍ୟ ପଟୁଆରେ
ଦ୍ରୌପଦୀ ରକ୍ଷଣ ନୁହେଁ ତାଙ୍କ ପାଇଁ ଖେଦ
କୂଟନୀତି କୁଚକ୍ରରେ ସଖାସଖୀ ଭେଦ
ନାହିଁ ବୋଲି ବୁଝାଇବେ କୃଷ୍ଣବାସୁଦେବ ।

ଅବଶ୍ୟ କହିବେ କି ମିଛ- କିନ୍ତୁ
ସତ୍ୟ କଣ ଫେରିବ କେବେ ଅଫେରା ରାଜ୍ୟରୁ
ଚିତ୍ରବତ୍ ମୁହୂର୍ତ୍ତକୁ ପାଲଟା ଗତିରେ ?

ବଳରାମ ଇଚ୍ଛା ବିରୋଧରେ ଯଦି
କୃଷ୍ଣ କଲେ ଚକ୍ରାନ୍ତର ନାଟ
ଦୁର୍ଯ୍ୟୋଧନ ହେବ ନାହିଁ ସୁଭଦ୍ରାର ପତି-
ସତ୍ୟ ଜାଣି ମିଳିବ ନା କଣ ?
ମୋର ଅର୍ଜୁନ ଏବେ ହେଲା ଦୁଇଭାଗ
ଯେମିତି ମୁଁ ହେଲି ପାଞ୍ଚ ଭାଗ:
କିନ୍ତୁ ମୋର ଯନ୍ତ୍ରଣା ମୋର
କେହି ନୁହେଁ ତାର ଭାଗୀଦାର ।

ଖବର ବ୍ୟାପିଗଲା ମୟ ପ୍ରାସାଦରେ
କୃଷ୍ଣ ଭଗିନୀ ବଳରାମ ସୋହାଗିନୀ
ଏବେ ଅର୍ଜୁନର ପତ୍ନୀ:
କେତେ ମଥା ଉଁଚା ହେଲା ଗର୍ବରେ
କେତେ କପାଳରେ ଜମିଗଲା ଝାଳ

କିନ୍ତୁ ସମସ୍ତେ ହସହସ ନିର୍ମଳ ଆନନ୍ଦରେ:
ଯୁଧିଷ୍ଠିର ପାଇଁ ଥିଲା ଅର୍ଜୁନ ବିଜୟ
ସଂପର୍କ ରାଜନୀତି କୌରବ ପରାଜୟ
ନୂଆ ଏକ ସମ୍ଭାବନା ନୂଆ ସୂର୍ଯ୍ୟୋଦୟ ।


କାହିଁକି ଝରିବ କିଏ ଅଯଥାରେ ଲୁହ
ଏହା ତ ରାଜଠାଣି ନାୟକର ଗୁଣ
ବହୁପତ୍ନୀ ବିକାଶର ଧ୍ୱନିତ ସୁରଭି
ଦ୍ରୌପଦୀ କାନ୍ଦିପାରେ ଅନ୍ଧାରୀ କକ୍ଷରେ
କିମ୍ବା ଲୁହ ପୋଛି ହସରେଣୁ ମାଖି
ଉତ୍ସବରେ ଭାଗ ନେବ ଭାବଶୂନ୍ୟ ଆବେଗରେ
ଅଭିନେତ୍ରୀ ମୁଦ୍ରାରେ ପାଟରାଣୀ ସାଜି ।

ଦ୍ରୌପଦୀ ପିନ୍ଧିନେଲା ଆନନ୍ଦର ମୁଖା
ଲୁଚିଗଲା ଦୁଃଖ ଶୋକ ଆଖି କପାଳରୁ
ରାଣୀ ବେଶେ ଆଦେଶିଲା କର୍ମୀଗଣଙ୍କୁ
ପ୍ରସ୍ତୁତ କର ଉଲ୍ଲାସ ତୋରଣ

ନବ ଦମ୍ପତି ସ୍ୱାଗତ ପାଇଁ କର ଦିବ୍ୟ ଆୟୋଜନ:
ଦ୍ରୌପଦୀ ବରାଦ କଲା ଅଞ୍ଜନାକୁ ଡାକି
ସାଜି ଦିଅ ସଖୀ ମୋର ଅର୍ଜୁନ ସୁଭଦ୍ରା ପାଇଁ
ମିଳନ ଯମୁନା ନାବ ରତି ମଦନର ଛନ୍ଦ
ରାତିସାରା ବାଜୁଥିବ ନର୍ତ୍ତକୀ ନୂପୁରରେ ରାଗ
ମୋହନବଂଶୀ ତାନ ଉଚ୍ଛଳା ଅନୁରାଗ
ଉଜାଗର ପକ୍ଷୀଙ୍କର କୋମଳ ବେହାଗ ।

‘ଚିତ୍ରକାବ୍ୟ’, ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩





## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

**ପ୍ରଫୁଲ୍ଲ କୁମାର ମହାନ୍ତି**

# ଗଣତନ୍ତ୍ର ଗାରିମାର ଗୀତ


**ନିରାକାର ଦାସ**

ସେହିଦିନ ଗାଇବି ମୁଁ ଗଣତନ୍ତ୍ର
ଗାରିମାର ଗୀତ,
ଉଡ଼ାଇବି ଯେତେ ସବୁଶାନ୍ତି ଆଉ
ସଦ୍‌ଭାବନାର ନେତ,
ସମର୍ପି ଦେବି ଯେତେସବୁ
ବିଦ୍ରୋହର ଅସ୍ତ୍ର,
ଯେଉଁଦିନ ମିଛିମିଛିକା
ଏ ଗଣତନ୍ତ୍ର ଗର୍ଭରୁ ଜନ୍ମନେବ
ସତସତିକା ସମତାର ମନ୍ତ୍ର,
ଭୋଗି ହେବ ଶ୍ରେଣୀହୀନ ଶୋଷଣବିହୀନ
ଏକ ସମାଜର ସୁଖ ।

ଯେଉଁଦିନ ଆଙ୍କିହେବ ସବୁ ଘର କାନ୍ଥରେ
ମଣିଷ, ମଣିଷ ବନିବାର ଚିତ୍ର,
ସଂସ୍କାର ନୂଆବୋହୂଟିଏ ପରି
ପରଶୁଥିବ ସବୁରି ପତ୍ରରେ ସଦ୍‌ଜ୍ଞାନର ଭାତ,
ସବୁଘରେ ଜଳିବ ଆଲୋକର ଦୀପ
ସବୁରି ପିଣ୍ଡାରେ ବସି ସଂସ୍କାର-ସଂସ୍କୃତି
ପାଠ କରିବେ ସଂହତିର ମନ୍ତ୍ର,
ଈଶ୍ୱର ଫିଶ୍ୱର ଛାଡ଼ି
ମଣିଷ ଗାଇବ ମଣିଷର ଗୀତ,
ମଣିଷରୁ ମଣିଷକୁ ଉତ୍ତରଣ ପାଇଁ
ଟୋଳା ହେବ ସାମ୍ୟବାଦର ରଥ ।

ଯେଉଁଦିନ ଚିକିତ୍ସା ଅଭାବରୁ
ମରିବନି ନାଥିଆମଳିକ କି ରୋଗରେ ସଡ଼ିସଡ଼ି
ମନ୍ଦିର ଦୁଆରେ ମୁଣ୍ଡ ପିଟି ଗଡ଼ିବନି
ଧଡ଼ିଆ ଧୋବାର ପୁତ୍ର ।
ସେହିଦିନ ଗଣତନ୍ତ୍ର ହୋଇଯିବ ମହିମାମଣ୍ଡିତ
ମୂଲ୍ୟବୋଧର କାଳି,
ଶାନ୍ତିର ଲେଖନୀରେ ଲେଖିବି ମୁଁ
ସବୁରି ଉପରେ ମଣିଷ ସତ୍ୟ,
ମଣିଷ ହିଁ ମଣିଷର ସଖା, ସହୋଦର ମିତ୍ର,
ମଣିଷ ଠାରୁ ଆଉ କେହି ନୁହେଁ ଶ୍ରେଷ୍ଠ ।
ଇତିହାସର କଷଟିପଥରେ ଘଷା ହୋଇହୋଇ
ମଣିଷ ଗଢ଼ିବ ସତ୍ୟର ରଥ ।
ସେହିଦିନ ଗାଇବି ମୁଁ ଗଣତନ୍ତ୍ରର ଗୌରବ ଗୀତ ।

ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୧୭,
ଫୋନ : ୯୪୩୭୦୧୩୧୩୯



ଫଟୋ ନିରାକାର ଦାସ



▲ ଚିତ୍ର : ଶିଳ୍ପୀ ନିକୁଞ୍ଜ ବିହାରୀ ଦାସ

# ନଖ ଦାଗ

**ପ୍ରୀତିଲେଖା ଦାସ**

ଇତିହାସକୁ
ଆଉ ଅନ୍ଧାର ନ ଦିଆଯାଉ ।

ଗରିମାମୟ ସହନଶୀଳତାରେ
ଏମିତିରେ ବି
ଭୋଗି ସାରିଲୁଣି ଢେର୍ ।

ସମ୍ବିଧାନ
ଗୋଟେ ଢିରା ।

ନିରପେକ୍ଷତା ଭିତରେ
ନିଃଶ୍ୱାସକୁ ମାଡି ଦେଇ
ଯାହାକୁ ଆଉଜି
ତୁମେ, ମୁଁ, ସେ
ବସି ରହିଛୁ ବର୍ଷ ବର୍ଷ ଧରି
ଆଉ, ଭାବି ନେଇଛୁ
ସେହି ଢିରା ହିଁ
ଆମର ମେରୁଦଣ୍ଡ
ଦେଶ ଗୋଟାକର ବି ।

ପକ୍ଷଭୁକ୍ତ ହେବା ଭୟରେ
କାଟିଦେଲେ ପକ୍ଷ
ଥୋଇଦେଲେ ମାଟି ଉପରେ ଜିଭ
ହୋଇ ଯାଏକି
କେହି ହେଲେ ନିଷ୍ପକ୍ଷ ?

ନୀରବ ରହିବା ବି
ଗୋଟିଏ ପକ୍ଷକୁ ସମର୍ଥନ ।

ଏ ମାଟି ଜାଣେ
ଏ ରକ୍ତ ଜାଣେ
ଛୋଟ କାଠ ବ୍ରଣଟେ ବି
କେମିତି ଘା' ହୁଏ
ମାଡେ ଦେହ ଗୋଟାକରେ,
ତା' ଭିତରୁ ଜନ୍ମନେଇ କୀଟ
ଅବାଧରେ ପଶିପାରେ
ଧର୍ମ ଓ ବିଶ୍ୱାସର ନାକରେ,ପାଟିରେ ।

ଦେଶକୁ
ନିଜଠୁଁ ଅଧିକ କିଛି ବୋଲି ଭାବିଦେଲେ
ଦିଶେ, ପଙ୍ଗପାଳଙ୍କ ପ୍ରେମରେ
ଉଜୁଡ଼ି ଯାଉଥିବା କ୍ଷେତ,
ମଝିରେ ତା'ର
ମୁଣ୍ଡରେ ଗଳେଇ ଭଙ୍ଗା ହାଣ୍ଡିଟେ
ପାଳଭୂତ ହୋଇ
ନିଜେ ଠିଆ ହେବାର ।

ବୁଜି ନେଲେ ଆଖି
ଅକାତକାତ କି ଅନ୍ଧକାର ;
ଖସି ପଡୁଛି ସତେ ବା'
ଛାତରୁ / ଛାତିରୁ
ରଙ୍ଗ, ସିମେଣ୍ଟ, ପଲସ୍ତରା
ଯେତେ ସବୁ କାରିଗରୀ
ଉଦାରତାର,ମହାନତାର ।

ଭୋଇସାହି, ବାଲେଶ୍ୱର-୭୫୬୦୦୧,
ଫୋନ:୯୮୫୩୩୪୪୬୮୮



ଫଟୋ ପ୍ରୀତିଲେଖା ଦାସ

# କହି ହେଲାନି

## ଜୟନ୍ତିକା

କଥାଟି କହି ହେଲାନି
ଛାତି ତଳେ ପଥର ପାଲଟିଗଲା ।

ଯଦିଓ ରତୁ ବଦୁଳୁଥିଲା ଆଗ ପରି
ଫୁଲ ଫୁଟି ଝରୁଥିଲା
ଆକାଶ ନିର୍ମଳ ଥିଲା
ଆଗ ପରି, ଠିକ୍ ଆଗ ପରି ।

ଜୀବନକୁ ବେଢ଼ି ଥିଲା
ଅସୁମାରୀ ଭବ୍ୟ ଆୟୋଜନ,
ପବନ ବି ବହୁଥିଲା ନିୟନ୍ତ୍ରିତ ହୋଇ,
ବୈଠକଖାନା, ଖାଇବା ଟେବୁଲ୍,
ଟେରେସ୍ ବେଢ଼ା ଫୁଲଗଛ ସବୁଠି
ପ୍ରତିଷ୍ଠା ଓ ପ୍ରତିପତ୍ତିର ମୌନ ବିଜ୍ଞାପନ ।

ଚହଲୁଥିଲା ଜୀବନ ଅଜଣା କସ୍ତୁରୀର ଅଦୃଶ୍ୟ ମାୟାରେ ।

ଯେବେ ଘେରି ଆସୁଥିଲା ଅନ୍ଧାର,
ବଦଳି ଯାଉଥିଲା ଦୃଶ୍ୟପଟ୍ଟ,
ଛାତି ତଳେ ଗୁମୁରି ଉଠୁଥିଲା ଅସ୍ପଷ୍ଟ ସ୍ୱରଟେ,
ଯେତେ ଗାଢ଼ ହେଉଥିଲା ରାତି,
ସେତେ ପ୍ରଲମ୍ବିତ ହେଉଥିଲା ସେ ସ୍ୱର ।

ଅଦ୍‌ଭୁତ ଅଥଚ ଖୁବ୍ ପରିଚିତ ସ୍ୱରଟି
ଭେଦ କରି ଯାଉଥିଲା ଅଳିନ୍ଦନିଳୟ,
ପ୍ରସରିତ ହେଉଥିଲା ଧୀରେ ଧୀରେ
କୋଷ ଆଉ କଣିକା ଭିତରେ ।

ପଥର ବି କ'ଣ କାନ୍ଦି ପାରେ ?
କଥାଟି କହି ହେଲାନି ।


♥ 'କଥାକାର', ୧୬୧-ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଫୋନ: ୮୭୬୩୯୯୮୪୯୮




◀ ଫଟୋ ଜୟନ୍ତିକା

# ଡର

## ସ୍ୱାଗତିକା ମିଶ୍ର

ଅନ୍ତତଃ ଭ୍ରମକୁ ନେଇ
ଜିଇଁଯିବାର ଥିଲା ମୋର ଆଉ କିଛିଦିନ !

ଜହ୍ନରେ ଠେକୁଆଟିଏ ଥିବା ଯାଏଁ
ପିଲାଦିନ ଡେଉଁଥିଲା ।
ଥୁକୁଲ ଥୁକୁଲ ଚାଲିଲା ବେଳେ ଯିଏ ପଡି ଯାଉ ଯାଉ
କାନ୍ଦୁଥିଲା ବୋଉ ତାକୁ କୋଳ କରିବା ଯାଏଁ
କ୍ଷୀର ଭାତ ଖାଇବାର ବୟସ ଯାକ
ସମ୍ପର୍କ ତାର ଥିଲା
ବୋଉର ବିଶି ଆଙ୍ଗୁଠି ସହ

ଦିନେ ଅବଧାନଙ୍କ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀର ଚିତ୍ରରେ
ମୁଁ ବିସ୍ମରିବାକୁ ଲାଗିଲି
ଚକ୍ ଖଡିର ବୟସ
ବ୍ରହ୍ମା, ବିଷ୍ଣୁ, ମହେଶ

ସ୍ୱପ୍ନଦୋଷ ବୟସରେ
ଅଧାରାତି ଜହ୍ନରେ ଦେଖିଲି
ପ୍ରେମିକାର ମୁହଁ
ତା ଚିବୁକର କଳାଜାଇ
ମୁଁ ପ୍ରେମରେ ପଡିଲି 'ଅମାବାସ୍ୟାର ଚନ୍ଦ୍ର' ସହ

ଜହ୍ନ ଛାଇରେ
ବସି ବସି କବିତା ଲେଖୁ ଲେଖୁ
ଦିନେ ପୋଡିଗଲା ପିଠି

ମୁଁ ମିଛ ପାଳୁଛି କହିଲେ ସଭିଏଁ
କେହି ଆଉଁଶି କିନ୍ତୁ ଦେଲେନି
ବିରହ ରତୁର ରଙ୍ଗ ଗାଢ଼ ହଉ ନହଉଣୁ
ଆଖିମାନେ ଖୋଜିନେଲେ ସୁଡଙ୍ଗର ରାସ୍ତା

ଜହ୍ନ ଥିଲା
ଯେମିତି ଏବେ !

କାନ୍ଦିବା କଥା ଛାଡ ହୋ
କାନ୍ଦ ମାଡିବାକୁ ବି ଡରୁଥିଲି ଏଣିକି ମୁଁ !

ଯେବେ ଜାଣିଲି
କାନ୍ଦିବାର ବୟସ
ପକ୍ଷୀ ହେଇ ଉଡି ଯିବା ପରେ
କେଉଁ ଅଦୃଶ୍ୟ କୋଣକୁ
ତାଙ୍କୁ ନିଜେ ନିଜ ଚଂଚୁରେ କାଟିବାକୁ ହୁଏ ଡେଣା !

ଆହୁରି ଆହୁରି ଡରିଲି
ଯେବେ ଦେଖିଲି
ମୋର ଏମିତି
ଚାହିଁ ବି କାନ୍ଦି ନ ପାରିବାର ବୟସ୍କ ମୁହଁଟି
ଖୁବ୍ ବିକଳାଙ୍ଗ ଦିଶେ ଜହ୍ନ ଦେହରେ !


♥ ଜେଲ ରୋଡ୍, ଅଠରନଳା, ପୁରୀ
ଫୋନ:୮୨୪୯୮୦୨୮୦୯




◀ ଫଟୋ ସ୍ୱାଗତିକା ମିଶ୍ର

# ହିରଣ୍ୟଗର୍ଭ

**ଶୁଭଶ୍ରୀ ଶୁଭସ୍ମିତା ମିଶ୍ର**

ଛଅ ମାସ ଆଉ ଅଢେଇ ଦିନ ପରେ
ଯେଉଁମାନେ ମୋତେ ଫିଙ୍ଗିଦେଲେ
ଅଳିଆ ଗଦାରେ, ସେଇ ପଙ୍କ ଭିତରୁ
ମୋତେ କିଏ ଜଣେ ଛାଣି ଆଣିଲା ପଦ୍ମ କହି !

ମୁଁ ତାକୁ ଦାନ କରିଦେଲି ମୋର ଶୈଶବ
ଆକାଶ ସେଇଠି ଶେଷ !

ତୁମେ ହିସାବ ମାଗିବ କେତେ ବର୍ଷର ଦେହ ମୋର ?
ମୁଁ ଦେବିନି କହିଲେ
ଉତ୍କ୍ଷିପ୍ତ ହେବ ପୃଥିବୀର ଶେଷଗର୍ଭ,
ବାର ଧାର ରକ୍ତ ମୋ ଦେହରୁ ନିଗିଡି ପଡିବେ
ଦଶ କୋଷ ରାସ୍ତା ରକ୍ତସ୍ନାତ !

ଅଣସାମାଜିକତା ଗୋଟେ ସଂସ୍କରଣ,
ଅଥଚ 'ମୋର ସମାଜିକ ହେବାର ନଥିଲା' ବୋଲି
ସେହିମାନେ ଘୋଷଣା କଲେ !

ମୁଁ କେବଳ ହସିଦେଲି ଥରେ
ଚମକି ଉଠିଲା ବିଜୁଳି
ସପ୍ତମେଘ ଏକାଠି ହେଲେ ଆକାଶରେ
ଘଡଘଡିର ପ୍ରଚଣ୍ଡ ଶବ୍ଦରେ ଅହଂକାରମାନେ ତରଳୁଥିଲେ
ଅତଏବ;
ଭୂମିକମ୍ପ ଅନୁମତି ନେଇ ଚୁପ୍ ରହିଗଲା
ଅଟକି ଗଲା ପ୍ରଳୟ,

କହି ପାରିଥାନ୍ତି;
ପାର୍ବତୀଙ୍କ ଶହେ ଆଠ ଜନ୍ମ ମୁଁ,
ବେଲାଲସେନ କଟାମୁଣ୍ଡ ମୋରି ହାତରେ,
ସେ ସୁଦର୍ଶନ ଆଉ ଶାଣିତ ଖଡ୍‌ଗ ଧାର ବି ମୁଁ !

ନିଷ୍କଣ୍ଟକ ନୁହେଁ,
ଏ ଧରଣୀ ବୋଧେ ଶୂନ୍ୟମୟୀ ହେବ
ଯଦି କେବଳ ମୁଁ ମୋ ଦେହରୁ କାଢିଦେଇ ଫିଙ୍ଗିଦେବି,
ମୋ ହିରଣ୍ୟଗର୍ଭ !

ଭୁବନେଶ୍ୱର
ଫୋନ:୯୮୬୧୭୮୮୯୯୯



ଫଟୋ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

# ଶବ୍ଦ ଅଶବ୍ଦ

**ସବିତା ସାହୁ**

କେତେ କଥା କହୁଛି ଶବ୍ଦରେ
ଆଉ କେତେ ଖର ନିଃଶ୍ୱାସରେ
ପଠାଉଛି ଅଧୀର ପବନରେ
ଛୁଇଁବାକୁ ତୁମର ସେ
ସୁନ୍ଦର ଦେହ ମନ ଅମୃତ ଆନନ୍ଦରେ ।

ମୁଁ ଜାଣେ ତୁମେ ଶୁଣ କିଛି ଶବ୍ଦ
ଅଶୁଣା ବି ରହିଯାଏ ଅନେକ ଅଶବ୍ଦ
ନିରବତାର ପ୍ରେମ ସମ୍ଭାଷଣ
ହୁଏ ତ ଅଟକି ଯାଏ ମନ ପରଦାରେ
ଯାହା ପ୍ରାୟ ବନ୍ଦ ଥାଏ
ଦିନ ରାତି ଅସ୍ତରେ ।

ଶୁଣ କି ନ ଶୁଣ
ବୁଝ କି ନ ବୁଝ
ବାଉଳା ପବନ ପରି
ଅମେଘ ଆଲୁଅ ପରି
ଝରଣାର କଳନାଦ ପରି
ମୁଁ ତ ପ୍ରେମ କୋଇଲି
ଗାଇ ଯାଏ ଗୁଣୁଗୁଣାଏ
ମଞ୍ଜରୀ ଯାଏ ସଞ୍ଚରୀ ଯାଏ
ବଲ୍ଲରୀ ଯାଏ ପଲ୍ଲବୀ ଯାଏ
ମାୟା ପଟଳ ଭେଦି ନୀରବ ତାନରେ ।

ତୁମେ ତ ସବୁବେଳେ ଚୁପ୍
ଆଖି ମୁହଁ ଦେହ ମନ
ସବୁବେଳେ ଆନମନା
ଭିନ୍ନ ପୃଥିବୀରେ ;
ଯଦି କେବେ ଶୁଣିପାର
ଶୁଣି ମଧ୍ୟ ବୁଝିପାର
ବୁଝି ମଧ୍ୟ କହିପାର
ତେବେ ପଠାଇବ ପଦେ କଥା
ଆକାଶ ଗାଲରେ ଲେଖି
ଅଦିନ ବର୍ଷାରେ ।

୨ୟ ଗଳି, ନେହେରୁ ନଗର
ଗୋସାଣି ନୂଆଗାଁ, ବ୍ରହ୍ମପୁର-୭୬୦୦୦୩
ଫୋନ: ୯୪୩୭୬୧୬୪୨୩



ଫଟୋ ସବିତା ସାହୁ

# ଗାଁ ତୋଳା

## ଚିତ୍ତରଞ୍ଜନ ନାୟକ



▲ ଚିତ୍ର : ଶିଳ୍ପୀ ପ୍ରଦୀପ୍ତ କିଶୋର ଦାସ

ସୁଦର୍ଶନ ! ଗାଁଟିଏ ତୋଳି ଦିଅନ୍ତିନି ବାଲିରେ !
ଦାଆ ବେଣ୍ଟରେ ଲାଖିଥିବ
ଅଲିଶା ବିଡ଼ିର ଶେଷଢୋକ
ଝାଳର କାଳିରେ ଲେଖା ହେଇଥିବ
ପ୍ରୀତିଗର୍ଭା ମାଟିର ଜାତକ !

ଥିବ ବିଲହିଡ଼ରେ ପଖାଳ କଂସା
ଲଙ୍କା ଆମ୍ବୁଲକୁ ଶିଳା ଶୁଖୁଆ ପୋଡ଼ା
ମାଣେ କିଆରିକୁ ଦୁଃଖ ଦଶ ମାଣ
ହସର ପୁନେଇଁରେ ଜହ୍ନ କିଣିଥିବା ଝିଅ
ଅନିଚ୍ଛାରେ ଭାଙ୍ଗୁଥିବ ଫଗୁଣର ରାଣ ।

ଥିବ କିଛି ନିର୍ଜନତାର ନବକଳେବର
ଯୁଗଯୁଗର ସହନଶୀଳତାକୁ ପରିପୁଷ୍ଟ କରୁଥିବ
କିଛି ଉଲ୍ଲସିତ ଜିନ୍ଦାବାଦର ଅନ୍ଧାର
ଥିବ କିଛି ଧାରାବାହିକ ଦୁଃଖର ହାଟସଉଦା
ପରିବାରକୁ ନେଇ ମଞ୍ଚସ୍ଥ ନାଟକରେ
ଅଧାରୁ ସଂଳାପ ଭୁଲିଥିବ ପୁଅ
ଅଧାରୁ ରଙ୍ଗମଞ୍ଚ ଥିବ ଓଦାଓଦା ।

ଥିବ ଗୋଟେ ଅଘୋଷିତ ଘୋଡ଼ାଦୌଡ଼
ଆଗରେ ଘଞ୍ଚ ଏକ ଜଙ୍ଗଲର ମୋଡ଼
ମଝିରେ ମୋହର ବିଶାଳ ଗଣ୍ଡ
ପଛରେ ମାୟାର ପୁରୁଣା ପାହାଡ଼ ।



▲ ଫଟୋ ଚିତ୍ତରଞ୍ଜନ ନାୟକ

ଥିବ ଗୋଟେ ଦୟାବନ୍ତ ଦୀର୍ଘଶ୍ୱାସ
ଅଭାବୀ ଧାନବିକ୍ରିର ଟୋକେଇ ଭିତରେ
ରକ୍ତ ଆଉ ମାଂସ ଖାଇ ଗଜା ହେଉଥିବ
ମଞ୍ଜିଥରା ମଗୁଶୁର ଶୋଷ ।

କିଛି ଝରିପୋକଙ୍କ ଶବ ଉପରେ
ମିଞ୍ଜିମିଞ୍ଜି ଜଳୁଥିବ ସଞ୍ଜବତୀ
ଖୁଦୁରୁକୁଣି ଭସାଣିରୁ ଫେରାର ହେଇଥିବ ମିତାଅପା
ତୁଠ ପଥରରେ ଛିଡ଼ି ପଡ଼ିଥିବ
ଝିଲି ଭାଉଜଙ୍କ ଶଙ୍ଖମାଳି
ହାଣ୍ଡିଆ ନିଶାରେ ପାହୁନଥିବ

ଶ୍ୟାମଭାଇର ସୁଖରାତି
ଦୋଳ ମେଳଣରେ ବାରମ୍ବାର ଥରୁଥିବ
ମମତା ମିଶ୍ରର ଲାଜଲାଜ ଛାତି ।

ସୁଦର୍ଶନ ! ଗାଁଟିଏ ତୋଳିଦିଅନ୍ତନି ବାଲିରେ !
ଯୋଉଠି ଗୋବରଲିପା କାନ୍ଥରେ
ଝୋଟିଚିତା ହେଇ ଝଲସୁଥାନ୍ତା ବୋଉର ହସ
ଠଣାରେ ବାଜୁଥାନ୍ତି ବାପାଙ୍କର ପୁରୁଣା ରେଡ଼ିଓ
ଖବର ପଢୁଥାନ୍ତେ ଉପେନ୍ଦ୍ର କୁମାର ପାହାଡ଼ ସିଂ
ତେଣିକି ବଦଳିଲେ ବଦଳୁଥାଉ ପଛେ ଦେଶ
ଗାଁ ଭୋଗିଲେ ଭୋଗୁଥାଉ ପଛେ
ସ୍ୱପ୍ନଙ୍କର ବନବାସ
ଭାଗବତ ଟୁଙ୍ଗିରେ ସେମିତି ବସିଥାନ୍ତୁ
ଅତିବଡ଼ୀ ଜଗନ୍ନାଥ ଦାସ ।

♥ ଅତିରିକ୍ତ ବିଡ଼ିଓ, ଘଟଗାଁ ବ୍ଲକ
କେନ୍ଦୁଝର-୭୫୮୦୨୭
ଫୋନ: ୯୯୩୭୫୬୫୪୯୨

# ଖବର

## ଅନୀତା ପଣ୍ଡା

ଡାକ ପଡ଼ିଥାଏ ଖବରଟିଏ ବୋଲି
ସମ୍ବାଦପତ୍ରରେ ଛପିଥିବା ନୁହେଁ
ନୁହେଁ ବି ହକର୍ ହାତର 'ଆଜ୍ କୀ ତାଜା ଖବର'
କିମ୍ବା ଟିଭି ଚାନେଲ୍‌ରେ-
ଦେଖାଉଥିବା ଭିନ୍ନ ଭିନ୍ନ ରୂପର ଖବର
ସମୟ କାଟିବାକୁ ପଥୁକୀର ପ୍ରଗଲ୍‌ଭତା ନୁହେଁ
ନୁହେଁ ମଧ୍ୟ ମହିଳା ଗୋଷ୍ଠୀଙ୍କ ଚୁପୁର୍‌ଚାପର
କିମ୍ବା ଘର ପରିଚାରିକାମାନଙ୍କ ଫୁସୁରୁଫାସର

ମୁଁ ଏମିତି ଏକ ବିଶେଷ ଖବର
ଯିଏ ସିକ୍ତ ହୋଇଛି
ଦେଖି ଦେଖି ବାରମ୍ବାର
ସମାଜର ବ୍ୟଭିଚାର
କଳାଧନ୍ଦା, ଗଣଧର୍ଷଣ
ମୁଁ ଏମିତି ଏକ ବିଶେଷ ଖବର
ଯାହାର ଶ୍ରବଣ ନଦୀ ଦୁଇଟି
ଅସମର୍ଥ ଶୁଣିବାକୁ
ପରିଣତ ବୟସର ଆକୁଳ ରୋଦନ

ମୁଁ ଏମିତି ଏକ ବିଶେଷ ଖବର
ଯିଏ କେବଳ ଭଟକୁଥିବ
ସମାଜ ଅନ୍ତରାଳେ
ଆଉ ପ୍ରତୀକ୍ଷା କରିବ
ଦେଖିବାକୁ...
ସମାଜର କିଛିଟା ପରିବର୍ତ୍ତିତ
ନବରୂପ.... ।

❤ ନୂଆଦିଲ୍ଲୀ, ଫୋନ:୯୮୧୮୯୮୬୩୦୩

# ସ୍ତ୍ରୀଲୋକର ଗପ

## ରଞ୍ଜିତା ପଣ୍ଡା

କେତେ କେତେ ଈପ୍‌ସିତ ଗପ ଆସରକୁ ପଛ କରି ମୁଁ ଫେରିଆସିଛି ।
ବଗିଚାର ସ୍ୱଷ୍ଟ ଜହ୍ନରାତି, ଜୋଛନାର କେରିକେରି ଅନ୍ୟମନସ୍କତା,
ଉଜ୍ଜ୍ୱଳତମ ନକ୍ଷତ୍ରର ମହାଜାଗତିକ ଆମନ୍ତ୍ରଣମାନଙ୍କୁ ନାହିଁ କରିଦେଇ
ମୁଁ ବାଛିନେଇଛି ଗୋଟେ ମଳାନଈର ଜୀବନ ।

କାହିଁକି ବା ଖୋଜିବି ରଙ୍ଗବେରଙ୍ଗର ଫୁଲରେଣୁ
ଶୀତଳ ପାଣିଧାର
ଇନ୍ଦ୍ରଜାଲ ପରି ସୁଖଦିନ
ବର୍ଷୁକୀ ସଞ୍ଜର ଶିହରଣ !

ମନ ମାରି ବସିଥିବା ମୁହଁଟିକୁ କାହିଁକି ବା ପଚାରିବି
ବିନା ଉଦାସର ଚିତ୍ରଟିଏ ଆଙ୍କି ପାରିବ କି
ସମୟରେ ଠିକ୍ ଏଇ ପାହାଚରେ ?
ସେ କଣ ଭାବିବ ଯେ !
ଅନ୍ଧାରକୁ ଠେଲି ଦେଇଥିବା ଏଇ ପାପୁଲିର ଷଡ଼ଯନ୍ତ୍ରମାନଙ୍କୁ ଠଉରାଇ ନେଇ
ସେ ହୁଏତ ଛିଃ କରି ଦେଇପାରେ ମୋର ସମବେଦନାକୁ ।

କେତେକେତେ ଗଭୀର କ୍ଷତମାନ ମୋ କପାଳରେଖାରେ ।
ଆଉ ପାପୁଲି ରେଖାରେ କେତେକେତେ ବରଦାନ ଆୟୁଷ୍ମତୀ ହେବାର
କ୍ଷତମାନଙ୍କ ସାଥିରେ ଆୟୁଷ ମାପିବା କଣ ଏତେ ବି ସହଜ !
ହେଲେ ଏଇ ଅସହଜପଣ ହିଁ ତ ସବୁ କ୍ଷୟକ୍ଷତି ନିର୍ଦ୍ଧାରିବାର ପ୍ରତ୍ୟକ୍ଷ କାରଣ ।

ବେଳେବେଳେ କାରଣମାନଙ୍କର କରତାଳିରେ ହିଁ ଗୁଞ୍ଜରି ଉଠେ ଗୋଟେ ରଙ୍ଗମଞ୍ଚ
ଯେଉଁ ରଙ୍ଗମଞ୍ଚରେ ମୋର ହିଁ ପରମ ଓ ଅନ୍ତିମ ଅଭିନୟ ପରେ ପରଦା ପକାଉଥାଏ,
ପରଦା ହଟାଉଥାଏ ଜୀବନର ଗବାକ୍ଷ ।

❤ ଆନନ୍ଦନଗର, ସୋନପୁର, ଫୋନ: ୯୯୩୭୯୩୨୯୭୮



▶ ଫଟୋ ଅନୀତା ପଣ୍ଡା



▶ ଫଟୋ ରଞ୍ଜିତା ପଣ୍ଡା

# କାମଫଳ, ସୋନାଦେଈର

**ରମାକାନ୍ତ ନାୟକ**

କି ମହତ ମାଗିବୁ ଦନେଇ,
ଉଜୁଡ଼ିଲା ବେଳକୁ ଆକାଶେ ସ୍ୱପ୍ନ
ଠେସ୍ ଦେବା ପାଇଁ ବୟସ
ବାଇଶିରୁ....ବାଷଠି ।

ତୁ ତ କେଉଁଠି ଥାଉ
ଓହ୍ଲେଇ ପଡୁ କୋଳ ଛାଡ଼ି
ଯେଉଁଠି ପାରୁ ସେଇଠି,
ମୋ' ମଥାନକୁ ଚାହାଁ
ଉଇଖାଇ ଆଁ
ଥନରେ ଚମଡ଼ାର ଥଳି ନେଇ
ଏରୁଣ୍ଡି ଡେଇଁଲା ଦିନୁ
ବାଟ କି ହାଟକୁ ଚାହିଁ
ପଣତ ବିଂଚୁଚି
ସଲପ କି ମହୁଲ ରସରେ
ମଜେଇ କି ପାରିବି ଆଉ
ଝାଡ଼ ଜଙ୍ଗଲ
ଖଣ୍ଡି ଖଣ୍ଡି ମୁକ୍ତିଆଳି ପାହାଡ଼
ଯେଉଁଠି ପାରୁ ସେଇଠି ବଜେଇବୁ ବଂଶୀ
ହକାରି କହିବୁ
ନୁନୀ ମାନେ ଆସ ନାଚିବା
ଧାଂଡ଼ା ମାନେ ହୋ
ଆସ ଡେଇଁବା
ସଞ୍ଜ ସକାଳ ମାନିବା ନାଇଁ
ମାନିବା ନାଇଁ ଦିସାରୀ କି ସାହୁକାର
ଦିହକୁ ଖାଦୀ ପିଚାକୁ କଉପୁନୀ
ଖଣ୍ଡେ ଥିଲେ କି ଡର କଉଁ ଶାଳାକୁ
ସର୍କାର ନା ମାଓ ସର୍ଦ୍ଦାର ?

ଦନେଇ,
ବେଳା ଭଲ ନାଇଁରେ
ସେଦିନ ଗୁଡ଼ାକୁ କିଏ ଝାଙ୍କିନେଲା
ଢ଼ୁଂଢ଼ୁଂଗାଟେ ବଜେଇଲେ କି
ମିଳିଯିବେ ଗାଁ ମାଇପେ
ହାତ ଧରି ଡାକିନେବେ ଘରକୁ
ଆ, ଆମ ଘରେ
ହାଣ୍ଡିଆ କି ମାଣ୍ଡିଆ ବସଚି
ଦୁଧ କାହିଁ ଯେ,
ସବୁ ତ ଦୁହିଁ ନେଲା ସର୍କାର
ଋଣ ପାଇଁ ଆମ ଗାଈର
ପହ୍ନାଯାକ ଖାଲି
ବାଛୁରୀ ହମ୍ବା ଛାଡୁଚନ୍ତି ।

ଭେଣ୍ଡିଆମାନେ ଗୋଟି ଛାଡ଼ି
ଦାଦନ ଯାଇଚନ୍ତି
କଦମ ଗୁଡ଼ାକି ନଛିପୁର
ରେଳ ତ ସିଟି ଦେଲାଣି କେତେଥର
ଫେରି ନାହାନ୍ତି ।
ଗାଁ ଭେରାମଣଯାକ ଫାଙ୍କା
ଏକା ଏକା ଡିଆଁ ମାରିବୁ
କେଇଟି କହ,
ତୋତେ ଚାହିଁଚି କେତେବେଳେ
ବାଇଆ ବଂଶୀଟେ ଫୁଙ୍କିଦେବୁ
ଦିହେଁ ବସି ଏ ସମୟଟାକୁ
ଖୁମ୍ପି ପକେଇବା ।

ନିଡ଼ର ପିଲା ତୁ
ମୁଁ ତ ଡର କି ଲାଜ ମହତ ଫିଙ୍ଗି ଦେଇଚି
ଯେବେ ଠାରୁ ନହୁନୁଆଣ ଛୁରୀଟେ ପରି
ନାଲିରାସ୍ତା ଏ ବଣ ମୁଲକ ପଶିଲା
ସର୍କାର ପଠେଇ ଦେଲା ଗାଡ଼ି
ଡିର୍ଲାଙ୍କ ପେଟରୁ ଘଇତାର
ଖେଥା ସେମଟା ପୁରୁଷ ପଣିଆ
ପାରତାର କରିବାକୁ ।

ଆ, ଦେଖିବୁ
ସୋନାଦେଈର କାମଫଳ ସନ୍ତୋଷ ଝାଡୁଚି
ସେଇଦିନୁ ଘୁରି ବୁଲୁଚି
ଉଢାଟରେ ଶିଝୁଥିବା ନିରିଜନରେ
କାଳେ ତୁ ଆସୁଥିବୁ
ଏ ମାଟିକୁ ତୋ' ପାରିଲାପଣରେ
ଧୋଇ ନେବୁ ।


♥ ଟୋଲଙ୍କସାହି, ମୋତିଗଞ୍ଜ, ବାଲେଶ୍ୱର-୭୫୬୦୦୩
ଫୋନ:୯୪୩୭୫୦୯୪୪




▶ ଫଟୋ ଉମାକାନ୍ତ ମହନ୍ତ

# ଶବ୍ଦ ଭିତରେ ତମେ


## ଡକ୍ଟର କମଳାକୃଷ୍ଣ ତ୍ରିପାଠୀ


ତମକୁ ଡାକିଲି ଯେ
ନ ଶୁଣିଲା ପରି ରହିଗଲ, ଚୁପ୍‌ଚାପ୍ !

ତମ ନାଁ ଧରି ଯେତେ ଥର ଡାକେ
ସେତେ ଖୁସି ହୁଏ,
ଥରକୁ ଥର ପ୍ରତି ଥର ।


ଗୋଟେ ବିରକ୍ତି ଭାବ ଆସେ
ତମ ଏକତରଫା ନିରବପଣ ପାଇଁ ।
କାରଣ ଥାଉ କି ନଥାଉ
ବାରମ୍ବାର ତମକୁ ଡାକିଲେ
ଜଣା ପଡେ ନାହିଁ
ତମ ଠାରୁ ମୋ ଦୂରତା
ପୁନଃ ପୁନଃ ଉଚ୍ଚାରଣରେ
ବଢି ଚାଲୁଥାଏ ନିକଟତମ ଅନ୍ତରଙ୍ଗତା ।

ତମକୁ ଡାକିଲେ
ତମେ ଶୁଣ କି ନ ଶୁଣ
ମୋର ହିଁ ଲାଭ ।
ମଧୁରରୁ ମଧୁରତର ହେଉଥାଏ
ତମ ନାଁ ସହିତ ମୋ ଜିଭର ଅଗ ।
ତମମନସ୍କ କାରଣରୁ ଉଭେଇ ଯାଉଥାଏ ଦୁଃଖ
ପାଶୋର ହେଉଥାଏ ବୟସର ପାକଳପଣ
ମିଛ ବନ୍ଧୁ ଆଉ ମିଛ ଭୋକର ଅଭାବ !

ଅନେକ ସମୟରେ ଦେଖିଛି
ମୁଁ ତମ ନାଁ ଧରି ଡାକିବା ଓ ନଡାକିବା
ଏକା କଥା ତମ ପାଇଁ ।
ଫୁଲ କି ପବନର ବାସ୍ନା ଭିତରେ ବି
ଆସିଯାଇ ପାଖତଡ ହୁଅ
ମୋ ନିରବତା କି ଅହଂକାର କି
ଲୋଡାପଣ ଭାଙ୍ଗିଦେବା ପାଇଁ ।

ତମେ ଶୁଣ କି ନଶୁଣ ମୁଁ ତମକୁ ଡାକୁଥାଏ
ପ୍ରତି ଶବ୍ଦ ଭିତରେ ତମ ନାମ
ପାଣି ସହ ଫେଣ ପରି ମିଶେଇ ଦେବାକୁ
ପ୍ରଶ୍ୱାସରେ ପରସ୍ତଟିଏ କରି
ପ୍ରାଣ ଫରୁଆରେ ସାଇତି ରଖିବାକୁ !


♥ ସର୍ଜନାଳୟ, ଲିଙ୍କ୍ ରୋଡ
୨ୟ ଗଳି, ଜୟପୁର, କୋରାପୁଟ
ଫୋନ:୯୯୩୭୦୧୪୮୬୩

▶ ଫଟୋ ଡ. କମଳାକୃଷ୍ଣ ତ୍ରିପାଠୀ

# ବଦଳି ଯାଉ ମୃତ୍ୟୁର ନିର୍ଘଣ୍ଟ


## ନୃସିଂହ ତରାଇ


ଅନେକ କିଛି
ଲେଖିବାର ଅଛି ବୋଲି
କିଛି ଲେଖି ନପାରିବାର ଦିରୁକ୍ତିରେ
ଧୁ ଧୁ ଦି ପହର ପରି
ରୁନ୍ଧି ହୋଇଯାଉଛି ଛାତି ।

ଯାହା ଯାହା ଦେଖୁଛି
ଅଙ୍ଗେ ନିଭଉଛି
ଘାରି ହେଉଛି ସ୍ୱପ୍ନରେ,
କେତେ ପ୍ରେମ
କେତେ ସୌନ୍ଦର୍ଯ୍ୟ
କେତେ ଅନ୍ୟମନସ୍କତା ଓ
ବିହ୍ୱଳ ଆବେଗ ... ।


ଶେଷ ହେଉନି ଅଭିସାର
ବଞ୍ଚିବାର ମୁଗ୍ଧ ଅଭିଳାଷ
ଆନନ୍ଦ ଓ ଅଶ୍ରୁର
ବିଭୋର ବିତାନରେ
ଲେଖି ହେଇଯାଉଛି
କିଛି କମନୀୟତା, କିଛି ଅବବୋଧ ।

ଜୀବନର ଯେତେ ଛବି
ଯେତେ ଚିତ୍ର ବଞ୍ଚିବାର
ଅକ୍ଷତ ଅଯୁତ ଇଚ୍ଛା
ଅବୋଧ ଉଲ୍ଲାସ
ସମୟ ନଦୀର ଧାରେ
ରଚେ ଅଭିଳାଷ ।

ଲେଖିବି ଲେଖିବି ବୋଲି
ରହିଚି ଅନେଇ
ଆସେ ନାହିଁ ରମଣୀୟ
ରମଣ ମୁହୂର୍ତ୍ତ ନିତି
କୋଳ କରିନେବାକୁ ମୋ
ଅନନ୍ତ ପ୍ରତ୍ୟୟ ।

ଏତେ କଥା ଲେଖିବାକୁ
ଅଛି ଯଦି କବି
ଉତ୍ତର ଦାୟାଦ ପରି
ନୂଆସକାଳର
ମୃତ୍ୟୁର ନିର୍ଘଣ୍ଟ ପୋଛି
ଲେଖି ନିଅ ଥରେ
ନିଜ ପାଇଁ ନୂତନ ସମୟ ।


♥ ପୂର୍ବତଟ ରେଳବାଇ, ଭୁବନେଶ୍ୱର,
ଫୋନ:୭୯୭୮୩୮୧୨୧୩

▶ ଫଟୋ ନୃସିଂହ ତରାଇ

# ଫେରିଗଲା ବେଳେ

**ରବି ଶତପଥୀ**

ଫେରିଗଲା ବେଳେ
କେବେ ଭୋଗ ରାଗ କି
ଧୂପଦୀପଟିଏ ମାଗି ନଥିବା
ପ୍ରିୟ ଈଶ୍ୱରଙ୍କ
ପଥର ଦେଉଳରେ
ସାଇତି ଦେଇଯିବି
ସବୁତକ ଅର୍ଜିତ ପୁଣ୍ୟ ।

କାହା ପାଖରେ ଛାଡ଼ି ନପାରି
ପରିଚିତ ପାପ ସବୁକୁ
ଛାତି ତଳେ ଭରି
ନେଇଯିବି ସାଥିରେ ।

ପାରିବି ଯଦି ପ୍ରିୟତମାକୁ ଦେଇଯିବି
ଡାଏରୀର ଶେଷପୃଷ୍ଠାରେ
ଧାର ଧାର ଲୁହରେ
ଲେଖିଥିବା ଶେଷ ଚିଠି,
ପତ୍ନୀଙ୍କୁ ସବୁ ଦୁଃଖସୁଖର
ହିସାବ ଖାତା ସହ
ବଳକା ମାନ ଅଭିମାନ ।

ଜୀବନ ସାରା ସଂଚିଥିବା
ସ୍ନେହ ଓ ଆଶୀର୍ବାଦକୁ
ଦେଇଯିବି ଅବୁଝା ଝିଅକୁ ।
ବଂଧୁମାନଙ୍କୁ ବାଣ୍ଟି ଦେଇଯିବି
ମନରେ ସାଇତି ଥିବା
ଗାଆଁର ନିଷ୍ପାପ ପିଲାଦିନ ।

ଯଦି ସୁଯୋଗ ମିଳେ
ଲୁଚି ଲୁଚି ପାନ୍ଥଶାଳାର କାନ୍ଥରୁ
ଲିଭେଇ ଦେଇ ଆସିବି
ଦିନେ ଅନ୍ଧାର ରାତିରେ
ଅଙ୍ଗାରରେ ଲେଖିଥିବା
ମରଣର ଚଉପଦୀ,
ଦାଣ୍ଡ ଦୁଆରେ ଠିଆ ହୋଇ
କାହାକୁ ନା କାହାକୁ ଶୁଣେଇ ଦେବି
ଜୀବନର ମଧୁର ସଂଗୀତ ।

ଫେରିଗଲା ବେଳେ
ପକ୍ଷୀମାନଙ୍କୁ ଦେଇଯିବି
ଅବୁଝା ମନର ଉଡ଼ାଣ କଳା,
ଆକାଶକୁ ଶିଖେଇ ଦେଇଯିବି
ମିଛରେ ହସି ହସି
ଓଦା ସର ସର ଲୁହରେ
ବଂଚିବାର କୌଶଳ ।

ଶେଷରେ କିଛି ନପାରିଲେ
ମଶାଣି ଜୁଇରେ ଜାଳି ଦେଇଯିବି
କେବେ କାହାରିକୁ ଥରେ
ଶୁଣେଇ ପାରିନଥିବା
ସବୁତକ ଅସହାୟ ପ୍ରେମ କବିତା ।

♥ ଅଧ୍ୟାପକ: ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ଫୋନ: ୯୪୩୭୭୮୪୮୫୯



▶ ଡ଼ ରବି ଶତପଥୀ

# ପ୍ରେମ ଓ ଭୋକ

**ଅଶୋକ କୁମାର ପୁହାଣ**

ଗୋଟେ ଚୁମ୍ବକୀୟ ଆକର୍ଷଣ ଅଛି
ତୁମ ଦେହରେ
ତୁମ ମନରେ
ତୁମ କେଶରେ
ତୁମ ଆଖିରେ
ତୁମ ଓଠରେ
ତୁମ ପ୍ରେମରେ
ଏ କଥା ବୁଝିବା ବେଳକୁ
ମୁଁ ତୁମ ପ୍ରେମର ଭୋକରେ ।

ତୁମେ ପଦ୍ମଗନ୍ଧା
ଯେଉଁ ଗନ୍ଧରେ
ମୁଁ ବାରବାର
ମୋହଗ୍ରସ୍ତ ହେଉଥିବା
ଗୋଟେ ଭଅଁର
ପ୍ରେମ ଓ ଭୋକର
ମିଳନ ଜାଗାରେ
ଆଉଟୁ ପାଉଟୁ ହୋଇ
ନିଜର ନିର୍ବାଣ ପ୍ରାପ୍ତି ଆଶାରେ
ତୁମ ପଦ୍ମ ପାଖୁଡ଼ାରେ
ନିଜକୁ ହଜେଇ ଦେଉଥିବା
ମୁଁ ଗୋଟେ ନଶ୍ୱର ।

ମୁଁ କଳାମେଘ
ତୁମେ ବିଜୁଳିର ଧାର
ତୁମେ ତୋଫା ଜହ୍ନ
ମୁଁ କଳଙ୍କର ଗାର
ତୁମେ ପ୍ରେମର ସବୁଜ ପାନପତ୍ର
ମୁଁ ଭୋକର ଲାଲ ତୀର
ଯେଉଁଠି ଥାଏ
ସମୁଦ୍ରର ଲହଡି ଭଳି
ଅସମାହିତ ପ୍ରଶ୍ନ
ଯାହାର ଉତ୍ତର
କେବଳ ଜାଣନ୍ତି ଈଶ୍ୱର ।

♥ ସ୍ୱପ୍ନନୀଡ, ଘସିପୁରା, କେଉଁଝର
ଫୋନ୍: ୯୯୩୭୫୨୩୫୦୭



▶ ଡ଼ ଅଶୋକ କୁମାର ପୁହାଣ

# ଏକ ପ୍ରଜାପତିର ମୃତ୍ୟୁ

## (ଏକ ଦୀର୍ଘ ଗୀତିକାବ୍ୟର କିୟଦଂଶ)

**ଡାକ୍ତର ଦୀନବନ୍ଧୁ ସାହୁ**

॥ ୭୯॥

ଧାର ଧାର ଆଖି ଲୁହ ନୁହଁ ତୁମେ, ତୁମେ ମୋ ଓଠର ହସ
ତୁମେ ମୋ ମନର ମଉସୁମୀ ମେଘ ନୁହଁ କେବେ ନିଆଁ ଧାସ ।
ମରୁବାଲି ନୁହଁ, ମରିଚୀକା ନୁହଁ ଆଶାର ଆଲୋକ ରେଖା
ମନ ଖୋଜୁଥିବା ପ୍ରେୟସୀ ତୁମେ ମୋ ଚିତ୍ରିତ ପ୍ରୀତିଲେଖା ।
କଣ୍ଟା ନୁହଁ ତୁମେ ଚଲାପଥେ ମୋର ମନବଗିଚ୍ଚ ଗୋଲାପ
ତୁମେ ନଈକୂଳ ପ୍ରୀତିର ଜୁଆର ବିଭୋର ମଧୁ ଆଳାପ ।
ଜଳିଲେ ଜଳିବି ପ୍ରୀତି ଜଉଶାଳେ ମିଠା ବେଦନାକୁ ନେଇ
ଚିନ୍ତା ନାହିଁ ମୋର ପ୍ରଣୟାମୃତ ଯେ ସାଇତି ଅଛ ମୋ ପାଇଁ ।

॥ ୮୦॥

ପ୍ରେମ ପଥେ ତୁମ ଆସିବା ବାଟକୁ ଆଜୀବନ ଚାହିଁ ରହି
ଅଲୋଡ଼ା ପଥର ପରି ପଡ଼ିଥିବି ବାଲିଝଡ଼ ଯେତେ ସହି ।
ଦହନ ଦଂଶିତ ଜୀବନାବଧିରେ ନ ପଡ଼ିବି କେବେ ଥକି
ପ୍ରୀତି ଯଜ୍ଞଶାଳା ପୂଜାରୀ ସାଜି ମୁଁ ଦେବି ପୂଜାଫୁଲ ଟେକି ।
ସକାଳ ସୂରୁଜ ସଂଜେ ମୁଁ ଅସ୍ତ ବୁଝେ ନାହିଁ ଜମା ମନ
ସୂରୁଜମୁଖୀର ସମର୍ପଣ ଭାବ ଜଗାଏ ଅଥୟ ପଣ ।
ଉଇଁବା ଯିବାର ବାଟକୁ ମୋହର ହଳଦୀମୁଖୀର ଆଖି
ଚାହିଁ ରହିଥାଏ ପଲକ ନ ଥାଏ ବିଦାୟୀ ଲୋତକ ମାଖି ।

♥ ଭେଷଜ ବିଶେଷଜ୍ଞ, ପରଦେଶୀପଡ଼ା
ଭବାନୀପାଟଣା, କଳାହାଣ୍ଡି-୭୬୬୦୦୧
ଫୋନ: ୯୪୩୭୨୧୯୧୪୭



ଫଟୋ: ଡାକ୍ତର ଦୀନବନ୍ଧୁ ସାହୁ

# ବାଘୁଣୀ

**ରଜନୀ ଶତପଥୀ**

ବାହାରେ ଅସରାଏ ବର୍ଷା
ଭିତରେ ବସନ୍ତର ଆସର
ସେଇ ସଂଧ୍ୟାରେ କବିତା କାଫେରେ ମୁଁ
ମୋ ଆଗରେ କେତୋଟି ହରିଣୀ ଆଖି
ମଝିରେ ଗୋଟିଏ ଖାଲି ଚଉକି
କଳା ସିଲ୍କ ଶାଢ଼ି, ହଳଦିଆ ରେନ୍‌କୋଟ୍‌ରେ
ହଠାତ୍ ଝଡ଼ ପରି ପଶି ଆସେ ରକ୍ତମୁଖୀ ବାଘୁଣୀ
ଯିଏ ଆକାଶକୁ ଝୁଣି ପକାଏ
ଶବ୍ଦରେ ଚମକାଏ ବିଜୁଳି, ଘଡ଼ଘଡ଼ି ।

ଆଜିକାଲି ସବୁଠିଁ ବାଘୁଣୀର ଚର୍ଚ୍ଚା
ହିଂସ୍ରତାରେ ଲାଲ୍ ତା' କବିତା ।

ସେଦିନ କବିତା କାଫେରେ ବାଘୁଣୀ
ମୋ'ହଜିଲା କୈଶୋରରେ ଭେଟିଥିବା
ଖଇରି ପରି ଆଉ ଜଣେ ସୁନ୍ଦରୀ
ଯିଏ ଓଦା ଫ୍ରକ୍ ପିନ୍ଧି ମହାନଦୀ ପଠାରୁ
ମତେ ତୋଳି ଆଣି ଦେଉଥିଲା ବରକୋଳି ।

ଏବେ ବି ଦେଖା ହେଲେ ମୁହଁ ଲୁଚାଏ
ରୁମାଲରେ ପୋଛିଦିଏ ନିଜ ଓଠରୁ ବହଳ ନାଲି
ପାଖରେ ବସେ ଆସି
ଲାଜରେ ଘୋଡ଼େଇ ଦିଏ ତା' ଝୋଟିପକା ଦେହ
ଲୁଚାଏ ଟାଟୁର ତାରକସୀ
ଥଟ୍ଟା କଲେ ଚିମୁଟେ ମୋ' ହାତକୁ
ପୁରୁଣା ଅଭ୍ୟାସରେ ଏଠି ।

ଏ ବାଘୁଣୀ ମଣିଷ ମାରେନି
ସେ ବାଘ ସହ ଖେଳେ
ମଣିଷ ମୁଖା ପିନ୍ଧା ବାଘଙ୍କୁ
ଶିକାର କରେ ସହରରେ;
କେବେ ଜହ୍ନ ରାତିରେ
ନିର୍ଜନତା ଗର୍ଜୁଥିଲେ ସମୁଦ୍ରକୂଳରେ
କେହି ଜାଣନ୍ତିନି...
ବାଘୁଣୀ ବସି ଲୁହ ଗଡ଼ାଏ
ତା'ର କେଉଁ ପ୍ରିୟ ମଣିଷଟି ପାଇଁ ଗୋପନରେ ।

♥ ଜି-୬୦୨, ଆକ୍ରୋପଲିସ୍,
ଗୋଠପାଟଣା, ଭୁବନେଶ୍ୱର-୨୯
ଫୋନ: ୯୦୪୦୦୮୯୬୯୭



ଫଟୋ: ରଜନୀ ଶତପଥୀ



ଚିତ୍ର : ଶିଳ୍ପୀ ଭାରତୀ ଦାସ

ମୋ ଚିବୁକର କଳାଜାଇ ପାଇଁ
ସେ କାଳେ ସର୍ବଦା ହାଇଁ ପାଇଁ
ଦେହର ଭୂପଲ୍ଲବେ ଗଢୁଥାଏ
ଆଉ ଏକ ଦେହ କାହା ପାଇଁ ।

ମୋ ବନ୍ଦ ଆଖିପତା ତଳେ
ଶ୍ୟାମଳ ସ୍ୱପ୍ନ ତିଆରୁ ଥାଏ ଅଙ୍ଗ ପ୍ରତିମାକୁ
ପ୍ରେମର ସପ୍ତମ ଋତୁରେ ଗୁଞ୍ଜରିତ
ଲାଳିତ୍ୟର ମାଦକତାକୁ
ଆଉ ଶୃଙ୍ଗାର ବେଳାର ସେଇ
ଚୁମ୍ବନ ଚିତାକୁ

ଆଜି ଅନୁଭବ କରୁଛି ଫଗୁଣ ଓହ୍ଲେଇ ସାରିଛି
ଧରା ପୃଷ୍ଠକୁ
ନୂଆ ରଙ୍ଗ ଆଉ ପିଚକାରୀରେ ତା ଚାହିଁବା ମୁତାବକ
ରଙ୍ଗେଇ ସାରିଛି ପୃଥିବୀକୁ
ତଥାପି ବି କାଲି ରାତିର ନିଶା ମତେ ଘାରିଛି ଏଯାବତ୍
ତମେ ଆଉ ପଚାରନା ମୋ ଆଖିରେ
ଠପ୍ ଠପ୍ ଲୁହର ତାତ୍ପର୍ଯ୍ୟ
କାରଣ, ମୁଁ ଏବେ ପାଦ ଥାପି ସାରିଛି
ତା ପ୍ରେମର ଦୁନିଆଁରେ... ।


ଜଟଣୀ, ଖୋର୍ଦ୍ଧା
ଫୋନ : ୯୪୩୭୪୧୩୧୪


# ଛାୟା ପୁରୁଷ

## ଦେବଯାନୀ ରାୟ

ସକାଳ ପ୍ରହରୁ ଖୋଜୁଛି ଯେ ଖୋଜୁଛି
ମୁହଁ ଧୋଇଲା ବେଳେ ଆଇନାରେ ଦେଖିଲି
ପଟେ କାନ ଝୁମୁକା ମୋର ଗାଏବ୍
ଆଚ୍ଛା କଥା.....,
ଏ କଥାରୁ କାହିଁ କେତେ କଥାର ଖିଅ ଲମ୍ବିଛି
ଗତରାତିର ସ୍ୱପ୍ନରେ ମୁରୁକି ହସୁଥିବା ସେଇ
ଗୋଲାପୀ ଅଧରର କଥା
ଅଚାନକ ନିଜ ଭିତରେ ସନ୍ତୁଳି ହୋଇଉଠେ
ମୋ ଅବ୍ୟକ୍ତ ବ୍ୟାକୁଳତା ।

ସ୍ୱପ୍ନ ତ ନୁହେଁ ତାହେଲେ
ସେ କଣ ବାସ୍ତବତା ?

ସେ କହୁଥିଲା ଆଣିଦେବ ମଧୁମାଳତୀ
ତମାଳ ଲତା
ଅନ୍ତରଙ୍ଗ ମୁହୂର୍ତ୍ତ, ଉଜ୍ଜ୍ୱଳ ଚନ୍ଦ୍ରାଲୋକର
ଅମ୍ଳାନ ନିର୍ମଳତା
ପୁଣି କହିଥିଲା ଆକାଶର ମେଘକୁ
ଓହ୍ଲାଇ ଦେବ ଏଇଠି
ନିର୍ଦ୍ଧୁମ୍ ବର୍ଷୁଥିବ ମୋ ଛାତି ମୁହଁ ମନ
ଏଣେ ତେଣେ ସବୁଠି ।



ଚିତ୍ର ଦେବଯାନୀ ରାୟ

# ପିଦର ଘର

**ପ୍ରମୋଦ ଚନ୍ଦ୍ର ଛତ୍ରିଆ**

ସେ ପିଦର ଘର ଆଉ ନାହିଁ
ଯେଉଁଠି ଥିଲା ବୁଢାରଜାର ଆସନ
ଅଗ୍ନିଭୈରବର ଝାଂଟ
ବୟାଚାଲକର ଲାଠି
ଭୀମା ଦେବତାର ଖଣ୍ଡା
ମା ଲଛମାର ତ୍ରିଶୂଳ
ବାବୁରେର ବେତ ବାଡ଼ି
ଠାକରେନ ବୁଢ଼ୀର ଶିକଲା
ବଏଞ୍ଜାରୀର ଘୁଗୁରଲା ଓ ସାଞ୍ଜୋ ।

ସେ ପିଦର ଘରେ ଆଉ ନାହିଁ
ଦେବତାମାନଙ୍କର ଖୁଟି,
ଦେବତା ପାଇଁ
ନିଶାନ, ଚେମଟା
ତରବଡ଼ ଆଉ ମଇରୀ ।

ପିଦର ଘରେ
ଏବେ ଆଉ ଦିଆ ହଉ ନାହିଁ
ଧୂପ ଝୁଣା, ପିଠା, ମୁହାଁ, କ୍ଷୀରି
ପାରା ଆଉ ଖଏଁରୀ ପେଠି ।

ଏବେ ସବୁ ବଦଳି ଯାଇଛି...
ପିଦର ଘରେ ଅଛି
ଦୁର୍ଗା, ଲକ୍ଷ୍ମୀ, ଶିବ, ପାର୍ବତୀ
ସରସ୍ୱତୀର ଫଟୋ
ଏବେ ଦୁର୍ଗା ହିଁ ପ୍ରଖର
ଦୁର୍ଗା ହିଁ କାତାୟନୀ
ଯିଏ ମାରି ପାରେ ମହିଷାସୁରକୁ
ସିଂହ ଉପରେ ବସି
ଏବେ ସରସ୍ୱତୀ ଫୋଟୋରେ ଥାଇ
ଦେଇ ଦିଅନ୍ତି ବିଦ୍ୟା ଆଉ ବୁଦ୍ଧି ।

ଏବେ ଆଉ ନାହିଁ ସେହି ଜାନି ଯାତ୍ରା
ଝାଂଜି ମଡ଼ା, ଚୋରୋ ଦିଆ, ମାଟିପୂଜା
ଉଆଁସ, ଦିଆଲ ଆଉ ଦଶରା
ଏବେ ଫୁଲ୍‌ଦମ୍‌ରେ
ନବରାତ୍ର, ଦୀପାବଳି, ଲକ୍ଷ୍ମୀପୂଜା
ଅଷ୍ଟ ପ୍ରହରୀ, ନାଟ ସଂକୀର୍ତନ
ଓ ଅନେକ କିଛି..

ସମୟ ସ୍ରୋତେ ସଂସ୍କୃତି ଏବେ
ଅବକ୍ଷୟ ଅଭିମୁଖେ
ଦେବାଦେବୀ ସବୁ ବେସାହାରା ।
(ପିଦର ଘର- ଆଦିବାସୀଙ୍କ ପୂଜାଘର)

♥ ଜୁନାଗଡ଼, କଳାହାଣ୍ଡି
ଫୋନ: ୯୮୫୩୨୨୨୪୪୦



▲ ଫଟୋ ପ୍ରମୋଦ ଚନ୍ଦ୍ର ଛତ୍ରିଆ

# କୃଷକ

**ପ୍ରତିମା ମେହେର**

କେରା କେରା ଧାନରେ ହଳଦିଆ ଇଚ୍ଛା
ଚାହିଁଥାଏ ବିନିଦ୍ର ରଜନୀ
ମୁଣ୍ଡ ଝାଳ ତୁଣ୍ଡେ ମାରି
ବୁଣି ଦେଇଥିଲା ସ୍ୱପ୍ନ ସବୁ ବୋଲି
ମହ ମହ ବାସେ ସୁନାର କ୍ଷେତ

ମୂଲ ଦେଇ କିଣିଥିବା ହଳେ ବଳଦ
ସାଥି ହେଇ ଚାଲିଥିଲେ
ପାଦରେ ପାଦ ମିଳାଇ
କାଦୁଅକୁ ଦେହରେ ମାଖି
ଖାଇଥିଲେ କଂସାଏ ପଖାଳ
ମୁଦାଏ ବାସି ତୋରାଣି

ହିଡ଼କୁ ଆସରା କରି,ଘାସକୁ ବିଛଣା କରି
ମେଲା ଆକାଶର ଛାଇ ତଳେ
ଥକା ମାରି ଶୋଇଥିଲେ ଘୁମେଇ
ନିଗିଡି ଯାଇଥିଲା ରକ୍ତ ପାଣି ପରି
ଶୁଖି ମାଟି ମାଆ କୋଳେ

ଈଶ୍ୱରଙ୍କୁ ଭରସା କରି ଟେକିଦେଲା
ମୁଠା ମୁଠା ଅନ୍ନ,ଦୁନିଆ ହାତରେ
ପର୍ବର ସମାରୋହରେ
ଛିଡ଼ା ହେଲା ତା'ନିଃଶ୍ୱାସର ସୌଧ
ଭୁଲିଗଲେ ତା'ରି ମହତ୍ୱକୁ

ରହିଗଲା ଏକାକୀ ନିରବ ମନରେ
ଭଙ୍ଗା ରୁଜା ଦଦରା କାନ୍ଥରେ
ନେସି ହେଇଗଲା ସ୍ୱପ୍ନ ସବୁ
ଦାଗ ଦାଗ ହୋଇ
ଦି ମୁଠା ଚାଉଳ ପାଇଁ
ପତାଏ ହାତ,ସାହୁକାର ପାଖରେ

କିଏ ବା ଚାହିଁଲା ଧୂସର ମୁହଁକୁ
ବଢାଇଲା ହାତ ସାହାରା ଦେବାକୁ
ବୋକଚାରେ ବନ୍ଧା ତାର
ଅସମାପ୍ତ ଇଚ୍ଛା ରହିଗଲା କାଳ କାଳକୁ

ମହଲରେ ରନ୍ଧା ହେଲା ନୂଆ ଚାଉଳ
କୁଟୀରରେ ବଢା ହେଲା
ବଗଡା ଭାତ,ଟୋପାଏ ପାଣି
ଖାଇଲେ ନୂଆ ଅନ୍ନ
ହେଲା ନୂଆଖାଇ
ରହିଲା କୃଷକ,କୃଷକ ହୋଇ..

♥ ପାଟଣାଗଡ଼,ଜିଲ୍ଲା-ବଲାଙ୍ଗୀର
ଫୋନ: ୮୯୦୮୭୫୫୭୦୫



▲ ଫଟୋ ପ୍ରତିମା ମେହେର



# ଲୋଭୀ ବାପା

## ଆନନ୍ଦ କୁମାର ମାଇତି

ସା/ପୋଷ୍ଟ୍ : ବଗଡ଼ା,
ଜିଲ୍ଲା : କେନ୍ଦ୍ରାପଡ଼ା-୭୫୪୨୧୨
ଫୋନ: ୯୪୩୯୦୭୭୩୯୫


ଅଳଙ୍କରଣ : ସୁସ୍ମିତା ମିଶ୍ର

**ତାଟିକୁ ଭୁସ୍ କିନା ପେଲି ଦେଇ ଦୁମ୍‌ଦୁମ୍ କରି ଭିତରକୁ ପଶିଗଲା ନେତୀ । "ଇଲୋ ବୋଉଲୋ ! ଏ କିଏ ବା" କହି ସେ ଭିତରୁ ଏକ ପ୍ରକାର ଚିତ୍କାର କରି ଉଠିଲା । ନେତୀ ମୁହଁରୁ ଚିତ୍କାର ଶୁଣି ନୀଳକଣ୍ଠ ଧାଇଁ ଯାଇ ଯାହା ଦେଖିଲା ସେ ବି ଭୂତ ଦେଖିଲା ପରି ଚମକି ଉଠିଲା । ହାତେ ଉଚ୍ଚର କାଳିଆ ମାଟି କାନ୍ଥକୁ ଆଉଜି ନରିଆ ବିଡ଼ି ପିଉଛି ! ସେତେବେଳେ ବିଡ଼ିର କ୍ଷୁଦ୍ର ଆଲୁଅରେ ନରିଆ ମୁହଁ ଠିକ୍ ଏକ ଭୂତ ପରିକା ଦେଖା ଯାଉଥିଲା । ନେତୀ ଆଉ ନୀଳକଣ୍ଠ ପରିଷ୍କାର ନରିଆକୁ ଦେଖି ପାରୁନଥିଲେ । ତଥାପି ତା' ଶରୀର ଗଢ଼ଣ ଦେଖି ବାପା ଝିଅ ବୁଝି ପାରୁଥିଲେ ସେ ନରିଆ ବୋଲି । ମଲା ମଣିଷ ବଂଚିଲା କେମିତି ! ଏ ସତ ସତିକା ଭୂତ ନୁହେଁ ତ ?**



◄ ଗାଳ୍ପିକ ଆନନ୍ଦ ମାଇତି

ଇଲୋ ମା' ଏତେ ଟଙ୍କା !

ପଚିଶ ହଜାର ଟଙ୍କାର ଖଡ଼ଖଡ଼ିଆ ପାଂଚଶହ ଟଙ୍କିଆ ନୋଟ୍ ବିଡ଼ାଟିକୁ ହାତରେ ଧରିବା କ୍ଷଣି ନେତୀ ଏକ ପ୍ରକାର ହତଚକିତ ହୋଇଉଠିଲା । ହତଚକିତ ହେବା ବି ତା' ପକ୍ଷେ ସ୍ୱାଭାବିକ କଥା । ତା' ଜୀବନରେ ଶହେ ଟଙ୍କାରୁ ଅଧିକ ନୋଟ୍ ସେ କେବେ ତା' ଆଖିରେ ଦେଖିନି । ଟ୍ରେନ୍ ଲାଇନ୍ କଡ଼ରୁ କୋଇଲା ଗୋଟାଇବା ତା'ର କାମ । ପାଂଚ ଛଅ କିଲୋରୁ ଅଧିକ କୋଇଲା ଗୋଟାଇବା ତା' ଦ୍ୱାରା ଆଜିଯାଏଁ ସମ୍ଭବ ହେଲାନି । ଦିନ ମାନ ଯେତକ ସଂଗ୍ରହ କରେ ତାକୁ ଗୋଟିଏ ସିମେଂଟ ଥଳିଆରେ ପୂରେଇ ବୀର ମଉସାକୁ ବିକେ । ବୀର ମଉସା କୋଇଲା ଫ୍ୟାକ୍ଟ୍ରିରେ କମିଶନିଆ କାମ କରେ । ପକ୍କା ଦଲାଲୀଟେ । ତା' ଜିନ୍ଦେଗୀରେ କେବେବି ଅଧିକା ହେବନି । କମ୍ ଶୁଣ୍ଡା କି ! ଆଠ-ଦଶ କିଲୋ ଜାଗାରେ କହିବ ପାଂଚ ଛଅ କିଲୋ । ବୁଢ଼ା ହେଲାଣି ଏଯାଏଁ ତା'ର ନୁଙ୍ଗୁରା ପଣ ଯାଇନି । କୋଇଲା ଅଖା ମୁଣ୍ଡେଇ ପହଂଚିଲା ମାତ୍ରେ "ଇରେ ନେତୀ ତ ! ରହ ରହ" କହି ଆଗ ଆସି ମୁଣ୍ଡରୁ ବସ୍ତା ଓହ୍ଲାଇବା ତା'ର ନିତିଦିନିଆ ଅଭ୍ୟାସ । ବସ୍ତା ଓହ୍ଲାଇଲା ବେଳେ ଅଭଦ୍ର ବୁଢ଼ା ଖାଲି ଛାତିକି ଅନେଇବ । କେଜାଣି ଶୁଖିଲାଟାରେ ତାକୁ କି ସୁଖ ମିଳେ ! ବୋଧେ ତାକୁ ସେ ପ୍ରେମିକା ଭାବେ । ସେଇ କାରଣରୁ ବୋଧେ ତାକୁ ଦେଖିଦେଲେ ତା' ପ୍ରେମ ଉଛୁଳି ପଡ଼େ । ସେଇ ବୁଢ଼ା ନେତୀର କୋଇଲା ଦାମ୍ ଯାହା ଦିଏ ସେଇ ନୋଟ୍‌କୁ ନେତୀର ଦେଖିବା । ତାହା ପୁଣି କଳା କୁତିଆ ଲଦରା ଲଦରା ନୋଟ୍ ।

ଏସବୁ କଥା ନେତୀ ମନ ଭିତରେ ଗୋଟେ ପରେ ଗୋଟେ ଲହଡ଼ି ଭାଙ୍ଗି ଚାଲୁଥିଲା । ସେ ଜାଣି ପାରୁନଥିଲା ଯାରି ଭିତରେ ତା' ଆଖିରେ ପୁଳାଏ ଲୁହ କେତେବେଳେ ସଙ୍ଗେ ଜକେଇ ଆସିଥିଲା ବୋଲି । ତା'ର ସେଇ ଲୁହ ସୁଖର ନା ଦୁଃଖର ଏକଥା ଠଉରିବା ଆଗରୁ ତା' ବାପା ନୀଳକଣ୍ଠ ତା' ପାଖରେ ପହଂଚି କହିଲା, "ଏ ନେତୀ ! ଆରେ ସେତେବେଳ ଠାରୁ ଆଁଟା କରି ଟଙ୍କା ବିଡ଼ାକୁ ଚାହିଁ କଣ ଭାବୁଛୁ ? ଓହଃ, ଏଇ କଥା ଭାବୁଛୁ ନାହିଁ, ଏତେ ଟଙ୍କା କେଉଁଠି ରଖିବୁ,କାଳେ କିଏ ନେଇଯିବ । ଆରେ ମୁଁ ପରା ଅଛି, ତୋ ବାପା ନୀଳକଣ୍ଠ । ଗଡ଼ିଆ ନୀଳକଣ୍ଠ ବୋଲି ମୋର ପରା ନାଁ ଡାକ ଅଛି । ମନକୁ ଏ ଡାକ ହେଇଛି ! ଚାଲିଲୁ ଦେଖିବା କୋଉଁ ମର୍ଦ୍ଦଟା ଅଛି ଗୋଟାଏ ସୋଠରେ ଚିଲମ ଜଳେଇ ଦେବ । ତୋ ବାପା ଏଇ ନୀଳକଣ୍ଠ ପାରିବ । ସେ ଥାଉଥାଉ ତୋର ଡର କାହାକୁ । ଘରକୁ ଚାଲ୍ । ଏବେଠୁ ତୋ'ର ଦୁଃଖ ଘୁଂଚିଗଲା ବୋଲି ଜାଣେ ।"

ନୀଳକଣ୍ଠ କଥାରେ ଯେମିତି ନେତୀ ସମ୍ବିତ ଫେରି ପାଇଲା । ଟଙ୍କା ବିଡ଼ାକୁ ତରବରେଇ ଶାଢ଼ି କାନିରେ ବାନ୍ଧୁଥିଲା ଯେ ନୀଳକଣ୍ଠ ତାଗିଦ୍ କରି କହିଲା, "ଆରେ ଟିକେ ଯତନରେ ବାନ୍ଧ୍ । ତୁ ଯେଉଁ ଭଳିଆ ଭିଡ଼ିକି ଗଣ୍ଠି ପାରୁଛୁ ଟଙ୍କା ଗୁଡ଼ାକ ମୋଡ଼ି ମାଡ଼ି ହୋଇ ଛିଣ୍ଡିଯିବ ।" ନେତୀ ପୁଣି ସାବଧାନରେ ଟଙ୍କାକୁ ବାନ୍ଧିଲା । ତା'ପରେ ଅଂଟାରେ ଖୋସି ଆଗକୁ ପାଦ ବଢ଼େଇଲା ।

କିଛି ବାଟ ଗଲାରୁ ନୀଳକଣ୍ଠ କହିଲା, "ଟଙ୍କା ବିଡ଼ାଟା ମୋତେ ଦେଉନୁ । ମୁଁ ସାଇତି ରଖିବି ।" ନେତୀ ମୁହଁ ନେଫେଡ଼େଇ ସାଙ୍ଗେ ସାଙ୍ଗେ ଜାବାବ୍ ଦେଲା, "ହୁଁ ଭାରି ସାଇତି ରଖିବା ଲୋକଟା ତ ! ଦଶଟା ଦିନ ଯିବନି ଗଞ୍ଜେଇ ଫୁଙ୍କା ଆଉ ପଲିଥିନି ପାଣି ଗିଳାରେ ସାରି ଦେବୁନି ! ମୋ ପାଖରେ ଥାଉ । ତୋ ଠାରୁ ଅଧିକା ଭଲରେ ମୁଁ ସାଇତି ରଖିବି ।"

ନୀଳ ବିରୋଧ କରିବାକୁ ଯାଉଥିଲା କିନ୍ତୁ ଚୁପ୍ ରହିଲା, ମନେ ମନେ ଭାବିଲା ହଁ ତାରି ଟଙ୍କା ସେ ରଖିବ କହୁଛି ରଖୁ । ବେଳ କାଳ ଯାହା ହେଲାଣି ତା' ଉପରେ ଝିଅ ପିଲାଟା, ମୋ କଥାକୁ ଭୁଲ ବୁଝିଲା ।

ଆହୁରି ଥୋଡ଼ାଏ ବାଟ ଘରକୁ । ସାବଧାନରେ ଯିବାକୁ ପଡ଼ିବ । ତା' ବାପା ଝିଅ ଯେଉଁ ବାଟେ ଘରକୁ ଫେରୁଛି ସେ ରାସ୍ତାଟା ଏକ ପ୍ରକାର ନିଛାଟିଆ । ରାସ୍ତାଟା ବେଶି ଭାଗ ମଦୁଆ ମାତାଲିଆ ମାନଙ୍କର ଚରାଭୂଇଁ । ମାସକରେ ଗୋଟେ ଦିଟା ଘଟଣା ଏଇ ବାଟରେ ଘଟିବାଟା ଥୟ । ବେଳ ବୁଡ଼ି ସଞ୍ଜ ନଇଁ ଆସିଲାଣି । ପୁଣି ବସ୍ତିର ଶେଷ ମୁଣ୍ଡକୁ ଯାଇ ତାଙ୍କ ଘର । ଟ୍ରେନ୍ ଲାଇନ୍‌କୁ ଲାଗି । ଘର ନୁହେଁ ତ, ହାତେ ଲମ୍ବ ମାଟି କାନ୍ଥର ଝୁମ୍ପୁଡ଼ି କୁଡ଼ିଆଟେ । ସେଇ କୁଡ଼ିଆରେ ଅଭାବ ଅନଟନରେ ବାପା ଝିଅର ଦିନ କୌଣସି ମତେ ବିତି ଯାଏ । ତା' କୁଡ଼ିଆକୁ ଲାଗି ନରିଆର କୁଡ଼ିଆ । ନରିଆ ଆଉ ତା' ବୋଉ, ତା' ପରିବାର କହିଲେ ସେ ଦୁଇ ଜଣ । ଗଲା ବର୍ଷ କଥା, ବୁଢ଼ୀଟା ଘରେ ରହି ଦୁଇ ବକ୍ତ ରୋଷେଇ କରି ପୁଅକୁ ଦେଉଥିଲା । ତା'ର କି ଜ୍ୱର ହେଲା ଯେ ନରିଆ କୁଲି କାମ ସାରି ଘରକୁ ଫେରିବା ଆଗରୁ ବୁଢ଼ୀ ମରିଗଲା । ବୋଉ ମଲା ପରେ ନରିଆ ଓଳିଏ ଖାଇଲା ଦି ଓଳି ଉପାସ ରହିଲା । ନୀଳକଣ୍ଠ କେତେଥର ଡାକିଆଣି ଥିଲା, ତା ଘରେ ଖାଇବାକୁ । ନେତୀ ଶରଧାରେ ତା ପାଇଁ ଦୁଇ ମୁଠା କରି ଖାଇବାକୁ ଦେଉଥିଲା । କିଛିଦିନ ପରେ ନୀଳକଣ୍ଠ ବୁଝାସୁଝା କରି ତାରି ସହ ନେତୀର ବାହା ଦେଇଥିଲା । ହେଲେ ଦଇବ ସୁଖ ସହି ପାରିଲାନି ।

ଚାଲୁଚାଲୁ ହଠାତ୍ ନିରବତା ଭାଙ୍ଗି ନୀଳକଣ୍ଠ କହି ଉଠିଲା, "ନରିଆଟା ମଲାନି ଯେ ଆମକୁ

ବଡ଼ଲୋକ କରିଦେଇଗଲା ।"

ତା ବାପା ମୁହଁରୁ ଏ ଭଳି କଥା ଶୁଣି ନେତୀ ଭିତରେ ଭିତରେ ଭାରି ରାଗି ଯାଉଥାଏ । ମନେମନେ ନିଜକୁ ପଚାରୁଥାଏ, ଏ ମୋ ବାପା ନା କଣ ? ଝିଅର ବିଧବା ବେଶ ଦେଖିବାକୁ ତାକୁ ଭାରି ଭଲ ଲାଗୁଥିବ । ହଁ ମଦୁଆ, ଗଡ଼ିଆର ଆଉ ଚିନ୍ତା କଣ । ହେଲେ ତା ନରିଆ ଭାରି ଭଲ । ତାକୁ ସେ ବହୁତ ଭଲ ପାଉଥିଲା । ତା'ର ବଦଭ୍ୟାସ ଘଡ଼ିକିଘଡ଼ି ବିଡ଼ି ଟିକେ ପିଏ ଯାହା । ସେଦିନ ତାକୁ ଟିକେ ପ୍ରେମ କରିବ ବୋଲି ନିଜର ବିଡ଼ି ବଣ୍ଡଲ ନଆଣି ବଜାରକୁ ଯାଇ ମଲ୍ଲୀ ଫୁଲ ଗଜରାଟେ ପଚାଶ ଟଙ୍କା ଦେଇ କିଣି ଆଣିଥିଲା । କେତେ ସରାଗରେ ପାଖରେ ବସେଇ ନେତୀ ମୁଣ୍ଡରେ ବାନ୍ଧି ଦେଉ ଦେଉ କହୁଥିଲା, "ଇଲୋ, ତୁ ଟା ନା ଭାରି ସୁନ୍ଦରୀ ଦେଖା ଯାଉଛୁ । ପୁରା ଫିଲ୍ମ ହିରୋଇନି ପରିକା ।" ଏତକ କହି ନରିଆ ନେତୀ ଓଠକୁ କାମୁଡ଼ି ଯେଉଁ ଚୁମାଟା କଲା । ନେତୀ ସେଥିରେ ପୁରା ଅଣନିଃଶ୍ୱାସୀ ହୋଇଯାଉଥିଲା । ତଥାପି ନେତୀକୁ ଭାରି ଭଲ ଲାଗୁଥିଲା । ନେତୀ ବି ନରିଆ ଓଠକୁ ଚୁମି ପକାଇଥିଲା । ଏମିତି କେତେ ଗେଲ କରୁଥିଲା ତା' ବର । ହେଲେ ଏ ଠାକୁର ସେତକ ସୁଖ ସହି ପାରିଲାନି । ତା' ପରଦିନ ତାକୁ ନେଇଗଲା ।

ଜଳଜଳ ହୋଇ ତା' ଆଖିରେ ଭାସି ଯାଉ ଥିଲା ସେଦିନର ଚିତ୍ର ସବୁ । ସକାଳୁ ସକାଳୁ ଦୂର ଟ୍ରେନ୍ ଆସି ଷ୍ଟେସନ୍‌ରେ ଲାଗେ । କୁଲି ବେପାରଟା ଏଇ ବେଳଟାରେ ଭିଡ଼ିକି ଯାହା କରିବ । ଦିନମାନର ଅଧିକା ଭାଗ ମଜୁରିଟା ଏଇଠି ଉଠିଯାଏ । ତେଣୁ ନରିଆ ଘରୁ ନିଇତି ସଅଳ ବାହାରି ଯାଏ । ନେତୀ ସକାଳୁ ଉଠି ବାସି ପାଇଟି କରୁଥିଲା ସେତେବେଳେ ନରିଆ ଆସି କହିଲା, "ଆଲୋ ମୁଁ ଯାଉଛି ପଖାଳ ଗଣ୍ଡେ ହାଣ୍ଡିରୁ କାଢ଼ି ଖାଇନେବି ।"

ନେତୀ କହିଲା, "ହଉ ଯା । ସବୁତକ ଖାଇନେବୁ ।"

ନରିଆ ହାଣ୍ଡିରେ ହାତ ପୂରେଇ କହିଲା, "ଆଲୋ ଏତକ ତ ମୋ ପେଟକୁ ନିଅଣ୍ଟ । ତୁ କଣ ଖାଇବୁ ? ଥାଉ ତୁ ଖାଇ ନେବୁ । ମୁଁ ବିଡ଼ି ଖଣ୍ଡେ ପିଇ ଦେଇ ଯାଉଛି ଷ୍ଟେସନରେ ବଇନି କଲା ମାତ୍ରେ ବରା-ଘୁଗୁନି ଟିକେ କିଣି ଖାଇନେବି" କହି ଗାମୁଛା କାନ୍ଧରେ ପକେଇ ବାହାରି ଗଲା । ଅଖିଆ ଖାଲି ପେଟରେ କୋଉଁ ବାବୁଙ୍କ ମୋଟକୁ ମୁଣ୍ଡେଇ ଟ୍ରେନ ଲାଇନି ପାର୍ ହେଉଥିଲା, ଟ୍ରେନ୍ ଆସି ବାଡ଼େଇ ଦେଲା ଯେ ତା'ର କଣ ସେଇଠି ପ୍ରାଣବାୟୁ ଉଡ଼ିଗଲା ।

ଦୁର୍ଘଟଣା ଖବର ପାଇ ନେତୀ ଦୌଡ଼ି ଯାଇଥିଲା ଘଟଣା ସ୍ଥାନକୁ । ଚାରିପାଖେ ଲୋକ ଗଦା ହୋଇ ଯାଇଥିଲେ ସେତେବେଳକୁ । ତାରି ଭିତରେ ମଲା ଦେହଟା ପଡ଼ିଥିଲା । ସମସ୍ତେ କହିଲେ ଏଇଟା ନରିଆର ଦେହ ବୋଲି । କିନ୍ତୁ ନେତୀକୁ ବିଶ୍ୱାସ ପାଉନଥିଲା । ତଥାପି କାହିଁକି କେଜାଣି କୋହରେ ତା ହୃଦୟଟା ଫାଟି ଯାଉଥିଲା । ଆଖିରୁ ଅମାନିଆ ଲୁହଗୁଡ଼ାକ ଝରଝର ହୋଇ ଝରି ଯାଉଥିଲା । ତା' ବାପା ନୀଳକଣ୍ଠ ବି ସେଠାରେ ଥିଲା । ସେଇ ତ ଆଗ ତାକୁ କହିଲା, "ଏ ଆମ ନରିଆରେ ମା' । ହେଇ ଦେଖୁନୁ ତା' ଗାମୁଛାକୁ, ଗୋଟିଏ କୋଣକୁ ଦି ଆଙ୍ଗୁଠି ଛିଣ୍ଡା । ତା' ଆଣ୍ଠୁରେ ସେଇ ସାଇକେଲ୍‌ରୁ ପଡ଼ିଯାଇ ହୋଇଥିବା ଖଣ୍ଡିଆ ଦାଗ । ସବୁ ସର୍ବନାଶ ହୋଇଗଲାରେ ନେତୀ । ମୋ ରୋଜଗାରିଆ ଜୋଇଁ ଟା ଆରପାରିକୁ ଚାଲିଗଲା" କହି ମର୍ଦ୍ଦିଆ ରଡ଼ି ଛାଡ଼ି ବାଉଳିଲା ଭଳି କାନ୍ଦି ଚାଲିଲା । ତା' ବାପାର କାନ୍ଦ ଦେଖି ନେତୀ ତା' କୋହ ରୋକି ପାରିଲାନି । ମୁର୍ଦ୍ଦାର ଛାତିରେ ନିଜ ମୁଣ୍ଡକୁ ବାଡ଼େଇ ଭେଁଭେଁ ହୋଇ କାନ୍ଦିବାକୁ ଲାଗିଲା । ସରକାରୀ ବାବୁ ମାନେ ଆସିବାରୁ ଟିକେ ଥମିଲା । ସମସ୍ତେ କହିଲେ ଏଇଟା ନରିଆ ଆଉ ମୁର୍ଦ୍ଦାର ଛାତିରେ ମୁହଁ ଜାକି କାନ୍ଦୁଥିବା ନାରୀ ଜଣକ ତା ସ୍ତ୍ରୀ ବୋଲି । ସରକାରୀ ବାବୁମାନେ ସବୁ ଲେଖି ନେଲେ । ଗଲା ବେଳେ କହିଲେ ନେତୀକୁ ସରକାର ତରଫରୁ ପଚିଶ ହଜାର ଟଙ୍କା ମିଳିବ ।

ଏତେ ଦିନ ପରେ ସେଇ ଟଙ୍କା ଆଜି ମିଳିଲା । ସେଇ ଟଙ୍କା ବିଡ଼ାକୁ ହାତରେ ଧରି କ'ଣ ଗୋଟେ ଭାବୁଥିଲା ହଠାତ୍ ନୀଳକଣ୍ଠ ନେତୀର ଚିନ୍ତା ସୂତ୍ରକୁ ଛିନ୍ନ କରି କହିଲା, "ସେତେବେଳ ଠାରୁ କଣ ଭାବୁଛୁ କି ? ଓଃ, ନରିଆ କଥା ଭାବୁଛୁ କି ? ଆରେ ମରିଗଲା ଲୋକ ସେ । ପୋଡ଼ିକି କେବେଠୁ ପାଉଁଶ ହୋଇ ପବନରେ ମିଶି ଯାଇଛି । ତା' କଥା ଭାବି ଆଉ ଲାଭ କଣ ! ବରଂ ତୋର ଖୁସି ହବା କଥା ସେ ରେଳ ଗାଡ଼ିରେ ମଲା ଆଉ ତୁ ଏତେ ଗୁଡ଼ା ଟଙ୍କା ପାଇଲୁ । ଏଥର ତୋ'ର ସୁଖର ଦିନ ଆସିଗଲା । ଆଉ ତୋତେ କୋଇଲା ଗୋଟେଇ ଯିବାକୁ ପଡ଼ିବନି । ଘରେ ରହିବୁ ଗଣ୍ଡେ ରୋଷେଇ କରିବୁ, ବସିବସି ଖାଇବୁ ବୁଝିଲୁ ।" ନୀଳକଣ୍ଠ ସେମିତି ଗପି ଚାଲୁଥାଏ, ନେତୀ ନିରବ ରହି ଆଗକୁ ଆଗକୁ ଆଗେଇ ଚାଲୁଥାଏ ।

ନୀଳକଣ୍ଠ ପୁଣି କହିଲା, "ବୁଝିଲୁ ନେତୀ ! ମୁଁ ଆଉ ଖଟାଖଟି କରିବାକୁ ଯିବିନି । ବୟସ ହେଲାଣି । ଭାରି କାମ କଲାରୁ ଅଣ୍ଟା, ଆଣ୍ଠୁ ଗଣ୍ଠି ମଝିରେ ମଝିରେ ଧରି ପକାଉଛି । ଭାବୁଛି ଏଇ ଟଙ୍କାରୁ କିଛି ନେଇ ଷ୍ଟେସନ୍ ପାଖରେ ଗୋଟେ ଚାହା ଦୋକାନ କରିବି । ନା , ତୁ କଣ କହୁଛୁ ?"

ଟଙ୍କା କଥା ଉଠିବାରୁ ନେତୀ ସାମାନ୍ୟ ବିରକ୍ତ ହୋଇ କହିଲା, "କରୁନ, ମୁଁ କଣଟା କହିବି ? ମରିକି ଉପକାର କରିଥିବା ଲୋକଟା ଟଙ୍କାରେ ଯାହା ଇଚ୍ଛା ହେଉଛି କର ।"

ନୀଳକଣ୍ଠ ବିଶ୍ୱାସଭରା ସ୍ୱରରେ କହିଲା, "କାହିଁ ମୁଁ କଣ ଭୁଲ କହିଲି ! ନରିଆ ମରିକି ଉପକାର କରିନି ? ସେ ମଲା ବୋଲି ସିନା ସରକାର ତୋତେ ଏତେ ଟଙ୍କା ଦେଲେ । ନହେଲେ ପଚାଶ ହଜାର କିଏ ନା ତୁ କିଏ !"

ବାପା ଝିଅର ଏସବୁ ଆଲୋଚନା ଭିତରେ ସେମାନେ କେତେବେଳେ ଆସି ନିଜ ଘରେ ପହଂଚି ସାରିଥିଲେ ଦୁହିଁଙ୍କୁ ଜଣାନଥିଲା । ସେତେବେଳକୁ ବେଳ ବୁଡ଼ି ଚାରିଆଡ଼େ ଅନ୍ଧାର ଛାଇ ଯାଇଥାଏ । ତାଙ୍କ ଘରେ କବାଟ କହିଲେ ବାଉଁଶରେ ତିଆରି ତାଟି କବାଟ । ଘରୁ ବାହାରକୁ ଯିବା ହେଲେ କେବେ ବି କବାଟରେ ତାଲା ଲଗା ହୁଏନି କି ଜଞ୍ଜିରରେ ବନ୍ଧା ହୁଏନି । ସେମିତି ବିନା ସୁରକ୍ଷିତରେ ତାଟିକୁ କେବଳ ଆଉଜି ଦେଇ ବାପା ଝିଅ ବାହାରିଯାନ୍ତି । ଆଜି ବି ସେମିତି ଥିଲା ।

ତାଟିକୁ ଭୁସ୍ କିନା ପେଲି ଦେଇ ଦୂମ୍‌ଦୂମ୍ କରି ଭିତରକୁ ପଶିଗଲା ନେତୀ । "ଇଲୋ ବୋଉଲୋ ! ଏ କିଏ ବା" କହି ସେ ଭିତରୁ ଏକ ପ୍ରକାର ଚିତ୍କାର କରି ଉଠିଲା । ନେତୀ ମୁହଁରୁ ଚିତ୍କାର ଶୁଣି ନୀଳକଣ୍ଠ ଧାଇଁ ଯାଇ ଯାହା ଦେଖିଲା ସେ ବି ଭୂତ ଦେଖିଲା ପରି ଚମକି ଉଠିଲା । ହାତେ ଉଚ୍ଚର କାଳିଆ ମାଟି କାନ୍ଥକୁ ଆଉଜି ନରିଆ ବିଡ଼ି ପିଉଛି ! ସେତେବେଳେ ବିଡ଼ିର କ୍ଷୁଦ୍ର ଆଲୁଅରେ ନରିଆ ମୁହଁ ଠିକ୍ ଏକ ଭୂତ ପରିକା ଦେଖା ଯାଉଥିଲା । ନେତୀ ଆଉ ନୀଳକଣ୍ଠ ପରିଷ୍କାର ନରିଆକୁ ଦେଖି ପାରୁନଥିଲେ । ତଥାପି ତା' ଶରୀର ଗଢ଼ଣ ଦେଖି ବାପା ଝିଅ ବୁଝି ପାରୁଥିଲେ ସେ ନରିଆ ବୋଲି । ମଲା ମଣିଷ ବଂଚିଲା କେମିତି ! ଏ ସତ ସତିକା ଭୂତ ନୁହେଁ ତ ? ବୋଧେ ଏଇ କଥା ନୀଳକଣ୍ଠ ଆଉ ନେତୀ ଦୁହେଁ ଦୁହିଁଙ୍କୁ ଅନାଅନି ହୋଇ ପରସ୍ପର ନିରବ ପ୍ରଶ୍ନ କରୁଥିଲେ । ହଠାତ୍ ନୀଳକଣ୍ଠ ମନ ଭିତରେ ଆତଙ୍କ ଖେଳିଗଲା, ସରକାର କାନକୁ ଯଦି ଏକଥା ଯାଇ ପହଂଚିବ ଯେ ନରିଆ ବଂଚିଛି ବୋଲି, ତା' ହେଲେ ଏତେଗୁଡ଼ା ଟଙ୍କା ସରକାର ନିଶ୍ଚୟ ଫେରାଇ ନେବେ ।

ସେତେବେଳକୁ ନେତୀ କିରୋସିନି ବତୀ ଜାଳି ନରିଆ ମୁହଁ ପାଖକୁ ନେଇ ନରିଆକୁ ନିରିଖେଇ ଦେଖୁଥିଲା । ନେତୀର ଏସବୁ କାର୍ଯ୍ୟ କଳାପ ଦେଖି ନରିଆ ଆଶ୍ଚର୍ଯ୍ୟ ହୋଇ କହିଲା, "ଏମିତି କଣ ଦେଖୁଛୁ ? ମୋତେ କଣ ଚିହ୍ନି ପାରୁନୁ ? ଡିବି ଆଲୁଅକୁ ଆଣି ମୋ ମୁହଁରେ ଗୋଞ୍ଜି ପକାଉଛୁ !"

ନେତୀର ଓଠ ଦୁଇଟି ଥରି ଉଠିଲା । ଭେଁ କିନା ରଡ଼ିଛାଡ଼ି କାନ୍ଦି କାନ୍ଦି କହିଲା, "ଚିହ୍ନି ପାରିବିନି କାହିଁକି", ଏତିକି କହି ଡିବିକୁ ତଳେ ଥୋଇଦେଇ

ନରିଆକୁ କୁଣ୍ଢେଇ ପକାଇଲା ।

ନୀଳକଣ୍ଠ ଚାପା ସ୍ୱରରେ ଗର୍ଜି ଉଠିଲା, "ଚୁପ୍ କର । କାହିଁକି ହାଲ୍ଲା କରି ସମସ୍ତଙ୍କୁ ଶୁଣାଉଛୁ । ଆବେ ନରିଆ ତୁ ମରିନୁ ?"

-କାହିଁକି ? ମରିବି କଣ ପାଇଁ, ଓହଃ ! ତମେ ମାନେ ତା' ହେଲେ ଭାବୁଥିଲ ଯେ ମୁଁ ମରିଯାଇଛି ?

-ହଁ, ତୁ ମଲୁନୁ କାହିଁକି ?

ନରିଆ କଣ ଗୋଟେ କହିବାକୁ ଯାଉଥିଲା, ନେତି ସାଙ୍ଗେସାଙ୍ଗେ କହିଉଠିଲା, "ତମେ ଏତେ ଦିନ ହେଲା କୋଉଁଠି ଥିଲ ?"

ନରିଆ କହିଲା, ମୁଁ ପରା କଟକ ଯାଇଥିଲି । ଜାଣିଛୁ ନା କଟକରେ ଢେର୍ କାମ । କେତେ ଗୁଡ଼ା ବସ୍‌ଷ୍ଟାଣ୍ଡ । ବଡ଼ ରେଳ ଷ୍ଟେସନ । ସଠାରେ କୁଲିଙ୍କୁ ଅଧିକ ଭଡ଼ା ଦିଅନ୍ତି । ଜମାରୁ ମୂଲା ମୂଲି ବି ନାହିଁ । ଯାହା ମାଗିବ ଧଡ଼ାଧଡ଼ କାଢ଼ିକି ବାବୁମାନେ ଦେଇଦେବେ । ମୁଁ ଭାବୁଛି ଆମେ ଦୁଇଜଣ ସେଠାକୁ ପଳେଇ ଯିବା । ତୁ ବାବୁଆଣୀମାନଙ୍କର ଜିନିଷ ନେବୁ ଆଉ ମୁଁ ବାବୁମାନଙ୍କର । ଏଇ ଦେଖୁନୁ ମାତ୍ର କେଇଟା ଦିନରେ ହଜାରେ ଟଙ୍କା ସଂଚୟ କରିଛି ।

ନେତୀ ଖୁସି ହୋଇ କ'ଣ ଗୋଟେ କହିବାକୁ ଯାଉଥିଲା ତା' ଆଗରୁ ନୀଳକଣ୍ଠ କହି ଉଠିଲା, "ସେ ହଜାରେ ଟଙ୍କା ଦେଖାଇ ତୁ ଆଉ ନେତୀ ମନକୁ କିଣି ପାରିବୁନି ବୁଝିଲୁ । ହଜାରେ ଟଙ୍କା ଦେଖାଉଛି....."

ବେଶ୍ ଉତ୍ତେଜନା ଭିତରେ ନୀଳକଣ୍ଠ ଛୋଟିଆ ଘରଟି ଭିତରେ ଏପଟ ସେପଟ ହେଉଥିଲା । ହଠାତ୍ ତା' ମନ ଭିତରେ ମନ୍ଦ ବୁଦ୍ଧିଟେ ସୃଷ୍ଟି ହେଲା । ତତ୍‌କ୍ଷଣାତ ନରିଆ ହାତକୁ ଜାବୁଡ଼ି ଧରି କହିଲା, "ବାପା ରାଗି ଗଲୁକି ? ବୁଢ଼ାଲୋକ ମୁଁ, ଆଉ ମୋର ବଳ ବୟସ ଅଛି ଯେ ଖଟି ପାରିବି । ତମେ ଦିହେଁ ତ ମୋର ସାହା ଭରସା । ତୁ ଗଲା ପରେ ଆମେ ବାପା ଝିଅ କେତେ ହନ୍ତସନ୍ତ ହୋଇଛୁ ତୁ କଣ ସେକଥା ଜାଣିଛୁ ? ସେଇ ରାଗରେ କ'ଣ ଗୋଟେ କହିଦେଲି । ଛାଡ଼ ସେ କଥା । ଚାଲ ବଜାରକୁ ଯିବା । ତୁ ଗଲା ପର ଠାରୁ ଆଜିଯାଏଁ ଆମ ବାପା ଝିଅ ଭଲରେ ଗଣ୍ଡେ ମନ ଭରି ଖାଇନୁ । ତୁ ତ ହଜାରେ ଟଙ୍କା ଆଣିଛୁ, ସେଇ ଟଙ୍କାରୁ କିଛି ନେଇ ବଜାରରୁ ଗୋଟେ ବଡ ରୋହି ମାଛଟେ ଆଣି ଆଜି ଖୁସି ମନରେ ରୋଷେଇ କରି ଖାଇବା । ଚାଲ୍ ଯିବା ।" ଏତକ କହି ନୀଳକଣ୍ଠ ଏକ ପ୍ରକାର ନରିଆର ହାତ ଧରି ତାକୁ ଭିଡ଼ି ନେଉଥିଲା । ନେତୀ ପଛରୁ ବାପା ବୋଲି ଡାକିବାରୁ ନରିଆ ପଛକୁ ଅନେଇ କହିଲା, "ଆଲୋ ବ୍ୟସ୍ତ କାହିଁକି ହଉଛୁ ! ବୁଢ଼ାଟା ମନ ବଳେଇଛି ବଡ ମାଛ ଖାଇବାକୁ । ଏଥର କଟକ ଗଲେ ସେଇ ରୋଜଗାରରେ ତୋ ପାଇଁ ଭଲ ଲୁଗାଟେ ଆଣିବି । ତୁ ଚୁଲି ଲଗେଇବୁ ଯା, ଆମେ ସାଙ୍ଗେସାଙ୍ଗେ ଆସୁଛୁ ।"

ହଠାତ୍ ଦଲକାଏ ପବନ ଆଇଲା ଯେ ଜଳୁଥିବା କିରୋସିନୀ ଡିବିଟା ଲିଭିଗଲା । ପୁଣି ଚାରିଆଡ଼େ ଅନ୍ଧାର । ନେତୀ ଯୋଉଁଠି ଠିଆ ହୋଇଥିଲା ସେଇଠି ଥପ୍ କିନା ବସି ପଡ଼ିଲା । କିଟିମିଟିଆ ଅନ୍ଧାର ଭିତରେ



ସେ ନିଜକୁ ଦେଖି ପାରୁନଥିଲା । ଅଣ୍ଡାଳି ଅଣ୍ଡାଳି ଦିଆସିଲିଟିକୁ ଖୋଜିଲା ବେଳେ ତାକୁ ମନେହେଲା, କୋଉଁଠି ଯେମିତି କିଛି ଗୋଟିଏ ଭୁଲ୍ ହୋଇ ଯାଇଛି । ସେ ନିଜକୁ ନିଜେ ପ୍ରଶ୍ନ କଲା, ସେଦିନ ରେଳ ଦୁର୍ଘଟଣାରେ ମରିଥିବା ଲୋକ ଜଣକ ତ ଏ ନୁହେଁ । ତେବେ ସେ ଲୋକଟା କିଏ ? ସେ କ'ଣ ବାହା ହୋଇନଥିଲା ? ଯଦି ବାହା ହୋଇଥିବ ତେବେ ତା ସ୍ତ୍ରୀ କ'ଣ ଏବେ ବିଧବା ? ଯଦି ସେ ବିଧବା ତେବେ ମୁଁ କାହିଁକି ବିଧବା ? ବିଧବା ମାନେ ଧଳା ଶାଢ଼ି ପିନ୍ଧନ୍ତି । ଏ କଥା ମୋ ବାପା ଭଲ ଭାବରେ ଜାଣନ୍ତି, ତେବେ ସେଦିନ କାହିଁକି ବାପା କହିଲେ, "ନେତୀ ତୁ ସେ ଧଳା ଲୁଗା ପିନ୍ଧିବୁନୁ । ଯାହା ଅଛି ସେଇଆ ପିନ୍ଧି ପକା ।" ତେବେ ବାପା ସେଦିନ ଜାଣିଥିଲେ ଯେ ମରିନି ବୋଲି ! ନା ଆଉ କଣ ଉଦ୍ଦେଶ୍ୟ ଥିଲା ? ଆଜି ମୋ ଶାଢ଼ିରୁ ସିନା ବୁଝି ହେଉନି ମୁଁ ବିଧବା ବୋଲି କିନ୍ତୁ ମୋ ମୁଣ୍ଡରେ ତ ସିନ୍ଦୁର ନାହିଁ । ହାତରେ ବି ଶଙ୍ଖା ନାହିଁ । ମୋ ଜୀବନ୍ତ ସ୍ୱାମୀ ଆଖିରେ ମୋର ବିଧବା ବେଶ କ'ଣ ଦେଖା ଗଲାନି ? କାହିଁ ସେ ତ ଏ ବିଷୟରେ ମୋତେ କିଛି ପ୍ରଶ୍ନ କରିନି କି ଆଶ୍ଚର୍ଯ୍ୟ ମଧ୍ୟ ହୋଇନି ! ବାପା ଆଖିରେ ଝିଅର ଏଇ ବିଧବା ବେଶଟି ସବୁଠୁ ବେଶି ବେଦନା ଦାୟକ । ସେ ତ କାହିଁ କହିଲାନି- ଆରେ ନେତୀ ! ତୋ ବର ଫେରି ଆସିଛି, ତୁ ଏଥର ସିନ୍ଦୁର ନାଇ ପକା । ବିଧବାରୁ ସଧବା ପାଲଟି ଯାଆ । ନିଜ ଆଖିରେ ସମସ୍ତ ବାସ୍ତବ ସତ୍ୟକୁ ଦେଖି ସାରିଲା ପରେ ମଧ୍ୟ ସେଦିନର ସେଇ ତ୍ରୁଟିକୁ ସ୍ୱୀକାର କରିବା ପାଇଁ, ଏଇ ସାମାନ୍ୟ ମାନସିକତା ତା' ବାପା ହୃଦୟରେ କାହିଁକି ଜାଗ୍ରତ ହେଉନି ? ତେବେ ବାପା କ'ଣ ଚାହେଁ ତା' ଝିଅ ବିଧବା ଥାଉ । ଭରା ଯୌବନରୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବୈଧବ୍ୟ ଯନ୍ତ୍ରଣାରେ ଛଟପଟ ହେଉ !

ହଠାତ୍ ତା ଗୋଡ଼ ତଳ ମାଟି ଥରି ଉଠିଲା । ଛୋଟ କାନ୍ଥ ଉପରେ ଥିବା ଟିଣ ପ୍ଲାଷ୍ଟିକ ଡବା ସବୁ ଠଣ୍ ଠାଣ୍ ଶବ୍ଦ କରି ତଳକୁ ଖସି ପଡ଼ିବାରେ ଲାଗିଲା । ଡବା ଗୁଡ଼ିକର ଶବ୍ଦରେ ନେତୀ ସମ୍ବିତ ଫେରିପାଇ ଯେତେବେଳେ ବତୀ ଲଗେଇବାକୁ ଦିଆସିଲି ଖୋଜିଲା ଠିକ୍ ସେତେବେଳେ ବାହାରୁ ହଠାତ୍ ତୀବ୍ର କୋଳାହଳର ଶବ୍ଦ ଶୁଣାଗଲା । ନେତୀ ଚମକି ପଡ଼ିଲା । କିଏ ଯେମିତି ମରିଗଲା, ଏମିତି ଏକ ଶବ୍ଦର କୋଳାହଳ । ନେତୀ ମନକୁ ପାପ ଛୁଇଁଲା । କିଏ ମରିଗଲା ? କାହାର ମୁଣ୍ଡ ଗଣ୍ଡିରୁ ଅଲଗା ହୋଇଗଲା । ଏମିତି ଏକ ଅଜଣା ଡରରେ ତା' ମନ ଭିତରଟା ବ୍ୟାକୁଳ ହୋଇ ଉଠିଲା । ଟ୍ରେନ୍ ଲାଇନ୍‌କୁ ପାର୍ ହେଲେ ଯାଇ ସେଇ ବଜାର, ଯେଉଁ ବଜାରକୁ ତା' ବାପା ଆଉ ସ୍ୱାମୀ ମାଛ କିଣିବାକୁ ଯାଇଛନ୍ତି ।

ନେତୀ ପଦାକୁ ଗୋଡ଼ କାଢ଼ିଲା, ହୋହାଲ୍ଲା ଶୁଣା ଯାଉଥିବା ସ୍ଥାନକୁ ସମସ୍ତେ ଦୌଡ଼ୁଥାନ୍ତି । ନେତୀ ବି ସେମାନଙ୍କ ସହ ଦୌଡ଼ିଲା । ଅଧାବାଟରେ ତା' ବାପକୁ ଭେଟିଲା । ନୀଳକଣ୍ଠ ନେତୀକୁ ଦେଖି ତାକୁ ଅଟକି କହିଲା, "ତୁ କୁଆଡ଼େ ଧାଇଁଛୁ ?"

ନେତୀ ଆତୁର ହୋଇ ପଚାରିଲା, "କିଏ ମରିଗଲା ବାପା ?"

ନୀଳକଣ୍ଠ ଚାପା ସ୍ୱରରେ କହିଲା, "ଜାଣି ପାରୁନୁ କିଏ ମଲା ? ମାଛ କିଣିବା ମୋର ବାହାନା ଥିଲା । ମାଛ ନାଁ କରି ମୁଁ ତାକୁ ଟ୍ରେନ୍ ଲାଇନ୍ ପାଖକୁ ନେଇ ଯାଇଥିଲି । ଟ୍ରେନ୍ ଆସିବା ଦେଖି ଟ୍ରେନ୍ ଆଗକୁ ପେଲି ଦେଲି । ସେତେବେଳେ ସେଠାରେ କେହି ନଥିଲେ । ସବୁ କଂଟା ସଫା । ଏବେ ସବୁତକ ଟଙ୍କା କେବଳ ଆମର । ଏଥିରେ ଭାଗ ବସେଇବାକୁ ଆଉ କେହି ନାହିଁ । ଚାଲ୍ ଘରକୁ ଫେରି ଚାଲ୍ । ତାକୁ କେହି ଚିହ୍ନି ପାରିବେନି । ସମସ୍ତେ ଜାଣିଛନ୍ତି ନରିଆ କେବେ ଠାରୁ ମରି ସାରିଛି ।

ନେତୀ ପୁରା ନିର୍ବାକ୍ । ଯେମିତି ସତକୁ ସତ ମୂକ ପାଲଟି ଯାଇଥିଲା । ସେ ତା ବାପା ମୁହଁକୁ ଅନେଇ ଭାବୁଥିଲା: ଏ ମୋ ବାପା ?

# ସଉରା ଜନଜାତି ସମ୍ପ୍ରଦାୟର ଅଳଙ୍କାର

**ଡକ୍ଟର ସୁରେନ୍ଦ୍ର ନାଥ ସାହୁ**
ପ୍ରଧାନ ଶିକ୍ଷକ ଓ ଜନଜାତି ଗବେଷକ
କବିସୂର୍ଯ୍ୟନଗର, ଗଂଜାମ
ଫୋନ:୯୪୩୮୦୬୦୦୩୮

ଫଟୋ ସୌଜନ୍ୟ : ଲେଖକ



ଲେଖକ ଡ. ସୁରେନ୍ଦ୍ର ନାଥ ସାହୁ

ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ମଣିଷ । ପ୍ରଥମ ଅବସ୍ଥାରେ ମନୁଷ୍ୟ ଉଲଗ୍ନ ହୋଇ ବୁଲୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବସ୍ତ୍ର ଓ ଭୂଷଣ ଦ୍ୱାରା ନିଜକୁ ମାର୍ଜିତ ଓ ଶୋଭନୀୟ କରି ଗଢ଼ି ତୋଳିଛି । ଆଦିମାନବମାନେ ପ୍ରଥମେ ଗଛର ପତ୍ର, ଫୁଲ, ଫଳ, ପଶୁପକ୍ଷୀମାନଙ୍କର ପର, ଶିଙ୍ଗ, ଦାନ୍ତ ଓ ଚମଡ଼ାକୁ ନିଜର ଅଳଙ୍କାର ରୂପେ ବ୍ୟବହାର କରୁଥିଲେ । ଏହି ପରମ୍ପରା ଆଜି ମଧ୍ୟ ପ୍ରାଚୀନ ଜନଜାତି ସଂପ୍ରଦାୟରେ ପରିଲକ୍ଷିତ ହୋଇଥାଏ । ବିଭିନ୍ନ ଜନଜାତିର ପୁରୁଷ ଓ ସ୍ତ୍ରୀମାନେ ଭିନ୍ନଭିନ୍ନ ଅଳଙ୍କାର ପରିଧାନ କରିଥାନ୍ତି । ଜନଜାତି ସଂପ୍ରଦାୟର ପୁରୁଷ ଓ ସ୍ତ୍ରୀମାନେ ବ୍ୟବହାର କରୁଥିବା ଅଳଙ୍କାରରୁ ସେମାନଙ୍କର ସଂପ୍ରଦାୟ ସହଜରେ ବାରିହୋଇପଡ଼େ ।

ଭାରତବର୍ଷରେ ଥିବା ୪୬୧ଟି ଅନୁସୂଚିତ ଜନଜାତି ସମ୍ପ୍ରଦାୟ ମଧ୍ୟରୁ ୬୨ପ୍ରକାରର ଜନଜାତି ଓଡ଼ିଶାରେ ବସବାସ କରନ୍ତି । ସେହିପରି ଭାରତରେ ମୋଟ ୭୫ଟି ଆଦିମ ଜନଜାତି ସମ୍ପ୍ରଦାୟ ବାସକରୁଥିବା ବେଳେ ଆମ ଓଡ଼ିଶାରେ ହିଁ ସର୍ବାଧିକ ୧୩ଟି ଗୋଷ୍ଠୀର ଆଦିମ ଜନଜାତି ସମ୍ପ୍ରଦାୟ ବାସ କରନ୍ତି । ସେମାନେ ହେଲେ- ସଉରା, ଲାଞ୍ଜିଆ ସଉରା, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ବଣ୍ଡା, ଲୋଧା, ଡିଡ଼ାୟୀ, ମାଙ୍କିଡ଼ିଆ, ବିରହୋର୍, ପାଉଡ଼ି ଭୂୟାଁ, ପାହାଡ଼ି ଖଡ଼ିଆ, ଜୁଆଙ୍ଗ ଓ ଚୁକଟିଆ ଭୂିଆ । ଭାରତ ସରକାରଙ୍କ ଦ୍ୱାରା ଯୋଜନା ବିରତି କାଳ ୧୯୭୯-୮୦ବର୍ଷରେ ସଉରା ଓ ଲାଞ୍ଜିଆ ସଉରା ପ୍ରାଚୀନ ଜନଜାତିର ମାନ୍ୟତା ଲାଭ କରିଛି । ସଉରାମାନେ ପୂର୍ବଘାଟ ପାର୍ବତ୍ୟାଞ୍ଚଳରେ ଥିବା



ଗଜପତି, ଗାମ ଓ ରାୟଗଡ଼ା ଜିଲ୍ଲାରେ କେଉଁ ଆବହମାନ କାଳରୁ ବସବାସ କରି ଆସୁଛନ୍ତି । ସଉରା, ଶବର, ସଉର, ସହର, ସରା ଆଦି ନାମରେ ସଉରା ଜନଜାତି ସର୍ବତ୍ର ପରିଚିତ । ଏମାନେ ପ୍ରୋଟୋ-ଅଷ୍ଟ୍ରୋଲଏଡ୍ ଗୋଷ୍ଠୀଭୁକ୍ତ କେନ୍ଦ୍ର ଓ ଦକ୍ଷିଣ ଭାରତର ଏକ ପ୍ରମୁଖ ଜନଜାତି ଗୋଷ୍ଠୀ । ଭାରତବର୍ଷର ଝାଡ଼ଖଣ୍ଡ, ଓଡ଼ିଶା, ଆନ୍ଧ୍ର, ଛତିଶଗଡ଼, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ତଥା ଆସାମର ବିସ୍ତୃତ ଅଂଚଳରେ ଏମାନେ ବସବାସ କରନ୍ତି । ସଉରାମାନେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଉଣାଅଧିକେ ଦେଖା ଯାଆନ୍ତି । ତଥାପି ପାରଳାଖେମୁଣ୍ଡି ସବ୍‌ଡ଼ିଭିଜନ୍ ଓ ଗୁଣପୁର ସବ୍‌ଡ଼ିଭିଜନ୍ ସଉରା ଭୂମି ଓ ସଉରା ଦେଶ ରୂପେ ପରିଚିତ ।

ସଉରାମାନେ ଅଳଙ୍କାର ପ୍ରିୟ ଅଟନ୍ତି । ଉଭୟ ନାରୀ ଓ ପୁରୁଷଙ୍କର ଅଳଙ୍କାର ପ୍ରତି ବିଶେଷ ରୁଚି ରହିଥାଏ । ନାରୀମାନେ ମୁଣ୍ଡର ମଝିରେ କିମ୍ବା ବାମ ପାର୍ଶ୍ୱରେ ସିନ୍ଥିକାଟି କେଶ ସଜାଇଥାନ୍ତି ଓ ମୁଣ୍ଡର ପଛପଟେ ଜୁଡ଼ା ବା ଖୋଷା ବାନ୍ଧିଥାନ୍ତି । ପୁରୁଷମାନେ କେଶ କାଟିଥାନ୍ତି କିନ୍ତୁ ନାରୀମାନେ ନିଜର କେଶକୁ ନ କାଟି ସୌନ୍ଦର୍ଯ୍ୟ ପାଇଁ ସଜାଇ ରଖିଥାନ୍ତି । ଦୈନନ୍ଦିନ ଜୀବନଧାରାରେ ଅଙ୍ଗସଜ୍ଜା ଲୋକସଙ୍ଗୀତ, ଲୋକନୃତ୍ୟ, ବିବାହ, ପର୍ବପର୍ବାଣି ଇତ୍ୟାଦିର ଅଙ୍ଗସଜ୍ଜା ଠାରୁ ପୃଥକ ଅଟେ । ନୃତ୍ୟ ସମୟରେ ରଙ୍ଗବେରଙ୍ଗ ପୋଷାକର ବହୁଳ ବ୍ୟବହାର ଦେଖାଯାଏ । ମୁଣ୍ଡରେ ପକ୍ଷୀପର, ମୟୂର ପୁଚ୍ଛ ଓ ଫୁଲ ଖୋଷା ଯାଏ । ପୁରୁଷମାନେ ମଥାରେ ଶିରସ୍ତ୍ରାଣ ବା ପଗଡ଼ି ପିନ୍ଧନ୍ତି । ଏହା ନୃତ୍ୟ ପରିବେଶକୁ ସରସ ସୁନ୍ଦର କରେ । ବିବାହ ତଥା ଅନ୍ୟାନ୍ୟ ପର୍ବପର୍ବାଣି ଓ ଉତ୍ସବରେ ଉଭୟ ମହିଳା ଓ ପୁରୁଷ ବିଭିନ୍ନ ଅଳଙ୍କାର ଦ୍ୱାରା ଅଙ୍ଗସଜ୍ଜା କରିଥାନ୍ତି ।

ସଉରା ଝିଅ ଓ ରମଣୀମାନେ ଅନ୍ୟ ଆଦିବାସୀ ଝିଅ ଓ ରମଣୀମାନଙ୍କ ଠାରୁ ବେଶ୍ ସୁନ୍ଦର ଅଟନ୍ତି । ପ୍ରସାଧନ ପାଇଁ ଏମାନେ କେଶସଜ୍ଜା, ନଖରେ ପ୍ରଲେପ, ଶରୀରର ବିଭିନ୍ନ ଅଂଶରେ ଚିତାକୁଟା, ପୋଷାକ ପରିଛଦ, ଅଳଙ୍କାର ଆଭୂଷଣ, ତ୍ୱଚାରେ ରଙ୍ଗ ପ୍ରଲେପନ ଇତ୍ୟାଦିର ପ୍ରୟୋଗ କରିଥାନ୍ତି । ସଉରାମାନେ ବର୍ଷାଦିନେ ଗୋଡ଼ ଓ ହାତରେ ପାଣି ନ ଲାଗିବା ପାଇଁ ମୁଆତି ଗଛର ପତ୍ରର ପ୍ରଲେପ ଲଗାଇଥାନ୍ତି । ସଉରା ରମଣୀମାନେ ରାତିରେ ଖାଇ ସାରିବାପରେ ମୁଆତି ଗଛର ପତ୍ରକୁ ପଥରରେ ବାଟି ତା'ର ପ୍ରଲେପକୁ ଗୋଡ଼ ଏବଂ ହାତର ଆଙ୍ଗୁଠିରେ ଲଗାଇଥାନ୍ତି । ଏହାଦ୍ୱାରା ହାତ ଓ ଗୋଡ଼ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ । ସମ୍ପ୍ରତି ବଜାରରେ ମିଳୁଥିବା ମେହେନ୍ଦିକୁ କେହିକେହି ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରିଥାନ୍ତି ।

ଚିତା କୁଟାଇବା ପରମ୍ପରା ସଉରା ସଂପ୍ରଦାୟରେ ମଧ୍ୟ ଦେଖିବାକୁ ମିଳିଥାଏ । କପାଳ, ଗାଲ, ହାତ ଓ ଶରୀରର ବିଭିନ୍ନ ସ୍ଥାନରେ ଚିତା କୁଟାଇବାକୁ



ସଉରାମାନେ ପସନ୍ଦ କରନ୍ତି । ସଉରା ସଂପ୍ରଦାୟର ପ୍ରସାଧନ, ଅଳଙ୍କାର ଏବଂ ଚିତା ତା' ସଂସ୍କୃତିର ଅନ୍ୟତମ ପରିଚୟ । ଏହି ପରିଚୟକୁ ନେଇ ସେ ଗର୍ବିତ । ଆଭୂଷଣ ସୌନ୍ଦର୍ଯ୍ୟ ବୃଦ୍ଧିର ଶ୍ରେଷ୍ଠ ସହାୟକ । ଆଦିମ ମଣିଷ ପ୍ରକୃତିର ବୃକ୍ଷଲତା, ଫୁଲ-ପତ୍ର-ଡାଳ, ପଶୁପକ୍ଷୀର ଶିଙ୍ଗ, ଚମଡ଼ା, ପର ଆଦିରେ ସଜାଇ ହୋଇ ନିଜ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲା । ଆଦିବାସୀମାନେ ସାଧାରଣତଃ ପ୍ରକୃତିପ୍ରିୟ । ପ୍ରକୃତିକୋଳରୁ ପତ୍ର-ଫୁଲ, ଗୁର, ମୁୟରପୁଚ୍ଛ ସଂଗ୍ରହକରି ସେଥିରେ ସେମାନେ ନିଜ ଶରୀରକୁ ସଜାଇଥାନ୍ତି । ଏହାଦ୍ୱାରା ସେମାନଙ୍କର ଶରୀର ଖୁବ୍ ସୁନ୍ଦର ଦିଶେ । ଆଦିବାସୀ ସଂପ୍ରଦାୟରେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ସୌନ୍ଦର୍ଯ୍ୟପଣ ଥାଏ । ବୟସ ଏମାନଙ୍କ ପାଖରେ ବାରମ୍ବାର ହାର ମାନେ । ଦେହକୁ ସଜାଇବା, ଦେହକୁ ଅଳଙ୍କରଣ କରିବା ସଉରା ସଂପ୍ରଦାୟର ସହଜାତ ପ୍ରବୃତ୍ତି । ଏହି ଅଳଙ୍କରଣ କ୍ଷେତ୍ରରେ ନାରୀମାନେ ପୁରୁଷମାନଙ୍କ ଅପେକ୍ଷା ଅଧିକ ଆଗ୍ରହୀ । ସଉରା ସ୍ତ୍ରୀମାନଙ୍କର ପ୍ରକୃତି ଦତ୍ତ ରୂପ ଅତ୍ୟନ୍ତ ରମଣୀୟ । ଅଳଙ୍କାର ବିନା ଏମାନଙ୍କର ପ୍ରକୃତ ରୂପଲାବଣ୍ୟ ବାରିହୋଇପଡ଼େ । ସଉରା ସ୍ତ୍ରୀମାନେ ଅନ୍ୟାନ୍ୟ ଆଦିବାସୀଙ୍କ ପରି ବହୁ ଅଳଙ୍କାର ପ୍ରିୟ ନୁହନ୍ତି । ଏମାନେ ବେଶୀ ଅଳଙ୍କାର ପିନ୍ଧନ୍ତି ନାହିଁ କିନ୍ତୁ ଅଳଙ୍କାର ପ୍ରତି ଏମାନଙ୍କର ଦୁର୍ବଳତାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ବେକରେ ଅଗ୍ଳ କଣ୍ଠିଯୁକ୍ତ ମାଳି ଓ ଧାତୁ ନିର୍ମିତ ମାଳି ପିନ୍ଧନ୍ତି । ସେମାନେ କାନର ମାଂସଳ ଓହଳ ଅଂଶ ବା କର୍ଣ୍ଣବଲ୍ଲୀରେ କାଷ୍ଠ ନିର୍ମିତ ଗୋଲାକାର ଅଳଂକାର ପିନ୍ଧିବାକୁ ଭଲ ପାଆନ୍ତି । ଏହାକୁ ତେନାଙ୍ଗରଲୁ କୁହାଯାଏ । କେହିକେହି ପିତଳ ନିର୍ମିତ ମଣ୍ଡଳାକାର କର୍ଣ୍ଣକୁଣ୍ଡଳ ମଧ ପିନ୍ଧିଥାନ୍ତି । ହାତ ଓ ଗୋଡ଼ର ଆଙ୍ଗୁଠିରେ ଆଲୁମିନିୟମ୍‌ରେ ନିର୍ମିତ ମୁଦି ପିନ୍ଧନ୍ତ । ଅଧିକାଂଶ ସ୍ତ୍ରୀଲୋକ ନାକରେ ଗୋଟିଏ ସାନ ରିଙ୍ଗ୍ କିମ୍ବା ଠୁଙ୍କି ପିନ୍ଧିବାର ଦେଖାଯାଏ । ଏମାନେ ଗୋଡ଼ରେ ପାଉଁଜି ପିନ୍ଧନ୍ତି । ଏସବୁ ଅଳଙ୍କାରକୁ ଏମାନେ ସ୍ଥାନୀୟ ହାଟରୁ କିଣିଥାନ୍ତି । ଅତ୍ୟଧିକ ଗରିବ ପରିବାରର ସ୍ତ୍ରୀଲୋକମାନେ ଧାତୁ ନିର୍ମିତ ଅଳଙ୍କାର କିଣି ନ ପାରିଲେ, କାଷ୍ଠ ନିର୍ମିତ ମାଳି ବେକରେ ପିନ୍ଧିଥାନ୍ତି । ଏପରିକି ଛୁଆଟିଏ ଜନ୍ମ ହେବା ପରେ କଳାସୂତାରେ ଗୁନ୍ଥାଯାଇଥିବା କାଚମାଳି କିମ୍ବା ପ୍ଲାଷ୍ଟିକ୍ ମାଳିଟିଏ ତିଆରି କରି ତା'ର ବେକରେ ଲଗାଇଥାନ୍ତି । ବିଭିନ୍ନ ଋତୁରେ ମିଳୁଥିବା ଭିନ୍ନଭିନ୍ନ ଫୁଲରେ ମାଳ ପ୍ରସ୍ତୁତକରି ସଉରା ରମଣୀମାନେ ନିଜକୁ ସଜାଇଥାନ୍ତି । ବିଶେଷକରି କୌଣସି ବନ୍ଧୁଘରକୁ ଯିବାବେଳେ, ହାଟକୁ ଗଲାବେଳେ ଓ ପର୍ବପର୍ବାଣି ସମୟରେ ଏମାନେ ନିଜକୁ ସୁନ୍ଦର ଭାବରେ ସଜାଇଥାନ୍ତି । ସଉରା ଶିଶୁ, ପୁରୁଷ ଓ ରମଣୀ ବ୍ୟବହାର କରୁଥିବା କେତେକ ବିଶେଷ ଅଳଙ୍କାରର ଉପଯୋଗିତା, ବ୍ୟବହାର ଓ ବିଶ୍ୱାସ ବିଷୟରେ ଜାଣିବା ଆସନ୍ତୁ ।



## ରାନ୍ନାତାଙ୍ଗ୍

ସାମାଜିକ ତଥା ସାଂସ୍କୃତିକ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଲାଞ୍ଜିଆ ସଉରା ସଂପ୍ରଦାୟର ମହିଳାମାନେ ରାନ୍ନାତାଙ୍ଗ୍ ଅଳଙ୍କାର ବେକରେ ପରିଧାନ କରିଥାନ୍ତି । ବିଭିନ୍ନ ପର୍ବପର୍ବାଣିରେ ଧନୀଶ୍ରେଣୀର ମହିଳାମାନେ ଏହା ପରିଧାନ କରିଥାନ୍ତି । ସୁନାର ଛୋଟଛୋଟ ମାଳି ଓ ଫାର୍ସା ସଦୃଶ ସୁନାର ଏକ ଛୋଟପାତକୁ ସୂତା ଦ୍ୱାରା ଗୁନ୍ଥାଯାଇ ଏହି ହାରଟି ତିଆରି କରାଯାଇଥାଏ । ଏହା ଦେଖିବାକୁ ଭାରି ସୁନ୍ଦର । ଫାର୍ସାର ମଧ୍ୟଭାଗରେ ଖୋଦେଇ କରାଯିବା ସଙ୍ଗେସଙ୍ଗେ ଏହାକୁ ହାରର ମଧ୍ୟଭାଗରେ ଗୁନ୍ଥା ଯାଇଥିବାରୁ ଶାରୀରିକ ସୌନ୍ଦର୍ଯ୍ୟ ବୃଦ୍ଧି ଘଟିଥାଏ । ଏହି ଅଳଙ୍କାର ଏମାନଙ୍କ ସାଂସ୍କୃତିକ ସୌନ୍ଦର୍ଯ୍ୟବୋଧର ପରିଚାୟକ ।

## ଲବୋତାଙ୍ଗ୍

ବିଭିନ୍ନ ପ୍ରକାର ଭୟରୁ ମୁକ୍ତି ତଥା ନିଜସ୍ୱ ସାଂସ୍କୃତିକ ପରିଚୟ ପ୍ରଦାନ କରିବା ପାଇଁ ଲାଞ୍ଜିଆ ସଉରା ସଂପ୍ରଦାୟର ଉଭୟ ଧନୀ ଓ ଗରିବ ଶ୍ରେଣୀର ମହିଳାମାନେ ପଥର ମାଳିରେ ତିଆରି ଲବୋତାଙ୍ଗ୍ ଅଳଙ୍କାର ବେକରେ ପରିଧାନ କରିଥାନ୍ତି । ମାଟିଆ ରଙ୍ଗର ପଥର ମାଳି ଦେହରେ ଗାର ପଡ଼ିବା ଭଳି ଖୋଦେଇ ହୋଇ ସୂତାରେ ଏହା ଗୁନ୍ଥା ଯାଇଥାଏ । ଏହି ଅଳଙ୍କାର ପିନ୍ଧିବା ଫଳରେ ମାଟି ଦେବତା ସଦାସର୍ବଦା ପାଖେପାଖେ ରହିଥାନ୍ତି ବୋଲି ଏମାନେ ବିଶ୍ୱାସ କରନ୍ତି । ଏହା ପରିଧାନ କରି ବଗଡ଼ରେ କାମକଲେ ଭଲ ଫସଲ ହୋଇଥାଏ ବୋଲି ସଉରା ସଂପ୍ରଦାୟରେ ଗଭୀର ଆତ୍ମବିଶ୍ୱାସ ରହିଛି । ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧ ତଥା ସୌନ୍ଦର୍ଯ୍ୟର ଛିଟା ଏହି ଅଳଙ୍କାରରେ ନିହିତ ।

## କାନ୍ତିତାଙ୍ଗ୍

ସଉରାମାନେ ପ୍ରେତାତ୍ମା ଓ ଦୁଷ୍ଟ ଦେବତାଙ୍କୁ ଅତ୍ୟଧିକ ଭୟ ଓ ଭକ୍ତି କରିଥାନ୍ତି । ସେମାନଙ୍କୁ ସଂତୁଷ୍ଟ କରିପାରିଲେ ଜୀବନ ସୁଖମୟ ହୁଏ ବୋଲି ଏମାନେ ବିଶ୍ୱାସ କରନ୍ତି । ପ୍ରେତାତ୍ମା ତଥା ଦୁଷ୍ଟ ଦେବତାଙ୍କ ଦାଉରୁ ରକ୍ଷା ତଥା ନିଜର ସାଂସ୍କୃତିକ ପରିଚିତି ପାଇଁ ଲାଞ୍ଜିଆ ସଉରା ସଂପ୍ରଦାୟର ଧନୀ ଶ୍ରେଣୀର ମହିଳାମାନେ କାନ୍ତିତାଙ୍ଗ୍ ଅଳଙ୍କାର ବେକରେ ପରିଧାନ କରିଥାନ୍ତି । ଏହା ଡେଉଁରିଆ ବା ତାବିଜ୍ ସଦୃଶ । ଏହାକୁ ବଣିଆଦ୍ୱାରା ତିଆରିକରି ତା'ର ଉଭୟ ପାର୍ଶ୍ୱରେ କଳା ଓ ନାଲି ରଙ୍ଗର ମାଳି ସୂତାରେ ଗୁନ୍ଥାଯାଇଥାଏ । ବିଭିନ୍ନ ପର୍ବପର୍ବାଣି ତଥା ଯାବତୀୟ ଘରକାମ କରିବା ସମୟରେ ଏହି ଅଳଙ୍କାର ବ୍ୟବହାର ହୋଇଥାଏ ।





## ସିଂପ୍ରାଲିତାଙ୍ଗ୍

ସୀସା ଧାତୁର ଛୋଟଛୋଟ ମାଳିକୁ ସୂତା ଦ୍ୱାରା ଗୁନ୍ଥି ପ୍ରସ୍ତୁତ ହାରକୁ ତିନି କିମ୍ବା ଚରି ଖିଅ କରି ଲାଞ୍ଜିଆ ସଉରା ସଂପ୍ରଦାୟର ଧନୀ ଶ୍ରେଣୀର ମହିଳାମାନେ ସିଂପ୍ରାଲିତାଙ୍ଗ୍ ଅଳଙ୍କାର ବେକରେ ପରିଧାନ କରିଥାନ୍ତି । ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିବାକୁ ଯାଇ କାର୍ଯ୍ୟା, ଗୁଆର, ଆବ୍ଡୁର୍ ଓ ବିବାହ ଆଦି ପର୍ବପର୍ବାଣିମାନଙ୍କରେ ତଥା ହାଟବଜାରକୁ ଯିବା ଓ ବନ୍ଧୁବାନ୍ଧବଙ୍କ ଘରକୁ ଯିବା ସମୟରେ ଏହି ଅଳଙ୍କାର ବ୍ୟବହାର ହୋଇଥାଏ । ଏ ପ୍ରକାର ଅଳଙ୍କାର ପରିଧାନର ପଶ୍ଚାତ୍‌ରେ ସୌନ୍ଦର୍ଯ୍ୟବୋଧର ନିଆରା ଛାପ ରହିଛି ।

## ତୁଇତୁଇତାଙ୍ଗ୍

ପିତଳର ମାଳିଗୁଡ଼ିକୁ ସୂତାଦ୍ୱାରା ଗୁନ୍ଥି ତୁଇତୁଇତାଙ୍ଗ୍ ପ୍ରସ୍ତୁତ ହୋଇଥାଏ । ଏହି ଅଳଙ୍କାର ପିନ୍ଧିଲେ ଦୁଷ୍ଟଦେବତାଙ୍କ ଆକ୍ରୋଶରୁ ଶରୀରକୁ ରକ୍ଷାକରିବା ସହିତ ଶରୀରକୁ



ଶକ୍ତି ମିଳେ ବୋଲି ସଉରାମାନଙ୍କର ଦୃଢ଼ବିଶ୍ୱାସ ରହିଛି । ଏଣୁ ଯୁବତୀ ଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ତୁଇତୁଇତାଙ୍ଗ୍ ଅଳଙ୍କାର ପିନ୍ଧିଥାନ୍ତି । ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିବାକୁ ଯାଇ ଲାଞ୍ଜିଆ ସଂପ୍ରଦାୟର ମହିଳାମାନେ କାର୍ଯ୍ୟା, ଗୁଆର, ଆବ୍ଡୁର୍ ଆକୁଇ, ପାଙ୍ଗୁଇ ତଥା ବିଭିନ୍ନ ପର୍ବପର୍ବାଣିମାନଙ୍କରେ ଅନୁଷ୍ଠିତ ହେଉଥିବା ନୃତ୍ୟ ସମୟରେ ଏହି ଅଳଙ୍କାର ବେକରେ ବ୍ୟବହାର କରିଥାନ୍ତି ।

## ସାର୍ଡ଼ାବୋଇତାଙ୍ଗ୍

ରୁପାର ସରୁସରୁ ତାରରେ ଛକି ପକାଇଲା ଭଳି ଆଙ୍ଗୁଠି ମୋଟାର ଗୋଲାକାର ହାରକୁ ବେକର ସୌନ୍ଦର୍ଯ୍ୟ ବୃଦ୍ଧି ତଥା ନିଜର ସାଂସ୍କୃତିକ ପରିଚୟ ପାଇଁ ଲାଞ୍ଜିଆ ସଉରା ସଂପ୍ରଦାୟର ମହିଳାମାନେ ସାର୍ଡ଼ାବୋଇତାଙ୍ଗ୍ ଅଳଙ୍କାର ପରିଧାନ କରିଥାନ୍ତି । ଏହି ଅଳଙ୍କାର ମୁଖ୍ୟତଃ କାର୍ଯ୍ୟା, ଗୁଆର ଓ ବିବାହ ଭଳି ପର୍ବପର୍ବାଣିମାନଙ୍କରେ ବ୍ୟବହାର ହୋଇଥାଏ । ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଏହା ପରିଧାନ କରାଯାଏ ।

## ପାଗୋଆଡ଼ା

ମୃତବ୍ୟକ୍ତିର ଆତ୍ମାର ସନ୍ତୁଷ୍ଟି ବିଧାନ ପାଇଁ ଉଦ୍ଦିଷ୍ଟ ଡୁମ୍ବଲୁମ୍ତଙ୍ଗ୍ ନୃତ୍ୟ, କାର୍ଯ୍ୟା, ଗୁଆର ତଥା ବିଭିନ୍ନ ପର୍ବପର୍ବାଣିମାନଙ୍କରେ ପାଗୋଆଡ଼ାକୁ ବେକରେ ପିନ୍ଧାଯାଏ । ରୁପା ତାରରେ ବଣିଆ ଦ୍ୱାରା ଏହା ତିଆରି କରାଯାଇଥାଏ । ଲାଞ୍ଜିଆ ସଉରା ସଂପ୍ରଦାୟର ମହିଳାମାନେ ଏହାକୁ ପରିଧାନ କରି ନୃତ୍ୟ ପରିବେଷଣ କରିଥାନ୍ତି । ଏହି ଅଳଙ୍କାରର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି ।

## ଯାଆତାଙ୍ଗ୍

ସୀସା ଓ ରୁପା ଧାତୁର ସମ୍ମିଶ୍ରଣରେ ବଣିଆମାନଙ୍କଦ୍ୱାରା ତିଆରି ଯାଆତାଙ୍ଗ୍‌କୁ ଲାଞ୍ଜିଆ ସଉରା ରମଣୀମାନେ ସାଧାରଣତଃ କାର୍ଯ୍ୟା, ଗୁଆର, ଆବ୍ଡୁର୍, ଆଭିମନ୍, ବିବାହ ଇତ୍ୟାଦି ଉତ୍ସବମାନଙ୍କରେ ଅନୁଷ୍ଠିତ ନୃତ୍ୟରେ ପରିଧାନ କରିଥାନ୍ତି । ସଂସ୍କୃତି ସହିତ ଖାପ ଖାଇବା ଭଳି ପ୍ରସ୍ତୁତ ଏହି ଅଳଙ୍କାର ପରିଧାନ କରିବା ଦ୍ୱାରା ଲାଞ୍ଜିଆ ସଉରା ରମଣୀର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସହ ସେମାନଙ୍କ ସାଂସ୍କୃତିକ ପରିଚୟ ମିଳିଥାଏ ।

## ଡାରାଙ୍ଗ୍‌ବବ୍

ପୁରୁଷମାନଙ୍କୁ ସହଜରେ ଆକର୍ଷଣ କରିବା, ଅନ୍ୟ ଗ୍ରାମକୁ ନୃତ୍ୟ କରିବାକୁ ଯିବା, କାର୍ଯ୍ୟା, ଗୁଆର ଓ ବିବାହ ଆଦି ଉତ୍ସବରେ ରୁପା ତିଆରି ଡାରାଙ୍ଗ୍‌ବବ୍ ଅଳଙ୍କାରକୁ ଲାଞ୍ଜିଆ ସଉରା ସଂପ୍ରଦାୟର ଅବିବାହିତ କନ୍ୟାମାନେ ବ୍ୟବହାର କରିଥାନ୍ତି । ବିଶେଷତଃ ଝିଅଟି ବିବାହଯୋଗ୍ୟା ହୋଇଗଲେ ଏ ପ୍ରକାର ଅଳଙ୍କାର ପିନ୍ଧିଥାଏ । ଏହି ଅଳଙ୍କାର ପରିଧାନ କରିବା ଫଳରେ କପାଳ ତଥା କେଶର ସୌନ୍ଦର୍ଯ୍ୟ ବୃଦ୍ଧିହେବା ସଙ୍ଗେସଙ୍ଗେ ପରିହିତା ମହିଳା ଜଣକ ନିଜର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ଫଳରେ ସଉରା ଯୁବତୀର ସୌନ୍ଦର୍ଯ୍ୟରେ ସଉରା ଯୁବକ ଆକର୍ଷିତ ହୋଇ ଯୁବତୀଟିର ପରିଚୟ ଜାଣିବାକୁ ଚାହେଁ । ପରବର୍ତ୍ତୀ ସମୟରେ ଯୁବତୀଟିକୁ ବିବାହ କରିବାକୁ ଇଚ୍ଛା କରିଥାଏ ।

## ଆନାଙ୍ଗ୍‌ଲୁ

ରୁପାତାରକୁ ସ୍ପ୍ରିଙ୍ଗ୍ ଭଳି ଗୋଲାକାର ଭାବରେ ଆନାଙ୍ଗ୍‌ଲୁ ଅଳଙ୍କାର ତିଆରି ହୋଇଥାଏ । ଏହି ଅଳଙ୍କାରକୁ ଲାଞ୍ଜିଆ ସଉରା ସଂପ୍ରଦାୟର ଯୁବତୀ ଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତ ମହିଳା ଗୁଆର, କାର୍ଯ୍ୟା ତଥା ବିଭିନ୍ନ ପର୍ବପର୍ବାଣିରେ ପରିଧାନ କରିଥାନ୍ତି । ସଉରା ସଂସ୍କୃତିର ପରିଚୟ ବହନ କରୁଥିବା ଏହି ଅଳଙ୍କାର ପରିଧାନ ଦ୍ୱାରା ମହିଳାମାନଙ୍କର

ସୌନ୍ଦର୍ଯ୍ୟ ବହୁଗୁଣିତ ହୋଇଥାଏ ।

### ତାନାଙ୍ଗ୍ରାଲୁଡ୍

କିରିଡ଼ାଙ୍ଗ ଗଛର କାଠରୁ ତାନାଙ୍ଗ୍ରାଲୁଡ୍ ଅଳଙ୍କାର ପ୍ରସ୍ତୁତ କରାଯାଇଥାଏ । ପ୍ରଥମ କରି ଶିଶୁର କାନ ଫୋଡ଼ାଇବା ସମୟରେ ଏହି ଅଳଙ୍କାରକୁ ପିନ୍ଧାଇ ଦିଆ ଯାଇଥାଏ । ସଉରା ସଂପ୍ରଦାୟର ସମସ୍ତ ବର୍ଗରେ ଏହାର ଚାହିଦା ରହିଛି ।

### ଡୋଇଡ଼ୋଇଲୁଡ୍

କାନର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରୂପାର ସରୁସରୁ ତାରକୁ ଗୋଲାକାର କରି ତଳ ଭାଗରେ ରୂପାର ବଡ଼ମାଳି ଏବଂ ସେହି ମାଳି ଦେହରେ ଛୋଟଛୋଟ ମାଳି ଖାଯାଇ ତଥା ରୂପାର ଝରା ଲଗାଯାଇ ଡୋଇଡ଼ୋଇଲୁଡ୍ ନାମକ ଅଳଙ୍କାର ବଣିଆମାନଙ୍କ ଦ୍ୱାରା ତିଆରି କରା ଯାଇଥାଏ । ଏହି ଅଳଙ୍କାରକୁ ଲାଞ୍ଜିଆ ସଉରା ସଂପ୍ରଦାୟର ଯୁବତୀ ଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତ ମହିଳା ଗୁଆର, କାର୍ଯ୍ୟା ତଥା ବିଭିନ୍ନ ପର୍ବପର୍ବାଣିରେ ପରିଧାନ କରି ପାରମ୍ପରିକ ନୃତ୍ୟ ପରିବେଷଣ କରିଥାନ୍ତି । ସଉରା ସଂସ୍କୃତିର ପରିଚୟ ବହନ କରୁଥିବା ଏହି ଅଳଙ୍କାର ପରିଧାନ ଦ୍ୱାରା ମହିଳାମାନଙ୍କର ସୌନ୍ଦର୍ଯ୍ୟ ବହୁଗୁଣିତ ହୋଇଥାଏ ।



### ପିର୍‌ପିର୍‌ଆ

ରୂପା ପଇସାରେ ପିର୍‌ପିର୍‌ଆ ତିଆରି କରାଯାଏ । ଏହି ଅଳଙ୍କାରକୁ ଲାଞ୍ଜିଆ ସଉରା ସଂପ୍ରଦାୟର ଅବିବାହିତ କନ୍ୟାମାନଙ୍କ ଠାରୁ ଆରମ୍ଭ କରି ବୃଦ୍ଧା ପର୍ଯ୍ୟନ୍ତ ସମସ୍ତ ମହିଳା ବ୍ୟବହାର କରିଥାନ୍ତି । ବିଶେଷତଃ ଝିଅଟି ବିବାହଯୋଗ୍ୟା ହୋଇଗଲେ ଏ ପ୍ରକାର ଅଳଙ୍କାର ପିନ୍ଧିଥାଏ । ଯେତେ ସୁନ୍ଦରୀ ହେଲେ ମଧ୍ୟ ଏହି ଅଳଙ୍କାରକୁ କାନରେ ନ ପିନ୍ଧିଲେ ସେହି ଯୁବତୀକୁ କୌଣସି ଯୁବକ ବିବାହ କରିବାକୁ ସହଜରେ ରାଜି ହେଉ ନ ଥିବାର ବିଶ୍ୱାସ ଏମାନଙ୍କ ମନରେ ରହିଛି ।  ଏହି ଅଳଙ୍କାର ପରିଧାନ କରିବା ଫଳରେ କପାଳ ତଥା କେଶର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସଙ୍ଗେସଙ୍ଗେ ପରିହିତା ମହିଳା ଜଣକର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥାଏ

### ଗୁପ୍‌ଗୁପ୍‌କୁବ୍

ପରଂପରା ତଥା ନିଜସ୍ୱ ସାଂସ୍କୃତିକ ପରିଚୟ ବହନ କରି ସୁନା ଓ ରୂପାରେ ତିଆରି ନିତିଦିନିଆ ନାକ ଗହଣା ହିସାବରେ 'ଗୁପ୍‌ଗୁପ୍‌କୁବ୍'କୁ ମହିଳାମାନଙ୍କ ଭଳି ପୁରୁଷମାନେ ନାକର ଡାହାଣ ପୁଡ଼ାରେ ପିନ୍ଧିଥାନ୍ତି । ଆର୍ଥନୀତିକ ଦୃଷ୍ଟିରୁ ସୁନା ତିଆରି ଗହଣାକୁ ଧନୀ ଶ୍ରେଣୀର ଏବଂ ରୂପା ତିଆରି ଗହଣାକୁ ଗରିବ ଶ୍ରେଣୀର ଲୋକେ ପିନ୍ଧିଥାନ୍ତି । ଏହି ଗହଣା ପିନ୍ଧିଲେ ମଣିଷର ମୃତ୍ୟୁ ପରେ ପୂର୍ବପୁରୁଷମାନଙ୍କ ସହିତ ମିଶି ପାରିବାର ଦୃଢ଼ ବିଶ୍ୱାସ ଏମାନଙ୍କ ଭିତରେ ରହିଛି । ଏହା ମଧ୍ୟ ଲାଞ୍ଜିଆ ସଉରା ପୁରୁଷମାନଙ୍କର ଏକ ସାଂସ୍କୃତିକ ଚିହ୍ନ ଅଟେ । ଦଉଡ଼ି ଭଳି ମୋଡ଼ିମୋଡ଼ି ହୋଇ ସୁନା କିମ୍ବା ରୂପାରେ ତିଆରି ହୋଇଥିବାରୁ ଏହା ଚିକ୍‌ଚିକ୍ କରି ନାକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେସଙ୍ଗେ ଏକ ଶୃଙ୍ଖଳିତ ସୌନ୍ଦର୍ଯ୍ୟବୋଧର ପରିଚୟ ବହନ କରେ ।



### କାଣ୍ଟୁମ୍‌ଡ଼ାକାଡ଼୍

ଦୁଷ୍ଟ ଦେବତାଙ୍କ କବଳରୁ ମୁକ୍ତି ଓ ପୂର୍ବପୁରୁଷଙ୍କୁ ସମ୍ମାନ ଜଣାଇବା ପାଇଁ ନିଜସ୍ୱ ସଂସ୍କୃତି ସହିତ ଖାପ ଖାଇଲା ଭଳି ପିତ୍ତଳ କିମ୍ବା ରସ ଧାତୁରେ ତିଆରି ହାତର ଖଡୁ ହିସାବରେ 'କାଣ୍ଟୁମ୍‌ଡ଼ାକାଡ଼୍'କୁ ଲାଞ୍ଜିଆ ସଉରା ମହିଳାମାନେ ପିନ୍ଧିଥାନ୍ତି । ଆର୍ଥନୀତିକ ଦୃଷ୍ଟିରୁ ପିତ୍ତଳ ତିଆରି ଗହଣାକୁ ଧନୀ ଶ୍ରେଣୀର ଏବଂ ରସ ତିଆରି ଗହଣାକୁ ଗରିବ ଶ୍ରେଣୀର ଲୋକେ ପିନ୍ଧିଥାନ୍ତି । ପୂର୍ବପୁରୁଷଙ୍କ ସମ୍ମାନାର୍ଥେ ଏହି ଖଡୁରେ ବିଭିନ୍ନ ରକମର ଜ୍ୟାମିତିକ ନକ୍‌ସା ଖୋଦିତ ହୋଇଥିବାରୁ ଏହି ଅଳଙ୍କାରଟି ସୁନ୍ଦର ଦେଖାଯିବା ସଙ୍ଗେସଙ୍ଗେ ଏହାକୁ ପିନ୍ଧିବା ସମୟରେ ହାତର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ ।  ବିଭିନ୍ନ ପ୍ରକାର ପର୍ବପର୍ବାଣି ଓ ବିବାହ ଉତ୍ସବମାନଙ୍କରେ ମହିଳାମାନେ ଏ ପ୍ରକାର ଅଳଙ୍କାର ପରିଧାନ କରିବାକୁ ପସନ୍ଦ କରିଥାନ୍ତି ।

ନିକଟ ଅତୀତରେ ସଉରା ସଂପ୍ରଦାୟରେ ଏହି ଅଳଙ୍କାରଗୁଡ଼ିକର ଅତ୍ୟଧିକ ଚାହିଦା ଥିଲା । ବର୍ତ୍ତମାନ କେବଳ ବିବାହ, ପର୍ବପର୍ବାଣି, ନୃତ୍ୟଗୀତ ଓ ଅବସର ବିନୋଦନ ସମୟରେ ଏହି ପାରମ୍ପରିକ ଅଳଂକାରରେ ସଉରା ଯୁବତୀ ଓ ରମଣୀମାନେ ନିଜକୁ ସଜ୍ଜିତ କରିଥାନ୍ତି । ଅନ୍ୟ ସମୟରେ ସ୍ଥାନୀୟ ହାଟ କିମ୍ବା ବଜାରରୁ ପ୍ଲାଷ୍ଟିକ୍, କାଚ, ଆଲୁମିନିୟମ୍ ଆଦି ନକଲି ଅଳଂକାର ପରିଧାନ କରିଥାନ୍ତି । ଆଧୁନିକ ଅଳଙ୍କାର ସହଜ, ସୁଲଭ ଓ ଶସ୍ତାରେ ମିଳୁଥିବାରୁ ସଉରା ସଂପ୍ରଦାୟର ଯୁବତୀ ଓ ରମଣୀମାନେ ଏଗୁଡ଼ିକ ପ୍ରତି ବିଶେଷ ଆକୃଷ୍ଟ ହେଉଥିବା ଦେଖାଯାଉଛି । ଆଦିବାସୀ ଅଳଙ୍କାରର ଗୁରୁତ୍ୱ ରହିଥିବା ବେଳେ ଅଦ୍ୟାବଧି ସରକାରୀ ଓ ବେସରକାରୀ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରା ଯାଉନଥିବାରୁ ବହୁ ପୁରାତନ ଅଳଙ୍କାର ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲାଣି । ଭାରତୀୟ ସଂଗୀତ, ନୃତ୍ୟ ଓ ପରମ୍ପରା ଅଧ୍ୟୟନ ନିମନ୍ତେ ସଉରା ଅଳଙ୍କାର ଅତ୍ୟନ୍ତ ଉପାଦେୟ ହୋଇଥିବାରୁ ଏହାର ସଂରକ୍ଷଣ ଓ ଗବେଷଣା ଅତ୍ୟନ୍ତ ଜରୁରୀ । ନୂତନ ଚିନ୍ତାଧାରା ସଉରା ଯୁବକମାନଙ୍କ ମନରେ ପ୍ରବେଶ କରିବା ଫଳରେ ସଉରା ସଂପ୍ରଦାୟର ମୌଳିକ ସଂସ୍କୃତି, ପରମ୍ପରା, ଐତିହ୍ୟ ଧିରେଧିରେ ଲୋପ ପାଇବାକୁ ବସିଛି । ସଉରାମାନେ ଆଜିକାଲି ଉଚ୍ଚ ଶିକ୍ଷିତ ହୋଇ ସାମାଜିକ ବିକାଶ ଧାରାରେ ଅଂଶଗ୍ରହଣ କଲେଣି । ସଉରା ଜନଜାତିର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ଭିତ୍ତିଭୂମି ସୁଦୃଢ଼ । ଏହା ଓଡ଼ିଆ ସଂସ୍କୃତିର ଏକ ଅଂଶବିଶେଷ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ :ଲେଖିକା

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▲ ଲେଖିକା ଜୟନ୍ତୀ ରଥ

# ୨୫ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ରଜ / ପ୍ରଥମାଷ୍ଟମୀ / କୁଆଁର ପୂନେଇ ପୂଜବେଳେ ଚୁପ୍‌ଚାପ୍ ଆସି ଠିଆ ହୁଏ ମାଳତୀ । ଚନ୍ଦ୍ରମା, ରାଧାକୃଷ୍ଣ, ସେମାନେ ନ କହୁଣୁ ସେ ବୁଝିଯାଏ । ଏମାନେ ଆସିଥାନ୍ତି ହାତ ଉଧାରି ନେବାକୁ । ପିଲାଙ୍କ ପଇଁ ନୂଆ ଜାମାପେଣ୍ଟ କିଣିବା ପାଇଁ । ବନ୍ଧୁ ଘରକୁ ଭାର ବେଭାର ଦେବା ପାଇଁ । ବଳକା ଅର୍ଥ ଥାଉ ବା ନଥାଉ, ଏମାନଙ୍କ ଆବଶ୍ୟକତା ପୂରଣ କରିବାକୁ ହୁଏ ।

ମୁଦ୍ରା ବିଭାଗ ପାଇଁ ପ୍ରାଚୀନ ମୁଦ୍ରା କିଣାଯାଏ । ସେଥିପାଇଁ ମଝିରେ ମଝିରେ ବିଭିନ୍ନ ବର୍ଗର ବ୍ୟକ୍ତି ଆସନ୍ତି । କଲେଜ ପଢୁଥିବା ପିଲା କେତେଜଣ ଜେଜେବାପା / ଜେଜେମାଆ ସଞ୍ଚୟ କରି ରଖିଥିବା ପୁରୁଣା ମୁଦ୍ରାକୁ ଧରି ଆସି ପହଞ୍ଚିଯାଆନ୍ତି ବେଳେବେଳେ କିଛି ଟଙ୍କା ପାଇବା ଆଶାରେ । ସାଙ୍ଗେ ସାଙ୍ଗେ କ୍ରୟ ମୂଲ୍ୟ ଦେବାର ବ୍ୟବସ୍ଥା ନାହିଁ ଶୁଣିଲେ ମୁହଁ ଶୁଖେଇ ଫେରିଯାଆନ୍ତି । ଥରେ ଆସିଥିଲେ ଜଣେ ନିଃସହାୟ ବୃଦ୍ଧ । ବେବି ଆଗରେ ବର୍ଣ୍ଣନା କଲେ ତାଙ୍କ ଦୁଃଖ କାହାଣୀ । ତାଙ୍କର ଦୁଇଟି ପୁଅ । ଗୋଟିଏ ପୁଅ ଦୋକାନ ଦେଇଚି । ବାହାରେ ରହେ । ଇଏ ସେଇ ଦୋକାନ ଆଡ଼କୁ ଯିବାର ଦେଖିଲେ । ପୁଅ ଦୋକାନରେ ଦୂରରୁ ସଟର୍ ପକେଇଦିଏ । ସାନପୁଅ ବୋହୂ ପାଖରେ ରହନ୍ତି । ସେମାନେ ତିନି ଚାରି ଦିନରେ ଘରୁ ବାହାରି ଯିବାକୁ ଧମକ ଦିଅନ୍ତି । ସେ ସାଙ୍ଗରେ ଆଣିଥିବା ମୁଦ୍ରା ବିକ୍ରି କରି ନଗଦ କିଛି ଟଙ୍କା ନେଲେ ସାନପୁଅ ହାତରେ ଦେବେ । ନହେଲେ ପୁଅ ତାଙ୍କୁ ଘରୁ ତଡ଼ିଦେବ । ତାଙ୍କ ବିକଳ ଅବସ୍ଥା ଦେଖି ବେବିର ମନ ତରଳି ଯାଇଥିଲା । ନିୟମ ବାହାରକୁ ଯାଇ ସେ ବୁଢ଼ାଟିର ପକ୍ଷ ନେଇ ଅଧୀକ୍ଷକଙ୍କୁ ଅନୁରୋଧ କରିଥିଲା । ଅଧୀକ୍ଷକ ବୁଝିଲେ । ସେ ଆଣିଥିବା ମୁଦ୍ରା ପାଇଁ କିଛି ଅଗ୍ରୀମ ଦେୟ ଦେବାର ବ୍ୟବସ୍ଥା କରିଥିଲେ । ଶତ ଆଶୀର୍ବାଦ ଦେଇ ସେଦିନ ସେ ବାହୁଡ଼ି ଯାଇଥିଲେ ତାଙ୍କ ତଥାକଥିତ ଘରକୁ ଯେଉଁଠି ପ୍ରତି ମୁହୂର୍ତ୍ତରେ ବିପନ୍ନ ତାଙ୍କର ସ୍ମୃତି ।

ଆଉଥରେ ଜଣେ ରିକ୍ସାବାଲା ଆସିଥିଲା । ତା'ର ପୈତୃକ ଘର ବିଶାଖାପାଟଣାରେ । ପୁଅ, ବୋହୂ, ଝିଅ, ଜ୍ୱାଇଁ, ସ୍ତ୍ରୀ ସମସ୍ତଙ୍କ ସହ ସେ ରହୁଥିଲା କଟକରେ । ତା' ନାଁ ୱାଇ. ଲକ୍ଷ୍ମଣ । ଭଲରେ ଓଡ଼ିଆ କହିପାରେନା । ବିଶାଖାପାଟଣା ତା' ଭଙ୍ଗା ଘର ଡିହରୁ ବାହାରିଥିଲା କେତୋଟି ମୁସଲମାନ ଶାସକଙ୍କ ମୁଦ୍ରା । ଲୋକଟି କିଛି ବର୍ଷ ବାରଣାସୀରେ ରିକ୍ସା ଚଳାଉଥିଲା । ବିଦେଶୀ ପର୍ଯ୍ୟଟକ ତାକୁ ସେମାନଙ୍କ ଦେଶର ମୁଦ୍ରା ଉପହାର ସ୍ୱରୂପ ଦେଉଥିଲେ । ସେସବୁ ସେ ଅମୂଲ୍ୟ ନିଧି ପରି ସାଇତି ରଖିଥିଲା । ଘର ତଳୁ ମିଳିଥିବା ମୁଦ୍ରାକୁ ବେବି ହାତରେ ଦେଲାବେଳେ ସେ ତା'ର ଯେଉଁ ଠିକଣା ଦେଉଥିଲା, ସେଇ ଠିକଣାରେ ମୁଦ୍ରା ମୂଲ୍ୟାୟନ କଲା ପରେ ବେବି ଯୋଗାଯୋଗ କରିବାକୁ ଚେଷ୍ଟା କଲା । ରିକ୍ସାବାଲା ଠିକଣାରେ ଚିଠି । ତାର ସହକର୍ମୀମାନେ ହସିଥିଲେ । ଚିଠିର ଉତ୍ତର ଆସିଲା ନାହିଁ । ମାତ୍ର ଚିଠି ଯିବାର କେତେଦିନ ପରେ କେବେ ଖରାବେଳେ ତ କେବେ ରାତିରେ ଅଲଗା ଅଲଗା ଫୋନ ନମ୍ବରରୁ ଲୋକଟି ତା' ପାଖକୁ ଫୋନ୍ କରୁଥିଲା । କହୁଥିଲା, "ମାଆ, ମୁଁ ନଗଲେ ଆଉ କାହାକୁ ସେ ଟଙ୍କା ଦେବନି । କିଏ ମୋ ପୁଅ ବୋଲି କହିବ- କିଏ ଜ୍ୱାଇଁ ବୋଲି କହିବ...ମୋତେ ଲକ୍ଷେ ଟଙ୍କା ଦେବେ । ହେଲା ?" ସେ ମଦ ନିଶାରେ ସେଇ କଥା କହୁଥିଲା ବୋଲି ବୁଝି ପାରୁଥିଲା ବେବି । ଅବଶେଷରେ ତା' ହାତରୁ ଆଠହଜାର ଟଙ୍କା ନେଇ ଯେତେବେଳେ ଗଲା, ସେତେବେଳେ ଗୋଡ଼ ଧରି ମୁଣ୍ଡିଆ ମାରି କହିଲା- "ମାଆ ତୁ ଲକ୍ଷ୍ମୀ । ଜୀବନଟା ଯାକ ରିକ୍ସା ବୋହିଲି । କେବେ ଏକାଠି ଏତେ ଟଙ୍କା ହାତରେ ଧରି ନଥିଲି । ଆଜି ତୁ ଦେଲୁ ।" ଟଙ୍କାକୁ ନେଇ ମୁଣ୍ଡରେ ଛୁଆଁଇଲା ବେଳେ ତା ଆଖି କୋଣରେ ଲୁହ ଜକେଇ ଆସୁଥିଲା ।

ଆଉ ଥରେ ଆସିଥିଲେ ଜଣେ ବ୍ରିଗେଡ଼ିୟରଙ୍କ ସ୍ତ୍ରୀ । ମଳିନ ବେଶ ପୋଷାକ । ମାନସିକ ଭାରସାମ୍ୟ ନଥିଲା । କଥାବାର୍ତ୍ତା ଅସଂଲଗ୍ନ ଥିଲା । ସେ ଆଣିଥିବା ମୁଦ୍ରା ବହୁଳ ପରିମାଣରେ ସଂରକ୍ଷିତ ଥିଲା । ସଂଗ୍ରହାଳୟର କଏନ୍ କ୍ୟାବିନେଟ୍‌ରେ । ତେଣୁ ତାଙ୍କ ଠୁ ମୁଦ୍ରା କିଣିବାର ପ୍ରଶ୍ନ ହିଁ ନଥିଲା । ସେ ନଛୋଡ଼ବନ୍ଧା । କିଛି ନୀତିନିୟମ ଶୁଣିବାକୁ ନାରାଜ । ଫିଫ୍‌ଟି ପରସେଣ୍ଟ କମିଶନ ଦେବି ଆପଣଙ୍କୁ - ଆପଣ ଏଇ ମୁଦ୍ରା ରଖି ମୋତେ କିଛି ଟଙ୍କା ଦିଅନ୍ତୁ । ନାହିଁ କରିବା ପରେ ଧମକ ଦେଲେ: "ମୁଁ ଆପଣଙ୍କ ନିର୍ଦ୍ଦେଶକଙ୍କ ପାଖକୁ ଯିବି । ସଚିବଙ୍କ ପାଖକୁ ଯିବି । ଦେଖିବି କେମିତି ରଖିବେନି ।"

ଦୁଇଘଣ୍ଟା ପରେ ଫେରି ଆସିଲେ । କ୍ଲାନ୍ତ, ଶ୍ରାନ୍ତ ଦେହ । ହତାଶ ମୁହଁ । ସେ କେଉଁ ସଚିବ କି ନିର୍ଦ୍ଦେଶକଙ୍କ ପାଖକୁ ଯାଇ ନଥିଲେ । ମ୍ୟୁଜିୟମର ଗ୍ୟାଲେରୀ ଭିତରେ ବୁଲୁଥିଲେ । ତାଙ୍କୁ ଅଟୋରେ ନେଇ ଆସିଥିବା ଲୋକଟି ଗେଟ୍ ଭିତରକୁ ଆସି ପାଟି କରୁଥିଲା ତାର ପାଉଣା ପାଇବା ଲାଗି । ସକାଳ ନଅଟାରୁ ଗୋଟାଏ ଯାଏଁ ତା' ଅଟୋରେ ବୁଲୁଥିଲେ ଏଇ ଭଦ୍ର ମହିଳା ଏଠୁ ସେଠିକି- ସେଠୁ

ଏଠିକି । ମ୍ୟୁଜିୟମରେ ପଶିଲା ବେଳକୁ ତାକୁ କହି ଆସିଥିଲେ: "ଏଠୁ ମୋର ବହୁତ ଟଙ୍କା ପାଇବାର ଅଛି । ଆଣିଲେ ଦେବି ।"

କି ବିଚିତ୍ର ପରିସ୍ଥିତି । ଅଟୋବାଲାକୁ ଶାନ୍ତ କରିବା ପାଇଁ ବେବି ଅଗତ୍ୟା ଜଣେ ଗ୍ୟାଲେରୀ ଆଟେଣ୍ଡାଣ୍ଟ୍ ହାତରେ ୧୫୦୦ ପଠେଇଥିଲା ତା' ପର୍ସରୁ କାଢ଼ି ।

ଏକଦା ଆଡ଼ମ୍ବରରେ ଥିବା ଏବଂ ଅଜ୍ଞାତ କାରଣରୁ କ୍ରମଶଃ ନିଷ୍ପ୍ରଭ ହୋଇ ଆସୁଥିବା ଗୋଟିଏ ଜୀବନ ଏବେ ବି ଭାସି ଉଠେ ବେବିର ଆଖି ସାମ୍ନାରେ ବେଳ ଅବେଳରେ । କାହିଁକି ଏମିତି ବିପର୍ଯ୍ୟସ୍ତ ହୋଇଗଲା ତାଙ୍କ ଜୀବନ । ତାଙ୍କ ବେକରେ ଝୁଲୁଥିବା ପରିଚୟ ପତ୍ରରେ କେତେ ସୁନ୍ଦର ଦିଶୁଥିଲେ ସେ ।

ଜଣେ ଆସୁଥିଲେ ଦିବ୍ୟାଙ୍ଗ ମଣିଷ । ବାଣପୁରରୁ । ନାଁ ତାଙ୍କର ମନମୋହନ ମହାପାତ୍ର । ପୈତୃକ ସଂପତ୍ତି ଆଠ/ଦଶ ଏକର ଜମି । ସେଥିରୁ ଖଣ୍ଡିଏ ଖଣ୍ଡିଏ ବିକ୍ରି କରି ଛାପନ୍ତି ସଂସ୍କୃତି ଓ ସାହିତ୍ୟ ଭିତ୍ତିକ ପତ୍ରିକା । ପ୍ରାଚୀନ ଐତିହ୍ୟର ସୁରକ୍ଷା ପାଇଁ ପ୍ରାଣପାତ ଉଦ୍ୟମ । ଟ୍ରେନ୍‌ରୁ ଓହ୍ଲେଇ ଷ୍ଟେସନରୁ ସଂଗ୍ରହାଳୟ ପର୍ଯ୍ୟନ୍ତ ଛୋଟେଇ ଛୋଟେଇ ଚାଲିଆସନ୍ତି ଖରା/ବର୍ଷା ନ ମାନି । ମଳିନ ବେଶ ପୋଷାକ । ଅଖଂଜ ଦେହ । ଭୋକଶୋଷ ଭୁଲି ଯାଆନ୍ତି । ପଥ କ୍ଲାନ୍ତି ତାଙ୍କୁ ଅଟକେଇ ପାରନା, ଖବରକାଗଜରେ କେଉଁଠି ମାଟିତଳୁ ପ୍ରାଚୀନ ମୂର୍ତ୍ତି, ମୁଦ୍ରା ବା ଶିଳାଲେଖ ମିଳେ ତ ଖବର ପାଇବା ମାତ୍ରେ ତାଙ୍କ ଆଖିରୁ ନିଦ ହଜିଯାଏ । ଇତିହାସର ସେଇ ସନ୍ତକରୁ କିଛି ନୂଆ ତଥ୍ୟ ମିଳିବ କି ? ନୂତନ ଆଲୋକ ଉଦ୍‌ଘାଟିତ ହେବ କି ? ଅଦ୍‌ଭୂତ ତାଙ୍କର ଜିଜ୍ଞାସା । ତାଙ୍କର କୁତୂହଳ । ନିଜର ବ୍ୟକ୍ତିଗତ ସ୍ୱପ୍ନ କିଛି ନାହିଁ । ସେ ସ୍ୱପ୍ନ ଦେଖନ୍ତି ଓଡ଼ିଆ ଜାତି ପାଇଁ ।

ମାଟିତଳୁ ଆବିଷ୍କୃତ ପ୍ରାଚୀନ କୁଶାଣ ମୁଦ୍ରାକୁ ଜଣେ ବ୍ରିଟିଶ୍ ଅଧିକାରୀଙ୍କ ସ୍ତ୍ରୀ ବ୍ରେସ୍‌ଲେଟ୍ କରି ପିନ୍ଧିଥିବା ଶୁଣିଥିଲା ସେ । ଅସ୍ପୃଶ୍ୟ ଲୋକ ଛୁଇଁଥିଲା ବୋଲି ଜଣେ ପଣ୍ଡିତ ବହୁ ମୂଲ୍ୟବାନ ତାମ୍ରପତ୍ର ପୋଡ଼ି ଦେଇଥିଲେ । ମାଟି ତଳୁ ମିଳିଥିବା ପ୍ରତ୍ନସଂପଦ ଲୋକଲୋଚନକୁ ଆସେ ନାହିଁ । ବସ୍ତୁଲୋଭ ପାଖରେ ଐତିହ୍ୟ ସଂରକ୍ଷଣର ଆଦର୍ଶ ତୁଚ୍ଛ ହୋଇଯାଏ ।

ଅଥଚ ମନମୋହନ !

ଶିଳାଲେଖର ଅକ୍ଷର । ପୋଥିର ଅକ୍ଷର, କାଗଜର ଅକ୍ଷର– ଅକ୍ଷରକୁ ନେଇ ବିତିଯାଏ ତାଙ୍କର ସମୟ । କେତେ କାହାର ଅବଜ୍ଞା, ଉପହାସ, ହେୟଜ୍ଞାନ । ଲୋକଟା ହାତରୁ ଖାଇ ଘୋଡ଼ା ଆଗରେ ନାଚୁଛି ଭଳି ଅନୁଦାର ଟିପ୍‌ପଣୀ । କିଛି ସେ ଗ୍ରାହ୍ୟ କରନ୍ତି ନାହିଁ ।

ସର୍ବସ୍ୱ ବିନିମୟରେ ଯେଉଁ ମଣିଷଟି ଏ ଜାତିର ଐତିହ୍ୟର ପୁନରୁଦ୍ଧାର କରିବା ପାଇଁ ତତ୍‌ପର, ତା'ର ନିଷ୍ଠା, ଆନ୍ତରିକତାକୁ ଏ ଜାତି କଣ ସତରେ ମୂଲ୍ୟ ଦେବ ! ଇତିହାସର ପୁନର୍ଲିଖନ ବେଳେ କେହି କ'ଣ ତାଙ୍କ ନାମ ସ୍ମରଣ କରିବ ?

ନା– ଶତ ପ୍ରତିଶତ ନା । କେହି ସହୃଦୟ ପାଠକ ଯଦି ଏଇ ଲେଖା ପଢ଼ି ତାଙ୍କୁ ଆନ୍ତରିକ, ସଶ୍ରଦ୍ଧ ପ୍ରଣାମ କରନ୍ତି, ସେଇ ହେବ ତାଙ୍କ ପାଇଁ ଶ୍ରେଷ୍ଠ ସ୍ୱୀକୃତି ।

ଘର ଭଡ଼ାରେ ଲାଗିବ । ଅର୍ଥ ଆଗମର ସୁନିଶ୍ଚିତ ବ୍ୟବସ୍ଥା ହେବ । ପରଲୋକଗତ ପିତା ଜ୍ଞାନୀ ଥିଲେ । ବାଗ୍ମୀ ଥିଲେ । ବର୍ଷବର୍ଷ ଧରି ସାହିତ୍ୟ, ସଂସ୍କୃତି, ଧର୍ମ, ପରଂପରା ଉପରେ ବହୁ ପତ୍ରପତ୍ରିକା, ପୁସ୍ତକ ସାଇତି ସଂପାଦି ରଖିଥିଲେ । ତାଙ୍କ ମୃତ୍ୟୁ ପରେ ସେଇ ପତ୍ରିକା / ପୁସ୍ତକ ସବୁକୁ ଅନାବଶ୍ୟକ, ଅପାଂକ୍ତେୟ ମଣିଥିଲେ ତାଙ୍କର ପୁତ୍ର । ବର୍ଷଣମୁଖର ରାତିରେ ରାଜରାସ୍ତା ଉପରେ ଆବର୍ଜନା ଭଳି ଫୋପାଡ଼ି ଦେଇଥିଲେ ଶହ ଶହ ମୂଲ୍ୟବାନ ପୁସ୍ତକ ।

ଏଭଳି ଦୁର୍ଭାଗ୍ୟଜନକ ଘଟଣା ବି ପ୍ରତ୍ୟକ୍ଷ କରିଛି ବେବି । ବିଳମ୍ବିତ ରାତିରେ ଗାଡ଼ି ନେଇ ରାସ୍ତା ଉପରୁ ବହି ଉଠେଇ ଆଣି ସଂଗ୍ରହାଳୟ ଲାଇବ୍ରେରୀରେ ରଖିଲା ବେଳେ ସେ ମନେ ପକେଇଛି ମନମୋହନଙ୍କୁ । ମନମୋହନ କୌଣସି ଜ୍ଞାନୀଗୁଣୀ ମଣିଷର ଉତ୍ତରାଧିକାରୀ ନଥିଲେ । ଅକ୍ଷର ପ୍ରତି ଦୁର୍ବାର ଆକର୍ଷଣ ତାଙ୍କର ଆସିଲା କେଉଁଠୁ ?

ଇତିହାସ ଭିତରେ ବଞ୍ଚୁଥିବା ଆଉ ଜଣେ କୃତବିଦ୍ୟ ମଣିଷଙ୍କୁ ଖୁବ୍ ନିକଟରୁ ଦେଖିବାର ଓ ତାଙ୍କ ସହ ମିଶିବାର ସୁଯୋଗ ପାଇଥିଲା ବେବି । ବୃତ୍ତି ଥିଲା ତାଙ୍କର ଇତିହାସ ଅଧ୍ୟାପନା । ରୁଚି ଅଧ୍ୟୟନ । ଲିଖନ । ଚାକିରିରେ ଥିଲାବେଳେ ପ୍ରତି ରବିବାର ଆସନ୍ତି ସଂଗ୍ରହାଳୟ ଲାଇବ୍ରେରୀକୁ ପଢ଼ିବା ପାଇଁ । ସେବା ନିବୃତ୍ତ ହେବା ପରେ ପ୍ରାୟ ପ୍ରତିଦିନ ଆସନ୍ତି । ରାଜ୍ୟ ଅଭିଲେଖାଗାର, ରାଜ୍ୟ ଗନ୍ଥାଗାର, କେଦାରନାଥ ଗବେଷଣା ପ୍ରତିଷ୍ଠାନ, କନିକା ଲାଇବ୍ରେରୀ– ଏସବୁ ତାଙ୍କର ନିତ୍ୟ ବିହାରସ୍ଥଳ । ପ୍ରଫେସର ଡକ୍ଟର କୈଳାସ ଚନ୍ଦ୍ର ଦାଶ । ଝୁଲାବ୍ୟାଗ୍ ଖଣ୍ଡେ କାନ୍ଧରେ ପକେଇ ଚାଲୁଥାନ୍ତି ଭୁବନେଶ୍ୱରର ଏ ମୁଣ୍ଡରୁ ସେ ମୁଣ୍ଡ । ପଢ଼ା ସରିଲେ ସାହିତ୍ୟସଭା, ସାଂସ୍କୃତିକ ସଭାରେ ଯୋଗ ଦିଅନ୍ତି । ରବୀନ୍ଦ୍ର ମଣ୍ଡପ, ଜୟଦେବ ଭବନ, ରୋଟାରୀ ଭବନ, ଲୋହିଆ ଇତ୍ୟାଦି ସ୍ଥାନରେ । ଜ୍ଞାନ ଆହରଣ ନିମନ୍ତେ ଅପରିସୀମ ଆଗ୍ରହ । ଜିଜ୍ଞାସାର ଅନ୍ତ ନାହିଁ । ସମାଜ ସଂସ୍କାରକ ଜୟମଙ୍ଗଳ ପଣ୍ଡା, ବୈରାଗୀ ମିଶ୍ରଙ୍କ ଜୀବନ ଓ କୃତିକୁ ନେଇ ସେ ରଚନା କରିଥିବା ବହି ଦୁଇଟି ଓଡ଼ିଆ ସାହିତ୍ୟ ଓ ଇତିହାସର ଅମୂଲ୍ୟ ଗ୍ରନ୍ଥ । 'ଆଞ୍ଚଳିକ ଇତିହାସ ଓ ଜନଶ୍ରୁତି', 'ଓଡ଼ିଶା ବାହାରେ ଓଡ଼ିଆ ଜାଗୃତି', 'ନବଜାଗୃତିର ଅନନ୍ୟ ସାରଥୀ କୃପାସିନ୍ଧୁ ନରେନ୍ଦ୍ର ଦେବ'– ଏଇ ଗ୍ରନ୍ଥ ସବୁ ତାଙ୍କ ନିଷ୍ଠାପର ଗବେଷଣାର ଫଳଶ୍ରୁତି । ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ ଓଡ଼ିଶାର ସବୁ ଉଲ୍ଲେଖଯୋଗ୍ୟ ଘଟଣା ତାଙ୍କର ମୁହେଁ ମୁହେଁ । ବହୁ ମହା ବିଦ୍ୟାଳୟର ଆଲୋଚନାଚକ୍ରରେ ସଂସ୍କୃତି ଓ ଇତିହାସ ଉପରେ ମୁଖ୍ୟବକ୍ତା ଭାବେ ଯୋଗ ଦେବାକୁ ସେ ଆମନ୍ତ୍ରଣ ପାଆନ୍ତି । ଉଭୟ ଇଂରାଜୀ ଓ ଓଡ଼ିଆରେ ଅନର୍ଗଳ ଭାଷଣ ଦେଇପାରନ୍ତି ଡ.ଦାଶ । ଓଡ଼ିଶାର ଇତିହାସକୁ ନେଇ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ, ଗବେଷଣାଧର୍ମୀ ନିବନ୍ଧ ଦେଶବିଦେଶର ବହୁ ଉଚ୍ଚକୋଟୀର ଜର୍ଣ୍ଣାଲରେ ପ୍ରକାଶିତ । ବାଲ୍ୟକାଳରୁ ମାତୃସ୍ନେହରୁ ବଞ୍ଚିତ ଡ.ଦାଶ୍ ଯେପରି ବିଦ୍ୟାଦାତ୍ରୀ ବାଗ୍‌ଦେବୀଙ୍କର କରୁଣାପ୍ରାପ୍ତ– ଏହି ଧାରଣା ହୁଏ ତାଙ୍କ ଭାଷଣ ଶୁଣିଲେ, ତାଙ୍କ ରଚନା ପାଠ କଲେ ।

ସ୍ୱାଭିମାନୀ ମଣିଷ । ହାସ୍ୟପ୍ରିୟ ମଣିଷ । ଲାଇବ୍ରେରୀରେ ପଢ଼ିଲା ବେଳେ କେବେ ଏକୁଟିଆ ଚା' ପିଅନ୍ତି ନାହିଁ । ତାଙ୍କ ପାଇଁ ଚା' ଆସେ ତ ସାଙ୍ଗରେ ଆଉ ପାଞ୍ଚ/ଛଅ ଜଣ ନିଶ୍ଚୟ ପିଅନ୍ତି । ଚା' ପିଇଲା ବେଳେ ଗପ ଜମେ । ରାଜନୀତି / ସାହିତ୍ୟ / କଳାର ପ୍ରସଙ୍ଗ ନେଇ ଆଲୋଚନା ହୁଏ । ଡ. ଦାଶ୍ ଜ୍ୟୋତିର୍ବିଦ୍ୟାରେ ଧୂରୀଣ । ଫଳିତ ଜ୍ୟୋତିଷରେ ତାଙ୍କ ଗଣନା ଅଭ୍ରାନ୍ତ ।

୨୦୧୨ ମେ, ୧୪ ଥିଲା ବୋଉର ଶେଷଦିନ । ଡ. ଦାଶ ମେ ୧୦, ତାରିଖରେ ଭବିଷ୍ୟବାଣୀ କରିଥିଲେ । ସଂକ୍ରାନ୍ତି ଯାଇ ସାରୁ ତା'ପରେ ଆପଣ ପଚାରିବେ ଠିକ୍ ତିନିଦିନ ପରେ ବୋଉ ଆଖି ବୁଜିଥିଲା । ଆଉ ପଚାରିବା ଆବଶ୍ୟକ ପଡ଼ିଲା ନାହିଁ ।

ଠିକ୍ ଏମିତି ଘଟିଥିଲା ୪୮ ବର୍ଷ ପୂର୍ବେ । ଜଣେ ବିଖ୍ୟାତ ଜ୍ୟୋତିଷ ବାପାଙ୍କ କୋଷ୍ଠୀ ଗଣନା କରି କହିଥିଲେ ବାହୁଡ଼ା ଏକାଦଶୀ ଯାଇ ସାରୁ । ଯାହା ଭଲମନ୍ଦ କହିବି । ବାହୁଡ଼ା ଏକାଦଶୀ ପ୍ରତ୍ୟୁଷରେ ହିଁ ବାପା ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଏବେ ବୋଉ ଚାଲିଯିବାର ଦଶବର୍ଷ ପରେ ବି ବେବିର ମନରେ ଅନୁଶୋଚନା ହୁଏ ଯେ, ଡ. ଦାଶଙ୍କ କଥା ଅନୁସାରେ ଚାରିଟି ଦିନ ମାତ୍ର, ସେ ବୋଉ ପାଖରେ ଜଗି ବସିଥାଆନ୍ତା କି !

ଛୁଟିଦିନମାନଙ୍କରେ ଲାଇବ୍ରେରୀ ବନ୍ଦ । ଘରେ ଗଦା ଗଦା ବହି ଘେର ଭିତରେ ବସି ରହନ୍ତି ଡ. ଦାଶ । ତାଙ୍କ କମ୍ପ୍ୟୁଟରରେ ସହସ୍ରାଧିକ ଡାଟା । ପ୍ରଚୁର ବହି ଓ ପତ୍ରିକା କିଣନ୍ତି । ବହିପଢ଼ା / ପ୍ରବନ୍ଧ ଲେଖାରେ ବିତିଯାଏ ତାଙ୍କ ସମୟ । ଏକେଲା ପଢ଼ା ତାଙ୍କୁ ଦାବି ଦିଏ ନାହିଁ । ତାଙ୍କ ପଥ ରୋକେ ନାହିଁ ।



# ପୋବିତୋରାର ପୁଲକ

## ପୋବିତୋରା ବନ୍ୟଜନ୍ତୁ ସଂରକ୍ଷଣ ଅଭୟାରଣ୍ୟ

ଭାରତର ୫୬୫(ପାଞ୍ଚଶହ ପଞ୍ଚଷଠି) ୱାଇଲ୍‌ଡ୍ ଲାଇଫ୍ ସାଙ୍କ୍‌ଚୁରି ବା ବନ୍ୟଜନ୍ତୁ ସଂରକ୍ଷଣ ଉଦ୍ୟାନ ଅଛି । ତନ୍ମଧ୍ୟରୁ ଆସାମର କାଜିରଙ୍ଗା ୱାଇଲ୍‌ଡ୍ ଲାଇଫ୍ ସାଙ୍କ୍‌ଚୁରି ଗୋଟେ ଶିଙ୍ଘବାଲା ରାଇନୋ ପାଇଁ ପୃଥିବୀ ପ୍ରସିଦ୍ଧ । ଗୋଟେ ଶିଙ୍ଘ ବାଲା ରାଇନୋକୁ ଦେଖିବା ପାଇଁ ପୃଥିବୀର ସବୁଠୁ ବେଶୀ ଗୋଟେ ଶିଙ୍ଘ ବାଲା ରାଇନୋ ବା ଗଣ୍ଡା ସେଇ ଆସାମର ପୋବିତୋରା ବନ୍ୟଜନ୍ତୁ ସଂରକ୍ଷଣ ଅଭୟାରଣ୍ୟରେ ରହୁଛନ୍ତି । ସର୍ବମୋଟ ଏଠି ୧୦୨ (ଏକଶହ ଦୁଇ) ଗୋଟେ ଶିଙ୍ଘ ବାଲା ରାଇନୋ ଅଛନ୍ତି । ସାଧାରଣ ପର୍ଯ୍ୟଟକ ଯାହା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ।

ଆମେ ଆମର ମେଘାଳୟ ଟ୍ରିପ୍ ସାରି ଆମର ପାରିବାରିକ ଆସାମିଜ ବନ୍ଧୁ ଅସୀମ ଦତ୍ତଙ୍କ ଘରେ ଗୌହାଟିରେ ଥାଉ । ଅରୁଣାଂଚଳର ତୱାଙ୍ଗ ଯିବାର ପ୍ଲାନ୍ ଥାଏ । ପ୍ରବଳ ତୋଫାନ ସହ ରାସ୍ତା ବିପଦ ଶଙ୍କୁଳ ଯୋଗୁଁ ପ୍ଲାନ କ୍ୟାନ୍‌ସଲ୍ ହେଲା । ତା ପରଦିନ ଦତ୍ତ ଭାଇନା କହିଲେ, "ଚାଲନ୍ତୁ ପୋବିତୋରା ୱାଇଲ୍‌ଡ୍ ଲାଇଫ୍ ସାଙ୍କ୍‌ଚୁରି ଯିବା ।" ଗୌହାଟିରୁ ଜମା ୩୫ କିଲୋମିଟର, ଦେଢ଼ ଘଣ୍ଟାର ରାସ୍ତା । ତେଣୁ ସେମିତି ବିଶେଷ କିଛି ପ୍ରସ୍ତୁତି କରିବାକୁ ପଡ଼ିଲାନି । ଦତ୍ତ ଭାଇନାଙ୍କ ଗାଡ଼ିରେ ଆମେ ଦୁଇ ପରିବାର ବାହାରି ପଡ଼ିଲୁ ସକାଳ ଜଳଖିଆ ଖାଇ । ପୋବିତୋରା ୱାଇଲ୍‌ଡ୍ ଲାଇଫ୍ ସାଙ୍କ୍‌ଚୁରି ମୋରିଗାଁଓ ଜିଲ୍ଲାରେ । ରାସ୍ତାରେ ପଡ଼ିଲା 'ମାୟୋଙ୍ଗ' ଗାଁ । ଯାହା ବ୍ଲାକ ମ୍ୟାଜିକ ବା କଳା ଯାଦୁ ପାଇଁ ପ୍ରସିଦ୍ଧ । କାଉଁରୀ କାମାକ୍ଷା ପୀଠର ଯୋଉଁ କଳା ଯାଦୁ କଥା ଆମେ ଶୁଣିଥାଉ ତାର ଉତ୍ପତ୍ତି ଏବଂ ବ୍ୟାପ୍ତି ଏହି ଗାଁରୁ । ଏବେ ମଧ୍ୟ କଳା ଯାଦୁର ପ୍ରାଦୁର୍ଭାବ ସେଠି ଅଧିକ । ତେଣୁ ଏବେ ମଧ୍ୟ ଲୋକ ସେ ରାସ୍ତା ଦେଇ ଯିବାକୁ ଡରନ୍ତି । ମିସେସ୍ ଦତ୍ତା ଏକଥା କହିଲା ବେଳେ ଆମକୁ ମଧ୍ୟ ଡର ଲାଗୁଥିଲା । ତେଣୁ ଶୀଘ୍ର ଶୀଘ୍ର ସେ ଗାଁ କ୍ରସ୍ କରିଗଲୁ । ତାପରେ କେବଳ ଆସାମର ପାର୍ବତୀୟ ସୌନ୍ଦର୍ଯ୍ୟରେ ବିଭୋର ହେବାର ସମୟ । ରାସ୍ତା ଦୁଇପଟେ ପାହାଡ଼ । ପାହାଡ଼ ଦେହରେ ଥାକଥାକ ସପୁରି ଆଉ ଚା ବଗିଚା । ତା ସାଙ୍ଗକୁ ବଡ଼ ବଡ଼ ପାଇନ୍ ଗଛ । ଲାଗୁଥିବ ଏ ରାସ୍ତା ନସରନ୍ତା କି ଜମା । ଗୋଟେ ଗଭୀର ନଦୀ ଉପରେ ହରିଦ୍ୱାରର ଲଖମଣ ଝୁଲା ପରି ବିରାଟ ଏକ ଲୁହାର ପୋଲ । ଦୁଇ ପାହାଡ଼ରୁ ସଂଯୋଗ କରିଛି ।





▶ଲେଖିକା ଲକ୍ଷ୍ମୀପ୍ରିୟା ଓଝା


**ଲକ୍ଷ୍ମୀପ୍ରିୟା ଓଝା**

ସିଦ୍ଧେଶ୍ୱର ପୁର, କଟକ-୭୫୪୧୦୦

ଫୋନ : ୭୪୯୦୯୯୬୮୬୫


ଫଟୋ ସୌଜନ୍ୟ : ଲେଖିକା


ରାସ୍ତାର ସୌନ୍ଦର୍ଯ୍ୟକୁ ଉପଭୋଗ କରୁ କରୁ ଆମେ ପହଞ୍ଚି ସାରିଥିଲୁ ପୋବିତୋରା ୱାଇଲଡ୍ ଲାଇଫ୍ ସାଙ୍କଚୁରିରେ । ଯାତ୍ରା ଜନିତ କ୍ଳାନ୍ତି ଟିକିଏ ବି ନଥିଲା ଦେହରେ, ମନରେ । ତଥାପି ଗାଡ଼ି ପାର୍କ କରି ଅଭ୍ୟାସ ବଶତଃ ପାଖରେ ଥିବା ଏକମାତ୍ର ଚା' ଦୋକାନରେ ଚା' ଅର୍ଡ଼ର ଦେଇ ଇନ୍‌କ୍ୱାରୀ ଆରମ୍ଭ କରିଦେଲୁ । ଚା' ତିଆରି ସରିଲା ବେଳକୁ ଆମ ଇନ୍‌କ୍ୱାରୀ ମଧ୍ୟ ସରି ଯାଇଥିଲା । ଆସାମ ଚା' ପାଇଁ ପ୍ରସିଦ୍ଧ ରାଜ୍ୟ । କିନ୍ତୁ ଏଠି ଦୋକାନୀ ଚା' ବହୁତ ଖରାପ ତିଆରି କରିଥିଲା । ମନ ଖଟା ହେଇଗଲା । ଭାରତରେ ପ୍ରାୟ ସବୁ କମ ଜଣାଶୁଣା ପର୍ଯ୍ୟଟନ ସ୍ଥଳର ଅବସ୍ଥା ଏମିତି । ଭଲ ହାଇଜିନିକ୍ ଖାଦ୍ୟ ମିଳେନି ।

ଆମ ଇନକ୍ୱାରୀରୁ ଯାହା ଜାଣିଲୁ ସକାଳ ୬ ଏବଂ ୭ଟାରେ ଦୁଇଥର ଏଲିଫାଣ୍ଟ ସଫାରୀ ହୁଏ । ଜଣକା ୪୫୦ଟଙ୍କା । ଗୋଟେ ହାତୀ ଉପରେ ଦୁଇରୁ ତିନିଜଣ ବସି ଜଙ୍ଗଲ ଭିତରେ ଘଣ୍ଟାଏ ବୁଲି ପାରିବେ । ତାପରେ କେବଳ ଜିପ୍ ସଫାରୀ । ଯେହେତୁ ଆମ ଦିନ ଗୋଟାଏରେ ପହଂଚିଥିଲୁ ତେଣୁ ତାହା ସମ୍ଭବ ନୁହେଁ । ସକାଳ ୭ରୁ ସନ୍ଧ୍ୟା ୩. ୩୦ଟା ଯାଏଁ ଜିପ ସଫାରୀ ଥାଏ । ପ୍ରାଇଭେଟ୍ ଜିପ୍ ପିଛା ୧୦୦୦ଟଙ୍କା । ସର୍ବାଧିକ ୬ଜଣ ବସି ପାରିବେ । ଆଗରେ ଡ୍ରାଇଭର ସହ ଜଣେ ଫରେଷ୍ଟ ଗାର୍ଡ଼ ମଧ୍ୟ ବସିବ ଯାହା ବାଧ୍ୟତାମୂଳକ । ତା ସହ ଫରେଷ୍ଟ ଡିପାର୍ଟମେଣ୍ଟକୁ ଜଣଙ୍କ ପିଛା ୫୦ଟଙ୍କା, କ୍ୟାମେରା ୫୦ ଏବଂ ଟୋଲ୍ ଗେଟ୍ ପାଇଁ ୩୦୦ଟଙ୍କା ଦେବାକୁ ପଡ଼େ । ଏମିତି ସମୁଦାୟ ୧୬୦୦ଟଙ୍କା ଦେଇ ସମସ୍ତ ଧାର୍ଯ୍ୟ ଚୁକ୍ତି କରି ଆମେ ଜିପ୍‌ରେ ବସିଲୁ । ଷ୍ଟାଫ୍‌ମାନେ ବହୁତ ସହଯୋଗୀ । ବେଶୀ ଲୋକ ଜାଣି ନଥିବାରୁ ଭିଡ଼ଗହଳି ନାହିଁ ଏଠି । ବ୍ରହ୍ମପୁତ୍ର ନଦୀରେ ବୋଟିଂ କରିବାର ବି ସୁବିଧା ଅଛି । ଆମକୁ ସମୟ ନଥିବାରୁ ଆମେ ସେଆଡ଼େ ଗଲୁନି । ଜଙ୍ଗଲ ଭିତରେ ନିଜ ଗାଡ଼ି ବା ଚାଲିଚାଲି ଯିବା ମନା । ତେଣୁ ବୁଲିବା ପାଇଁ ସ୍ଥାୟୀ ଜିପ୍ ଏକମାତ୍ର ସାଧନ ।

ପୋବିତୋରା ୧୯୭୧ ମସିହାରେ ରିଜର୍ଭ ଫରେଷ୍ଟ ଏବଂ ୧୯୮୭ ମସିହାରେ ୱାଇଲଡ୍ ଲାଇଫ୍ ସାଙ୍କଚୁରିର ମାନ୍ୟତା ପାଇଛି । ଫରେଷ୍ଟ ଚେକ ପୋଷ୍ଟ ପାର୍ କରି ଛୋଟ ଛୋଟ ଆସାମର ଗାଁ ଦେଇ ଆମ ଜିପ୍ ଆଗେଇ ଚାଲିଲା । ଫରେଷ୍ଟ ଚାରିପଟ ଯାକ ଛୋଟ ଛୋଟ ଗାଁ ଅଛି । ସେମାନଙ୍କ ଗାଈଗୋରୁ ଜଙ୍ଗଲକୁ ଚରିବାକୁ ଆସନ୍ତି । ରାସ୍ତା ସାରା ବୁଦାବୁଦା ଜଙ୍ଗଲୀ ବରକୋଳି ଗଛରେ ବରକୋଳି ଭର୍ତ୍ତି । କାର୍ପେଟ ପରି ତଳେ ବିଛେଇ ହେଇ ପଡ଼ିଛି ବରକୋଳି । ଦେଖିଲେ ଲୋଭ ସମ୍ବରଣ କରି ହେବନି । ହେଲେ ତୋଳିବା ପାଇଁ ଆମକୁ ଜିପ୍‌ରୁ ଓହ୍ଲାଇବା ମନା । ଗାଁ ସବୁ ଟପିଲା ପରେ ଫରେଷ୍ଟ ଡିପାର୍ଟମେଣ୍ଟର ଅବ୍‌ଜର୍ଭ ପଏଣ୍ଟ୍ । ଆମ ଗାଇଡ୍ କହିଲେ ଜଙ୍ଗଲ ସାରା ପଶୁପକ୍ଷୀଙ୍କୁ ନିରୀକ୍ଷଣ କରିବା ପାଇଁ ଏବଂ ଶିକାରୀମାନଙ୍କ କବଳରୁ ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଏଭଳି ୨୮ଟି ପଏଣ୍ଟ୍ ଅଛି । ସେମାନେ ସିଫ୍ଟରେ ଦିନ ରାତି କାମ କରୁଥାନ୍ତି ।

କିଛି ଦୂର ଗଲା ପରେ ଆମକୁ ମିଳିଗଲେ ଆମର ବହୁ ପ୍ରତୀକ୍ଷିତ ଗୋଟେ ଶିଙ୍ଘ ବାଲା ଗଣ୍ଡାଙ୍କ ଦଳ । ଯଦିଓ ଖୁବ୍ ଦୂରରୁ ଦେଖୁଥିଲୁ ଆମେ । ସେଠିକୁ ଯିବା ମନା । ସେମାନେ ଗ୍ରାସଲାଣ୍ଡ ବା ସମତଳ ଭୂମିରେ ଘାସ ଚରୁଥିଲେ । ଗଣ୍ଡା ମୁଖ୍ୟତଃ ଡାଳ, ପତ୍ର ଆଉ ଘାସ ଖାଇବା ପାଇଁ ପାଣିରୁ ବାହାରି ଆସନ୍ତି । ବାକି ସମୟ ପାଣିରେ ଥାନ୍ତି । କିଛି ବାଟ ଗଲା ପରେ ଆଉ ଗୋଟିଏ





ଏକୁଟିଆ ଗଣ୍ଡାକୁ ଖୁବ୍ ପାଖରୁ ଦେଖିଲୁ । ଡ୍ରାଇଭର ଆମର ଗାଡ଼ି ରଖି ଆମକୁ ଫଟୋ ଉଠାଇବାକୁ କହିଲା । ଯଦିଓ ଗାଡ଼ିରୁ ଓହ୍ଲେଇବାକୁ ଅନୁମତି ଦେଲାନି । କିଛିବାଟ ପରେ ଜଙ୍ଗଲୀ ମଇଁଷି ପାଣିରେ ପଡ଼ିଥିବାର ଦେଖିଲୁ । ଜଙ୍ଗଲୀ ଘୁଷୁରୀଙ୍କ ଦଳ ବି ଦେଖିଲୁ । ଡ୍ରାଇଭର୍ ହିସାବରେ ଜଙ୍ଗଲୀ ଘୁଷୁରୀ ବହୁତ ମାରାତ୍ମକ । ଗୋଡ଼େଇ ଗୋଡ଼େଇ ମାରନ୍ତି । ତେଣୁ ସେ ସ୍ଥାନକୁ ସେ ଶୀଘ୍ର କ୍ରସ୍ କରିଗଲା ।

କିଛି ବାଟ ପରେ ବଡ଼ବଡ଼ ଜଳାଶୟରେ ବିଭିନ୍ନ କିସମର ପକ୍ଷୀ ଦେଖି ଅଭିଭୂତ ହେଲୁ । ଏତେ ପକ୍ଷୀ ଯେ ପାଣି ବି ଦିଶୁନି । ଅସୀମ ଭାଇନ କହିଲେ "ଏମାନେ ସାଇବେରିଆନ ପକ୍ଷୀ । ଶୀତଦିନେ ଏଠିକୁ ଆସିଛନ୍ତି । ଗରମ ପଡ଼ିଲେ ପୁଣି ଉଡ଼ିଯିବେ । ପାଖାପାଖି ଦି ହଜାର ପକ୍ଷୀ ପ୍ରତିବର୍ଷ ଏଠିକୁ ଆସନ୍ତି । ଡ୍ରାଇଭର କହିଲା: ପ୍ରାୟ ୩୭୫ ପ୍ରଜାତିର ପକ୍ଷୀ ଏଠି ଅଛନ୍ତି । ସତରେ ପାକୃତିକ ପରିବେଶରେ ପ୍ରକୃତି କୋଳରେ ଏମାନଙ୍କ ସ୍ୱଚ୍ଛନ୍ଦ ବିଚରଣ ଦେଖି ଆମେ ଅଭିଭୂତ ହେଲୁ ।



ଏଥର ବିସ୍ତୃତ ଖୋଲା ସମତଳ ଭୂମି ଛାଡ଼ି ଆମେ ଜଙ୍ଗଲ ଭିତରେ ପଶି ସାରିଥିଲୁ । ଖୁବ୍ ଘଞ୍ଚ ଆରଣ୍ୟକ ପରିବେଶ । ଲଟାରେ ଛନ୍ଦିମନ୍ଦି ହେଇଥିବା ନଜାଣେ କେତେ ଶହଶହ ବର୍ଷର ଶିଉଳି ଲଗା ଗଛସବୁ । କିଏ ହାମୁଡ଼େଇ ପଡ଼ିଛି ତ କିଏ ପେଟେଇ ପଡ଼ିଛି । "କାଜିରଙ୍ଗା ଗୋଟେ ଶିଙ୍ଘ ବାଲା ଗଣ୍ଡା ପାଇଁ ପ୍ରସିଦ୍ଧ ଥିଲାବେଳେ ପୃଥିବୀର ସବୁଠୁ ବେଶୀ ଗଣ୍ଡା ଏଠି ? ଏତେବଡ଼ ଜଙ୍ଗଲ ପୁଣି ଜମା ଶହେ ଗଣ୍ଡା ?" ପଚାରିଲାରୁ ଫରେଷ୍ଟ ଗାର୍ଡ଼ ଜଣଙ୍କ ଯିଏକି ଆମର ଗାଇଡ ସାଜିଥିଲେ କହିଲେ, "ବନ୍ୟାରେ ବହୁତ ଗଣ୍ଡା ମରିଯିବାରୁ କାଜିରଙ୍ଗାରୁ ଗଣ୍ଡାଙ୍କୁ ଏଠି ସ୍ଥାନାନ୍ତରିତ କରାଯାଇଛି ।" ମୁଁ ପଚାରିଲି, "ଏବେ ଏଠି ବନ୍ୟା ହେଉନି ?" ଗାଇଡ କହିଲେ, "ପାଖାପାଖି ୩୫ବର୍ଗ କିଲୋମିଟର ପରିମିତ ବ୍ୟାପ୍ତ ଏ ସାଙ୍କ୍‌ଚୁରି ଆସାମର ଦୁଃଖ ବ୍ରହ୍ମପୁତ୍ର ନଦୀ କୂଳଠୁ ମାତ୍ର ୩ କିଲୋମିଟର ଦୂରରେ ଅବସ୍ଥିତ ଦିଦି । ନଦୀରେ ବନ୍ୟା ଆସିଲେ ସମ୍ପୂର୍ଣ୍ଣ ଜଙ୍ଗଲରେ ପାଖାପାଖି ଦଶରୁ ବାର ଫୁଟ୍ ଯାଏ ପାଣି ଚଢ଼ିଯାଏ ।" ଗଛର ଉପର ଯାଏ ଦଳ, ଘାସ ଆଦି ଲାଗି ଶୁଖି ଯାଇଥିବା ସ୍ଥାନକୁ ଦେଖାଇ କହିଲା, "ଦେଖନ୍ତୁ ସେଯାଏଁ ପାଣି ଆସିଯାଏ । ପାଣି ଛାଡ଼ିଗଲା ପରେ ଘାସ କାଚରା ଆଦି ସେମିତି ଲଟକି ରହିଛି । ବନ୍ୟା ସମୟରେ ମାନେ ମେ ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ଅଭୟାରଣ୍ୟ ବନ୍ଦ ରହେ ।" ଅନନ୍ୟା ପଚାରିଲା, "ତାହାଲେ ଗଣ୍ଡା ସବୁ କୁଆଡ଼େ ଯାନ୍ତି ?" ଗାଇଡ୍ କହିଲେ, "ଜଙ୍ଗଲ ମଝିରେ ମଝିରେ ଉଚ୍ଚାସ୍ଥାନ ସବୁ ସରକାର କରିଛନ୍ତି । କିଛି ପଶୁ ସେଠିକୁ ଚାଲି ଯାଆନ୍ତି । ଆଉ କିଛି ପାଣିରେ ଭାସିଯାନ୍ତିଓ ମରିଯାନ୍ତି । ଆଉ କିଛିଙ୍କୁ ଶିକାରୀ ତାଙ୍କ ଶିଙ୍ଘ ପାଇଁ ଶିକାର



କରନ୍ତି । ସେଥିପାଇଁ ଗଣ୍ଡାଙ୍କ ସଂଖ୍ୟା ବଢୁନାହିଁ ।” ଭାରି ଦୁଃଖ ଲାଗିଲା ଶୁଣି ।

ଜଙ୍ଗଲ ମଝି ଦେଇ ଆମେ ଗଲାବେଳେ ଦେଖିଲୁ ଏକ ଗଭୀର ଜଙ୍ଗଲ ନଦୀ । ମୋ ଝିଅ ଅନନ୍ୟା କହିଲା, “ଜିପ୍‌ରୁ ଓହ୍ଲାଇ ଟିକେ ନଦୀର ପାଣି ଛୁଇଁବା ?” ଡ୍ରାଇଭର୍ କହିଲା, “ନା, ନା ଏହା ବହୁତ ଗଭୀର । ବିପଦ ଶଙ୍କୁଳ ମଧ୍ୟ । ଏହାର ନାଁ ‘ଚିତଳମରା’ ନଦୀ । ଏଥିରେ ବହୁତ ଚିତଳ ମାଛ ଅଛନ୍ତି । ସେଥିପାଇଁ ଏ ନଦୀର ନାଁ ଏମିତି ।” ଲୀନା ପଚାରିଲା, “ବହୁତ ଚିତଳ ମାଛ ଧରା ହେଇ ମାର୍କେଟକୁ ଯାଉଥିବ ତ ?” “ନା, ନା ଏଠି ମାଛ ମାରିବା ନିଷିଦ୍ଧ । ବିଚରା କେବଳ ଏଇଠି ପ୍ରକୃତି କୋଳରେ ନିର୍ବିଘ୍ନରେ ମାଛମାନେ ବଞ୍ଚୁଛନ୍ତି” କହି ହସିଲେ ଆମ ଫରେଷ୍ଟଗାର୍ଡ଼ । ଜଙ୍ଗଲ ଭିତରେ ବୁଲିଲା ବେଳେ ହଳଦିଆ ବିଲୁଆ, ଜଙ୍ଗଲୀ ଭାଲୁ, ହରିଣ, ବାଘ, ନେଉଳ, ମୟୂର ଆଦିଙ୍କ ପ୍ରକୃତି କୋଳରେ ସେମାନଙ୍କର ବିଚରଣ ଦେଖି ଆମେ ଖୁବ୍ ଉଲ୍ଲସିତ ହେଉଥିଲୁ । ଚିଡ଼ିଆଖାନାରେ ସେମାନଙ୍କ ବନ୍ଦୀ ଜୀବନ ଦେଖି ମନ ଯେତେ ଦୁଃଖୀ ହୁଏ, ଏଠି ଏମାନଙ୍କର ସ୍ୱଚ୍ଛନ୍ଦ ବିଚରଣ ଦେଖି ଖୁବ ଖୁସି ଲାଗୁଥିଲା ।

ଆମ ସମୟ ସରି ଆସିଥିଲା । ଜଙ୍ଗଲ ମଝି ଆଡ଼କୁ ଯିବାକୁ ଅନୁମତି ନଥିଲା । ଯଦିଓ ଘଣ୍ଟାରେ ତିନିଟା ବାଜିଥିଲା ତେବେ ଘଂଚ ଜଙ୍ଗଲ ଭିତରେ ପ୍ରକୃତି ତାର କଳା ଚଦାଦର ଘୋଡ଼େଇବାକୁ ପ୍ରସ୍ତୁତ ହେଉଥିଲା । ଆମେ ଫେରିଲୁ ଅନେକ ରୋମାଞ୍ଚକର ସ୍ମୃତି ନେଇ । ରାସ୍ତାରେ ଫରେଷ୍ଟ ଗାର୍ଡ଼ଟି ଆମ ପାଇଁ ମେଞ୍ଚାଏ ବରକୋଳି ତୋଳି ଦେଲା ଆମକୁ ତଳକୁ ଓହ୍ଲାଇବାକୁ ନଦେଇ ।

ବହୁତ ଭଲ ଲାଗିଲା ଅଭୟାରଣ୍ୟଟି । ଯଦିଓ ଏହା ଗୌହାଟିରୁ ମାତ୍ର ୩୫ କିଲୋମିଟର ଦୂର ତେବେ ଯାତାୟାତରେ ସେମିତି ସୁବିଧା ନାହିଁ । ନିଜ ପ୍ରାଇଭେଟ୍ ଗାଡ଼ିରେ ଯିବା ଅପେକ୍ଷାକୃତ ସହଜ । କାରଣ ସନ୍ଧ୍ୟା ପୂର୍ବରୁ ଫେରିବାକୁ ପଡ଼ିବ । ରହିବାର ସେମିତି କିଛି ବିଶେଷ ବ୍ୟବସ୍ଥା ନାହିଁ । କିନ୍ତୁ ଗୌହାଟିରୁ ଦୁଇ ଶହ କିଲୋମିଟର ଯାଇ କାଜିରଙ୍ଗାରେ ବ୍ୟୟ ବହୁଳ ରିସୋର୍ଟରେ ରହି, ଏଲିଫାଣ୍ଟ୍ କି ଜିପ୍ ସଫାରୀ ବେଳେ କେବେ କେବେ ଗଣ୍ଡା ଦିଶନ୍ତି ନାହିଁ । ଯିବା ବୃଥା ଯାଏ । ଯାହା ପୋବିତୋରାରେ ଆପଣ ନିରାଶ ହେବେନି । ସହଜରେ ଆପଣଙ୍କୁ ଦେଖିବାକୁ ମିଳିବେ ଗୋଟିଏ ଶିଙ୍ଗ ଥିବା ଗଣ୍ଡା ଦଳ ଦଳ । କିନ୍ତୁ ଏ ଅଭୟାରଣ୍ୟକୁ ସରକାରଙ୍କର ଆହୁରି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।



# ମହେନ୍ଦ୍ରଗିରିର ମାୟା



# ମହେନ୍ଦ୍ର ଗିରିର ମୋହ


**ରୋଜାଲିନି ମିଶ୍ର**

ଏ/ଇ-୨୫୦, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ଫୋନ:୮୮୯୫୩୨୬୪୩୪


ଫଟୋ ସୌଜନ୍ୟ : ଲେଖିକା



ଲେଖିକା ରୋଜାଲିନି ମିଶ୍ର

ମହେନ୍ଦ୍ରଗିରିକୁ ବୁଲିଯିବାର ମାୟାରେ ବାୟା ହେଉଥିଲି ମୁଁ । ଗଞ୍ଜାମ ଆଉ ଗଜପତି ଜିଲ୍ଲା ବୁଲିବା ପାଇଁ ଆସିଛି ଯେତେବେଳେ ମହେନ୍ଦ୍ରଗିରି ନଦେଖି ଫେରିଯିବି- ନା ଆଦୌ ନୁହେଁ । କିନ୍ତୁ ଡ୍ରାଇଭର୍ କଥା ଶୁଣି ମିଷ୍ଟର ଟିକେ ଅମଙ୍ଗ ହେଉଥିଲେ ଯିବା ପାଇଁ । ଡ୍ରାଇଭର୍ କହୁଥିଲା ମଝିରେ ମଝିରେ ରାସ୍ତା ଭାରି ଖରାପ । ଆଉ ସନ୍ଧ୍ୟା ପୂର୍ବରୁ ଆମକୁ ସେଠାରୁ ଫେରି ଆସିବାକୁ ହେବ । ଯଦି ଦୁର୍ଭାଗ୍ୟକୁ ସେଠାରେ ଗାଡ଼ି ଖରାପ ହେଲା ତେବେ ନାମ ନେଇଯିବା କଥା । ହଁ ନାହିଁର ଦ୍ୱନ୍ଦ୍ୱରେ ସମସ୍ତେ ଥିଲାବେଳେ ମୋର କିନ୍ତୁ ଭାରି ଇଚ୍ଛା ହେଉଥିଲା ଓଡ଼ିଶାର ଦ୍ୱିତୀୟ ଉଚ୍ଚତମ ପର୍ବତମାଳାରୁ ଘେରାଏ ବୁଲି ଆସିବା ପାଇଁ । ଥରେ ସ୍ୱଚକ୍ଷୁରେ ଦେଖି ଆସିବା ପାଇଁ ତାର ନୈସର୍ଗିକ ସୌନ୍ଦର୍ଯ୍ୟକୁ ।

ସେ ଯାହା ବି ହେଉ ସର୍ବସମ୍ମତି କ୍ରମେ ସ୍ଥିର ହେଲା ଯେ ଆମେ ମହେନ୍ଦ୍ରଗିରି ବୁଲିକି ହିଁ ଫେରିବୁ । ଡ୍ରାଇଭର୍ ଗାଡ଼ି ଷ୍ଟାର୍ଟ କଲା ଆଉ ଆମକୁ କହିଲା ସାଙ୍ଗରେ ଯଥେଷ୍ଟ ପିଇବା ପାଣି ନେଇକି ଯିବା ପାଇଁ । ଉପରକୁ ଯିବା ରାସ୍ତାରେ ଖାଦ୍ୟ କିମ୍ବା ପାନୀୟ ମିଳିବାର କୌଣସି ସାଧନ ନାହିଁ । ତପ୍ତପାଣି ଉଷ୍ମ ପ୍ରସବଣ ଆଉ ଖସଡ଼ା ଜଳପ୍ରପାତ ବୁଲି ସାରି ଆମେ ଏବେ ମୁହାଁଇଥିଲୁ ମହେନ୍ଦ୍ରଗିରି ପର୍ବତ ଦିଗରେ । ଅଳ୍ପ କିଛି ବାଟ ଗଲା ପରେ ଡ୍ରାଇଭର୍ ଆମକୁ ଦେଖେଇ କହିଲା, "ହେଇ ଦେଖନ୍ତୁ ଆଜ୍ଞା...ମହେନ୍ଦ୍ରଗିରିର ଚୂଡ଼ାକୁ ।" ଗାଡ଼ିର ଝର୍କା ଦେଇ ଆମେ ଚାହିଁଲୁ ସବୁ ଉପରକୁ । କାହିଁ କେତେ ଉପରେ ଯାଇ ଦିଶୁଥିଲା ମହେନ୍ଦ୍ରଗିରିର ଚୂଡ଼ା । ଆଖି ପାଉ ନଥିଲା ଉପରକୁ । ପାହାଡ଼ର ପାଦ ଦେଶରୁ ଦିଶୁଥିଲା ଯେମିତି ମହେନ୍ଦ୍ରଗିରି ସ୍ପର୍ଶ କରିଛି ନୀଳ ଆକାଶର ବୁକୁ । ଆମେ ଏ ପାହାଡ଼ୀ ରାସ୍ତାରେ ଏତେ ଉପରକୁ ଯିବୁ ! ମୁଁ ଦୁଇ ହାତ ଯୋଡ଼ି ସ୍ମରଣ କଲି ଇଷ୍ଟଦେବୀ ମା' ତାରାତାରିଣୀଙ୍କୁ । ମା'ଲୋ...ଭଲରେ ଭଲରେ ବୁଲେଇ ଫେରେଇ ଆଣିବୁ ମା' ।

ରାମାୟଣ କଥା ମହାଭାରତରେ ବର୍ଣ୍ଣିତ ସପ୍ତକୁଳ ପର୍ବତ ମଧ୍ୟରେ ମହେନ୍ଦ୍ରଗିରି ଅନ୍ୟତମ । ଓଡ଼ିଶାର ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ଥିବା ଏହି ପର୍ବତର ଦୂରତା ରେଶମ ସହର ବ୍ରହ୍ମପୁରରୁ ମାତ୍ର ୧୭୫ କିଲୋମିଟର । ପ୍ରାକୃତିକ ଶୋଭା ସମ୍ପଦରେ ଭରପୁର ମହେନ୍ଦ୍ରଗିରିର ପୂର୍ବରେ ରହିଛି ବଙ୍ଗୋପସାଗର ଏବଂ ଅନ୍ୟ ତିନିଦିଗରେ ଛୋଟବଡ଼ ବହୁ ପର୍ବତ ଶ୍ରେଣୀ ସହ ମଝିରେ ମଝିରେ ଅନେକ ଉପତ୍ୟକାମାନ ବିଦ୍ୟମାନ । ବଙ୍ଗୋପସାଗର ବେଳାଭୂମିରୁ ଏହାର ଦୂରତା ମାତ୍ର କୋଡ଼ିଏ କିଲୋମିଟର । ଏବଂ ସମୁଦ୍ର ପତ୍ତନରୁ ଏହାର ଉଚ୍ଚତା ହେଉଛି ୪୯୨୩ଫୁଟ । ଋଷିକୂଲ୍ୟା ଏବଂ ମହେନ୍ଦ୍ରତନୟା ନଦୀ ପରି ଅନେକ ନଦୀର ଉତ୍ପତ୍ତିସ୍ଥଳ ହେଉଛି ଏହି ମହେନ୍ଦ୍ରଗିରି । ପାହାଡ଼ର ପାଦ ଦେଶରୁ କିଛି କିଲୋମିଟର ଯାଏଁ ରାସ୍ତା ସାମାନ୍ୟ ଉଠାଣିଆ ଓ ସମତଳ । ରାସ୍ତାର ଦୁଇ ପାର୍ଶ୍ୱରେ ମାଇଲ ମାଇଲ ବ୍ୟାପୀ ମକାକ୍ଷେତ । କେଉଁଠି ଅମଳ ହୋଇ ସାରିଛି ତ କେଉଁଠି ଅମଳ ଚାଲିଛି । ଠାଏଠାଏ କେଉଁଠି କେମିତି ଛୋଟ ଛୋଟ ଘର ଗୋଟେ ଦିଟା ମଧ୍ୟ ଦିଶୁଥାଏ । ରାସ୍ତାରେ ଛୋଟ ଛୋଟ ପିଲା କିଛି ଖେଳୁଥାଆନ୍ତି । ମୁଣ୍ଡରେ ଗାମୁଛାଟାଏ ଭିଡ଼ି ଦେଇ କିଛି ଗାଈଛେଳିଙ୍କୁ ଅଡ଼େଇ ଅଡ଼େଇ ନେଉଥାଏ ମଧ୍ୟବୟସ୍କ ଲୋକଟିଏ । ଖରାର ତେଜ ମଳିନ ପଡ଼ିପଡ଼ି ଆସୁଥାଏ । ଚାରିଆଡ଼େ କେମିତି ଗୋଟେ ନିର୍ମଳ ମନମୋହକ ପରିବେଶ । ଲାଗୁଥିଲା ଯେମିତି ଏଠାରେ ବହୁଥିବା ପବନର ପ୍ରତିଟି କଣିକା ଏକଦମ ବିଶୁଦ୍ଧ ଆଉ ନିର୍ଭେଜାଲ ।

ସହରର କୋଳାହଳ ଆଉ ଗାଡ଼ି ମଟରର ପେଁପାଁ ଅନେକ ଦୂରରେ ଥିବା ଏହି ଛୋଟିଆ ଜନବସତିର ଅଧିବାସୀମାନଙ୍କ ଉପରେ କିଛି କ୍ଷଣ ପାଇଁ ଈର୍ଷା ଆସିଲା ମୋ ମନରେ । ଆମେ ବୁଲି ଯାଇଥିବା ସମୟରେ କରୋନା ସମ୍ପୂର୍ଣ୍ଣ ରୂପେ କମି ନଥାଏ । କରୋନା ଭୟରେ ଆମେ ସବୁ ବ୍ୟାଗ୍‌ରେ ଗୋଟେ ଲେଖାଏଁ ସାନିଟାଇଜର୍ ପକେଇ ଆଉ ମୁହଁରେ ମାସ୍କ ଲଗେଇ ବସିଥିବା ବେଳେ ଏଠାର ଅଧିବାସୀମାନେ କରୋନା ବିଷୟରେ ଭଲରେ ଅବଗତ ଥିବେ କି ନା ସନ୍ଦେହ ।

ସର୍ପିଳ ଗତିରେ ଅଙ୍କାବଙ୍କା ହୋଇ ଉପରକୁ ଉଠିଥିବା ରାସ୍ତା ସବୁ ଆବୁଡ଼ା ଖାବୁଡ଼ା ଆଉ ଠାଏ ଠାଏ ଖାଲଖମା ମଧ୍ୟ । ରାସ୍ତାର ଦୁଇ ପାଖରେ ବିସ୍ତିର୍ଣ୍ଣ ସବୁଜିମା । ଶାଳ, ପିଆଶାଳ, ଶାଗୁଆନ, ଆମ୍ବ, ପଣସ, ଲେମ୍ବୁ, ପିଜୁଳି ପରି ଗଛ ଠାରୁ ଆରମ୍ଭ କରି ଅର୍ଜୁନ, ସୁନାରୀ, ଅଶୋକ, କୟାଁ, ଅଁଳା, ବିଶଲ୍ୟକରଣୀ, ହରିଡ଼ା, ବାହାଡ଼ା ପରି ସମସ୍ତ ପ୍ରକାର ଦୁର୍ମୂଲ୍ୟ ଔଷଧୀୟ ଗୁଳ୍ମ ଏଠାରେ ଉପଲବ୍ଧ । ଏଠାରେ ବସବାସ କରୁଥିବା ଆଦିବାସୀମାନେ ମକାଚାଷ କରିବା ସହ ଏଠାକାର ଜଙ୍ଗଲରୁ ଔଷଧୀୟ ପତ୍ର, ଶିଆଳିପତ୍ର, ଫୁଲଝାଡୁ, ସତୀ ଆମ୍ବ, କାଠ, ମହୁ, ଆଦି ସଂଗ୍ରହ କରି ଜୀବିକାର୍ଜନ କରନ୍ତି ।

ଗାଡ଼ି ଉପରକୁ ଉଠିବା ଭିତରେ ମୟୂରଟିଏ ତରତର ହୋଇ ଚାଲିଗଲା ରାସ୍ତା ଏପାଖରୁ ସେପାଖକୁ । ଲୁଚିଗଲା କେଉଁ ଗଛର ଉହାଡ଼ ଭିତରେ । ଗାଡ଼ି ରଖି ଆମେ ଓହ୍ଲେଇ ପଡ଼ିଲୁ ସବୁ । କିନ୍ତୁ ମୟୂରଟି ଲୁଚି ସାରିଥିଲା କେଉଁ ଗଛପତ୍ରର ଆଢୁଆଳ ଭିତରେ । ଡ୍ରାଇଭର କହୁଥିଲା ବିଭିନ୍ନ ପ୍ରକାର ଜୀବଜନ୍ତୁ, ସରୀସୃପ ଓ ପକ୍ଷୀମାନଙ୍କ ଏଇଟା ହେଉଛି ଅଭୟାରଣ୍ୟ । ପବନର ସାଇଁ ସାଇଁ ଶବ୍ଦ ସାଙ୍ଗକୁ ମଝିରେ ମଝିରେ କାନରେ ପଡୁଥାଏ ବଣ କୁକୁଡ଼ାମାନଙ୍କର ରାବ ସହ ତାଳ ଦେଇ କୋଇଲିର କୁହୁ । ଆଃ...କି ସୁନ୍ଦର ପରିବେଶ ! ଇଚ୍ଛା ହେଉଥିଲା ଆହୁରି ଘଡ଼ିଏ ସେଠି ଠିଆ ହେବା ପାଇଁ । ରାସ୍ତା କଡ଼ରେ ଦୃଶ୍ୟମାନ ହେଉଥିବା ବଡ଼ବଡ଼ ମୁଣ୍ଡିଆ ପଥର ଉପରେ ବସି ଶୁଦ୍ଧ ଥଣ୍ଡା ପବନର ମଜା ନେଇ ନେଇ ପ୍ରକୃତିକୁ ଆଉ ଟିକେ ପାଖରୁ


ନିରିଖେଇବା ପାଇଁ । କିନ୍ତୁ ଆମର ଗନ୍ତବ୍ୟ ସ୍ଥଳ ଯେ ଆହୁରି ଉପରେ । ସେଠି ପହଞ୍ଚି ଆମକୁ ପୁଣି ଫେରିବାକୁ ପଡ଼ିବ ଜଲ୍‌ଦି ।

ଗାଡ଼ି ଯେତିକି ଯେତିକି ଉପରକୁ ଉଠୁଥାଏ ସେତିକି ସେତିକି ଥଣ୍ଡା ପବନ ବହି ଆସି ଦେହ ମନକୁ ପୁଲକିତ କରୁଥାଏ । ଆପଣ ଯେତିକି ଉପରକୁ ଯିବେ ପ୍ରକୃତିକୁ ସେତିକି ଅନ୍ତରଙ୍ଗ ଭାବରେ ନିଜ ପାଖରେ ପାଇବେ । ଗ୍ରୀଷ୍ମ ଋତୁରେ ଏଠିକାର ତାପମାତ୍ରା ସବୁବେଳେ ସମତଳ ଅଞ୍ଚଳ ଠାରୁ ୧୫ରୁ ୧୭ ଡିଗ୍ରୀ ଭିତରେ କମ ଥାଏ । ଯିବା ରାସ୍ତାରେ ଖୁବ୍ ସୁନ୍ଦର ସୁନ୍ଦର ଦୃଶ୍ୟମାନ ଦୃଷ୍ଟିଗୋଚର ହେଉଥାଏ ଆମର । କେଉଁଠି ଗଛ ଡାଳରେ ପକ୍ଷୀମାନଙ୍କର ମେଳି ବସିଥାଏ ତ କେଉଁଠି ଡାଳରେ ଓହଳି ଚାଲିଥାଏ ମାଙ୍କଡ଼ମାନଙ୍କର ଡିଆଁଡେଇଁ ପ୍ରତିଯୋଗିତା । ପୁଣି କେଉଁଠି ପଥରର ଅନ୍ଧିସନ୍ଧି ଦେଇ ବହି ଆସୁଥାଏ ସରୁ ସରୁ ନିର୍ଝରିଣୀମାନ ନୃତ୍ୟ କରିବା ଭଙ୍ଗୀରେ କଟିକୁ ହଲେଇ । କାହିଁ କେତେ ଉପରେ ସ୍ଥାନେ ସ୍ଥାନେ ଦୃଷ୍ଟିଗୋଚର ହେଉଥାଏ ଏକଦମ ଛୋଟ ଛୋଟ ଟାଇଲ କିମ୍ବା ଚାଳଛପର ଘରମାନ । ବହୁତ ଦୂରରୁ ଘର ଆଗରେ ଥିବା ଲୋକମାନେ ଦିଶୁଥାନ୍ତି ଖେଳନା କଣ୍ଢେଇ ଭଳି ଖୁବ ଛୋଟ ଛୋଟ । ଆଶ୍ଚର୍ଯ୍ୟ ଲାଗୁଥିଲା ମୋତେ । ଏମାନେ ଖାଉଛନ୍ତି କ'ଣ ? ରାନ୍ଧୁଛନ୍ତି କେମିତି ? ପାଣି ସଂଗ୍ରହ କରୁଥିବେ କେଉଁଠୁ ? ଝଡ଼ବର୍ଷା ବଜ୍ରପାତରୁ ନିଜକୁ ରକ୍ଷା କରୁଥିବେ କେମିତି ? ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା ମନ ଭିତରେ ମୋର । ସେ ଯାହା ବି ହେଉ, ସେମାନେ ଯେମିତି ବି ରୁହନ୍ତୁ କିନ୍ତୁ ସାଧଶରଣ ଜୀବନ ଶୈଳୀ ଠାରୁ ଏମାନଙ୍କ ଜୀବନଶୈଳୀ କିଛି ମାତ୍ରାରେ



ଅଧିକ ଆଡ୍‌ଭେଞ୍ଚରସ୍ ହୋଇଥିବା ନିଶ୍ଚୟ । ଏଥର ପହଞ୍ଚି ସାରିଥିଲୁ ଶିଖର ଦେଶରେ ଯେଉଁଠୁ କି ଆଉ ଉପରକୁ ଗାଡ଼ି ଯିବା ପାଇଁ ସୁବିଧା ନାହିଁ । ପାଦଚଲା ରାସ୍ତାରେ ଉପରକୁ ଉଠିବାକୁ ପଡ଼ିବ । ଗାଡ଼ିରୁ ଓହ୍ଲେଇ ପଡ଼ିଲୁ ଆମେ ସମସ୍ତେ । ମୁଁ ମୁଗ୍ଧ ଦୃଷ୍ଟିରେ ଆଖି ବୁଲେଇ ଆଣିଲି ଚାରିଦିଗରୁ ଟିକେ । ଚାରିପାଖେ ନିବିଡ଼ ଘଂଚ ଅରଣ୍ୟ । ମଝିରେ ମଝିରେ ମୁଣ୍ଡ ଟେକିଛି ଛୋଟ ବଡ଼ ପାର୍ବତ୍ୟମାଳା, ମୁଣ୍ଡ ଉପରେ ନୀଳ ବର୍ଣ୍ଣାଢ଼୍ୟ ଆକାଶ, ଧୂଆଁ ଧୂଆଁଳିଆ କୁହୁଡ଼ିଆ ପରିବେଶ, ଅନତି ଦୂରରେ ପ୍ରଭୁ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି, ଆଉ ଟିକିଏ ଆଗକୁ ଚାହିଁଲେ ଦିଶୁଥିଲା ଯୁଧିଷ୍ଠିର ମନ୍ଦିର । ସମୟ ଥିଲା ଅପରାହ୍ନ ଚାରିଟା । କିନ୍ତୁ କୁହୁଡ଼ିଆ ପରିବେଶ ଭ୍ରମ ସୃଷ୍ଟି କରୁଥିଲା ଗୋଧୂଳି ବେଳାର । ମନ୍ତ୍ରମୁଗ୍ଧ ଲାଗୁଥିଲା ମୋତେ । ଲାଗୁଥିଲା ମୁଁ ଯେମିତି ଏମିତି ଏକ ପବିତ୍ର ସ୍ଥାନରେ ପାଦ ଦେଇଛି ଯେଉଁଠି କଳୁଷ କାଳିମାର ଚିହ୍ନବର୍ଣ୍ଣ ବି ନାହିଁ । ଲାଗୁଥିଲା ଯେମିତି ସମସ୍ତ ଆବିଳତାରୁ ମୁକ୍ତ ମୁଁ ଏବେ । ସଂସାର ଜଞ୍ଜାଳ ଠାରୁ ବହୁତ ଦୂରରେ ଏବେ ମୁଁ । ମନେ ପଡୁଥିଲା କବିବର ରାଧାନାଥ ରାୟଙ୍କ କବିତା:

ଏତେ ଦିନେ ହେଲା
ମୋ ନେତ୍ରେ ଗୋଚର,
ଉତ୍କଳ ମଣ୍ଡଳେ ଶିଖରୀ ଶେଖର,
ମହିୟାନ ଏହି ମହେନ୍ଦ୍ର ପର୍ବତ
ଅବୟବ ଯା'ର ଭୀମ ହୈମବତ ।









ସେଠାରେ ଯୁଧିଷ୍ଠିର ଏବଂ ପର୍ଶୁରାମ ମନ୍ଦିର ଦର୍ଶନ ସାରି ଆମେ ବାହାରିଲୁ କୁନ୍ତୀ ମନ୍ଦିର ଦର୍ଶନ ନିମନ୍ତେ । ଯୁଧିଷ୍ଠିର ମନ୍ଦିର ପରି କୁନ୍ତୀ ମନ୍ଦିର ଭିତରେ ବି ବହୁ ପୁରାତନ ଶିବଲିଙ୍ଗଟିଏ ଅଛି । ଯାହାକୁ ମାତା କୁନ୍ତୀ ତାଙ୍କ ଅଜ୍ଞାତବାସ ସମୟରେ ସ୍ଥାପନା କି ପୂଜା କରୁଥିଲେ । କୁନ୍ତୀ ମନ୍ଦିର ପାଖରେ ପିଇବା ପାଣିର ବ୍ୟବସ୍ଥା ଭାବରେ କୂଅଟିଏ ଅଛି । ଅଳ୍ପ ଦୂରରେ ଗୋଟିଏ ଆଶ୍ରମ ଅଛି ଯେଉଁଠି ଜଣେ ବାବା ରହୁଛନ୍ତି । ମହେନ୍ଦ୍ରଗିରିର ରାତିଟିଏ କଟେଇବା ପାଇଁ ଚାହୁଁଥିବା ପର୍ଯ୍ୟଟକମାନେ କୁନ୍ତୀମନ୍ଦିର ପାଖରେ ତମ୍ବୁ ଟାଣି ତାଙ୍କ ଜିନିଷ ପତ୍ର ରଖିଥିଲେ ସେଠାରେ ରାତ୍ରୀ ଯାପନ ପାଇଁ ।

ଏଠାରୁ ଦୁଇ କିଲୋମିଟର ଉପରକୁ ଗଲେ ଅଛି ଭୀମ ମନ୍ଦିର ଯାହାର ପ୍ରବେଶ ପଥ ଏକଦମ ସଂକୀର୍ଣ୍ଣ । ମନରେ ଆସୁଥିଲା ମହବଳୀ ଭୀମ ଯା ଭିତରେ କେମିତି ପ୍ରବେଶ କରି ପୂଜା କରୁଥିଲେ । ସେଠାରୁ ଆହୁରି ଉପରକୁ ଗଲେ ଅଛି ଅର୍ଜୁନ ମନ୍ଦିର । ଅଜ୍ଞାତବାସ ସମୟରେ ଏ ମନ୍ଦିର ସବୁ ସ୍ଥାପନା କରାଯାଇଥିଲା ପଞ୍ଚୁ ପାଣ୍ଡବଙ୍କ ଦ୍ୱାରା । ଅର୍ଜୁନ ମନ୍ଦିର ନିଖଟରେ ଅଛି ଘଣ୍ଟଶିଳା ପଥର । ଏହି ପଥରକୁ ଅନ୍ୟ ପଥର ଦ୍ୱାରା ଜୋରରେ ଆଘାତ କରିବା ଦ୍ୱାରା ଏଥିରୁ ଘଣ୍ଟ ବାଜିବା ପରି ଶବ୍ଦ ବାହାରିଥାଏ ସେଥିପାଇଁ ଏହା ଘଣ୍ଟଶିଳା ନାମରେ ନାମିତ ।

ଅର୍ଜୁନ ମନ୍ଦିରରୁ ତଳକୁ ଓହ୍ଲେଇ ଆଉ ଗୋଟିଏ ପର୍ବତରେ ଉପରକୁ ଉଠିଲେ ସେଠାରେ ଅଛନ୍ତି ଦାରୁବ୍ରହ୍ମ । କିନ୍ତୁ ଉପରକୁ ଉଠିବା ଭାରି କଷ୍ଟସାଧ୍ୟ । ଦିନଯାକ ବୁଲାବୁଲିର କ୍ଳାନ୍ତି ଯୋଗୁଁ ଆମେ ଆଉ ବେଶୀ ଉପରକୁ ଯାଇ ପାରିନଥିଲୁ । ମହେନ୍ଦ୍ରଗିରିର ଦାରୁବ୍ରହ୍ମ ଓ ଅର୍ଜୁନ ମନ୍ଦିର ମଧ୍ୟରେ ରହିଛି ହନୁମାନ ଖୋଲ । ଏହି ଗର୍ତ୍ତଟିକୁ ନିରୀକ୍ଷଣ କଲେ ଗୋଟିଏ ବିରାଟ ପାଦଚିହ୍ନ ଭଳି ଦିଶେ । କିମ୍ବଦନ୍ତୀ ଅନୁସାରେ ହନୁମାନ ଯେତେବେଳେ ମାତା ସୀତାଙ୍କୁ ଖୋଜିବାକୁ ବାହାରିଲେ ସେତେବେଳେ ମହେନ୍ଦ୍ରଗିରିର ଏହି ସ୍ଥାନରେ ପାଦ ପକେଇ ଲଙ୍କା ଅଭିମୁଖେ ଲମ୍ଫ ପଦାନ କରିଥିଲେ । ଏହାଦ୍ୱାରା ସେହି ଶୃଙ୍ଗଟି ଦବିଯାଇ ଗୋଟିଏ ଗର୍ତ୍ତ ସୃଷ୍ଟି ହେଲା । ଯାହାକି ଆଜି ହନୁମାନ ଖୋଲ ନାମରେ ନାମିତ । ଏଠାରେ ଗୋକର୍ଣ୍ଣେଶ୍ୱର ମନ୍ଦିର ମଧ୍ୟ ଅଛି । କିମ୍ବଦନ୍ତୀ ଅନୁସାରେ  ସତ୍ୟଯୁଗରେ ଭଗବାନ ଶିବ ଗୋହତ୍ୟା ଦୋଷରୁ ମୁକ୍ତି ପାଇବା ପାଇଁ ଏଠାରେ ତପସ୍ୟା ଓ ଯଜ୍ଞ କରିବା ସହ ଗୋକର୍ଣ୍ଣେଶ୍ୱରଙ୍କୁ ପ୍ରତିଷ୍ଠା କରିଥିଲେ ।

ଅନେକ ପ୍ରାକୃତିକ ଏବଂ କୃତ୍ରିମ ଗୁମ୍ଫାରେ ଭରପୁର ଏହି ମହେନ୍ଦ୍ରଗିରି ପୁରାତନ କାଳରେ ତପସ୍ୱୀମାନଙ୍କର ଉପସ୍ଥଳୀ ଥିଲା । ବିଭିନ୍ନ ସ୍ଥାନରୁ ଜୈନ, ବୌଦ୍ଧଭିକ୍ଷୁ, ଶୈବ, ବୈଷ୍ଣବ ଯୋଗୀମାନେ ଏଠାରେ ସାଧନା ନିମନ୍ତେ ଆସି ରହି ଯାଉଥିଲେ । ସତ୍ୟଯୁଗରେ ଏଠି ଭଗବାନ ଶିବ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରତିଷ୍ଠା କରି ତପସ୍ୟା କରୁଥିଲେ । ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଏଠାରେ ଅଜ୍ଞାତବାସ କରିଥିଲେ । ତ୍ରେତୟାରେ ଏହା ପ୍ରଭୁ ପର୍ଶୁରାମଙ୍କର ତପସ୍ଥଳୀ ଥିଲା । ଏହା ନୀଳମାଧବଙ୍କ ପୂଜାସ୍ଥଳୀ, ଦାରୁବ୍ରହ୍ମଙ୍କର ଆଦ୍ୟସ୍ଥଳୀ ମଧ୍ୟ । ଏସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ମହେନ୍ଦ୍ରଗିରି କେତେ ଯେ ସ୍ୱତନ୍ତ୍ରତା ଏବଂ ଭିନ୍ନତା ବହନ କରେ ତାହା ଆଉ ବର୍ଣ୍ଣନା କରିବା ଆବଶ୍ୟକ । ସନ୍ଧ୍ୟା ପୂର୍ବରୁ ଫେରିବା ପାଇଁ ଡ୍ରାଇଭର ତାଗିଦ୍ କରିଥିଲେ ମଧ୍ୟ ଆମେ କେହି ଫେରି ପାରି ନଥିଲୁ ସେହି ସମୟ ମଧ୍ୟରେ । ସମସ୍ତେ ପ୍ରକୃତି ଭିତରେ ବିଭୋର ଥିଲେ । ସନ୍ଧ୍ୟା ନଇଁ ଆସୁଥିଲା ।



ଆଉ ଆମେ ବାଧ୍ୟ ହୋଇ ବାହାରିଲୁ ସେଠୁ ଯଦିଓ କାହାରି ମନ ଛାଡୁନଥିଲା ମହେନ୍ଦ୍ରଗିରିରୁ । ଫେରିବା ରାସ୍ତାରେ ଦେଖିଲୁ ଯେ ଏବେ ବି ଲୋକମାନେ ଯାଉଛନ୍ତି ଉପରକୁ ବାଇକ୍ କିମ୍ବା ଗାଡ଼ି ଧରି । ରାତ୍ରୀ ତ ଆଗତ ପ୍ରାୟ, ଏମାନେ ଆଉ ଏ ଅନ୍ଧାର ଭିତରେ ବୁଲିବେ କେତେବେଳେ ଆଉ ଫେରିବେ କେତେବେଳେ ! ଡ୍ରାଇଭର୍ କହିଲା, "ଏମାନେ ରାତ୍ରୀ ରହଣି ଉଦ୍ଦେଶ୍ୟରେ ଯାଉଛନ୍ତି ନହେଲେ ଏତେବେଳେ କାହିଁକି ଯିବେ ।" କେତେ ବଢ଼ିଆ ସତରେ ! ମହେନ୍ଦ୍ରଗିରି ପର୍ବତ ଉପରେ ରାତ୍ରୀଯାପନ ସେମାନଙ୍କ ଜୀବନରେ ନୂଆ ଅନୁଭୂତିର ଫର୍ଦ୍ଦଟିଏ ଯୋଡ଼ିବ ନିଶ୍ଚୟ ।

ଗପସପ ଭିତରେ ଆମେ ପହଞ୍ଚି ସାରିଥିଲୁ ତଳେ । ମୁଁ ପୁଣି ହାତ ଯୋଡ଼ିଲି ମା'ଙ୍କ ଉଦ୍ଦେଶ୍ୟରେ । ସୌନ୍ଦର୍ଯ୍ୟପ୍ରେମୀ ଆଉ ପ୍ରକୃତିର ଉପାସକମାନଙ୍କ ପାଇଁ ମହେନ୍ଦ୍ରଗିରି ହେଉଛି ଏକ ପ୍ରକୃଷ୍ଟ ସ୍ଥାନ । ଯଦି ଶାନ୍ତି କ'ଣ ଜାଣିବାକୁ ଚାହୁଁଛନ୍ତି, ଯଦି ପ୍ରକୃତିକୁ ନିବିଡ଼ ଭାବରେ ଆଲିଙ୍ଗନ କରିବାକୁ ଚାହୁଁଛନ୍ତି, ଯଦି କିଛି କ୍ଷଣ ପାଇଁ ପ୍ରଦୂଷଣ ମୁକ୍ତ ଜୀବନଟିଏ ଉପଭୋଗ କରିବାକୁ ଚାହୁଁଛନ୍ତି, ତେବେ ନିଶ୍ଚୟ ବୁଲି ଆସନ୍ତୁ ଥରେ ମହେନ୍ଦ୍ରଗିରି ।

ଧାରାବାହିକ
ଚରିତ-ଉପନ୍ୟାସ



# ଦାସେ ଆପଣେ

## ୩୫

# ଦାସେ ଆପଣେ

**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



◄ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଳ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତାଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ସତ୍ୟବାଦୀକୁ କେନ୍ଦ୍ରରେ ରଖି ପୁରୀ, କଟକ, କଲିକତା, ସିଂହଭୂମି, ସମ୍ବଲପୁର ଆଦି ଘୂରି ବୁଲୁଥିବା ଗୋପବନ୍ଧୁଙ୍କର ଜୀବନରେ ଅନୁରାଗ ଯେତିକି ନିରାସକ୍ତି ବି ସେତିକି । ଘରଦ୍ୱାର ମାୟା ତାଙ୍କୁ ବେଶୀ ଘାରେନା ପରା । ରଙ୍ଗ ବାହା ସାହା ହୋଇ କେବେଠୁ ଘର କଲାଣି । ସେ କିପରି ଅଛି ତା ପାଇଁ ସେ ବିଶେଷ ଆଗ୍ରହ ଦେଖାନ୍ତି ନାହିଁ । ଧରି ନିଅନ୍ତି ରତ୍ନାକର ଯୋଗ୍ୟ ପାତ୍ର, ସଚ୍ଚରିତ୍ର । ଆଶା ରଙ୍ଗ ସେଠି ଖୁସିରେ ଥିବ । ତାକୁ ହାତକୁ ଦି'ହାତ କଲି । ଏଣିକି ତା କପାଳ ତା'ର । ବେଳେ ବେଳେ ମନେ ପଡେ ସାନ ଝିଅ କୀର୍ତ୍ତିମୟୀ ବା କେତକୀର କଥା । ତ'ର ବି ବିବାହ ସରିଛି । ମନେ ପଡେ ତା'ର ବିବାହ ସମୟର କଥା । ପ୍ରଥମେ ଜଣେ ଧନିକର ଦୁଲାଲ ପାଇଁ ଆସିଥିଲା ପ୍ରସ୍ତାବ । ବର ପାତ୍ର ଏଫ. ଏ. ପାଶ୍ । କୁହା ଯାଇଥିଲା ଧନୀ ଶିକ୍ଷିତ ବର ପାଇଲେ ଝିଅ ତାଙ୍କର ସୁଖରେ ଦିନ କାଟିବ । ଆଲୋଚନା ବେଳେ ସମ୍ଭାବ୍ୟ ବରପାତ୍ର କହିଲେ, "ଆଚ୍ଛା ଆପଣେ କୁହନ୍ତୁ ଦିଆନିଆ କଣ କରିବେ ?"

ସିଧା ଏପରି ଦିଆନିଆର ପ୍ରସ୍ତାବ ତାଙ୍କୁ କେମିତି ଅସ୍ୱାଭାବିକ ମନେ ହୋଇଥିଲା । ସେ ଦୃଢ଼ ଗଳାରେ ଉତ୍ତର ଦେଲେ, "ଆପଣଙ୍କର ତ ଏତେ ସବୁ ଅଛି । ମୁଁ ଆଉ ଦେବି କଣ ?"

ବର ପିତା ଆଉ ଟିକେ ତଳକୁ ଖସି ପ୍ରଶ୍ନ କରିଥିଲେ, "ଆମେ ହେଲୁ ସାମନ୍ତ ବ୍ରାହ୍ମଣ । ଆପଣେ ହେଲେ ଦାଶ ବ୍ରାହ୍ମଣ । ଯାହା ହେଲେ ବି ଆମ ଠାରୁ ତଳେ । ଦେବାନେବା ନ ହେଲେ ପ୍ରସ୍ତାବ କେମିତି ଆଗକୁ ବଢିବ ?"

ଏପରି ହୃଦୟହୀନ କଥା ଶୁଣି ଅସନ୍ତୁଷ୍ଟ ହୋଇ ଉଠନ୍ତି ଗୋପବନ୍ଧୁ । ମନେ ମନେ ସ୍ଥିର କରନ୍ତି – ଏଭଳି ପ୍ରସ୍ତାବ ଗ୍ରହଣୀୟ ନୁହେଁ । ଚିଡି ଉଠି କହନ୍ତି, "ଆବଶ୍ୟକ ପଡ଼ିଲେ ମୁଁ କେତକୀର ହାତ କୌଣସି ଗରିବ ଯୁବକ ହାତରେ ଛନ୍ଦି ଦେଇ ପାରେ । ହେଲେ ଦିଆନିଆ କରି ବିବାହ କରାଇବି ନାହିଁ ।"

ଏଇ କଥା ପରେ ସେ ପ୍ରସ୍ତାବ ଭାଙ୍ଗି ଯାଇଥିଲା । ତା ପରେ ପ୍ରସ୍ତାବ ପଡିଥିଲା ବୀର ପ୍ରତାପପୁର ଶାସନରେ । ବର ନାରାୟଣ ମିଶ୍ର ସତ୍ୟବାଦୀ ବିଦ୍ୟାଳୟର ଛାତ୍ର । ଗୋପବନ୍ଧୁଙ୍କ ମୁରବୀ ଭଳି ମାନେ । ତାଙ୍କ ସହିତ କେତକୀର ପ୍ରସ୍ତାବ ସ୍ଥିର ହେଲା । ଗୋପବନ୍ଧୁଙ୍କୁ ବଡ଼ ଗୋଟାଏ ଭୋଜି ଦେବାକୁ ପଡିଲା । ସେଠି ବିବାହ ସୁରୁଖୁରୁରେ ହୋଇଗଲା । ଆଶା ସେ ମଧ୍ୟ ଭଲ ଅଛି । ବେଳେ ବେଳେ ସେମାନେ ମନେ ପଡନ୍ତି । ହେଲେ ପୁଣି ମନକୁ ଆସେ ଘରଦ୍ୱାର ମାୟା ନ ଛାଡିଲେ ବୃହତ କର୍ମ କରି ହେବ ନାହିଁ ।

ତାଙ୍କୁ ଘରୋଇ ମାୟା ସିନା ଲାଗେନି, ହେଲେ ଅନୁଷ୍ଠାନର ମାୟା ଘାରେ । କେଉଁଠି କିଏ ଶିକ୍ଷାୟତନ ଆରମ୍ଭ କଲେ ତାଙ୍କ ପ୍ରାଣ ଆନନ୍ଦରେ ନାଚି ଉଠେ ।

କେତେ ମାସ ତଳେ ସତ୍ୟବାଦୀ ବୁଲି ଆସିଥିଲେ ବାଲୁଙ୍କେଶ୍ୱର । ପାଠପଢା ଦିନରୁ ତାଙ୍କର ଅକୃତ୍ରିମ ମିତ୍ର । ବରଗଡ଼ରୁ ଆସିଥିଲେ ତାଙ୍କ ସହ ପରାମର୍ଶ ପାଇଁ । ହଁ ବାଲୁଙ୍କେଶ୍ୱର ବରଗଡ଼ରେ ଏକ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ଥାପନ କରିଛନ୍ତି । ତାର ପରିଚାଳନା ଗତ ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ଗୋପବନ୍ଧୁଙ୍କ ପରାମର୍ଶ ଚାହାନ୍ତି ।

"ତୁମେ ପାଣ୍ଠି କିପରି ସଂଗ୍ରହ କରୁଛ ଗୋପ ।"

"ଦେବା ମରିବାକୁ କିଏ ସୁଖ ପାଏ ବାଲୁଙ୍କେଶ୍ୱର ? ଆମର ଏଠି ପାଣ୍ଠି ସଂଗ୍ରହ ହୁଏ ମହନ୍ତଙ୍କ ଠାରୁ ଆରମ୍ଭ କରି ଗାଁ ମୁରବୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଠାରୁ । ଯେଉଁ ମଠ ମହନ୍ତଙ୍କୁ ମୁଁ ସମାଲୋଚନା କରେ ଆବଶ୍ୟକ ପଡ଼ିଲେ ସେହିମାନଙ୍କୁ ଦାନ ପାଇଁ ଅନୁରୋଧ କରେ । ବେଳେବେଳେ ଲାଗେ ସେମାନଙ୍କ ଅର୍ଥ ବିଦ୍ୟାଳୟ କାମରେ ଲାଗୁଛି ଅର୍ଥ ତାହାର ସଦ୍ ବିନିଯୋଗ ହେଉଛି ।"

ଗୋପବନ୍ଧୁଙ୍କ ଠାରୁ ଏଭଳି କଥା ଶୁଣି ହସି ଉଠିଲେ ବାଲୁଙ୍କେଶ୍ୱର ।

"ମେସ୍ ଚଳାଇବାର ଭଲ ଉପାୟ କଣ ଗୋପ ।"

"ଆମର ତ ଏଠି ମେସ୍‌ରେ ଜାତି ଧର୍ମ ନାହିଁ । କୁଳ ଗୃହରେ ସମସ୍ତେ ଏକାକାର । ନାହିଁ ଭେଦ ବିଚାର । ବାକି ପିଲାମାନଙ୍କ ଖାଦ୍ୟ ସରଳ ଓ ପୁଷ୍ଟିକର ହେବା ଉଚିତ । ଆମର ତ ଏଠି ପ୍ରଥମେ ରାନ୍ଧଣା ଚାଖି ଭଲ ମନ୍ଦ ବାରନ୍ତି ନୀଳକଣ୍ଠ ।"

ଏହି ପରି କଥା ଚାଲିଥିଲା ବେଳେ ଗୋପବନ୍ଧୁ ମନେ ପକାଇଲେ ବରଗଡ଼ ବିଦ୍ୟାଳୟକୁ ନେଇ ସେ ଲେଖିଥିବା ଚିଠି କଥା ।

ପ୍ରାୟ ବର୍ଷେ ତଳେ ସେ ବରଗଡ଼ରେ ପ୍ରସ୍ତାବିତ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସମ୍ପର୍କରେ ଡିଉକ୍‌ଙ୍କୁ ଚିଠି ଲେଖିଥିଲେ । ବରଗଡ଼ ବିଦ୍ୟାଳୟ କଥା କହିଲା ଭିତରେ ସତ୍ୟବାଦୀ ବିଦ୍ୟାଳୟ ର କଥା ମଧ୍ୟ ଉଠାଇଥିଲେ । ଏବେ ମନେ ପଡୁଥାଏ । ସେ ଲେଖିଥିଲେ:

satyabadi,
22/2/17.

Dear Mr.Duke,

I am very glad to read in papers that your last visit to sambalpur has produced a very desirable effect upon the institutions you inspected and has inspired with hope and enthusiasm many individual workers in the cause of education in their district . The sambalpur zilla school is the only high school there and one high school is no doubt quite inadequate for the educational needs of an aspiring and extensive district like sambalpur. I am sure the efforts at Burgarh for the establishment of a high school have received your sympathetic recognition and whole hearted support. My friend Babu Balunkeswar Mishra, an earnest worker in the locality , is doing his utmost to raise the necessary funds. A high school at a subdivision centre is a necessity ,but unless the local resources are supplemented by Departmental help and support it is very difficult for them tosucceed. Ii understand you have reported favourably of the newly started institution and upon this assumption my friend Hon'ble Babu Brajasundar Das,who was on the last finance committee of the provincial government ,pressed for an allotment in the next budget for the Burgarh school. But no allotment could be secured as the report on the subject from the departmental authorities had not reached the government.But the case of Burglary has been noted and we hope to have the necessary help next year provided you support the cause.I am interested in that school and have also thought of putting a question in the council this time enquiring what steps the Govt.proposes to take to encourage private efforts for establishing High English Schools in the province. I hope my further endeavour in this direction will receive your sympathy and co-operation.


Sometime ago I sent a formal application to you asking for sanction for use in schools of orissa on the vernacular monthly magazine "Satyabadi" edited by me. A few sample copies were also sent for your inspection.you told me at Satyabadi to help me in the matter.I hope the application has received your kind consideration .I may tell you that magazine editing in Orissa is a losing concern. I have to conduct the pa-

per at sacrifice only as another means for the diffusion of educational ideas among my people.

I applied to Calcutta university for the recognition of Satyabadi school in geography including a copy of your last inspection notes. The registrar has just intimated to me that my application has been referred to the Director for your report on the subject. I hope to have the pleasure of visit to satyabadi in this connection. I shall be away at Bankipur for the whole month of March. I don't know if you have received any communication from theDPI's office in this matter. But I hope to be favoured with the previous intimation of your visit to satyabadi .

Yours sincerely

SD/ G.Das


ମଧୁସୂଦନ ଦାସ

"ଆଚ୍ଛା ବାଲୁଙ୍କେଶ୍ୱର ସେ ଚିଠିର କିଛି ଫଳ ଫଳିଲା ।"

"ହଁ ଗୋପ ! ତୁମ ଚିଠି ପରେ ବିଦ୍ୟାଳୟ ପ୍ରତି ସେମାନଙ୍କ ସମିହ ବଢ଼ିଛି ।"

ଦୁଇ ବନ୍ଧୁ ଏପରି କଥା ହେବା ପରେ ବାଲୁଙ୍କେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ । ଗଲାବେଳେ କହି ଯାଇଥିଲେ, "ତୁମ ସହ ଏ ଆଲୋଚନା ମୋ ପାଇଁ ମଙ୍ଗଳକର ସାବ୍ୟସ୍ତ ହେବ ।"

ଯିଏ ଯେଉଁଠି ଥାଉ ନା କିଆଁ ଯଦି ସେ ଦେଶ ଦଶର କାର୍ଯ୍ୟ ପାଇଁ ସମର୍ପିତ ତେବେ ଗୋପବନ୍ଧୁ ତା ପ୍ରତି ସମ୍ବେଦନା ଓ ସହାୟତାର ହାତ ବଢ଼ାଇବା ନିଶ୍ଚିତ - ସେ ବରଗଡ଼ରେ ବାଲୁଙ୍କେଶ୍ୱର ହୁଅନ୍ତୁ କି କଟକରେ ତାଙ୍କ ବନ୍ଧୁ ବ୍ରଜ ସୁନ୍ଦର ।

ଏ ସମୟରେ ତାଙ୍କ ପାଖରେ ପହଞ୍ଚିଥିଲେ ବ୍ରଜସୁନ୍ଦର । ସାଙ୍ଗରେ ଆଣିଥିଲେ ମଧୁସୂଦନଙ୍କ ପତ୍ର ।

"କଥା କଣ କଟକ ଦାସେ ପୁରୀ ଦାସଙ୍କ ପାଖେ ହାଜର ?"

ବ୍ରଜସୁନ୍ଦର ତାଙ୍କ ମଧୁବାବୁଙ୍କ ଚିଠି ବଢ଼ାଇ ଦେଲେ । ତା ପରେ ତାଙ୍କୁ କହିଲେ, "କଟକରେ ଉତ୍କଳ ସମ୍ମିଳନୀକୁ ନେଇ ଅଦ୍ଭୁତ ରାଜନୀତି । ସଭା ଭଣ୍ଡୁର କରିବାର ଚେଷ୍ଟା ଚାଲିଛି । ଯେଉଁମାନେ ସ୍ୱେଚ୍ଛାସେବୀ ହୋଇଥାନ୍ତେ ସେମାନେ ଆସିବାକୁ ମନା କରିଛନ୍ତି । ତେଣୁ ମି. ଦାସ ଚାହାଁନ୍ତି ସତ୍ୟବାଦୀର ପିଲାମାନେ ଏ କାର୍ଯ୍ୟ ତୁଲାନ୍ତୁ ।

ବ୍ରଜସୁନ୍ଦର ତାଙ୍କୁ ଅସଲ ସମସ୍ୟା ବିଷୟରେ ଅବଗତ କରାଇଲେ ।" ମଧୁବାବୁଙ୍କ ଚିଠି ପଢ଼ି ସାରି ସେ ଜାଣିବାକୁ ପାଇଲେ ଯେ - କଟକର ଯେଉଁ ଛାତ୍ରମାନେ ଉତ୍କଳ ସମ୍ମିଳନୀରେ ସ୍ୱେଚ୍ଛାସେବକ ହୋଇଥାନ୍ତେ ସେମାନେ ସହଯୋଗ କରିବାକୁ ମନା କରି ଦେଇଛନ୍ତି । ଏବେ ଭରସା ସତ୍ୟବାଦୀର ପିଲାମାନେ । ସେତେବେଳକୁ ପିଲାମାନଙ୍କୁ ନେଇ ନୀଳକଣ୍ଠ ଓ ଗୋଦାବରୀଶ କଣ୍ଟିଲୋ ନୀଳମାଧବ ଦର୍ଶନରେ ଯାଇଥାନ୍ତି ।

"କଥା କଣ କି ବ୍ରଜ - ପିଲାମାନଙ୍କୁ ଧରି ନୀଳକଣ୍ଠ ଓ ଗୋଦାବରୀଶ ଯାଇଛନ୍ତି କଣ୍ଟିଲୋ ଓ ଖଣ୍ଡପଡା ବୁଲି ।"

"ସେମାନେ ତ ଫେରିବେ ।"

"ହଁ ଫେରୁଛନ୍ତି । ତେବେ ସେମାନେ ଷ୍ଟେସନରେ ପହଂଚିବା ମାତ୍ରେ ତାଙ୍କ ଭିତରୁ କିଛି ପିଲାଙ୍କୁ ଧରି ଆମେ କଟକ ବାହାରି ଯିବା । ଦେଶ କାମରେ ଯେପରି ବିଘ୍ନ ନ ଉପୁଜେ । ବାଟରେ ସେମାନେ ଲାଭ କରିଛନ୍ତି ଖଣ୍ଡପଡା ରାଜାଙ୍କ ଆତିଥ୍ୟ । ଶଗଡ଼ିଆମାନେ ରାଜାଙ୍କ ଆଦେଶରେ ନିଜ ହାତରୁ ଖାଇ ବିନା ପାରିଶ୍ରମିକରେ ଆସିଛନ୍ତି ଶୁଣି କ୍ଷୁବ୍ଧ ହୋଇଥିଲେ ନୀଳକଣ୍ଠ । ପ୍ରଥମେ ସେ ରାଜାଙ୍କର କୌଣସି ସାହାଯ୍ୟ ନେବାକୁ ମନା କରି ଦେଇଥିଲେ । ପରେ ରାଜା କ୍ଷମା ପ୍ରାର୍ଥନା କରିଥିବାରୁ ତାଙ୍କ ଆତିଥ୍ୟ ସ୍ୱୀକାର କରିଥିଲେ । ସେହି ପିଲାମାନେ ଖୋର୍ଦ୍ଧା ଷ୍ଟେସନ ଠାରେ ସତ୍ୟବାଦୀ ଆସିବାକୁ ଥିବେ ।"

ବ୍ରଜସୁନ୍ଦର ଓ ଗୋପବନ୍ଧୁ ଯଥା ସମୟରେ ସେଠି ପହଁଚିଲେ । ବିଶଦ ଆଲୋଚନା ପରେ ଷାଠିଏ ଜଣ ଛାତ୍ରଙ୍କ ସମେତ ନୀଳକଣ୍ଠ ଓ ଗୋଦାବରୀଶଙ୍କୁ ସାଙ୍ଗରେ ଧରି ଗୋପବନ୍ଧୁ କଟକ ଯାତ୍ରା କଲେ ।

କଟକ ଷ୍ଟେସନରେ ଗାଡି ପହଞ୍ଚେ । ମଧୁବାବୁ ଓ ତାଙ୍କର କେତେ ଜଣ ବନ୍ଧୁ ଘୋଡାଗାଡି ଧରି ଅପେକ୍ଷାରେ ଥାଆନ୍ତି । ଗୋପବନ୍ଧୁଙ୍କ ଦେଖି ଆଦରରେ ତାଙ୍କୁ କୁଣ୍ଢାଇ ପକାଇଲେ ମଧୁବାବୁ । କହିଲେ, "ଆସ ହେ ନାଳନ୍ଦା ର ଗୁରୁ । ତୁମେ ଓ ପିଲାମାନେ ଯେ ଆସିଗଲ ଆଉ କର୍ମୀ ଅଭାବ ରହିବେ ନାହିଁ । ମଙ୍ଗରାଜ ଆଉ ମଙ୍ଗ ମୋଡି ପାରିବେ ନାହିଁ ।"

ସମ୍ମିଳନୀ ଆରମ୍ଭ ହୋଇଯାଏ । ମଧୁବାବୁ ପିଲାମାନଙ୍କୁ ସମ୍ମିଳନୀ ସମ୍ପର୍କରେ କେତୋଟି କଥା କହିଲେ । ଉଦ୍‌ବୋଧନ ଦେଇ କହିଲେ, "ପିଲାମାନେ ଶୃଙ୍ଖଳା ହେଉଛି ବଡ଼ କଥା । କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ଶୃଙ୍ଖଳିତ ରହିବା ଓ ରଖିବା ବଡ଼ କଥା । ସମ୍ମିଳନୀ ଆରମ୍ଭ ହୋଇ ଯାଇଛି । ବହୁ ଅଦରକାରୀ ଲୋକ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିବେ । କେହିକେହି ବିଭ୍ରାଟ ସୃଷ୍ଟି କରିବାର ମତଲବରେ ଆସି ପାରନ୍ତି । ତେଣୁ ତୁମେମାନେ ବିନା ଟିକେଟରେ କାହାକୁ ଛାଡିବ ନାହିଁ । ତୁମ୍ଭମାନଙ୍କ ବିଦ୍ୟାଳୟ ଶୃଙ୍ଖଳାର ଚରମ ନମୁନା । ତୁମ ଶିକ୍ଷକମାନେ ତୁମ୍ଭମାନଙ୍କୁ ଯଥେଷ୍ଟ ଶୃଙ୍ଖଳା ଶିକ୍ଷା ଦେଇଥିବେ । ତୁମେ ଏଠାରେ ତାହାହିଁ ଦେଖାଅ ।"

ଗୋପବନ୍ଧୁ ମଧ୍ୟ ପିଲାଙ୍କୁ ଉଦବୋଧନ ଦେଇ କହିଲେ, "ତୁମେମାନେ ଏଠାକୁ ଆସିଛ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ । ଉତ୍କଳ ସମ୍ମିଳନୀ ଏକ ଜାତୀୟ କାର୍ଯ୍ୟ । ଏହାକୁ ସଫଳତାର ସହ ତୁଲାଇଲେ ତୁମେ ଜାତୀୟ ଯଜ୍ଞରେ ନିଜ ଭୂମିକା ତୁଲାଇଲ ବୋଲି ବୁଝିବାକୁ ହେବ ।"

ତା ପରେ ନୀଳକଣ୍ଠ ପିଲାମାନେ କିଏ କେଉଁଠି ଠିଆ ହେବ, କେମିତି ଭିଡକୁ ନିୟନ୍ତ୍ରଣ କରିବାକୁ ହେବ ତାହା ବତାଇ ଦେଲେ । କହିଦେଇ ଗଲେ ଟିକେଟ ବିନା କାହାରିକୁ ବି ପ୍ରବେଶ କରିବାକୁ ଦେବ ନାହିଁ ।

ନୀଳକଣ୍ଠ କହିବା ମୁତାବକ ପ୍ରଧାନ ଫାଟକ ପାଖରେ ଆଠ ଜଣ ସ୍ୱେଚ୍ଛାସେବକ ରହିଲେ । ଅନ୍ୟ ତିନି ଫାଟକରେ ରହିଲେ ଦୁଇ ଜଣ ଲେଖାଏଁ ସ୍ୱେଚ୍ଛା ସେବକ । ସେ ବାଟଗୁଡିକରେ ପ୍ରବେଶ କରିବା ନିଷେଧ ଥାଏ । ସେସବୁ ବାଟ ଦେଇ ବାହାରକୁ ବାହାରି ଯାଇ ପାରିବେ ।

ଏହି ସମୟରେ ଜଣେ ବ୍ୟକ୍ତି ବିନା ଟିକେଟରେ ଭିତରକୁ ପ୍ରବେଶ କରିବାର ଉଦ୍ୟମ କରୁଥାନ୍ତି । ବାଟରେ କିଛି ସ୍ୱେଚ୍ଛାସେବକ ତାଙ୍କୁ ଅଟକାଇଲେ । ଏ ଖବର ପାଇ ମଧୁବାବୁ ଘଟଣା ସ୍ଥଳରେ ପହଞ୍ଚି ପିଲାମାନଙ୍କୁ ଆଦେଶ ଦେଲେ ତାଙ୍କୁ ଛାଡ଼ିଦେବା ପାଇଁ । କହିଲେ, "ସେ ଜଣେ ବିଶିଷ୍ଟ ଅତିଥି ।" ତଥାପି ସତ୍ୟବାଦୀର ଛାତ୍ରମାନେ ତାଙ୍କୁ ପ୍ରବେଶ କରିବାକୁ ଦେଲେ ନାହିଁ । ଓଲଟି ମଧୁବାବୁଙ୍କୁ କହିଲେ, "ଆମେ ଆପଣଙ୍କ ଆଦେଶ ମାତ୍ର ପାଳନ କରୁଅଛୁ ।"

ସମ୍ମିଳନୀ ମଣ୍ଡପରେ ଏକଥା ଚହଳ ପକାଇଲା । ଗୋପବନ୍ଧୁ ଘଟଣା ସ୍ଥଳରେ ପହଁଚିଲେ । ପିଲାମାନଙ୍କୁ କହିଲେ, "ଆରେ ତୁମେମାନେ ଏ କଣ କରୁଛ । ସେ ପରା ସ୍ୱଭାବ କବି ଗଙ୍ଗାଧର ମେହେର । ଆମର ବିଶେଷ ଅତିଥି ।" ପିଲାମାନେ ତାଙ୍କୁ ଚିହ୍ନି ନଥାନ୍ତି । ଯଦି ଜାଣିଥାନ୍ତେ ତେବେ ବି ତାଙ୍କୁ ଛାଡି ନଥାନ୍ତେ । ଗୋପବନ୍ଧୁଙ୍କ କଥା ଶୁଣି ଗଙ୍ଗାଧର ଅଳ୍ପଅଳ୍ପ ହସୁଥାନ୍ତି । ଚାରି ଆଡ଼େ ଚହଳ ପଡିଲା ଯେ କବି ଗଙ୍ଗାଧରଙ୍କୁ ସତ୍ୟବାଦୀର ପିଲାଏ ଭିତରକୁ ଛାଡୁ ନାହାନ୍ତି । ଏ ସମୟରେ ଜଣେ ସ୍ୱେଚ୍ଛାସେବକ ମଣ୍ଡପକୁ ଯାଇ ବିଶେଷ ଅତିଥି

ଟିକେଟ ଆଣିଲେ । ତା ପରେ କବି ଭିତରକୁ ଗଲେ । ଏ କଥା ମଧୁବାବୁଙ୍କ ଗଭୀର ଭାବେ ପ୍ରଭାବିତ କଲା । ସେ କହିଲେ, "ଆଉ ଏ ଟୋକାଏ ଏ ବାଟରେ ଛାଡିବେ ନାହିଁରେ ବାପା ।" ପୁଣି ନୀଳକଣ୍ଠଙ୍କ ଆଡେ ଚାହିଁ କହିଲେ, Nilakantha your boys are fine .

ପିଲାମାନଙ୍କ ନିଷ୍ଠା ଦେଖି ଗହଳି ଭିତରେ ବି ମଧୁବାବୁ ଗୋପବନ୍ଧୁଙ୍କ ଆଡେ ଚାହିଁ କହିଲେ, "ପିଲାମାନେ ଆଜି ଯାହା କରି ଦେଖାଇଲେ ତାହା ଆମ ଜନଜୀବନରେ ବିରଳ । ଏମାନେ ହେଲେ କର୍ତ୍ତବ୍ୟ ନିଷ୍ଠାର ଅସଲ ସିପାହୀ । ଏଇମାନଙ୍କୁ ଦେଖି ମୋର ମନରେ ଧାରଣା ଦୃଢ଼ ହେଉଛି ଯେ ଆମେ ଦିନେ ନା ଦିନେ ଆମ ବାଂଛିତ ସ୍ୱତନ୍ତ୍ର ଉତ୍କଳ ହାସଲ କରିବା । ନିଜର କର୍ତ୍ତବ୍ୟ ଠିକ ରୂପେ ତୁଲାଇଥିବାରୁ ନେପୋଲିୟନ ତାଙ୍କର ଜଣେ କାର୍ତ୍ତବ୍ୟନିଷ୍ଠ ସିପାହୀକୁ ଢେର ପୁରସ୍କାର ଦେଇଥିଲେ । ସେ ଥିଲେ ସମ୍ରାଟ । ପିଲାମାନଙ୍କୁ ମୁଁ ବା କି ପୁରସ୍କାର ଦେଇ ପାରିବି ? ଆମେ ତ କାଙ୍ଗାଳ ।"




ଗୋପବନ୍ଧୁ ଦାସ

ମଧୁବାବୁଙ୍କ ହୃଦୟର କଥା ଶୁଣି ଗୋପବନ୍ଧୁ କହିଲେ, "ଆପଣ ଯେ ଆମ ଜାତିର ମୁକୁଟ ବିହୀନ ସମ୍ରାଟ ।" ଏଭଳି କଥୋପକଥନ ଭିତରେ ଜନତାର ଦାବୀ ହେଉଥାଏ: 'ଦାସେ ଆପଣେ କିଛି କହନ୍ତୁ ।'

ଏ ଅନୁରୋଧ ଭିତରେ ମଧୁବାବୁ ଗୋପବନ୍ଧୁଙ୍କ କାନ୍ଧରେ ହାତ ପକାଇ ତାଙ୍କୁ ମଞ୍ଚ ଉପରକୁ ନେଇଗଲେ । ମଞ୍ଚରେ ଠିଆ ହୋଇ କହିଲେ, "ଆଜି ହୁଏତ ମଞ୍ଚରେ ଗୋପବନ୍ଧୁର କହିବାର ନ ଥିଲା । ତେବେ ଗୋପ ଲୋକଙ୍କ ହୃଦୟରେ ସ୍ଥାନ ପାଇଛି । ଗୋପ ଆଉ ଗୋପ୍ୟ ହୋଇ ରହି ନପାରେ । ଲୋକେ ଚାହାନ୍ତି ସେ କିଛି କହୁ ଦେଶ ମିଶ୍ରଣ ପ୍ରସଙ୍ଗରେ ।"

ଏ କଥାରେ ଆବେଗାପ୍ଲୁତ ହୋଇ ଗୋପବନ୍ଧୁ କହିବା ଆରମ୍ଭ କଲେ: "ବନ୍ଧୁ ଗଣ ! ଏହି ସମ୍ମିଳନୀରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଦାବୀ ଗତ ଷୋହଳ ବର୍ଷ ଧରି ହୋଇ ଆସୁଅଛି । ତିରିଶ ବର୍ଷ ଧରି ଗଞ୍ଜାମର ଜନ ସାଧାରଣ ଏ ଦାବି କରି ଆସୁଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ଏହାର କୌଣସି ଫଳାଫଳ ପ୍ରକାଶ ପାଇ ନାହିଁ । ଆମ ଆନ୍ଦୋଳନ ମନ୍ଥର ଗତିରେ ଚାଲୁଥିବାରୁ ଅନେକଙ୍କ ମତ ଯେ ଆମେ କିଛି ହାସଲ କରି ପାରିବା ନାହିଁ । ଆମେ ତଳ ଠାରୁ ଉପର ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ଅନୁଯୋଗ ଓ ଆବେଦନ କରିଛେ । ଏପରିକି ଗଭର୍ଣ୍ଣର ଜେନେରାଲଙ୍କ ପାଖରେ ମଧ ଆମ ଆବେଦନ ପେଶ କରାଯାଇଛି ; କିନ୍ତୁ କିଛି ଫଳ ମିଳି ନାହିଁ । ମହାଦେବଙ୍କ ଦର୍ଶନ ପୂର୍ବରୁ ବାସୁଆ ବଳଦକୁ ଓ ଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ଗରୁଡ଼ ସ୍ତମ୍ଭରେ ମୁଣ୍ଡିଆ ମାରିବାକୁ ହୁଏ । ବର୍ତ୍ତମାନ ମହାମାନ୍ୟ ଇଂରେଜ ସରକାରଙ୍କ ଭାରତ ଶାସନ ନିମନ୍ତେ ନିଯୁକ୍ତ ସେକ୍ରେଟାରୀ ଭାରତ ଭ୍ରମଣ ନିମନ୍ତେ ଆସିଛନ୍ତି । ସେ ହେଉଛନ୍ତି ଆମ ପାଇଁ ଇଂରେଜ ସରକାର । ତାଙ୍କୁ ହିଁ ଜଣାଇଲେ ବୋଧହୁଏ ଆମର ସୌଭାଗ୍ୟ ଆସି ଯିବ । ଅନେକ ଲୋକଙ୍କ ମତ ଯେ ଭାରତୀୟ ସ୍ୱରାଜ୍ୟ ସଂଗ୍ରାମରେ ଓଡିଶା ଯୋଗ ଦେଇ ନାହିଁ । ସେମାନଙ୍କ ମତରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀ ମଧୁବାବୁ ଓ ବ୍ରଜସୁନ୍ଦରଙ୍କ ପରି କେତେଜଣ ଉଚ୍ଚ ଇଂରାଜୀ ଶିକ୍ଷିତ ବ୍ୟକ୍ତିଙ୍କ ନିକଟରେ ସୀମାବଦ୍ଧ । ସେମାନଙ୍କର ଏ ଧାରଣା ଦୂର କରିବା ପାଇଁ ଆମ୍ଭମାନଙ୍କୁ ସାଧାରଣ ନିରକ୍ଷର ଚାଷୀ,ତଳ ଜାତିର ପତିତଠାରୁ ଉଚ୍ଚ ସମାଜସେବୀ ଓ ନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନେଇ ଏକ ବ୍ୟାପକ ଆନ୍ଦୋଳନର ସୂତ୍ରପାତ କରିବାକୁ ହେବ । ଆବାଳ ବୃଦ୍ଧ ବନିତା ସମସ୍ତେ ଏଥିରେ ମାତି ଉଠିବେ । ତା ହେଲେ ସରକାର ଆମର ଗୁରୁତ୍ୱ ଉପଲବ୍ଧି କରିବେ ଓ ଆମ ଦାବୀର ମର୍ମ ବୁଝିପାରିବେ ।"


ବ୍ରଜସୁନ୍ଦର ଦାସ

ମଧୁବାବୁ ଗୋପବନ୍ଧୁଙ୍କ ବକ୍ତୃତା ବଡ଼ ଆଗ୍ରହର ସହ ଶୁଣୁଥାନ୍ତି । ଜନତା ଘନଘନ କରତାଳି ଦେଉଥାନ୍ତି । ଗୋପବନ୍ଧୁ ପୁଣି କହିଲେ, "ଭାଇମାନେ, ଗତ କେତେ ବର୍ଷ ମଧରେ କଟକ, ଗଂଜାମ, ସମ୍ବଲପୁର, ପୁରୀ, ସିଂହଭୂମି ବହୁ ସ୍ଥାନରେ ଏ ସମ୍ମିଳନୀ ସଭା ହୋଇଗଲା । ପୁରୀରେ ପାଞ୍ଚ ହଜାର, କଟକରେ ପ୍ରାୟ ସାତ ହଜାର ଏହିପରି ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ରହି ଏକ ସ୍ୱରରେ ଏଥି ପାଇଁ ଦାବୀ ଜଣାଇଲେ । ଏହି ସଭା ତରଫରୁ ସରକାରଙ୍କ ପାଖକୁ ତାର ବାର୍ତ୍ତାମାନ ପଠାଗଲା । ମୋତେ ସତ୍ୟବାଦୀର ଲୋକେ ଉତ୍କଣ୍ଠାର ସହିତ ପୁରୀ ସଭାରେ ପଠାହୋଇଥିବା ତାର ବାର୍ତ୍ତର ଫଳାଫଳ କଣ ହେଲା ବୋଲି ପଚାରୁଥିଲେ । ମୁଁ ଉତ୍ତର ଦେଲି – ସରକାର ଆମ ତାର ପାଇଥିଲେ ମଧ ଆମ ମନ୍ତ୍ରୀମାନେ ଏଥିପାଇଁ ପାଟି ଫିଟାଇ ନାହାନ୍ତି । ଏଥିରୁ ସାଧାରଣ ଲୋକଙ୍କ ଦେଶ ମିଶ୍ରଣ ଆଗ୍ରହ ସହଜରେ ଅନୁମେୟ । ସରକାର ଯଦି ଏଥିରୁ ଜନତାର ଉଦ୍‌ବେଗ ନବୁଝନ୍ତି,ତେବେ ଆଉ କଣ କରାଯାଇ ପାରିବ ମୋତେ ଜଣା ନାହିଁ । ଯଦି ଆମ ପାଖରେ ଗୋଟିଏ ଗ୍ରାମୋଫୋନ ଥାଆନ୍ତା ତା ହେଲେ ଅବା ସେଥିରେ ସମସ୍ତଙ୍କ ମିଳିତ ଧ୍ୱନିକୁ ରେକର୍ଡ କରାଯାଇ ମନ୍ତ୍ରୀମାନଙ୍କ ଆଗରେ ବଜାଯାଇ ପାରନ୍ତା । ଭାଇମାନେ ଓଡିଶା ପ୍ରେମ,କରୁଣା ଓ ମୈତ୍ରୀର ଦେଶ । ଏଠାରେ ଅନ୍ୟ କୌଣସି ଆନ୍ଦୋଳନ ସମ୍ଭବ ନୁହେଁ । ଓଡିଆମାନେ ଅଧିକ ଆଉ କଣ କରି ପାରିବେ । ସେମାନେ ତାଙ୍କ ଆନ୍ଦୋଳନକୁ ଧାରାବାହିକ ଭାବେ ଶେଷ ଯାଏଁ ନେଇ ଆସିଛନ୍ତି । ସରକାର ଯଦି ଅନ୍ୟ କୌଣସି ପ୍ରକାର ଆନ୍ଦୋଳନ ଚାହୁଁଥାନ୍ତି,ତେବେ ଆମକୁ ଇଙ୍ଗିତ ଦେଲେ ଆମେ ତାହା ହିଁ କରିବା, ଯହିଁରେ ସେମାନେ ଖୁସି ହେବେ । ଏଣିକି ଆମ ଆନ୍ଦୋଳନ ଭଗବାନଙ୍କ ଠାରେ ଛାଡି ଦେବା । ମୁଁ ଅତି ଗଭୀର କ୍ଷୋଭରେ ଏକଥା କହୁଛି । କାକର ବିନ୍ଦୁ ପରି ଆମର ଆଶା ସୂର୍ଯ୍ୟ କିରଣରେ ଶୁଖି ଯାଇଛି । ଆମ ଲୁହ ଓ ଆକୁଳତା ଆଜି ଏକାକାର ହୋଇଛି । ଦୁର୍ବଳର ଏହାଠାରୁ ବଳି ବଡ଼ ଅସ୍ତ୍ର କିଛି ନାହିଁ । ଦୀର୍ଘଶ୍ୱାସ ଏବଂ ପ୍ରାର୍ଥନା ହିଁ ଏଣିକି ଆମ୍ଭର ସମ୍ବଳ । ଆମେ ଆଜି ଉତ୍ତର ପାଇଁ ଅପେକ୍ଷା କରିବା । ସେମାନେ ହଁ ବା ନାହିଁ ଗୋଟିଏ ନିର୍ଦ୍ଦିଷ୍ଟ ଜବାବ ଦିଅନ୍ତୁ । ଆମେ ଦେଖିବା – ଏ ସରକାର ଏହି ଦାବୀକୁ ଗ୍ରହଣ କରି ବା ନିଜେ ଭାଙ୍ଗି ଯାଉ । ଯଦି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମିଶ୍ରଣ ନ ହୁଏ, ତେବେ ଏ ସରକାର ସହିତ ମୋର ଆଜୀବନ ଆଉ କୌଣସି ସମ୍ପର୍କ ରହିବ ନାହିଁ । ସେମାନେ ତାଲୁକ, ଜିଲ୍ଲା ବୋର୍ଡ ଓ ସମ୍ବିଧାନ ସଭା ଗଠନ କରିଛନ୍ତି ଶାସନର ସୁବିଧା ପାଇଁ । ଏହି ସଂସ୍ଥା ମାନଙ୍କୁ ଯେଉଁ ମାନେ ନିର୍ବାଚିତ ହୋଇଛନ୍ତି , ଯଦି ତାଙ୍କ କଥାରେ ସରକାରଙ୍କ ଭରସା ନଥାଏ, ତେବେ ଏସବୁ ପ୍ରତାରଣା ମାତ୍ର । ମୁଁ ଆଉ ଅଧିକ କଣ କରି ପାରିବି । ମୋ ଛିନ୍ନମସ୍ତା ଉତ୍କଳ ଜନନୀ ପାଖରେ ନିଜକୁ ମୁଁ ଆଜି ଏଥିପାଇଁ ଉତ୍ସର୍ଗ କରୁଛି । ମା ଯଦି ଏଜୀବନରେ ତୋର ସୁନ୍ଦର ସୁଶ୍ରୀ ବଦନ ଦେଖି ପାରିବି ନାହିଁ, ତା ହେଲେ ତୋର ଛିନ୍ନମସ୍ତା କଦାକାର ରୂପର ହିଁ ପୂଜା କରିବି ।"

ଏତକି କହି ସାରିଲା ବେଳକୁ ଗୋପବନ୍ଧୁଙ୍କ କଣ୍ଠ ବାଷ୍ପ ରୁଦ୍ଧ,ତୁହାକୁ ତୁହା ଉଠୁଛି କୋହ । ମୁହଁ ଲୁହରେ ଧାର ସାର । ଅଭିଭାଷଣ ସରିଲା ବେଳକୁ ସମସ୍ତେ ତଟସ୍ଥ ।



# ରାୟଗଡ଼ାର ରାହ୍ମା

# ମାଆ ମଝିଘରିଆଣୀ ମନ୍ଦିର


## ଅରୁଣ କୁମାର ତ୍ରିପାଠୀ

ମାର୍ଫତ : ଶ୍ରୀ କୈଳାସ ଚନ୍ଦ୍ର ତ୍ରିପାଠୀ, ଅବସର ପ୍ରାପ୍ତ ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ,
ସନ୍ତୋଷୀ ମାଁ ନଗର-୨ୟ ଗଳି, ପାରାବେଡା, ଜୟପୁର, କୋରାପୁଟ-୭୬୪୦୦୧
ଫୋନ:୯୦୭୮୮୩୮୬୨୭
ଫଟୋ ସୌଜନ୍ୟ : ଲେଖକ




▲ ଲେଖକ ଅରୁଣ କୁମାର ତ୍ରିପାଠୀ

### ଉପକ୍ରମଣିକା

ରାୟଗଡା ସହରର ପଶ୍ଚିମ ଉପକଣ୍ଠରେ ପବିତ୍ର ଝଞ୍ଜାବତୀ ନଦୀ ତଟରେ ମାଆ ମଝିଘରିଆଣୀଙ୍କ ଆସ୍ଥାନ ଅବସ୍ଥିତ । ଏହାର ପ୍ରାକୃତିକ ଦୃଶ୍ୟ ଅତୀବ ମନୋରମ । ଏଠି ପାଦ ଥାପିବା ମାତ୍ରେ ପରମ ଆନନ୍ଦ ପ୍ରତି ପାହୁଣ୍ଡରେ ଅନୁଭବ୍ୟ । ଅପୂର୍ବ ସମ୍ମୋହନୀ ଶକ୍ତି ଭକ୍ତ ଜନ ମାନସର ଯାତନା,ନିର୍ଯ୍ୟାତନା ତଥା ଅଭିଳାଷାର ପରିପୂରଣ ନିମନ୍ତେ ସତେକି ଚିଟାଉ ଦେଇ ଆମନ୍ତ୍ରଣ କରିଅଛି । ମାଆଙ୍କ ଦର୍ଶନ ମାତ୍ରେ ପ୍ରତି ଲୋମକୂପରେ ଭରିଯାଏ ଶତସିଂହର ବଳ । ଏହି ଦେଉଳଟି ଦକ୍ଷିଣ ଓଡିଶାର ଏକ ପ୍ରମୁଖ ଶକ୍ତିପୀଠ ତଥା ପଡୋଶୀ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଝାରଖଣ୍ଡରୁ ଅନେକ ଭକ୍ତବୃନ୍ଦଙ୍କ ସମାଗମ ପ୍ରତି ସପ୍ତାହରେ ଦେଖିବାକୁ ମିଳେ । ସାପ୍ତାହିକ ଦୁଇଟି ଦିନ, ଯଥା: ରବିବାର ଏବଂ ବୁଧବାରେ ହଜାର ହଜାର ଶ୍ରଦ୍ଧାଳୁ ମାଆଙ୍କ ଦର୍ଶନ ନିମନ୍ତେ ଛୁଟି ଆସନ୍ତି । ମନ୍ଦିର ପାର୍ଶ୍ୱରେ ଦର୍ଶନ କରିପାରିବେ, ସତୀକୁଣ୍ଡ, ସନ୍ନୀକଟ ବିଳା/ହୁଙ୍କା, ସୁଦୃଶ୍ୟ କଳ୍ପବଟ ଯେଉଁଥିରେ ମାନସିକ କରି

ନାଲି କପଡାମାନ ବନ୍ଧା ଯାଇଥିବା ଅଳି ସମୂହ, ମାଆଙ୍କ ବାହନ ରୂପେ ସମର୍ପିତ ଏକ ବୃହତ୍ ଧାତବ୍ୟ ଅଶ୍ୱ, ଦୁଇଟି ଯଜ୍ଞ କୁଣ୍ଡ, ମନ୍ଦିରରୁ ଅନତି ଦୂରରେ ମାଆଙ୍କ ପଦଚିହ୍ନ । ସତେକି ସେଠି ଅଳି ନିବେଦନର ଉତ୍ସବ ନିତ୍ୟ ଅନୁଷ୍ଠିତ ହୁଏ ! ମାଆ ଡାକିଲେ ସବୁ ସମୟରେ ଓ' କରନ୍ତି ତଥା ପ୍ରତିଦିନ ଭକ୍ତଙ୍କ ଦୁଃଖ ଲାଘବ ନିମିତ ଅଶ୍ୱରେ ନଗର ପରିକ୍ରମା କରୁଥିବାର କିମ୍ବଦନ୍ତୀ ତଥା ପ୍ରତ୍ୟକ୍ଷ ଅନୁଭବ ଜନମାନସରେ ରହିଅଛି ।



## ମାଆ ମଝିଘରିଆଣୀ ମନ୍ଦିର ସମ୍ପର୍କିତ ଐତିହାସିକ ପୃଷ୍ଠଭୂମି

ଆମେ ଜାଣୁ ପୂର୍ବେ କୋରାପୁଟ ଜିଲ୍ଲା ଚାରୋଟି ଅଂଚଳ ଯଥା କୋରାପୁଟ, ରାୟଗଡ଼ା, ମାଲକାନ ଗିରି ଓ ନବରଙ୍ଗପୁରକୁ ନେଇ ଗଠିତ ଥିଲା, ଯାହାର ବିଭାଜନ ହେଇଥିଲା, ୧୯୯୨ ମସିହା ଅକ୍ଟୋବର ୨ ତାରିଖରେ । ଏହା ତ ସ୍ୱାଧୀନୋତ୍ତର ଭାରତ କଥା । କିନ୍ତୁ ସ୍ୱାଧୀନତା ପୂର୍ବରୁ ଏହି ଅଂଚଳ ରାଜା ଶାସନରେ ପରିଚାଳିତ ହେଉଥିଲା । ଜୟପୁର ରାଜ ପରିବାର ଉପରେ ଥିଲା ପରିଚାଳନା ଭାର । ଜୟପୁରରେ ରାଜଧାନୀ ପ୍ରତିଷ୍ଠା ହେବା ପୂର୍ବରୁ ସେୟା ଅଧୁନା କୋରାପୁଟ ଜିଲ୍ଲାର ନନ୍ଦପୁରରେ ଥିଲା । ସେଠିକାର ରାଜା ମହାଜ୍ଞାନୀ ତଥା ଅନେକ ସମ୍ପଦରେ ବିଭୂଷିତ ହୋଇଥିଲେ । ପ୍ରଜାଗଣ ମଧ୍ୟ ସୁଖରେ କାଳାତିପାତ କରୁଥିଲେ । ସମୟ ଚକ୍ରରେ ସେଠିକାର ରାଜା ଥା'ନ୍ତି ଭୈରବ ଦେବ । ଅନ୍ତେ ତାଙ୍କର ସନ୍ତାନ ବିଶ୍ୱନାଥ ଦେବ ପ୍ରଥମେ ଯୁବରାଜ ଓ ପରେ ମହାରାଜ ପଦ ଅଳଙ୍କୃତ କରିଥିଲେ । ସେ ନିଜ ପିତାଙ୍କ ପଦାଙ୍କ ଅନୁସରଣ କରି ପ୍ରଜାନୁରଞ୍ଜନ ସମ୍ରାଟ୍ ବୋଲାଇଥିଲେ । ହେଲେ ସେ ନିଃସନ୍ତାନ ଥିଲେ । ଏଣେ ଉତ୍ତରାଧିକାରୀ ଚିନ୍ତା ଘାରିଥାଏ ମହାରାଣୀଙ୍କୁ । ରାଜାଙ୍କୁ ଏହି ସମ୍ବାଦ ଅବଲୋକନ କରାନ୍ତେ, ରାଜା ନିଜ ସଭାସଦ୍ ପାତ୍ର,ମନ୍ତ୍ରୀ, ରାଜଗୁରୁ ଓ ଜ୍ୟୋତିଷଙ୍କ ପରାମର୍ଶ ଲୋଡ଼ିଲେ । ପରେ ଏୟା ନିରୁପିତ ହେଲା ଯେ ନନ୍ଦପୁର ରାଜଧାନୀ ପରିତ୍ୟାଗ କରି ଅନ୍ୟତ୍ର ରାଜଧାନୀ ନିର୍ମାଣ କରାଯିବ, କାରଣ ସଂପୃକ୍ତ ଅଂଚଳ ରାଜାଙ୍କ ବଂଶ ବୃଦ୍ଧି ନିମନ୍ତେ ସୁହାଉ ନଥିଲା । ଜ୍ୟୋତିଷଙ୍କ ନିର୍ଦ୍ଦେଶ ମୁତାବକ ପରିଚାରକ ଗଣ ଅଶ୍ୱକୁ ବାହାନ ରୂପେ ବରଣ କରି ସାମ୍ରାଜ୍ୟର ଉତ୍ତର ପୂର୍ବ ଦିଗ ବା ଐଶାନ୍ୟ କୋଣରେ ଯାତ୍ରା ଆରମ୍ଭିଲେ । ଅନେକ ଦୁର୍ଗମ ପାହାଡ଼, କାନ୍ତାର, ନଦ ନଦୀ ର ପ୍ରତିରୋଧକୁ ସେମାନେ ତିଳେ ହେଲେ ଭୃକ୍ଷେପ କରୁନଥିଲେ । ଯେହେତୁ ଆଧାତ୍ମିକତା ଓ ନିଷ୍ଠା ସେମାନଙ୍କ ସହଚରୀ ଥିଲା, ଯେତେ ବାଧା ବିଘ୍ନ କିଛି ବି କ୍ଷତି କରିପାରିଲା ନାହିଁ । କୌଣସି ବନ୍ୟଜନ୍ତୁ ମଧ୍ୟ ତାଙ୍କ ପଥ ଓଗାଳିବାର ସାହାସ କରିନଥିଲେ । ଏପରି ଅନେକ ଦିନ ସନ୍ଧାନ ପରେ ଏକ ବିଶାଳ ସମତଳ ସ୍ଥାନକୁ ପ୍ରାପ୍ତ ହେଲେ । ଯେଉଁଠି ପଶୁପକ୍ଷୀ ଶୁଭ ସଙ୍କେତ ଦେଉଥିଲେ, ସୁଉଚ୍ଚ ପାହାଡ଼ ମାନ ପୂର୍ବ, ପଶ୍ଚିମ ତଥା ଦକ୍ଷିଣରେ ପରିବ୍ୟାପ୍ତ ହେଇ ସେଠି ଗଗନ ସହ କରୁଥିଲେ ଉଚ୍ଚତା ମାପିବା ପ୍ରତିଯୋଗୀତା, ଝଞ୍ଜାବତୀ ନଦୀର କୁଳୁକୁଳୁ ନାଦ ସତେକି ମନର ଭୟ, ସଙ୍କୋଚ ତଥା ଆବିଳତା ଦୂର କରିଦେଉଥିଲା, ସେଠି ଦୂତ ମାନେ ମନ ଆନନ୍ଦରେ ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିଲେ ।

ଏହି ସୂଚନାଟି ମହାରାଜଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ସେମାନଙ୍କ ଆଗ୍ରହ ବଢୁଥାଏ । ଯେଉଁ ବେଗରେ ଆସିଥିଲେ, କିଛି ସମୟ ବିଶ୍ରାମାନ୍ତେ ମହା ଆନନ୍ଦରେ ସେମାନେ ନନ୍ଦପୁର ରାଜବାଟି ଅଭିମୁଖେ ପ୍ରତ୍ୟାବର୍ତ୍ତନ ଯାତ୍ରା ନିଶ୍ଚିତ କଲେ । ରାଜାଙ୍କୁ ଏହି ସମ୍ବାଦ ପ୍ରଦାନ କରନ୍ତେ ରାଜା ଆଗ୍ରହ ସହକାରେ ଖଡ଼ିପାଞ୍ଜୀ ଦେଖି ପରବର୍ତ୍ତୀ ଶୁଭ ଦିନରେ ବ୍ରାହ୍ମ ମୁହୂର୍ତ୍ତରେ ନିଜର ବିଶାଳ ସୈନ୍ୟସାମନ୍ତ, ଅଶ୍ୱବାହିନୀ, ଗଜ ବାହିନୀ, ପଦାତିକ ତଥା ଅନ୍ୟମାନଙ୍କୁ ନେଇ ନିର୍ଦ୍ଧାରିତ ସ୍ଥାନରେ ପହଁଚିଲେ । ଯାତ୍ରା ସମୟରେ ପ୍ରଚଣ୍ଡ ଶବ୍ଦରେ ମେଦିନୀ କମ୍ପି ଉଠୁଥିଲା । ଯେକୌଣସି ଯାତ୍ରା ବ୍ରାହ୍ମ ମୁହୂର୍ତ୍ତରେ କଲେ ତାହା ଅବଶ୍ୟ ସଫଳ ହେବାର ଲୋକକଥା ରହିଅଛି । ରାଜାଙ୍କ ପସନ୍ଦ ସ୍ଥାନରେ ରାଜବାଟୀର ଶ୍ରୀଗଣେଶ ହେଲା । ପାହାଡ଼ ପଥର ଆଦିକୁ ସମତଳ କରେଇ ଦୁର୍ଗ ପ୍ରସ୍ତୁତ ହେବାକୁ ଉଦ୍ୟମ କରନ୍ତେ, ସଂପୃକ୍ତ ଅଂଚଳର ମୁଖିଆଙ୍କ ବିରୋଧର ସମ୍ମୁଖୀନ ହେଲେ । ସୂଚନା ଯୋଗ୍ୟ ଯେ, ସେହି ଅଂଚଳରେ କନ୍ଧ ମୂଳ ନିବାସୀଙ୍କ ପ୍ରାଦୁର୍ଭାବ ଥିଲା ଓ ତାଙ୍କର ମୁଖ୍ୟ ଥିଲେ ରାୟ ଜାନୀ ନାମକ ଦୁର୍ଦ୍ଧର୍ଷ ମୁଖିଆ । ତାଙ୍କ ସହ ରାଜାଙ୍କ ଘମାଘୋଟ ଯୁଦ୍ଧ ହେଲା, ଉଭୟ ପକ୍ଷରୁ ଅନେକ ସୈନ୍ୟ ମୃତ୍ୟୁକୁ ଉପଲବ୍ଧି କଲେ ।

ସଂପୃକ୍ତ ଆଦିବାସୀଙ୍କ ଆରାଧ୍ୟ ଦେବୀ ଥିଲେ ନାରାୟଣୀ; ଯାହାଙ୍କ ଆଶୀର୍ବାଦରେ କନ୍ଧସେନା ପରାସ୍ତ ହେଉ ନଥିଲେ । ପରବର୍ତ୍ତୀ ସମୟରେ ଏକ ସନ୍ଧିର ପ୍ରସ୍ତାବରେ ଉଭୟ ପକ୍ଷ ରାଜି ହେଲେ । ଯାହାର ସର୍ତ୍ତାନୁସାରେ ମାଆ ନାରାୟଣୀ ହେଲେ ରାଜାଙ୍କ ଅଧିଷ୍ଠାତ୍ରୀ ଦେବୀ, ଏବଂ ରାଜପ୍ରାସାଦର ମଝି ଘରେ ସ୍ଥାପନ ହେଇଥିବାରୁ ତାଙ୍କ ନାମ ହେଲା ମଝିଘରିଆଣୀ । ରାୟ ଜାନୀଙ୍କ ଭକ୍ତି ତଥା ଉତ୍ସର୍ଗୀକୃତ ବାକ୍ୟରେ ସମସ୍ତେ ଆବିଭୂତ ହେଇଗଲେ । ତାଙ୍କ ନାମାନୁସାରେ ଗଡ଼ର ନାମ ରାୟଗଡ଼ା ବୋଲା ହେଲା, ଏବଂ ରାୟଜାନୀ ସଂପୃକ୍ତ ଦୁର୍ଗରେ ନିଜର ଇଚ୍ଛାନୁସାରେ ସେଠି ପ୍ରାଣତ୍ୟାଗ କଲେ । ଇତିହାସକୁ ଅବଲୋକନ କଲେ, ଏହିଭଳି ଅନେକ ନଜିର ରହିଅଛି, ଯେଉଁଥିରେ ସେବକ ଗଣ ନିଜ ପ୍ରାଣକୁ ସଂପୃକ୍ତ ସ୍ଥାନରେ ବିସର୍ଜନ କରି ତାହାର ସୁରକ୍ଷା ଦାୟିତ୍ୱରେ ରହନ୍ତି । କ୍ରମେ ମାଆ ଙ୍କ ପୂଜାନୀତି ନିର୍ଦ୍ଧାରିତ ହେଇ ମଝିଘରେ ରହି ସେ ପୂଜା ପାଇଲେ । କ୍ରମେ ରାଜା ଶାସନ କାର୍ଯ୍ୟରେ ମନୋନିବେଶ କଲେ । ଅନେକ ଦାନ ଧର୍ମ ମଧ୍ୟ କଲେ । ସନ୍ତାନ ପ୍ରାପ୍ତ ହେଉ ନଥିବାରୁ ସେ ଗୋଟିଏ ପରେ ଗୋଟିଏ ସୁନ୍ଦରୀ କନ୍ୟାଙ୍କ ପାଣି ଗ୍ରହଣ କଲେ, କିନ୍ତୁ କୌଣସି ଫଳପ୍ରାପ୍ତ ହେଲା ନାହିଁ । ଗୋଲାକାର ଦୁର୍ଗଟି ଅତ୍ୟନ୍ତ ମନୋଜ୍ଞ ରହିଥିଲା ଏବଂ ଭାରତୀୟ ସଂସଦ ସଦୃଶ ମଧ୍ୟ ସ୍ଥାନରେ ଦେବୀଙ୍କ ଉପାସନା ସ୍ଥଳ ରହିଥିଲା ।

ସମସ୍ତ ପ୍ରୟାସ ବିଫଳ ରହିଲା । ପରବର୍ତ୍ତୀ ସମୟରେ ରାଜ ଜ୍ୟୋତିଷଙ୍କ ନିର୍ଦ୍ଦେଶାନୁସାରେ ଏକ ପୁତ୍ରେଷ୍ଟୀ ଯଜ୍ଞର ଆୟୋଜନ ହେଲା । ଅନେକ ଜ୍ଞାନୀ ବ୍ରାହ୍ମଣ, ବିଦ୍ୱାନ୍ ପଣ୍ଡିତ ତଥା ଜନ ସାଧାରଣଙ୍କ ସହଯୋଗରେ ଯଜ୍ଞଟି ତ୍ୱରାନ୍ୱିତ ହେଲା । ଯଜ୍ଞକୁଣ୍ଡରେ ଘୃତାହୂତି ତଥା ବେଦପାଠ ସହକାରେ ଏକ ପବିତ୍ର ବାତାବରଣ ସୃଷ୍ଟି ହେଲା । ଯଜ୍ଞରୁ ନିର୍ଗତ ଚରୁ ସମସ୍ତ ରାଣୀଗଣ ପାଇଲେ । ସମସ୍ତେ ଏକ ନୂତନ ସମ୍ଭାବନାକୁ ଆତୁରେ ଅପେକ୍ଷା କରିଥା'ନ୍ତି । କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା । ତେଣେ ରାଜା ସନ୍ତାନ ଉତ୍ପାଦନ ନହୁଅନ୍ତେ ମାଆ

# ମନ୍ଦିର ବିଷୟରେ କିଏ କଣ କହନ୍ତି

### ମାଆଙ୍କ ବିଷୟରେ ମନ୍ଦିର ପୂଜକ ଚନ୍ଦ୍ର ଶେଖର ପୂଜାରୀ କହନ୍ତି

ମାଆଙ୍କ ସହ ଅନ୍ୟ ଆଠ ଭଉଣୀ ରାୟଗଡ଼ା ସହରରେ ପୂଜା ପା'ନ୍ତି । ସବୁଠୁ ବଡ଼ ମାଆ ମଝିଘରିଆଣୀ, ଓ ସବୁଠୁ ସାନ ମାଆ ଦୁର୍ଗା । ମାଆଙ୍କ ପରେ କ୍ରମାନ୍ୱୟରେ ଅନ୍ୟାନ୍ୟ ଦେବୀମାନ ହେଲେ, ଚାମୁଣ୍ଡା, ଭୈରବୀ, କାଳଶୁଣି, ଭୁଆସୁଣୀ, ବୁଢିମାଆ, ରାଗୁଣୀ ଓ ପିତେଇଶୁଣୀ । ମନ୍ଦିର ଜଗମୋହନ କାନ୍ଥରେ ଦଶ ମହାବିଦ୍ୟାଙ୍କ ସହ ଜଗନ୍ନାଥ,ଶିବ,ଗଣେଶ,ଗାୟତ୍ରୀ ଓ ସରସ୍ୱତୀଙ୍କ ତୈଳଚିତ୍ର ଶୋଭାପାଏ । ସକାଳେ ବ୍ରହ୍ମମୁହୂର୍ତ୍ତରେ ପ୍ରାୟତଃ ସାଢେ ଚାରିଟାରେ ଦୁଆର ଫିଟା ହୁଏ । ମନ୍ଦିର ଶୋଧ ପଶ୍ଚାତ୍ ଦିବ୍ୟ ଆଳତି ପ୍ରାୟତଃ ୪୫ ମିନିଟ ଧରି ଅନୁଷ୍ଠିତ ହୁଏ । ଆପଣ ମାନେ ଚାହିଁଲେ ସଂଧ୍ୟା ସମୟରେ ଢୋଲ, ଟିମକ, ଗିନି, ଝୁମୁକା, ଘଣ୍ଟ ଓ ଘଣ୍ଟି ବାଦ୍ୟ ତାଳେ ତାଳେ ମାଆ ତଥା ପାର୍ଶ୍ୱ ଦେବାଦେବୀଙ୍କ ଦିବ୍ୟ ଆଳତିର ଦର୍ଶନ ସୁଯୋଗ ପାଇପାରିବେ । ମାଆଙ୍କ ପ୍ରିୟ ଭୋଗ ହେଉଛି, ଗୋଜମୁଆଁ, ପଣା ତଥା ଝୁଣା ଧୂପ । ସକାଳେ ସାହାଣ ମେଲା ପ୍ରାୟତଃ ବାରଟା ପର୍ଯ୍ୟନ୍ତ ଚାଲେ ଓ ମଧ୍ୟାହ୍ନରୁ ଗୋଟାଏ ପର୍ଯ୍ୟନ୍ତ ପହୁଡ଼ ହୁଏ । ପରେ ପୁନଶ୍ଚ ଭକ୍ତ ମାନେ ମାଆଙ୍କ ଦର୍ଶନ ପାଇପାରିବେ । ଭକ୍ତଙ୍କ ପୂଜା ସରିବାରେ ସଂଧ୍ୟା ଆଳତି ତଥା ଭୋଜନ ପଶ୍ଚାତ୍ ରାତି ନଅରେ ମାଆଙ୍କ ପହୁଡ଼ ହୁଏ । ମାଆଙ୍କ ସାପ୍ତାହିକ ଦୁଇଟି ଦିନ ଯଥା ରବିବାର ଓ ବୁଧବାର ପ୍ରିୟ । ସେହିଦିନ ଜିଲ୍ଲା ତଥା ରାଜ୍ୟବାହାର ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼,ଝାଡଖଣ୍ଡ ତଥା ତେଲେଙ୍ଗାନାରୁ ଅନେକ ଭକ୍ତଙ୍କ ସୁଅ ଛୁଟେ । ପ୍ରାୟତଃ ୧୫୦୦ ଚାରିଚକିଆ ଏହିଦିନମାନଙ୍କରେ ମନ୍ଦିର ପାର୍ଶ୍ୱରେ ଦେଖିବାକୁ ମିଳେ, ଏଭଳିକି ଭିଡ଼ରେ କିଛି ଭକ୍ତ ଦର୍ଶନ ମଧ୍ୟ ପାଆନ୍ତି ନାହିଁ । ମାଆଙ୍କ ଦୈନିକ ଭୋଗରେ ରହିଅଛି, ଅରୁଆ ଭାତ, ଡାଲି ଖଟା ଓ ତରକାରୀ । ରବିବାର ଦିନ ସହସ୍ରାଧିକ ଭକ୍ତଙ୍କୁ ମାଗଣା ଭୋଜନ ଦିଆଯାଏ । ମାଆଙ୍କୁ ମଙ୍ଗଳବାର ଓ ସଂକ୍ରାନ୍ତି ଦିନ ଆମୀଷ ଭୋଜନ ଲାଗି ହୁଏ । ପୂର୍ବେ ନରବଳୀ ପଡୁଥିବାର ପରମ୍ପରା ଥିବା ସ୍ଥଳେ ବର୍ତ୍ତମାନ ଦଶହରା ସମୟରେ ମିରିଗା ମେଣ୍ଢା ବଳି ପଡ଼େ । ରାୟଗଡ଼ା ତହସିଲ ନିକଟସ୍ଥ ଏକ ସ୍ଥାନରେ ସଂପୃକ୍ତ ଜୀବକୁ କର୍ଣ୍ଣମନ୍ତ୍ର କହିଦିଆ ଯାଏ ଓ ସେ ନିଜେ ନିଜେ ଚାଲି ଚାଲି ଆସି ମାଆଙ୍କ ନିକଟ ପ୍ରୋକ୍ଷଣ ନିମନ୍ତେ ନିଜକୁ ସମର୍ପେ । ୧୯୯୯ ମସିହାରୁ ଦଶହରା ସମୟରୁ ମହାଷ୍ଟମୀ ଦିନ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଅଛି । ମାଆଙ୍କ ବଖରାର ସଂପୃକ୍ତ କବାଟରେ ଆପଣମାନେ ଦେଖିପାରିବେ ଧାତବ୍ୟ ଅଶ୍ୱ, ପୂର୍ଣ୍ଣକୁମ୍ଭ, ଶଙ୍ଖ, ଖଟୁଳି ତଥା ପରିଚାରୀଙ୍କ ପ୍ରତିକୃତି । ଦେଉଳ ପାର୍ଶ୍ୱରେ ହୁଣ୍ଡିମାନ ଦେଖିବାକୁ ପାଇବେ ଯାହା ପ୍ରତି ତିନିମାସରେ ଥରେ ଗଣନା କରାଯାଏ, ଅନେକ ଗଣନାକାରୀଙ୍କ ସହଯୋଗରେ । ସେଥିରୁ ଅର୍ଥ, ଅଳଙ୍କାର ତଥା ବିଦେଶୀ ମୁଦ୍ରା ମଧ୍ୟ ଦେଖିବାକୁ ମିଳେ ଯେଉଁଥିରୁ ଅନୁମେୟ ଯେ ଅନେକେ ପ୍ରବାସୀମଧ୍ୟ ମା'ଙ୍କ ଦର୍ଶନ ନିମନ୍ତେ ଛୁଟିଆସନ୍ତି ।

### ମନ୍ଦିର ବିଷୟରେ ସ୍ଥାନୀୟ ବାସିନ୍ଦା ନୀଳାଚଳ ପଣ୍ଡା କହନ୍ତି:

ମନ୍ଦିର ପାର୍ଶ୍ୱରେ ଏଲ ବିଶାଳ କଳ୍ପବଟ (ଯାହାର ଶାଖା ପ୍ରଶାଖା ନଥାଏ ଏବଂ ମନୋସ୍କାମନ ପୂର୍ଣ୍ଣ କରେ) ଶୋଭା ପାଉଛି, ଯେଉଁଥିରୁ ଆପଣମାନେ ଦେଖିପାରିବେ ନିଜ ମନୋବାଞ୍ଛା ସିଦ୍ଧି ନିମନ୍ତେ ଅନେକ ନାଲିକପଡ଼ା ବନ୍ଧା ହେଇଛି । ଦେଉଳ ପାର୍ଶ୍ୱରେ ଦୁଇଟି ଯଜ୍ଞକୁଣ୍ଡ, ମାଆଙ୍କ ପ୍ରସ୍ତରେ ଶୋଭିତ ପାଦ ଚିହ୍ନ, ଜାନି ପଥର, ପୂଜା ସାମଗ୍ରୀ ଦୋକାନ ତଥା ୨୨ ଟି କୋଠରୀ ରହିଛି । ସେଥିରେ କିଛି ସ୍ଥାନରେ ଆରକ୍ଷୀ ବାହିନୀ ମୁତୟନ ହେଇଥିବା ସ୍ଥଳେ ଅନ୍ୟ ମାନଙ୍କରେ କୌଣସି ଗରିବ ଲୋକେ ମନ୍ଦିର ପ୍ରଶାସନର ଅନୁମତି କ୍ରମେ ମାଙ୍ଗଳିକ କାର୍ଯ୍ୟକରନ୍ତି । ମାଆଙ୍କ ମହିମା ବଡ଼ ପରିବ୍ୟାପ୍ତ । ଅନେକ ଅସମ୍ଭବ କାର୍ଯ୍ୟ ମଧ୍ୟ ମାଆଙ୍କ କୃପାବଳେ ସମ୍ଭବ ହେଉଥିବାର ବିଶ୍ୱାସ ରହିଅଛି । ସତୀକୁଣ୍ଡ ନିକଟରେ ଦୁଇଟି ବିଳା/ହୁଙ୍କା ରହିଛି । ସେହି ସ୍ଥାନରେ ଦଶହରା ସମୟରେ ପୂଜା ଅନୁଷ୍ଠିତ ହୁଏ । ସେହି ସ୍ଥାନରେ କିଛି କାଳ ଦ୍ୱୀପ ଲଗାଇ ପ୍ରାର୍ଥନା କଲେ କୁମାରୀଙ୍କ ବିବାହ ହେଉଥିବା, ଅପୁତ୍ରିକ ସନ୍ତାନ ଲାଭ କରୁଥିବା ତଥା ଅନେକ ଯଶୋକୀର୍ତ୍ତି ପ୍ରାପ୍ତ ହବାର ନଜିର ରହିଛି । ଲୋକେ ମାଆଙ୍କ ଉଦ୍ଦେଶ୍ୟରେ ପାରା ମଧ୍ୟ ଅର୍ପଣ କରନ୍ତି । ଦଶହରା ନବରାତ୍ର ସମୟରେ ଏଠି କୁମାରୀ ପୂଜା ଅନୁଷ୍ଠିତ ହୁଏ । ନଅ ଜଣ ବାଳିକାଙ୍କୁ ବିଧିମତେ ପୂଜାର୍ଚ୍ଚନା ଅନୁଷ୍ଠିତ ହୁଏ ।

### ଜଣେ ଟ୍ରଷ୍ଟି ମାଆଙ୍କ ମହିମା ବିଷୟରେ ଯାହା ମତ ଦିଅନ୍ତି:

ମାଆ ସହର ବୁଲିବା ସମୟରେ ଘୋଡ଼ା ଟାପୁ ଶବ୍ଦ ଶୁଣାଯାଏ, ସେହି ସମୟରେ ସମସ୍ତେ ତାଟି କବାଟ ପକେଇ ଦିଅନ୍ତି । ରାଜା ବିଶ୍ୱନାଥ ଦେବଙ୍କ ମୃତ୍ୟୁ ପରେ ଦୁର୍ଗଟି ଲୋକ ଲୋଚନ ଅଗୋଚରେ ରହି ଆସିଲା । କାଳକ୍ରମେ ସେଥିରୁ ଏକ ଝରଣା ସୃଷ୍ଟି ହେଇ କାଇଝରଣ ନାମରେ ନାମିତ ହେଲା । ଏଣେ ଜୟପୁର ରାଜାଙ୍କୁ ସ୍ୱପ୍ନରେ ଆଦେଶ ମାତ୍ରରେ ସେ ମାଆଙ୍କୁ ପୂଜା ନିମନ୍ତେ ଜମିବାଡ଼ ଓ କିଛି ଅର୍ଥ ଖଞ୍ଜିଦେଲେ । ପାଇକ ଜାତିର ଲୋକଙ୍କୁ ବେହେରାଗୁଡ଼ା ନାମକ ସ୍ଥାନରେ ସ୍ଥାନାନ୍ତରଣ କରି ସେମାନଙ୍କୁ ମାଆଙ୍କ ପୂଜା କରିବା ନିମନ୍ତେ ବନ୍ଦୋବସ୍ତ କରିଦେଲେ । ଇଷ୍ଟେଟ୍ ଆବୋଲିସନ୍ ଆକ୍ଟ ୧୯୫୫ ପରେ ସରକାରଙ୍କ ନିର୍ଦ୍ଦେଶାନୁସାରେ ଏକ ଆଂଚଳିକ ଅଧିକାରୀ ନିଯୁକ୍ତ ହେଲେ, ଯେଉଁମାନେ ପରବର୍ତ୍ତୀ ସମୟରେ ତହସିଲଦାର ଭାବେ ପରିଚିତ ହେଲେ । ବର୍ତ୍ତମାନ ଦେବୋତ୍ତର ବିଭାଗ ଓ ମନ୍ଦିରର ଏକ ଟ୍ରଷ୍ଟ ବୋର୍ଡ ରହିଛି, ଯାହା ଆପଣ ମନ୍ଦିର ବାମ ପଟେ ଦେଖିପାରିବେ । ମନ୍ଦିରର ଗୋଟିଏ ୱେବ୍‌ସାଇଟ୍ ଓ ଇ-ମେଲ୍ ମଧ୍ୟ ଖୋଲା ଯାଇଛି, ଯାହା ଦ୍ୱାରା ଆପଣମାନେ ଯୋଗାଯୋଗ ଓ ଆଭାସୀ ମାଧ୍ୟମରେ ଦାନ କରି ପାରିବେ ।

ମଝିଘରିଆଣୀଙ୍କ ଶରଣ ପଶିଲେ । ନିଜ ଜୀବନ ତ୍ୟାଗ କରିବାର ଅଳି ସହକାରେ ସନ୍ତାନ ନିମନ୍ତେ ପ୍ରାର୍ଥନା କଲେ । ଏହି ଭଳି କିଛି ଦିନ ଗଲା । ଦିନେ ଦୂତ ଆସି ସନ୍ଦେଶ ଦେଲା, କିଛି ପରିବ୍ରାଜକ ଶ୍ୱେତବସ୍ତ୍ର ଧାରଣ କରି ରାଜାଙ୍କ ଦର୍ଶନାର୍ଥେ ଆଗ୍ରହ କରିଅଛନ୍ତି । ସେମାନେ ଥିଲେ ଚୈତନ୍ୟଙ୍କ ଦୂତ, ରାଜା ସେମାନଙ୍କ ସଂସ୍ପର୍ଶରେ ଆସି ବୈଷ୍ଣବ ଧର୍ମରେ ଦୀକ୍ଷିତ ହେଲେ । ନଦିଆ ନବଦ୍ୱୀପକୁ ଯାଇ ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ବୈଷ୍ଣବ ପାଲଟି ଗଲେ । ରାଣୀଗଣ ମଧ୍ୟ ରାଜାଙ୍କ ପଦାଙ୍କ ଅନୁସରଣ କରି କଳିଯୁଗର ମହାମନ୍ତ୍ର ଯଥା:


'ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ'

ବୋଲି ଚରମ ସୁଖପ୍ରାପ୍ତ ହେଲେ । ନିଃସନ୍ତାନ ଦୁଃଖ ସେମାନଙ୍କୁ ଆଉ ଘାରିଲା ନାହିଁ । କଳିଙ୍ଗର ଗଜପତି ପ୍ରତାପ ରୁଦ୍ରଙ୍କ ସମୟରେ ମଧ୍ୟ ଅନୁରୂପ ଚୈତନ୍ୟ ଭକ୍ତିରେ ପ୍ଳାବିତ ହେବା ଉତ୍କଳର ସ୍ୱତନ୍ତ୍ରତା ଲୋପର ଏକ ମୁଖ୍ୟ କାରଣ କାରଣ ବୋଲି ଅନେକ ଐତିହାସିକ ଦାବି କରନ୍ତି । ଏହି ଭଳି ଏକ ସୁଯୋଗର ଅପେକ୍ଷାରେ ଗୋଲକୁଣ୍ଡ ରାଜବଂଶର ଦାୟାଦ କୁଲି କୁତୁବ ଶାହା ଇବ୍ରାହିମ୍ ଏବଂ ସଂପୃକ୍ତ ରାଜାଙ୍କ ସେନାପତି । ସେ ଏହି ଦୁର୍ବଳତାର ସୁଯୋଗ

ନେଇ ରାୟଗଡ଼ା ଉପରେ ସମୂହ ଆକ୍ରମଣ କରିଦେଲେ । ହେଲେ ସିଂହ ଛୁଆ ହରିଣଙ୍କ ଗହଣରେ ବଢ଼ିଲେ କେବେବି ନିଜର ଆଚରଣରେ ପରିବର୍ତ୍ତନ କରେ ନାହିଁ । ଦେହରେ କବଚ ତଥା ଶୀରସ୍ତ୍ରାଣ ଧାରଣ କରି ପାରମ୍ପାରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ରାୟଗଡ଼ା ବାହିନୀ ଆକ୍ରମଣକୁ ପ୍ରବଳ ପ୍ରତିରୋଧ କଲା । ଏହିଭଳି ଅନେକ ଦିନ ଯୁଦ୍ଧ ଚାଲିଲା । ଉଭୟ ପକ୍ଷରୁ ବହୁତ ଧନଜୀବନ ହାନି ଘଟିଲା । ଶେଷରେ ଦୁଇ ମୁଖିଆଙ୍କ ସାମ୍ନା ସାମ୍ନି ଯୁଦ୍ଧ ହେଲା । ଯୁଦ୍ଧର ଏକ ନିୟମ ଥାଏ । ସୂର୍ଯ୍ୟାସ୍ତ ହେଲେ ଆଉ କେହି ଯୁଦ୍ଧ କରନ୍ତି ନାହିଁ । ସେଦିନ ଯୁଦ୍ଧରେ ରାଜ ଘମାଘୋଟ ଲଢେଇ କଲେ । ଉଭୟେ ପ୍ରବଳ ମାତ୍ରାରେ ଆହତ ହେଇ ରକ୍ତାକ୍ତ ଅବସ୍ଥାରେ ନିଜ ଶିବିରକୁ ଗମନ କଲେ । ତେଣେ ରାଣୀଗଣ ଏହିଭଳି ଦୁରବସ୍ଥା ଦେଖି ମାଆ ମଝିଘରିଆଣୀଙ୍କ ଶରଣାପର୍ଣ୍ଣ ହେଲେ । ମାଆ ତାଙ୍କୁ ପ୍ରତ୍ୟକ୍ଷ ଭାବରେ ଏକ ଖଣ୍ଡା ପ୍ରଦାନ କଲେ ତଥା ନାରୀ ବାହିନୀ ସହ ସେ ନିଜେ ଯୁଦ୍ଧରେ ବାହାରିବେ ବୋଲି ଅଭୟ ବାଣୀ ଦେଲେ । ଗଜପତି ପୁରୁଷୋତମ ଦେବ ଯେଉଁଭଳି କାଂଚି ଅଭିଯାନ ସମୟରେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ସାହାଯ୍ୟ ପାଇଲେ, ଇଷ୍ଟଦେବୀ ମାଆ ମଝିଘରିଆଣୀ ସେହିଭଳି ଯୁଦ୍ଧରେ ସହାୟତା କରିଥିବାର ଲୋକକଥା ରହିଅଛି । ସୁଦର୍ଶନ ଚକ୍ରଭଳି ଖଡ୍ଗ ଟି ବୁଲୁଥାଏ ଏବଂ କରାଳ ରପ ଦେଖି ଶତ୍ରୁସୈନ୍ୟ ଛତ୍ରଭଙ୍ଗ ଦେଲେ । ଇତିହାସକୁ ଅବଲୋକନ କଲେ ଜଣାପଡ଼େ ଇବ୍ରାହିମ୍ କୁଲି କୁତୁବ ସାହା ଓ୍ୱାଲି ୧୫୫୦ ରୁ ୧୫୮୦ ମଧ୍ୟରେ ଗୋଲକୁଣ୍ଡା ସିଂହାସନରେ ଅଭିଷିକ୍ତ ଥିଲେ । ଏଣୁ ଏହି ସମୟ ମଧ୍ୟରେ ଯୁଦ୍ଧଟି ସଂଘଟିତ ହେଇଥିବା ଅନୁମେୟ । ସେହି ଯୁଦ୍ଧରେ ନାରୀ ବାହିନୀ ହାତରେ କୁତୁବ ଶାହା ପରାସ୍ତ ହେଇ ଜୀବନ ଭିକ୍ଷା କଲେ । ମହାରାଣୀଙ୍କ ପ୍ରଶଂସାରେ ଶତମୁଖ ହେଲେ । ହେଲେ ଦେବୀଙ୍କ ନିର୍ଦ୍ଦେଶାନୁସାରେ ତାଙ୍କୁ ଅଶ୍ୱରେ ବସେଇ ହସ୍ତ ଛେଦନ କରାଗଲା ତଥା ଜୀବନଦାନ ଦେଇ ଫେରସ୍ତ କରିଦିଆ ଗଲା । ତେଣେ ମାଆଙ୍କ ଆଶୀର୍ବାଦରେ ରାଜ୍ୟରକ୍ଷା ହେଲା । କିନ୍ତୁ ରାଜା ଦିନକୁ ଦିନ ଆହୁରି ଅସୁସ୍ଥ ହେଲେ । କ୍ରମେ ରାଜା ଜୀବନ ହାରିଲେ । ରାଣୀଗଣ ବଡ଼ ବିକଳ ହେଇ ନିଷ୍ପତ୍ତି ନେଲେ ଯେ ରାଜାଙ୍କ ଚିତାରେ ଝାସଦେଇ ସତୀ ବୋଲାଇବେ । ଆଜି ମନ୍ଦିର ପାଖରେ ଯେଉଁ ସତୀକୁଣ୍ଡ ରହିଛି, ସେଠି ରାଜାଙ୍କୁ ଦାହ କରା ଯାଇଥିଲେ ଓ ସମସ୍ତ ରାଣୀଗଣ ସେଠି ଝାସ ଦେଇ ନିଜର ଜୀବନକୁ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରେଇଗଲେ ।



କ୍ରମେ ରାଜ କର୍ମଚାରୀ ଗଣ ଯବନ ଆକ୍ରମଣ ଭୟରେ ଶ୍ରୀଜଗନ୍ନାଥଙ୍କୁ ପାତାଳି କଲାଭଳି ଝଞ୍ଜାବତୀ ନଦୀ ଗର୍ଭରେ ସମସ୍ତ ଖଣ୍ଡା, ଉପାସନା ପୋଥି, ସ୍ଫଟିକ ପଥର ସହ ମାଆଙ୍କ ବିଗ୍ରହକୁ ଜଳମଧ୍ୟରେ ଏକ ସୁରକ୍ଷିତ ସ୍ଥାନରେ ପାତାଳି କଲେ, ମାଆଙ୍କୁ ବହୁତ କ୍ଷମା ପ୍ରାର୍ଥନା କରି, ଯେ ଯଦି ମାଆଙ୍କ ଆଦେଶ ହୁଏ ତେବେ ନିଶ୍ଚୟ ଦିନେ ଏହି ମନ୍ଦିରର ପୁନଃରୁଦ୍ଧାର ହେଇ ପୂଜାକାର୍ଯ୍ୟ ପୂର୍ବଭଳି ଚାଲିବ । କାଳକ୍ରମେ ଭାରତରେ ଇଂରେଜ ଶାସନ ଚାଲିଲା । ଯୋଗାଯୋଗର ବିସ୍ତାର ନିମନ୍ତେ ସଡ଼କ ପଥ ତଥା ରେଳପଥର ବିକାଶ ହେଲା । ବିଶାଳ ଗଭୀର ଝଞ୍ଜାବତୀ ନଦୀରେ ଯୋଗାଯୋଗର ବିସ୍ତାର ନିମନ୍ତେ ଏକ ପୋଲର ପରିକଳ୍ପନା କରାଗଲା । ଠିକାଦାର ଥା'ନ୍ତି ନିଲ୍ଲା ରାଜୁ । ଯେତେ ଥର ପ୍ରୟାସ କଲେ ମଧ୍ୟ ପୋଲଟି ଭାସିଯାଇ ନଦୀଗର୍ଭରେ ସମାଧିସ୍ଥ ହେଉଥିଲା । ତେବେ ନିଜସ୍ୱ ଅର୍ଥ ତଥା ପ୍ରୟାସର ବିଫଳତାରେ ଚିନ୍ତାମଗ୍ନ ନିଲ୍ଲା ରାଜୁ ଦିନେ ଶୋଇଥାନ୍ତି । ସେଠି ସେ ଏକ ପବିତ୍ର ସ୍ୱପ୍ନ ଦେଖିଲେ । ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ସୁସଜ୍ଜିତା, ରକ୍ତବସ୍ତ୍ରରେ ଆବୃତା, ଘୁଙ୍ଗୁର ଶବ୍ଦରେ ପୁଲକ ପ୍ରଦାନ କରୁଥିବା, କୋଟିସୂର୍ଯ୍ୟ ତେଜ ପ୍ରକାଶ କରୁଥିବା ମାଆ ତାଙ୍କ ମଥାରେ ହାତ ବୁଲେଇ କଷ୍ଟର କାରଣ ପୃଚ୍ଛନ୍ତେ ନିଲ୍ଲା ରାଜୁ ନିଜର ବାଧା କହିଲେ । ମାଆ ନିଜକୁ ଗର୍ଭ ମଧ୍ୟରୁ ଉଦ୍ଧାର କରି ସ୍ୱସ୍ଥାନରେ ମନ୍ଦିର ନିର୍ମାଣ କରି ପୂଜାପାଇବା ନିମନ୍ତେ ଆଗ୍ରହ ପ୍ରକାଶ କଲେ ଓ ମାଆ ଙ୍କ ଆଦେଶରେ ବାସି ଦିନ ରାଜୁ ମହାଶୟ ପାଇକ ଲୋକଙ୍କୁ ଆମନ୍ତ୍ରଣ କରି ଖନନ କାର୍ଯ୍ୟ ତ୍ୱରାନ୍ୱିତ କଲେ । ସାତଦିନ ସାତରାତି ଖନନ କାର୍ଯ୍ୟ ଚାଲିଲା । ପରେ ଶୁଭ ବେଳାରେ ମାଆଙ୍କ ଆବିର୍ଭାବ ହେଲା । ନିର୍ଦ୍ଦେଶ ମୁତାବକ ସାତ ଭଉଣୀ, ପାଂଚଖଣ୍ଡା, ସ୍ଫଟିକ ଶୀଳା, ଜାନୀ ପଥର ଆଦିକୁ ସ୍ଥିରୀକୃତ ସ୍ଥାନରେ ସ୍ଥାପନା ହେଇ ଷୋଡ଼ଶପୋଚାରେ ପୂଜା ଚାଲିଲା । ପ୍ରଥମେ ଏକ କୁଟୀର ସ୍ଥାପନ ହେଇଥିବା ସ୍ଥଳେ କିଛିଦିନରେ ସେଠି





ଏକ ସୁଦୃଶ୍ୟ ଦେଉଳ ଶୋଭା ପାଇଲା । ମାଆଙ୍କ ଆଶୀର୍ବାଦରେ ପୋଲ କାର୍ଯ୍ୟଟି ସମାପନ ହେଲା ଓ ନିଲ୍ଲା ରାଜୁ ମହୋଦୟ ଅନେକ ଧନସମ୍ପଦରେ ବିଭୂଷିତ ହେଇ ମାଆଙ୍କ ସେବାରେ ନିଜ ଜୀବନ ଉତ୍ସର୍ଗୀକୃତ କଲେ । ଏହିଭଳି ଭାବେ କାଳକ୍ରମେ ଆଧୁନିକ ମନ୍ଦିରଟି ନିର୍ମାଣ ହେଲା ।

## ମାଆଙ୍କ ମନ୍ଦିର ବର୍ଣ୍ଣନା,ଦୈନିକ ରୀତି ନୀତି ଓ ପୂଜକ ଗୋଷ୍ଠୀ

ଆପଣମାନେ ମାଆଙ୍କ ସୁଦୃଶ୍ୟ ପୂଜା ବଖରାଟି ଦେଖିପାରୁଥିବେ । ସେଠି ମାଆ ଙ୍କ ମୂର୍ତିରେ ସିନ୍ଦୂର ଆବୃତ ହେଇଅଛି । ମାଆ ତ୍ରିନେତ୍ରା । ମାଆ ରୌପ୍ୟ ମୁକୁଟ ତଥା କୀରିଟିରେ ଶୋଭିତା । ସମସ୍ତ ଦିନ ମାନଙ୍କରେ ଏକ ସୁନା ଚିତା ଦେବୀଙ୍କ ମସ୍ତକରେ ଶୋଭାପାଏ । ଦଶହରା ତଥା ଚଇତି ପର୍ବ ସମୟରେ ମାଆଙ୍କ ସୁନାବେଶ ହୁଏ । ମାଆଙ୍କ ପାର୍ଶ୍ୱରେ ଦୁଇଟି ରୌପ୍ୟ ସିଂହ, ମୟୂର ତଥା ଜଡାତେଲରେ ଏକ ବିଶାଳ ଅଖଣ୍ଡ ଦ୍ୱୀପ ଶୋଭା ପାଆନ୍ତି । ମାଆଙ୍କ ଡ଼ାହାଣ ପାର୍ଶ୍ୱରେ ଏକ ଗଣେଶ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳେ । ମାଆଙ୍କ ମୂର୍ତ୍ତି ପଛ ପାଖରେ ପାଂଚଟି ଦିବ୍ୟଖଣ୍ଡା ରହିଛି, ଯାହାକୁ ମାଆଙ୍କ ଚଳନ୍ତି ପ୍ରତିମା ବୋଲି ବିବେଚନା କରାଯାଏ । ଚୈତ୍ର ମାସ ପରଠାରୁ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ସଂପୃକ୍ତ ଖଣ୍ଡାମାନ ଆଖପାଖ ଗ୍ରାମରେ ପୂଜା ପା'ନ୍ତି । ସେହି ଚଳନ୍ତି ପ୍ରତିମା ବୋଲାଉଥିବା ପାଂଚଟି ଖଣ୍ଡା ନିମ୍ନୋକ୍ତ ଦେବୀମାନଙ୍କ ପ୍ରତୀକ, ଯଥା : ମାଆ ମଝିଘରିଆଣୀ, ମାଆ ରାଇଜବୁଲି, ମାଆ ଭୈରବୀ, ମାଆ ବୁଢ଼ା ରଜା, ମାଆ ଦୁର୍ଗା । ମନ୍ଦିର ପାର୍ଶ୍ୱରେ ଏକ ବୃହଦ୍ ପିତଳ ଅଶ୍ୱ ସ୍ଥାପନା କରାଯାଇଛି । ଯଦିଓ ଏହା ପରବର୍ତ୍ତୀ ସମୟରେ ସ୍ଥାପନା ହେଲା, କିନ୍ତୁ ପ୍ରତି ଦିନ ମାଆ ସହର ବୁଲି ବାହାରୁଥିବାର ଲୋକକଥା ରହିଛି । ମାଆଙ୍କ ଅଶ୍ୱ ଖୁରା ଶବ୍ଦ ଶୁଣିଲେ ଦୁଆର ତାଟି ଲୋକେ ପକେଇ ଦିଅନ୍ତି । ମାଆଙ୍କ ଆଶିଷରେ ରାୟଗଡ଼ା ସହରରେ କେବେ ବି ପ୍ରାକୃତିକ ଦୁର୍ବିପାକ ହେଉନଥିବାର ବିଶ୍ୱାସ ରହିଅଛି । ମାଆଙ୍କୁ ପାଇକ ଜାତିର ଲୋକେ ସେବା ପୂଜା କରନ୍ତି । ବର୍ତ୍ତମାନ ୩୮ ଜଣ ପାଇକ ରହିଥିବାର ସୂଚନା ମିଳୁଛି । ସିସିଟିଭିରେ ବଳୟରେ ମନ୍ଦିର ପ୍ରତିଟି ଘଟଣା ନିରୀକ୍ଷଣ ହୁଏ ।

## ମାଆଙ୍କ ପ୍ରମୁଖ ପର୍ବପର୍ବାଣି

୧. ଚୈତ୍ର ଯାତ୍ରା : ଚୈତ୍ର ଏକାଦଶୀ ଠାରୁ ଚୈତ୍ର ପୂର୍ଣ୍ଣମୀ ପର୍ଯ୍ୟନ୍ତ ପାଂଚଦିନ ବ୍ୟାପୀ ଉତ୍ସବ

୨. ନୂଆଁଖାଇ : ଭାଦ୍ରବ ମାସ ଦଶମୀ

୩. ବାଲିଯାତ୍ରା : ଭାଦ୍ରବ ଦ୍ୱାଦଶୀ ଠାରୁ ଆଶ୍ୱୀନ ସପ୍ତମୀ

୪. ଦଶହରା : ଆଶ୍ୱିନ ପ୍ରତିପଦା ଠାରୁ ଦଶମୀ

୫. ବିଶେଶ ସଂକ୍ରାନ୍ତି ପୂଜା : ପ୍ରତି ମାସର ସଂକ୍ରାନ୍ତି ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା





- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୫୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୫୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟଟି ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
Benificiary Name : Rebati Media House Pvt Ltd.
Bank Name : HDFC BANK (India), Balasore
Account No : 50200033907121
IFSC Code : HDFC0000366

www.rebatee.in
୫୦/-
ରେବତୀ
ଆମ ମାଟିର ସ୍ୱର

# ହସଖୁସିର ପରିବାର - ୪୦

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।



## ଡକ୍ଟର ହରପ୍ରସନ୍ନ ଦାସ

ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୋତେ ୬୨ ବର୍ଷ ବୟସ । ମୁଁ ସରକାରୀ ଚାକିରିରୁ ଅବସର ନେଇଛି । ମୋର ଦୁଇପୁଅ ଓ ଗୋଟିଏ ଝିଅ । ଦୁଇପୁଅ ବିବାହିତ । ବଡପୁଅ ତାର ପରିବାର ନେଇ ଆମେରିକାରେ ରହୁଛି । ସାନପୁଅ ଭଲପାଠ ପଢି ସରକାରୀ ଚାକିରି କରୁଛି । ତେଣୁ ତାର ବିଭିନ୍ନ ସ୍ଥାନକୁ ବଦଳି ଚାକିରିରେ ସେ କେବେହେଲେ ଆମ ପାଖରେ ରହିପାରେ ନାହିଁ । ତାର ଯେଉଁଆଡେ ବଦଳି ହୁଏ ସେ ତାର ସ୍ତ୍ରୀ ଓ ପିଲାମାନଙ୍କୁ ନେଇ ସେଠାକୁ ଚାଲିଯାଏ । ସେ କେବେହେଲେ ଆମମାନଙ୍କୁ ତା ପାଖକୁ ଡାକେନାହିଁ କି ଆମେ ଗଲେ ମଧ୍ୟ ତାର ସ୍ତ୍ରୀ ସେସବୁକୁ ପସନ୍ଦ କରେ ନାହିଁ । ଘରେ ଆମେ କେବଳ ତିନିପ୍ରାଣୀ । ମୁଁ ମୋର ପତ୍ନୀ, ଓ ଝିଅ । ଝିଅ ବହୁତ ସାନ । ପାଠପଢା ସାରି ଏକ ବେସରକାରୀ ସଂସ୍ଥାରେ ଚାକିରି କରୁଥିଲା । କିନ୍ତୁ କିଛି ଦିନ ପରେ ସେଇଟା ଛାଡି ଏବେ ଘରେ ବସିରହୁଛି । ବିବାହ କରିବା ପାଇଁ ମଧ୍ୟ ମନାକରୁଛି । କିନ୍ତୁ ଦୁଃଖର ବିଷୟ ଯେ ମୋର ପୁଅମାନେ ଏ ବିଷୟରେ କିଛି ବୁଝୁ ନ ଥିବାରୁ ମୁଁ ବହୁତ ବ୍ୟସ୍ତହେଇ ଅଶାନ୍ତିରେ ଦିନକାଟୁଛି । ପତ୍ନୀ ସବୁବେଳେ ମୋର ଦୋଷ ଦେଉଛି ଯେ ତୁମର ଅତିଶୟ ଗେହ୍ଲା ପାଇଁ ଆଜି ଝିଅର ଏହି ଅବସ୍ଥା । ପତ୍ନୀ ଏଠାରୁ ଚାଲିଯାଇ ପୁଅମାନଙ୍କ ପାଖରେ ରହିବାକୁ ଚାହୁଁଛି । କିନ୍ତୁ ମୁଁ ଭାବିପାରୁନି ଝିଅକୁ ନେଇ ସେଠାକୁ ଗଲେ ଆମର ଭବିଷ୍ୟତ କଣ ହେବ । ଏହିପରି ଅନେକଗୁଡିଏ କଥାକୁ ନେଇ ମୁଁ ବହୁତ ମାନସିକ ଅଶାନ୍ତିରେ

▼ଗୌତମ ଶଙ୍କର ସ୍ୱାଇଁଙ୍କ ହସଖୁସିର ପରିବାର



ରହୁଛି । ପୁଅମାନେ କେହିହେଲେ ଏ ବିଷୟରେ କିଛି ଭାବୁନାହାନ୍ତି । ଝିଅକୁ ଯେତେ ବୁଝାଇଲେ ବି ସେ ବୁଝୁନାହିଁ । ସେ କଣ କରିବାକୁ ଚାହୁଁଛି ତାହା ମଧ୍ୟ ମନଖୋଲି କହୁନାହିଁ । ଦୟାକରି ଏହାର ସମାଧାନର ବାଟ ବତାନ୍ତୁ ।

**▲ନିର୍ମଳ ଚନ୍ଦ୍ର ସାହୁ, କଟକ**

**ସମାଧାନର ସୂତ୍ର**

ଆପଣଙ୍କର ପରିବାରରେ ଏବେ ଯାହା କିଛି ଘଟୁଛି ବୋଲି ଲେଖିଛନ୍ତି ସେଥିରେ ଆଦୌ ବିଚଳିତ ହୁଅନ୍ତୁନାହିଁ । କାରଣ ଏଭଳି ଘଟଣା ଅଧିକାଂଶ ପରିବାରରେ ଦେଖାଯାଉଛି । ଏଣୁ ଚିନ୍ତାଗ୍ରସ୍ତ ନ ହେଇ ଥଣ୍ଡାମୁଣ୍ଡରେଏହାର ସମାଧାନର ବାଟ ବାହାର କରିବାକୁ ହେବ । ଆମେ ଯେପରି ଚାହିଁବା ସେପରି ଯେ ସବୁ କଥାର ସମାଧାନ ହେଇଯିବ ତାହା ଭାବିବା ଉଚିତନୁହେଁ । ପାରିବାରିକ ସମସ୍ୟା ସବୁବେଳେ ଲାଗିରହିବ । ଏଣୁ କୌଣସି ପରିସ୍ଥିତିରେ ବି ଆମେ ମାନସିକସ୍ତରରେ ଭାଙ୍ଗିପଡିବା ଉଚିତ ନୁହେଁ । ଦେଖିବାକୁ ଗଲେ ଆପଣଙ୍କ ପାଖରେ ବର୍ତ୍ତମାନ ଚିନ୍ତାର ବିଷୟ ହେଉଛି ଝିଅର ବାହାଘର । ବାପାମାଆ ହିସାବରେ ତାହା ଆପଣଙ୍କର ଦାୟିତ୍ୱ ବୋଲି କହିଲେ ଠିକହେବ । କିନ୍ତୁ ଆପଣଙ୍କ ଝିଅ ଯଦି ବାହାହେବା ପାଇଁ ଚାହୁଁନି ତେବେ ଆପଣଙ୍କୁ ହିଁ ତାହାର ପ୍ରକୃତ କାରଣ ଖୋଜି ବାହାର କରିବାକୁହେବ । ଏଣୁ ଝିଅ ସହିତ କୌଣସି ଯୁକ୍ତି ନ କରି ମନଖୋଲି କଥାହେଲେ ହୁଏତ ଆପଣ ଜାଣିପାରିବେ । ଆପଣ ଚାକିରିରୁ ଅବସର ନେଇଛନ୍ତି । ପେନସନ ପାଉଥିବାରୁ ଘରେ ଚଳିବାରେ କିଛି ଅସୁବିଧା ହେଉ ନ ଥିବ । ଏଣୁ ଶାନ୍ତିମନରେ ଝିଅ ସହିତ ହସିଖୁସିରେ ଚଳିବାକୁ ଚେଷ୍ଟା କରନ୍ତୁ । ସିଏ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି ବୋଲି କାହା ଆଗରେ କହିବେ ନାହିଁ । ଦୁଇପୁଅଙ୍କୁ ଏ ବିଷୟରେ ଦୋଷ ଦେବାର ଆବଶ୍ୟକତା ନାହିଁ । ଆପଣଙ୍କର ବନ୍ଧୁବାନ୍ଧବରେ ଯାହା ସହିତ ଝିଅର



▼ପ୍ରବାସିନୀ ହୋତାଙ୍କ ହସଖୁସିର ପରିବାର

ଭଲ ସଂପର୍କଥିବ ତାଙ୍କ ମାଧ୍ୟମରେ ଝିଅର ମନକଥା ଜାଣିବାକୁ ଚେଷ୍ଟା କରନ୍ତୁ । ମୋର ବିଶ୍ୱାସ ବାପାମାଆ ହିସାବରେ ଝିଅ ସହିତ ହସିଖୁସିରେ ମନଖୋଲା କଥାହେଲେ ପ୍ରକୃତ କାରଣ ଜଣାପଡିବ । ଏ ସବୁ ପରିସ୍ଥିତି ପାଇଁ ଆପଣଙ୍କ ସ୍ତ୍ରୀ ଆପଣଙ୍କୁ ଦୋଷାରୋପ କରୁଥିଲେ ବି ଆପଣ ବିରକ୍ତ ହୁଅନ୍ତୁ ନାହିଁ । କିମ୍ବା ତାଙ୍କ ସହିତ ଯୁକ୍ତିତର୍କ କରନ୍ତୁ ନାହିଁ । ଘରର ମୁରବି ହିସାବରେ ଆପଣଙ୍କୁ ବହୁତ କିଛି ସହିବାକୁ ପଡିବ । ମାତ୍ର ତିନିଜଣଙ୍କୁ ନେଇ ଆପଣଙ୍କର ଛୋଟ ପରିବାର । ଏଣୁ ସୁଖଶାନ୍ତିରେ ରହିବାକୁ ଚେଷ୍ଟା କଲେ ସମାଧାନର ବାଟ ଆପେ ଆପେ ବାହାରିଯିବ । ପୁଅମାନଙ୍କର ମାନସିକତା ଜାଣିସାରିବା ପରେ ଆପଣ ସେମାନଙ୍କ ପାଖରୁ ଅଧିକ କିଛି ଆଶା କରିବା ଉଚିତ ନୁହେଁ । ମନରେ ଧୈର୍ଯ୍ୟରଖିବା ସହିତ ପ୍ରଭୁଙ୍କ ଉପରେ ବିଶ୍ୱାସ ରଖନ୍ତୁ । ଆମର କର୍ମ ଆମ ହାତରେ ଅଛି କିନ୍ତୁ ଫଳ ନୁହେଁ । ଏଣୁ ସକାରାତ୍ମକ ମନୋଭାବ ରଖି କର୍ମ କରିଚାଲନ୍ତୁ । ନିଶ୍ଚିତ ଭାବରେ ସମାଧାନର ବାଟ ବାହାରିବ । ଆମେ ଯେମିତି ଚାହୁଁଛୁ ଠିକ ସେହିପରି ନ ହେଲେ ବି ଯାହା ହେବ ତାହାକୁ ଖୁସି ମନରେ ଗ୍ରହଣ କରିଲେ ହିଁ ଆମେ ଶାନ୍ତିରେ ରହିପାରିବା ।

**ସମସ୍ୟା: ୨**

ଆମେ ତିନିଭାଇ । ସପରିବାରେ ଭୁବନେଶ୍ୱରରେ ଏକାଠି ରହୁଛୁ । ମାଆ ବହୁବର୍ଷ ତଳୁ ଆମକୁ ଛାଡି ଚାଲିଯାଇଥିଲେ । ବାପା ଆମକୁ ମଣିଷ କରିଥିଲେ । ଏବେ ବାପା ମଧ୍ୟ ପ୍ରାୟ ଦେଢ ବର୍ଷ ହେବ ସଂସାର ଛାଡି ଚାଲିଗଲେଣି । ମୁଁ ଘରେ ସବୁଠାରୁ ସାନପୁଅ । ଘରେ ତିନିଭାଇ ଏକାଠି ରହିଲେ ବି ମଝିଆ ଭାଇର ଆମ ସହିତ ପଡୁନାହିଁ । ସେ ତାର ସ୍ତ୍ରୀ କଥାରେ ପରିଚାଳିତ । ସେ ଗୋଟିଏ ପ୍ରାଇଭେଟ ଚାକିରି କରୁଛି । କିନ୍ତୁ ତାର ସ୍ତ୍ରୀ ସରକାରୀ ସ୍କୁଲରେ ଚାକିରି କରୁଛି । ସେମାନେ ଘରେ ରହି ମଧ୍ୟ ସବୁବେଳେ ତାଙ୍କର ବ୍ୟବହାର ହୋଟେଲରେ ରହିବା ପରି । ସେ କେତେବେଳେ କୁଆଡେ ଯାଆନ୍ତି କାହାକୁ କୁହନ୍ତି ନାହିଁ । ବଡଭାଇ ଓ ଭାଉଜ ଦୁଇଜଣଙ୍କର ବେସରକାରୀ ସଂସ୍ଥାରେ ଚାକିରି । ସେତେ ଭଲ ରୋଜଗାର ନୁହେଁ । ମୁଁ ସରକାରୀ ଚାକିରି କରିଛି । ତେଣୁ ପ୍ରାୟତଃ ମୋର ରୋଜଗାରରେ ହିଁ ଘର ଚଳୁଛି । ଅନ୍ୟମାନେ ଇଚ୍ଛାନୁସାରେ ଅଳ୍ପ କିଛି ଯୋଗଦାନ କରନ୍ତି । କେବେ କେବେ କିଛି କରନ୍ତି ନାହିଁ । ତେଣୁ ଏ ସବୁକୁ ନେଇ ମୋର ସ୍ତ୍ରୀ ସବୁବେଳେ ଅଶାନ୍ତି । ସେ କହୁଛି ସମସ୍ତଙ୍କଠାରୁ ଅଲଗା ହେଇ ରହିବାକୁ । ଆମର ଗୋଟିଏ ପୁଅ ଓ ଗୋଟିଏ ଝିଅ । ସମସ୍ତେ ମିଶି ରହିଛୁ ବୋଲି ପିଲାମାନେ ଭଲ ସଂସ୍କାର ଶିଖୁଛନ୍ତି ବୋଲି ମୋର ବିଶ୍ୱାସ । କିନ୍ତୁ ସ୍ତ୍ରୀ ଏଥିରେ ଏକମତ ନୁହେଁ । ପ୍ରାୟ ସବୁବେଳେ ସେ ଏ ସବୁକୁ ନେଇ ମୋ ସହିତ ଝଗଡା କରିବା ସହିତ ଅନେକ ସମୟରେ ତାଙ୍କ ବାପାଙ୍କ ଘରକୁ ପଳାଇବ ବୋଲି ଧମକ ଦେଉଛି । ଏହା ପିଲାଙ୍କ ଉପରେ ଖରାପ ପ୍ରଭାବ ପକାଇବ ବୋଲି ମତେ ଲାଗୁଛି । କିନ୍ତୁ ଏହାର ସମାଧାନର ବାଟ ମୁଁ ଖୋଜି ପାଉନି । ମୁଁ ଚାହେଁ ଏପରି ଅଲଗା ନ ରହି ସମସ୍ତେ ଏକାଠି ରୁହନ୍ତୁ । ଫଳରେ ପିଲାମାନେ ଭବିଷ୍ୟତରେ ଭଲ ମଣିଷ ହେଇ ପାରିବେ । ଦୟାକରି ରାସ୍ତା ବତାନ୍ତୁ ।

**▲ପ୍ରବୀର ସେନାପତି, ଖୋର୍ଦ୍ଧା**

**ସମାଧାନର ସୂତ୍ର**

ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣାପଡୁଛି ଯେ ଆପଣଙ୍କ ସ୍ତ୍ରୀ ହିଁ ଆପଣଙ୍କ ପାଇଁ ସବୁ ସମସ୍ୟା ସୃଷ୍ଟି କରୁଛନ୍ତି । ମଝିଆ ଭାଇ ତାଙ୍କ ସ୍ତ୍ରୀ କଥାରେ ପରିଚାଳିତ ହେଇ ଯେଭଳି ବ୍ୟବହାର କରୁଛନ୍ତି ତାହା ପରିବାରରେ ଅଶାନ୍ତି ସୃଷ୍ଟିକରୁଛି । ଏହାର ପ୍ରଭାବ ଆପଣଙ୍କ ସ୍ତ୍ରୀ ଉପରେ ପଡିବା ସ୍ୱାଭାବିକ । କିନ୍ତୁ ଏଥିରେ ଆଦୌ ବିଚଳିତ ହୁଅନ୍ତୁ ନାହିଁ କିମ୍ବା ସ୍ତ୍ରୀଙ୍କ ସହିତ କୌଣସି ପରିସ୍ଥିତିରେ ବି ଯୁକ୍ତିତର୍କ କରି ଅଶାନ୍ତ ପରିବେଶ ସୃଷ୍ଟି କରନ୍ତୁନାହିଁ । ଆପଣ ସରକାରୀ ଚାକିର କରିଛନ୍ତି । ଆପଣଙ୍କ ରୋଜଗାରରେ ଏତେବଡ ପରିବାର ଭଲରେ ଚାଲିଛି । ଘର ପ୍ରତି ଆପଣଙ୍କର ଅବଦାନର ତୁଳନା ନାହିଁ । ଆପଣଙ୍କର ସକାରାତ୍ମକ ଭାବନା ଓ ଭାଇମାନଙ୍କ ପ୍ରତି ଭଲପାଇବା ଯୋଗୁଁ ଏହା ସମ୍ଭବ ହେଇପାରିଛି । ଆପଣ ମଝିଆ ଭାଇଙ୍କ ପରି ସ୍ତ୍ରୀଙ୍କ କଥାରେ ପରିଚାଳିତ ହେବା ଆଦୌ ଠିକ ହେବନାହିଁ । ଆପଣ ଭଲମନରେ ସ୍ତ୍ରୀଙ୍କ

ସହିତ ମନଖୋଲି କଥାହୁଅନ୍ତୁ । ତାଙ୍କର ଅବଦାନ ଯୋଗୁଁ ଆଜି ଆପଣଙ୍କର ପରିବାର ମିଳିମିଶି ରହିପାରିଛନ୍ତି ବୋଲି ତାଙ୍କୁ କୃତଜ୍ଞତା ଜଣାନ୍ତୁ ଓ ତାଙ୍କର ପ୍ରଶଂସା କରନ୍ତୁ । ସେ ବାପଘରକୁ ଚାଲିଯିବା ପାଇଁ ଯେତେ ଧମକ ଦେଲେ ବି ଆପଣ ବିରକ୍ତିଭାବ ପ୍ରକାଶ କରନ୍ତୁନାହିଁ । ଆପଣ ତାଙ୍କ ଅଭିମାନକୁ ବୁଝିବାକୁ ଚେଷ୍ଟା କରନ୍ତୁ । ଜୀବନସାଥି ହିସାବରେ ତାଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତୁ । ଆମେ ଯେପରି ଚାହିଁବା ସବୁ ସମସ୍ୟାର ସମାଧାନ ଯେ ସେପରି ହେଇଯିବ ତାହା ସମ୍ଭବନୁହେଁ । କିନ୍ତୁ ଜଟିଳ ପରିସ୍ଥିତିରେ ଧୈର୍ଯ୍ୟଧରି ଦୃଢମନରେ ତଥା ସତପଥରେ ଗଲେ ଅନ୍ଧାର ଭିତରେ ନିଶ୍ଚିତ ଆଲୁଅ ଦେଖାଯିବ । ଦୁଇଭାଇଙ୍କ ସହିତ ମିଳିମିଶି ଚଳିବାର ଗୁରୁଦାୟିତ୍ୱ ଆପଣଙ୍କ ଉପରେ । ଘରଭାଙ୍ଗିବାକୁ ଚାହିଁଲେ ବେଶି ସମୟ ଲାଗିବନି । ଏଣୁ ଆପଣ ମନଦୃଢ କରି ଏହାର ସମାଧାନ ପାଇଁ ସମସ୍ତଙ୍କ ସହିତ ସମନ୍ୱୟ ରକ୍ଷାକରନ୍ତୁ । ଏଥିପାଇଁ ବିଶେଷକରି ଆପଣଙ୍କ ସ୍ତ୍ରୀଙ୍କର ସହଯୋଗ ନିହାତି ଦରକାର । ଏଣୁ ଏପରି ପରିବେଶ ସୃଷ୍ଟିକରନ୍ତୁ ଯେପରି ଆପଣଙ୍କ ସ୍ତ୍ରୀ ଆପଣଙ୍କୁ ସବୁ ପ୍ରକାରର ସହଯୋଗ କରିବେ । ମଝିଆଭାଇ ଓ ତାଙ୍କ ସ୍ତ୍ରୀଙ୍କ ବ୍ୟବହାରରେ ବିଚଳିତ ହୁଅନ୍ତୁ ନାହିଁ । କିମ୍ବା ତାଙ୍କ ବିଷୟରେ ଅନ୍ୟ କାହାକୁ କିଛି କୁହନ୍ତୁନାହିଁ । ଆପଣଙ୍କ ଘରକଥା ଘରେ ହିଁ ରହିବା ଦରକାର । ମଝିରେ ମଝିରେ ଆପଣ ତିନିଭାଇ ଏକାଠି ବସି ଘର ବିଷୟରେ ଆଲୋଚନା କରନ୍ତୁ । ସାନଭାଇ ହିସାବରେ ବଡଭାଇ ଦୁଇଜଣଙ୍କୁ ଭକ୍ତି ଓ ସମ୍ମାନ ଦେବାରେ କେବେ ବି ଅବହେଳା କରିବେ ନାହିଁ । କାହାର ଭୁଲ ବାହାର କରିବା ଠିକ ହେବନାହିଁ । ଘରର ସୁଖଶାନ୍ତି ଆପଣ ଓ ଆପଣଙ୍କ ସ୍ତ୍ରୀଙ୍କ ଉପରେ ନିର୍ଭରକରେ । ଏଣୁ ସ୍ତ୍ରୀଙ୍କ ମନ ପରିବର୍ତ୍ତନ ପାଇଁ ଆପଣଙ୍କୁ ହିଁ ଚେଷ୍ଟା କରିବାକୁ ପଡିବ । ବିଭିନ୍ନ ପ୍ରକାର ଅସୁବିଧା ସତ୍ତ୍ୱେ ଆପଣଙ୍କର ଉଦ୍ୟମ ଚାଲୁରହିବା ଦରକାର । କୌଣସି ପରିସ୍ଥିତରେ ଆପଣଙ୍କ ମନରେ ନକାରାତ୍ମକ ମନୋଭାବ ଆଣିବେ ନାହିଁ । ଧୀରେ ଧୀରେ ସବୁ ଠିକ ହେଇଯିବ ।

▼ତପନ ମାଝୀଙ୍କ ହସଖୁସିର ପରିବାର



**ସମସ୍ୟା: ୩**

ମୋର ବିବାହକୁ ମାତ୍ର ଏକବର୍ଷ ହେଇଛି । ଘରେ ଶାଶୁ, ଶ୍ୱଶୁର, ଦିଅର ଓ ନଣନ୍ଦ ସମସ୍ତେ ଏକାଠି ରହୁଛୁ । ଦିଅରମାନେ ବିବାହ କରିନାହାନ୍ତି । କିନ୍ତୁ ନଣନ୍ଦଙ୍କର ବିବାହ ପ୍ରାୟ ତିନିବର୍ଷ ତଳୁ ହେଇଯାଇଛି । କିନ୍ତୁ ଏବେ କିଛିଦିନ ହେବ ସେ ଶାଶୁଘରେ ଝଗଡା କରି ଆସି ଏଠାରେ ରହୁଛନ୍ତି । ତାଙ୍କ ସ୍ୱାମୀ ତାଙ୍କୁ ନେବାକୁ ଚାହିଁଲେ ବି ସେ ନିଜ ଜିଦରେ ଅଟଳ । ଆଉ ସେ ଘରକୁ ଯିବେନାହିଁ ବୋଲି କହୁଛନ୍ତି । ଆମ ବିବାହର ଆଠ/ନଅମାସ ଯାଏଁ ସବୁ ଠିକ୍‌ଠାକ ଚାଲିଥିଲା । କାହାରି ଭିତରେ କୌଣସି ମନାନ୍ତର ଅବା ମତାନ୍ତର ନ ଥିଲା । କିନ୍ତୁ ମୋର ନଣନ୍ଦ ଆସି ରହିବା ପରଠାରୁ ସବୁ ଅଶାନ୍ତି ଆରମ୍ଭ ହେଲା । ଅନେକ ସମୟରେ ଆମ ସ୍ୱାମୀସ୍ତ୍ରୀ ଭିତରେ ଅଯଥା କଥାରେ ଝଗଡା ଲାଗୁଛି । ବେଳେବେଳେ ଝଗଡା ଏତେ ବଢିଯାଉଛି ଯେ ଆମ ଭିତରେ ଦିନ ଦିନ ଧରି କଥାବାର୍ତ୍ତା ବନ୍ଦରହୁଛି । ଆଉ ମୋ ଶାଶୁ ନିଜ ପୁଅର ସପକ୍ଷ ନେଇ ମୋତେ ଗାଳିଗୁଲଜ କରୁଛନ୍ତି । ନଣନ୍ଦ କାମପରେ କାମ ବତାଉଛନ୍ତି । ନ କରିଲେ ଯାହା ମନ ତାହା କହିଯାଉଛନ୍ତି । ସ୍ୱାମୀଙ୍କ ଆଗରେ ମୋ ନାମରେ ମିଛକଥା କହୁଛନ୍ତି । ମୋ ସ୍ୱାମୀ ମଧ ମାଆ ଓ ବଡଭଉଣୀଙ୍କର କଥାକୁ ବିଶ୍ୱାସ କରି ମୋତେ ମାନସିକ ନିର୍ଯ୍ୟାତନା ସହିତ ଭାଷାଅଭାଷାରେ ଗାଳିଗୁଲଜ କରୁଛନ୍ତି । ଅନେକ ସମୟରେ ମୁଁ ଭାବୁଛି ମୋ ଘରେ ସବୁ କଥା କହିଦେବି । କିନ୍ତୁ ବାପା ହୃଦରୋଗୀ ଥିବାରୁ ଏ ସବୁ କହିବାକୁ ଡରଲାଗୁଛି । ଏଠାରେ ରହିବାକୁ ହେଲେ ତାଙ୍କ ଇଚ୍ଛାରେ ଚଳିବାକୁ ହେବ ନଚେତ ନିଜ ଘରକୁ ଚାଲିଯିବାକୁ ସ୍ୱାମୀ ଓ ନଣନ୍ଦ କଥା କଥାରେ ଧମକ ଦେଉଛନ୍ତି । ଅନେକ ସମୟରେ ସ୍ୱାମୀଙ୍କୁ ବୁଝାଇବାକୁ ଚେଷ୍ଟାକରି ବି ପାରୁନି । ମୋତେ ଚାକିରି କରିବାକୁ ମଧ ମନାକରିଛନ୍ତି । ଭାବିପାରୁନି ମୁଁ କଣକରିବି । ଦୟାକରି ଏହାର ସମାଧାନ ବତାନ୍ତୁ ।

**◣ମୋନାଲିସା ନାୟକ, ବରହମ୍ପୁର**

**ସମାଧାନର ସୂତ୍ର**

ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣାପଡୁଛି ଯେ ଆପଣଙ୍କ ଘରେ ଆପଣଙ୍କ ଶାଶୁ ଓ ନଣନ୍ଦ ହିଁ ସବୁ ଗଣ୍ଡଗୋଳର ମୂଳ କାରଣ । ଘରର ମାଆ ହିସାବରେ ସମସ୍ତଙ୍କ ପ୍ରତି ସୁବିଚାର କରିବା ଶାଶୁଙ୍କର ଦାୟିତ୍ୱ । ବିବାହିତ ଝିଅକୁ ଘରେ ରଖି ତାର ସଂସାରକୁ ମଧ ସେ ନଷ୍ଟ କରୁଛନ୍ତି । ଝିଅ ସହିତ ମିଶି ତୁମପ୍ରତି ଅବିଚାର କରୁଛନ୍ତି । ସେଥିରେ ତାଙ୍କ ପୁଅ ମଧ ସହଯୋଗ କରୁଛି । ଖୁସିର କଥା ଯେ ତୁମ ଶ୍ୱଶୁର କିମ୍ବା ଦିଅରମାନେ ସେଥିରେ ଭାଗୀଦାର ନୁହଁନ୍ତି । ଏଥିରୁ ବୁଝାପଡୁଛି ଯେ ତୁମ ଶ୍ୱଶୁର ଜଣେ ଭଲ ଲୋକ । କିନ୍ତୁ ଘରେ ତାଙ୍କ କଥାର କୌଣସି ଗୁରୁତ୍ୱ ନାହିଁ । ଏଣୁ ଶାଶୁ ସମସ୍ତଙ୍କ ଉପରେ ହାକିମ ଦେଖାଉଛନ୍ତି । ଦିଅରମାନେ କିଛି ମୁହଁଖୋଲି କହିବାକୁ ସାହସ କରୁନାହାନ୍ତି । ବିବାହିତା ଝିଅ ଆସି ବାପଘରେ ରହି ଘର ଶାସନରେ ମୁଣ୍ଡ ପୁରାଇଲେ ହିଁ ସବୁ ଗଣ୍ଡଗୋଳ ସୃଷ୍ଟିହୁଏ । ଏଣୁ ଏଥିରେ ବିଚଳିତ ନ ହୋଇ ବୁଦ୍ଧି ଖଟାଇ ଓ ଧୈର୍ଯ୍ୟ ରଖି କାମ କରିବାକୁ ହେବ । ସ୍ୱାମୀଙ୍କ ସହିତ ତୁମର ସଂପର୍କ ଭଲଥିଲା । ଏବେ କିନ୍ତୁ ଝଗଡା ହେଉଛି । ତୁମେ ସ୍ୱାମୀଙ୍କର କୌଣସି ଦୋଷ ନ କାଢି ତାଙ୍କୁ ବୁଝିବାକୁ ଚେଷ୍ଟାକର । ତାଙ୍କୁ ପରିବର୍ତ୍ତନ କରିବାକୁ ଚେଷ୍ଟା ନ କରି ବରଂ ନିଜକୁ ପରିବର୍ତ୍ତନ କର । ସେଥିରେ ହିଁ ତୁମର ଉପକାର ହେବ । ସ୍ୱାମୀଙ୍କ ସହିତ ହସି ହସି ମନଖୋଲି କଥାହୁଅ । ଏବଂ ତାଙ୍କ କଥା ତୁମକୁ କଷ୍ଟ ଦେଲେ ବି ତାହା ପ୍ରକାଶ କରନାହିଁ । ତାଙ୍କ ପାଖରେ ଶାଶୁ କିମ୍ବା ନଣନ୍ଦଙ୍କ ବିରୁଦ୍ଧରେ କୁହ ନାହିଁ । ସେହିପରି ଶାଶୁ କିମ୍ବା ନଣନ୍ଦଙ୍କ ସହିତ ଯୁକ୍ତି କରନାହିଁ କିମ୍ବା ସେମାନଙ୍କ ବିଷୟରେ ଅନ୍ୟ କାହା ପାଖରେ ଆଲୋଚନା କରନାହିଁ । ଶ୍ୱଶୁର ଓ ଦିଅରମାନଙ୍କ ସହିତ ଖୁସି ମନରେ କଥାହୁଅ । ଯେପରିକି ତୁମର କିଛି ଅସୁବିଧା ହେଉନାହିଁ । ଦେଖିବ ଧୀରେ ଧୀରେ ପରିସ୍ଥିତି ବଦଳିବ । ମନଟାଣ କରି ପ୍ରଭୁଙ୍କ ଉପରେ ବିଶ୍ୱାସ ରଖ ।

# ସ୍ୱାସ୍ଥ୍ୟକର ମିଲେଟ୍: ମିଲେଟ ମ୍ୟାଜିକ


## ରଷିକା ରୁଚିରମ୍ୟା

ଶ୍ରୀସ୍ୱସ୍ତିକ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ-୨୦୪,
ବୈଦ୍ୟନାଥ ନଗର, ସେଲ୍‌ସ୍‌ଟ୍ୟାକ୍ସ ଅଫିସ୍
ସ୍କୋୟାର୍, ବ୍ରହ୍ମପୁର-୭୬୦୦୧୦,
ଫୋନ:୯୦୭୮୪୪୧୭୧୧


ଫଟୋ ସୌଜନ୍ୟ : ଲେଖିକା

**ମିଲେଟ୍‌ର ମାୟାରେ ବାୟା ଏବେ ପ୍ରତ୍ୟେକ ସ୍ୱାସ୍ଥ୍ୟ ସଚେତନ ମଣିଷ । ଏହା ଆଧୁନିକ ମଣିଷର ଦୈନନ୍ଦିନ ଖାଦ୍ୟାଭ୍ୟାସରେ ଆସ୍ଥାନ ଜମେଇ ସାରିଲାଣି । ମିଲେଟ୍: ଛୋଟ ଆକାରର ଶସ୍ୟ ବିଶେଷ ଯାହା ଗ୍ରୀଷ୍ମ ଜଳବାୟୁରେ ହୁଏ ଏବଂ ଏହା ଘାସ ପ୍ରଜାତିର ଅଟେ । ମିଲେଟ୍‌ରେ ମାଇକ୍ରୋ ଓ ମାଇକ୍ରୋ ନ୍ୟୁଟ୍ରିଏଣ୍ଟ ପ୍ରଚୁର ପରିମାଣରେ ଥାଏ ।**



▶ ଲେଖିକା ରଷିକା ରୁଚିରମ୍ୟା

## ମିଲେଟ୍ କଣ ଓ କେତେ ପ୍ରକାର

ମିଲେଟ୍ ଛୋଟ ଆକାରର ଶସ୍ୟ ବିଶେଷ ଯାହା ଗ୍ରୀଷ୍ମ ଜଳବାୟୁରେ ହୁଏ ଏବଂ ଏହା ଘାସ ପ୍ରଜାତିର ଅଟେ । ଏହା ଶୁଷ୍କ ଓ ଅନ୍ୟାନ୍ୟ ଅତ୍ୟଧିକ ଜଳବାୟୁକୁ ସହ୍ୟ କରିବାର କ୍ଷମତା ରଖେ । ମିଲେଟ୍ ଏସିଆ ଓ ଆଫ୍ରିକାର ଟ୍ରପିକାଲ୍ ଅଞ୍ଚଳରେ ମୁଖ୍ୟତଃ ଉତ୍ପାଦିତ ହୁଏ । ଏହା ଅଳ୍ପ ସମୟରେ ଯେକୌଣସି ଅତ୍ୟଧିକ ଜଳବାୟୁରେ ସହଜରେ ଅମଳକ୍ଷମ ହେତୁ ଚାଷ ପାଇଁ ଆଦୃତି ଲାଭ କରିଛି । ମିଲେଟରେ ମାଇକ୍ରୋ ଓ ମାଇକ୍ରୋନ୍ୟୁଟ୍ରିଏଣ୍ଟ ପ୍ରଚୁର ପରିମାଣରେ ମିଳିଥାଏ ।

### ମିଲେଟ୍ କେତେ ପ୍ରକାର

- ପର୍ଲ ମିଲେଟ୍
- ଜୋଆର୍
- ମାଣ୍ଡିଆ
- ବାଜରା
- Fox tail millet

Fox tail millet ସାଧାରଣତଃ କଙ୍ଗନୀ (kangni), କାଙ୍ଗ (kang) ଓ କାକୁମ (kakum) ଭାବେ ପରିଚିତ । ଏହାକୁ ମ୍ୟାଜିକାଲ୍ ବା ମୀରାକିଲ୍ ମିଲେଟ୍ ଭାବେ ଜଣାଯାଏ । ଏହା ଏକ ପତଳା କ୍ରିସ୍‌ପି ଆବରଣରେ ଥିବା ଅତି ଛୋଟ ମଞ୍ଜି ଭଳି । ଏହାର ରଙ୍ଗ ହାଲ୍‌କା ବାଦାମୀ, ଏହା ସ୍ୱାଦରେ ମିଠା ଓ ବାଦାମ ପରି ବାସ୍ନାଯୁକ୍ତ । ଏହାର ଖାଦ୍ୟମୂଲ୍ୟ ପାଇଁ ଏହା ସ୍ୱାସ୍ଥ୍ୟକର ହେବା ସହ କୃଷକମାନଙ୍କ ପ୍ରିୟ ଫସଲ ଅଟେ । ଭାରତରେ ଏହା କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ତାମିଲନାଡୁରେ ଚାଷ କରା ଯାଇଥାଏ । ଏହାର ଚାଷ ପାଇଁ ଖୁବ୍ କମ୍ ପାଣିର ଆବଶ୍ୟକତା ହୋଇଥାଏ ।

### ମିଲେଟ୍‌ର ପୋଷକତତ୍ତ୍ୱ ୧୦୦ଗ୍ରାମ୍ ପାଇଁ

ଏନର୍ଜି- ୩୩୧ କିଲୋ କ୍ୟାଲୋରୀ, ପ୍ରୋଟିନ ୧୨.୩ ଗ୍ରାମ୍ , ଡାଏଟାରି ଫାଇଭର୍ ୮ଗ୍ରାମ, ଫ୍ୟାଟ୍ ୪.୩ ଗ୍ରାମ୍, ଫସ୍‌ଫରସ୍ ୨୯୦ ମିଲିଗ୍ରାମ୍, ପୋଟାସିଅମ୍-୨୫୦ଗ୍ରାମ, ମ୍ୟାଗ୍ନେସିଅମ୍-୮୧ଗ୍ରାମ, ଭିଟାମିନ ଏ-୩୨ମି.ଗ୍ରା, କ୍ୟାଲ୍‌ସିୟମ-୩୧ ମି.ଗ୍ରା, ଭିଟାମିନ ଇ-୩୧ମି.ଗ୍ରା, ଫୋଲିକ ଏସିଡ଼-୧୫ମିଗ୍ରା, ଫୋଲିକ ଏସିଡ଼-୧୫ମିଗ୍ରା, ସୋଡ଼ିଅମ-୪.୬ମିଗ୍ରା, ନିଆସୀନ- ୩.୨ମିଗ୍ରା, ଆଇରନ-୨.୮ ମିଗ୍ରା, ଜିଙ୍କ- ୨.୪ ମିଲିଗ୍ରାମ୍ ।

### Fox tail ମିଲେଟ୍‌ର ବିଜ୍ଞାନ ସମ୍ମତ / ପରୀକ୍ଷିତ ଖାଦ୍ୟମୂଲ୍ୟ

ଏଥିରେ ଆଣ୍ଟିଆକ୍ସିଡେଣ୍ଟ ତତ୍ତ୍ୱ ମିଳେ । ରକ୍ତରେ ଶର୍କରା କମାଇବାରେ ସାହାଯ୍ୟ କରେ । ଏଥିରେ ଗ୍ୟାଷ୍ଟ୍ରୋ ପ୍ରୋଟେକ୍ଟିଭ ତତ୍ତ୍ୱ ମିଳିଥାଏ । ଏହା ଫଙ୍ଗାଲ ଇନ୍‌ଫେକ୍ସନ୍‌କୁ ରୋକିବାରେ ସାହାଯ୍ୟ କରେ । ଏହା ଶରୀରର ରକ୍ତଚାପ ସନ୍ତୁଳନ ରକ୍ଷା କରିଥାଏ ।

### Fox tail ମିଲେଟ୍ ବ୍ୟବହାର କରିବାରେ କିଛି ସାଧାରଣ ସାବଧାନତା ଜରୁରୀ ତାହା ହେଲା:

ମାତ୍ରାଧିକ Fox tail ମିଲେଟ୍ ବ୍ୟବହାର ବାତ ଜନିତ ରୋଗ ସୃଷ୍ଟି କରେ । ଏଥିରେ phytic ଓ tanins ନାମକ ଆଣ୍ଟି ନ୍ୟୁଟ୍ରିଏଣ୍ଟକୁ ବାହାର କରିବା ପାଇଁ ସବୁବେଳେ ରାତିରେ ଭିଜାଇ ସକାଳେ ବ୍ୟବହାର କରିବା ଉଚିତ । ଭିଜାଇବା ଦ୍ୱାରା ଅଧିକନ୍ତୁ ନ୍ୟୁଟ୍ରିସନ ଶରୀରରେ ଭଲ ଭାବେ ଅବଶୋଷିତ ହୋଇଥାଏ ।

## ମିଲେଟ୍‌ରେ ପ୍ରସ୍ତୁତ ଖାଦ୍ୟ

**Fox tail ମିଲେଟ୍ ଉପମା**





**ଆବଶ୍ୟକୀୟ ଉପକରଣ:** – ୧ ୧/୨ କପ୍ ମିଲେଟ୍, ୨ଚାମୁଚ ନଡ଼ିଆ ତେଲ ବା ଅନ୍ୟ ରିଫାଇନ ତେଲ, ୧ ଚାମଚ ବୁଟ ଡାଲି, ୧ ଚାମଚ ବିରି ଡାଲି, ୧ଚାମଚ ସୋରିଷ, ୧ ଚାମଚ ଜିରା, ୩/୪ଟି ଛୋଟ ଛୋଟ କଟା କଞ୍ଚା ଲଙ୍କା, ୮/୧୦ଟି ଭୃସଙ୍ଗ ପତ୍ର, ୧ ପିଆଜ ଛୋଟ ଛୋଟ କଟା, ୧ ଟମାଟୋ ଛୋଟ ଛୋଟ କଟା, ୧ ଗାଜର ଛୋଟ ଛୋଟ କଟା, ବିନ୍ସ୍ କଟା ୧୦୦ଗ୍ରାମ, ଗ୍ରୀନ୍ ମଟର ୧/୨କପ୍, କିଛି ଧନିଆଁ ପତ୍ର, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ**

ମିଲେଟ୍‌କୁ ରାତିରେ ଭିଜାଇ ରଖ । ସକାଳେ ତାକୁ ଧୋଇ ଛାଣି ଦିଅ । ପାଣି ଛାଣି ହୋଇଗଲେ କଡ଼ାଇ ଗ୍ୟାସ୍‌ରେ ବସାଇ ତେଲ ଦେଇ ମିଡ଼ିଅମ ଜାଳରେ ଗୋଲଡେନ ବ୍ରାଉନ ହେବା ଯାଏଁ ଭାଜି ପ୍ଲେଟ୍‌କୁ ବାହାର କରି ରଖ । ବଳିଥିବା ୧ଚାମୁଚ ତେଲ କଡ଼େଇରେ ଦେଇ ବୁଟ ଡାଲି ଓ ବିରି ଡାଲି ଭାଜ । ଅଳ୍ପ ଭାଜି ହେଲା ପରେ ସୋରିଷ ଜିରା ପକାଇ ଫୁଟିଲେ ପିଆଜ, କଞ୍ଚାଲଙ୍କା, ଭୃସଙ୍ଗପତ୍ର ପକାଇ ମିଶାଅ । ତା ପରେ ଗାଜର, ବିନ୍ସ୍, ଗ୍ରୀନ ମଟର, ଟମଟୋ କଟା ପକାଇ ଲୁଣ ଦେଇ ଭାଜ । ଭଜା ହେଲେ ସେଥିରେ ଆଗରୁ ଭଜା ଯାଇଥିବା ମିଲେଟ ମିଶାଇ ଟିକେ ଚଲାଅ, ୨ ମିନିଟ୍ ପରେ ୩ କପ ଗରମ ପାଣି ଦେଇ ଢାଙ୍କିଦିଅ । ମିଲେଟ୍ ରାନ୍ଧି ହୋଇ ପାଣି ଶୁଖିଗଲେ ଧନିଆଁ ପତ୍ର ମିଶାଇ ଓହ୍ଲାଇ ଦିଅ । ଏହା ୮/୧୦ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ । ଏହି ଉପମା ସହ ଯେକୌଣସି ଚଟଣୀ ଲଗାଇ ଖିଆ ଯାଇପାରେ ।

## Fox tail ମିଲେଟ୍ ଇଡିଲି

**ଆବଶ୍ୟକୀୟ ଉପକରଣ:** ମିଲେଟ୍ (ରାତିରେ ଭିଜାଇଥିବା) ୧କପ, ବିରି (ଭିଜାଇଥିବା) ଅଧା କପ, ଚୁଡ଼ା ଏକ ଚଉଥ କପ୍, ମେଥି ଦାନା (ବିରି ସହ ଭିଜାଇଥିବା) ୨ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

**ଆଣ ପ୍ରସ୍ତୁତି:** ରାତିରୁ ଭିଜାଇଥିବା ପାତ୍ରରେ ରଖନ୍ତୁ । ତାପରେ ମିଲେଟ୍ ଓ ଚୁଡ଼ାକୁ ସେମିତି ପାଣି ଦେଇ ଦେଇ ଗ୍ରାଇଣ୍ଡ କରନ୍ତୁ । ଏହାକୁ ଏତେ ଚିକ୍କଣ କରନ୍ତୁ ନାହିଁ । ଉଭୟ ବଟାକୁ ଏକାଠି ମିଶାଇ ନର୍ମାଲ ଇଡ଼ିଲି ଆଣ ପରି ଘୋଡ଼ାଇ ଫର୍ମେଣ୍ଟ ହେବାକୁ ଛାଡ଼ି ଦିଅନ୍ତୁ । ଭଲ ଭାବେ ଫୁଲିଗଲେ ଲୁଣ ପକାଇ ଗୋଳାଇ ଇଡିଲି ଚାଞ୍ଚରେ ଇଡ଼ିଲି କରି, ସମ୍ବର ବା ଯେକୌଣସି ଚଟଣୀ ସହ ପରଷନ୍ତୁ । ଏହା ସାଧାରଣ ଚାଉଳ ଇଡ଼ିଲି ଠାରୁ ଅଧିକ ସ୍ୱାସ୍ଥ୍ୟକର । ମିଲେଟ୍, ବିରି ମେଥିଦାନାକୁ ଧୋଇ ଛାଣି ନିଅନ୍ତୁ । ପ୍ରଥମେ ବିରି ଓ ମେଥିକୁ ଅଳ୍ପ ଅଳ୍ପ ପାଣି ଦେଇ ଚିକ୍କଣ କରି ଗ୍ରାଇଣ୍ଡ କରି ଗୋଟିଏ ।

## Fox tail ମିଲେଟ୍ କ୍ଷୀରି

**ଆବଶ୍ୟକୀୟ ଉପକରଣ:** ମିଲେଟ୍ ୧/୩ କିମ୍ବା ଅଧା କପ୍, ଘିଅ- ୧ ଚାମଚ, ନଡ଼ିଆକ୍ଷୀର (ପାଣିମିଶା)- ୨କପ, ନଡ଼ିଆକ୍ଷୀର ମୋଟା- ୧କପ, ପାକଳ ନଡ଼ିଆକୁ କୋରି ଗରମ ପାଣି ମିଶାଇ ଚିପୁଡ଼ି ରସ ବାହାର କରାଯାଏ । ତାହା ହିଁ ନଡ଼ିଆ କ୍ଷୀର, ଗୁଣ୍ଡ ଗୁଡ଼- ଅଧାକପ୍, ଚିପେ ଲୁଣ, କିଛି କାଜୁ କିସ୍‌ମିସ୍, ୨/୩ଟି ଗୁଜୁରାତି ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରେସର୍ କୁକର୍ ଗ୍ୟାସ୍‌ରେ ବସାଇ ଘିଅ ପକାନ୍ତୁ । ଧୋଇ ରଖିଥିବା ମିଲେଟ୍‌କୁ ସେଥିରେ ଦେଇ ମିଡ଼ିଅମ୍ ଜାଳରେ ଭାଜନ୍ତୁ । ଅଳ୍ପ ଭାଜି ହେଲେ ୧କପ୍ ପତଳା ନଡ଼ିଆ କ୍ଷୀର ଦେଇ ପ୍ରେସର୍ କୁକର୍‌ର ଢାଙ୍କୁଣୀ ଦେଇ ଗୋଟିଏ ହୁଇସିଲ ଆସିବା ଯାଏଁ ରାନ୍ଧନ୍ତୁ । ଏହା ପରେ ଢାଙ୍କୁଣୀ ଖୋଲି ପୁଣି ୧କପ୍ ପତଳା ନଡ଼ିଆ କ୍ଷୀର ଦିଅନ୍ତୁ । ଗୁଣ୍ଡ ଗୁଡ଼ ଦିଅନ୍ତୁ, ଗୁଜୁରାତି ଗୁଣ୍ଡ ଦେଇ ମଧ୍ୟମରୁ ଅଳ୍ପ ଜାଳରେ ରାନ୍ଧନ୍ତୁ । ଚିପେ ଲୁଣ ପକାନ୍ତୁ, ଢାଙ୍କୁଣୀ ଦିଅନ୍ତୁ ନାହିଁ । ପୋଡ଼ି ନଯିବା ପାଇଁ ଚଟୁ ଚଳାଉଥାନ୍ତୁ, ୮/୧୦ ଏମ୍ଏନ୍ ପରେ ନଡ଼ିଆ ରସ ୧କପ୍ ମିଶାନ୍ତୁ । କାଜୁ କିସ୍‌ମିସ୍ ଭାଜି ମିଶାନ୍ତୁ, ଭଲ ଭାବେ ମିଶିଗଲେ ଓହ୍ଲାଇ ଦିଅନ୍ତୁ । ବର୍ତ୍ତମାନ ସ୍ୱାସ୍ଥ୍ୟ ସଚେତନ ଲୋକଙ୍କ ପାଇଁ ଏହା ଏକ ପୁଷ୍ଟିକର/ ସ୍ୱାସ୍ଥ୍ୟକର ମିଷ୍ଟାନ୍ନ । ବର୍ତ୍ତମାନ ସ୍ୱାସ୍ଥ୍ୟ ସଚେତନତା ତଥା Fox tail ମିଲେଟ୍‌ର ଚାହିଦାକୁ ଦେଖି କେବଳ ତାର ରେସିପି ଦିଆଗଲା ।



# ଆଳୁର କମାଲ୍

**ଇନ୍ଦୁଲତା ତ୍ରିପାଠୀ**
ବାଲିପଦା, ପଟ୍ଟାମୁଣ୍ଡାଇ
କେନ୍ଦ୍ରାପଡ଼ା-୭୫୪୨୧୫
ଫୋନ: ୮୬୬୯୮୦୫୯୯୪

ଫଟୋ ସୌଜନ୍ୟ : ଲେଖିକା

ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ଆଳୁ ଭଲ ଲାଗିଥାଏ । ଭଲ ଲାଗିବ ନାହିଁ ବା କେମିତି ! ଆଳୁକୁ ନେଇ ତ ଅନେକ ରେସିପି ରହିଛି । ଛୋଟ ଛୁଆଙ୍କ ସ୍ନାକ୍ସ ପାଇଁ ଆସନ୍ତୁ ଜାଣିବା ଆଳୁର କିଛି ବଢିଆ ରେସିପି ।



▶ ଲେଖିକା ଇନ୍ଦୁଲତା ତ୍ରିପାଠୀ

ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ଆଳୁ ଭଲ ଲାଗିଥାଏ । ଭଲ ଲାଗିବ ନାହିଁ ବା କେମିତି ! ଆଳୁକୁ ନେଇ ତ ଅନେକ ରେସିପି ରହିଛି । ଛୋଟ ଛୁଆଙ୍କ ସ୍ନାକ୍ସ ପାଇଁ ଆସନ୍ତୁ ଜାଣିବା ଆଳୁର କିଛି ବଢିଆ ରେସିପି ।



## କ୍ରିସ୍ପି ପଟାଟୋ ବ୍ରାଇଟ୍ସ:

**ଆବଶ୍ୟକ ସାମଗ୍ରୀ :** ଆଳୁ, ରସୁଣ, ଲୁଣ, ଲଙ୍କାଗୁଣ୍ଡ, ଚାଉଳଗୁଣ୍ଡ, ଗ୍ରୀନ୍‌ମଟର ।


**ପ୍ରସ୍ତୁତି ପ୍ରଣାଳୀ:** ରସୁଣକୁ ଭଲ କରି ଟିକିଟିକି କରି କାଟି ଦିଅନ୍ତୁ । ତା'ସହ ତିନୋଟି ସିଝା ଆଳୁ ଭଲ ଭାବେ ଚକୁଟି ଦିଅନ୍ତୁ । ଏହାପରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ । ତା'ପରେ ଲଙ୍କା ଗୁଣ୍ଡ ଆପଣଙ୍କ ପସନ୍ଦ ଅନୁଯାୟୀ ପକାନ୍ତୁ, ତା'ପରେ ୨ ଚାମଚ ଚାଉଳ ଗୁଣ୍ଡ ପକାନ୍ତୁ । ଚାଉଳଗୁଣ୍ଡ ନଥିଲେ କର୍ଣ୍ଣଫ୍ଲୋର୍ ବି ନେଇ ପାରିବେ । ଏହାପରେ ସିଝା ହୋଇଥିବା ଗ୍ରୀନ୍‌ମଟର ପକାଇ ଚକୁଟି ଦିଅନ୍ତୁ । ଭଲ ଭାବେ ଚକୁଟି ଦେଲା ପରେ ଏହାକୁ ହାତରେ ଆଣି ରୋଲ୍ କରନ୍ତୁ । ତା'ପରେ ଛୁରୀରେ ଛୋଟ ଛୋଟ ପିସ୍ କରି କାଟି ଦିଅନ୍ତୁ । ଗରମ ଗରମ ତେଲରେ ଏହାକୁ ଛାଣି ଦିଅନ୍ତୁ । ତା'ପରେ ଗରମ ଗରମ ପ୍ଲେଟ୍‌ରେ ସଜାଡ଼ି ସସ୍ ସହ ଖାଆନ୍ତୁ । ଏହା ଛୋଟ ପିଲାଙ୍କୁ ବହୁତ ଭଲ ଲାଗିଥାଏ ।

## ଆଳୁ ବେସନ୍ ବାଇଟ୍ସ

ବେସନ୍‌ରେ ଆମେ ଭିନ୍ନ ଭିନ୍ନ ରେସିପି ତ କରିଥାଉ ତେବେ ଆସନ୍ତୁ ଜାଣିବା ଆଳୁ ବେସନ୍ ବାଇଟ୍ସ କିପରି ହେଉଛି ।

**ଆବଶ୍ୟକ ସାମଗ୍ରୀ :** ୨ଟି ସିଝା ଆଳୁ, ଅଧକପ୍ ବେସନ, ଅଧଚାମଚ ଚିଲି ଫ୍ଲେକ୍ସ, ୨ଟି କଟା ଲଙ୍କା, ଅଧଚାମଚ ଜିରା, ଅଧଚାମଚ ଜୁଆଣି, ଲୁଣ ସ୍ୱାଦାନୁସାରେ, ଅଧଚାମଚ ହଳଦୀ ପାଉଡର, ଆବଶ୍ୟକ ଅନୁଯାୟୀ ପାଣି ।

**ପ୍ରସ୍ତୁତି ପ୍ରଣାଳୀ:** ୨ଟି ସିଝା ଆଳୁକୁ ସ୍ଲାଇସର୍‌ରେ କୋରି ଦିଅନ୍ତୁ । ତା'ପରେ ଅନ୍ୟ ଏକ ପାତ୍ରରେ ଅଧକପ୍ ବେସନ୍ ନିଅନ୍ତୁ । ଅଧଚାମଚ ଚିଲିଫ୍ଲେକ୍ସ ପକାନ୍ତୁ । ୨ଟି କଞ୍ଚାଲଙ୍କା ଛୋଟ ଛୋଟ କରି କାଟନ୍ତୁ । ଅଧଚାମଚ ଜିରା, ଅଧଚାମଚ ଜୁଆଣି, ଲୁଣ ସ୍ୱାଦାନୁସାରେ ପକାନ୍ତୁ । ଅଧଚାମଚ ହଳଦୀ ପାଉଡ଼ର ପକାଇ ୧ କପ୍ ପାଣି ପକାନ୍ତୁ ତା'ପରେ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ କଡ଼େଇରେ ତେଲ ପକାଇ ଗରମ କରନ୍ତୁ । ତା'ପରେ ପ୍ରସ୍ତୁତ ହୋଇଥିବା ବେସନ୍ ଘୋଳ ପକାନ୍ତୁ । ଏହାପରେ ଗ୍ୟାସ୍‌କୁ ଅଧିକ ହାଲ କରି ଘୋଳ ଶୁଖିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଶୁଖା ହେଲା ପରେ ଏଥିରେ କୋରା ହୋଇଥିବା ଆଳୁ ପକାଇ ଗୋଳାନ୍ତୁ । ଏହାପରେ ଗୋଟେ ପ୍ଲେଟ୍‌ରେ କାଢ଼ି ସମାନ କରି ସାଇଜ୍ କରନ୍ତୁ । ଏହାପରେ ଟିକେ ଥଣ୍ଡା ହେଲେ ଏହାକୁ ଛୁରୀରେ ସାଇଜ୍ କରି ଛୋଟ ଛୋଟ ପିସ୍ କରି ତେଲରେ ଛାଣି ଦିଅନ୍ତୁ । ଏହାପରେ ଗୋଟେ ପ୍ଲେଟ୍‌ରେ ରଖି ଗରମ ଗରମ ସସ୍‌ରେ ଖାଆନ୍ତୁ ।



# ରତିକାନ୍ତଙ୍କ ରେସିପି


**ରତିକାନ୍ତ ପାତ୍ର**

ଫ୍ଲାଟ୍ ନଂ-୭, ତୃତୀୟ ମହଲା, ଡିଲାଇଟ୍ ଆପାର୍ଟମେଣ୍ଟ, ହ୍ୱାଇଟ୍ ଟାଉନ୍, ପୁଡୁଚେରୀ-୬୦୫୦୦୧, ଫୋନ:୯୯୦୨୭ ୭୪୩୯୧


ଫଟୋ ସୌଜନ୍ୟ: ଲେଖକ

**ମିଠା ଭାତ କାହାକୁ ବା ଭଲ ନଲଗେ ! ମିଠାଭାତର ଏକ ଅଲଗା ସ୍ୱାଦ ଓ ବାସ୍ନା ଥାଏ । ଆପଣ ଯଦି ମିଠାଭାତର ପ୍ରିୟ ତାହେଲେ ନିଜ ସ୍ୱାଦ ଆନୁଯାୟୀ ଚିନି ପରିମାଣ ବଢ଼େଇ ଦେଲେ ହେବ । କିଛି ସମୟ ଫୁଟିଗଲା ପରେ ଏଥର ଭଜା ଚାଉଳକୁ ମିଶାଇ ତାକୁ ପାଣି ଶୁଖିଲା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ଦେଖିବେ ଆପଣଙ୍କର ମିଠା ଭାତ ପ୍ରସ୍ତୁତ ।**



▶ ଲେଖକ ରତିକାନ୍ତ ପାତ୍ର



## ମିଠା ଭାତ

**ଆବଶ୍ୟକ ସାମଗ୍ରୀ :** ଅରୁଆ ବା ବାସୁମତୀ ଚାଉଳ-୨୦୦ ଗ୍ରାମ; ବଡ଼ ପିଆଜ-୪-୫; ଅଦା-୨ ଟା ବଡ଼ ଖଣ୍ଡ ; ରସୁଣ-୬-୮ କୋଳ ; ଚଣା ଡାଲି- ୨ ଟା ବଡ଼ ଚାମୁଚ; ଗୁଆ ଘିଅ- ୨ ବଡ଼ ଚାମୁଚ; ଚିନି-୧୦୦ ଗ୍ରାମ; ଲୁଣ, ତେଜ ପତ୍ର; ଗୋଲ ମରିଚ; ଅଳେଇଚ; ଲବଙ୍ଗ; ଗୁଜରାତି; ଡାଲଚିନି; କାଜୁ; କିସମିସ; ପିସ୍ତା ବାଦାମ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚାଉଳକୁ ଭଲ ଭାବରେ ଧୋଇ ନିଅନ୍ତୁ ଏବଂ ଶୁଖେଇ ତାହାକୁ ଅଳ୍ପ ଆଞ୍ଚରେ ଗୁଆ ଘିଅ ଦେଇ ଭାଜି ଅନ୍ୟତ୍ର ରଖି ଦିଅନ୍ତୁ । ଚଣା ଡାଲି ନେଇ ତାହାକୁ ପାଣିରେ ଭିଜେଇ ରଖନ୍ତୁ । କାଜୁ, କିସ୍‌ମିସ୍ ଏବଂ ପିସ୍ତା ବାଦାମକୁ ତେଲ ବା ଘିଅରେ ଭାଜି ଅନ୍ୟତ୍ର ରଖନ୍ତୁ । ଯାହାକୁ ଆମେ ଶେଷରେ ମିଠା ଭାତ ଉପରେ ପକାଇବା । ଏଥର ହାଣ୍ଡିକୁ ନେଇ ଚୁଲିରେ ବସାନ୍ତୁ । ସେଥିରେ ଘିଅ ପକାନ୍ତୁ ଏବଂ ହାଲୁକା ଗରମ ହେଲା ପରେ ସେଥିରେ ତେଜ ପତ୍ର, ଗୋଲ ମରିଚ, ଅଳେଇଚ, ଲବଙ୍ଗ, ଗୁଜୁରାତି, ଡାଲଚିନି ପକାଇ ହାଲ୍‌କା ଭାଜନ୍ତୁ । ଏହା ପରେ ଚଣା ଡାଲି ଯାହା ଆଗରୁ ପାଣିରେ ଭିଜା ହେଇଥିଲା ତାହାକୁ ପକାଇ କିଛି ସମୟ ଭାଜନ୍ତୁ । ବର୍ତ୍ତମାନ କଟା ପିଆଜକୁ ସେଥିରେ ମିଶାଇ ପୁଣି ଭାଜନ୍ତୁ । ପିଆଜ ପରିମାଣ ବେଶୀ ରହିଲେ ମିଠା ଭାତର ବାସ୍ନା ଆହୁରି ବଢ଼ିଯାଏ । ପିଆଜ ଭଲ ଭାବେ ଭାଜି ହେଲା ପରେ ସେଥିରେ ଅଦା ରସୁଣ ବଟା ମିଶାଇ ନିଅନ୍ତୁ ଓ ଭଲ ଭାବରେ ଖରଡ଼ି ନିଅନ୍ତୁ । ବର୍ତ୍ତମାନ, ଅଳ୍ପ ଲୁଣ ଗୁଣ୍ଡ ସହ ହଳଦୀ ଗୁଣ୍ଡ, ଏବଂ ଗରମ ମସଲା ଦେଇ ସେଇ ମିଶ୍ରଣକୁ ଭଲ ଭାବେ ଗୋଳେଇ ନିଅନ୍ତୁ । ଏଥର ଆବଶ୍ୟକ ପରିମାଣ ଆନୁଯାୟୀ ପାଣି ଦେଇ ତାକୁ ଫୁଟିବା ପାଇଁ ଛାଡ଼ି ଦିଅନ୍ତୁ । ଏହାପରେ ଚିନିକୁ ମିଶେଇ ଦିଅନ୍ତୁ । ଚିନିଚାଉଳ ପରିମାଣର ଅଧା ନିଅନ୍ତୁ ବା ଯଦି ଆପଣ ମିଠା ପ୍ରିୟ ତାହେଲେ ନିଜ ସ୍ୱାଦ ଆନୁଯାୟୀ ଚିନି ପରିମାଣ ବଢ଼େଇ ଦିଅନ୍ତୁ । କିଛି ସମୟ ଫୁଟିଗଲା ପରେ ଏଥର ଭଜା ଚାଉଳକୁ ମିଶାଇ ତାକୁ ପାଣି ଶୁଖିଲା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ଦେଖିବେ ଆପଣଙ୍କର ମିଠା ଭାତ ପ୍ରସ୍ତୁତ ହେଇ ଯାଇଛି । ଏଥର ଆଗରୁ ଭଜା ଯାଇ ଥିବା କାଜୁ, କିସମିସ, ପିସ୍ତା ବାଦାମକୁ ଭାତ ଉପରେ ପକାଇ ଗରମ ଗରମ ପରଷି ଦିଅନ୍ତୁ । ଏହାକୁ ଦହି-ନଡ଼ିଆ ପାଚେଡ଼ି ସହ ଖାଇବେ ଏହାର ସ୍ୱାଦ ଆହୁରି ବଢ଼ି ଯିବ ।

## ଚିକେନ୍ ମଲାଇ ଟୀକ୍କା

**ଆବଶ୍ୟକ ସାମଗ୍ରୀ :** ଚିକେନ୍ ବୋନ୍ ଲେସ୍ -୨୦୦/୩୦୦ ଗ୍ରାମ; ଦହି- ୨ ବଡ଼ ଚାମୁଚ; ତେଲ; ଲୁଣ-ସ୍ୱାଦ ଆନୁଯାୟୀ; ବଟର- ୨ ବଡ଼ ଚାମୁଚ; ଏବଂ କ୍ରିମ୍ ୨- ୩ ବଡ଼ ଚାମୁଚ; ଲେମ୍ବୁ ରସ - ୧ ଛୋଟ ଚାମୁଚ, ଅଳେଇଚ ଗୁଣ୍ଡ- ୧ ଛୋଟ ଚାମୁଚ; ଗୋଲ ମରିଚ ଗୁଣ୍ଡ-୧ ଛୋଟ ଚାମୁଚ; ଗୁଜରାତି ଗୁଣ୍ଡ-୧ ଛୋଟ ଚାମୁଚ; ଅଦା ରସୁଣ ବଟା-୧ ବଡ ଚାମୁଚ; ଗରମ ମସଲା ଗୁଣ୍ଡ-୧ ଛୋଟ ଚାମୁଚ; ମକା ଅଟା (କର୍ଣ୍ଣ ଫ୍ଲାୱାର୍)-୨/୩ ଛୋଟ ଚାମୁଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନ ଓ ଦହିକୁ ଭଲ ଭାବେ ଗୋଳାଇ ନିଅନ୍ତୁ । ସେଥିରେ କ୍ରିମ୍ ଓ ଲେମ୍ବୁ ରସକୁ ମିଶାଇ ନିଅନ୍ତୁ । ବର୍ତ୍ତମାନ ଅଳେଇଚ ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଗୁଜରାତି ଗୁଣ୍ଡ, ଅଦା ରସୁଣ ବଟା, ଗରମ ମସଲା ଗୁଣ୍ଡ, ମକା ଅଟା (କର୍ଣ୍ଣ ଫ୍ଲାୱାର୍) ଇତ୍ୟାଦିକୁ ସେଥିରେ ପକାଇ ଭଲ ଭାବେ ଗୋଳାଇ ନିଅନ୍ତୁ । ଏହାକୁ ଅତି କାମ ରେ ୧/୨ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ । ଆପଣ ଚାହିଁଲେ ୭-୮ ଘଣ୍ଟା ବା ଗୋଟେ ରାତି ପାଇଁ ମଧ୍ୟ ରଖି ଦେଇ ପାରିବେ । ଯେତେ ମେରିନେସନ୍ ସମୟ ବଢ଼ିବ ସେତେ ତାହାର ସ୍ୱାଦ ଏବଂ ଟେକ୍ସଚର୍ ଭଲ ଆସିବ । ଯେହେତୁ ଆମେ ତନ୍ଦୁର ବ୍ୟବହାର କରିବା ନାହିଁ ତେଣୁ ଦୁଇଟି ପର୍ଯ୍ୟାୟରେ ଏହାକୁ ପ୍ରସ୍ତୁତ କରିବା, ଯାହାକି ସହଜ ସାଧ୍ୟ ହେବ । ବର୍ତ୍ତମାନ ଗୋଟେ ତାୱା ନେଇ ଗରମ କରିବା । ସେଥିରେ ବଟର ପକାଇବା । ଏଥର ମେରିନେଟେଡ୍ ଚିକେନକୁ ନେଇ ଧୀର ଆଞ୍ଚରେ ଭାଜିବା ଏବଂ ତାକୁ ଭଲ ଭାବେ ଘୋଡ଼େଇ ରଖିବା । ଗୋଟେ ପଟ ହେଇଗଲା ପରେ ଚିକେନକୁ ଓଲଟାଇ ଆର ପଟ ଭାଜିବା । ଚିକେନ୍‌କୁ ହାଲ୍‌କା ମାଟିଆ ରଙ୍ଗ ହେଲା ପର୍ଯ୍ୟନ୍ତ ବା ନରମ ହେଲା ପର୍ଯ୍ୟନ୍ତ ଭାଜିବେ । ଏହା ପରେ ତାକୁ ଚୁଲିରୁ ଓହ୍ଲାଇ ରଖନ୍ତୁ ।

ଏଥର ଦ୍ୱିତୀୟ ପର୍ଯ୍ୟାୟରେ ଗୋଟେ ଲୁହା ବା କାଠର କାଠି ନିଅନ୍ତୁ ଏବଂ ସେଥିରେ ଅଳ୍ପ ତେଲ ଲଗେଇ ଦିଅନ୍ତୁ । ଭଜା ହେଇଥିବା ଚିକେନ୍‌କୁ କାଠିରେ ଗୋଟେ ପରେ ଗୋଟେ କରି ଗୁନ୍ଥି ଦିଅନ୍ତୁ । ଏହାକୁ ନେଇ ଗ୍ୟାସ୍ ଚୁଲାରେ କମ୍ ଆଞ୍ଚରେ ପୋଡ଼ନ୍ତୁ । ଏହା ଦ୍ୱାରା ଚିକେନ୍‌ରୁ ତନ୍ଦୁର ପୋଡ଼ା ବାସ୍ନା ଏବଂ ସ୍ୱାଦ ବାହାରିବ । ଚିକେନ୍ ଚାରି ଆଡୁ ହାଲୁକା ପୋଡ଼ି ହେଇଗଲେ କାଠିରୁ ବାହାର କରି ଗରମ ଗରମ ପରଷି ଦିଅନ୍ତୁ ।



# ସମ୍ବେଦନାଙ୍କ ରୋଷେଇ



▶ ଲେଖିକା ସମ୍ବେଦନା ମିଶ୍ର


**ସମ୍ବେଦନା ମିଶ୍ର**

ପ୍ଲଟ୍ ନଂ- ୯୫୯/୧୦, ସମ୍ବିତ ଭିଲ୍ଲା, ଘାଟିକିଆ, ଭୁବନେଶ୍ୱର-୭୫୧୦୦୩

ଫୋନ:୯୯୩୭୭୨୩୫୭୯


ଫଟୋ ସୌଜନ୍ୟ : ଲେଖିକା



## କନ୍ଦମୂଳ ଚପ୍

**ଆବଶ୍ୟକ ସାମଗ୍ରୀ :** କନ୍ଦମୂଳ-୫୦୦ଗ୍ରାମ, ହଳଦୀଗୁଣ୍ଡ-୧/୨ଛୋଟ ଚାମଚ, ଲଙ୍କାଗୁଣ୍ଡ -୧/୨ଛୋଟ ଚାମଚ, ଜିରାଗୁଣ୍ଡ ୧/୪ଛୋଟ ଚାମଚ, ଧନିଆଗୁଣ୍ଡ ୧/୪ଛୋଟ ଚାମଚ, ବେସନ-୩ ବଡ଼ ଚାମଚ, କର୍ଣ୍ଣଫ୍ଲୋର୍- ୪ ବଡ଼ ଚାମଚ, ଅଦା ରସୁଣ ଗୁଣ୍ଡ-୧/୨ଛୋଟ ଚାମଚ, ତେଲ ଓ ଲୁଣ ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କନ୍ଦମୂଳକୁ ଛୋଟ ଛୋଟ ଖଣ୍ଡ କରି କାଟି ଲୁଣ ଓ ହଳଦୀଗୁଣ୍ଡ ଦେଇ ସଝାଇ ଦିଅନ୍ତୁ । ଏକ ପାତ୍ରରେ ବେସନ,କର୍ଣ୍ଣଫ୍ଲୋର୍, ଜିରାଗୁଣ୍ଡ, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ, ଅଦା ରସୁଣ ଗୁଣ୍ଡ, ଲୁଣ ଓ ଅଳ୍ପ ପାଣି ଦେଇ ଏକ ପେଷ୍ଟ (ବା) ଆଣ ପ୍ରସ୍ତୁତ କରନ୍ତୁ । ଧ୍ୟାନ ଦେବେ ଯେପରି ଏହା ବେଶୀ ପତଳା (ବା) ମୋଟା ହୋଇ ନଥିବା ଦରକାର । ଏବେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଆବଶ୍ୟକତା ମୁତାବକ ଛାଣିବା ପାଇଁ ରିଫାଇନ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ସିଝା କନ୍ଦମୂଳକୁ ପିସ୍ ପିସ୍ କରି ପ୍ରସ୍ତୁତ ପେଷ୍ଟରେ ବୁଡ଼ାଇ ତେଲରେ ପକାନ୍ତୁ । କନ୍ଦମୂଳ ଉଭୟ ପଟରୁ ସୁନେଲି ରଙ୍ଗ ହୋଇଗଲେ ତାକୁ ତେଲରୁ ଛାଣି ବାହାର କରିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ସୁସ୍ୱାଦୁ କନ୍ଦମୂଳ ଚପ୍ । ଏହାକୁ ନିଜ ପସନ୍ଦ ମୁତାବକ ଯେକୌଣସି ଚଟଣୀ (ବା) ସସ୍ (କିମ୍ବା) ସେମିତି ବି ଖାଇପାରିବେ ।

## ପଣସ ବେସର

**ଆବଶ୍ୟକ ସାମଗ୍ରୀ:** କଠାପଣସ-୫୦୦ଗ୍ରାମ, ସୋରିଷ-୩ ଛୋଟ ଚାମଚ, ଅଦାଖଣ୍ଡେ, ଜିରା-୧ ଛୋଟ ଚାମଚ, ରସୁଣ-୨ କୋଲା, ଟମାଟୋ- ମଧ୍ୟମ ଆକାରର ୩ଟି ପିଆଜ- ବଡ଼ ଆକାରର ଦୁଇଟି ଗରମ ମସଲା, ଜିରାଗୁଣ୍ଡ, ଧନିଆଗୁଣ୍ଡ, ଲଙ୍କା ଗୁଣ୍ଡ ୧/୨ଛୋଟ ଚାମଚ, ହଳଦୀଗୁଣ୍ଡ - ୧/୨ ଛୋଟ ଚାମଚ, ଚିନି-୧ ଛୋଟ ଚାମଚ, ଲୁଣ ସ୍ୱାଦାନୁସାରେ ଓ ତେଲ- ଆବଶ୍ୟକ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଠା ପଣସକୁ ଛୋଟ ଛୋଟ ଖଣ୍ଡ କରି କାଟି ଧୋଇ ରଖନ୍ତୁ । ସୋରିଷ, ଜିରା, ଅଦା, ରସୁଣକୁ ମିଶାଇ ବାଟି ଦିଅନ୍ତୁ । ଟମାଟୋକୁ କାଟି ଅଲଗା ବାଟି ରଖନ୍ତୁ । ପିଆଜକୁ ବେସର ପାଇଁ ନିଜ ଇଚ୍ଛା ମୁତାବକ ଆକାରରେ କଟି ରଖନ୍ତୁ । ଗ୍ୟାସ୍ ଲଗେଇ କଟା ପଣସକୁ ଅଳ୍ପ ଲୁଣ ଦେଇ ଭଲ ଭାବରେ ସିଝାଇ ରଖନ୍ତୁ । ଏବେ ଗ୍ୟାସରେ କଡ଼େଇ ବସଇ ୨/୩ ଚାମଚ ରିଫାଇନ୍ ତେଲ ପକାନ୍ତୁ । ତେଲ ଗରମ ହୋଇ ଆସିଲେ ସେଥିରେ ପିଆଜକୁ ପକାଇ ଭାଜନ୍ତୁ । ପିଆଜ ଭାଜି ହୋଇଗଲେ ସେଥିରେ ଟମାଟୋ ବଟା ଦିଅନ୍ତୁ । ଟମାଟୋ ବଟାରୁ ପାଣି ଶୁଖି ଆସିଲେ ସେଥିରେ ବଟା ସୋରିଷ ମସଲା ଦେଇ କିଛି ସମୟ କଷନ୍ତୁ । ମସଲା କଷି ହେବା ପରେ ସେଥିରେ ଲୁଣ, ଚିନି, ଜିରାଗୁଣ୍ଡ, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ତାପରେ ଏହି ମସଲାରେ ସିଝା କଠା ପଣସକୁ ପକାଇ ୨/୩ ମିନିଟ କଷନ୍ତୁ । ଆବଶ୍ୟକ ମୁତାବକ ପାଣି ଦେଇ କଠା ପଣସକୁ ୧୦-୧୨ ମିନିଟ୍ ମଧ୍ୟମ ଆଞ୍ଚରେ ସିଝିବାକୁ ଛାଡ଼ି ଦିଅନ୍ତୁ । ତାପରେ ସେଥିରେ ଗରମ ମସଲା ଗୁଣ୍ଡ ଦେଇ ଗ୍ୟାସ୍ରୁ ବାହାର କରି ଆଣି ପ୍ଲେଟ୍କୁ କାଢି ଗରମାଗରମ ପଣସ ବେସରର ମଜା ନିଅନ୍ତୁ ।



# ଲେଖକ ଓ ସମ୍ପାଦକଙ୍କ ସମ୍ପର୍କ

ଲେଖାଲେଖି କାର୍ଯ୍ୟରେ ନିୟୋଜିତ ଆମେ ଯେତେକ ସୃଜନଶୀଳ ମଣିଷ, ସମସ୍ତେ କେଉଁଠି ନା କେଉଁଠି ଆବେଗପ୍ରବଣ ବା ସମ୍ବେଦନଶୀଳ । ଏଇ ଆବେଗ ପ୍ରବଣତା ବା ସମ୍ବେଦନଶୀଳତା ପ୍ରତ୍ୟେକ ମଣିଷ ଭିତରେ କମ୍‌ବେଶି ମହଜୁଦ୍ ଥାଏ ଏବଂ ତଦନୁସାରେ ସେ ପରିଚୟ ଲଭିଥାଏ । ଆମେ କାହାକୁ କହୁ ଉଦାର ବ୍ୟକ୍ତି ତ କାହାକୁ ପୁଣି କ୍ରୋଧୀ ଦୁର୍ବାସା । କିଏ ଆମ ପାଇଁ ସ୍ନେହୀ ମଣିଷ ହୋଇଥାଏ ତ କିଏ ସ୍ପଷ୍ଟବାଦୀ । କିନ୍ତୁ ସାହିତ୍ୟ ସହିତ ଜଡ଼ିତ ବ୍ୟକ୍ତିବିଶେଷ ସାଧାରଣତଃ ବିନୟୀ, ଭଦ୍ର ଓ ଅହଂକାରଶୂନ୍ୟ ହୋଇଥାଏ କିମ୍ବା ଏପରି ହୁଅନ୍ତୁ ବୋଲି ସାଧାରଣରେ ଏକ ଧାରଣା ବି ବଦ୍ଧମୂଳ ହୋଇ ରହିଥାଏ । ଯଦି ଲେଖକଟିଏ ବିନୟୀ  ନହେଲା, ତେବେ ତାକୁ ଆପଣ ଫାଶୀ ଦେଇପାରିବେ ନାହିଁ । ଖୁବ୍ ବେଶିରେ ଆପଣ ତା' ଠାରୁ ଦୂରେଇ ରହିବେ, 'ଆପଣା ମହତ ଆପେ ରଖି' ନ୍ୟାୟରେ । ସେହିପରି ଲେଖକଟିଏ ଅହଂକାରୀ ହେଲା କି କ୍ରୋଧୀ ହେଲା ତ ଆପଣ ତା'ର କିଛି କରିପାରିବେ ନାହିଁ । ହୁଏତ ତାକୁ ସହିବେ ନଚେତ୍ ତା'ଠାରୁ ନିରାପଦ ଦୂରତାରେ ରହିବେ ।

କିଛିଦିନ ତଳେ ଫେସ୍‌ବୁକ୍‌ରେ ଜଣେ ଯୁବଲେଖକର ଏକ ପୋଷ୍ଟିଂରୁ ଜାଣିଲି ଯେ, ସମ୍ପାଦକମାନଙ୍କ ପାଖରେ ଲେଖକମାନେ କୃତଜ୍ଞତା ବଶତଃ ନଇଁପଡ଼ିବା ଏକ ଅଶୋଭନୀୟ କଥା ବୋଲି କିଛି ବରିଷ୍ଠ ଲେଖକ ଭାବୁଥିବା ବେଳେ ଉକ୍ତ ଯୁବଲେଖକ ଜଣକ, ଯିଏକି ନିଜେ ଜଣେ ସମ୍ପାଦକ, ନିଜର ପ୍ରତିକ୍ରିୟା ରଖି ଏହାକୁ ନାପସନ୍ଦ କରିଛନ୍ତି । କଥାଟି ମୋ ମନକୁ ମଧ୍ୟ ଭାରାକ୍ରାନ୍ତ କଲା । ସମ୍ପାଦକଟିଏ କ'ଣ ଲେଖକର ଗୋତିଶ୍ରମିକ ! ତା'ର ଲେଖାକୁ ସଜଡା ସଜଡ଼ି କରି ସୁନ୍ଦର ଭାବେ ପ୍ରୁଫ୍ ପଢ଼ି, ସ୍ଥଳ ବିଶେଷରେ ଏଡିଟିଂ କରି ପ୍ରକାଶ କରିବା ଭଳି ଯେଉଁ ଶ୍ରମ ସେ କରିଥାଏ, ତା' ପାଇଁ ଲେଖକର ସୌଜନ୍ୟତା ବୋଧ ରହିବା କ'ଣ ପାପ ! ଲେଖକଟିଏ ଯଦି ଫେସ୍‌ବୁକ୍‌ରେ ନିଜ ପ୍ରକାଶିତ ଲେଖାଟିକୁ ଶେୟାର୍ କଲାବେଳେ ପ୍ରକାଶିତ ପତ୍ରିକାର ସମ୍ପାଦକଙ୍କୁ କୃତଜ୍ଞତାର ଶବ୍ଦଟିଏ ଲେଖିଲା, ତେବେ କେଉଁ ଅପରାଧ କଲା ? କିମ୍ବା ଏତିକି କୃତଜ୍ଞତା ଜଣାଇ ଦେଲେ ସମ୍ପାଦକ ବିଚରା କେଉଁ ଶିଖରକୁ ଉଠିଗଲା ଯେ, ଏହାକୁ ସହି ନପାରି କିଛି ବରିଷ୍ଠ / କନିଷ୍ଠ ଲେଖକ ସମ୍ପାଦକଙ୍କ ପାଖରେ କୃତଜ୍ଞତାରେ ନଇଁପଡ଼ିବା କଥାଟିକୁ  ନାପସନ୍ଦ କଲେ ?  ଓଡ଼ିଶାରେ ଏମିତି କୌଣସି ସମ୍ପାଦକ ଅଛନ୍ତି ଯିଏ ସମ୍ପାଦନା କାର୍ଯ୍ୟ କରି କୋଠାବାଡ଼ି, ବ୍ୟାଙ୍କ୍ ବାଲାନ୍ସ ବଢ଼ାଇଛନ୍ତି ? ସମ୍ପାଦନା ଏକ ଶୁଖିଲା କାର୍ଯ୍ୟ । ଏଥିରେ ମିଳେ କମ୍, ଚାଲିଯାଏ ବେଶି । ଘରୁ ଖାଇ ଘୋଡ଼ା ଆଗରେ ଦୌଡ଼ିବା ପରି କଥା । ତା'ଛଡ଼ା ଓଡ଼ିଶାରେ ଯେତେଜଣ ସମ୍ପାଦକ ଅଛନ୍ତି, ସମସ୍ତେ ପ୍ରାୟତଃ ପ୍ରଥମେ ଜଣେ ପ୍ରତିଷ୍ଠିତ କବି ବା ଗାଳ୍ପିକ, ତା'ପରେ ସମ୍ପାଦକ । ଆପଣ ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ, ବିଭୂତି ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ସୁନୀଲ କୁମାର ପୃଷ୍ଟିଙ୍କ ପର୍ଯ୍ୟନ୍ତ ସମ୍ପାଦକଙ୍କୁ ଦେଖନ୍ତୁ,ସମସ୍ତେ ଲେଖାଲେଖିରେ ବେଶ୍ ପ୍ରସିଦ୍ଧ । ତଥାପି ସମ୍ପାଦନାରେ ମଧ୍ୟ ଏମାନେ ଛାପ ଛାଡ଼ିଛନ୍ତି । ଅର୍ଥାତ୍ ସମ୍ପାଦକ ବନୁଥିବା ବ୍ୟକ୍ତିମାନେ ଅଗାଡ଼ି ନୁହନ୍ତି- ଏ କଥାକୁ ଆମେ ମାନିବାକୁ ବାଧ୍ୟ । ଯଦି ଏମାନେ ଅଗାଡ଼ି ନୁହନ୍ତି, ଏବଂ ଜଣେ ଜଣେ ପ୍ରତିଷ୍ଠିତ ଲେଖକ, ତେବେ ସହ-ଲେଖକ ଭାବରେ ଆମେ ତାଙ୍କ ପାଖରେ ନଇଁପଡ଼ିବା ବା ସମ୍ମାନ ପ୍ରଦର୍ଶନ କରିବା କେଉଁ ବାଟେ ଅଶୋଭନୀୟ ବା ଅନୁଚିତ କହିବେ କି ? ଜଣେ ସମ୍ପାଦକ ତା'ର ମୌଳିକ ସୃଜନକର୍ମ, ତା'ର ପରିବାରର ଦାୟଦାୟିତ୍ୱକୁ ଅବହେଳା କରି ପତ୍ରିକାଟି ପାଇଁ କାମ କରେ । ସେଥିରେ ଯେଉଁ ଲେଖକଲେଖିକାଙ୍କୁ ଛାପେ, ସେଥିଯୋଗୁଁ ପତ୍ରିକା ହଟ୍‌କେକ୍ ଭଳି ଯେ ବିକ୍ରି ହୁଏ, ତା'ର ବି କୌଣସି ଗ୍ୟାରେଣ୍ଟି ନାହିଁ । ଅତଏବ ପତ୍ରିକା ଚାଲେ କ୍ଷତିରେ । ସେ ପାଏ କ'ଣ ! ଯଦି ତାକୁ ଟିକିଏ କୃତଜ୍ଞତା ବା ସୌଜନ୍ୟତା ଜଣାଇ ଦେଲେ ସେ ତା'ର କଷ୍ଟକୁ ଭୁଲିଯାଉଛି, ତେବେ ସେତିକି କରିବା କ'ଣ ଲେଖକଙ୍କର କର୍ତ୍ତବ୍ୟ ନୁହଁ ! ନା ଏମିତି କଲେ ଲେଖକର ସମ୍ମାନ ହାନି ହୋଇଯାଉଛି ! କେଉଁଟା ଠିକ୍ ? ସବୁବେଳେ ମନେରଖିବା ଉଚିତ କାହାକୁ ସମ୍ମାନ ଜଣାଇଲେ, କୃତଜ୍ଞତା ଜଣାଇଲେ କେହି କେବେ ଛୋଟ ହୋଇ ଯାଏନା । କୃତଜ୍ଞତା ଅର୍ଥ ତ ନଇଁବା ବା ନମ୍ର ଭାବେ ନିଜର ସଂସ୍କାର ଦେଖାଇବା । କଥାରେ ଅଛି ପରା: ନଇଁ ପଡ଼ିଲେ ଝଡ଼ ଅତିକ୍ରମ କରିଯାଏ । ଦର୍ପରେ ଛିଡ଼ା ହୋଇ ରହିଲେ ଝଡ଼ ଚୁର୍‌ମାର୍ କରିଦେବା ବିଚିତ୍ର ନୁହେଁ । ଧାନବିଲରେ ଫଳନ୍ତି ଧାନକେଣ୍ଡା ସବୁ ନଇଁ ପଡ଼ିଥାଏ । କାରଣ ସେ ଧାନ ଭିତରେ ଚାଉଳ ଥାଏ । କିନ୍ତୁ ସେଇ ଧାନବିଲରେ ମଥା ଟେକି ସଦର୍ପେ ଛିଡ଼ା ହୋଇଥାଏ ଅଗାଡ଼ି ଧାନକେଣ୍ଡା । ଯାହା ଭିତରେ କିଛି ନଥାଏ, ସେ ହିଁ ଏମିତି ଦର୍ପ ଦେଖାଏ । କିନ୍ତୁ ପୂଜା ପାଏ ସେଇ ଯିଏ ନଇଁପଡ଼େ । ଆମେ ପରା ନଇଁପଡ଼ି ଠାକୁରଙ୍କୁ ମୁଣ୍ଡିଆ ମାରୁ । ଅର୍ଥାତ୍ ଠାକୁରଙ୍କୁ କୃତଜ୍ଞତା  ଜଣାଉ ନତୁବା ମାଗୁଣି କରୁ । ସୁତରାଂ କାହା ପାଖରେ ନଇଁପଡ଼ିବା କେବେ ବି ଏକ ଖରାପ ଆଚରଣ ନୁହେଁ ।

୨୫ବର୍ଷ ଧରି ସମ୍ପାଦନା କରୁଥିବା କବି **ଅକ୍ଷୟ ବେହେରା** କଥା ଛଳରେ ଦିନେ କହିଥିଲେ ଯେ, ମୋତେ କେହି ଏମିତି ନଇଁପଡ଼ି କୃତଜ୍ଞତା ଜଣାଇବା ମୋର ମନେନାହିଁ । ଅନେକ ନୂଆ ଲେଖକଙ୍କୁ ମୁଁ ଛାପିଛି । କିନ୍ତୁ ସେମାନେ ସାଧାରଣ ସୌଜନ୍ୟତା ମଧ୍ୟ ଦେଖାଇ ନାହାନ୍ତି । ତେବେ ସମ୍ପାଦକଙ୍କୁ ସୌଜନ୍ୟତା ଜଣାଇବାରେ କିଛି ଅସୁବିଧା ନାହିଁ ଜଣେ କୃତଜ୍ଞ ନରହିପାରେ କିନ୍ତୁ ସୌଜନ୍ୟତା ଭୁଲିଯିବା ଭଲ ନୁହେଁ ।

ସମ୍ପାଦକ ଭାବରେ ଯେଉଁମାନେ କାର୍ଯ୍ୟ ନିର୍ବାହ କରୁଛନ୍ତି ସେମାନେ କେବେ ପିଏମ୍‌ଜିରେ ଧାରଣା ଦେଉନାହାନ୍ତି 'ଆମକୁ ମୁଣ୍ଡରେ ବସାଅ' ବୋଲି । କିନ୍ତୁ ଗୋଟିଏ 'ଥ୍ୟାଙ୍କ୍‌ଲେସ୍ ଜବ୍' କରୁଥିବା ଭଳି ଅନୁଭବ କରି ଅନେକ ସମୟରେ ସେମାନେ ହତାଶ ହେଇଯାଉଥିବା ବେଳେ ଆମେ ଲେଖକମାନେ ସେମାନଙ୍କୁ ଶ୍ରଦ୍ଧାରେ ଭଲପାଇବାରେ ଟିକେ ଆଉଜେଇ ନେଲେ 'କିଏ ବଡ଼ କିଏ ସାନ'ର ଏ ଯୁଦ୍ଧରୁ ତ ମୁକ୍ତି ମିଳନ୍ତା ! ଲେଖକମାନେ ଲେଖା ନଦେଲେ ସମ୍ପାଦକ କ'ଣ ଛାପିବେ ଭଳି ଏକ ଅମେରୁଦଣ୍ଡୀ ପ୍ରଶ୍ନ ବି ଥୋକେ ଉଠାଉଛନ୍ତି । ଆପଣ ଏ ପ୍ରଶ୍ନ କେବଳ ଫ୍ଲିପ୍ କରି ଦିଅନ୍ତୁ, ଅର୍ଥାତ୍ ସମ୍ପାଦକମାନେ ଲେଖକଙ୍କ ଲେଖାକୁ ନ ଛାପିଲେ ଲେଖକ ଲେଖିବ କାହା ପାଇଁ ? ସମ୍ପାଦକଟିଏ ସମ୍ପାଦନା ନକରି ଚଳିଯିବ କାରଣ ଭିତରୁ ତ ସେ ଜଣେ ଲେଖକ । କିନ୍ତୁ ଲେଖକର ଲେଖା ମାସ ମାସ ବର୍ଷ ବର୍ଷ, ଯୁଗ ଯୁଗ ନ ବାହାରିଲେ ସେମନେ ପାଗଳ ହୋଇଯିବା ଥୟ । ସୁତରାଂ ଏପରି ବାର୍ତ୍ତା ଦିଆ ନଯାଉ, ଯେଉଁଠି ଲେଖକ ଓ ସମ୍ପାଦକର ସୁନ୍ଦର ସମ୍ପର୍କ ଫାଳ ଫାଳ ହୋଇଯିବ !




କୃଷ୍ଣକୁମାର ମହାନ୍ତି


A state of the art
shrimp processing plant
★★HIGHLAND★★
A Highland Group Entity
Our Certifications :
FSSC 22000
BRCS
Best Aquaculture Practices
Follow us on :
/ highlandagro
Product Profile
Headless (HL)
PUD
PD
Karikadi
Easy Peel
PDTO
/highlandagro
HIGHLAND AGRO FOOD PVT. LTD.
Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com
Website : www.highlandgroups.com

The **REBATI AMA MATIRA SWARA** ● November 2023 Vol - 6 Issue - 01 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50

Total Page : 108




Associate editor : **Krushna Kumar Mohanty**

Editor : **Subasini Jena**